ସମ୍ବଲପୁରୀ ଲୋକସାହିତ୍ୟ



କୁମାର ହସନ୍

Digitized by srujanika@gmail.com

ସମ୍ବଲପୁରୀ ଲୋକସାହିତ୍ୟ

କୁମାର ହସନ୍

Digitized by srujanika@gmail.com

ସମ୍ବଲପୁରୀ ଲୋକସାହିତ୍ୟ

ଲେଖକ
କୁମାର ହସନ
ମନୀଷା ଇଣ୍ଟରନାସ୍‌ନାଲ୍
ଭୂତପଡ଼ା, ସମ୍ବଲପୁର ୭୬୮୦୦୧

© ବିଲ୍‌କିସ୍ ଜହାନ୍ ବେଗମ୍, ୧୯୮୨

ପ୍ରକାଶକ
ଖଣ୍ଡକ୍ଷୀରୋଦ ମିଶ୍ର
କେ. କେ. ମିଶ୍ର ଏଣ୍ଡ୍ କୋ.
ଝଟବନ୍ ସାହି, କଟକ ୭୫୩୦୦୮

ପରିବେଷକ
ବୁକ୍ସ ଇଣ୍ଟରନାସନାଲ
ବାଙ୍କାବଜାର, କଟକ ୭୫୩୦୦୨

ମୁଦ୍ରକ
ବାଣୀଗ୍ରନ୍ଥ ମୁଦ୍ରଣୀ
ଝଟବନ୍ ସାହି, କଟକ ୭୫୩୦୦୮

ପ୍ରଥମ ପ୍ରକାଶ
ଶ୍ରୀ ଗୁଣ୍ଡିଚା, ୧୯୮୩

ମୂଲ୍ୟ
କୋଡ଼ିଏ ଟଙ୍କା

SAMBALPURI LOKA SAHITYA

Writen by
Kumar Hassan
Bhutpara, Sambalpur 768001

Published by
K. K. MISHRA & Co,
Bankabazar, Cuttack 753002
1st Published in **1983**

Price **Rupees Twenty**

Digitized by srujanika@gmail.com

ସମ୍ବଲପୁରୀ ଭାଷାର ପାଣିନି
ସ୍ୱର୍ଗତ ସତ୍ୟନାରାୟଣ ବହିଦାରଙ୍କୁ...

ଆଜ୍ଞା, ସେଦିନ ବାରଟାବେଳେ ଆପଣ "ସାଇନୋମିଲ୍ସ୍"ରେ ମୋ ହାତଟା ଆବେଗରେ ଧରି ପକାଇଥିଲେ । ପିନ୍ଧିଥାନ୍ତି ସେହି ଛିଣ୍ଡା ଚଟି, ବାଇଗଣିଆ ପଞ୍ଜାବୀ, ଖଦଡ଼ ଧୋତି, ଯୋଉଥିରୁ ଦୁର୍ଗନ୍ଧ ବାହାରି ରହିବା ଅସମ୍ଭବ ହୋଇପଡ଼ୁଥାଏ, ଆଉ ଆଖିରେ ସେଇ ସୂତାବନ୍ଧା ପୁରୁଣା କାଳିଆ ଚଷମା । ତା'ପରେ ଝାଳ ଓ ଶିରା ସରସର ହାତଦି'ଟା ମୋ ଆଡ଼କୁ ଭିକାରି ପରି ବଢ଼ାଇ ଦେଇଥିଲେ—ଗିଭ୍ ମି ଫାଇଭ୍ ସମ୍ବଲପୁରୀ ଓ୍ୱାର୍ଡସ, ଟାଇମ୍, ଏଜ୍ ମଚ୍ ଏଜ୍ ୟୁ ଓ୍ୱାଣ୍ଟ, ଆଲ୍‌ଓ୍ୱେଜ୍, ଉଆନ୍ ଇୟର, ଟୁ ଇୟର୍ସ, ଫାଇଭ୍ ଇୟର୍ସ, ଟେନ୍ ଇୟର୍ସ ଅର୍ ଏଣ୍ଟାୟର ଲାଇଫ୍, ବଟ ଗିଭ୍ ମି ଓନ୍‌ଲି ଫାଇଭ୍ ସମ୍ବଲପୁରୀ ଓାର୍ଡସ, ମାଇଁ ସନ୍ ।"

କିନ୍ତୁ ମୁଁ ଆପଣଙ୍କୁ କିଛି ଦେଇଥାନ୍ତି କି ନ ଥାନ୍ତି, ତା' ପୂର୍ବରୁ ଆପଣ ଆମକୁ ଛାଡ଼ି ଚାଲିଗଲେ । ମହାନଦୀର ବେଳାଭୂମିରେ ଆପଣଙ୍କ ଦେହଟା ଯିନା ଜଳିଗଲା, ସେ ହାତ ଦୁଇଟା ଆଜି ବି ମୋତେ ଛଳ ଛଳ ଆଖିରେ ଅନାଇ ରହିଛି । ଆପଣଙ୍କର ସେଇ ହାତରେ ଦେଉଛି ମୋର ସମ୍ବଲପୁରୀ ଲୋକ ସାହିତ୍ୟ...

— କୁମାର ହସନ୍
ତା ୬ । ୧୦ । ୮୨

Digitized by srujanika@gmail.com

ଜମାନବନ୍ଦି

ଗାଁ ପୁଅ ମୁଁ । ଗ୍ରାମ୍ୟ ପ୍ରକୃତି, ପରିବେଶରେ ଗାଁର ମାଟିରେ ମୋର ଜୀବନ ଗଢ଼ା ହୋଇଛି । ସେଇ ଗାଆଁର ଧୂଳି ମାଟିରେ ଖେଳିବୁଲି ବିଲରେ ଧାନ ଚଷିଛି । ଆରମା ପଡ଼ିଆରେ ଗାଈ ବଳଦ ନେଇ ବୁଲିଛି । ପୋଖରୀରୁ ପଦ୍ମ-କଇଁ ତୋଳିଛି, ବଣରୁ କୋଳି ଖାଇଛି, ତୋଫା ଜହ୍ନ ରାତିରେ ଯାନିଯାତରା ଦେଖିଛି । ଗାଁର ମାଟି, ପାଣି, ପବନ ମୋର ଶ୍ୱାସ ପ୍ରଶ୍ୱାସରେ ଆତଯାତ । ଗାଁର ସଜନୀ ହୁମୋ ବଉଳୀ, ହଳିଆ ଗୀତ ସବୁ ଏଇ ମୋର ରକ୍ତରେ; ମୋର ସ୍ମୃତିରେ ଛପିଛି । ପୌଷମାସର କନକନିଆଁ ଅନ୍ଧାର ରାତିରେ ବିଲ ଜଗିବାରେ, ମହୁଲ ଗଛ ତଳ ଖଳିରେ ବେଙ୍ଗଳି ବୁଲିବାରେ, ଶଗଡ଼ରେ ଗୋବର ବୋହିଇ ବଡ଼ ଭୋରରୁ କ୍ଷେତକୁ ଗଲାବେଳେ ହଳିଆ ଗୀତ ମୋର ପାଞ୍ଚଣ, ବନ୍ଧୁଟିଏ ପରି ସଙ୍ଗେ ସଙ୍ଗେ ରହିଛି ।

ଜୀବନରେ ପ୍ରଥମେ ଭଲ ପାଇଥିଲି ସଜନୀକୁ । ଧାନ ରୁଆ, ବେଉଷଣ ବେଳେ ସଜନୀ ଭଲ ପାଇଥିଲି ମତେ । ଦାଦାଘର ଗାଆଁରେ ସରସ୍ୱତୀ ମାଉସୀର କାଖରେ ଥାଇ ଚିହ୍ନିଥିଲି ହୁମୋ ବଉଳୀକୁ । ସେ ବି ମୋ ସଙ୍ଗେ ବଉଳ ବସିଥିଲି । ବୁଢ଼ୀ ଆଈ ଓ ଭାଉଜମାନେ ମୋତେ ଚହ୍ଲାଇଥିଲେ ଛଟା ଦାଏକାକୁ । ବନାସୀ ମିତ, ନଟିଆ, ଭିମ, ହୀରାବୃନ୍ଦ ସଙ୍ଗେ ତୃତୀୟ ଶ୍ରେଣୀ ପରୀକ୍ଷା କେନ୍ଦ୍ରରେ କରମା ନାଚିଥିଲି । ମୋ ବ୍ରତ ବେଳେ ଦେଶରୀଏନ୍ କାକୀ ମୋତେ କାଙ୍ଖେଇ ମଣ୍ଡୁଆ ତଳେ ଡାଲ୍‌ଖାଇ ନାଚିଥିଲି । କେ କୁଆଡ଼େ ଆଜି ହଜିଗଲେଣି, ତଥାପି ମୋ ମନଟା ସେମାନଙ୍କୁ ହଜାଇନି ।

ହଜାଇ ନାହିଁ ସେହି ଗାଁକୁ, ଯୋଉଁ ଗାଆଁର କ୍ଷେତ ଖଳିରେ ଗୃହଦଣ୍ଡା ଛଣ୍ଡାଇ ବୁଲିବାରେ ଓ ରାତି ରାତି ହରିଜନ-ମେହେନ୍ତରଙ୍କ ସାହିରେ ପଶି ଏହି ଗୀତ ସଂଗ୍ରହ କଲାବେଳେ, ମୋତେ କେମିତି ବଦନାମ କରିଥିଲେ ସେଇ ଗାଁ ଲୋକେ, ମୋର ଆତ୍ମୀୟମାନେ ।

Digitized by srujanika@gmail.com

ଏହି ଗୀତସବୁ ବ୍ୟକ୍ତିଗତ ଉଦ୍ୟମରେ ସଂଗୃହୀତ । ଏହି ଗୀତ ସଂଗ୍ରହ କରିବାରେ ଅନେକେ ଉତ୍ସାହ ଦେଇଛନ୍ତି, ଅନେକେ ନିରୁତ୍ସାହିତ କରି ତାଚ୍ଛଲ୍ୟ କରିଛନ୍ତି । ୰ ସତ୍ୟ ନାରାୟଣ ବହିଦାର ମୋ ଲେଖାକୁ ଭିତ୍ତି କରି ଏକ ଲେଖା ଲେଖିଥିଲେ ସମ୍ବଲପୁରୀ ଲୋକଗୀତର କାହିଁତ ଅଭାବ । ତାହା ପୂଜା ସଂଖ୍ୟା 'କୋଶଳ (୧୯୭୮)ରେ ପ୍ରକାଶିତ ହୋଇଥିଲା ।

ଏହି ଗୀତସବୁ ସଂଗ୍ରହ କରିବାରେ ଦେ'ଶଙ୍କଏନ୍ କାକା, ଛେଲିଏନ୍, ସାବିତ୍ରୀ ସରସ୍ୱତୀ, ସୌକି, ବିଲ୍‌ସିନୀ, ସୌଦା, ବେଦ, ତୁଳସୀ, ରୂପା, ନିତି, ସନ୍ତୋଷିନୀ, ମହୁଲ, ଉଦ, ଚୈତନ୍, ଯଜ୍ଞ, ସାଙ୍ଗ, ଗୋମତୀ, କଲ୍‌ବତୀ, ସିକନ୍ଦର, ପୋଟ୍‌କୋ, ସୁରେଶ୍ , ନାରେନ ଲଲିତ୍, ଅଙ୍ଗଦ ଫୁଫା, ଦେବାର୍ଚନ ଦଦା, ପେଟ, ତୁଳସୀ ବହୁ ସୁକୁନ୍ , ରଏବାଗି ନନା, ଚନ୍ଦ୍ର, ଅଭିମନ୍ୟୁ ପ୍ରଧାନ, ଟଙ୍କଧର ସାହୁ, ରମେଶ୍ ବିଶେଷ ସାହାଯ୍ୟ କରିଛନ୍ତି । ନାନୀ ଓ ଚନ୍ଦ ମଧ୍ୟ ସାହାଯ୍ୟ କରିଛନ୍ତି । ରେମଣ୍ଡା ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ ସମାର୍ଜ ଧୂରୁଆ ଓ ଛାତ୍ରଛାତ୍ରୀମାନେ ବିଶେଷ ସାହାଯ୍ୟ କରିଛନ୍ତି । ମୋର ମାଁ ୰ କୁବେଦା ବାଇଠୁ ମଧ୍ୟ ମୋତେ ଅନେକ ଗୀତ ମିଳିଛି । ସନ୍ତୋଷିନୀ, ବସନ୍ତ ପାଣ୍ଡୁଲିପି ଲେଖିବାରେ ସାହାଯ୍ୟ କରିଛନ୍ତି । ଶ୍ରୀ ଗୋପୀନାଥ ଷଡ଼ଙ୍ଗୀ ମଧ୍ୟ ସାହାଯ୍ୟ କରିଛନ୍ତି । ଦିଲ୍ଲୀପ ଫଟୋ ଯୋଗାଇ ଦେଇଛନ୍ତି । ସାରସ୍ୱତ ପୁସ୍ତକ ଭଣ୍ଡାରର ମୋର ବନ୍ଧୁ ସଞ୍ଜୀବ ଓ ସହଯୋଗୀମାନଙ୍କୁ ମଧ୍ୟ ମୋ ପାଇଁ କଷ୍ଟ ବରଣ କରିବାକୁ ପଡ଼ିଛି । "ସପ୍ତର୍ଷି", "ଆସନ୍ତାକାଲି" ପ୍ରଭୃତି ପତ୍ରିକାରେ ଏଥିରୁ ଗୁଡ଼ିଏ ଲେଖା ପ୍ରକାଶ ପାଇଛି । ଏ ସମସ୍ତଙ୍କ ନିକଟରେ ମୁଁ କୃତଜ୍ଞ ।

ଡକ୍ଟର ଶ୍ରଦ୍ଧାକର ସୁପକାର ପାଣ୍ଡୁଲିପି ପାଠ କରି ତା' ଉପରେ ଏକ ସୁଚିନ୍ତିତ ମନ୍ତବ୍ୟ ଲେଖି ଦେଇଥିବାରୁ ତାଙ୍କ ନିକଟରେ ମୁଁ ଗଭୀର ଭାବରେ କୃତଜ୍ଞ ।

ପରିଶେଷରେ ମୁଁ ମୋର ପ୍ରକାଶକ ଶ୍ରୀ କ୍ଷୀରୋଦ ମିଶ୍ର ଓ ପ୍ରକାଶନ ସହଯୋଗୀମାନଙ୍କୁ ମଧ୍ୟ ମୋର ଆନ୍ତରିକତା ଜଣାଉଛି । ଶ୍ରୀ ମିଶ୍ରଙ୍କ ଆଗ୍ରହ ବିନା ଏ ପ୍ରକାଶନ ଏବେ ସମ୍ଭବପର ନ ଥିଲା ।

— କୁମାର ହସନ୍

Digitized by srujanika@gmail.com

ମନ୍ତବ୍ୟ

—କୁମାର ହସନ୍‌ଙ୍କ ଦ୍ୱାରା ଲିଖିତ ,"ସମ୍ବଲପୁରୀ ଲୋକସାହିତ୍ୟ" ଏକ ଗବେଷଣାମୂଳକ ପୁସ୍ତକ । ସେ ବିଭିନ୍ନ ସାହିତ୍ୟ ପତ୍ରିକାରେ ସମ୍ବଲପୁରୀ ଭାଷା ଓ ସାହିତ୍ୟ ବିଷୟରେ ଏଥି ପୂର୍ବରୁ ଅନେକ ପ୍ରବନ୍ଧ ପ୍ରକାଶିତ କରିଥିଲେ । ସେସବୁକୁ ଏକତ୍ର କରି ଏକ ପୁସ୍ତକ ଆକାରରେ ପ୍ରକାଶ କରିଥିବାରୁ ସେ ଧନ୍ୟବାଦର ପାତ୍ର ।

ସମ୍ବଲପୁରୀ ଭାଷା ଓ ସାହିତ୍ୟ ବିଷୟରେ ଏପର୍ଯ୍ୟନ୍ତ ଉଚ୍ଚକୋଟିର ଧାରାବାହିକ ଗବେଷଣା ହୋଇ ନାହିଁ । ସେଥିପାଇଁ ଅନେକ ସମୟରେ ଅନେକ ଲୋକଙ୍କ ମନରେ ଭ୍ରାନ୍ତ ଧାରଣାମାନ ସୃଷ୍ଟି ହେଉଛି । ଉଦାହରଣ ସ୍ୱରୂପ ସମ୍ବଲପୁରୀ ଭାଷାକୁ "ସମ୍ବଲପୁରୀ" କହିବାରେ ଏବେ ଆପତ୍ତି ଉଠୁଛି । "ଏହା ସମ୍ବଲପୁରୀ ଭାଷା ନ ହୋଇ କୋଶଳୀ ଭାଷା ହେବାର ଉଚିତ ଥିଲା । ଯେହେତୁ ବ୍ରିଟିଶ୍ ଅମଳରେ ସମ୍ବଲପୁର ଝାଲସା ଥିଲା ଓ ଗଡ଼ଜାତମାନ ପଛରେ ପଡ଼ିଥିଲେ । ତେଣୁ ଏହାକୁ ସମ୍ବଲପୁରୀ ଭାଷା ବୋଲି କୁହାଗଲା ବୋଲି ଯୁକ୍ତି ହେଉଛି ।" ଏ ଯୁକ୍ତି କେତେଦୂର ସତ ?

ବ୍ରିଟିଶ୍ ଶାସନ ପୂର୍ବରୁ ସମ୍ବଲପୁରୀ ଭାଷା ନ ଥିଲା କି ? ତାହା ପୂର୍ବରୁ ଅର୍ଥାତ୍ ୧୮୪୯ ମସିହା ପୂର୍ବରୁ ପଶ୍ଚିମ ଓଡ଼ିଶାର ଲୋକେ କେଉଁ ଭାଷା ବ୍ୟବହାର କରୁଥିଲେ ? କୋଶଳୀ ?

ଇଂରେଜୀ ଭାଷାର ନାମ ବଦଳାଇ ଏବେ ବ୍ରିଟିଶ ଭାଷା ବା ଯୁକ୍ତରାଜ୍ୟ ଭାଷା କହିବା ଯୁକ୍ତିଯୁକ୍ତ ହେବ କି ? ଇଂଲଣ୍ଡର ରାଜଧାନୀ ଲଣ୍ଡନରେ ଲୋକେ ଯେଉଁ ଭାଷା କହନ୍ତି ତାହା ଇଂଲିଶ୍ ନୁହେଁ । ଅଥଚ ଆୟର୍ଲାଣ୍ଡ, ସ୍କଟ୍‌ଲଣ୍ଡ, ୱେଲ୍‌ସରେ ଭଦ୍ର ସମାଜରେ ଯେଉଁ ଭାଷା ବ୍ୟବହୃତ ହୁଏ ତାହାକୁ ଇଂରେଜି ବୋଲି କୁହାଯାଏ । କାନାଡ଼ା, ଅଷ୍ଟ୍ରେଲିଆ, ଯୁକ୍ତରାଷ୍ଟ୍ର ଆମେରିକାରେ ଯେଉଁ ଭାଷା ବ୍ୟବହୃତ ହୁଏ ତାହାକୁ ମଧ୍ୟ ଇଂରେଜୀ ଭାଷା ବୋଲି କୁହାଯାଏ । ଏଥିରେ ଆଶ୍ଚର୍ଯ୍ୟ ବା କ୍ଷୁବ୍ଧ ହେବାର କିଛି ନାହିଁ ।

ଆମେରିକା ଯୁକ୍ତରାଷ୍ଟ୍ରର ଲୋକେ ଦୁଇଶହ ବର୍ଷ ହେଲା ସ୍ୱାଧୀନତା ଲାଭ କରିଥିଲେ ସୁଦ୍ଧା ନିଜ ଦେଶର ଭାଷାକୁ ଇଂରେଜୀ ଭାଷା ବୋଲି କହନ୍ତି ।

ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକ ବକ୍ତୃତା ପ୍ରସଙ୍ଗରେ ଥରେ ସର୍ବସାଧାରଣ ସଭାରେ କହିଲେ ଯେ ଶହେ ବର୍ଷ ପୂର୍ବେ ସମ୍ବଲପୁରୀ ଭାଷା ନ ଥିଲା । ମୁଁ ବିସ୍ମୟରେ ହତବାକ୍ ହେଲି । ମୋର ଜେଜେମାଙ୍କ କଥା ମନେପଡ଼ିଲା । ତାଙ୍କର ଜନ୍ମ ୧୮୬୭ ମସିହାରେ । ସେ ତାଙ୍କର ମାଆଙ୍କଠାରୁ ମାତୃଭାଷା ଶିକ୍ଷା କରିଥିଲେ ଓ ସେ ଆମ ସାଙ୍ଗରେ ନିଜ ମାତୃଭାଷାରେ କଥା କହୁଥିଲେ । ସେ ଯେଉଁ ଭାଷା ବ୍ୟବହାର

Digitized by srujanika@gmail.com

କରୁଥିଲେ, ତାହା ସମ୍ବଲପୁର ସହରରେ ୧୯୮୨ ମସିହାରେ ପ୍ରଚଳିତ କଥିତ ଭାଷାଠାରୁ ଭିନ୍ନ ନୁହେଁ । ତେବେ, ମୋର ଜେଜେ ମା କଣ ଜାଣି ଶୁଣି ସମ୍ବଲପୁରରେ ତାଙ୍କ ଜୀବନକାଳରେ ପ୍ରଚଳିତ ଭାଷାଠାରୁ ଭିନ୍ନ ଭାଷାରେ କଥାବାର୍ତ୍ତା କରୁଥିଲେ ?

ଆଜିକାଲି ଆମ୍ଭମାନଙ୍କ ମଧ୍ୟରୁ କେତେ ଜଣ ଅନର୍ଗଳ ବିଶୁଦ୍ଧ ଇଂରେଜୀ କଥା କହିପାରନ୍ତି । ତଥାପି ସେମାନଙ୍କର ମାତୃଭାଷା ସମ୍ବଲପୁରୀ । ଗଙ୍ଗାଧର ମେହେର ତାଙ୍କର କାବ୍ୟ ଖାଣ୍ଟି ସଂସ୍କୃତିଆ ଓଡ଼ିଆରେ ଲେଖିଛନ୍ତି । ଏଥିରୁ ଯଦି ଆମେ କହୁ ଯେ ଗଙ୍ଗାଧରଙ୍କ ମାଆ ସଂସ୍କୃତ ଭାଷାରେ ପଣ୍ଡିତଆଣୀ, ତେବେ, ତାହା କେତେଦୂର ଯୁକ୍ତିଯୁକ୍ତ ହେବ ?

"ଦେଶ୍‌କେ ଫାଙ୍କ, ନଈକେ ବାଙ୍କ" ବୋଲି ଗୋଟିଏ ପ୍ରବାଦ ଅଛି । ସମ୍ବଲପୁରୀ ଲୋକଙ୍କର କଥିତ ଭାଷା, ବଲାଙ୍ଗୀର, ଦେବଗଡ଼, କଳାହାଣ୍ଡି, ଆଠମଲ୍ଲିକର କଥିତ ଭାଷାଠାରୁ ସାମାନ୍ୟ ଭିନ୍ନ । କିନ୍ତୁ ଏ ସବୁ ସମ୍ବଲପୁରୀ ଭାଷା ନାମରେ ଜଣାଶୁଣା । ଜର୍ଜ ବାର୍ଣ୍ଣଡ୍ ଶ' ତାଙ୍କର 'Pygmalion' ନାଟକରେ ଇଙ୍ଗିତ ଦେଇଛନ୍ତି ଯେ ଭାଷା ବିଶେଷଜ୍ଞ ଲୋକ ଲଣ୍ଡନ ସହରର ବିଭିନ୍ନ ଅଞ୍ଚଳର ଲୋକଙ୍କର ଭାଷାରେ ପାର୍ଥକ୍ୟ ବାରିପାରିବ । Robert Burns ଆଦି କେତେ କବି ସ୍କଟ୍‌ଲଣ୍ଡର କଥିତ ଭାଷା ବ୍ୟବହାର କରି 'Auld dang Syre' ପ୍ରଭୃତି ଚିରସ୍ମରଣୀୟ କବିତା ରଚନା କରିଯାଇଛନ୍ତି । ଆମେରିକା ଯୁକ୍ତରାଷ୍ଟ୍ରରେ ବ୍ୟବହୃତ ଇଂରେଜୀ ବନାନ୍, ଉଚ୍ଚାରଣ ଆଦି ପୃଥକ୍ । ତଥାପି ସେ ଦେଶର ମାନକ ଭାଷା ଓ ଇଂରେଜୀ ଭାଷା ମଧ୍ୟରେ ମୌଳିକ ପାର୍ଥକ୍ୟ ନାହିଁ ।

ସମ୍ବଲପୁରୀ ଭାଷା ଏକ କଥିତ ଭାଷା । ଏହା ସାହିତ୍ୟରେ ଅଧିକ ପ୍ରୟୋଗ କରାଯାଉ ନାହିଁ ବୋଲି ଅନେକେ ଦୁଃଖ ପ୍ରକାଶ କରିଥାନ୍ତି । ମାତ୍ର ଏକଥା ମନେ ରଖିବାକୁ ହେବ ଯେ ଆମେ ଉଚ୍ଚାଙ୍ଗ ସାହିତ୍ୟ ଛଡ଼ା, ଖବର କାଗଜରେ, ଲେଖାରେ, ସଭାସମିତିରେ ଓ ରେଡ଼ିଓ ଭାଷଣରେ ଯେଉଁ ଭାଷା ବ୍ୟବହାର କରୁଁ ତାହା ଓଡ଼ିଶାର କୌଣସି ଜିଲ୍ଲା ବା ଅଞ୍ଚଳର ସ୍ୱତନ୍ତ୍ର କଥିତ ଭାଷା ନୁହେଁ ।

ସମ୍ବଲପୁରୀ ଭାଷା ଓ ତହିଁର ଲୋକସାହିତ୍ୟ ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବ । ସେଥିପାଇଁ କୁମାର ହସନ୍‌ଙ୍କର ଏହି ପ୍ରବନ୍ଧମାଳା ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବ ବୋଲି ଆଶା କରେଁ । ଶ୍ରୀ ହସନ ମୁଖ୍ୟତଃ ସୃଜନଧର୍ମୀ ହେଲେ ମଧ୍ୟ ତାଙ୍କର ଗବେଷଣା ପ୍ରବୃତ୍ତି ଅଛି । ସେହି ଦୃଷ୍ଟିରୁ ମଧ୍ୟ ତାଙ୍କର ଏହି ପୁସ୍ତକ ଓଡ଼ିଆ ଭାଷା ଓ ସାହିତ୍ୟରେ ଗବେଷଣାରତ ସୁଧୀବୃନ୍ଦଙ୍କର ସହାୟକ ହୋଇପାରିବ ।

—ଡକ୍‌ଟର ଶ୍ରଦ୍ଧାକର ସୂପକାର

ତା ୩ । ୪ । ୧୯୮୨

Digitized by srujanika@gmail.com

କ୍ରମଶୀଷ

● ସମ୍ବଲପୁରୀ ଲୋକସାହିତ୍ୟ ର ଏକ ସଂକ୍ଷିପ୍ତ ଭୂମିକା

୧। ସମ୍ବଲପୁରୀ ଲୋକଗୀତ : ସଜନୀ

୨। ସମ୍ବଲପୁରୀ ଲୋକଗୀତ : ହୁମୋ ବଉଲୀ

୩। 'ସଜନୀ'ରେ ପ୍ରଣୟ-ଚିତ୍ର

୪। ସମ୍ବଲପୁରୀ "ହଲିଆ ଗୀତ"

୫। ଲୋକଗୀତରେ ସମ୍ବଲପୁରୀ ଝିଅ

୬। ସମ୍ବଲପୁରୀ 'ଛଟା' ବା "ଦାଏକା"

୭। ସମ୍ବଲପୁରୀ 'ଭକାନୀ'

୮। ସମ୍ବଲପୁରୀ 'କରମା'

୯। ଡାଲଖାଇ

୧୦। ରସର କେଲି

୧୧। ଢେମ୍ସାବାଡ଼ି-ଡିଁଢ଼ା-ଡିଗଡିଗୋ

୧୨। ଝାର ପତରିଆ

୧୩। ସମ୍ବଲପୁରୀ ଛଗ-ଛମାଲୀ

୧୪। ସମ୍ବଲପୁରୀ ଲୋକଗୀତରେ ସାମାଜିକ ଚିତ୍ର ଓ ଚେତନା

୧୫। ସମ୍ବଲପୁରୀ ଲୋକଗୀତରେ "ଢଗନା"

● ପରିଶିଷ୍ଟ (ସମ୍ବଲପୁରୀ ଶବ୍ଦାର୍ଥ)

Digitized by srujanika@gmail.com

ସମ୍ବଲପୁରୀ ଲୋକସାହିତ୍ୟ : ଏକ ସଂକ୍ଷିପ୍ତ ଭୂମିକା

ମଣିଷ ସମାଜର ଅଲିଖିତ ଇତିହାସ ହେଉଛି ଲୋକସାହିତ୍ୟ । ପ୍ରାଚୀନ ପରମ୍ପରା, ସଂସ୍କୃତି, ଧର୍ମ, ଇତିହାସ, ଭୂଗୋଳ, ବିଜ୍ଞାନ, ଦର୍ଶନ, ଜୀବିକା ଓ ଜୀବନ ସୂତ୍ର ପ୍ରମାଣ ଅନୁସାରେ ମାନବିକତାର ଇତିହାସ ଏବଂ ଲୋକଶ୍ରୁତି ଲୋକସାହିତ୍ୟ ।

ଏହା ମଣିଷର ଜନ୍ମଲଗ୍ନରୁ ମାନବିକତାର ସହଯାତ୍ରୀ ରୂପେ ବହୁ ଅଭିଜ୍ଞତାର କ ବହନ କରି ଆସିଛି । ମାନବିକତାର ଆଦ୍ୟକାଳରୁ ହିଁ ଏହା ବିଦ୍ୟମାନ ରହି ଆସିଥିଲେ ମଧ୍ୟ ୧୮୪୬ ମସିହାରେ ସର୍ବପ୍ରଥମେ ଡବ୍ଲ୍ୟୁ. ଜେ. ଥମ୍ସନ "ଲୋକସାହିତ୍ୟ" **Folklore**)କୁ ଏକ ସ୍ୱତନ୍ତ୍ର ସାହିତ୍ୟ-ସାଂସ୍କୃତିକ ବିଭାଗ ରୂପରେ ପର୍ଯ୍ୟାୟଭୁକ୍ତ କରିଥିଲେ; କିନ୍ତୁ ଏହି ଲୋକସାହିତ୍ୟର ସର୍ବପ୍ରଥମ ବୈଜ୍ଞାନିକ ଅଧ୍ୟୟନ ଓ ଗବେଷଣାର ଶ୍ରେୟ ଅଧିକାରୀ ହେଉଛନ୍ତି ଜେକବ୍ ଗ୍ରିମ୍ (୧୭୮୫-୧୮୬୩) । ସେ ପ୍ରଥମେ ଲୋକସାହିତ୍ୟର ବିଧିବଦ୍ଧ ଆଲୋଚନା ଓ ଅଧ୍ୟୟନ ଆରମ୍ଭ କରିଥିଲେ । ଲୋକସାହିତ୍ୟକୁ ଦେଖିବାର ଦୃଷ୍ଟିଭଙ୍ଗୀ କାହାରି ସମାନ ରହି ନାହିଁ । ସମସ୍ତେ ଭିନ୍ନ ଭିନ୍ନ ଦୃଷ୍ଟିରେ ଏହାକୁ ଆଖ୍ୟାୟିତ କରିଆସିଛନ୍ତି । ମେକ୍ସ ମୁଲର୍ (୧୮୨୩-୧୯୦୦) ଏହାକୁ ପ୍ରାକୃତିକ କିମ୍ବଦନ୍ତୀର ବା ଘଟଣାମୁଖୀର ସାକ୍ଷୀ ବୋଲି କହିଥିବା ବେଳେ ଜେ ଜି ଫ୍ରେଜର୍ (୧୮୫୪-୧୯୪୧) ପ୍ରାଚୀନ ଓ ଲୋକପ୍ରିୟ ଲୋକସାହିତ୍ୟର ତୁଳନାତ୍ମକ ଅଧ୍ୟୟନରେ ନିଜକୁ ନିୟୋଜିତ କରି ଏହାର ପାରସ୍ପରିକ ଆତ୍ମପ୍ରକାଶ ଓ ସ୍ୱତଃସ୍ଫୂର୍ତ୍ତି ଅନ୍ତଃସମ୍ପର୍କକୁ ରେଖାଙ୍କିତ କରିଥିଲେ । ସାର୍ ଏଲ୍. ଗୋମା (୧୮୫୩-୧୯୧୬) ଲୋକସାହିତ୍ୟ ଅଧ୍ୟୟନରେ ଏହାର ଐତିହାସିକ ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ । ମାଲିନୋସ୍କି ଓ ରେଡ୍‌କ୍ଲିଫ୍ ବ୍ରାଉନ୍ ଲୋକସାହିତ୍ୟକୁ ଏକ ଜୀବନ୍ତ ସଂସ୍କୃତିର ଅପରିହାର୍ଯ୍ୟ ଓ ଅତ୍ୟନ୍ତ ଆବଶ୍ୟକୀୟ ଅଙ୍ଗ ବୋଲି ମତ ଦେଲେ । ଏହିପରି ଭାବରେ ଏହି ଲୋକଶ୍ରୁତି, ଲୋକବାଣୀର ଉତ୍ତରାଧିକାରର ଗୁରୁତ୍ୱକୁ ସମସ୍ତେ ପ୍ରତିପାଦିତ କଲେ । ଲୋକସାହିତ୍ୟ ଆଧୁନିକ ବିଶ୍ୱ ଇତିହାସର ଏକ ସଂକ୍ଷିପ୍ତ ସୂଚନା ।

ଆମର ସର୍ବପ୍ରଥମ ଲୋକଗୀତ ହେଉଛି ଆମର ବେଦ, ଉପନିଷଦ, ରାମାୟଣ, ମହାଭାରତ । ଏସବୁ ସୃଷ୍ଟିର ପ୍ରଥମ ଅବସ୍ଥାରେ ଲୋକଙ୍କ ମୁହଁରେ ଥିଲା, ତାର ଅନେକ ପରେ ସେସବୁକୁ ଲିପିବଦ୍ଧ କରାଯାଇଛି ।

Digitized by srujanika@gmail.com

ଅତୀତରୁ ପୌର ଓ ଗ୍ରାମ୍ୟ ଏପରି ଦୁଇଟି ସ୍ୱାତନ୍ତ୍ର ସାହିତ୍ୟ ରହି ଆସିଅଛି । ପୌର ସାହିତ୍ୟ ଲିପିବଦ୍ଧ ହେଉଥିଲା । ଗ୍ରାମ୍ୟ ସାହିତ୍ୟ ମୁଖେ ମୁଖେ ରଚିତ ହୋଇ ପୌର ସାହିତ୍ୟ ସହିତ କେବେ ମିଶିଯାଉଥିଲା ତ କେବେ ଲୁପ୍ତ ହୋଇଯାଉଥିଲା । ଅଳଙ୍କାର ପ୍ରଧାନ ଥିଲା ପୌର ସାହିତ୍ୟ ଓ ରସ ପ୍ରଧାନ ଥିଲା ଗ୍ରାମ୍ୟ ସାହିତ୍ୟ । ଗ୍ରାମ୍ୟ ସାହିତ୍ୟ ଥିଲା ସ୍ୱାଭାବିକ ଏବଂ ପ୍ରାକୃତିକ କାରୁଣ୍ୟ ମଧ୍ୟରୁ ହିଁ ଲଭିଥିଲା ତାର ଜନ୍ମ ! ତା'ପରେ ଅନ୍ୟାନ୍ୟ ସମସ୍ୟା ସହିତ ବେଳେ ବେଳେ ସେ ସମୃଦ୍ଧି ଲାଭ କରୁଥିଲା ।

ଭାଷାତତ୍ତ୍ୱ ଦୃଷ୍ଟିରୁ ବିଚାର କରି ଦେଖିଲେ ଯେଉଁସବୁ ରଚନା ନିଜର ସ୍ୱାତନ୍ତ୍ର୍ୟ ଚିରକାଳ ଅକ୍ଷୁଣ୍ଣ ରଖି ରହିଅଛି ଏବଂ ସାର୍ବଜନୀନ ହୋଇପାରି ନାହିଁ, ସେହିସବୁ ହିଁ ଗ୍ରାମ ସାହିତ୍ୟ । ତେଣୁ ନିରନ୍ତର ସାର୍ବଜନୀନତା ହରାଇବା ଫଳରେ ଏହି ସାହିତ୍ୟର ଭାଷା ଅକୃତ୍ରିମ, ଅଳଙ୍କାର ବିହୀନ ମାଟିର ଭାଷା । କାହା ବଗିଚାରେ ତିଆରି କଲା ଫୁଲ ନୁହେଁ । *

ଆଗକାଳରେ ଲୋକମାନେ ବେଦକୁ, ତାର ସୂକ୍ତମାନଙ୍କୁ ଋକ୍ ଓ ଶ୍ଲୋକମାନଙ୍କୁ ଶୁଣି ଶୁଣି ମନେରଖୁଥିଲେ ବୋଲି ବେଦର ଅନ୍ୟନାମ ଶ୍ରୁତି । ଲୋକସାହିତ୍ୟ ଲୋକଗୀତ ହିଁ ଲୋକବେଦ ।

ଏକ ନିରବଚ୍ଛିନ୍ନ ନାଦ ସଙ୍ଗୀତ, କାବ୍ୟ ମଧ୍ୟରୁ ହିଁ ପୃଥିବୀର ଜନ୍ମ ବୋଲି ଲୋକପୁରାଣ କହେ । ପୃଥିବୀ ଆଗେ ଜଳମୟ ଥିଲା । ଜଳରେ ପବନ ହିଲ୍ଲୋଳ ସଙ୍ଗୀତ ସୃଷ୍ଟି କରୁଥିଲା । ସେ ମନୁ ଆଉ ଶ୍ରଦ୍ଧା ବା ଶତରୂପା, ଆଦମ୍ ବା ଇଭର ବହୁ ଆଗର କଥା । ନିରାକାର ବ୍ରହ୍ମଙ୍କ ସମୟର କଥା । ଏଣୁ ଏକ ସାଙ୍ଗୀତିକ ପଦାବଳୀ କାବ୍ୟ କବିତା ମାନବିକତାର ପ୍ରଥମ ଉତ୍ତରାଧିକାର । ଗଦ୍ୟ ପରେ ଆସିଛି । ପ୍ରାଚୀନ ପୁସ୍ତକାବଳୀ ପଦ୍ୟାଶ୍ରୟୀ । "ମା ନିଷାଦ......"ଆଦ୍ୟ ଶ୍ଲୋକ ଆଦ୍ୟ ଗୀତ । ଆଦିକବି ବାଲ୍ମୀକି ପ୍ରଥମ ପରିଚିତ ଲୋକ କବି । ତାଙ୍କ ଆଗରୁ ଯେଉଁମାନେ ଥିଲେ ସେମାନଙ୍କୁ ପୃଥିବୀ ମନେରଖିନି । ସେ ସମସ୍ତେ ଲୋକଗୀତ ମଝିରେ ବଞ୍ଚି ରହିଛନ୍ତି । ମାନବିକ କରୁଣା, ସମବେଦନା, ଶାନ୍ତି ପାଇଁ ପ୍ରତିବୋଧ ଓ ସମତା ହିଁ ଆଦି ଲୋକ କବିର ଆଦି ଲୋକଗୀତର ଆଦି ଦର୍ଶନ । ଶରାହତ କ୍ରୌଞ୍ଚ ପ୍ରତି କରୁଣା, କ୍ରୌଞ୍ଚୀ ପ୍ରତି ସମବେଦନା ଓ ହିଂସ୍ରକ ବ୍ୟାଧ ପ୍ରତି ଆକ୍ରୋଶ ଓ ବିଦ୍ରୋହ ଭାବନା ଲୋକସାହିତ୍ୟର ଆଦିରସ । ସେଇଦିନରୁ ଯେ ଯେ ମଣିଷକୁ ପୃଥିବୀକୁ ପୃଥିବୀର ପ୍ରତ୍ୟେକଟି ଗଛଲତା, ପାହାଡ଼, ଜଙ୍ଗଲ, ନଈ ନାଳ, ସମୁଦ୍ରକୁ ଆପଣାର କଲା, ତାହା କ୍ରମଶଃ ପଲ୍ଲବିତ ହେଉଛି କିନା, ଅବଲୁପ୍ତ ହେଉଛି । ଏ ସମ୍ପର୍କରେ ଏଠି ବିଶେଷ କହୁନି, ଘଟଣା ପ୍ରସଙ୍ଗରେ ଅନ୍ୟତ୍ର ବିଶେଷ ଆଲୋଚନା କରିଛି ।

---

* ଉତ୍କଳ ଗାଉଁଲି ଗୀତ, ଶ୍ରୀ ଚକ୍ରଧର ମହାପାତ୍ର-୧ମ ସଂସ୍କରଣ, ୧୯୫୯, ଅବତରଣିକା ପୃ. ୧—୩

Digitized by srujanika@gmail.com

ଡକ୍ଟର ଶ୍ୟାମ ପରମାରଙ୍କ ମତରେ ଲୋକସାହିତ୍ୟ ବୋଇଲେ ଚଳଣି, ପରମ୍ପରା, କିମ୍ବଦନ୍ତୀ, ମିଥ୍, (Myth), ଯାଦୁ, ପର୍ବପର୍ବାଣି, ପାରଂପରିକ ଗୀତ ନୃତ୍ୟନାଟକୁ ବୁଝାଇଥାଏ । * ଏହା ମୁଖ୍ୟତଃ ଦୁଇଭାଗରେ ବିଭକ୍ତ, ୧—ଲୋକଗୀତ, ୨—ଲୋକକଥା । ଏଠାରେ ଲୋକକଥା ଉପରେ କିଛି କହିବାକୁ ଯାଉନି । ଲୋକଗୀତ ହେଉଛି ଆମର ପ୍ରଧାନ ଆଲୋଚ୍ୟ ବିନ୍ଦୁ । ଏଠାରେ ମୁଁ ଆଦିବାସୀମାନଙ୍କ ଲୋକଗୀତକୁ ବାଦ୍ ଦେଉଛି । ସମ୍ବଲପୁରୀ ଲୋକଗୀତକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ—

ସମ୍ବଲପୁରୀ ଲୋକଗୀତ

- ନୃତ୍ୟାଶ୍ରୟୀ [ତାଳଖାଇ, କରମା, ରସରକେଲି ଇତ୍ୟାଦି]
- ଅନୃତ୍ୟାଶ୍ରୟୀ ବା ସ୍ୱାଧୀନ [ଦୋଳିଗୀତ, ହମୋବଉଲି, ହୁଲିଆଗୀତ, ସଜନୀ ପ୍ରଭୃତି]

ଏଠାରେ ଗୋଟାଏ କଥା ସ୍ପଷ୍ଟ କରିଦେବାକୁ ଚାହୁଁଛି ଯେ ମଣିଷ ଯାହା କିଛି ମୁଖରେ କହେ ବା ଗାଏ ତାକୁ ଲୋକକଥା ବା ଲୋକଗୀତ କୁହାଯାଇପାରିବ ନାହିଁ । ଜଣେ ପୁରୁଣା ସିନେମା ଗୀତ ଗାଇପାରେ ବା ସେକ୍ସପିଅରଙ୍କ ରୋମିଓ ଜୁଲିଏଟ୍‌ର ଗପ କହିପାରେ, କିନ୍ତୁ ସେଇଟାକୁ ଲୋକଗୀତ ବା ଲୋକକଥା କୁହାଯାଇପାରିବ ନାହିଁ । ଲୋକସାହିତ୍ୟ ପ୍ରାଚୀନତାର ସମବାଚୀ ହେଲେ ବି ଯୁଗୀୟ ପରିବର୍ତ୍ତନର ସହୋଦର । ସମୟଗତ ବ୍ୟବଧାନ ଲୋକସାହିତ୍ୟର ଏକ ବଡ଼ ବିଭବ । *

ଭାରତର ସ୍ୱାଧୀନ ସତ୍ତାମାନଙ୍କ ଲୋପ କାଳରେ ପଶ୍ଚିମ ଓଡ଼ିଶାର ସମ୍ବଲପୁର ରାଜ୍ୟ ହିଁ ସର୍ବପ୍ରଥମେ ସିଧାସଳଖ ଇଂରେଜ ଶାସନାଧୀନ ହେଲା । ଅନ୍ୟ ଅଞ୍ଚଳମାନ ତତ୍ସଂଲଗ୍ନ ପାଟଣା (ବଲାଙ୍ଗୀର), କଳାହାଣ୍ଡି, ସୋନପୁର, ବଉଦ, ସୁନ୍ଦରଗଡ ଆଦି ଦେଶୀୟ ରାଜ୍ୟ ଥିବାରୁ ବାହାର ଲୋକମାନଙ୍କ ପକ୍ଷରେ ଅପ୍ରବେଶ୍ୟ ଓ ଅଧିକାଂଶ ଅଗୋଚର ମଧ୍ୟ ଥିଲା । ଏଣୁ ଇଂରେଜ ସରକାର ଓ ଉପକୂଳବାସୀଙ୍କ ନିକଟତମ ସମ୍ପର୍କ ପ୍ରଥମେ ସମ୍ବଲପୁର ସହ ହେଲା ଓ ଏ ଅଂଚଳର ଭାଷାକୁ ସେମାନେ ସମ୍ବଲପୁରୀ ବୋଲି ଡାକିଲେ । କାଳକ୍ରମେ

---

* *Folklore of Madhya Pradesh : Dr. Syam Parmar.*

* *Folklore, it includes legends, superstitions, songs, tales, proverbs, riddles, spells, nursery rhymes, pseudoscientific lore about weather, plants and animals, customary activities at birth, marriage and deaths, traditional dance and forms of drama which are performed on holidays or at communal gatherings.*

M. H. Abram

A Glossary of literary terms.

Digitized by srujanika@gmail.com

ସଂପର୍କ ଓ ସମାଗମ ବ୍ୟାପକ ହେଲେ ମଧ୍ୟ ଗତାନୁଗତିକ ଭାବେ ସମଗ୍ର ପଶ୍ଚିମ ପ୍ରାନ୍ତର ଭାଷା ହିଁ ସମ୍ବଲପୁରୀ ନାମରେ ପ୍ରଯୁକ୍ତ ହୋଇ ଆସୁଥିବା ନିତାନ୍ତ ଭ୍ରମାତ୍ମକ ବୋଲି ଶ୍ରୀ ପ୍ରୟାଗଦତ୍ତ ଯୋଶୀ ମତ ଦିଅନ୍ତି ଓ ଏହାକୁ ବିଭିନ୍ନ ଐତିହାସିକ ପ୍ରମାଣ ପରିପ୍ରେକ୍ଷୀରେ "କୋଶଳୀ ଭାଷା" ନାମରେ ନାମିତ କରିବା ସପକ୍ଷରେ ଯୁକ୍ତି ବାଢ଼ନ୍ତି । (୧)

ଏଠି ଏ ଅଂଚଳର ଭାଷାର ନାମ ବିବାଦରେ ପଡ଼ିବାକୁ ମୁଁ ଯାଉନି । ସମ୍ବଲପୁରୀ ଲୋକସାହିତ୍ୟ ନାମକରଣରେ ମୁଁ କୌଣସି ପୂର୍ବାଗ୍ରହର ଅପେକ୍ଷା ରଖି ନାହିଁ । ଏହା ଯେପରି ସମ୍ବଲପୁରୀ ଲୋକସାହିତ୍ୟ, ସେହିପରି ପଶ୍ଚିମ ଓଡ଼ିଶାର, ସମ୍ବଲପୁର ଅଞ୍ଚଳର, ସମ୍ବଲପୁରୀର ଓ କୋଶଳର ମଧ୍ୟ ଲୋକସାହିତ୍ୟ । ସମ୍ବଲପୁର ଅଞ୍ଚଳରେ ପ୍ରାବଲ୍ୟ ଥିବା କେତେକ ନୃତ୍ୟାଶ୍ରୟୀ ଓ ଅନୃତ୍ୟାଶ୍ରୟୀ ଲୋକଗୀତ ସଂପର୍କରେ ଏକ ସାଧାରଣ ପରିଚୟ ଦେବା ଭିତରେ ହିଁ ମୋର ଉଦ୍ଦେଶ୍ୟକୁ ସୀମିତ ରଖୁଛି । ମୁଁ ଏହା ମଧ୍ୟ କହୁ ନାହିଁ ଯେ ସମ୍ବଲପୁର ଅଞ୍ଚଳରେ ଯେତେ ରକମ ଲୋକଗୀତ ଅଛି, ସେସବୁର ପରିଚୟ ଏଥି ମାଧ୍ୟମରେ ଦେଉଛି । ଦେଇପାରିଥିଲେ ହୁଏତ ଆହୁରି ଖୁସି ହୋଇଥାନ୍ତି । କିନ୍ତୁ ଏଭଳି ଜିନିଷ ସଂଗ୍ରହ କରିବାରେ ଉପଯୁକ୍ତ ସାଧନ, ଅର୍ଥର ଅଭାବ ହିଁ ମୋର ପ୍ରଚେଷ୍ଟାକୁ ସୀମିତ କରିବା ପାଇଁ ଦାୟୀ । ତେଣୁ ମୁଁ ଲୋକଗଳ୍ପ, ଶିଶୁଗୀତ, ଝିଅ କାନ୍ଦଣା, ଖେଳଗୀତ, ନାଚରିଆ ଗୀତ ତଥା ଲୋକଗୀତର ଆହୁରି କେତେକ ମୂଲ୍ୟବାନ୍ ପ୍ରକାର ଉପସ୍ଥାପିତ କରିପାରି ନାହିଁ । ତଥାପି ଚେଷ୍ଟା ଚଳେଇଛି ଏ ଦିଗରେ ଯାହା କରିବି ବୋଲି । ସମ୍ବଲପୁର ଅଞ୍ଚଳ ଭିନ୍ନ ଓଡ଼ିଶାର ପଶ୍ଚିମାଞ୍ଚଳରେ ମଧ୍ୟ ଏହି ଗୀତସବୁ ଶୁଣାଯାଏ । ସ୍ଥାନ, କାଳ, ପାତ୍ର ଭେଦରେ ଏଥିରେ ଲୋକମୁଖରୁ ଲୋକମୁଖକୁ ଯାଇ ବଞ୍ଚି ରହିବା ଭିତରେ ଅନେକ ପରିବର୍ତ୍ତନ ସ୍ୱତଃସ୍ଫୂର୍ତ୍ତି ଭାବରେ ଦେଖାଯାଏ । ଏଣୁ ଗୋଟିଏ ଗୀତର ସ୍ୱରୂପ ବିଭିନ୍ନ ଅଞ୍ଚଳରେ ଭିନ୍ନ । ଏହା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଗଲାବେଳେ ଅନେକ କିଛି ଗ୍ରହଣ କରିଥାଏ, ସେହିପରି ଅନେକ କିଛି ହରାଇଥାଏ ମଧ୍ୟ । ତେବେ ଏହା ପାଉ କି ହରାଉ, ଯାହା ପାଖକୁ ଯାଏ, ତାର ସମସ୍ତ ଭାବ ବିଭବ ସହ ନିଜକୁ ଆତ୍ମପ୍ରକାଶ କରିବାରେ ଲୋକଗୀତର ତୁଳନା ହୁଏନା । ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ ଲୋକ ଭାଷାକୁ ଲୋକମୁଖରେ ସମ୍ବଲପୁରୀ ଭାଷା କୁହାଯାଇଥାଏ । ଏଣୁ ସେହି ସମ୍ବଲପୁରୀ ଲୋକସାହିତ୍ୟ ସମ୍ବଲପୁରୀ ଲୋକସାହିତ୍ୟ ।

ଆର୍ଯ୍ୟମାନଙ୍କ ଆଗମନର ବହୁ ପୂର୍ବରୁ ସମ୍ବଲପୁର ଖଣ୍ଡରେ କୋଲ ଓ ଶବର ଜାତିର ଆଦିମ ଅଧିବାସୀମାନେ ବାସ କରୁଥିଲେ । ଗୁଞ୍ଜିପାହାଡ଼ର ଶିଳାଲିପିରୁ ଏବଂ ରାମଗଡ଼ ପାହାଡ଼ର ଶୈଳଲିପିରୁ ଜଣାଯାଏ ଯେ ବୌଦ୍ଧଯୁଗରେ ସମ୍ବଲପୁର ଖଣ୍ଡରେ ବ୍ରାହ୍ମୀଲିପି ଓ ପ୍ରାକୃତ ଭାଷାର ପ୍ରଚଳନ ଥିଲା । ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀ ବା ତତ୍ପୂର୍ବେ

୧ । କୋଶଳୀ ଭାଷା : ଶ୍ରୀ ପ୍ରୟାଗଦତ୍ତ ଯୋଶୀ
ଦୈନିକ କୋଶଳ : ସାଧାରଣ ତନ୍ତ୍ର ବିଶେଷାଙ୍କ, ୧୯୮୨, ପୃ ୮

Digitized by srujanika@gmail.com

ଲିଖିତ "ନାଟ୍ୟଶାସ୍ତ୍ର"ର ଉକ୍ତି ଅନୁସାରେ କୋଲ୍ ଓ ଶବରମାନେ ଆର୍ଯ୍ୟମାନଙ୍କର ଭାଷା ଗ୍ରହଣ କରିଥିଲେ ଏବଂ "ବିଭାଷା" (କୁତ୍ସିତ ମାଗଧୀ ଭାଷା) ବ୍ୟବହାର କରୁଥିଲେ । ଏହି ବିଭାଷାରେ ମଧ୍ୟ ପ୍ରାଦେଶିକ ବା ଆଞ୍ଚଳିକ ବିଶେଷତ୍ୱ ଥିଲା । ସେତେବେଳେ ସଂସ୍କୃତ, ପ୍ରାକୃତ ଓ ବିଭାଷା, ଏହି ୩ଟି ଭାଷାର ସମ୍ମିଶ୍ରଣରେ ସ୍ଥାନୀୟ ସାଧାରଣ ଭାଷାର ସଂଗଠନ ସମ୍ଭୂତ ହୋଇଥିଲା । ପରସ୍ପର କଥିତ ଭାଷାର ବିନିମୟରେ ଆର୍ଯ୍ୟମାନେ ଆଦିମ ଭାଷାରୁ ଏବଂ ଆଦିମମାନେ ଆର୍ଯ୍ୟଭାଷାରୁ କଥିତ ଶବ୍ଦ ସମ୍ପଦ ଗ୍ରହଣ କରିବା ଦ୍ୱାରା ସ୍ଥାନୀୟ ଭାଷା ରୂପାୟିତ ହୋଇଥିଲା । ଏହି ପ୍ରକାରେ ସମ୍ବଲପୁର ଅଞ୍ଚଳର ଓଡ଼ିଆ ଭାଷାର ମୂଳଭିତ୍ତି ଓ ଓ ସୂତ୍ରପାତ ହୋଇଅଛି ।

ଆର୍ଯ୍ୟମାନଙ୍କ ଆଗମନ ସଙ୍ଗେ ବହୁ ସହସ୍ର ବର୍ଷ ପୂର୍ବେ ଆର୍ଯ୍ୟଭାଷା ସମ୍ବଲପୁର କୋଶଳକୁ ଆମଦାନି ହୋଇଅଛି । ସୁରଗୁଜା ରାଜ୍ୟର ରାମଗଡ଼ ପର୍ବତରେ ଥିବା ଯୋଗୀମାରା ଗୁମ୍ଫାର ଶିଳାଲିପି ଏହା ପ୍ରମାଣିତ କରୁଛି । ଏଗୁଡ଼ିକର ଲିପି ବ୍ରାହ୍ମୀ ଓ ଭାଷା ପାଲି ବା ପ୍ରାକୃତ ।

ଖେମଣ୍ଡି, ବୌଦ ଓ ବାମନହାଣ୍ଡୀ ଅଞ୍ଚଳରେ ରାଜତ୍ୱ କରୁଥିବା ଭଞ୍ଜବଂଶର ତାମ୍ରଶାସନମାନଙ୍କରୁ ପ୍ରତିପନ୍ନ ହୁଏ ଯେ ମୌର୍ଯ୍ୟଯୁଗରୁ ଖ୍ରୀଷ୍ଟୀୟ ୧୦ମ ଶତାବ୍ଦୀ ମଧ୍ୟରେ ସଂସ୍କୃତ, ପ୍ରାକୃତ ଓ ବିଭାଷାର ପରସ୍ପର ସମ୍ମିଶ୍ରଣରେ ଓ ସଂଘର୍ଷଦ୍ୱାରା ସମ୍ବଲପୁର କୋଶଳର ଓଡ଼ିଆ ଭାଷାର ସୃଷ୍ଟି । * ଏହି "ସମ୍ବଲପୁର କୋଶଳର ଓଡ଼ିଆ ଭାଷା" ହିଁ ଆଜିର ଲୋକପ୍ରିୟ "ସମ୍ବଲପୁରୀ ଭାଷା" ।

ସମ୍ବଲପୁରୀ ଭାଷା ସଂସ୍କୃତ ଭାଷାର ବିଶେଷ ଅନୁଗାମୀ ଓ ଏଥିରେ ସଂସ୍କୃତ ଅପଭ୍ରଂଶ ବହୁଳ ଭାବରେ ଦେଖାଯାଏ ଓ ପ୍ରାକୃତ ଭାଷାର * ପ୍ରଭାବ ଥିବାର ଜଣାଯାଏ । ସଂସ୍କୃତ ଭାଷାଦ୍ୱାରା ଏହାର ପ୍ରାଣ ସ୍ପନ୍ଦିତ ଓ ପ୍ରତିଷ୍ଠିତ । ଓଡ଼ିଆ ଭାଷା ପ୍ରାକୃତ ସଂସ୍କୃତରୁ ସମ୍ଭୂତ ହେଲେ ସୁଦ୍ଧା ଏହା କେବଳ ସଂସ୍କୃତ ଶବ୍ଦ ଦ୍ୱାରା ଗଠିତ ନୁହେଁ । ଏହି ଭାଷାରେ ବିଭିନ୍ନ ପ୍ରକାର ତତ୍ସମ, ତଦ୍ଭବ (ଦଧି-ଦହି), ଦେଶଜ (କୁଢା, ବସ୍ତା, ବାଡ଼ି ଆଦି) ଓ ବୈଦେଶିକ ଶବ୍ଦ ରହିଛି । ସମ୍ବଲପୁରୀ ଭାଷା କଥିତ ଭାଷା ହୋଇଥିବାରୁ ଏଥିରେ ତତ୍ସମ ଶବ୍ଦର ବିରଳତା ଓ ତଦ୍ଭବ ଶବ୍ଦର ବହୁଳତା ଦେଖାଯାଏ । ଏହି ତଦ୍ଭବ ଶବ୍ଦ ଉପରେ ସମ୍ବଲପୁରୀ ଭାଷା

---

* ସମ୍ବଲପୁର ଇତିହାସ, ଶ୍ରୀ ଶିବପ୍ରସାଦ ଦାସ
ଦ୍ୱିତୀୟ ସଂସ୍କରଣ, ୧୯୬୧, ପୃଷ୍ଠା : ୩୮୨–୩୮୩

* ପ୍ରାକୃତ ଭାଷା ବା ବିଭାଷା ଶବରାଭୀର ଚାଣ୍ଡାଳସଚର ଦ୍ରାବିଡ଼ୋଡ଼୍ରଜାଃ ।
ହୀନା ବନେଚରାଣାଂ ଚ ବିଭାଷା ନାଟକେ ସ୍ମୃତାଃ । ନାଟ୍ୟଶାସ୍ତ୍ର (୧୭-୪୯)
ଓଡ଼ିଶାର ଭରତମୁନି ମାର୍କଣ୍ଡେୟ କବୀନ୍ଦ୍ରଙ୍କ ପ୍ରାକୃତ ସର୍ବସ୍ୱରୁ ଉଦ୍ଧୃତ ।

Digitized by srujanika@gmail.com

ପ୍ରତିଷ୍ଠିତ ଓ ପ୍ରାଣବନ୍ତ । ଏହି ଶବ୍ଦଗୁଡ଼ିକ ଅଥବା ଶବ୍ଦଗୋଷ୍ଠୀରୁ ନିଷ୍ପନ୍ନ ଶବ୍ଦ ସମ୍ବଲପୁରୀ ଭାଷାଭାଷୀଙ୍କ ଦ୍ୱାରା ବ୍ୟବହାର ହେବାର ଦେଖାଯାଏ ।

ସଂସ୍କୃତ ଭାଷାରେ ଯେପରି ସମାସ ନାମ ଧାତୁ, ସନ୍ନନ୍ତ, ଯଙନ୍ତ, ଣିଜନ୍ତ, କୃଦନ୍ତ ଓ ତଦ୍ଧିତ—ପ୍ରକ୍ରିୟା ଦ୍ୱାରା ଶବ୍ଦ ନିଷ୍ପନ୍ନ କରାଯାଇଥାଏ, ସମ୍ବଲପୁରୀ ଭାଷାରେ ବସ୍ତୁ, ବ୍ୟକ୍ତି, ପ୍ରାଣୀ ଆଦିର ଗୁଣ, ଧର୍ମ, ଶୀଳ ଓ ଅବସ୍ଥାକୁ ଆଧାରିତ କରି ବାକ୍ୟ ବା ବାକ୍ୟାଂଶ ଗଠିତ ହୋଇଥାଏ ଏବଂ ସେଗୁଡ଼ିକର ଭାବ, ଅର୍ଥ, ଧ୍ୱନିକୁ ଅବଲମ୍ବନ କରି ସଂକ୍ଷେପରେ ଶବ୍ଦ ସମ୍ବଲପୁରୀ ଭାଷାରେ ବ୍ୟବହୃତ ହେଉଥିବାର ଦେଖାଯାଏ । ସମ୍ବଲପୁରୀ ଭାଷାରେ ବୈଧିବଦ୍ଧ ଭାବରେ ଶବ୍ଦ ଗଠିତ ନ ହେଲେ ମଧ୍ୟ ଏହି ପଦ୍ଧତିଗୁଡ଼ିକ ଦ୍ୱାରା ପ୍ରଭାବିତ ଅନେକ ପ୍ରକାରର ଶବ୍ଦ ଗଠିତ ହୋଇଛି ! ଆଉ ଏକ ନୂତନ ପ୍ରକାରର ଗଠିତ ଶବ୍ଦ ମଧ୍ୟ ସମ୍ବଲପୁରୀ ଭାଷାରେ ବ୍ୟବହୃତ । ସେଗୁଡ଼ିକ ସଂସ୍କୃତ ଅପଭ୍ରଂଶ ରୂପେ ଅଥବା ସଂସ୍କୃତ ଶବ୍ଦଗୁଡ଼ିକର ଅର୍ଥ ଓ ଧ୍ୱନିକୁ ଅବଲମ୍ବନ କରି ଶବ୍ଦ ଆକାର ଧାରଣ କରିଥାଏ । ※

ଏତଦ୍‌ଭିନ୍ନ ସଂସ୍କୃତରୁ ଜାତ ବିଭିନ୍ନ ଭାରତୀୟ ଭାଷା, ମରାଠୀ, ବଙ୍ଗଳା, ହିନ୍ଦି, ଉର୍ଦ୍ଦୁ, ଓଡ଼ିଆ, ଲରିଆ ବା ଛତିଶଗଡ଼ୀ, ପାର୍ସି, ଇଂରାଜୀ ଓ ଆଞ୍ଚଳିକ ଆଦିବାସୀ ଲୋକଭାଷାର ପ୍ରଭାବ ମଧ୍ୟ ସମ୍ବଲପୁରୀ ଭାଷାରେ ଦେଖାଯାଏ । ଏସବୁ ଐତିହାସିକତାର ପ୍ରଭାବ । ପୂର୍ବେ ସମ୍ବଲପୁର ଛତିଶଗଡ଼ ଡିଭିଜନ ଅନ୍ତର୍ଭୁକ୍ତ ଏକ ଜିଲ୍ଲା ଥିଲା । ୧୯୦୫ ମସିହାରେ ୧, ୬୩୭ ବର୍ଗମାଇଲ ଆୟତନ ବିଶିଷ୍ଟ ଫୁଲଝର, ଚନ୍ଦ୍ରପୁର-ପଦ୍ମପୁର ଓ ମାଲ ଖୋର୍ଦ୍ଧା ଜମିଦାରୀ ମଧ୍ୟପ୍ରଦେଶ ସଙ୍ଗେ ମିଶିଲା । ଅବଶିଷ୍ଟ ୩୮୨୪ ବର୍ଗ ମାଇଲ ପରିମିତ ଅଞ୍ଚଳ ସମ୍ବଲପୁରରୁ ତଦାନୀନ୍ତନ ବଙ୍ଗ, ବିହାର ଓ ଓଡ଼ିଶା ପ୍ରଦେଶରେ ମିଶିଲା । ※

ମଧ୍ୟଯୁଗରେ ସମ୍ବଲପୁର ଅଧୀନରେ ୧୮ ଗୋଟି ଦେଶୀୟ ରାଜ୍ୟ, ଯଥା— ସାରଙ୍ଗଗଡ଼, ରାୟଗଡ଼, ବରଗଡ଼ ଫୁଲଝର, ବୋଡ଼ାସମ୍ବର, ଖଡ଼ିଆଳ, ଶକ୍ତି, କଳାହାଣ୍ଡି, ପାଟଣା, ସୋନପୁର, ବୌଦ୍ଧ, ଆଠମଲ୍ଲିକ, ରେଢ଼ାଖୋଲ ଓ ଗାଙ୍ଗପୁର ଏବଂ ସମ୍ବଲପୁର ଜିଲ୍ଲାର ୧୬ ଗୋଟି ଜମିଦାରୀ ଥିଲା । ※ ମୁସଲମାନ ରାଜତ୍ୱ କାଳରେ ଗ୍ରାମ୍ୟ ଓ ମୁସଲିମ ସଂସ୍କୃତିର ସମ୍ମିଶ୍ରଣ ଘଟି ଉଭୟ ଭାଷାର ଅନେକ ଶବ୍ଦ ଉଭୟ ଭାଷା ଗ୍ରହଣ କଲେ । ତା' ଛଡ଼ା କୋର୍ଟ କଚେରୀରେ ପ୍ରଚଳିତ ତଦାନୀନ୍ତନ ରାଜଭାଷା ଉର୍ଦ୍ଦୁ, ପାର୍ସି, ଇଂରାଜୀ ଭାଷାର ପ୍ରଭାବ ମଧ୍ୟ ପଡ଼ିଲା । ସେହିପରି ମରହଟ୍ଟା ଶାସନ କାଳରେ ସେ ଭାଷାର ମଧ୍ୟ ପ୍ରଭାବ ପଡ଼ିଥିଲା; ଏବଂ

※ ସଂସ୍କୃତ ଭାଷା ସହିତ ସମ୍ବଲପୁରୀ ଭାଷାର ସାମଞ୍ଜସ୍ୟ ଗଣନାଥ ଗଡ଼ତିଆ, ବଉଲବେଣୀ, ଶାରଦୀୟ ପ୍ରକାଶ ୧୯୭୮ : ପୃ-୯

※ ସାର ସୁରେନ୍ଦ୍ର ସାଏ, ଶ୍ରୀ ଅନିରୁଦ୍ଧ ଦାଶ, ସମ୍ବଲପୁରରେ ଚୌହାଣ ରାଜବଂଶ ପୃ-୫

※ ସମ୍ବଲପୁର ଡ଼ିଷ୍ଟ୍ରିକ୍ଟ ଗେଜେଟିଅର ପୃ-୨୨ ଦ୍ରଷ୍ଟବ୍ୟ

Digitized by srujanika@gmail.com

ପରଂପରାନୁକ୍ରମେ ତାହା ଆମର ସ୍ୱୀୟ ସମ୍ପଦରେ ଗଚ୍ଛିତ ହେଲା । ଏଦ୍ୱାରା ଅନୁମାନ ହୁଏ ସନ୍ଥାଳପୁରର ଅନେକ ପାରଂପରିକ ସଂସ୍କୃତିର ଗନ୍ଧ ମିଳେ । The folk tradition delimited to a particular social system in a particular area is not only a testimony of the past but also of the present day. *

ଏଭଳି ଲୋକ ସାହିତ୍ୟ ବିଷୟରେ ଆଉ କେତେଜଣ ବିଦ୍ୱାନଙ୍କ ଦୃଷ୍ଟିକୋଣରୁ ବିଚାର କରାଯାଇପାରେ । ଡଃ ଏଚ. ସି. ଦାଶ ଲୋକସାହିତ୍ୟର 'ଲୋକ' ଶବ୍ଦ ବ୍ୟାଖ୍ୟା କରିବାକୁ ଯାଇ କହିଛନ୍ତି---

—"The term 'folk' denotes 'a group in which cultural, economic and educational diversity of the city, is much less pronounced; where modes of life, custom, lore and songs are known and shared more homogeneously through out the group, when the cultural possession of the individual more nearly reasonable than the neighbour, or the term 'folk' includes all those persons, residents of either villages, towns or cities or of all them within a a given area—who are concious of a common cultural heritage and have some constant traits, whose behavioural knowledge based on words of mouth (oral tradition) and not on written scripture, and whose way of life is more traditional, more simple, more natural, less systematic—and less specialised in comparison to the so called civilized people Folk culture in its numerous constituents play a very conspicuous role in moulding and shaping to a particular situation the cultural pattern of the peoples irrespective of castes, creed and communities *

ଏ ସମ୍ପର୍କରେ ମ୍ୟାକ୍‌ସିମ୍ ଗର୍କି କହିଛନ୍ତି—I would again draw your attention to the fact, comrades, that the most vivid and profoundly conceived artistically bold types were created by folklore by the oral tradition of the working people. At one time in antiquity, the oral poetry of the workers was only means of organising their collective experience, the only connection of their thought, in images and stimulator of their collective energy. *

* *Folk Culture Dr H.C. Dash, Orissa Review Vol. XXXV No. 5,P-9*

* *Ibid*

* *Literaluee and life, Maxim Gorky,*
Translated by E. Bone, PP—136-138

Digitized by srujanika@gmail.com

ଶ୍ରୀମ ନରେଶ ତ୍ରିପାଠୀ କହୁଛନ୍ତି—"ଗ୍ରାମ୍ୟ-ଗୀତ ବା ଲୋକଗୀତ ପ୍ରକୃତିର ଉଦ୍‌ଗାର । ଏଥିରେ ଅଳଙ୍କାର ନାହିଁ, କେବଳ ରସ ଅଛି, ଛଳ ନାହିଁ, ଲୟ ଅଛି; ଲାଳିତ୍ୟ ନାହିଁ, ମାଧୁର୍ଯ୍ୟ ଅଛି । ସ୍ତ୍ରୀ ପୁରୁଷର ହୃଦୟ ସିଂହାସନରେ ବସି ପ୍ରକୃତି ଗୀତ ଗାଏ ।" ସମ୍ବଲପୁରୀ ଲୋକଗୀତ କ୍ଷେତ୍ରରେ ମଧ୍ୟ ଏହା ସତ୍ୟ । ସମ୍ବଲପୁରୀ ଲୋକଗୀତରେ ଅଳଂକାର, ଛଳହୀନ ସ୍ୱଚ୍ଛନ୍ଦ ଛନ୍ଦ, ଲାଳିତ୍ୟହୀନ ଲାଳିତ୍ୟ ରହିଛି । ଏହା ହୃଦୟସ୍ପର୍ଶୀ । ସିଧାସଳଖ ମନକୁ ଛୁଏଁ । ସେ ସଜନୀ ହେଉ, ହମୋ ବଉଲି ହେଉ, ହଲିଆ ଗୀତ କି କର୍ମା ହେଉ, ଡାଲଖାଇ, ମାଏରପତରିଆ, ରସରକେଲି, କୈସାବାଡ଼ି ହେଉ କି ଭକାମି କି ଛଟା ହେଉ, ସେଇଟା ସିଧାସଳଖ ମନରେ ବାଜେ । ତାହା ମନକୁ ଉଦ୍‌ଭାସିତ କରେ, ମନରେ ସାହସ, ଆଶା ଓ ଆତ୍ମବିଶ୍ୱାସ ଜଗାଏ, ଲୋକେ ଯେତେ ନିର୍ଯ୍ୟାତିତ ଜୀବନ ଜୀଉଁଥିଲେ ମଧ୍ୟ ଲୋକଗୀତ ତାଙ୍କ ମନରେ ନୂତନ ସ୍ୱପ୍ନ ସଞ୍ଚାର କରେ, କର୍ମଠ କରେ । ଲୋକଗୀତରେ ନିରାଶା ନାହିଁ । ଅଛି ଏକ ଉଜ୍ଜ୍ୱଳ ଆଶା, ଏକ ପ୍ରବଣତା । କର୍ମକ୍ଷମ କରିବାର ଉଦ୍ଦାମ ପ୍ରେରଣା, ମାନସିକ ମୁକ୍ତି ଓ ନିଷ୍କୃତି, ସମର୍ପଣର ଆନନ୍ଦ, ସହବାସ୍ଥାନ, ସାର୍ଥ ଅନୁଭୂତି, କ୍ଲାନ୍ତି ଦୂରୀକରଣ, ମାନସିକ ଅବଲମ୍ବନ ।

ଏ ସମ୍ପର୍କରେ ଲୋକରତ୍ନ ଡକ୍ଟର କୁଞ୍ଜବିହାରୀ ଦାସଙ୍କ ମତ ମଧ୍ୟ ପ୍ରଣିଧାନ-ଯୋଗ୍ୟ । ସେ କହୁଛନ୍ତି "—ଲୋକଗୀତ ହେଉଛି ମାଟିର ମମତା ଭାଷା, ହୃଦୟର ସ୍ୱାଭାବିକ ସଙ୍ଗୀତର ଚିର ଆଗ୍ରସ୍ଥଳୀ । ଏଥିରେ ନାହିଁ ସଂଗୀତ-ଶାସ୍ତ୍ରର ନିୟମାବଳୀ, କିନ୍ତୁ ଏଥିରେ ସ୍ୱର ଓ ତାଳର ମୂଳତତ୍ତ୍ୱ ବିଦ୍ୟମାନ । ସ୍ୱରସାଧନ ନ ଥିଲେ ମଧ୍ୟ ତାର ଶକ୍ତି ବିଦ୍ୟମାନ । ରସସିଦ୍ଧ କାବ୍ୟ ନ ଥିଲେ ମଧ୍ୟ ରସମୟ ରମଣୀୟତାର ଅସରନ୍ତି ଖଣି ଗଚ୍ଛିତ ।" ଏଠାରେ ଜୀବନ ଓ ସାହିତ୍ୟ ପରସ୍ପର ଭିତରେ ପ୍ରତିଫଳିତ ହୋଇଉଠିଛି । ଜୀବନରେ ଯାହା କିଛି ସତ୍ୟ, ପ୍ରତ୍ୟକ୍ଷ, ତାହା ହେଉଛି ଏ ଗୀତମାନଙ୍କର ସମ୍ବଳ । ତାର ଅଭିବ୍ୟକ୍ତି ହେଉଛି ଏହାର ଚରମ ଉଦ୍ଦେଶ୍ୟ ।

ଭାରତ, ଚୀନ ତଥା ଅନ୍ୟାନ୍ୟ ପୂର୍ବୀୟ ଦେଶର ଗ୍ରାମଗୁଡ଼ିକରେ ଦୁଇ ପଂକ୍ତି ବିଶିଷ୍ଟ ଗୀତର ପ୍ରଚଳନ ବେଶୀ । ସମ୍ବଲପୁରୀ ଲୋକଗୀତର ସ୍ୱାତନ୍ତ୍ର୍ୟ ରହିଛି ଯେ ଏହାର ଗୀତର ପ୍ରଧାନ ପଂକ୍ତିଗୁଡ଼ିକ ଉନିଧାଡ଼ି ବିଶିଷ୍ଟ । ବିଭିନ୍ନ ରକମରେ ଆବୃତ୍ତି ପୁନରାବୃତ୍ତି କରି ଏହାକୁ ବଢ଼ାଯାଇଥାଏ ।

ଗ୍ରାମ୍ୟଗୀତଗୁଡ଼ିକରେ ମଣିଷର ଯେଉଁ ପ୍ରାଥମିକ ଇଚ୍ଛାବଳୀର ଦର୍ଶନ ହୁଏ, ସେଥିରେ ମଣିଷ ସାଧାରଣତଃ ନିଜର ଲାଳସା, ବାସନା, ପ୍ରେମ, ଘୃଣା, ଉଲ୍ଲାସ ଓ ବିଷାଦ ତଥା ସାମାଜିକ ମାନ୍ୟଧାରଣାରୁ ଉପରକୁ ଉଠିପାରି ନାହିଁ । * ଏଠାରେ ମଣିଷ

* ଜୀବନକେ ତତ୍ତ୍ୱ ଔର କାବ୍ୟ କେ ସିଦ୍ଧାନ୍ତ : ଲକ୍ଷ୍ମୀନାରାୟଣ 'ସୁଧାଂଶୁ' ଅଧ୍ୟାୟ-୮, ପୃ—୧୭୪-୭୬

Digitized by srujanika@gmail.com

ନିଜ ଅନ୍ତରର ଉଦ୍‌ଗତ ଭାବନାର ପରିପ୍ରକାଶରେ କୃତ୍ରିମ ଶିଷ୍ଟାଚାରର ମୁଆଳୀକୁ ବ କାନ୍ଧରୁ ଓଟାରି ଫିଙ୍ଗିଦେଇଛି । ଗ୍ରାମ୍ୟଗୀତ ମସ୍ତିଷ୍କର ଧ୍ୱନି ନୁହେଁ, ହୃଦୟର ବାଣୀ । ❊

ଏହି ବାଣୀର ସ୍ୱଚ୍ଛନ୍ଦ ପରିପ୍ରକାଶ କରିବାକୁ ଯାଇ ଲୋକଗୀତକୁ ସାମାଜିକତା ଓ ଶିଷ୍ଟାଚାରର କାଠଗଡ଼ାରେ ଠିଆ କରାଯାଏ । ପଣ୍ଡିତଗଣ ଅଶ୍ଳୀଳତାର ଅଭିଯୋଗପତ୍ର ପେଶ୍ କରନ୍ତି ।

ଲୋକଗୀତ କିଛି ଲୁଚାଏ ନାହିଁ । ଯେ ଯାହା ଦେଖେ, ଅନୁଭବ କରେ, କହିବାକୁ ଚାହେଁ, ତା ସିଧା ସଳଖ ଠୋକଠୋକ୍ କହିଦିଏ । ସେ କାହାରି ପ୍ରୀତି-ଅପ୍ରୀତିର ପରୁଆ କରେନା । ମିଲନ୍ ଅମାପଙ୍କ ଭାଷାରେ—Poetry is the rhythmic movement from as overclothed blindness to a naked vision. ଏହାର ଭାଷା ସହଜ, ସରଳ, ସର୍ବବୋଧଗମ୍ୟ । ଏହାର ଭାଷା ଏକଅନ୍ୟଙ୍କ ଭ୍ରମ କରିବାର ଭାଷା, ପ୍ରେମ କରିବାର ଭାଷା, ବିବାହ କରିବାର ଭାଷା, ଜନ୍ମ ବେଳ ଓ ମୃତ୍ୟୁ ବେଳର ଭାଷା, ଛୁଟି ଭାଙ୍ଗିବାର ଭାଷା ଓ ବନ୍ଧୁ ସହିତ କଥାବାର୍ତ୍ତା କରିବାର ଭାଷା ।

ପ୍ରାଚୀନ ବୈଦିକଧର୍ମ, ବୌଦ୍ଧଧର୍ମ, ଜୈନଧର୍ମର ସମାନତାର ଭାଷା—ଲୋକଗୀତ ଧର୍ମର ପ୍ରକୃତ ସ୍ୱରୂପକୁ ଅଦୃଶ୍ୟ ଭାବରେ ଗ୍ରହଣ କରିଥାଏ । ବେଳେବେଳେ ତାର ପ୍ରକାଶ୍ୟ ଆତ୍ମପ୍ରକାଶର ଉଦ୍‌ଗୀରଣ ବି ହୁଏ । ଲୋକଗୀତ ମଣିଷ ମଧ୍ୟରେ ଶ୍ରେଷ୍ଠ, ବଡ଼, ଜାତି, ଧର୍ମ, ବର୍ଣ୍ଣ, ଦେଶ, କାଳ, ପାତ୍ରର ବିଭେଦ କରେନା । ମହାପ୍ରାଣଂର ଅଧ୍ୟ ବେଦ ଲୋକଗୀତର ପ୍ରଭାବ ସମ୍ବଲପୁରୀ ଲୋକ ସାହିତ୍ୟରେ ମଧ୍ୟ ପ୍ରତିଫଳିତ । ଲୋକଗୀତର ଯଥାର୍ଥ ଅଧ୍ୟୟନ ବ୍ୟତିରେକେ, ଲୋକ ସାହିତ୍ୟର ଯଥାର୍ଥ ଗବେଷଣା ବ୍ୟତିରେକେ ମାନବିକତାର ଇତିହାସ ଓ ଅତୀତ ଝାପ୍ସା ।

The folk songs and dances which generally reflect the social heritage, the environment and the life of the folk living in a particular territory, which are exorbitantly created by the folk for their own entertainment, enjoyment for emotional outlet associated with socio-religious rites, ceremonies and festivals and which are transmitted, circulated and perpetuated spontaneosly through oral-tradition, from person to person or from generation to generation, are evidently, the embodiment of the folk community in lyrical, rhythimical and artistic style. *

❊ ସ୍ୱସ୍ତିଭାଷା ରଜତ ଜୟନ୍ତୀ ଗ୍ରନ୍ଥ : ଓଡ଼ିଶାର ଲୋକଗୀତ ପ୍ରବନ୍ଧରେ ଚକ୍ରଧର ମହାପାତ୍ରଙ୍କ ଦ୍ୱାରା ଉଦ୍ଧୃତ ପୃ-୩୯୯-୪୦୦

* *Folk Culture ! Dr. H. C. Das.*
Orissa Review, Folk Culture Issue, Dec, 1978. P. 11.

Digitized by srujanika@gmail.com

ବିଖ୍ୟାତ ଯୌନ-ମନସ୍ତତ୍ତ୍ୱବିଦ୍ ସିଗ୍‌ମଣ୍ଡ ଫ୍ରଏଡ଼ଙ୍କ ମତରେ ସାହିତ୍ୟ ହେଉଛି ଅତୃପ୍ତ କାମ ବାସନାର ପରିଣତି । ଅନ୍ତର୍ଗତ ଅସନ୍ତୋଷ ହିଁ ଯେକୌଣସି ପ୍ରତିଭାଶାଳୀ ବ୍ୟକ୍ତିର ପ୍ରେରଣା ବିନ୍ଦୁ । କହିବାକୁ ଗଲେ ଅନ୍ତର୍ଗତ ଅସନ୍ତୋଷ ହିଁ ପ୍ରତିଭା, ଯାହା ବିଭିନ୍ନ ମାଧ୍ୟମରେ ଆତ୍ମପ୍ରକାଶ କରିଥାଏ ।

୧୮୯୦ ମସିହାରୁ ଯୌନ-ବିଜ୍ଞାନ ପ୍ରତି ଯଥାର୍ଥ ଗୁରୁତ୍ୱାରୋପ କରାଗଲା । ଯୌନକୁ ଏହା ଆଗରୁ ଦେଖାଯାଉଥିଲା ସାମାଜିକ ଭାବରେ । ଏହାକୁ ବୈଜ୍ଞାନିକ ଭାବରେ ବୁଝିବାକୁ ଚେଷ୍ଟା କରାଯାଉ ନ ଥିଲା । ଯଦିଓ ରକ୍ଷଣଶୀଳ ଆଧୁନିକ ସଭ୍ୟତାରେ ଯୌନ ବିଷୟକ ସମସ୍ତ ବିଷୟ ପ୍ରତ୍ୟାଖ୍ୟାନର ଶିକାର, ଅବହେଳାର ଗର୍ତ୍ତରେ ନିପତିତ, ତଥାପି ଏହାର ସାହିତ୍ୟରେ ଯୌନର କାଳ୍ପନିକ ଉପସ୍ଥାପନା ସବୁଠି ବିଦ୍ୟମାନ । ମଣିଷ ସହ ମଣିଷର ସମ୍ପର୍କ ଏକ ଯୌନ ସମ୍ପର୍କ ବା **Sexual Relationship.**

ଅପ୍ରତ୍ୟକ୍ଷ ଭାବରେ ଏହା ମଣିଷର ଯୌନ ଉତ୍ତେଜନା ଆଣିଥାଏ । **Ignorance in sex matters has proved one of the strongest allies of vice and disease. Prudesy has never fostered purity** * ମାନବିକ ପ୍ରକୃତି ଓ ମଣିଷ ପ୍ରକୃତି ବୁଝିବାକୁ ହେଲେ, 'ଆମକୁ Sex ବା ଯୌନକୁ ମଧ୍ୟ ବୁଝିବାକୁ ପଡ଼ିବ । ଯୌନତା କେବଳ ଦୈହିକ ନୁହେଁ; ତାକୁ କେବଳ ମଣିଷର ଦେହ ମାଧ୍ୟମରେ ସ୍ଥାପିତ କରାଯାଇ ନ ପାରେ; ଏହା ହେଉଛି ଏକ ସାର୍ବଜନୀନ ଓ ବିଶ୍ୱଜନୀନ ନିୟମ । ଦୈହିକ ଅବୟବ ଗଠନର ପ୍ରତ୍ୟେକଟି ଅଣୁ ପରମାଣୁରେ ଏହା ନିଜକୁ ପରିପ୍ରକାଶ କରିଥାଏ । ପ୍ରକୃତି ପୃଥିବୀର ପ୍ରତ୍ୟେକଟି ଜୀବନ୍ତ ପଦାର୍ଥକୁ ଦୁଇ ଭାଗରେ ବିଭକ୍ତ କରିଛି—ସ୍ତ୍ରୀଲିଙ୍ଗ ଓ ପୁଲିଙ୍ଗ—**All the relationship of life spring from the division of the human race into two halves, which come together again to make a perfect whole. Sex is the pivot on which life turns.** * ଯୌନ ବା ସେକ୍‌ସ ହେଉଛି ଏକ ଖୋଲା ପବନ, ଏହା ମଣିଷର ଦେହ ଓ ମନକୁ ସୁସ୍ଥ, ସତେଜ ରଖେ । ଏଠି ହ୍ୟାମ୍‌ବର୍ଗ କ୍ଲାର୍କିମେନ୍‌ଙ୍କ କଥା ମନେପଡ଼େ । ସେ କହିଥିଲେ ଯେ—ମୁଁ ଖୋଲାଖୋଲି କହିବାର ସମ୍ପୂର୍ଣ୍ଣ ସପକ୍ଷରେ । ମୋ ମତରେ ପ୍ରାକୃତିକ ଜିନିଷକୁ ପ୍ରବଞ୍ଚନାର ଗାଢ଼ ପୋଷାକ ଭିତରେ ଲୁଚାଇ ରଖିବାଟା ସବୁଠୁ ସାଂଘାତିକ । ସତକୁ ପ୍ରକାଶ କରିଦେବାରେ କିଛି କ୍ଷତି କି ବିପଦ ନାହିଁ । ସତ୍ୟଦ୍ୱାରା ଏଯାଏଁ ଜଣେ ସୁଦ୍ଧା ଲୋକ ବାଟ ଛାଡ଼ି ନାହାନ୍ତି କି ଦୁର୍ନୀତିଗ୍ରସ୍ତ ହୋଇ ନାହାନ୍ତି । ପରିବର୍ତ୍ତେ ସତ୍ୟକୁ ଲୁଚାଇ ରଖିବାର ପରିଣାମ ଅତ୍ୟନ୍ତ ଭୟାବହ ହୋଇଛି । ଅନୈତିକ ଓ ଅଶ୍ଳୀଳ ଶବ୍ଦ ଆମର ବୌଦ୍ଧିକ ସଙ୍କୋଚନ ଓ ସାମୁଦ୍ରିକ ବର୍ଜନା ଯୋଗୁଁ ଅତ୍ୟଧିକ ମୁଖର ହୁଏ । ଯୌନ, ଅଶ୍ଳୀଳତା ଆଦି ପ୍ରକୃତରେ କେଉଁଠି କିଛି ନ ଥାଏ । ତାହା

---

* *Sex and You by—P—2*

* *Plus Books. PP—4—6*

Digitized by srujanika@gmail.com

ଆମ ଦେଖିବାର ଦୃଷ୍ଟିଭଙ୍ଗୀ ଉପରେ ହିଁ ନିର୍ଭର କରେ । କେତେକେ ତା'ର ଭିତରେ କାବ୍ୟ ଦେଖିଲା ବେଳକୁ ଆଉ କେତେଜଣ ଝଲମଲ ସୂର୍ଯ୍ୟାଲୋକ ଦେଖନ୍ତି । ଯୌନ, ସମାଜ, ଶ୍ଳୀଳ, ଅଶ୍ଳୀଳ ପରସ୍ପର ଆପେକ୍ଷିକ ଶବ୍ଦ । ଶ୍ଳୀଳ ଥିଲେ ଅଶ୍ଳୀଳ ରହିବ ! କିନ୍ତୁ ସମ୍ବଲପୁରୀ ଲୋକସାହିତ୍ୟରେ ଏସବୁ ମନକୁ କଳୁଷିତ କରେ ନାହିଁ, ବରଂ ଓଲଟା ବିପରୀତ ପ୍ରଭାବ ପକାଏ ।

ଯେଉଁ ମହତ୍ତ୍ୱାକାଂକ୍ଷା ନେଇ ଖଜୁରାହୋ, ଏଲିଫେଣ୍ଟା, ଅଜନ୍ତା ଏଲୋରାର ପଥର ଗୁମ୍ଫାରେ, କୋଣାର୍କ ମନ୍ଦିରରେ ମିଥୁନ ମୂର୍ତ୍ତି ଗଢ଼ାଗଲା, •ଯେଉଁ ଧାରାରେ କାମସୂତ୍ର, କାଦମ୍ବରୀ, କୁମାରସମ୍ଭବ, ଲୋଲିତା, ଉଲିସେସ୍, ଲେଡ଼ି ଚାଟର୍ଲିଜ ଲଭର ପ୍ରଭୃତି କାଳଜୟୀ କୃତି ରଚନା କରାଗଲା, ସେଇ ବିଷୟ ନେଇ ହିଁ ଆଦିମ କାଳରୁ ଲୋକଗୀତରେ ଯୌନ ସଞ୍ଚାର ହେଲା । ସ୍ତ୍ରୀକୁ ଅର୍ଦ୍ଧାଙ୍ଗିନୀ କହିଲାବେଳେ ତ ଆମେ କିଛି ଅଶ୍ଳୀଳତା ଅନୁଭବ କରୁନା । ବାପକୁ ବାପ, ମାଆକୁ ମା, ପୁଅଝିଅଙ୍କୁ ପୁଅଝିଅ କହିବାରେ ତ ଆମର କାହିଁ ଯୌନବୋଧ କି ଅଶ୍ଳୀଳତାବୋଧ ଜନ୍ମେନା । ସମ୍ବଲପୁରୀ ଲୋକଗୀତରେ 'ଯୌନ'ର ପ୍ରବେଶ ପାଇଁ ତାନ୍ତ୍ରିକ ମତବାଦର ପ୍ରଭାବକୁ ମଧ୍ୟ ଅସ୍ୱୀକାର କରାଯାଇ ନ ପାରେ ।

ଲୋକଗୀତ ଲୋକଙ୍କର । ଆଉ ଏଇ ଲୋକ ହେଉଛନ୍ତି ଜନସଂଖ୍ୟାର ୭୫ରୁ ୮୦ ଭାଗ । ଏମାନେ ସାଧାରଣ ଗରିବ ଲୋକ; ଗ୍ରାମବାସୀ ବା ପାହାଡ଼ି । ଆଧୁନିକ ଯନ୍ତ୍ର ସଭ୍ୟତାର ସୁବିଧା ସୁଯୋଗ ସେମାନଙ୍କ ନିକଟରେ ପହଞ୍ଚି ନାହିଁ । ସେଥିପାଇଁ ସେମାନଙ୍କର ସାଧନ କି ସମ୍ବଳ ମଧ୍ୟ ନାହିଁ । ତାଙ୍କର ପୃଥିବୀ ସୀମିତ । ସେଇଟା ଚନ୍ଦ୍ରମଣ୍ଡଳ କି ଶୁକ୍ରମଣ୍ଡଳକୁ ପହଞ୍ଚି ନାହିଁ । ରୁଷ, ଆମେରିକା, ଚୀନ କଥା ସେମାନେ ଜାଣନ୍ତି ନାହିଁ । ରେଡ଼ିଓ, ଟି. ଭି., ସିନେମା, କ୍ଲବ, ପାର୍ଟି ସେମାନଙ୍କର ସ୍ୱପ୍ନ । ସେମାନଙ୍କ ସୀମିତ ଦୁନିଆ ଭିତରେ ଆଖପାଖ ଦି' ଚାରି ଘର, ଦି ଚାରି ଗାଁ, ସ୍ତ୍ରୀ, ପିଲାଛୁଆ, ଗାଈଗୋରୁ, ଛେଳି, କ୍ଷେତ ଓ ବଣ । ଦିନସାରା କଠିନ ପରିଶ୍ରମ ପରେ ସେମାନେ ଟୋପାଏ ମଦ କି ହାଣ୍ଡିଆ ନ ପିଇବେ, ନ ନାଚିବେ, ଗୀତ ନ ଗାଇବେ ତ କଣ କରିବେ ? କ୍ଳାନ୍ତ ଦେହମନ ସ୍ଫୁର୍ତ୍ତି, ସତେଜତା ଖୋଜେ, ସେଇଟା ଧର୍ମଗ୍ରନ୍ଥ ଯୋଗାଇବ କାହୁଁ ? ଏଣୁ ସେମାନେ ଗୀତ ଗାଆନ୍ତି, ଲୋକଗୀତ ଗାଆନ୍ତି, ଯାହା ଇଚ୍ଛା ତାହା ଗାଆନ୍ତି, ଯୋଉମାନେ ଶ୍ଳୀଳ ଅଶ୍ଳୀଳ କଣ କିଛି ଜାଣନ୍ତି ନାହିଁ । ସେମାନଙ୍କ ଗୀତକୁ ଆପଣ ଅଭିଯୋଗ କରିବେ ଅଶ୍ଳୀଳତା ଦୋଷରେ, ଯୌନ ଦୋଷରେ ? ସେଇଟା ପବନର ବୋହିବା, ଫୁଲର ଫୁଟିବା, ସୂର୍ଯ୍ୟର ଉଇଁବା, ଜନ୍ମ ହେଲେ ମରିବା ପରି ନିହାତି ସ୍ୱାଭାବିକ ସେମାନଙ୍କ ଲାଗି । ଏହା ତାଙ୍କ ମନରେ ବିରୋଧୀଭାବ ସଞ୍ଚାର କରେନା, ଏକ ନିର୍ମଳ ଆନନ୍ଦ ଦିଏ, ସେତିକି ସେମାନଙ୍କ ଜୀବନ ଧାରଣ ଲାଗି ଯଥେଷ୍ଟ ।

ସମ୍ବଲପୁର ଦକ୍ଷିଣାପଥ ବା ଦାକ୍ଷିଣାତ୍ୟର ଅନ୍ତର୍ଗତ । ଏଠାର ଅଧିବାସୀମାନଙ୍କ ମଧ୍ୟରେ ଆଦିବାସୀମାନଙ୍କ ସଂଖ୍ୟା ବେଶୀ । ଅଞ୍ଚଳର ଶତକଡ଼ା ୭୫ରୁ ୮୦ ଭାଗ ଲୋକ କୃଷିଜୀବୀ ହୋଇ ଗାଆଁରେ ରହୁଥିବା ସ୍ଥଳେ ଏଠାରେ ଆଦିମ ଅଧିବାସୀଙ୍କ ସଂଖ୍ୟା ହେଉଛି ମୋଟ ଜନସଂଖ୍ୟାର ଶତକଡ଼ା ୪୦ ଭାଗ ।

Digitized by srujanika@gmail.com

ଏମାନଙ୍କ ମଧ୍ୟରେ ଶବର, ସନ୍ଥାଳ ବା ସଉରା, କନ୍ଧ, ଗଣ୍ଡ, ବିଞ୍ଝାଲ, ଭୂୟାଁ, ଭୂଏନା, କୋଲ, କିଷାନ, କୋଡ଼ା, ଖଡ଼ିଆ, ଓରାଓଁ, ମୁଣ୍ଡା, ଗଣ୍ଡା, ଗାଁସି, ଚମାର, ଡୁମାଲ ପ୍ରଭୃତି ପ୍ରଧାନ । କୃଷି, ମୃଗୟା ଓ ବନଜାତ ଦ୍ରବ୍ୟ ସଂଗ୍ରହ ଏମାନଙ୍କ ପ୍ରଧାନ ଜୀବିକା । ଫଳତଃ ସେମାନଙ୍କୁ କଠିଣ ପରିଶ୍ରମ କରିବାକୁ ପଡ଼ିଥାଏ । ଏହି ଗୀତ ସେମାନଙ୍କ କ୍ଳାନ୍ତି ଅପନୋଦନ କରେ । ଏଣୁ ଏହି ଗୀତ ପ୍ରତି ଅଶ୍ଳୀଳତାର ଅଭିଯୋଗ ତାର ଜୀବନ୍ତତାର ପ୍ରତୀକ ।

ଏହି ଲୋକଗୀତି ବା ଗ୍ରାମ୍ୟଗୀତମାନ ଏକ ଦାୟିତ୍ୱହୀନ ଅପସୃଷ୍ଟି ନୁହେଁ । ଆଦିମ ମଣିଷ ସମାଜରେ ଦିନକୁ ଦିନ ବୃଦ୍ଧି ପାଉଥିବା ଆବଶ୍ୟକତା ସଙ୍ଗେ ସଙ୍ଗେ ଏମିତି ଏକ ଏକ ସାଧନର ଆବଶ୍ୟକତା ଅନୁଭବ କଲା, ଯାହା ସେମାନଙ୍କ ବକ୍ତବ୍ୟକୁ ଅନ୍ୟକୁ ସଂପ୍ରେଷିତ କରିପାରିବ । ଏହି ଆବଶ୍ୟକତା ପୂରଣ ସକାଶେ ଭାଷାର ଉତ୍ପତ୍ତି ହେଲା । ତା' ସଙ୍ଗେ ସଙ୍ଗେ ମଣିଷର ସାମାଜିକତାର ବିକାଶ ହେଲା । ଭାଷା ଆତ୍ମାଭିବ୍ୟଞ୍ଜନା ପ୍ରବୃତ୍ତିର ଏକ ମୁଖ୍ୟ ତତ୍ତ୍ୱ । ଭାଷା ମଣିଷ ଜୀବନରେ ଏକ ନୂତନ ଅଧ୍ୟାୟର ସୂତ୍ରପାତ କରିଛି । ଭାଷାର ଜନ୍ମ ଯେମିତି ଅଭାବବୋଧରୁ, ସେହିପରି ଗୀତ, କାବ୍ୟିକତାର ସୃଷ୍ଟି ମଧ୍ୟ ଏକ ଆବଶ୍ୟକତାରୁ—

Poetry is produced not by the mere caprice of pleasure but by natural necessity. Man before he has arrived at the stage of forming universals; form imaginary ideals. Before he reflects with a clear mind; he apprehended with faculties confused and disturbed, before he can articulate, he sings, before speaking in prose he speaks in verse, before using technical terms he uses metaphors, and metaphorical uses of words is as natural to him as that which we call natural.*

ସମ୍ବଲପୁରୀ ଲୋକଗୀତରେ ମଣିଷ ସମାଜର ସୁଖ, ଦୁଃଖ, ଆଶା-ନିରାଶା, ପ୍ରତିବାଦ-ପ୍ରତିଘାତ ସବୁ ପ୍ରତିଫଳିତ । ବିଶିଷ୍ଟ ପ୍ରକୃତି, ଲୋକଗତ-ପଲ୍ଲୀପ୍ରାଣତା, ଗ୍ରାମ୍ୟ ଓ ଲୋକ-ଜୀବନର ପ୍ରାଣପୂର୍ଣ୍ଣ ପରିପ୍ରକାଶ, ମୌଖିକ ପ୍ରବାହ, ସାମୂହିକ ସାଙ୍ଗୀତିକତା, ଲୋକ-କବିର ନାମହୀନତା, ସଙ୍ଗୀତର ମଧୁର ମୂର୍ଚ୍ଛନା, ପ୍ରବୃଦ୍ଧ ଦାର୍ଶନିକତା, ଜୀବନ ପ୍ରତି ବାସ୍ତବବାଦୀ ଦୃଷ୍ଟିକୋଣ, ସତ୍ୟ, ଶାନ୍ତି, ଶ୍ରମ, ପ୍ରେମ, ସଂହତି ଓ ସମାନତାବାଦ ପ୍ରତି ସଂପୃକ୍ତି ସମ୍ବଲପୁରୀ ଲୋକଗୀତର କେତେକ ଉଲ୍ଲେଖଯୋଗ୍ୟ ବୈଶିଷ୍ଟ୍ୟ । ସଜନୀ, ଗଲର ଗୀତ ପୃଥିବୀର ସବୁ ମଣିଷର ହୃଦୟରେ ସ୍ଥାନ ପାଇବାକୁ, ହୃମୋବଉଳୀ ସାରା ମଣିଷ ଜାତିର କାନ୍ଧରେ ହାତ ଛନ୍ଦିବାକୁ, ତାଳି ଖାଇ ନାଚିବାକୁ-ନଚେଇବାକୁ ଉଦ୍‌ଗ୍ରୀବ ହୋଇ ରହିଛି ।

---

* *The Philosophy of Giambattaista. By B. Croce. Translated by R. O. Collingwood P– 48.*

Digitized by srujanika@gmail.com

କିନ୍ତୁ ଏବେ ଗ୍ରାମ-ଜଗତର ଆଧୁନିକୀକରଣ ହୋଇଉଠୁଥିବା ସାଙ୍ଗେ ସାଙ୍ଗେ ଏହି ବଣମର୍ମରର ପାଖୁଡ଼ା ଝାଉଁଳି ଯାଉଛି । ଏ ଗୀତସବୁ ଲୁପ୍ତ ହେବାରେ ଲଗିଛି । ସେଥିରେ ଆଡ଼ମ୍ବରପୂର୍ଣ୍ଣ କୃତ୍ରିମତା ପ୍ରବେଶ କରି ତାର ଆଦିମ ସାବଲୀଳତାକୁ ହତ୍ୟା କରୁଛି । ଏହାର ମୁଖ୍ୟ କାରଣ ସ୍ୱରୂପ କୁହାଯାଇପାରେ ଯେ—

1. Introduction of new methods of amusement
2. That the life and conditions of things in the villages and through out the whole country-side, have vastly changed the late. Education has played its part; the antagonistic to the old mainstream. Dialects and homely language were discountenaced.
3. The teachers were imported from the towns; and they had little sympathy with life and customs The words and spirit of songs were misunderstood.
4. Construction of railways and other conveniences in communication; the linking up of villages with other districts, and contact with large towns and cities had an immediate and permanent effect upon the mainstream of the countryside.
5. Many of the village labourers migrated to the towns or the colonies and most of them no longer cared for the old ballads; or were too busily occupied te remember them.*

ଏ କଥା ଭାରତୀୟ ତଥା ସମ୍ବଲପୁରୀ ଲୋକଗୀତ ସମ୍ପର୍କରେ ବି ଯେତେ ସତ । ଗାଆଁମାନଙ୍କରେ ସହର ସଭ୍ୟତାର ସଂକ୍ରମଣ, ବିବିଧ ଯାନ-ବାହାନର ପ୍ରଚଳନ, ଶିଳ୍ପ କାରଖାନା ପ୍ରତିଷ୍ଠା, ସଡ଼କ ନିର୍ମାଣ, ଡାକଘର, ବିଦ୍ୟୁତୀକରଣ, ସିନେମା, ରେଡ଼ିଓ, ଥିଏଟର, ହୋଟେଲଭିଜନ, ଶିକ୍ଷାଗାର, ବିଭିନ୍ନ ସ୍କୁଲ, କଲେଜ, କାର୍ଯ୍ୟାଳୟ, ଭୋଟ ରାଜନୀତି ପ୍ରଭୃତି ଲୋକ-ସଭ୍ୟତାକୁ ଧ୍ୱଂସକରି ଚାଲିଛି । ସମ୍ବଲପୁରୀ ଲୋକସାହିତ୍ୟ ପ୍ରତି ହୀରାକୁଦ ବନ୍ଧ ଏକ ସାଙ୍ଘାତିକ ପ୍ରହାର । ପ୍ରାଚୀନ "ହୀରାଖଣ୍ଡ ସାମ୍ରାଜ୍ୟ" ଓ ରାଜ୍ୟର ଉନ୍ନତିକଳ୍ପେ ନିର୍ମିତ ପୃଥିବୀର ଦୀର୍ଘତମ ନଦୀବନ୍ଧ "ହୀରାଖଣ୍ଡ ସାମ୍ରାଜ୍ୟ"ରୁ ଅର୍ଦ୍ଧାଧିକ ହୀରାଖଣ୍ଡ ଲୋକ-ସଂସ୍କୃତିର ବିନାଶ ପାଇଁ ଦାୟୀ । ଉନ୍ନତ କିସମ ବିହନ, ରାସାୟନିକ ସାର, ବିଭିନ୍ନ ଗୃହ ଯନ୍ତ୍ରପାତି, ଭୂସଂସ୍କାର, ବନ୍ଦୋବସ୍ତ, ଚକବନ୍ଦି, ପଞ୍ଚାୟତ, ମହାଜନ, ବିଦ୍ୟୁତ୍ ପମ୍ପ, ବିଭିନ୍ନ ବ୍ୟାଙ୍କ, ଥାନା, ପୋଲିସ, ଗ୍ରାମସେବକ, ଆଦି ମାଧ୍ୟମରେ ଗାଆଁରେ ସହର ସଭ୍ୟତାର ଅନୁପ୍ରବେଶ ଘଟିଲା । ଭାରତ ଅଷ୍ଟାଦଶ ଶତାବ୍ଦୀରେ ନିଜର ସ୍ୱାଧୀନତା ହରାଇଲା ପରେ ବିଦେଶୀ ଶାସନ କଳରେ ପେଷିହୋଇ ତାର ମହାନ୍ ଲୋକ ସଂସ୍କୃତି ମୁମୂର୍ଷୁ ଅବସ୍ଥାରେ ପହଞ୍ଚିଗଲା । ଲୋକସଂସ୍କୃତିର ପ୍ରେମ,

* *Folk Songs of Upper Thames. Alfred Williams. P—23F*

Digitized by srujanika@gmail.com

ସମାନତା, ବିଶ୍ୱାସ ବଦଳରେ ଏସବୁ ଲୋକମନରେ ଭରିଦେଲା ହିଂସା, ଦ୍ୱେଷ, ଅସାମ୍ୟ, ସନ୍ଦେହ, ପ୍ରବଞ୍ଚନା, ଧନୀଗରିବ ଭେଦଭାବ, ସାଧାରଣ ଓ ପ୍ରଭାବଶାଳୀ ବ୍ୟକ୍ତିତ୍ୱର ପରିଚୟ। ଶସ୍ତା ରାଜନୀତି ମଧ୍ୟ ପ୍ରାଚୀନ ସଂସ୍କୃତିର ଅବମୂଲ୍ୟନରେ କିଛି କମ୍ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରି ନାହିଁ। ଆଗରୁ ହାଣ୍ଡିମୁଣ୍ଡିଆ ଗୃହ, ଆତ୍ମନିର୍ଭର ଅର୍ଥନୀତି, ଗ୍ରାମ୍ୟ କାରିଗରୀ ଶିଳ୍ପ ପାଇବା ସଙ୍ଗେ ସଙ୍ଗେ ଲୋକକଳାର ଏକ ଉଜ୍ଜ୍ୱଳ ଧାପାଟିଲେକ ସ୍ତିମିତ ହୋଇ ଆସିଲା। ଲୋକଙ୍କ ଭିତରେ ବାହ୍ୟ ଓ ଆଭ୍ୟନ୍ତରୀଣ ପରିବର୍ତ୍ତନ ସୃଷ୍ଟି ହେଲା। ସେମାନଙ୍କ ଲୋକସଂସ୍କୃତି ଓ ନବ୍ୟ ସଂସ୍କୃତି ଏକ ମିଶ୍ରିତ ଅପସଂସ୍କୃତିର ସୃଷ୍ଟି କଲା। ସେ ଅପସଂସ୍କୃତି ଆଗର ସୌହାର୍ଦ୍ଦ୍ୟକୁ ନଷ୍ଟ କଲା।

The present day urge and cry for urbanisation and modernisation has overwhelmingly metamorphosed the original foundations of folk culture and has dragged it down to state of veritable decadence. *

ବୈଜ୍ଞାନିକ ଅଗ୍ରଗତି ହିଁ ଲୋକ-ସଭ୍ୟତାର ଯମ ହୋଇଛି; ତାର ସାଂସ୍କୃତିକ ମୃତ୍ୟୁର ଅନ୍ୟତମ କାରଣ ହୋଇଛି।

ଏଠି ମୁଁ ବୈଜ୍ଞାନିକ ଅଗ୍ରଗତିର ବିରୋଧ କରୁ ନାହିଁ, ଲୋକେ ଉନ୍ନତ ଅବସ୍ଥାରେ ରହିବା ଉଚିତ, ଭଲ କରି ପେଟେ ଖାଇବା ଉଚିତ, ପିନ୍ଧିବା ଉଚିତ, ରହିବା ଉଚିତ, କିନ୍ତୁ ପ୍ରକୃତରେ ଏହା ହୋଇପାରୁଥିଲେ ହୁଅନ୍ତା। ବୈଜ୍ଞାନିକ ପ୍ରଗତି ମୁଷ୍ଟିମେୟ ଧନୀବାଲାଙ୍କର କ୍ରୀତଦାସ ହୋଇ ନ ଥିଲେ ଦୁଃଖ କରିବାର କିଛି ନ ଥିଲା। ସେହି ଦରିଦ୍ର ଲୋକମାନେ ନିଜର ପ୍ରାଚୀନ ସଂସ୍କୃତି ହରାଇଲେ, କିନ୍ତୁ ନୂତନ ସଂସ୍କୃତି ପାଇଲେ ନାହିଁ। ସେମାନଙ୍କ ହାତରୁ ବି ଗଲା, ପତରରୁ ବି ଗଲା। ସେମାନେ ଅନେକାଂକ୍ଷିତ ପରାଶ୍ରିତ ହୋଇ ବଞ୍ଚିବାକୁ ବାଧ୍ୟ ହେଲେ। ତା'ସାଙ୍ଗକୁ ରେଡ଼ିଓରେ ସମ୍ବଲପୁରୀ ଲୋକଗୀତ ନାମରେ ନୂଆ ଲେଖାଗୀତମାନ ପ୍ରଚାରିତ ହେଲା। ଲୋକବାଦ୍ୟ ମୁହୁରୀ, ନିଶାନ ପ୍ରଭୃତି ବାଜିଲା ନାହିଁ। ଲୋକଶିଳ୍ପୀମାନଙ୍କୁ ସ୍ଥାନ ଦେବା ବଦଳରେ ଆକାଶବାଣୀ ଶିଳ୍ପୀମାନଙ୍କ କଣ୍ଠରୁ ଗୀତ ଶୁଣାଗଲା। ଅର୍କେଷ୍ଟ୍ରା, ବେଣ୍ଡପାର୍ଟି, ବଙ୍ଗୋ କଙ୍ଗୋରେ ସମ୍ବଲପୁରୀ ନୃତ୍ୟ ଶୋ, ପାଉଡ଼ର ଲିପଷ୍ଟିକ ଲଗାଇ ଦୂର ଦର୍ଶନରେ ପ୍ରଦର୍ଶନ କରାଗଲା। ବିଦେଶୀ ସଭ୍ୟତା, ଭାଷା, ସଂସ୍କୃତି, ଆଧୁନିକ ସାହିତ୍ୟ, ପ୍ରାଚୀନ ସାହିତ୍ୟ, ବିଦେଶୀ ଧର୍ମ ଓ ମିଶନାରୀମାନେ ମଧ୍ୟ ଏ ଲୋକ ସଂସ୍କୃତିର ପତନ ପାଇଁ ଦାୟୀ।

ବୈଜ୍ଞାନିକ ବିଶ୍ଳେଷଣର ଏ ଯୁଗରେ ଯେତେବେଳେ ମଣିଷ ଜୀବନ ଦିନକୁ ଦିନ ଆପାତତଃ ଜଟିଳ ସମସ୍ୟାବଳୀର ସମ୍ମୁଖୀନ—ଆଜିର ବିଗ୍ରହିକ, ମନୋବୈଜ୍ଞାନିକ, ନୃତତ୍ତ୍ୱ-

---

* *Impact of modernisation on folk culture. J. K. Das Orissa Review Vol. XXXV. No. 5 P—42*

Digitized by srujanika@gmail.com

ଶାସ୍ତ୍ରୀ, ସମାଜଶାସ୍ତ୍ରୀଙ୍କ ସମ୍ମୁଖରେ ମଣିଷର ମୁଖ୍ୟ ସମସ୍ୟାବଳୀର ସମାଧାନ ଅନ୍ୱେଷଣ ମୁଖ୍ୟ କର୍ତ୍ତବ୍ୟ ହୋଇଉଠିଛି । ଇତିହାସ ଗର୍ଭରେ ବିସ୍ମୃତ ତତ୍ତ୍ୱରାଜି, ଯାହା କାଳଚକ୍ରରେ ସବୁଦିନ ପାଇଁ ଅବଲୁପ୍ତ, ତାର ରହସ୍ୟୋଦ୍‌ଘାଟନ ଆଜି ଏକାନ୍ତ ଅପରିହାର୍ଯ୍ୟ । ଗତ ପ୍ରଥମ ବିଶ୍ୱଯୁଦ୍ଧର ପରେ ପରେ ଗଣଜୀବନରେ ଶୂନ୍ୟତା, ନିରାଶା, ଅଭାବ, ଅସ୍ଥିରତା ପ୍ରବେଶ କଲା । ଯାର ପ୍ରଭାବ ସବୁଦେଶରେ କଳା ଓ ସାହିତ୍ୟରେ ପ୍ରତିଫଳିତ ହେଲା । କଳାକାର ଗଣଜୀବନର କଠୋର-ତର୍କସମ୍ମତ ତର୍କରୁ ପଳାୟନ କରିବାକୁ ଚାହିଁଲେ । ଯାନ୍ତ୍ରିକ ଜୀବନରୁ ପଳାୟନ କରି ସେମାନେ ଆଦିମ ଏବଂ ମୂଳ ଭାବନାର ଅଭିବ୍ୟଞ୍ଜନା ଆରମ୍ଭ କରିଦେଲେ । ଏସବୁ ସାହିତ୍ୟ, ଚିତ୍ରକଳା, ସଙ୍ଗୀତ ଇତ୍ୟାଦି ସବୁକ୍ଷେତ୍ରରେ ଦୃଷ୍ଟିଗୋଚର ହେଲା । କଳାକାରଗଣ କଳାପ୍ରେରଣା "ଜନସାଧାରଣଙ୍କ କଳା" ବା "ଲୋକକଳା"ରୁ ପରିଗ୍ରହଣ କଲେ ।

It is no wonder that in the 20th century the people found themselves no longer satisfied by the state of affairs created by the supremacy of reason The age of reason is fading away. Seeking refuge in other values, the people turn from the rational to the irrational. The turning away from reason can be traced in religion; in art, in science, in politics. In art the movement away from reason and reality has found expression in different fashions that come to the fore since world war I; cubism, futurism, symbolism, expressionism, and most typical in this respect; surrealism. *

ଠିକ୍ ଏତିକିବେଳେ ନୃତତ୍ତ୍ୱଶାସ୍ତ୍ରୀ ଓ ସମାଜବିତ୍‌ଙ୍କ ଦୃଷ୍ଟି ଲୋକ ସାଧାରଣଙ୍କ ଜୀବନ, ବ୍ୟବହାର ଇତ୍ୟାଦି ଅଧ୍ୟୟନ କରିବା ଦିଗରେ ଆକର୍ଷିତ ହେଲା । ସେମାନେ ଦେଖିଲେ ଯେ ଅଶିକ୍ଷିତମାନଙ୍କର ବି ସେଇ ହୃଦୟ ଅଛି । ସେମାନଙ୍କ ମଧ୍ୟରେ ବି ସୌନ୍ଦର୍ଯ୍ୟ-ଲିପ୍ସା ରହିଛି । ସେମାନଙ୍କ କଣ୍ଠରେ ଶହ ଶହ ଅଲିଖିତ ଗୀତର ବିଦ୍ୟମାନତା । ଏଇ ଅସଭ୍ୟମାନେ ମଧ୍ୟ ଚିତ୍ରକଳା ଜାଣନ୍ତି । ଏଥିରେ ଅଧିକ ସ୍ୱଚ୍ଛତା ନ ଥିଲେ ମଧ୍ୟ ଅନୁଭୂତି ଗାମ୍ଭୀର୍ଯ୍ୟ, ଜୀବନର କଠୋର ସତ୍ୟକୁ ବୁଝିବା ଭଳି ତୀକ୍ଷ୍ଣ ଦୃଷ୍ଟି ରହିଛି । ଏମାନେ ସେ କଠୋରତାକୁ ଭୁଲିଇବା ପାଇଁ ମଧ୍ୟ ପ୍ରୟାସୀ । ଦିନସାରା କଠିନ ଖଟଣୀ ପରେ ଏମାନେ ପ୍ରକୃତି ସଙ୍ଗେ ଗାଇ ଉଠନ୍ତି । ବିଂଶ ଶତାବ୍ଦୀର ଚତୁର୍ଥ ଦଶକରେ ବୈଜ୍ଞାନିକମାନଙ୍କ ସଙ୍କୁଚିତ ଦୃଷ୍ଟି ଜନସାଧାରଣଙ୍କ ଆଡ଼କୁ ଆକର୍ଷିତ ହେଲା । ※

---

* *The future of the west. By J. G. De Beus*
Chap. VIII. PP– 102-103

※ ଛତିଶଗଡ଼ୀ ଲୋକଗୀତ : ଶ୍ରୀ ଯୁଗଳ କିଶୋର ବହିଦାର
ଅଗ୍ରଣୀ; ପୃଷ୍ଠା—୨୫ :

Digitized by srujanika@gmail.com

ମହାତ୍ମାଗାନ୍ଧୀ ଲୋକଗୀତକୁ ସମଗ୍ର ସଂସ୍କୃତିର ପ୍ରହରୀ ବୋଲି ଅଭିହିତ କରିଛନ୍ତି, ଡଃ ଉମାଶଙ୍କର ଶୁକ୍ଳ ଏଥିରେ ଭାରତୀୟ ସଂସ୍କୃତିର ଏକତା ଦେଖିଛନ୍ତି । ନୀଳ ଲୋକପତି ରାୟ ଏଥିରେ ଦେଶର ପ୍ରକୃତ ଇତିହାସ, ତାର ନୈତିକ ଓ ସାମାଜିକ ଆଦର୍ଶର ସନ୍ଧାନ ପାଇ କହିଛନ୍ତି ଯେ ଏହାର ନାଶ ଆମ ପାଇଁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ସମ୍ବଲପୁରୀ ଲୋକଗୀତର ସଂରକ୍ଷଣ ବିନା ଏ ଅଞ୍ଚଳର ଲୋକସଂସ୍କୃତି ଲୋପ ପାଇବ । ଏହାର ଅନୁଧ୍ୟାନ ପାଇଁ ବିଧିବଦ୍ଧ ଭାବେ ଏଯାଏଁ କୌଣସି ପ୍ରଚେଷ୍ଟା ହୋଇ ନାହିଁ । ବ୍ୟକ୍ତିଗତ ଉଦ୍ୟମରେ ସର୍ବଶ୍ରୀ ଦୁର୍ଗାପ୍ରସାଦ ନାଏକ, ନରସିଂହପ୍ରସାଦ ଗୁରୁ, ଅଶ୍ୱିନୀକୁମାର ପୂଜାରୀ, ଗୋପବନ୍ଧୁ ରଥ, ନିମାଇଁ ଚରଣ ପଣ୍ଡା, ଡଃ ମନୀନ୍ଦ୍ର ମହାନ୍ତି, ମଙ୍ଗଳୁଚରଣ ବିଶ୍ୱାଳ, ଅତିମଳ୍ୟ ପ୍ରଧାନ ରମେଶଚନ୍ଦ୍ର ନାଏକ, ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ, ପ୍ରଫୁଲ୍ଲ ତ୍ରିପାଠୀ, ଦୀନନାଥ ପାଠୀ ତୋଳାମଣି ପ୍ରଧାନ, ନାରାୟଣ ପୁରୋହିତ, ହୃଦୟମଣି ପ୍ରଧାନ ପ୍ରମୁଖ ସମ୍ବଲପୁରୀ ଲୋକସାହିତ୍ୟ ସଂସ୍କୃତି ଉପରେ କେତେକ ସନ୍ଦର୍ଭ ପ୍ରକାଶ କରିଛନ୍ତି । ୰ ବୃନ୍ଦାବନ ନାଥ ଶର୍ମା ରାଜ୍ୟରତ୍ନ, ୰ ବଳଭଦ୍ର ବହିଦାର ଏବଂ ସତ୍ୟ ନାରାୟଣ ବହିଦାର ସମ୍ବଲପୁରୀ ଭାଷାର ବିଖ୍ୟାତ ବ୍ୟାଖ୍ୟାକାର ରୂପେ ସୁପରିଚିତ । ସ୍ୱର୍ଗତ ସତ୍ୟନାରାୟଣ ବହିଦାର ପ୍ରଥମ କରି ସମ୍ବଲପୁରୀ ଭାଷାର ବ୍ୟାକରଣ ରଚନା କରି ସମ୍ବଲପୁରୀ ଭାଷାର ପାଣିନୀ ହୋଇପାରିଛନ୍ତି । ବ୍ୟାକରଣର ପ୍ରଥମ ଭାଗ ପ୍ରକାଶିତ ହୋଇଛି । ଅନ୍ୟାନ୍ୟ ଭାଗର କାମ ସରିବା ପୂର୍ବରୁ ସେ ମୃତ୍ୟୁ ବରଣ କରିଛନ୍ତି । ଏ କ୍ଷେତ୍ରରେ ଶ୍ରୀଗଣନାଥ ଗଡ଼ତିଆ ଓ ଶ୍ରୀ ଭଗିରଥୀ ନେପାକଙ୍କ ଅବଦାନ ମଧ୍ୟ ଅଭିନନ୍ଦନୀୟ । ସମ୍ବଲପୁର ବିଶ୍ୱବିଦ୍ୟାଳୟ ମୁଖପତ୍ର "ସପ୍ତର୍ଷି", କଟକ ଓଡ଼ିଆ ପଲ୍ଲୀ ସାହିତ୍ୟ ସମିତିର ମୁଖପତ୍ର "ବଉଳବେଣୀ"ର ଅବଦାନ ମଧ୍ୟ ଯଥେଷ୍ଟ । କିନ୍ତୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏ ଭାଷା, ସଂସ୍କୃତି ଓ ଲୋକସାହିତ୍ୟର ରକ୍ଷଣାବେକ୍ଷଣ ଦିଗରେ ଯାହା କରିବା କଥା, ତାହା କରି-ପାରି ନାହିଁ । ସମ୍ବଲପୁରୀ ଲୋକସାହିତ୍ୟ ଉପରେ ଏଯାଏ କୌଣସି ସ୍ୱତନ୍ତ୍ର ପୁସ୍ତକ ପ୍ରକାଶ ପାଇ ନାହିଁ । ସେଇ ଦୃଷ୍ଟିରୁ ଏଇ ପୁସ୍ତକଟି ପ୍ରଥମ ।

ଗ୍ରାମ୍ୟ ସାହିତ୍ୟ ବା ଲୋକସାହିତ୍ୟ ବିଶ୍ୱର ସବୁ ସାହିତ୍ୟର ଜନନୀ । ଗ୍ରାମ୍ୟଭାବରୁ ହିଁ ସବୁ ସଂସ୍କୃତିର ଜନ୍ମ ! ସବୁ ସାହିତ୍ୟର ସେ ଜନନୀ । ଏ ଦୃଷ୍ଟିରୁ ପୃଥିବୀର ସମସ୍ତ ପ୍ରଥମ ଲିଖିତ ସାହିତ୍ୟରେ ଏହାର ପ୍ରଭାବ ପ୍ରାବଲ୍ୟ ଅନୁଭୂତ ହୁଏ । ସାହିତ୍ୟରେ ଯେତେ ପରୀକ୍ଷା ନିରୀକ୍ଷା ଚାଲିଥିଲେ ମଧ୍ୟ ଲୋକସାହିତ୍ୟର ପ୍ରଭାବରୁ ସାହିତ୍ୟ ମୁକ୍ତ ହୋଇ ନାହିଁ, କି ପାରିବ ନାହିଁ ମଧ୍ୟ । ଅତ୍ୟାଧୁନିକ ସାହିତ୍ୟରେ ମଧ୍ୟ ମିଥ୍, ରୂପକ, ପ୍ରତୀକ ରୂପରେ ଲୋକ ଚରିତ୍ର-ମାନଙ୍କର ଅବତାରଣା ସାହିତ୍ୟର ଭାବଗାମ୍ଭୀର୍ଯ୍ୟ ବଢ଼ାଇବା ସଙ୍ଗେ ସଙ୍ଗେ ତାର ସଂପ୍ରେଷଣୀୟତା ବୃଦ୍ଧି କରୁଛି ।

ସମ୍ବଲପୁରୀ ଭାଷାରେ ଯେତେକ କାବ୍ୟ କବିତା ରଚିତ ହୋଇଛି, ସେସବୁରେ ବିଭିନ୍ନ ଲୋକଗୀତର ପ୍ରଭାବ, ସୁର, ଶୈଳୀ, ଗଠନ ପରିପାଟିରେ ଅନୁଭୂତ ହୁଏ ।

Digitized by srujanika@gmail.com

ସମ୍ବଲପୁରୀ ଅଞ୍ଚଳର ନୃତ୍ୟ-ଗୀତ ବେଶ୍ ଲୋକପ୍ରିୟ । କେତୋଟି ସମ୍ବଲପୁରୀ ଗୀତର ସୁରସପଦ ନେଇ କେତେକ ଓଡ଼ିଆ ଓ ହିନ୍ଦୀ ଚଳଚ୍ଚିତ୍ରର ସଙ୍ଗୀତ ଓ ଗୀତ ରଚନା କରାଯାଇଛି । ସମ୍ବଲପୁରୀ ଭାଷାରେ କାବ୍ୟକବିତା ସାଙ୍ଗକୁ ନାଟକ, ଫାର୍ସ, କ୍ଷୁଦ୍ରଗଳ୍ପ, ବ୍ୟାକରଣ ଲେଖାଗଲଣି । ଇଂରାଜୀ ପ୍ରଭୃତି ଭାଷାର ଅନୁବାଦ ମଧ୍ୟ ପ୍ରକାଶ ପାଇଲଣି । ଗୀତା-ଭାଗବତର ଅନୁବାଦ ହେଲଣି । ଆକାଶବାଣୀ ପାଇଁ ମୁଁ ଏକ ସମ୍ବଲପୁରୀ ଗୀତିନାଟ୍ୟର ହିନ୍ଦୀ ଅନୁବାଦ ମଧ୍ୟ କରିଥିଲି ।

ସମ୍ବଲପୁରୀ ଲୋକସାହିତ୍ୟ ବ୍ୟାପକ । ଏଥିରେ ମୁଁ ସମ୍ବଲପୁରୀ ପର୍ବପର୍ବାଣି ଗୀତ, ଲୋକନୃତ୍ୟ, ଲୋକଗଳ୍ପ ଆଦି ଉପରେ ବିଶେଷ କିଛି କହି ନାହିଁ । ଲୋକଗୀତକୁ ମୁଁ ମୁଖ୍ୟ ରୂପେ ଏ ବହିରେ ଗ୍ରହଣ କରିଛି । ଏଥିରେ ସନ୍ନିବେଷ୍ଟ ଲୋକଗୀତ ବାହାରେ ବି ଆହୁରି ଅନେକ ସମ୍ବଲପୁରୀ ଲୋକଗୀତ ରହିଛି, ଯୋଉଗୁଡ଼ିକୁ ସମସ୍ତ ଓ ସମ୍ପୂର୍ଣ୍ଣ ଭାବରେ ମୁଁ ଏଥିରେ ନେଇପାରି ନାହିଁ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ପଶ୍ଚିମ ଓଡ଼ିଶା ଲୋକସାହିତ୍ୟ ସର୍ଭେ କାର୍ଯ୍ୟକ୍ରମରେ ଡ. ମନୀନ୍ଦ୍ର ମହାନ୍ତିଙ୍କ ଅନୁରୋଧ କ୍ରମେ ମୁଁ ବହୁ ଲୋକଗୀତ ସଂଗ୍ରହ କରିଥିଲି । ସେସବୁ ବିଶ୍ୱବିଦ୍ୟାଳୟ ପ୍ରକାଶ କରିବାର ଥିଲା, କିନ୍ତୁ ତାହା କଣ ହେଲା ଜଣାପଡ଼ୁ ନାହିଁ ।

ଯେ ଯାହାହେଉ ସମ୍ବଲପୁରୀ ଲୋକସାହିତ୍ୟ ଉପରେ ପରବର୍ତ୍ତୀ କାଳରେ ଯେଉଁମାନେ ଗବେଷଣା, ଅଧ୍ୟୟନ କରିବାକୁ ଆଗେଇ ଆସିବେ ମୋର ଏହି ସମ୍ବଲପୁରୀ ଲୋକସାହିତ୍ୟ ପୁସ୍ତକଟି ସେମାନଙ୍କୁ ଏ ସାହିତ୍ୟ ବିଷୟରେ ଏକ ସାଧାରଣ ଧାରଣା ଦେଇପାରିଲେ ଶ୍ରମ ମୋର ସାର୍ଥକ ହେବ ।

ମନୀଷା ଇଣ୍ଟରନେଶନାଲ
ଭୁତାପଡ଼ା, ସମ୍ବଲପୁର—୧

କୁମାର ହସନ୍
୨୭ ମାର୍ଚ୍ଚ, ୧୯୮୭

Digitized by srujanika@gmail.com

Digitized by srujanika@gmail.com

ସମ୍ବଲପୁରୀ ଲୋକଗୀତ : ସଜନୀ

ସମ୍ବଲପୁର ଜିଲ୍ଲାରେ କରମା, ରସରକେଲି, ଡାଲଖାଇ, ମାଏଲଜଡ଼, ଚଇତ, ହୁମୋବଉଲି, ନଚଆଗୀତ ପ୍ରଭୃତି ଯେତେ ପ୍ରକାର ଲୋକଗୀତର ପ୍ରଚଳନ ଅଛି, ତାହା ମଧ୍ୟରେ 'ସଜନୀ' ସର୍ବାପେକ୍ଷା ବେଶି ଲୋକପ୍ରିୟତା ଅର୍ଜନ କରିପାରିଛି ।

ସଜନୀ ପ୍ରେମ-ପ୍ରଣୟର ଗୀତ । ସଜନୀ ବିଦ୍‌ଗଧ ଅନ୍ତରର ସଂଗୀତ ହେଲେ ହେଁ, ତାହା ସମସାମୟିକ ସମାଜର ବ୍ୟାପକ ଅବିଚାର, ଅନାଚାର, ଅନ୍ୟାୟ, ଅତ୍ୟାଚାର, ଶୋଷଣ ବିରୁଦ୍ଧରେ ଏକ ଆଗ୍ନେୟ ଆକ୍ଷେପ ।

ସମ୍ବଲପୁର ଜିଲ୍ଲାର ଅଧିକାଂଶ ଗିରି-ଅରଣ୍ୟମୟ । ଏଠାର ଲୋକସଂଖ୍ୟାର ଶତକଡ଼ା ୭୫ରୁ ୮୦ ଭାଗ ଗ୍ରାମବାସୀ । ଆଜି ଗାଁମାନଙ୍କରେ ଯନ୍ତ୍ରସଭ୍ୟତାର ପ୍ରଚାର, ବିଦ୍ୟାଳୟ, ପାଠାଗାର, ଚଳଚ୍ଚିତ୍ର, ଆକାଶବାଣୀ ଓ ଦୂର ଦର୍ଶନ ପ୍ରଭୃତିର ପ୍ରସାର ପରେ ଗାଁର ପୁରୁଣା ଲୋକନାଟ୍ୟ, ଲୋକକଥା, ଲୋକଗୀତ, ଲୋକକଳା ଅର୍ଥାତ୍ ଲୋକସଂସ୍କୃତିର କ୍ରମ ବିଲୋପ ହେବାରେ ଲାଗିଛି । ଆଜି ଗାଁରେ ସହରୀ ଯାନ୍ତ୍ରିକ ସଭ୍ୟତାର ସଂକ୍ରମଣ, ଭେଜାଲ ସଭ୍ୟତାର ପ୍ରସରଣ ; ଫଳତଃ 'ଲୋକଗୀତ' ସଜନୀକୁ ମଧ୍ୟ ବିକାଶ ରୂପ ଦିଆଯାଇ ଉଚ୍ଛୃଙ୍ଖଳ ଯୁବକର ପ୍ରକାଶ୍ୟ ରତି-ପ୍ରାର୍ଥନାରେ ପରିଣତ କରାଯାଉଛି । ତାର ଭାବ-ଗାମ୍ଭୀର୍ଯ୍ୟ, ପବିତ୍ର ଆନ୍ତରିକତାକୁ ବ୍ୟାହତ କରାଯାଉଛି । ତଥାପି ତାର ଜୀବନୀ ଶକ୍ତି ପ୍ରଚୁର । ସଜନୀ ଜଡ଼ ବା ମୃତ ନୁହେଁ । ସେ ଚିରଞ୍ଜୀବିତ ଭାବନା ପରି ମଧୁର, କଳ୍ପନା ପରି କମନୀୟ, ସ୍ୱପ୍ନ ପରି ସଂଚରଣଶୀଳ, ଆଉ ଜୀବନ ପରି ଯଥାର୍ଥ । ସଜନୀ ଶୋଷିତ ସର୍ବସାଧାରଣର ପ୍ରତିନିଧିତ୍ୱ କରି ଆସିଛି । ସଜନୀ ଗ୍ରାମ୍ୟ ଯୁବ-ମାନସର ଆବେଗିତ ଗୀତି ପ୍ରତିକ୍ରିୟା । ତାର ମୁକ୍ତ ସ୍ୱାଧୀନ ଚିନ୍ତା ଆତ୍ମପ୍ରକାଶର ସୁପରିବାହକ । ତାର ଯୌବନସୁଲଭ ଉନ୍ମାଦନା, ଉଦ୍ଦୀପନାର ସମବାଚୀନ ପ୍ରାଚୀନ ଜରାଜୀର୍ଣ୍ଣ ବୃଦ୍ଧ କୁସଂସ୍କାର, ନୀତିନିୟମ, ବୈଷମ୍ୟ, ଜାତିଆଣ ଭାବ ବିରୁଦ୍ଧରେ ଏକ ଆଦମ ଯୁଦ୍ଧ ଡାକରା । ମୁକ୍ତ ପ୍ରକୃତିର ଆହ୍ୱାନ, ସ୍ନେହ-ପ୍ରେମ-ମମତାର ପ୍ରାକୃତିକ ବର୍ଣ୍ଣବିବରଣୀ, ସାମାଜିକ ଅସାମାଜିକତାର ଆଗ୍ନେୟ ଆଲେଖ୍ୟ, ଉନ୍ମତ୍ତ ତରୁଣ ତରୁଣୀର ତାରୁଣ୍ୟର ଓଠର ସ୍ମିତହାସ ଆଉ ଆଖିର ଲୁହ; ସୁଦ୍ଧ ପ୍ରମାଣେ କହିଲେ ସଜନୀ ହେଉଛି ଶାନ୍ତି, ମୈତ୍ରୀ, ପ୍ରଗତିର ସଙ୍କେତ, ମାନବିକତାର ଏକ ଦରିବାରେଣୀ ଧ୍ରୁବତାରା ।

Digitized by srujanika@gmail.com

ସଜନୀ ଗୀତ ପ୍ରତି ଏକ ମସ୍ତବଡ଼ ଆକ୍ଷେପ କରାଯାଇଥାଏ ଯେ ଏହା ଅତ୍ୟନ୍ତ ଅଶ୍ଳୀଳ, ଅସାମାଜିକ ; କିନ୍ତୁ ଏଇଟା ଏକ ଭିତ୍ତିହୀନ ଆକ୍ଷେପ । ସଜନୀ ସମଗ୍ର ଜୀବନର ଜ୍ୱଳନ୍ତ 'ଅଭିଲେଖ,. ଜୀବନ ପରି ଶ୍ଳୀଳ ଆଉ ଅଶ୍ଳୀଳ । କାହାର ଜୀବନରେ ତଥାକଥିତ ଅଶ୍ଳୀଳତା ନାହିଁ । ଅଶିକ୍ଷିତ ବା. ଅର୍ଦ୍ଧ-ଶିକ୍ଷିତ ଜନତା ନିଜ ଭାବୋଚ୍ଛ୍ୱାସକୁ ପରିବର୍ଦ୍ଧିତ ରୂପରେ ଅଭିବ୍ୟକ୍ତ କରିଜାଣନ୍ତି ନାହିଁ । ସେମାନେ ଯାହା ଭାବନ୍ତି, ଯାହା କହିବାକୁ ଚାହାନ୍ତି, ତାହା ସିଧା ସଳଖ ଭାବରେ, ସରଳ ଭାବରେ ସାମ୍ନାସାମ୍ନି କହିଯାନ୍ତି । ଏଣୁ ସେଥିରେ ପ୍ରତୀକାତ୍ମକତା symbolism ର ପ୍ରଭାବ ଅନେକଟା ବେଶି । ଭି. ଏଲ୍‌ୱିନ୍ ଛତିଶଗଡ଼ୀ ଲୋକଗୀତ ସମ୍ପର୍କରେ ଯାହା କହିଛନ୍ତି, ତାହା ଆମର ଏଇ ଲୋକଗୀତ 'ସଜନୀ' ପ୍ରତି ମଧ୍ୟ ସମ ପରିମାଣରେ ପ୍ରଯୁଜ୍ୟ ହୋଯାଇପାରେ—**Perhaps, the most obvious technical-device of these ?poems is the symbolism. This is the only extension into verse of the habits of ordinary life, for people do converse all day long in symbolism.** *

ତା'ଛଡ଼ା "କାମ"କୁ ଜୀବନର ମୂଳଭୂତ ପ୍ରେରଣା ରୂପେ ସ୍ୱୀକାର କରି ଫ୍ରୟେଡ଼ ସାହିତ୍ୟକୁ ଅଭୁକ୍ତ କାମ-ବାସନାର ପରିପ୍ରକାଶ ବୋଲି ମନେକରିଛନ୍ତି । ଆମର ଅଭୁକ୍ତ ବା ଅତୃପ୍ତ କାମବାସନା ସ୍ୱପ୍ନର ଅଚେତନାବସ୍ଥାରେ କାବ୍ୟ-ସୃଜନର ଅର୍ଦ୍ଧଚେତନ ଅବସ୍ଥାରେ ହିଁ ପରିତୃପ୍ତ ହୁଏ ଏବଂ ଏହି ଅଭୁକ୍ତ କାମ ହିଁ ସ୍ୱପ୍ନରେ ଗୁପ୍ତାଚ୍ଛନ୍ନ ଶବ୍ଦ ରଚନାକରେ । ବସ୍ତୁତଃ, ତାହା ହିଁ କାବ୍ୟ-କବିତା ବା କଳାର ମୂଳାଧାର । ତେଣୁ ହୃଦୟର ଦମିତ ବାସନା ବିକାଶ ଓ ଆତ୍ମପ୍ରକାଶର ପଥ ଖୋଜୁଁ ଖୋଜୁଁ କାବ୍ୟକଳା ସୃଷ୍ଟ୍ୟାଦି ସୃଷ୍ଟି କରେ । କଳା ଓ କାବ୍ୟର ମୂଳରେ ସୌନ୍ଦର୍ଯ୍ୟୋପାସନା ଭାବନାର ବିଦ୍ୟମାନତା ବି ଏହାର ସମର୍ଥନ କରେ । ଏଣୁ, ହୃଦୟର ସହଜ ଭାବ ଉପରେ ଅଙ୍କୁଶ ପ୍ରୟୋଗ କରି ତାକୁ ବେକାବୁ କରି ରଖିବା ଏକ ଅହେତୁକ, ଭିତ୍ତିହୀନ ମୂର୍ଖତା ଓ ଧୃଷ୍ଟତା ବ୍ୟତିରେକେ ଆଉ କଣ ବା ହୋଇପାରେ ? ପ୍ରକୃତରେ ଯଦି ଜୀବନରୁ ଅଶ୍ଳୀଳତା ନାମଧେୟ ଅଜବ୍ ବସ୍ତୁକୁ ବାଦ୍‌ଦେଇ ଦିଆଯାଏ, ତେବେ ଜୀବନରେ ଆଉ କଣ ବା ରହିଲା ? ତା'ଛଡ଼ା ସଜନୀର ମୁଖ୍ୟ ପ୍ରତିପାଦ୍ୟ 'କାମ' ନୁହେଁ 'ପ୍ରେମ' । ସେହି ପ୍ରେମଟା ସୁଦୂରପ୍ରସାରୀ ମାନବିକତା ଭିତରେ ସମାଛନ୍ନ । କେବଳ ସ୍ତ୍ରୀ-ପୁରୁଷର ଦୈହିକ ସମ୍ପର୍କ ଅପେକ୍ଷା ଆହୁରି ବଡ଼, ଆହୁରି ବିଶାଳ ।

ସଜନୀ ଜୀବନର ପ୍ରତ୍ୟେକଟି ଶ୍ରେଷ୍ଠ-ବଡ଼, ସୁନ୍ଦର-ଅସୁନ୍ଦର, ସୁଖ-ଦୁଃଖ, ଜୀବନର ସମସ୍ତ ବିଭବ ବିଜଡ଼ିତ । ଏହା ଜୀବନକୁ ଆହୁରି ସୁଖମୟ ଅଧିକ ରୁଚିବନ୍ତ କରିଥାଏ ।

---

* *Jolk songs of Chhatisgarh : V. Elvin. Introduction.*

Digitized by srujanika@gmail.com

ଯୌବନ ହେଉଛି ଜୀବନର ପ୍ରକୃଷ୍ଟ ସମୟ । ସମ୍ବଲପୁରୀ 'ଲୋକଗୀତ 'ସଜନୀ'ରେ ଏହି ଯୌବନ ବା ବସନ୍ତର ବର୍ଣ୍ଣନା ଏହିପରି—

—କୁକୁର ମାଛର ବଣ
ଆମେ ହୋଇଅଛୁଁ ପିଲ୍ ବୟସରେ
ଆମ, ମୁହଁରୁ ଯାଉଛି ରସ, ସଜନୀରେ ।
—ମଲ୍ ଫୁଲ ଗୁଞ୍ଜ ଗୁଞ୍ଜ
ପୀରତ କରମା ମୂବାକେ ମୂବାରେ
ଧନ, ଗୃହ୍ଲଗଲେ ଦଶେ ଶୁଞ୍ଜ, ସଜନୀରେ ।

ମିଲର କହିଥିଲେ—**Hunger and love rule the world.** ସଜନୀରେ ଏହି ଭୋକ ଓ ପ୍ରେମର ଜ୍ୱଳନ ଜ୍ୱଳନ୍ତ । ପ୍ରେମ ପୃଥିବୀଠୁ ବଡ଼ । ସାରା ପୃଥିବରେ ପ୍ରେମର ଶ୍ରେଷ୍ଠତ୍ୱ ପ୍ରତିପାଦିତ ।

—ମହାଜନର ପେଜି ଗାର
ସଂସାର ମଧରେ ପୀରତ ସାରରେ
ଧନ, ଘର ହୋଇଗଲା ଦୂରରେ, ଗଲାର
ମଲ୍ ବୁଣ୍ଟାରେ ଉଡ଼େ ଗୃଦରରେ, ଗଲାର ।
—ନୂଆଁ ମହାଜନର ଟନ୍
ମନକେ ମହନୀ ନାଇଁପାରେ ଜଣିରେ
ଧନ, ମନଟା ସିନା ମହଜୀରେ, ସଜନୀ
ତୋର, ଗୃହା ବେଳେଁ ମୋର ଚନରେ, ସଜନୀ ।
—କାଟି ଗଲିଁ ଡାଲ୍ମଜ
ରୂପା ଫୁଲେ ରଙ୍ଗା ନାଇଁ ଗରଜରେ
ଧନ, ପୀରତ କରମା ଆଜରେ, ନାଗର
ଅଧା ରାତରେ ଜଲେ ଜାଗର, ରେ ନାଗର ।
—ସଡ଼କେ ବସିଲା କାଉ
ତୋର ଲାଗି ମୋର ଜୀବନ ଯାଉ ହୋ
ବାବୁ, ତୋର ମୋ ପୀରତ ରହୁ ରେ, ଗୃଲ୍ସିମା
ଲୋକେ ଦେଖିଲେ ଜବାବ ଦେମା ରେ, ଗୃଲ୍ସିମା ।
—ଗଛକୁ ପତର କେତେ
ଜାନ୍ଥିବା ଯାକର୍ ନଗ୍ରୁଡେଁ ତୋତେ ରେ
ଧନ, ମରସିବା ପର୍ଯନ୍ତେ, ସଜନୀ ରେ ।

Digitized by srujanika@gmail.com

ସଜନୀର ଛନ୍ଦେ ଛନ୍ଦେ ରସିକତାର ପୁଷ୍ଟ ରହିଛି ।

—ମଲ୍ଲି ଫୁଲ ଗୁଣ୍ଠା କେତେ
ତୋ ପଣ ଧାଂଗର୍ କାନ ପନତେ ରେ
ଧନ, ଯୁଆ ଖେଲ ଦେଖି ତୋତେ, ରେ ରାଜନ,
ସତେ, ଉଡ଼ାଇ ମାରେ ପବନ, ରେ ରାଜନ !
—ଇତ ଇତ ଇତ ଇତ
ଘିଁଚ ଦେଖି ତୋର କାନ ପନତରେ
ନମୀ, ଲାଜରେ ଗାଇବୁ ଗୀତ ରେ, କିଶୋରୀ
ତୋର, ବାଲ ହୁଏ ମୁଣ ମୁଣ ରେ, କିଶୋରୀ !
—ତେଡେଲ୍ ଫଲଇ ବାଙ୍କେ
ନମୀର୍ ବାକ୍ ଜୁଗ୍ ବାବୁର ପଲଙ୍କେ ରେ
ଧନ, ମରୁଛେ ମାଏଝୀ ରଙ୍କେ ରେ, ସେ ଦନେ
ତୋତେ, ଦେଖିଲି ସାତ ସପନେ ରେ, ସେଦନେ ।
—କାଲ୍ ଗାଛର କାଲ୍ ଖୁର
ଆଜିର ମହାପୁରୁ ମାଏଝୀ ଶୈର ହୋ
ସତେ, ବୃନ୍ଦାବନେ ତାଙ୍କର୍ ଘର, ନାଗର ହୋ ।

ପରକୀୟା ପ୍ରୀତ ସଂପର୍କରେ ମଧ୍ୟ ସଜନୀ ଊର୍ଦ୍ଧ୍ୱମୁଖ । ପରକୀୟା ପ୍ରୀତ ସୁସ୍ଥ, ସୁଂଦର ମଧୁର ଦାଂପତ୍ୟ ଜୀବନ ପ୍ରତି ଏକ ଅଭିଶାପ, ଏଥିରେ ବିଶେଷତଃ ପତ୍ନୀମାନଙ୍କର ଜୀବନ ବିଷମୟ ହୋଇଉଠେ ।

—ହାତ ଜାନ ଚପା ଚୁର
ମୁହିଁ ତ ଧନରେ ପର୍ହର ସ୍ତ୍ରୀଙ୍କ ରେ
ସତେ, ପଛନ୍ତ ମଣବୁ ଝୁର, ରେ କିଶୋର
ତୋର ଅରେକୁ ଅରେ ମୋହର, ରେ କିଶୋର
—ସାଏକଲର ଜୁଡ଼ା ନାଲ
ରଖନୀ ମାଏଝୀ ଗଲାର ହାର ରେ
ଧନ, ବନ୍ଧା ହେଲା ଢଣ ପର, ରେ ନାଗର ।
—ଡଲେଇ ଡଲର ଦୂବ
ପରର ସ୍ତ୍ରୀଙ୍କୁ ନକର ଲୁଭ ହୋ
ବାବୁ, ହୁଇ ଗୃଣଦନ ଭୋଗ, ରେ ଗଲାର
ତୋର ଗଲରେ ଢଡ଼େ ଗୃଦର, ରେ ଗଲାର ।

Digitized by srujanika@gmail.com

—ଯାଆ ବୋଇଲକୁ ଗଲ
ଦାଣ୍ଡୁ ଦରପନ ହଜାଇ ଦେଲ ରେ
ହଟେ, ଶିକାମି ବୁଦ୍ଧି ମାନିଲ, ରେ ନବୀନା
ଭୁଇ, ଗଲେ ଘର ମୋର ଛୁଟନା, ରେ ନବୀନା ।

ପ୍ରଥମ ପ୍ରେମ ହିଁ ଶେଷ ପ୍ରେମ । ମଣିଷ ଜୀବନର ଭବିଷ୍ୟତକୁ ଅଧିକାଂଶତଃ ତାର ପ୍ରଥମ ଜୀବନର ପ୍ରେମ ହିଁ ନିୟନ୍ତ୍ରିତ କରେ । ପ୍ରେମବିହୀନ ଘର ନର୍କ ସଦୃଶ । ପ୍ରେମ ପାଇଁ ହୃଦୟ ଲୋଡ଼ା, ସମଦରଦୀ ମନଟିଏ ଆବଶ୍ୟକ । ପୁରୁଷଲାଗି ପ୍ରେମଟା ଏକ ମନବିନୋଦନ ଖେଳ ହୋଇପାରେ; କିନ୍ତୁ ଯୋଉଟା ନାରୀର ସମଗ୍ର ଜୀବନ ସଜନୀରେ ସେହି ଅନ୍ତରଙ୍ଗତାର ଜ୍ୱଳନ ପ୍ରଜ୍ୱଳିତ । ପୁରୁଣା ପ୍ରେମର ସ୍ମୃତି, ଯନ୍ତ୍ରଣା, ପରିଣାମ, ଅନୁତାପ ଆଦି ବିଷୟରେ ଏଇ କେତୋଟି ଦେଖନ୍ତୁ—

—ଧାଡ଼େବ ବଯା କରୁଛ
ପୁରୁଣା ପୀରତି ଦେଲ ମୂରୁଛରେ
ଧନ, ବସିଥି କପାଳ ପୁଛୁ ସଜନୀରେ ।

ସେହି ଆମ୍ବ ତୋଟା ସେମିତି ଅଛି, ସେଇଠି ପ୍ରଥମ ପ୍ରୀତିର ସ୍ମୃତି ଏବେ ବି ଝଲମଲ, ଅଥଚ ସେ ମନ ଦିଆନିଆ କଥା ଆଉ ନାହିଁ । ପୁରୁଷ ତାର ପ୍ରେମିକାକୁ ପ୍ରତ୍ୟାଖ୍ୟାନ କରିଛି । କିନ୍ତୁ ଶେଷର ବିମର୍ଷ ହୋଇ ସେଇ ପୁରୁଣା ଆନ୍ତରିକତାକୁ ଖୋଜି ସେଇ ପ୍ରଥମା ପ୍ରେମିକାର ଶରଣାପନ୍ନ ହେଲାବେଳେ ପ୍ରେମିକା କଣ୍ଠରେ ଫୁଟି ଉଠିଛି ଏକ ଅଶ୍ରୁସଜଳ ଅଭିମାନ ଭରା କଣ୍ଠରେ ଯେ ଗାଉଛି—

—ଲାଗିଛେ ଆମ ବୁଦିଇ
ଆଗର କଥା ବାବୁ ଦେଲୁ ଭୁଲଇ ହୋ
ଧନ, ପଛନ୍ତେ ହେଉ ଗୁରେହି, ସଜନୀରେ !

ପ୍ରେମ ଯେପରି ବାସ୍ତବ; ବିରହ, ବିଦାୟର ଜର୍ଜରିତ ଯନ୍ତ୍ରଣା ମଧ୍ୟ ସେମିତି ସତ୍ୟ । ସୁବ ମାନସ ଓ ମନୀଷାର କେତୋଟି ଉଦ୍‌ବେଳନ—

—କଅଁଳ ଆମ ପତର
ମୁବାକାଳେ ଖିଜା କଲ ଅନ୍ତର ହୋ
ଧନ, ଝୁରୁଛେ ଡାଳ ପତର, ରେ ଗଳାର !
—ଆହା ମନ ଯାହା କଲ
ଅଖିଆ ଫଳକୁ ଚଖାଇ ଦେଲ ରେ
ଧନ, ଝୁରି ମରିବୁ ବୋଇଲ, ରେ ସଜନୀ,
ତତେ ପେଷିବ ରାଜମହଲରେ ସଜନୀ ।

Digitized by srujanika@gmail.com

—ବାଣ ତେଗି ଗଲା ହନୁ
ଗୁପତ ପୀରତି ନ ଯାଏ ମନୁରେ
ଧନ, ଚନ୍ଦନ ଯାତରା ହନୁ, ସଜନୀରେ ।
—କଲ୍ଆ ଘୁଡ଼ାର ଜିନ
ଆଗେ କରିଥିଲୁ ଜୀବର ଧନରେ
ବାବୁ, ଏବେ କଲୁ ହୀନମାନ, ସଜନୀରେ ।
—ଆଉ କି ଦେଖିବି ସତେ
ହନକୁ ବନ୍ତରେ ଲାଗଇ ମୋତେ ରେ
ଧନ, ଝୁରିଗାଡ଼ ଅବା କେତେ, ସଜନୀ ରେ ।
—ଆମ୍ବାରେ ବାଙ୍ଗିଆ କନ୍ଥା
କପଣ ଆସୁନ୍ତୁ ଧୂକା ପବନରେ
ସତେ, ସେପରି ଲାଗୁଛି ମନ, ନାଗର ରେ ।

—ବାଡ଼ିରେ ପଡ଼ିଲା ତାଲ
ଆଗ କରିଥିଲୁ ଗଲାର ହାରରେ
ଧନ, ଏବେ କଲୁ ସାତ ପର, ରେ ଗଲାର ।

—ନଈକୁ ଟକା ପଥର
ତୋତେ ନ ଦେଖିଲି ହନା ପନ୍ଦରରେ
ଧନ, ତୋର ଗୃହଲି ବଡ଼ା ସୁନ୍ଦର, ରେ ନାଗର

—କାଟିଲି ତୁଇ ଭରନ
ତୋତେ ନ ଦେଖିଲେ ପନ୍ଦର ହନରେ
ଧନ, ଗୁଡ଼ି ଯାଉଛେ ଜୀବନ, ସଜନୀ ରେ !

—ମହାଜନ ଘର ଟିନ
ମୋତେ ଛାଡ଼ି କରି ଯାଉଛ ଧନ ହୋ,
ସତେ କପର କାଟିବି ହନ, ନାଗର ହୋ ।

—ଖଟ ତଳେ ପାନ ଗୁଣ୍ଡ
ଚାହିଁ ଗଲେ ମୋର ମନ ମୂରୁଣ୍ଡ ଗୋ,
ସତେ, ପଲଙ୍କ ପଡ଼ିଛେ ତୁଣ୍ଡ, ସଜନୀ ଗୋ ।

—ପାଳ ଖାଇଗଲା କଲେଣ୍ଡି
ଏକଲା ଶୁଇଲେ ହୃଦୟ ଥରେ ରେ,
ଧନ, କୁଲି ଶୁଇଥିଲେ ବନେ, ସଜନୀ ରେ ।

Digitized by srujanika@gmail.com

—ଉଦ୍‌ଦଲା ପୁନେଇ ଜହ୍ନ
ତତେ ଦେଖିବାକୁ ବଳୁଛେ ମନରେ
ସତେ, ତୁ ହେଲୁ ସାତ ସପନରେ, ମହୁଲ,
ତୋର ଗ୍ରନ୍ଥରେ ମୁଣ୍ଡା ଦେଇଲି ରେ, ମହୁଲ !
—ବଇଶାଖ ମାସର ଖରା
ଯେତେ ଗଛ ଖୁଣ୍ଟ ପଡ଼ର ଝରାରେ
ଧନ, ନୁରଲେ ନାହିଁ ଛଏଁଣୀ ସଜନୀରେ
—ହଳଦ୍ ଜାଟିଲି ଚୂଡେ
କାହାର ମହ୍ୱନୀ ଲଗିଲା ତୋତେ ରେ,
ଧନ, ଆଡ଼ମୁହାଁ କଲୁ ମୋତେ ନାଗର ରେ !

ସଜନୀ ବ୍ୟକ୍ତିଗତ ସମ୍ପର୍କରୁ ଉର୍ଦ୍ଧିତ ହୋଇ ପାରିବାରିକ, ସାମାଜିକ, ଜାତୀୟ ଓ ଆନ୍ତର୍ଜାତୀୟତା ଆଡ଼କୁ ଡାଳ ମେଲିଛୁ । ମନ ଥିଲେ ଘର ନାହିଁ, କି ଘର ଥିଲେ ମନ ନାହିଁ । ଏକ ସ୍ୱୟଂସମ୍ପୂର୍ଣ୍ଣ ଉଜ୍ଜ୍ୱଳ ଘରର ସ୍ୱପ୍ନରେ, ପରିବାରର ସ୍ୱପ୍ନରେ ସଜନୀ ଅନୁହସ୍ତ । ଏଣୁ ସେଇ ସମାଜ ଓ ସଂସାରର ମୂଳ ପିଣ୍ଡ ପରିବାରର ସୁଖଦୁଃଖ, ସ୍ୱପ୍ନକାମନାର ଅବାଧ ପରିପ୍ରକାଶ ବି ସଜନୀରେ ଦେଖିବାକୁ ମିଳେ । ଭଲ ହେଉ ବା ମନ୍ଦ ହେଉ ସତ କଥା କହିଦେଲେ ମନ ହାଲୁକା ହୋଇଯାଏ, ଅନେକ ଅଡୁଆ ଛୁଟିଯାଏ । ଏଣୁ ଘରର ଚୌକାଠ ଭିତରେ ସୀମାବଦ୍ଧ ଏକକ ସଂସାରର ନିହାତି ବ୍ୟକ୍ତିକ କଥାର ଅବତାରଣା ବି ସଜନୀରେ ଦେଦୀପ୍ୟମାନ । ସରଳ ସଜନୀର ମନଟା ଭାରି ଖୋଲା, କିଛି ଛନ୍ଦ ନାହିଁ, କପଟ ନାହିଁ କି ପ୍ରତାରଣା ନାହିଁ । ସତ୍ୟକୁ ଘୋଡ଼େଇ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିବାର ଆତୁରତା ବି ନାହିଁ ଏଥିରେ—

—ବାହାଁକୁ ପନତ ଭିରେ
ମାରକୁ ବୋଇଲେ ମୋର ସଦ୍ ଥରେ ରେ
ଧନ, ଖଣ୍ଡା ଶୁନ ଦୋମ୍ ଝଡ଼େ, ସଜନୀ ରେ
—ହାତର ଜିରମୁଦି କେତେ
ଅଡ଼ ଦୁଃଖ ଦେଲେ ସହେମି କେତେ, ହୋ
ଜୀବ, ନାହିଁ ଯାଇ ପିଣ୍ଡେ ଅଛେ ନାଗର ହୋ
—ଗାଆଁ ଖୁଲି ଉଡ଼େ ଧୂଳି
କେଉଁ ଦଇବର ଭଗାରି ହେଲି ରେ
ସତେ, ଭଙ୍ଗାଇଲା ସାଙ୍ଗର କୁଲି, ସଜନୀ ରେ !

'ସଜନୀ' ସଙ୍ଗିନୀର ସମ୍ବୋଧନ । ଦୁଇଟି ହୃଦୟର ଆନ୍ତରିକ କଥାବାର୍ତ୍ତା, ମନଖୋଲା କଥାବାର୍ତ୍ତା ହେଲେ ବି ଆତ୍ମୀୟତାର ଏଇ ସମ୍ବୋଧନ ବିଶ୍ୱଜନୀନ ଓ ସାର୍ବ ମାନବିକତା

Digitized by srujanika@gmail.com

ଓ ମଣିଷ ସମାଜ ପ୍ରତି ଏକ ବନ୍ଧୁସୁଲଭ ସହୃଦୟତାର ଉଚ୍ଚାରଣ । ଏଣୁ ଯେଉଁଠି ଏ ସମ୍ପର୍କ ଛିନ୍ନ ହେଉଛି ବା ହୋଇଛି ସେଇଠି ସଜନୀର କୋହମିଶା ବିଳାପ ଉଠୁଛି । ସଜନୀ କାନ୍ଦୁଛି, କନ୍ଦାଉଛି, ଏବଂ କାନ୍ଦୁଥିବା ଆଖିର ଲୋତକ ପୋଛି ଉଚ୍ଚାରୁଛି—କେଉଁ ଦଇବର ଉଗାଣ୍ଡି ଥିଲା ଯେ ସାଙ୍ଗର କୂଳକୁ ଭଙ୍ଗାଇ ଦେଲା ।

ଅନେକ ସମୟରେ ପାରିବାରିକ ଜୀବନରେ ସ୍ତ୍ରୀର ଆକ୍ରମକତା ମଧ୍ୟ ଜୀବନକୁ ଅତିଷ୍ଠ କରି ପକାଏ । ଜୀବନର ସବୁ ସୁଖଦୁଃଖକୁ ଏହି କଣ୍ଟକ । ବଦଳାଇଯାଏ । ଏଥିରେ ସଜନୀ ବା ଚୁପ୍ ରହିବ କେମିତି !

—ଗରିଲୁଠି ଛାଡ଼ିଗଲା
ବିନ୍ଧାଇ ଖରିଯା ବଦଳି ଗଲା ହୋ
ବାବୁ, ଯାହା ଧାରି ତାହା କଲା, ନାଗର ହୋ ।
—ଆହାରେ କପାଳର ଦଶା
ଯେନ୍ ଫଲ ଖାଏଲେ ସେ ଫଲ କଷାରେ
ଧନ, ମୁବାକାଲେ ଏଡ଼େ ଦଶା, ସଜନୀରେ !
—ବାଟି ବାଟି ବାଟି ବାଟି
ଗଛବୃକ୍ଷ ହେଲେ ଯାଏଁକ ଫାଟିରେ
ଧନ, ଧଏନ୍ ସେ ନିଲଜ ଗୁତି, ସଜନୀ ରେ ।
— ଗଛକୁ ମାଏଲିଁ ଚୁଟେ
ମୋର୍ ସାଙ୍ଗ ଦେଖିଲେ ତୋର ଗୁତି ଫାଟେ ରେ
ଧନ ସାଙ୍ଗ ଛଡ଼ା କଲୁ ମୋତେ ସଜନୀ ରେ ।
—କୁସାର ବାରିର କୁଇ
ନବ ଯଉବନ ଯାଇ ମୋ କୁହି ରେ,
ଧନ, କାହାକୁ ନ ଦେବି ଛୁଇଁ, ସଜନୀ ରେ ।

ଏହି ଶେଷ ପଦକରେ ନାରୀ ଜୀବନର ଅମୂଲ୍ୟ ସମ୍ପତ୍ତି "ସତୀତ୍ୱ"ର ପରିକାଷ୍ଠା ପ୍ରତିପାଦିତ କରାଯାଇଛି । ଏଇଟା ସର୍ବଜନଭୋଗ୍ୟ ନୁହେଁ, ନାରୀ ଜୀବନର ଏହି ଅମୂଲ୍ୟ ସମ୍ପଦକୁ ତାର ଜୀବନର ଦେବତା ପ୍ରେମିକ ପତିକୁ ଉପହାର ଦେବାକୁ ସାଇତି ରଖେ । ଏଣୁ ଏହାକୁ ହାତଛଡ଼ା କରିବାକୁ କି ଯାହା ତାହା ହାତରେ ଅନିଚ୍ଛା ସତ୍ତ୍ୱେ ସମର୍ପଣ କରିବାକୁ ଜୀବନ ବିନିମୟରେ ବି କେବେହେଲେ ଚାହେଁ ନାହିଁ ।

ସମୟାନୁବର୍ତ୍ତିତା, ଜୀବନର ପ୍ରତ୍ୟେକଟି ଅସମୟ ଓ ସମୟର ସମନ୍ୱ ପ୍ରତି ମଧ୍ୟ ସଜନୀ ସାବଧାନ । ପ୍ରତ୍ୟେକଟି କାର୍ଯ୍ୟ କରିବାର ଗୋଟାଏ ସୁନିର୍ଦ୍ଦିଷ୍ଟ ସମୟ ଥାଏ । ଖାଇବାର, ପିଇବାର, ଶୋଇବାର, ଯିବାର, ଆସିବାର ଏପରିକି ଜନ୍ମ ଓ ମରଣର ମଧ୍ୟ ଏହି

Digitized by srujanika@gmail.com

ସମସ୍ୟାନୁବର୍ତ୍ତିନୀ ଜୀବନକୁ ସୁସ୍ଥ, ସବଳ ରଖିବାରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ତାହା ଜୀବନକୁ ଅଧିକ କର୍ମକ୍ଷମ ମଧ୍ୟ କରେ; ଏଣୁ ଅସମୟରେ ଚାଲିଯାଉଥିବା ମଣିଷ ପ୍ରତି ସଜନୀର ଆକଟ, ତାକୁ ସମ୍ଭାବ୍ୟ ଆପଦ ବିପଦରୁ ରକ୍ଷା କରିବା ପାଇଁ ଏ ଆକୁଳ ନିବେଦନ—

"—କାଟିଗଲୁଁ କେରେଂ ଗଛ
ବେଲ'ବୁଡ଼ି ରାଜା ଅନ୍ଧାର ହେଲା ହୋ
ଧନେ, ଇଟା କାଏଁ ଯିବାର ବେଲା, ନାଗର ହୋ !
—ଅଲୁଆ ଚାଉଲ ରନ୍ଧ
କାଣ୍ଡି ନାଇଁ ଖାଇ ରହିଯା ଆଜରେ
ଭ୍ରମର, ମୁହିଁରେ ନାଇଁନ ତେଜରେ, ଗଲାର !
—ମୁନୁଗା ଗଛର ଚାଇ
ନିୟମ କରୁଛେଁ ତୋର ଦହ୍ର ଛୁଇଁରେ
ଧନ, ତୋ ବିନୁ ଅନ୍ୟ ମୋ ନାହିଁରେ, ନବୀନା ରେ ।

ସଜନୀରେ ମାତୃପିତୃ ପ୍ରେମ ମଧ୍ୟ ଅପ୍ରତିମ । ପୃଥିବୀରେ ଅନେକ ପ୍ରେମିକ ମିଳିବେ, ପ୍ରେମିକା ମିଳିବେ; କିନ୍ତୁ ବାପ ମାଁ ଥରେ ଗଲେ ଆଉ କେବେ ହେଲେ ମିଳିବେ ନାହିଁ—

——ଲିଆ ଦେଲେ ଛୁଆ ଖେଲେ
ତୁଇ ମୁଇଁ ଥିଲେ ଘଇଥା ମିଲେ ରେ
ଧନ, ମା ବାପ ନାଇଁ ମିଲେ ରେ ସଜନୀ !

ସଜନୀ ପୁରୁଷର ପୌରୁଷର ପ୍ରଶଂସାରେ ଶତମୁଖ—'ସାଇକଲର ମୁଡ଼ାଚକ, ହାତେ ଝକମକ କନ୍ଧେ ବନ୍ଧୁକରେ, ସତେ ସମଲପୁରିଆ ଲୋକ, ସଜନୀରେ ।' କିନ୍ତୁ ସେ ପୁରୁଷର ସ୍ତ୍ରୈଣ ମନୋବୃତ୍ତିକୁ ଘୃଣା କରେ—

—କୁକୁରି ମାଇଲା ସୁରୁ
ଏଡ଼େ ମହାମେରୁ ତିରିଙ୍କୁ ଡ଼ରୁ ରେ
ଧନ, ତିରି ପାଦ ତଲେ ପଡ଼ୁ ରେ, ନିଲଜ,
ତୋର ମୁଖରେ ନାଇନ ତେଜ ରେ, ନିଲଜ ।

ପୁରୁଷର କାପୁରୁଷତା ପ୍ରତି ମଧ୍ୟ ତାର ଘୃଣା, ପୌରୁଷ ବିହୀନ ମଣିଷ ଇଞ୍ଜିନ ବିହୀନ ଗାଡ଼ି ସଦୃଶ—

—ଗାଡ଼ିରେ ନାଇଁ ଇଞ୍ଜିନ
ଦାଅ ଡିଁଟି ମାଡ଼ି ଯାଉ ଜୀବନ ହୋ
ଦତେ, ତୋଠାରେ ନାଇନ ମନ ରେ, ନାଗର !

Digitized by srujanika@gmail.com

ଦଅରଙ୍କ ବାହା କରେଇବା ପାଇଁ ଏକ କଳାତ୍ମକ ଆବେଦନ:

—ଡାଳ ଖମ୍ବ ଉଁଚ ଫିଡା
କେତେ ମୁହିଁ ଧରଣ ଗୁବର ଗୁଣ୍ଡା ହୋ
ସତେ, ଦଅର ରହିଲେ ଡ଼ଣ୍ଡା, ସଜନୀରେ ।

ଶାଶୁଘର ଅତ୍ୟାଚାରର କରୁଣ କାହାଣୀ :

—ଘନା ହାଣ୍ଡି ଛନଛନ
ମାଆଁ ଦରେ ପଖ୍ୱା ସରଲା ଦାନ ହେ,
ଧନ, ଶାଶୁଘରେ ହୀନମାନ, ସଜନୀ ରେ ।

କପାଳରୁ ମଣିଷ ସ୍ରଷ୍ଟା ସଜନୀରେ ଆକ୍ଷେପ !

—ଖପର ଘରେ ଉଦେ ତରା
ଝିଅ ଜନମ କଲୁ ସରଗର ତରାରେ
ସତେ, କୁଏ କଲୁ ଦରମରା ସଜନୀ ଗୋ,
—ଶିଳରେ ଶିଳପା ନାହିଁ
ତେଲ ହଳଦୀରେ ମାଲପା କାହିଁ ରେ
ସତେ, ମା'ଏଝି ରହିବେ କାହିଁ ନାଗର ରେ ।
—ଫଟାଇ ଖାଇଲି ବେଲ
ଛେଛେର କୁରଆ ଡଣ୍ଡାର ଘର ହୋ
ସତେ, କଏ ମଖାଇବା ତେଲରେ, ନାଗର !
—କୁଲହା ଶାଢ଼ର ହଦ
ମୁହେଁ ମେଞ୍ଚୁ ନାହିଁ କାଏଁ ମରଦ ହୋ ।
ସତେ, ଗହଲ ଫନ୍ଦା ବଳଦ, ନାଗର ହୋ ।

ବିବାହିତା ଝିଅ ଜନମର ଏକ ପଡ଼ସନ୍ଧ ଘଟଣା—ଏ ନେଇ କେତୋଟି ସଜନୀ :

—ଧାନ ଦାଇଗଲି ଇରେ
ଛୁଆ ଥିଲି ବେଳେ ତାହାର ଭଲେ ଗୋ
ସତେ, ଦେଇ ଦେଲୁ ବେଶୀ ଦୂରେ ଜନନୀ ଗୋ !
—କଦଲି କାଟିଲି ଖୁରେ
କାହିଁକା କାନ୍ଦୁଛୁ ମାଆ ତୁ ଘରେ ଗୋ
ସତେ, ବଇଶାଖେ ଆସମି ଥରେ, ଜନନୀ ଗୋ ।
—ଦୋହଲକୁ ଗଲା ସାପ
ସଉତଆ ଘରେ କି ଉଦେବ ବାପ ହେ,
ପୂର୍ବେ କରିଥିଲି କେଉଁ ପାପ, ସଜନୀରେ !

Digitized by srujanika@gmail.com

ବିବାହ ପରେ ଅନେକ ଦିନ ଧରି ବାପା ଝିଅର ଖବରଅନ୍ତର ନେବାକୁ ଯାଇ ନାହାନ୍ତି । ତା'ପରେ ଯେତେବେଳେ ସେ ଝିଅ ଘରକୁ ଆସିଛନ୍ତି ସ୍ନେହକାଙ୍ଗାଳୀ ଝିଅଟା ଅଭିମାନରେ କାନ୍ଦି କାନ୍ଦି ବାପାଙ୍କ ପାଦ ତଳେ ଲୋଟି ଯାଉଛି—

—ଆହା ମୋ ଶବଟା ପକ୍ଷି
ମୁହିଁ ତ ଗୋ ବାପା ଜନମ ଦୁଃଖୀ ଗୋ
ସତେ ଯାଏ ନାଇଁଗଲ୍ ଦେଖି, ପିଞ୍ଜର ଗୋ
ଧରି କହୁଁଛେ ମୁଡ଼ା ପଥର, ପିଞ୍ଜର ଗୋ ।

ବାପ ଘରେ ଏତେ ଅଲଅଲରେ ବଢ଼ିଥିବା ଝିଅ ଯେତେବେଳେ ବାହା ହୋଇ ଶଶୁର ଘରକୁ ବିଦାୟ ନେଉଛି, ସେତେବେଳେ ତାର ବିକଳ ବାହୁନାରେ ମାଟି, ଆକାଶ, ପାଣି, ପବନ, ପ୍ରକୃତି ସମସ୍ତଙ୍କ ଆଖିରେ ଲୁହ ଜକେଇ ଆସୁଛି ।

—ଜନକୁ ମହାମଣ୍ଡଳ
ଖେଳୁଥିଆ ଝିଅ ଘରୁ ବାହାର ରେ
ସତେ, ଘୁଟିଛେ ମେଘ ବାଦଲ୍ ରେ, ମୋ ରାଜା
ସତେ, ବାଜୁଛେ ଫିରଙ୍ଗି ବାଜା ରେ, ମୋ ରାଜା ।
—ତବାକେ ତବା ଲାଗିଛେ
ମଏଧର ତବାଁରେ ବତି ଜଳୁଛେ ରେ
ଧନ, ଝିଅର ଖାର ଲମୁଛେ ସଜନୀ ରେ ।

ଏହି ସ୍ତ୍ରୀ ପୁରୁଷ ସମ୍ପର୍କକୁ ନେଇ ଆଉ କେତୋଟି ସଜନୀର ଅବତାରଣା ଏଠି ଅପ୍ରାସଙ୍ଗିକ ହେବ ନାହିଁ ।

—ସମ୍ବଲପୁରର ପାଉଁଲଘଁଟା
ମୋତେ ଛାଡ଼ିକରି ଯାଉଛି ଟାଟା ହୋ ।
ଧନ, ମନ ନ କରିବ ଖଟା, ନାଗର ହୋ ।
—ଯାଉଛ ଘରୁ ବାହାରି
ଆଉର୍ କେତେ ଦିନେ ଆସିବ ଫେରି ହୋ,
ସତେ, ରହେମି ଇ ଦିହ ଧରି, ନାଗର ହୋ ।
—ସରଗି ଡେଁଠିର ପୋକ
ଉଲଟି ନ ଦେଖି ପୁଲଟି ଦେଖ ହୋ
ସତେ, ଏଡ଼େ କରମାଥ୍ୟା ଲୋକ ନାଗର ହୋ ।
—ଟେସନେ ଚମକେ ଲୁହା
ଏ ସମ ଚମକେ ପୁରୁଷ ମାଥ୍ୟା ରେ
ସତେ, ବିନା ଦୁଷେ ଦଣ୍ଡଦିଆ, ସଜନୀରେ । ..

Digitized by srujanika@gmail.com

—ଶିଲ୍‌ରେ କଣ୍ଟା ପିଠଉ
ଭାଙ୍ଗିଲା ମନକୁ କେତେ ବୁଝଉ ରେ
ବାବୁ, ଡ଼େନା'ବାହାଁ ଧରି କନ୍ଦୁ, ନାଗରରେ ।

—ଘର କଲି ମୋର ବାପ
ପୁରୁଷ ହୋଇଣ କଲୁ ନିରାଶରେ
ଧନ, ପଡ଼ିବ ସ୍ତ୍ରିରୀ ନିଶ୍ୱାସ, ନାଗର ହୋ ।

—ରେଲଗାଡ଼ି ଛକ ଛକ
ତୁମେ କାଏଁ ଜାନ ପୁରୁଷ ଲୋକ ହୋ
ଧନ ମାଏଝିଁକୁ ଦେଲ ଦୁଃଖ, ନାଗର ହୋ ।

—ଥାଲରେ ଭାଙ୍ଗିଲି ପାନ
ଦରଖିଆ ହୋଇ ଯାଉଛ ଧନ ହୋ
ସତେ, ଦେଇ ଯ' ମୁହଁର ବଚନ, ନାଗର ହୋ ।

—ବାହାବେଲେ ବରଷିବ
ଏ ଦିନେ ମୋ କାନ୍ତ ବିଦେଶ ଯିବ ରେ
ସତେ କିଏ ରାନ୍ଧି ପରଷିବ, ସଜନୀରେ ।

—ମଉ କଲେ ପାନ ଦେମି
ତୁମେ ଦୂର କଲେ କାହାର ହେମି, ରେ
ଧନ, ନିରନ୍ତରେ ଝୁରୁଥିମି, ନାଗରରେ ।

—କଟକ ଯାଉଛ ବେଲେ
ଢିଆରିଲି ଫୁଲ ଆଣିବ ହେଲେ ରେ
ଧନ, ଖୁଂଚିବି ଖୁଁସାର ତଲେ ରେ, ଗଲାର ।

—ମଲିଫୁଲ ନଲି ନଲି
ଫୁଟିଥିବୁ ମଲି ଗଲି କି ଗଲି ରେ
ସତେ, ମୋ କାନ୍ତ ଆସିବେ ବୋଲି ସଜନୀରେ ।

—କଟକ ଯିବାର ବେଲେ
ଆସିଲେ ମୋ କାନ୍ତ ଗ୍ଭବଲେ ଗାଲେ ରେ
ସତେ, ପୀରଢ କରିବା ବେଲେ, ସଜନୀରେ '

—ସାଇକଲ ଯୁଡ଼ା ଚକ
ମୋ ମୁଣ୍ଡ ଖାଇବ ଲେଉଟି ଦେଖ ହୋ
ସତେ, ଏଡ଼େ ନିରମାୟା ଲୋକ, ନାଗର ହୋ ।

Digitized by srujanika@gmail.com

—ସଡ଼କ ଧଡ଼ଧଡ଼ିଆ
ଦିନେ ପ୍ରୀତି କଲେ ମାସେ ପଡ଼ିଆରେ
ବାବୁ, ଜବାବ ନଡ଼ବଡ଼ିଆ ନାଗର ହୋ ।
—ଆହାରେ କାଳିଆ କାହ୍ନୁଁ
ତୋର ଗତି ରୂପ ଦେଖିଲି ଦିନୁ ରେ
ଧନ, ପାସୋର ନ ଯାଏ ମନୁ ନାଗରରେ ।

ବନ୍ଧ୍ୟା ସ୍ତ୍ରୀର ଜୀବନରେ ସୁଖ ନାହିଁ କି ସମାଜରେ ସମ୍ମାନ ନାହିଁ । ମାତ୍ର ଜାତିରେ ସଦା ମାତୃତ୍ୱର ଅବମାନନା ଦେଖାଯାଏ, ସେତେବେଳେ ସେହି ନାରୀର ଦୁଃଖ ଅସହ୍ୟ ହୋଇପଡ଼େ, ସେହିପରି କର୍ମୀସ୍ତ୍ରୀ ପୁରୁଷର ମାଡ଼, ଅପମାନ, ଶ୍ଳେଷ, ସଉତୁଣୀ ଦାଉ ଆଦିର ଚିତ୍ର ମଧ୍ୟ ସଜନୀରେ ମିଳେ—

—ଆହାରେ ତୁକୁଡ଼ା ଇଁଟା
କେତେ ମାଜୁଥିବୁ ବାଂଟେନ ଦେହଟା ରେ
ତୋର, କପାଳେ ନାଇଁନ ବେଟା, ସଜନୀରେ ।
—କୁଆଁକୁ ଗୁଟିଲ ଲହ
ଏଇ ବୟସରେ ନ ହେଲା ପୁଅ ରେ
ସତେ, ବେକରେ ଦଉଡ଼ି ଦିଅ, ନାଗରରେ ।
—ଗରଆ ଉପରେ ଗିନ
ମୁଡ଼ା ହସ୍ତ ହୋଇ ବନତି କଲୁଁ ରେ
ରଜା, ନାଇଁ ଆନ ସଉତୁଣୀ, ନାଗରୀରେ ।
—ସାଇକଲ ବାଇଁ ବାଇଁ
ତୋର ଦେଲା ପାନ ଛୁଇଁବ ନାହିଁ ରେ
ଧନ, ଦେଇଥିବୁ କିଛୁ କାହିଁ ନାଗର ହୋ । (ଅବିଶ୍ୱାସ)
—ମାଟିଆ ମୁହଁରେ ଗବ
କଥା ନାଇଁ ଲାଗଲେ କାଠଁ ଭାସିଯିବ ରେ
ଧନ, ଯାହା ମୋ କପାଳେ ଥିବ, ନାଗର ହୋ । (ଅଭିମାନ)
—ସଜନା ଖଙ୍ଗିଲା ଡାଳେ
କତି ପଡ଼ୁଥିବୁ ମୋ ପାଦ ତଳେ ରେ
ନଣୀ, ଆନମି ଧାଙ୍ଗରୀ ହେଲେ ରେ, ନବୀନା । (ସଉତୁଣୀ ଆଣିବାର ଧମକ)

ଅନେକେ କାଳୀ-ଗୋରୀ ବାଛି ବସନ୍ତି । ଜାତି-ଧର୍ମ-ବର୍ଣ୍ଣ ବ୍ୟତିରେକେ ସମସ୍ତେ ସେଇ ରକ୍ତମାଂସରେ ଗଢ଼ା । ସମସ୍ତେ ସମାନ ସେହିପରି ଉର୍କ୍ୟ ନାୟିକମାନଙ୍କ ପ୍ରତି ଆକ୍ଷେପ—

Digitized by srujanika@gmail.com

—ଲେମଉ କାଟିଲି ରସ
କାଲି ଗୁଖି ବୋଲି ବାଉନ ଦେଖ ହୋ
ସତେ, କାଲି ଦହେଁ ଟେହ୍ଡରସ, ନାଗର ହୋ ।
—ଗିନାରେ ଖାଇଲି ମହୁ
ଗିନା ସରସର ବାଙ୍ଗୁଲି ବନ୍ଧୁ ଗୋ
ଧନୀ, ମାଂଗ୍‌ଲେ କାଂକେଁ ଡରାଉ ସଜନୀ ଗୋ । (ବ୍ୟଙ୍ଗ)

ପ୍ରେମ ନିକଟରେ ଜାତି-ଅଜାତିର ଭେଦଭାବ ନାହିଁ । ପ୍ରେମ କରୁଥିବା, ଭଲ ପାଉଥିବା ସମସ୍ତଙ୍କର ଗୋଟିଏ ମହାଜାତି, ସେଇଟା ପ୍ରେମିକ ଜାତି । ଆନ୍ତରିକ ପ୍ରେମ ସମାଜ, ଧର୍ମ ସଂସ୍କାର ମାନେନା; କିନ୍ତୁ କେତେକେ ତାକୁ ଭୟ କରି ହା'ହୁତାଶରେ ଦୀର୍ଘ ଶ୍ୱାସ ଛାଡ଼ନ୍ତି—

—ଲେମଉ ଧରିଲି କଷି
କୋଳରେ ବସାଇ ଚୁମନ ଦେଉତରେ
ଧନ, ନ ହେଲି ଆମର ଜାତି, ରେ ଗଲ୍ଲର ।

କିନ୍ତୁ କେତେକେ ସମାଜ-ସଂସାରର ଭ୍ରୂକ୍ଷେପ ନ କରି ପ୍ରେମର ପ୍ରତିଷ୍ଠା ଲୋଡ଼ନ୍ତି । ସେମାନଙ୍କ ଏହି ପ୍ରଗତିଶୀଳତା ନିକଟରେ ସଜନୀ ମଥାନତ କରନ୍ତି ।

—ଆହାରେ କାଲିଆ ହାତ
ତୋହର ମୋହର ରହୁ ପୀରତିରେ
ଧନ, କୁଞ୍ଜବନେ ହେମା ଜାତିରେ, ଗଲ୍ଲର୍ ।
—ଆସୁଥିବୁ ଯାଉଥିବୁ
ସେନ୍ ଦନେ କାଲିଆ ଧରା ପଡ଼ିବୁରେ
ସତେ, ରାଇଜ ଦଣ୍ଡ ପାଇବୁରେ, ଗଲ୍ଲର ।
—ଜାମୁ ତଲେ କଲି ବସା
ଲାଗିବ ଲାଗିବ ସେ ଜାମୁ କଷାରେ
ନନୀ, ଯାଏ ହେଲେ କୁଚଲେ ବସାରେ ନବୀନା । (ନିର୍ଭୟ ପ୍ରେମ)
—ବାହାଲେ ବୁନଲି ଚନା
ଜାନ ବୁଟି ରଜା ଧରିବୁ ତେନା ହୋ,
ଧନ, ନୁହେଁ ଯାଏଁ ବନ୍ଧାପନା, ନାଗର ହୋ ।
—ବାହାଲେ ବୁନଲି ମକା
ତୋର ମନ ମୋର ମନ ହୋଇଲେ ଏକାଠରେ
ନନୀ, କି କରିବେ ବାପ ଜକାରେ, କିଶୋରୀ । (ମିଆଁ ବିବି ରାଜି)

Digitized by srujanika@gmail.com

—ଅଦା ଅଦା ଅଦା ଅଦା
ତୋତେ ନେଇଥିମି ସମାନ ପଦାରେ
ନନା, ଖୁଜୁଥିବେ ଭଇ-ଦଦାରେ, ଗୁଲ୍ ସିମା ।

—ଆଉଥିବୁ ଯାଉଥିବୁ
ଯେଭେ ହେଲେ ନନୀ ମୋହର ହେବୁରେ,
ସତେ ରୁମାଲ ହଲଇ ଦେବୁରେ, ନବୀନା ।

—କଲ ଦଦନାର ରଥ
ମାଗିଦେବେ ବୋଲ୍ ପଲେଇ ଯାଉଛ ହୋ,
ବାବୁ, ନାହିଁ ମାଗୁଁ ଘଡ଼େ ବସ୍ତ୍ର, ନାଗର ହୋ ।

—କେଉଁଠେନ୍ ଟୁକଲୀର ଲୀଲା ।
ମୋର ହାତୀ ସଙ୍ଗେ ପୀରତ କଲରେ,
ସତେ ବଚନେ ଘିନ୍ନ ରଖିଲ, ସଜନୀରେ ।

—ଆହାରେ ଲବଙ୍ଗ ଲତା
ପାନ ଭରବାକୁ କଲ ବିଧାତାରେ
ଧନ, ଅନ୍ନ-ପାନ କଲ ପିତା, ସଜନୀରେ । (ଦୁଃଖ-ଦୁର୍ଭାଗ୍ୟ)

—ବାଟର ବର୍ଗଛ ମଲ
ଆଖିର କଜଲ ଦଇବ ନେଲ ରେ
ଧନ, ନେଥ ପରେ ଯାବୁଥିଲ, ସଜନୀରେ । (ବୈଧବ ଯନ୍ତ୍ରଣା)

—ଆହା ମୋର୍ ସରଗର୍ ତରା
ଅଏଲ କାହ୍ନୁଁ ଏଡ଼େ ମନ ଧଗ୍‌ରେ
ନନୀ, ନୁହ୍ନି ତୁଇ ଲୁଆଁ ଘି ପିନ୍ଦରେ, ସଜନୀ । (ତୋଷାମଦ)

—ନଈର ଗବା ପଥର
ମାଡ଼ ଖାଇ ଖାଇ ଦହ ପଥର ହେ
ବାବୁ, ନେଇ ଗୁଣ୍ଡ ବାପଘର, ନାଗର ହୋ । (ଶାଶୂ-ଶ୍ୱଶୁରାଳଙ୍କ ଗଞ୍ଜଣା)

—ମାଠିଆ ମୁହଁ ତଲକୁ
ଲାଜ ନାହିଁ ଲଗେ ପୁଡ଼ା ମୁହଁକୁରେ
ଧନ, ଡୁକୁଛେ ସଞ୍ଜ ବେଲକୁ, ସଜନୀରେ ।

—ହାଟର ରଙ୍ଗିଆ ପାନ
ଖାଇଲେ ଖାଇବି ମାଡ଼ ବନ୍ଧନରେ
ନନୀ, ଘୁନ୍‌ଘି ପିନ୍ଧା ଥାକେ ମନରେ, ଗୁଲ୍ ସିମା ।

Digitized by srujanika@gmail.com

—ବାଗ୍ଗିର କଣ୍ଠା ମାଳଗି
ଯାଉ୍ ଜାଡ଼ କୁଳ ରହୁ ପାଁରଢରେ
ଧାନ, କଟକରେ ହେମା ଜାଡରେ; ଗୁଲଘିମା ।

—ଗଣ୍ଡଆ ବୁହଲ ମୁଣ୍ଡେ
ଚ୍ଲ ଯାଉଥିଲ ରଜାର ଦାଣ୍ଡେରେ
ସତେ, ଭେନା ଧରି ଦେଲ ବଳେରେ, ଗଲର ।

—ପବତ ତଳଆ ବେନା
ଝୁମ୍ପା ଝୁପିଥିବୁ ନାଗଫେନଆଁରେ
ନମ, ପିଲକେ ଦେବୁ ଗହନା, ସଜନୀରେ । (ଫେସନ)

—କାକୁଡ଼ି ଧରଲ କଷି
କାଏଁ ଡୁଙ୍ଗାଡ଼ୁଙ୍ଗି ସିଁ ଡାଟର ବସିରେ
ବାବୁ, ଆମେ ହେଲୁଁ ପରଦେଶୀ, ନାଗର ହୋ ।

—ନଡ଼ିଆ ଖାଇଲ ରତେ
ଯାଉ, ଜାଡ଼କୁଲ ନଅ ସଙ୍ଗତେ ହୋ
ବାବୁ, ମୁରୁଛୁ ନ ପାରେଁ ତୋତେ, ନାଗର ହୋ ।
—ଉଲ ବନ୍ଧେ ଜଗଲ୍ ଜଟି
ଉପର ପଶ୍ଚିର ନବର ନାଟିରେ
ସତେ ପଇସା ନେଉଛୁ କଟି, ସଜନୀରେ । (ବେଶ୍ୟାବୃତ୍ତି)

—ଅରୁଆ ଗୁଡ଼ଲ ଭାତ
କେତେ ହଲଉଛୁ ଉଁକୁନା ହାତରେ
ସତେ' ବଯୁସର ଉତପାତ, ସଜନୀରେ ।

—ଝାଇଁ ଝୁରି ପୁରୁସୁରୁ
ପରହର ପୁଅର ମନ ଧରଲୁ ରେ
ସତେ, ମା' ବାପ ମୁରୁଛୁଲୁ, ସଜନୀରେ ।
—କଲ କଲ କଲ କଲ
ମେଲର ହଇ ପଇସି ଅଡ଼ୁଆ କଲରେ
ସତେ, ଫେସନ୍ ବଦଲେଇ ଦେଲ, ସଜନୀରେ ।

ପ୍ରଥମେ ରେଳପଥ ଓ ପରେ ବ୍ରଜରାଜନଗରରେ ଓରିଏଣ୍ଟ ପେପର ମିଲ୍ (ମେଲ୍ ଅପଭ୍ରଂଶ) ଦ୍ୱାରା ଏ ଅଞ୍ଚଳର ଗ୍ରାମମାନଙ୍କରେ ଶିଳ୍ପ ସଭ୍ୟତାର ସଂକ୍ରମଣର ଆରମ୍ଭ ହେଲା । ଯେଉଁମାନେ ଏହି ସବୁରେ କାମ କଲେ, ସେମାନଙ୍କ ଜୀବନରେ ସହସା ଫେସନ

Digitized by srujanika@gmail.com

ଅନୁକରଣର ନିଶା ଲାଗିଲା । ଶିଳ୍ପାୟନର ଏହି ସାମାଜିକ ସଭ୍ୟତାର କଥା ମଧ୍ୟ ଏହି ଲୋକଗୀତରେ ପ୍ରତିଫଳିତ ହୁଏ ।

—କୁଆ ବୋଲେ ହରି ହରି
ପିନ୍ଧନ୍ତି ଡାଗଲା ଚଉଦ ଭରରେ
ନନୀ, କିଏ ଦେଲା କେତେ ଗଢ଼ା, ସଜନୀରେ ।
—ନଈ ପାଣି ଗୁନ୍ଦୁଲିଆ
ପିଣ୍ଡାରେ ବସିଛନ୍ତି କାହ୍ନାଲ୍·ପିଆରେ
ଧନ, ଘର ଲୁଚା ଜହ୍ନଲିଆ, ସଜନୀରେ । (ଅପରାଧୀ ପ୍ରତି ଘୃଣା)
—ପିପଲ ପତ୍ରର ଚନ୍ଦ
ପାନ କ୍ୟୁଁ ଲ୍ୟୁଁ ବ୍ରାହ୍ମଣ ସଖୀରେ
ସତେ, ଭେଣ୍ଡିଆ ରକମ ଦେଖି, ନାଗରୀରେ ।
—ଗିନା ଗିନା ଗିନା ଗିନା
କେଉଁ ପୁରୁଷର ମହନ ସିନାରେ
ଧନ, ଦେଇଛନ୍ତି ନାକରେ ଗୁନା, ସଜନୀରେ । (ବ୍ୟଙ୍ଗ-ରହସ୍ୟ)
—ଦୁଆରେ କାହ୍ନୁଲ ଚେର
ପାନ ଦୁଇବିଡ଼ା ଦେମି ଦିଅଁର ହୋ
ଧନ, ପଲଙ୍କରେ ବସେ କର ନାଗର ହୋ । (ଦିଅର ଭାଉଜ ପ୍ରୀତି)
—ତେଁତେଲ୍ ତଳେ ବସେ ହାଟ
ତୋତେ ଶିଖାଦେମି ମୁଗୁନି ପାଟରେ
ନନୀ, ମୋ ସଙ୍ଗେ କରିବୁ ନାଟ, ସଜନୀରେ ।
—କଂସାରି ଘରର କଂସା
ହାତେ ଧରିଅଛୁ ଦୁଇ ପଇସାରେ
ବାବୁ, ମାରୁଛୁ ମୁଲୁକି ହସା, ନାଗରରେ । (ଧନ ଗର୍ବ)
—କବାଟ କୁଁଉ କରିଲା
ସଉତେନ୍‌ର ପୁଅ ମାଆଁ ବଇଲା ରେ
ସତେ, ମତେ ସେ ଲାଜ ଲାଗିଲା, ନାଗରରେ ।
—ସୁରୁ ବାଲି ସୁରୁ ମୁଡ଼ା
ସୁରୁବାଲି ସଙ୍ଗେ ନାଇଁ ହେବୁ କଥାରେ
ବାବୁ ନେଇଯିବା କଲିକତାରେ, ରେ ଗଲାର ।
—ଆମ୍ବା ମୋ ନାସି ରତନ
ବାଲ ନାହିଁ ଖୁଁସା କେତେ ଯତନରେ
ନନୀ, କାହାକେ କରୁଛୁ ମନ, ନବୀନାରେ ।

Digitized by srujanika@gmail.com

—ପାଚ ନାହିଁ କଞ୍ଚା ଫଳ
ନ ଭାଙ୍ଗ ନ ଭାଙ୍ଗ ନାଗରବର ହୋ
ଧନ, ପାଚଲେ ହେବା ତୁମର ନାଗର ହୋ ।

ସଜନୀରେ ଜନ୍ମଭୂମି ପ୍ରେମର ନିଦର୍ଶନ ମଧ୍ୟ ଦେଖିବାକୁ ମିଳେ--

—ଥାଳରେ ଦୁଇ ବୁନ୍ଦା ଘିଅ
ଆମେ ଚୁଲିଗଲେ ନାଇଁ ହଲେ ଦେହରେ
ସତେ, ସମଲପୁରିଆ ଝିଅ, ସଜନୀରେ ।
—ସାଇକଲ ମୁଡ଼ାଚକ
ହାତେ ଝକମକ କନ୍ଧେ ବଂଧୁକରେ
ସତେ ସମଲପୁରିଆ ଲୋକରେ, ରାଜନ ।

ଇଂରେଜ ଅମଳରେ ସରକାରୀ ଚାଟୁକାରିତା କରୁଥିବା ଗାଆଁ ମୁଖିଆ, ଗୌନ୍ତିଆ-ମାନଙ୍କ ପ୍ରତି ତୀବ୍ର ଘୃଣା ଏଥିରେ ରୂପାୟିତ ।

—ହାଇଗଲ ତରକାରୀ
ଗାଆଁର ଗଉନ୍ତିଆ ପରଦୁଆରୀ ହୋ,
ସତେ, ଗାଁ ହେଲା ସରକାରୀ, ସଜନୀରେ ।

ଐତିହାସିକ ଘଟଣାବଳୀର ଉଲ୍ଲେଖ—

—ହଲ୍‌ଦ ଦଖଣ୍ଡ ଗଳା
ସମଲପୁରରେ ନାଇଁନ ରଜା ହୋ,
ସତେ ଫିରିଙ୍ଗୀ ମାରୁଛେ ମଜା ନାଗର ହୋ ।
—ଅଲୁଆ ଚାଉଳର ମଜା
ସୁରୁ ଗଙ୍ଗାଧର ଗଲେ ବାମଣ୍ଡାରେ
ଧନ, ରଜତେ ମାଦଳ ଘଣ୍ଟା, ସଜନୀରେ ।
— କଳିଆ ଘୁଡ଼ାର ଟାପୁ
ରାଜା ବଜେ କଲେ ଗାଙ୍ଗପୁରକୁ ରେ
ଧନ, ରାଣୀ ଖାଇଦେଲେ ଆପୁ, ସଜନୀରେ
—ଆମୁଲ.ମଠିଆ ପେଟ
ଆମେ ନାଇଁ ଜାନୁ ଛନ୍ଦ କପଟ ହୋ,
ଧନ ବାରିଆଡ଼େ କଲ୍ ବାଟ, ରସିକ ହୋ ।

'ସଜନୀ'ରେ ନାନା ପ୍ରକାର ମିଶ୍ରଣ ଦେଖିବାକୁ ମିଳେ । ଯେଉଁ ସମୟରେ ଯେଉଁ ସଜନୀର ସୃଷ୍ଟି ହୋଇଛି ତତ୍କାଳୀନ ସାମାଜିକ ପରିବେଶ, ଭାଷା ସଂସ୍କୃତିର ଛାପ ସେଥିରେ

Digitized by srujanika@gmail.com

ଦେଖିବାକୁ ମିଳେ । ଏହେ ପଶ୍ଚିମ ଓଡ଼ିଶା ମଧ୍ୟପ୍ରଦେଶରେ ଥିଲା । ତାର କେତେକାଂଶ ଅନ୍ୟାନ୍ୟ ପ୍ରଦେଶରେ ଥିଲା । ବିଶେଷତଃ ପଶ୍ଚିମ ଓଡ଼ିଶାର ଲୋକଗୀତ ବୋଇଲେ ଅପାତତଃ ସମ୍ବଲପୁରୀ ଲୋକଗୀତକୁ ହିଁ ବୁଝାଇଥାଏ । ଏହି ଅଞ୍ଚଳଟି ମଧ୍ୟପ୍ରଦେଶରେ ଥିବା ଯୋଗୁଁ ଏହାର ଭାଷା ହିନ୍ଦୀ, ଛତିଶଗଡ଼ୀ ଭାଷା ଆହରଣ କରିଥିବା ପଡ଼ୋଶୀ ଜିଲ୍ଲା ଓ ରାଜ୍ୟର ଭାଷାର ମଧ୍ୟ ଆତ୍ମୀକରଣ କରିଛି । ଏଣୁ ଏଥିରେ ହିନ୍ଦୀ, ଲରିଆ ବା ଛତିଶଗଡ଼ୀ, କନ୍ଧାରୀ, ଓଡ଼ିଆ ଓ କେତେକ ଇଂରାଜୀ ଶବ୍ଦର ପ୍ରଚଳନ ଦେଖିବାକୁ ମିଳେ ।

ତା'ଛଡ଼ା ସଜନୀ ଏକ ତ୍ରିପଦୀ ଗୀତ । ଏହାର ପ୍ରଥମ ପାଦ ପ୍ରାୟ ୯ଟି ଅକ୍ଷର ବିଶିଷ୍ଟ । ୨ୟ ପାଦର ମୁଖ୍ୟ ବିଭାଗରେ ୧୧ଟି ଅକ୍ଷର, ଗୌଣରେ ସମ୍ବୋଧନରେ ଗୋଟିଏ ଅକ୍ଷର, ଏହିପରି ସର୍ବମୋଟ ପ୍ରାୟ ୧୨ଟି ଅକ୍ଷର ଓ ତୃତୀୟ ପାଦରେ ଯଥାକ୍ରମେ ୮ଟି ଓ ୬ଟି ଅକ୍ଷରର ବହୁଳ ବ୍ୟବହାର ହୋଇଥାଏ ।

ପ୍ରଥମ ପାଦର ସମ୍ପର୍କ ୨ୟ ଓ ୩ୟ ପାଦ ସହିତ ସେତେ ନ ଥାଏ । ବେଳେ ବେଳେ ତାହା ଆଦୌ ନ ଥାଏ । ଏହି ସ୍ୱୟଂ ସମ୍ପୂର୍ଣ୍ଣ ପାଦଟି ପ୍ରକୃତି, ଘଟଣାର ବର୍ଣ୍ଣନା ଦେଇ ୨ୟ ଓ ୩ୟ ପାଦର ମଙ୍ଗଳାଚରଣ କରିଥାଏ । ୨ୟ ଓ ୩ୟ ପାଦର ମୁଖ୍ୟ ବିଭାଗରେ କଥାବସ୍ତୁ ଥାଏ । ୨ୟ ପାଦର ଶେଷରେ "ରେ, ହେ, ହୋ, ଗୋ" ଆଦି ସମ୍ବୋଧନ ଶବ୍ଦ ଲାଗେ । ୩ୟ ପାଦ ଆଗରୁ ମାତ୍ରା ପାଇଁ "ସତେ", "ଧନ", ପ୍ରଭୃତି ଦ୍ୱିଅକ୍ଷରୀ ପଦ ଲାଗେ ଓ ଶେଷରେ ୪ ଅକ୍ଷର ବିଶିଷ୍ଟ ସମ୍ବୋଧନ ଶବ୍ଦ "ସଜନୀରେ, ଗଜର, ନାଗର, ରସିକ ପ୍ରଭୃତିର ବ୍ୟବହାର ହୁଏ । ବେଳେବେଳେ ଏହାର ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ବୃଦ୍ଧି ପାଇଁ ଆଉ ଅଧିକା ପାଦେ ମଧ୍ୟ ଯୋଡ଼ି ଦିଆଯାଏ । ଏହା 'ସଜନୀ' ଗଠନର ଏକ ମୋଟାମୋଟି ଧାରଣା । ଅନେକ ମାତ୍ରା ନେଇ ଯୁକ୍ତାକ୍ଷର ପ୍ରୟୋଗରେ ଏହା କମ୍ ବେଶୀ ମଧ୍ୟ ହୋଇଥାଏ । ସେମିତି ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ନିୟମ ଆଦି ନାହିଁ । ଏହା ବୋଲୁଥିବା ଲୋକର ମରଜି ଉପରେ ନିର୍ଭର କରେ । ସେହିପରି ଗାଇବାରେ ମଧ୍ୟ ବିଭିନ୍ନ ବ୍ୟକ୍ତି ଓ ସ୍ଥାନ ଭେଦରେ ସ୍ୱର ଭେଦ ପରିଲକ୍ଷିତ ହୁଏ । "ସଜନୀ" ଉଭୟ ସ୍ତ୍ରୀ-ପୁରୁଷ ଗାଇପାରନ୍ତି ।

ଆର୍. ଭି. ଉଇଲସୃନ୍ ଥରେ ଲୋକଗୀତ ସମ୍ପର୍କରେ ମତ ଦେବାକୁ ଯାଇ କହିଥିଲେ ଯେ—"**A folk-song is neither old nor new, it is like a forest tree with its root deeply buried in the past but which continually puts forth new fruits.**";

ଲୋକଗୀତ ଲୋକ ଜୀବନର 'ସଜନୀ'ର ଆବେଦନ ଦେଶ-କାଳ-ସୀମାରେ ଆବଦ୍ଧ ନ ହୋଇ ଶାଶ୍ୱତକାଳୀନ, ସାର୍ବଜନୀନ । ଏହାର ଖୋଲପା ଭିତରେ ଲୋକଜୀବନର ସାହିତ୍ୟ, ସଂସ୍କୃତି, ସମାଜ, ସଭ୍ୟତା, ଇତିହାସ, ଭାଷାତତ୍ତ୍ୱର ଅନେକ ନୂତନ ରହସ୍ୟର

Digitized by srujanika@gmail.com

ମୁକ୍ତାଖଣ୍ଡିତ, ଯାହାର ଆବିଷ୍କାର ଓ ଗବେଷଣା ଏକ ନୂତନ ମାନବିକ ସମୃଦ୍ଧିରେ ଦୁନିଆକୁ ଚମତ୍କୃତ କରିଦେବ । ଏହି ଗଣସଂସ୍କୃତିର ଇତିହାସର 'ସଜନୀ'ରେ ଅନେକ ଅମୂଲ୍ୟ ସମ୍ପଦ ଲୁକ୍କାୟିତ ଅବସ୍ଥାରେ ରହିଛି ।

ଆଜି ଆନ୍ତର୍ଜାତୀୟ ସାହିତ୍ୟରେ ଭାବର ସାଧାରଣୀକରଣ ଓ ଭାଷାର ସରଳୀକରଣରେ ଯୋଉ ନୂତନ ପ୍ରବାହ ଆନ୍ଦୋଳିତ, ଏହି 'ସଜନୀ' ବହୁ ଆଗରୁ ତା'ର ଚରମ ସୀମାରେ ନିଜର ପଦାଙ୍କ ଅଙ୍କନ କରିସାରିଛି । ପୁଞ୍ଜିବାଦୀ ରୁଗ୍ଣ ସମାଜରୁ କୁସଂସ୍କାର ବିରୁଦ୍ଧରେ ସାମ୍ୟବାଦୀ ସମାଜର ସ୍ୱର ସଜନୀରେ ଧ୍ୱନିତ । ମୁଖ୍ୟତଃ, ଏହା ଲୋକ ଜୀବନର ଆଭ୍ୟନ୍ତରୀଣ ଆବେଗର ଅନ୍ତର୍ଲିପି, ଅନ୍ତର୍ଗୀତ ଓ ଅନ୍ତଃପ୍ରକାଶ । ଏଠି ମୁଁ ମାତ୍ର କେତୋଟି ପଦ ବିଷୟରେ ସାମାନ୍ୟ ସୂଚନା ଦେଇଛି । ସଜନୀର ସଂଖ୍ୟା ଅସୀମ । ଏହି ଅବହେଳିତ 'ସଜନୀ' ଏବେ ଲୋପ ପାଇବାକୁ ବସିଲାଣି । ତାର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ଅତିଶୀଘ୍ର ଲୋଡ଼ା ।

ଦୁଳ୍କିରେ ବସିଲା କାଉ
ମୋ ସଜନୀ ଗୀତ ଭରନା ହେଉରେ
ଧନ, ଗୀତ ମୋ ମେଲଣି ପାଉରେ, କାଲିଆ
ଗୀତ ଗାଉଛେଁ ଧର ସାଲିଆରେ, କାଲିଆ ।।

[ସପ୍ତର୍ଷି, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜୁଲାଇ, ୧୯୭୩

Digitized by srujanika@gmail.com

ସମ୍ବଲପୁରୀ ଲୋକଗୀତ : ହୁମୋ-ବଉଲୀ

—ଭଲ୍ କେ ଭୂମୁର କେତେ ବଉଲୀରେ
ଭଲ୍ କେ ଭୂମୁର କେତେ
ଭଲ୍ ଖଂଗି ଗଲେ କହେବୁ ମତେ
ଭଲ୍ ଖଂଗି ଗଲେ କହେବୁ ମତେ
ଜୁଲ୍ ଖଂଜ ଦେମି ତତେ, ବଉଲୀରେ
ଜୁଲ୍ ଖଂଜ ଦେମି ତତେରେ······

ଆଉ ପ୍ରକୃତରେ ଏ ସମ୍ବଲପୁରୀ ଲୋକଗୀତ "ହୁମୋ ବଉଲୀ" ହେଉଛି ଜୁଲ୍ ଖଂଜି ଦେବାର ଗୀତ, ଅର୍ଥାତ୍ ପାରସ୍ପରିକ ସ୍ନେହ, ସହାନୁଭୂତି, ସଂଗତିର ଲୋକସଂଗୀତ । କେବଳ ପାରିବାରିକ ନୁହେଁ, ସାମାଜିକ, ଅର୍ଥନୈତିକ ସଂଗତି, ଜାତିପ୍ରେମ, ଦେଶପ୍ରେମ, ବିଶ୍ୱପ୍ରେମର ଅଫୁରନ୍ତ ଆନନ୍ଦଭରା ରାଗିଣୀ, ମିଳନର ମୂର୍ଚ୍ଛନା । ସେ ମିଳନ କେବଳ ପ୍ରଣୟାଶ୍ରୟୀ ପୁରୁଷ-ସ୍ତ୍ରୀର ମିଳନ ନୁହେଁ, ମହାମାନବିକ ହୃଦୟର ଆନ୍ତରିକ ନିବିଡ଼ ଅଶ୍ଳେଷର ବାଙ୍ମୟ ମିଳନ ।

ଲୋକଗୀତ 'ସଜନୀ'ପରି ଏହା ମଧ୍ୟ ଅତ୍ୟନ୍ତ ଲୋକପ୍ରିୟତାର ଅଧିକାରୀ । 'ସଜନୀ' ସହିତ ଏହାର ମୂଳ ପାର୍ଥକ୍ୟ କେବଳ ଏତିକି ଯେ "ସଜନୀ" ସ୍ତ୍ରୀ-ପୁରୁଷ ଉଭୟେ ଗାଇ ପାରୁଥିବା ସ୍ଥଳେ, ଏହି "ହୁମୋ-ବାଉଲୀ" ଉପରେ କିଶୋରୀ, ଯୁବତୀ ଝିଅମାନଙ୍କର ଏକଚାଟିଆ ଅଧିକାର । ଏହା କେବଳ ସ୍ତ୍ରୀମାନଙ୍କର ଗୀତ । ଏଣୁ ନାରୀ ଜାତିର ଜୀବନ-ସଂଘର୍ଷ ସମ୍ଭୂତ ଯେତେକ ତିକ୍ତ କଷାୟ-ମଧୁର ଅନୁଭୂତିର ପ୍ରଚ୍ଛନ୍ନତା ଏଥିରେ ସମଧିକ ପରିମାଣରେ ବିଦ୍ୟମାନ ।

ତଥାପି ଏହା ଅପୂର୍ଣ୍ଣ, କାରଣ ଏହା ମଣିଷ ସମାଜର ଅର୍ଦ୍ଧେକ ଭାଗର ହିଁ ମାତ୍ର ପ୍ରତିନିଧିତ୍ୱ କରେ । ତଥାପି ଏଇ ଅପୂର୍ଣ୍ଣତା ଭିତରେ ହିଁ ଏହା ସେମିତି ସ୍ୱୟଂ ସମ୍ପୂର୍ଣ୍ଣ ।

ହୁମୋ ବଉଲୀରେ ମଧ୍ୟ ଆମ ଆଖିଆଗରେ ଫୁଟି ଉଠେ ସାମାଜିକ ଜୀବନ ଚଳନ୍ତି ଚିତ୍ରପ୍ରତିମା ସବୁ ଗୋଟି ଗୋଟି ହୋଇ; ତାର ଅତୀତ, ବର୍ତ୍ତମାନ ଆଉ ସମ୍ଭାବନାମୟ ଭବିଷ୍ୟତର ଆଲେଖ୍ୟ । ସେ ଆଲେଖ୍ୟ ସୁର-ସଂଗୀତର, ହୃଦୟର ମାଦକ ଓ ମୁକ୍ତ ପରି-ପ୍ରକାଶର ସାମାଜିକ ଜୀବନର ଯେତେ ହସକାନ୍ଦ ସ୍ୱାର ଧାଡ଼ି ଧାଡ଼ି ଭିତରେ ନିମଗ୍ନ, ନାଁ

Digitized by srujanika@gmail.com

'ଜୀବନର' ନସ୍ତରର ଗୀତ । ଏଇ ହୁମୋ-ବଉଳୀ । ନାରୀ ଜୀବନର ପ୍ରଣୟ କାହାଣୀ, ଭଲ ପାଇବା ଓ ଐକାନ୍ତିକ ଏକତା, ମିଳନର କାହାଣୀ ଏଇ ହୁମୋ-ବଉଳୀ । ନାରୀ ଜୀବନର ସିନ୍ଦୂର ବିନ୍ଦୁ ଆଉ ଦୁଃଖ ସିନ୍ଧୁର ଅଜସ୍ର ଚଳଚଞ୍ଚଳ ଲହଡ଼ିରେ ଅନ୍ଦୋଳିତ କରୁଣ ବିଳାପ ଏଇ ସଜନୀ ଗୀତର କୂଳ ଗୀତ ହୁମୋ-ବଉଳୀ । ତାର ଭବିଷ୍ୟତର ଆଶା, ଅଶ୍ୱାସନା, ସ୍ୱପ୍ନ, କଳ୍ପନା, ସବୁ ଏଥିରେ ବର୍ଣ୍ଣିତ ଆଉ ରୂପାୟିତ ।

ଏହି ହୁମୋ-ବଉଳୀର ଉତ୍ପତ୍ତି ସମ୍ପର୍କରେ ୬ ସତ୍ୟନାରାୟଣ ବହିଦାର ମତ ପ୍ରକାଶ କରି କହିଛନ୍ତି ଯେ—"ପଞ୍ଚଦଶ ଶତାବ୍ଦୀରେ ସମ୍ବଲପୁରର ପୂର୍ବାଂଶକୁ "ହୁମାଗଣ୍ଡ" କୁହାଯାଉଥିଲା ଏବଂ 'ହୁମ' ତାହାର ରାଜଧାନୀ ଥିଲା । ଏଠାରେ ଗୋଟିଏ ପ୍ରାଚୀନ ଶିବ ମନ୍ଦିର ଅଛି ଏବଂ ଏହା ମହାନଦୀ କୂଳରେ ଅବସ୍ଥିତ ପ୍ରଧାନ ମନ୍ଦିର ଓ ତତ୍‌ସଂଲଗ୍ନ ସମସ୍ତ ମନ୍ଦିର ଭୂମି ଉପର ବଙ୍କା । ବଳରାମ ଦେବଙ୍କ ଖଣ୍ଡା ଅବସ୍ଥାରେ ମନ୍ଦିର ଅଧିଷ୍ଠାତା ବିମଳେଶ୍ୱର ବାବାଙ୍କ ଷୋଡ଼ଶୋପଚାରରେ ବ୍ରାହ୍ମଣ ଭୋଜନ ଚଳେ । ଶିବରାତ୍ରିରେ ବଡ଼ ଭାରି ହାଟ ବସେ ଏବଂ ବହୁତ ଲୋକ ଜମା ହୁଅନ୍ତି । 'ହୁମାଗଣ୍ଡ'ର ନାମାନୁସାରେ ଏହି ଝିଅଙ୍କ ଖେଳର ନାମକରଣ ହୋଇଥିବାର ଅନୁମିତ ହୁଏ । * ଏହି ହୁମାର ଶୈବ ମନ୍ଦିରଟି ଏବେ ବିଖ୍ୟାତ । ହୁମୋ 'ହୋମ' ଶବ୍ଦଜ ।

ନିଜ ମନର ବ୍ୟଥା ବା କୋହକୁ ଜଣେ ଅନ୍ତରଙ୍ଗ ବନ୍ଧୁ ପାଖରେ ପ୍ରକାଶ କରି-ପାରିଲେ ମନରୁ ଏକ ଭାରି ବୋଝ ଓହ୍ଲାଇଯାଇ ହାଲୁକା ଲାଗେ । ଏଣୁ ବାନ୍ଧବୀ ବଉଳୀ ଦା ବଉଳ ପ୍ରତି ତାର ଏ ଆନ୍ତରିକ ଆବେଦନ, ଏ ସମ୍ବୋଧନ । ସଜନୀ ଓ ହୁମୋ-ବଉଳୀ ସମକ ଦୁଇ ଭଉଣୀ । ସଜନୀ, ବଡ଼ ଭଉଣୀର ଆଗ୍ନେୟ ଆନ୍ତରିକତାପୂର୍ଣ୍ଣ କଣ୍ଠରେ ବିପ୍ଳବର ନିର୍ଘୋଷର ଧ୍ୱନିତ ହେଉଥିବା ବେଳେ ବଉଳୀ ଅତି ଗୋଲବଗରରେ ବଢ଼ିଥିବା ଅଲଅଲି ସାନ ଭଉଣୀର ଆତ୍ମାଭିମାନନୀ ସ୍ୱର ଏକାନ୍ତ କରୁଣ ଆଉ ମର୍ମନ୍ତୁଦ । ହୁମୋ-ବଉଳୀରେ ହଜୁବେଳେ ଏକ ବୁଝାବୁଝା ଭାବ । ଯେମିତିକ ଅତି ସାଧାରଣ ଏକ କଥାରେ ଅଭିମାନ କରି ଛଳ ଛଳ ଆଖିରେ କବାଟ କଣରେ ଏଉଁଟିଏ ମୁହଁ କରି ଲୁଚି ବୁଝୁଛି । କେହି ବୁଝାଇବାକୁ ଗଲେ ଦୀର୍ଘଶ୍ୱାସ ସହିତ ଆଖିରୁ ତାର ଉତ୍ତର ଆସୁଛି ଧାରି ଧାର ଲୁହ ।

ସଜନୀ ଦବାଲୋକରେ ସମସ୍ତ ସାମାଜିକ ସତ୍ୟତାର ମୁଖା ଖୋଲି ଦେଉଥିବା ବେଳେ, ହୁମୋ-ବଉଳୀ ରାତିର ଘନାନ୍ଧକାର ମଧ୍ୟରେ ଗୃହିଣୀ ପରି ଛୁଟିକି ପଡ଼େ । ହୃଦୟର ଅନ୍ଧକାରାଚ୍ଛନ୍ନ କୋଣ ନିକଟରେ ଯେମିତି ପାଦପ୍ରଦୀପର ଭୂମିକାରେ ଅବତୀର୍ଣ୍ଣ ହୁଏ । ଏକି ଗାଁଉଳୀ ଅପାଠୋଇ ମୁବତୀ ଝିଅର ଜୀବନଶ୍ରୀରେ ରଞ୍ଜିତା ଏଇ ବଉଳୀ,

* ସମ୍ବଲପୁରୀ ଭାଷାର ଶବ୍ଦ ବିଭବ ବା ସଂକ୍ଷିପ୍ତ ବ୍ୟାକରଣ ଓ ରଚନା : ୬ ସତ୍ୟନାରାୟଣ ବହିଦାର
ପ୍ରକାଶକ : ଚନ୍ଦ୍ରମୁଖି ସାହିତ୍ୟ ସଂସଦ, ସମ୍ବଲପୁର —୧୯୭୭

Digitized by srujanika@gmail.com

ତାର ହୃଦୟର ସକଳ ନିଷ୍କପଟତା, ସରଳତା, ନିଃସ୍ୱାର୍ଥତା, ଦୟା, କ୍ଷମା, ଶାନ୍ତି, ସହାନୁଭୂତି, ଧୈର୍ଯ୍ୟ, ପ୍ରୀତି ସବୁ ଯେପରି ଏକାଧାରରେ ଏଥିରେ ସମାହିତ । ବଉଳୀ ହେଉଛି ଅନ୍ତରର ନିବିଡ଼ ତମିସ୍ରାରେ ଆଲୋକର ଆତ୍ମପ୍ରକାଶର ଗୀତ—ଗାଉଁଲି ନାରୀ ଜୀବନର ଆଲୋକତୀର୍ଥ ।

ଝିଅମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଏହି ଗୀତଟା ବର୍ଷସାରା ଚାଲି ଚାଲେ । ପାଗ ଶୁଖିଲା ହେଲେ ଛୁଟି ସମୟରେ ଦୁଇ ଦଳ ଝିଅ ପରସ୍ପର ଗଳାରେ ହାତ ଦେଇ ଦୁଇ ଧାଡ଼ିରେ ଠିଆ ହୁଅନ୍ତି । ମଝିରେ କିଛି ବ୍ୟବଧାନ ଥାଏ । ତା'ପରେ ଗୋଟିଏ ଦଳ ଠିଆ ହୋଇଥିବା ବେଳେ ଅନ୍ୟ ଦଳଟା ବଉଳୀ ଗାଇ ଗାଇ ସେମାନଙ୍କ ଆଗକୁ ଆସେ ଓ ଫେରିଯାଏ । ପଦେ ଗୀତ ଶେଷ ନ ହେବା ପର୍ଯ୍ୟନ୍ତ ସେ ଦଳଟା ଅଗୁଆଏ ଯାଉଥାଏ । ପଦଟା ଶେଷ ହେଲା ପରେ ଦ୍ୱିତୀୟ ଦଳଟା ସେମିତି ଆଗକୁ ଆସେ, ପଛକୁ ଘୁଞ୍ଚେ । ଏହିପରି ପ୍ରଶ୍ନୋତ୍ତରରେ ଏ ଗୀତର କ୍ରମ ଚାଲେ ।

ସାଧାରଣତଃ ଝିଅମାନେ ବେଶୀ ସ୍ନେହଶୀଳା । ସେମାନଙ୍କ ପ୍ରେମଟା ସାରା ପୃଥିବୀ ଓ ମାନବିକତା ପାଇଁ ଉଦ୍ଦିଷ୍ଟ । ସେମାନଙ୍କ ମାତୃପ୍ରେମ ଓ ମାତୃଭୂମି ପ୍ରତି ପ୍ରେମ ଆହୁରି ଗଭୀରତର । ମାଟିର ମମତାରେ ସେମାନେ ସାରା ଜୀବନ-ଧରି ବାନ୍ଧି ହୋଇ ରହିଥାନ୍ତି । ନିଜ ଦେଶରେ ଭୋକଶୋଷରେ ମରିବେ ପଛକେ, ଅନ୍ୟ ଦେଶର "ଗୁଆ-ପଣସ"କୁ ପସନ୍ଦ କରିବେ ନାହିଁ—

—ହୁମୋ ନୂନ ନୂନ ଦୁଶ ବଉଳୀରେ
ହୁମୋ ନୂନ ନୂନ ଦୁଟ,
ନ ଖାଉଁ ନ ପିଉ ଗୁଆ ପଣସ
ନ ଖାଉଁ ନ ପିଉ ଗୁଆ ପଣସ ।
ନ ଯାଉଁ ତୁମର ଦେଶ ବଉଳୀରେ
ନ ଯାଉଁ ତୁମର ଦେଶରେ···

ସତେଇ ଜୀବନର ନିତିଦିନିଆଁ ସୁଖଦୁଃଖର ଘଟଣାରେ ଝିଅର ହୃଦୟ ବିଗଳିତ ହୋଇଥାଏ । ହୁମୋ-ବଉଳୀର ଅନ୍ତର ମଧ୍ୟ ବିଗଳିତ ହୋଇଥାଏ । ଝିଅ ଶୁଣିଛି ବସିଛି ବାପଘର ଯିବ ବୋଲି । ଅନେକ ଦିନରୁ ଗାଁକୁ ଦେଖିନି, ବୋଉକୁ ଦେଖିନି, ଧାନ ସାନ ଭାଇ ଭଉଣୀ, ସାଙ୍ଗ ସରିସାର କଥା ତାର ମନେପଡୁଛି । ଆଉ ଭାଇ ଏତେଦିନ ହେଲା ତାକୁ କାହିଁକି ନେବାକୁ ଆସି ନାହିଁ ! ଫଗୁଣ ପୂର୍ଣ୍ଣିମା ଆସି ନିକଟ ହେଲଣି । ସମସ୍ତେ ଆଉମାନେ ତ ଯେଝା ମାଆଁ ଘରକୁ ଗଲେଣି । ଯାଇଥିବେ ଭାଉଜଙ୍କୁ ଆଣି । ଝିଅର ଏହି ମନସ୍ତତ୍ତ୍ୱର ଚିତ୍ରଣ । ଝିଅ ବିଦାହେଲା ବେଳେ ,ମାଆ କେତେ କାନ୍ଦିଥିଲା । ସେ ବି ତା' ବୋଉକୁ ବର୍ଷକରେ ଥରେ ଆସିବ ବୋଲି କାନ୍ଦ କାନ୍ଦ କଥା ଦେଇ ଆସିଥିଲା । ହେଲେ ସେ ତ ଆଉ ପୁଅ ହୋଇନି ଯେ ମନ କଲେ ଚାଲିଯାଇପାରିବ ?

Digitized by srujanika@gmail.com

—କଦଲି କାଟିଲି ଖୁରେ ବଉଲ୍ଲୀରେ
କଦଲି କାଟିଲି ଖୁରେ,
କାନ୍ଦୁଛି ମାଉ ଗୋ କାନ୍ଦୁଛି ଘରେ
କାନ୍ଦୁଛି ମାଉ ଗୋ କାନ୍ଦୁଛି ଘରେ
ବର୍ଷକେ ଆସିମି ଥରେ ବଉଲ୍ଲୀରେ
ବର୍ଷକେ ଆସିମି ଥରେ ରେ…
—ବୈଶାଖ ମାସଟା ଲେଉଟି ଗଲା
ବୈଶାଖ ମାସଟା ଲେଉଟି ଗଲା
ମୋ ଭାଇ ନେଇ ଆସିଲା, ବଉଲ୍ଲୀରେ …
—ଯା ଯାରେ ଭାଇ ତୋ କୁଞ୍ଜବନକୁ
ଯା ଯାରେ ଭାଇ ତୋ କୁଞ୍ଜବନକୁ
ଆନରୁ ଜୀବଧନକୁ, ବଉଲ୍ଲୀରେ
ଆନରୁ ଜୀବଧନକୁ…
—ତବାଘର ଘସୁଁ ଥିଲି ବଉଲ୍ଲୀରେ
ତବାଘର ଘସୁଁ ଥିଲି,
ବାପା ଆଏବେ ବୋଲି ନ ଜାନଥିଲି
ବାପା ଆନଦେବା କଟକୀ ଶାଢ଼ୀ
ମାଁ ଆନଦେବା ବଉଲ କେସୀ
ମନେ କର ବହୁ ଭଙ୍ଗିଆ ଗୁଆ
ମୋର ଦଦା ସୁପାରଖିଆ, ବଉଲ୍ଲୀରେ
ମୋର ଦଦା ସୁପାରଖିଆରେ ।

'ବଉଲ୍ଲୀ'ର ପ୍ରଥମ ଆରମ୍ଭଟା ସାଧାରଣତଃ "ହୁମୋ ନୂନ ନୂନ ହୁଣ ବଉଲ୍ଲୀରେ"ରୁ ଆରମ୍ଭ ହୋଇଥାଏ । ପରେ ସୁବିଧା ସୁଯୋଗ ଜାଣି ଆହୁରି କଳାତ୍ମକ ପଦମାନ ପ୍ରୟୋଗ ହୁଏ । ଏଥିରେ ତିନୋଟା ପାଦ ଥାଏ । ପ୍ରତ୍ୟେକ ଧାଡ଼ିରେ ଗୋଟାଏ ଗୋଟାଏ ପଦ । ତିନୋଟା ଯାକ ପଦ ଦୁଇ ଦୁଇ ଥର ଆବୃତ୍ତି କରାଯାଏ । ପ୍ରଥମ ପଦର ଧାଡ଼ିଟା ପ୍ରଥମ ଥର ଆବୃତ୍ତି କଲାବେଳେ ଶେଷରେ "ବଉଲ୍ଲୀରେ" ଲଗାଯାଏ । ଦ୍ୱିତୀୟ ପଦଟା ସାଧାରଣ ଭାବେ ଆବୃତ୍ତି କରାଯାଏ । ତୃତୀୟ ପାଦର ପ୍ରଥମ ଧାଡ଼ିର ଶେଷରେ "ବଉଲ୍ଲୀରେ" ଲଗାଯାଇ, ଦ୍ୱିତୀୟ ଥର ଆବୃତ୍ତି ଶେଷ କଲା ସମୟରେ ପଦ ଶେଷରେ ଖାଲି "ରେ ବା ଗୋ" ସମ୍ବୋଧନ ସୂଚକ ଲଗେଇ ଛାଡ଼ି ଦିଆଯାଏ ।

ଉଦାହରଣ—୧ମ ପାଦ : ଭୁନକେ ଭୁନ ଉଭର
୨ୟ ପାଦ : ମାଆଁ ଥିଲେ ଝିଅ ଦେଖା ହୁଅର
୩ୟ ପାଦ : ମାଉସୀ କଲା ଅନ୍ତର ।

Digitized by srujanika@gmail.com

ହୁମୋ-ବଉଳି ନୃତ୍ୟରେ ଏହା ହେବ :

ଗୁନାକେ ଗୁନା ଉତ୍ତର, ବଉଳିରେ
ଗୁନା କେ ଗୁନା ଉତ୍ତର
ମାଆଁ ଥିଲେ ଝିଅ ଦେତା ଉତ୍ତର
ମାଆଁ ଥିଲେ ଝିଅ ଦେତା ଉତ୍ତର
ମାଉସୀ କଲା ଅନ୍ତର, ବଉଳିରେ
ମାଉସୀ କଲା ଅନ୍ତର, ରେ···

ବାପ ଘରେ କିଛି ଦିନ ରହିଲା ପରେ ଶାଶୁଘର କଥା ମନେପଡ଼ୁଛି ଝିଅର । ସେ ଯିବାକୁ ଚାହୁଁଛି, କିନ୍ତୁ ସାଙ୍ଗସାଥୀମାନେ ଆଉ କିଛି ଦିନ ରହିଯିବା ପାଇଁ ଆକଟ କରୁଛନ୍ତି । ଏଣେ ନ ଗଲେ ଯେ ନ ଚଳେ । ବରଷା ନିକଟ ହେଲାଣି । ବିଲ ବାଡ଼ି କାମ ଆରମ୍ଭ ହୋଇଯିବ । କେତେ କାମ । ପୁଣି ଶାଶୁ ଯେ ତାକୁ କେତେ ଭଲ ପାଆନ୍ତି—

—କଟ କଟ କଟ କଟ ବଉଳିରେ
କଟ କଟ କଟ.କଟ,
ବରଷା ଆସିଣ ହେଲା ନିକଟ
ବରଷା ଆସିଣ ହେଲା ନିକଟ
ବିଦା କରଦିଅ ଝଟ ବଉଳିରେ
ବିଦା କରଦିଅ ଝଟରେ···
—ମହୁଲ ଗଛର ପଟା ବଉଳିରେ
ମହୁଲ ଗଛର ପଟା
ମୋର ଶାଶୁ ଘରର ପିନ୍ଧେନ୍ କପଟା (୨)
ଦୁଦୁଲ ଯାଉଛେ ଅଁଟା, ବଉଳିରେ
ଦୁଦୁଲ ଯାଉଛେ ଅଁଟା ରେ···

ସାଧାରଣତଃ 'ହୁମୋ-ବଉଳି' ମଧ୍ୟମ ଲୟରେ ବୋଲାଯାଇଥାଏ । ବେଳେ-ବେଳେ ଏହା ଦ୍ରୁତ ଓ ବିଲମ୍ବିତ ମଧ୍ୟ ହୋଇଥାଏ । କିନ୍ତୁ ଏଥିରୁ ଉଦ୍‌ଭୂତ ସ୍ୱର ଲହରୀରୁ ଏକ ଆବେଗିତ କାରୁଣ୍ୟ ଫୁଟେ, ଯାହା ମାଁ ଓ ଶାଶୁ ଘରର ସୁଖ ଓ ଦୁଃଖରେ ଉଦ୍ଭାସିତ ହୋଇ ପଡ଼େ ।

—ବୁଢ଼ ମଠିଆର ଘିଅ ବଉଳିରେ
ବୁଢ଼ ମଠିଆର ଘିଅ,
ଆମର ଘରେ ଅଛେ ଦ୍ରୁପଦୀ ଝିଅ (୨)
ଟଂକା ଗନ କର ନିଅ, ବଉଳିରେ
ଟଂକା ଗନ କର ନିଅରେ···

Digitized by srujanika@gmail.com

—ଧାନ ବୁନ୍ଦେ ଗଲ୍ଲ ପାନ୍ନ ବଉଲ୍ଲରେ
ଧାନ ବୁନ୍ଦେ ଗଲ୍ଲ ପାନ,
ଆମ୍ବ ଜେମାମଣୀ ଗୁଂଦୁଆ ଝାଣି (୨)
ଦେହ୍ରରେ ନ ବାଜୁ ଧାଣି, ବଉଲ୍ଲରେ
ଦେହ୍ନରେ ନ ବାଜୁ ପାଣିରେ···

—ଘରକୁ ଦଣେ ଫୁଙ୍ଗଲ ବଉଲ୍ଲରେ
ଘରକୁ ଦଣେ ଫୁଙ୍ଗଲ,
ଘର ତୁଙ୍ଗି ଦେଖ କେଡ଼େ ସୁନଖ
ପଡ଼ିଛେ ମାଛ ମଗର ରେ ··

—ଡାଲ ବରଡ଼ାର ଘର ବଉଲ୍ଲରେ
ଡାଲ ବରଡ଼ାର ଘର,
ଚଲାଇ ନେବ ହୋ ଥିଲାର ପୁଅ (୨)
ଗଣ୍ଡାବ ଘରର ଝିଅ, ବଉଲ୍ଲରେ
ଗଣବ ଧରର ଝିଅରେ···

—ବରପଦ ଛେଦଲିଆ ବଉଲ୍ଲରେ
ବର ପତର ଛେଦଲିଆ,
ତୋର ଦଦା ଭାଇ ଏଡ଼େ ଜବରଦସ୍ତା (୨)
ନାଇଁ ଦେଲେ କତଣିଆ, ବଉଲ୍ଲରେ
ନାଇଁ ଦେଲେ କତଣିଆରେ ··

—ଟୁପା ଟୁପା ଟୁପା ଟୁପା ବଉଲ୍ଲରେ
ଟୁପା ଟୁପା ଟୁପା ଟୁପା,
ପାଚଛେ ଜମୁଡ଼ା ଫଣ୍ଡିକୁଛେ ଚଁପା (୨)
ଟଙ୍କା ଥିଲେ ଘିନପକା, ବଉଲ୍ଲରେ
ଟଙ୍କା ଥିଲେ ଘିନପକାରେ ··

—ଦୁଲ କରେ କଟକଟ ବଉଲ୍ଲରେ
ଦୁଲକରେ କଟ କଟ,
ମୋର ଭାଇ କପାଳେ ସୁନା ମୁକୁଟ (୨)
ଘିନ ଦେମୁଁ ରତନ ଖଟ, ବଉଲ୍ଲରେ
ଘିନ. ଦେମୁଁ ରତନ ଖଟରେ···

Digitized by srujanika@gmail.com

—ନୁଆଁ କରେ ଶବ ଶବ ବଉଳୀରେ
ନୁଆଁ କରେ ଶବ ଶବ
ଆଉର ଗୃଶଦାନ ଘରେ ରହିବ (୨)
ଅଦେଖା ଘଇକେ ଯିବ, ବଉଳୀରେ
ଅଦେଖା ଘଇକେ ଯିବରେ…

—କରଡ଼ି ଦୁଇ ଖଣ୍ଡ ଗଜା ବଉଳୀରେ
କରଡ଼ି ଦୁଇ ଖଣ୍ଡ ଗଜା,
ମୋର ସାନ ଝିଇ ଘଇକେ ରଜା (୨)
ସୁଖରେ ପାଳୁଛେ ପର୍‌ଜା, ବଉଳୀରେ
ସୁଖରେ ପାଳୁଛେ ପର୍‌ଜାରେ…

—ପର୍ବତେ ବାଜଇ ଖଗ୍ର ବଉଳୀରେ
ପରବତେ ବାଜଇ ଖଗ୍ର,
ଉଠ ଯଶୋଦାନ୍ତୀ ଦେଇବ ଛଗ୍ର (୨)
କୃଷ୍ଣ ବୁଲେ ପଗ୍ର ପଗ୍ର, ବଉଳୀରେ
କୃଷ୍ଣ ବୁଲେ ପଗ୍ର ପଗ୍ରରେ…

—ଖଡଗାଡ଼େ ଲାଲ କଇଁ ବଉଳୀରେ
ଖଡଗାଡ଼େ ଲାଲ କଇଁରେ
ଜଣକୁ ଦଇବ ନେଲା ଛଡ଼ାଇ (୨)
କଲ୍‌ଜାରେ ଦାଗ ଦେଇ, ବଉଳୀରେ
କଲ୍‌ଜାରେ ଦାଗ ଦେଇରେ…

—ଚୂଆଁରେ ପକାଲିଁ ଗିଲ, ବଉଳୀରେ
ଚୂଆଁରେ ପକାଲିଁ ଗିଲ,
ଚୂଆଁ ତଗ୍ର ତଗ୍ର ମନ୍ଦାର ଫୁଲ (୨)
ଗୁଟେ ଗ୍ରୁଡ଼ି ପୁଟେ ତୁଲ, ବଉଳୀରେ
ଗୁଟେ ଗ୍ରୁଡ଼ି ଗୁଟେ ତୁଲରେ…

—ଗଜ ବାହାଲର ଝଗ୍ର ବଉଳୀରେ
ଗଜ ବାହାଲର ଝଗ୍ର,
ପଡ଼ଲେ ପଡ଼ିମି ପୁଲ୍‌ଶେ ଧଗ୍ର (୨)
ନଷ୍ଟେ ଯିମି ତୁମର୍‌ ପଗ୍ର, ବଉଳୀରେ
ନଷ୍ଟେ ଯିମି ତୁମର୍‌ ପଗ୍ରରେ…

Digitized by srujanika@gmail.com

—ଝୁପୁଲ ଝୁପୁଲ ସୂତା ବଉଲୀରେ
ଝୁପୁଲ ଝୁପୁଲ ସୂତା
ତୋର ପରେ ନମୀ ଗଣ୍ଡା ଘଏତା (୨)
କାଢରେ ପକାମା କଥା, ବଉଲୀରେ
କାଢରେ ପକାମା କଥାରେ···

—ପିପଲ କାଠକୁ କାଟ ବଉଲୀରେ
ପିପଲ କାଠକୁ କାଟ
ଆମର ଗାଁଥି ପରେ ପାଉଁଚ ଘାଟ (୨)
ଗୁଡ଼ି ତଳେ ବସେ ହାଟ, ବଉଲୀରେ
ଗୁଡ଼ି ତଳେ ବସେ ହାଟରେ....

—ପାନ ଗଲା ପାଉଁଚକୁ ବଉଲୀରେ
ପାନ ଗଲା ପାଉଁଚକୁ,
ପାନ ଭାଙ୍ଗି ଦେମି.ଗୁଣମଣୀଙ୍କୁ (୨)
ଚଲ୍ ଯିମା କଚେରୀକୁ, ବଉଲୀରେ
ଚଲ୍ ଯିମା କଚେରୀକୁ ରେ···

—ପାନ ଗଲା ଗ୍ଡନ୍ ଗ୍ଡନ ବଉଲୀରେ
ପାନ ଗଲା ଗ୍ଡନ ଗ୍ଡନ,
ହାମର ଦେଶ ରଜା ଆନଛେ ରାନୀ (୨)
ତେଭର ଆଖିଟା କାଣୀ ବଉଲୀରେ
ତେଭର ଆଖିଟା କାଣୀରେ···

—ମହୁଲ ପତର ଲାଲ ବଉଲୀରେ
ମହୁଲ ପତର ଲାଲ,
ରଷେ ଚରଦେଲ ଲାଲ ଗୁଦର (୨)
ଶୀତେ ବଡ଼ା ହରବର, ବଉଲୀରେ
ଶୀତେ ବଡ଼ା ହରବରରେ···

—ଢେଢେଲ ଫଲେ ବନେ ବନେ ବଉଲୀରେ
ଢେଢେଲ ଫଲେ ବନେ ବନେ,
ମୋତେ ଦେଇଦେଲ ରାଇଜର କୁନେ (୨)
ରଖିଥିବ ମନେ ମନେ ବଉଲୀରେ
ରଖିଥିବ ମନେ.ମନେରେ···

Digitized by srujanika@gmail.com

—ନଡ଼ିଆ କତାକେ କତା ବଉଲୀରେ
ନଡ଼ିଆ କତାକେ କତା,
ଗୃଶଦନ ହେଲା ନ କହୁ କଥା (୧)
କେଉଁ ଦୋଷ କଲି ବତା ବଉଲୀରେ
କେଉଁ ଦୋଷ କଲି ବତାରେ···

—ଆହାରେ ବରେନ ଜଷ୍ଟୀ ବଉଲୀରେ
ଆହାରେ ବରେନ ଜଷ୍ଟୀ,
ତୁମେ ନାଇଁଜାନ ମହବତ୍ କର କର (୨)
ଦୁନଆଁରେ ଗଲ୍ ସର ବଉଲୀରେ
ଦୁନଆଁରେ ଗଲ୍ ସରରେ···

—ବାହାଲେ ବୁନଲ୍ ମୁଗ ବଉଲୀରେ
ବାହାଲେ ବୁନଲ୍ ମୁଗ,
ତୋତେ ଦେଖି କରି ଲାଗୁଛେ ଲୁଭ (୨)
ବସିଥିମା ଗଜାମୁଗ ବଉଲୀରେ
ବସିଥିମା ଗଜାମୁଗରେ···

—ଝିପି ଝିପି ଝିପି ଝିପି ବଉଲୀରେ
ଝିପି ଝିପି ଝିପି ଝିପି,
କାହାକେ ସଜନୀ ଲେଖୁଛୁ ଚିଠି (୧)
ଆଁଖଲ୍ ପଡ଼ୁଛେ ଥିପି ବଉଲୀରେ
ଆଁଖଲ୍ ପଡ଼ୁଛେ ଥିପିରେ···

—ଥାଲି ପହଁରାଇ ଦେଲି ବଉଲୀରେ
ଥାଲି ପହଁରାଇ ଦେଲି,
ଥାଲି ସଙ୍ଗେ ମୁଇଁ ପହଁରି ଗଲି (୨)
ଜୀବନ ହରାଇ ଦେଲି ବଉଲୀରେ
ଜୀବନ ହରାଇ ଦେଲିରେ···

—କଟଙ୍ଗ ବାଉଁଶ ପୁଲ ବଉଲୀରେ
କଟଙ୍ଗ ବାଉଁଶ ପୁଲ,
ମହାନଦୀର ପାନି ମାରୁଛି ହୁଲ (୨)
ସହର ତଳିଆ ପିଲା ବଉଲୀରେ
ସହର ତଳିଆ ପିଲାରେ···

Digitized by srujanika@gmail.com

—ଦୁଲି ତଳେ ଗଲା ହଁସ ବଉଲୀରେ
ଦୁଲି ତଳେ ଗଲା ହଁସ,
ତୋତେ କରିଦେମି ବଂଗାଲୀ ବେଶ (୨)
ବୁଲୁଥିବୁ ଦେଶ ଦେଶ ବଉଲୀରେ
ବୁଲୁଥିବୁ ଦେଶ ଦେଶରେ ··

—ଗାଆଁ ଖୁଲି ଗଲା ଲହ୍ନ ବଉଲୀରେ
ଗାଆଁ ଖୁଲି ଗଲା ଲହ୍ନ,
ଗାଁର ଗଉଁଟିଆ ଆନଛେ ବହ୍ନ (୨)
ସୁନାର୍ ପାନ ଗୁଣ୍ଡ ଧୁଅ ବଉଲୀରେ
ସୁନାର୍ ପାନ ଗୁଣ୍ଡ ଧୁଅରେ···

—ତାଲପତ୍ର ଚରଚର ବଉଲୀରେ
ତାଲପତ୍ର ଚରଚର,
ସାହେବ ଦେଇଛେ ଚଠି ପତର (୨)
ବାଛୁ ବାଛୁ କର-ବର ବଉଲୀରେ
ବାଛୁ ବାଛୁ କର ବରରେ···

—ସେମିଫୁଲ୍ କେରା କେରା ବଉଲୀରେ
ସେମିଫୁଲ୍ କେରା କେରା,
ମୋର ଦଦା ଯାଉଛେ ସିପେଇ ଡେରା (୨)
ଲୁକମାନେ ତରା ତରା ବଉଲୀରେ
ଲୁକମାନେ ତରା ତରାରେ···

—ଗାଢ଼ି ଧରସିଆ କେନ୍ଦୁ ବଉଲୀରେ
ଗାଢ଼ି ଧରସିଆ କେନ୍ଦୁ,
ଆଷାଢ଼ ମାସରେ ନୁଆଁଇ ବନ୍ଧୁ (୨)
ଧାନ ଦୁଆ ବେଳେ କାନ୍ଦୁ ବଉଲୀରେ
ଧାନ ଦୁଆ ବେଳେ କାନ୍ଦୁରେ···

—ଦୁଆରେ ଗାଡ଼ିଲି ଛଡା ବଉଲୀରେ
ଦୁଆରେ ଗାଡ଼ିଲି ଛଡା,
ଛଡାର ଉପରେ ଲେଖନ ଥିଡା (୨)
ଜନମ ଦିନର କଥା ବଉଲୀରେ
ଜନମ ଦିନର କଥା ରେ···

Digitized by srujanika@gmail.com

—ନଏନ୍ ପାନ ହଜ ହଜ ବଉଳୀରେ
ନଏନ୍ ପାନ ହଜବଜ,
କାଣା ହଜାଇଲୁ ରାଧିକା ଧଜ (୨)
ଚୁନ୍ଧର ପକାଇ ଖୁଜ ବଉଳୀରେ
. ଚୁନ୍ଧର ପକାଇ ଖୁଜରେ···

—ଢେଙ୍କି ଶାଳ ଆଡ଼ ପିଡା ବଉଳୀରେ
ଢେଙ୍କି ଶାଳ ଆଡ଼ ପିଡା,
କାନ୍ଧ କାନ୍ଧ ନମୀ ମୁହଁ ନ ଶୁଖା (୨)
ପାଇଛୁ ପିଲା ଘଏଡା ବଉଳୀରେ
ପାଇଛୁ ପିଲା ଘଏଡା ରେ ··

—ଖପରେ ବସିଲା ଶାଶୀ ବଉଳୀରେ
ଖପରେ ବସିଲା ଶାଶୀ,
ବସିଥାରେ ଶାଶୀ କର୍ମ ଆଦର (୨)
ଖାଏବୁ ପାନ ସୁପାରୀ ବଉଳୀରେ
ଖାଏବୁ ପାନ ସୁପାରୀ ରେ ··

—ହୁଁ ହୁଁ କରେ ହନୁମନ୍ତ ବଉଳୀରେ
ହୁଁ ହୁଁ କରେ ହନୁମନ୍ତ,
ଗୁଲ ଦେଖି ଯିବା ନୃସିଂହନାଥ (୨)
ଗୃଣଆଡେ଼ ପରବତ ବଉଳୀରେ
ଗୃଣଆଡେ ପରବତରେ ··

— କଅଁଳୀ ବସ୍ତ୍ର ନାଣି ବଉଳୀରେ
କଅଁଳୀ ବସ୍ତ୍ର ନାଣି,
ନାଇଁ ଯାଏଁ ଧନ ମୁଇଁ ଗୁଡ଼ି କର (୨)
ବସିଥିବ କୁଲେ ଧର ବଉଳୀରେ
ବସିଥିବ କୁଲେ ଧରରେ···

—ଧାନପଣ ଠନ ଠନ ବଉଳୀରେ
ଧାନ ପଣ ଠନ ଠନ,
ବାଜୁଛେ ବାଁଶୋରୀ ଟେକିଆ କାନ (୨)
ଆସିବେ ରାଧା ମଦନ ବଉଳୀରେ
ଆସିବେ ରାଧା ମଦନରେ···

Digitized by srujanika@gmail.com

—ଗ୍ରାମ କେ ଗ୍ରାମ ଅନ୍ତର ବଉଳୀରେ
ଗ୍ରାମ କେ ଗ୍ରାମ ଅନ୍ତର,
ଗ୍ରାମ ଗ୍ରାମ ଥିଲେ·ସାନ.ଦଅର (୨)
ହସିଦେଲେ କର କର ବଉଳୀରେ
ହସି ଦେଲେ କର କର ରେ··
—ଇସ୍କୁଲ ପାଣେ ଆମ ଘର ବଉଳୀରେ
ଇସ୍କୁଲ ପାଣେ ଆମର ଘର,
ପାଚିଲା କଦଳୀ ମାଂଗେ ମାଷ୍ଟର (୨)
ଦେବାକୁ ଆମର ଡର ବଉଳୀରେ
ଦେବାକୁ ଆମର ଡର ରେ ··
— ସଡ଼କେ ନାହିଁକ ଲଣ୍ଠା ବଉଳୀରେ
ସଡ଼କେ ନାହିଁକ ଲଣ୍ଠା,
ସଡ଼କେ ପକେଇ ଦେମା ଲୁହାର କାଁଟା (୨)
ଚାଲିଯିବା କଲକତା ବଉଳୀରେ
ଚାଲିଯିବା କଲକତାରେ···
—ଛବାଘର ସୁରୁବାଟ ବଉଳୀରେ
ଛବା ଘର ସୁରୁବାଟ,
ଖାଇଗଲେ ମୋର ସୁରୁ ଫଗାଡ (୨)
ଧରାଇ ଦେଉ କରାଟ ବଉଳୀରେ
ଧରାଇ ଦେଉ କରାଟରେ ··
—ଦୁଆରେ ଜଗାଲିଁ ମଲୀ ବଉଳୀରେ
ଦୁଆରେ ଜଗାଲିଁ ମଲୀ,
ତୋର ଥିବା ଯାକର୍ ଫୁଟବୁ ମଲୀ (୨)
ମୁଇଁ ଗଲେ ଯିବୁ ଝଲି, ବଉଳୀରେ
ମୁଇଁ ଗଲେ ଯିବୁ ଝଲିରେ···
—ସୁରୁ ବଲିଆର କାଉ ବଉଳୀରେ
ସୁରୁ ବାଲିଆଁର କାଉ
ମୋର୍ ନାନୀ ଯାଇଛେ ବେସର ବାଟି (୨)
କଏ ଅଡ଼ାଇଲା ଗ୍ରାଉ ବଉଳୀରେ···
ଗ୍ରାମ ଅନ୍ୟା [illegible] ପା[illegible]ଲେ ଭେଟି (୨)
ବର୍ଗଡ଼ କଟେଗା ନେଉ ବଉଳୀରେ
ବର୍ଗଡ଼ କଟେଗା ନେଉରେ···

Digitized by srujanika@gmail.com

—ଦୁଆରେ କାଟିଲି ଛକା ବଉଳୀରେ
ଦୁଆରେ କାଟିଲି ଛକା
ସଭେ ସମିଗଲେ ଜୁଡ଼ି ଜୁଡ଼ିକା (୨)
ମୋହର କପାଳ ଏକା ବଉଳୀରେ
ମୋହର କପାଳ ଏକାରେ···

—ଦୁଆରେ ଲିପିଲି କଳ ବଉଳୀରେ
ଦୁଆରେ ଲିପିଲି କଳ
ଆମର କଲବତୀ ରାଂଧନୀ ହେଲା (୨)
କାନ୍ଧ କାନ୍ଧ ପରଷିଲା ବଉଳୀରେ
କାନ୍ଧ କାନ୍ଧ ପରଷିଲା···

—ଦୁଆରେ ତୁପିଲି କେନ୍ଦୁ ବଉଳୀରେ
ଦୁଆରେ ତୁପିଲି କେନ୍ଦୁ
ଜାନ୍ନ ଜାନ ଦଦା ବାଧିନ୍ତା ହେଲୁ (୨)
ବାର ବଟିଲିଆ ବନ୍ଧୁ ବଉଳୀରେ
ବାର ବଟିଲିଆ ବନ୍ଧୁରେ···

—ଆଂବ ଖାଇଗଲି ଲେଢ ବଉଳୀରେ
ଆମ୍ବ ଖାଇ ଗଲା ଲେଢ
ସମଲପୁରିଆ ବଜୁଲୀ ବତୀ (୨)
ଜଲୁଥାଏ ଢନ ଗାଢ ବଉଳୀରେ
ଜଲୁଥାଏ ଢନଗାଢରେ···

—ଗିନାରେ ଖାଇଲି ଶାଗ ବଉଳୀରେ
ଗିନାରେ ଖାଇଲି ଶାଗ
କାଏଁ ହେଲା ମକର କଣନ୍ତୁ ରାଗ (୨)
କଣ ଦେମା ଦୁଇଭାଗ ବଉଁଳୀରେ
କଣ ଦେମା ଦୁଇ ଭାଗରେ···

—ଦେଉଳ ଭଣ୍ଡାରେ ଘାସ ବଉଳୀରେ
ଦେଉଳ ଭଣ୍ଡାରେ ଘାସ
ସୀତା ରହିଥିଲେ ଅଢେଇ ମାସ (୨)
ଜନ୍ମ ହେଲେ ଲବକୁଶ ବଉଳୀରେ
ଜନ୍ମ ହେଲେ ଲବକୁଶରେ···

Digitized by srujanika@gmail.com

—ମସ୍ତା ଗୁଟେ ଦୁଇଫାଳ ବଉଲାରେ
ମସ୍ତା ଗୁଟେ ଦୁଇଫାଳ
ଦୁଟେଇ ଦଅ ଶାଶୂ ପୁଣ୍ଣିସ୍ତା ମାଳ (୨)
ପିଂଧିବେ ଧାନ ଦଅର ବଉଲାରେ
ପିଂଧିବେ ଧାନ ଦଅର ରେ ··

—ଦୁଆରେ ରଂଗେ ବଲ୍ଆ ବଉଲାରେ
ଦୁଆରେ ରଂଗେ ବଲ୍ଆ
ଭାତ ରାଂଧିଦେବ ଦୁଇ ଦୁଇ ଫାଳଆ (୨)
ଖାଇବେ ଧାନ ଦଅର ବଉଲାରେ
ଖାଇବେ ଧାନ ଦଅରେ···

—ବାଟର ଡେଂଗା ଖଜୁର ବଉଲାରେ
ବାଟର ଡେଂଗା ଖଜୁର
ଫଳେ ଫଳେ ଗଛ ଦଶେ ସୁନର (୨)
ସେ ଫଲ ବଡ଼ା ମଧୁର ବଉଲାରେ
ସେ ଫଲ ବଡ଼ା ମଧୁର ରେ···

—ବଯାଇଲ ବଯା ଦହୁ ବଉଲାରେ
ବଯାଇଲ ବଯା ଦହୁ
ଗୋପରେ ପୀରଢ କଲେ କହ୍ନାଇ (୨)
ଜାଣି ନ ପାରଲେ କେହୁ ବଉଲାରେ
ଜାଣି ନ ପାରଲେ କେହୁରେ···

—ଆଜ୍ କେନାପାଲ୍ ହାଟ ବଉଲାରେ
ଆଜ୍ କେନାପାଲ୍ ହାଟ
ସୀତା ପିନ୍ଧଲେ ଉଂଢ ମୁଗୁନି ପାଟ (୨)
ରାବଣ ଛେକିଲା ବାଟ ବଉଲାରେ
ରାବଣ ଛେକିଲା ବାଟରେ···

—ଅଲୁଆ ଗୁଡ଼ିଲ ପସେ ବଉଲାରେ
ଅଲୁଆ ଗୁଡ଼ିଲ ପସେ
ରଜାଘର ଝିଅର ବଂଧନା ବସେ (୨)
ମୁଲ୍କି ମୁଲ୍କି ହସେ ବଉଲାରେ
ମୁଲ୍କି ମୁଲ୍କି ହସେ···

Digitized by srujanika@gmail.com

—କଗ୍‌ଟେ ଧଉଳ ମେଥ୍ ବଉଲ୍ଲୀରେ
କଗ୍‌ଟେ ଧଉଳ ମେଥ୍
ସେଇ ମେଥ୍‌ଟିକ ଡାକ ଡାକୁଛୁ (୨)
କମଡ଼ିଆ ରଜା ନାଢ ବଢଲୀରେ
କମଡ଼ିଆ ରଜା ନାଢରେ···

—କମଡ଼ିଆ ରଜା ପାଏନା ଟେଡ଼ୁଲେ ବଉଲୀ···
ତାର ଝିଅ କଜଲପାଢ
କଜଲପାଟନେ ଛ' ଜଲ ଧାରେ
ତେଲେଂଗା ବଇଦ ରନ୍ଧୁଯା ଗୁଢ
ଲଲ ଧାନର ଭତ ଖୁଆମି ତୋତେ
ମରଗଲେ ପରାନ୍ ଜାତେ ବଉଲ୍ଲୀରେ
ମରଗଲେ ପରାନ୍ ଜାତେରେ···

—ମରଗଲେ ତୋର ହାଡ଼ ନେଇମି
ଗଂଗା ଉଡ଼ଶାରେ ଗୁଣ୍ଡ଼ ଥାଏମି
ଗଙ୍ଗା ଉଡ଼ଶାରେ ଫୁଲ ଚୁଲମି
କୃଷ୍ଣଙ୍କୁ ମଖାଉଥିମି ବଉଲ୍ଲୀରେ
କୃଷ୍ଣ ମୋ ବସିବେ ପଲଙ୍କ ଖଟେ
ଭଣ୍ଡାଙ୍କି ବସିବା ତଲେ ବଉଲ୍ଲୀରେ
ଭଣ୍ଡାଙ୍କି ବସିବା ତଲେରେ···

—ମଦଲ ମାଦଲ ଗିନା ବଉଲ୍ଲୀରେ
ମଦଲ ମାଦଲ ଗିନା
ଇ ଗିନା ଯାଇଛେ ଜଙ୍ଗଲ ଖାନା (୨)
ରନ୍ଧା ଘର ହେଲା ଛୁନା ବଢଲୀରେ
ରନ୍ଧାଘର ହେଲା ଛୁନାରେ···

—ବାଟର ଡେଙ୍ଗ ଫଲଶା ବଢଲ୍ଲୀରେ
ବାଟର ଡେଙ୍ଗ ଫଲଶା
ବଜାର ଯାଉଛୁ ନଅ ପଇସା (୨)
ଆଗ୍ନିଦେବ ମୁହଁ ପୋଛା ବଢଲ୍ଲୀର
ଅଗ୍ନିଦେବ ମୁହଁପୋଛାରେ···

Digitized by srujanika@gmail.com

—କୁଲରେ କାଟିଲି ଲଉ ବଉଲାରେ
କୁଲରେ କାଟିଲି ଲଉ
କଣ ସର ସର ଡେଂଗାଇ ବନ୍ଧୁ (୨)
ମୋର୍ ଦଦାର୍ କପାଲେ ଥାଉ ବଉଲାରେ
ମୋର୍ ଦଦାର୍ କପାଲେ ଥାଉରେ···

—ବାହ୍ମାଲେ ବୁନ୍ଦଲି ମେକା ବଉଲାରେ
ବାହ୍ମାଲେ ବୁନଲ୍ ମେକା
ଉଧାର କାପଟା ଅଁଟା ମଲକା (୨)
ଭୁଲଆ ମାଗୁଛେ ଟଁକା ବଉଲାରେ
ଭୁଲଆ ମାଗୁଛେ ଟଁକାରେ ··

—ତାଲପଟ ଖର ଖର ବଉଲାରେ
ତାଲପଟ ଖର ଖର
ଗୀତ ନାଇଁ ଜାନ୍ଲେ ଉଧାର କର.(୨)
ଲେଖିଦିଅ ଚର ଗର ବଉଲାରେ
ଲେଖିଦିଅ ତରଚର ରେ···

—ତାଲପଟ ତର ଚର ବଉଲାରେ
ତାଲପଟ ଖର୍ ଖର
ତୋର ପରେ ନମି ଗୁସେଇଁ ବର (୨)
ତୁମା ଧଣ ଧଣ ବୁଲ୍ ବଉଲାରେ
ତୁମା ଧଣ ଧଣ ବୁଲରେ···

—ଗାଇକେ ମାଏଲିଁ ଝାଁଟେ ବଉଲାରେ
ଗାଇକେ ମାଏଲିଁ ଝାଁଟେ
ଗାଏ ପଲାଇଲା ଯମୁନା ଘାଟେ (୨)
ମାମୁଁଘର କେଉଁ ବାଟେ ବଉଲାରେ
ମାମୁଁଘର କେଉଁ ବାଟେରେ···
ମାମୁଁ ଘରର ପିଁଡା ଉପାର ନାହିଁ (୨)
ରେହେଁଛି ଗାଡ଼ମା କାହିଁ ବଉଲାରେ
ରେହେଁଛି ଗାଡ଼ମା କାହିଁ···

Digitized by srujanika@gmail.com

—ଧାନକୁ ଚୁହ୍ଲ ବମା ବଉଲୀରେ
ଧାନକୁ ଚୁହ୍ଲ ବମା
କାହିଁ ଯାଉଅଛ ସିଁପୁର ମୁହାଁ (୨)
ବୈଶାଖେ ଖାଇମା ନୂଆ ବଉଲୀରେ
ବୈଶାଖେ ଖାଇବା ନୂଆଁରେ ··
—ଢେଙ୍କରେ କୁଟିଲ ଗୁଡ଼ି ବଉଲୀରେ
ଢେଁକରେ କୁଟିଲ ଗୁଡ଼ି
କାହିଁକ କାନ୍ଦୁଛ ଫୁପୁଲ ବୁଢ଼ୀ
ସକାଳୁ ମୁରହି ଟୁପୁଲ ବଉଲୀରେ
ସକାଳୁ ମୁରହି ଟୁପୁଲରେ ··
···ତଲ ବନ୍ଧେ ବଡ଼ା କଙ୍କ ବଉଲୀରେ
ତଲ ବନ୍ଧେ ବଡ଼ା କଁକ
ବେକର ଖଗଲ ଝଁଅକମକ (୨)
ଦାଣ୍ଡି ପିନ୍ଧା ବଡ଼ା ସକ ବଉଲୀରେ
ଦାଣ୍ଡି ପିନ୍ଧା ବଡ଼ା ସକରେ···
— ଲେସୁନ ଖାଇଲ ପୋକ ବଉଲୀରେ
ଲେସୁନ ଖାଇଲା ପୋକ
ପୁଲିଆ ତଲରେ କାହିଁଶ ଲୋକ (୨)
ଡେଗାଇ ଡେଗାଇ ଦେଖ ବଉଲୀରେ
ଡେଗାଇ ଡେଗାଇ ଦେଖରେ···
—ସଡ଼କେ ବସିଲ କାଉ ବଉଲୀରେ
ସଡ଼କେ ବସିଲ କାଉ
ଉଡ଼ନୀରେ କାଉ ମଟର ଯାଉ (୨)
ଆସିବେ ମୋର ବଡ଼ ବନ୍ଧୁ ବଉଲୀରେ
ଆସିବେ ମୋ ବଡ଼ ବନ୍ଧୁରେ···
—ନୂଆଁ ଗୃଲ ପିଟୁଥିଲ ବଉଲୀରେ
ନୂଆଁ ଗୃଲ ପିଟୁଥିଲ
ନୂଆଁ ଗୃଲ ତଲେ କାହାର ମାଲ (୨)
ଯେଟା ମୋର୍ ଦାଦାର ଶାଲ ବଉଲୀରେ ଯେଟା ମୋ ଦାଦାର ଶାଲରେ ··
ମୋର ଦାଦାର ଶାଲଟା ବକଟ କାଲ (୨)
ପିନ୍ଧଛେ ସୁର୍ଣିଆ ମାଲ ବଉଲୀରେ
ପିନ୍ଧଛେ ସୁର୍ଣିଆ ମାଲରେ···

Digitized by srujanika@gmail.com

—ପଇସା ଠିକା କରିଲା ବଉଲୀରେ
ପଇସା ଠିକା କରିଲା
କେନ୍ ବନ୍ଧୁ ମୋତେ ଶୀତେ ଜୁରିଲା (୨)
ଅଛେ କି ପଲଇ ଡାଲ ବଉଲୀରେ
ଅଛେ କି ପଲଇ ଗଲରେ···

—ଡୁଆ ଡୁଆ ଡୁଆ ଡୁଆ ବଉଲୀରେ
ଡୁଆ ଡୁଆ ଡୁଆ ଡୁଆ
ହୁଗଗଲା ବାଟେ ପାଇଛୁ ଛୁଆ (୨)
କାହା କେ ବନ୍ଧିବା ରୁଆଁ ବଉଲୀରେ
କାହାକେ ବୁଲିବା ବୁଆରେ···

—କାନ୍ଧି ଦେଲିଁ ଲୁଥ ଲୁଥା ବଉଲୀରେ
କାନ୍ଧି ଦେଲିଁ ଲୁଥ ଲୁଥା
କାହିଁ ଗଲା ତୋର ଲୁଥୁ ଘଏତା (୨)
ଫୁଲ୍ ମାଲେ ଗାଁନ୍ତ ଦେତା ବଉଲୀରେ
ଫୁଲ ମାଲେ ଗାଁଥି ଦେତାରେ···

—ପର୍ବତେ ଗାଡ଼ିଲ ଘାନା ବାଉଲୀରେ
ପର୍ବତେ ଗାଡ଼ିଲ ଘାନା
ଆପରେ ଟୁକେଲେ ମିଇବ ପନା (୨)
ମିଲଏ ପେଲବେ ପନା ବଉଲୀରେ
ପିଲଏ ପେଲବେ ପନାରେ···

—ବିଲେଇ ମୁଁଡ଼ର କଟ ବଉଲୀରେ
ବିଲେଇ ମୁଁଡ଼ର କଟ
କାହିଁ ବାଲେଶ୍ୱର କାହିଁ କଟକ (୨)
ଦେବଗଡ଼େ ଦେମା ଭେଁଟ ବଉଲୀରେ
ଦେବଗଡେ ଦେମା ଭେଁଟରେ···

—ବାଗର ଝିଁଝିଁଟି କଂଠା ବଉଲୀରେ
ବାଗର ଝିଁଝିଁଟି କଂଠା
ଆମର ଭେନେଇର ଘଁପୁରି ଅଁଠା (୨)
ଘିନ୍ନ ଦେମା ଲଲ ମଠା ବଉଲୀରେ
ଘିନ୍ନ ଦେମା ଲଲ ମଠାରେ···

Digitized by srujanika@gmail.com

—ବାଟର ପୁଟୁକ ଗୁର ବଉଲାରେ
ବାଟର ପୁଟୁକ ଗୁର
ନ ଭାଂଗ ଭାଂଗ ନାଗରୀଙ୍କର (୨)
ପାଚିଲେ ହେବା ଗୁମର ବଉଲାରେ
ପାଚିଲେ ହେବା ଗୁମର···
—ଶିର୍ଥାଳୀ ଦୁଇ ଦୁଇ ପତର ବଉଲାରେ
ଶିର୍ଥାଳୀ ଦୁଇ ଦୁଇ ପତର
ସୀତା କାଂଦୁଥିଲେ ବନ ଭିତର (୨)
ଖାଇବାକୁ ଫଳମୂଳ ବଉଲାରେ
ଖାଇବାକୁ ଫଳମୂଳରେ ··

ଏହିସବୁ ବଉଲା ଗୀତମାନଙ୍କରେ ରହିଛି ସାମାଜିକ, ପାରିବାରିକ ଓ ବ୍ୟକ୍ତିଗତ ଜୀବନର ଉତ୍‌ଥାନ-ପତନ, ଆଶା-ନିରାଶା, ହସ-ଅଶ୍ରୁ, ବିଚ୍ଛେଦ-ମିଳନ, ହାସ୍ୟ-ବ୍ୟଂଗ, ଦାରିଦ୍ର୍ୟ, ରସିକତା, ଇତିହାସ, ଭୂଗୋଳ, ପୁରାଣ ଭାଗବତର ରାଶି ରାଶି ଖଣ୍ଡିତ ଚିତ୍ରପ୍ରତିମା ।

ଲୋକ-ସଂସ୍କୃତିର ସ୍ରଷ୍ଟା ଏହି ଲୋକଗୀତ ସବୁ ଲୋକ-ସଂସ୍କୃତିର ଅତଳ ଜଳରେ ମୁକ୍ତାଗର୍ଭା ଶାମୁକା ସବୁ ଏଇ ଗୀତଗୁଡ଼ିକ । ଯେଉଁଥିରୁ ମୁକ୍ତା ଆହରଣ କରିବାକୁ ହେଲେ ସେଇ ଅଗାଧ ଜଳ ଭିତରକୁ ଲମ୍ଫ ଦେବାକୁ ହିଁ ପଡ଼ିବ ।

ସଜନୀ ଗୀତକୁ ମଧ୍ୟ ସାମାନ୍ୟ ପରିବର୍ତ୍ତିତ କରି ଢ଼ମୋ-ବଉଲାରେ ପ୍ରୟୋଗ କରାଯାଇପାରେ । ଅନେକତ ହୁଏ ମଧ୍ୟ—ଯଥା

ସଜନୀ—ଆହାରେ ବକୁଲୀ ଗଛୟା
ଅଧରେ ଅଧରେ କରୁଛୁ ମାୟାରେ
ଧାନ, ତୋର ହୃଦରେ ନାଇ ନ ଦୟାରେ ନିର୍ଦୟା
ବଉଲା—ଆହାରେ ବକୁଲୀ ଗଛୟା ବଉଲାରେ
ଆହାରେ ବକୁଲୀ ଗଛୟା
ଅଧରେ ଅଧରେ କରୁଛୁ ମାୟା
ଅଧରେ ଅଧରେ କରୁଛୁ ମାୟା
ତୋର ହୃଦରେ ନାହିଁନ ଦୟା ବଉଲାରେ
ହୃଦରେ ନାହିଁନ ଦୟାରେ

ସେହିପରି ଢ଼ମୋ-ବାଉଲାକୁ ମଧ୍ୟ 'ସଜନୀ' ଭାବରେ ପ୍ରୟୋଗ କରାଯାଇପାରେ । ଏହି ଲୋକଗୀତ ସବୁ ସିଧା ଅନ୍ତରର ଅବାରିତ ମୁକ୍ତ ପରିପ୍ରକାଶ ! ଏଣୁ ଏହା କୌଣସି ଗୀତ ନିୟମର ଧାର ଧାରେନା । ଯାହା ମନରେ ଉଠେ, ହୃଦୟକୁ ଗଭୀର ଭାବରେ ଆଲୋଡ଼ିତ କରେ, ତାହା ନିର୍ଦ୍ଦ୍ୱନ୍ଦ୍ୱ ଭାବରେ ରୂପ ପାଇଥାଏ ଏଥିରେ । ଏଣୁ 'ସଜନୀ' ଓ 'ଢ଼ମୋଗୀତ' 'ବଉଲା' ବା "ଢ଼ମୋ-ବଉଲା" ମଧ୍ୟରେ ବିଶେଷ ପୃଥକୀକରଣ ଦୁଃସାଧ୍ୟ ।

Digitized by srujanika@gmail.com

ଆଁଜି କାଶଗର [ଝିଅମାନେ [ସହର କଥା ତ ସେଠି ଉଠୁନ, କାରଣ ସେଠି ଇନ୍ଦ୍ରା ଫିଲ୍ମ ଗୀତର ସାମ୍ରାଜ୍ୟ] ଗାଁ ଗହଳରେ ମଧ୍ୟ ବାହୁରେ ବାହୁ ଛନ୍ଦ, କାନ୍ଧକୁ କାନ୍ଧ ଜୁଡ଼ାଇ, ଦୁଇ ଦଳରେ ବିଭକ୍ତ ହୋଇ କଆଫୁଲିଆ ଜହ୍ନରାତିରେ ଆଗ ପଛ **କରି** ଝୁଲି ଝୁଲି ବଉଳୀ ଗୀତ ଗାଉଥିବାର କ୍ୱଚିତ୍ ଦେଖାଯାଉଛି ।

—ସଡ଼କର ଲାଲମାଟି ବଉଳୀରେ
ସଡକର ଲାଲ ମାଟି
ଲାଲ ଲାଲ ଫୁଲ ଫଟାଇ ଦେଉ
ଲାଲ ଲାଲ ଫୁଲ ଫୁଟାଇ ଦେଉ
ସଡ଼କର ଘୃଣ କୁଢ ବଉଳୀରେ
ସଡ଼କର ଘୃଣ କୁଢରେ···

ରକ୍ତାକ୍ତର ଘୃଣଆଡ଼େ ମମତାର ମହକରେ ଭରା ମହାମାନବୀୟ ମିଳନର ନାଲି ନାଲି ରକ୍ତରଙ୍ଗୀ ଅସଂଖ୍ୟ ବଣଫୁଲ ଫୁଟୁ । ଯେତେ ସଂଘର୍ଷ ଜନ୍ୟ ତିକ୍ତତା, ବିଷାଦ, କ୍ଲେଷ ପାଇ ସତେଜ ନାଲି ସୃଷ୍ଟି ମୈତ୍ରୀର ଭାବ ନେଇ ଉଠୁ, ଏହା ହିଁ କାମନା ଏବଂ ଏହା ହିଁ "ଝୁମୋ-ବଉଳୀ"ର ଆନ୍ତରିକ ଆକୁତି । ଏହା ହିଁ ତାର "ଜୁଲି"ର ଏକାନ୍ତ ଆକାଂକ୍ଷା ।

[ସପ୍ତର୍ଷି, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜୁଲାଇ-ଅଗଷ୍ଟ, ୧୯୭୭]

Digitized by srujanika@gmail.com

—ମହାଜନର ସେଜ ଖାର
ସଂସାର ମଝରେ ପୀରତ ସାଇରେ
ଧନ, ଘର ହୋଇଗଲା ଦୂର, ରେ ଗଲର ।
—ସଜନୀ

ସମ୍ବଲପୁରୀ ଲୋକଗୀତ : "ସଜନୀ"ରେ ପ୍ରଶସ୍ତ ଚିନ୍ତ

—ଲୋକଗୀତ ଲୋକସର୍ବସ୍ୱ । ଏଥିରେ ଭାବପୂର୍ଣ୍ଣ ହୃଦୟର ତୀବ୍ର ଉଦ୍‌ଗାର ମୁକ୍ତ ରୂପରେ ରୂପାୟିତ ହୋଇଥାଏ । ସମାଜ, ସଂସ୍କାର, ପରମ୍ପରା, ଶାସନ ଓ ଧର୍ମର ଗୁରୁକାନ୍ତ ମଣିଷର ଆଭ୍ୟନ୍ତରୀଣ ଭାବରାଜିକୁ ଅବରୁଦ୍ଧ କରି ତାକୁ ଏକ ଶ୍ୱାସରୁଦ୍ଧ ଜୀବନରେ ଯେଉଁ ନିର୍ବାସନ ଦିଏ, ଏ ଲୋକଗୀତ ଭାଙ୍ଗେ ସେଇ ପାରମ୍ପରିକ ଆଚ୍ଛନ୍ନ ଶୃଙ୍ଖଳା, ନୀତିନିୟମର ଚୌହଦୀ; ପରିବର୍ତ୍ତେ ସୃଷ୍ଟି କରେ ବିଶୃଙ୍ଖଳା ଯାହା ପାରମ୍ପରିକ ଅର୍ଥଠାରୁ ଆହୁରି ଶୃଙ୍ଖଳିତ; ତଥାପି ଅନୈତିକତା, ଯାହା ଆହୁରି ଗମ୍ଭୀର ଅଥଚ ମଧୁର ଭାବରେ ନୈତିକତାବଦ୍ଧ ।

ଆଜିର ସ୍ଥିତି ତୁଳନାରେ ବୌଦ୍ଧିକ ଜଡ଼ବାଦୀ ସାହିତ୍ୟ ମଧ୍ୟ ଏକ ନିର୍ଦ୍ଦିଷ୍ଟ ଅସ୍ୱଚ୍ଛନ୍ଦର ଘେର ଭିତରେ ପରିସୀମିତ ନିର୍ଭୀକ ସ୍ୱଚ୍ଛନ୍ଦ ଆତ୍ମ ଅଭିବ୍ୟକ୍ତିର ବ୍ୟାକୁଳତା ଯେଉଁଠି ଧାରାବଦ୍ଧ ଭାବେ ବ୍ୟାହତ । ସ୍ଥିତିବାଦୀ ଶାସନକଳ ଓ ଫାଲ୍‌ଫିଟା ଭୟରେ ପଶ୍ଚାଦ୍‌ପଦ ହେବା ସ୍ଥଳେ ସାହିତ୍ୟ ସମାଜକୁ ଏକ ସାର୍ଥକ ଦିଗ୍‌ଦର୍ଶନ, ସଚେତନ ଦୃଷ୍ଟିଭଙ୍ଗୀ ଦେବାର ଯାଥାର୍ଥ୍ୟ କେତେକ ବ୍ୟତିକ୍ରମ ବ୍ୟତିରେକେ ଲାଭ କରି ନ ଥିବା ସ୍ଥଳେ ଲୋକଗୀତ, ବିଶେଷତଃ ସମ୍ବଲପୁରୀ ଲୋକଗୀତ "ସଜନୀ" * ସମସ୍ତ ବାଡ଼ବତା ଭାଙ୍ଗି, ଗୁରୁଦଣ୍ଡ ଛିଣ୍ଡାଇ, ମଣିଷ ମନର ଅତି ପାଖାପାଖି । ତାର ହୃତ୍‌ସ୍ପନ୍ଦନକୁ ଲାଗି ଠିଆହୋଇ ତାକୁ କେବେ ଉତ୍‌ସାହିତ, ଉତ୍‌ପ୍ରେରିତ କରିଛି ଆଗେଇଯିବାପାଇଁ, ତ କେତେବେଳେ ଏକାନ୍ତ ଆପଣାର ଦରଦୀ ବନ୍ଧୁ ହୋଇ ସମବେଦନାରେ ଆଖିରୁ ନିଗିଡ଼ି ଆସିଥିବା ଲୁହ-ଲହୁ ପୋଛି ସାନ୍ତ୍ୱନା ଦେଇଛି । କେବେ ସାମାଜିକ ଚଳଣୀ ବିରୁଦ୍ଧରେ ସ୍ୱାଧୀନ ବେପରୁଆ ମୁକ୍ତି ଘୋଷଣା କରିଛି ତ କେବେ ଗମ୍ଭୀର ହତାଶା ମନରେ ଘୃଣ୍ୟ ସାମାଜିକତାକୁ ଆତ୍ମାଭିମାନରେ ତ୍ୟାଗକରି ଦୂରକୁ ଚାଲିଯାଇ ସମାଜବିହୀନ, ଶ୍ରେଣୀହୀନ ସମାଜ ଗଠନ କରି ଶାନ୍ତିରେ ଏକ ପ୍ରୀତିମୟ ସଂସାର ଗଢ଼ି ତୋଳିବାର ବ୍ୟାକୁଳ ହାର୍ଦ୍ଦିକ ଆହ୍ୱାନ ଦେଇଛି ।

ଆଜିର ଅଶାନ୍ତ ଜୀବନରେ, ସଂଗତିହୀନ ସମାଜରେ 'ସଜନୀ' ଶାନ୍ତ ସଙ୍ଗୀତର ସ୍ୱର ଫୁଟାଇଛି···ଏହାର ମହତ୍ତ୍ୱ ମଧ୍ୟ ଏଥିଲାଗି ବେଶୀ ଯେ ଏହା ସର୍ବଦା ବଞ୍ଚିତ, ଦଳିତ, ନିଷ୍ପେଷିତ, ଶୋଷିତ, ଉପେକ୍ଷିତ ଜନସାଧାରଣଙ୍କ ମୁଁ ମୁକ୍ତ ଭାବନାର ସଫଳ ପ୍ରତିନିଧି

* ସମ୍ବଲପୁରୀ ଲୋକଗୀତ "ସଜନୀ" ପ୍ରବନ୍ଧଟି ଦ୍ରଷ୍ଟବ୍ୟ ।

Digitized by srujanika@gmail.com

କରି ଆସିଛି । କେଉଁ ଆଦିମ କାଳରୁ ମଣିଷ ଜୀବନରେ ଯେଉଁ କାଳରେ ବୈଷମ୍ୟର ସୃଷ୍ଟି ହେଲା, ସମସ୍ୟାର ସେହି ଗର୍ଭରୁ ହିଁ ସଙ୍ଗୀତର ସୃଷ୍ଟି । ଏହି ଲୋକଗୀତର ଜନ୍ମ ଲଗ୍ନ ।

ଯଦି ଆପଣ କେବେ ଏକ ମେଷପାଳିକା ସରଳା ଗ୍ରାମ୍ୟ ତରୁଣୀର ହାସ୍ୟୋଜ୍ଜ୍ୱଳ ମୁଖରୁ, କର୍ମରତ କୃଷକ, ଖଦାନ, ଫେକ୍ଟ୍ରି, ଫେରନ୍ତା କୁଲି, ରେଜା, ଖେତରେ କାମ କରୁଥିବା ଭୂତହାରେନ୍‌ମାନଙ୍କ କଳକଣ୍ଠ ନିନାଦିତ କଣ୍ଠରୁ ପଦଟିଏ ଶୁଣିବାର ସୌଭାଗ୍ୟ ଲାଭ କରିଥାନ୍ତି, ତେବେ ଆପଣଙ୍କର ସେ ନିଜସ୍ୱ ଅନନ୍ୟ ଅନୁଭୂତି ସଂପର୍କରେ କୃତ୍ରିମତା ଭରି କିଛି କହି ଆପଣଙ୍କର ସେ କୋମଳତମ ଓ ମଧୁରତମ ସାଙ୍ଗୀତିକ ଆଚ୍ଛନ୍ନତାକୁ ମୁଁ ଭାଙ୍ଗିବାକୁ ଚାହେଁନା । କାରଣ ଯେତେବେଳେ ଆପଣ ଅନୁଭବ କରିଥିବେ ଯେ ସେମାନଙ୍କର କଣ୍ଠଟା ଯେମିତି ସେମାନଙ୍କର ଖୋଲା ହୃଦୟରେ ପରିଣତ ହୋଇଯାଇଛି; ଆଉ ସେଇଠୁ ବୋହି ଆସୁଛି ମଣିଷ ହୃଦୟର ସୂକ୍ଷ୍ମାନୁସୂକ୍ଷ୍ମ ମୁକ୍ତ ଭାବନାର ଅବାରିତ ଝରଣା ରୂପରେ ସଙ୍ଗୀତର ଗୋଟାଏ ପରେ ଗୋଟାଏ ସ୍ୱର ଲହରୀ । ସଙ୍ଗୀତର ସେଇ ମସୃଣ ଦୁଇଟା ବାହୁ ବଳୟ ଆପଣଙ୍କ ଗଳାରେ ଛନ୍ଦି ହୋଇଯାଇଥିବ ଏକ ନିବିଡ଼ ଆତ୍ମବନ୍ଧନରେ ଆପଣା ଭୁଲିଁ । ଏକ ନିତାନ୍ତ ଅପରିଚିତ ଭିତରେ ବି ଆପଣ ଆନ୍ତରିକତାର ଅଗ୍ନିରେ ଜଳି ଯାଇଥିବେ ନିଶ୍ଚୟ । ମୁକ୍ତ ହୃଦୟର ଏ ଦୁର୍ବାର ଆତ୍ମାଭିବ୍ୟକ୍ତି ମାମନାରେ, ଏ ନିର୍ମଳ ସଙ୍ଗୀତର ପବିତ୍ର ଦୁନିଆ ନିକଟରେ ଆପଣଙ୍କର ସବୁ କିଛି ତୁଚ୍ଛ ମନେହୋଇଥିବ । ଏହାର ସୁକୁମାରୀ ଭାବନା, ସୁଦୂରପ୍ରସାରୀ ସୁର, ଶୈଳୀ, ଭାଷାର ଉନ୍ମାଦନା ଆପଣଙ୍କୁ କିଂକର୍ତ୍ତବ୍ୟ-ବିମୂଢ଼ ଭାବରେ ମୋହାଚ୍ଛନ୍ନ କରିଦେଇଥିବ । ସଙ୍ଗୀତର ଉଦ୍ଦାମ ସମ୍ମିଳିତ ସ୍ୱରଲହରୀ ତୁହାକୁ ତୁହା ଆପଣଙ୍କ ନିକଟକୁ ଆସି ହାତ ଧରି ମୀନଡ଼ଭରା କ୍ଷେତରେ ଡାକୁଛି ଯେମିତି ସେଇ ସୁର ସମୁଦ୍ରକୁ ଦାନଦେବା ପାଇଁ ଜୁଆର ପରେ ଜୁଆର ଉଠୁଛି, ଆନ୍ତରିକତା ପରେ ଆନ୍ତରିକତା ବଢ଼ୁଛି; ଆପଣ ଏକ ଗଭୀର ସ୍ୱପ୍ନର ଦୁନିଆରେ ମଜ୍ଜି ଯାଇଥିବେ ସେଇ ସୁର-ସୁନ୍ଦରୀର ।

ସଙ୍ଗୀତରେ ଲୋକମାନସର ସେଇ ନିଖୁଣ ପ୍ରାଥମିକ ଚିନ୍ତାବଳୀର ସନ୍ଦର୍ଶନ ଯାହା ସାଧାରଣତଃ ମଣିଷ ଭିତରେ ନିଜର ଲାଳସା, ବାସନା, ପ୍ରେମ-ଘୃଣା, ହର୍ଷ-ବିଷାଦ ତଥା ସମାଜସମ୍ମତ ମାନ୍ୟ ଧାନ୍ୟ ଧାରଣା ଉପରକୁ ଉଠିପାରି ନାହିଁ । ନିଜର ଉଦ୍‌ଭୂତ ଭାବନାସବୁକୁ ଅବାଧ ପରିପ୍ରକାଶ କରିବାରେ କୃତ୍ରିମ "ଆଗ୍ରହ-ସଭ୍ୟତା"କୁ ଓପାଡ଼ି ଫିଙ୍ଗିଛି କାହିଁ କେଉଁ କେତେଦୂର ବନାନ୍ତ ଭିତରେ । ସଙ୍ଗୀତ "ହୃଦୟର ବାଣୀ, ମସ୍ତିଷ୍କର ଧ୍ୱନି ନୁହେଁ" । ତା'ର ସୃଷ୍ଟି ଯଦିଓ ବୈକ୍ତିକ ଜୀବନର ସୁଖ-ଦୁଃଖ, ଆଶା-ନିରାଶା, ପ୍ରାପ୍ତି-ବଞ୍ଚନା ପ୍ରଭୃତିକୁ ନେଇ; ହେଲେ ହେଁ ସମଷ୍ଟିଗତ ଏକ ମହାନ୍ ମାନବୀୟ-ଜାତୀୟତା, ଆନ୍ତର୍ଜାତୀୟ ଏକତା ଓ ଜାତୀୟତାରେ ତାର ସମସ୍ତ ବୈୟକ୍ତିକ ବିଶେଷଣର ବିସ୍ମରଣ । କିନ୍ତୁ ଏ ବୈକ୍ତିକ ଭାବନା ସମଷ୍ଟିର ଏତେ ବେଶୀ ପ୍ରତିନିଧିତ୍ୱ କରି ଆସିଛି ଯେ ତାର ସମସ୍ତ ବ୍ୟକ୍ତିକ ସତ୍ତ୍ୱା ଲୋପ ପାଇ ପରିଶେଷରେ ତାକୁ "ଲୋକଗୀତ"ରେ ରୂପାୟିତ କରିଛି ।

Digitized by srujanika@gmail.com

"ସଜନୀ" ପ୍ରେମ ପ୍ରଣୟର ଗୀତ । ସଜନୀ ବନ୍ଧନଗ୍ରସ୍ତ ହୃଦୟର ସଙ୍ଗୀତ ସମସାମୟିକ ସମାଜର ବର୍ବର-ଅବର୍ବର ପ୍ରତି ଏକ ଆଗ୍ନେୟ ଆକ୍ଷେପ । ସଜନୀ ଗ୍ରାମ୍ୟ ଯୁବତୀମାନଙ୍କର ଏକ ଆବେଗିତ ଗୀତ ପଦନିସ୍ୱା । ତାର ମୁକ୍ତ ସ୍ୱାଧୀନ ଚଳଣିର ସୂପଣବାହକ । ତାର ଯୌବନ ସୁଲଭ ଉନ୍ମାଦନାର ସମବାଚୀ । ପ୍ରାଚୀନ ଜଗାଜନ୍ତା ବୃକ୍ଷ କୁଞ୍ଜଦ୍ୱାର, ମୀତ-କୁସୁମ ବନ୍ଧନରେ, ଜାତ୍ୟାଜାତ ବନ୍ଧନରେ ଏକ ଆଦମ ମୁକ୍ତ ଡାକନ୍ । ମୁକ୍ତ ପବନର ଆହ୍ୱାନ । ସ୍ନେହ-ପ୍ରେମ-ମମତାର କାନ୍ତ-କୋମଳ ବର୍ଣ୍ଣ୍ୟ ଝରଣା, ସାମାଜିକ ଶୋଷଣ, ଅତ୍ୟାଚାରର ଆଗ୍ନେୟ ଆକେଳଶ୍ୟ, କୃତଘ୍ନ ପ୍ରେମିକ ପ୍ରତି ଏକ ତାଚ୍ଛଲ୍ୟ, ପରକୀୟା ପ୍ରୀତି ପ୍ରତି ଏକ ଅଭିଶାପ । ଯୌବନ ଜୀବନର ଏକ ଝିଲି ମିଲି ସ୍ୱପ୍ନ । ଦୁଃଖ ହତାଶାର ଯୋଗି ଯୋଗି ଲୁହ । ସଞ୍ଚ ପ୍ରମାଣେ କହିଲେ—ଶାନ୍ତି, ମୈତ୍ରୀ-ପ୍ରେମ-ପ୍ରଗତିର ସଦାଶା । ମାନବିକତାର ଏକ ସଙ୍ଗ-ବାରେଣୀ ଧ୍ରୁବତାରା ।

ପ୍ରେମ ହେଉଛି ମଣିଷ ଜୀବନର ଏକ ସର୍ବଶ୍ରେଷ୍ଠ ଅଭିବ୍ୟକ୍ତି । ମଣିଷ ଭିତରେ ଯେତେ ରକମ ଭାବନା କଳ୍ପନା ଅଛି ସବୁଠାରୁ ବଳି ମୂଲ୍ୟବାନ ଓ ମହାର୍ଘ ହେଉଛି ତାର ଏଇ ପ୍ରେମ । ମଣିଷର ଦେହ ରାଜ୍ୟରେ କ୍ଷୁଧାର ପ୍ରଭାବ ଯେତିକି, ତାର ମାନସ ରାଜ୍ୟରେ ପ୍ରେମର ପ୍ରଭାବ ମଧ୍ୟ ସେତିକି; ବରଂ ତତୋଽଧିକ । ପୃଥିବୀରେ ମାନବ ସଭ୍ୟତାର ମୂଳ ଉତ୍ସ ହେଉଛି ପ୍ରେମ । ଆଉ ଏ ପ୍ରେମ ହେଉଛି ସଜନୀର ମୂଳ ଉତ୍ସ । କିନ୍ତୁ ଏ ପ୍ରେମ ଦେଶ, କାଳ, ପାତ୍ରର ସଙ୍କୀର୍ଣ୍ଣତାରେ ଆବଦ୍ଧ ନ ହୋଇ ମହାମାନବିକତାର ଦୀକ୍ଷାକୁ ଛୁଇଁ ଛୁଇଁ କାହିଁ ବୋହିଯାଇଛି କେଉଁ ଆନ୍ତର୍ଜାତିକ ବ୍ୟାପ୍ତିକୁ—

—ମହାଜନର ପେଜ ଖାଇ
ସଂସାର ମଧ୍ୟରେ ପୀରତି ସାରଚି
ଧନ, ଘର ହୋଇଗଲା ଦୂରରେ ଗଲାର
ମଲି ବୁହାରେ ଉଜେ ଗୃଦରରେ ଗଲାର !

ଏଥିରେ ପ୍ରୟୋଗ ହୋଇଥିବା ଇମେଜ ବା ଚିତ୍ରକଳ୍ପଗୁଡ଼ିକ ଏକାନ୍ତ ଭାବରେ ପ୍ରଣିଧାନଯୋଗ୍ୟ । ଏ ସ୍ୱତଃସ୍ଫୂର୍ତ୍ତ ପ୍ରତୀକ, ଚିତ୍ରକଳ୍ପ ସବୁ ଆରୋପିତ ସାହିତ୍ୟଠାରୁ ବହୁ ଊର୍ଦ୍ଧ୍ୱରେ ଜାତ୍ୟ ବସନ୍ତର ଆତ୍ମିକ ପରିଚୟ ପ୍ରଦାନ କରନ୍ତି ।

ମନଠାରୁ ବଳି ଦୁନିଆରେ ଅଉ କିଛୁ ସମସ୍ତ ମହାର୍ଘ ମୋହିନୀ ଲାଳସ ନାହିଁ—

—ନୂଆଁ ମହାଜନର ଧନ
ମନକେ ମହଜୀ ନ ହିଁ ପାରେ କିଣିରେ
ଧନ, ମନଟା ମିଳା ମହଙ୍ଗା, ସଜନୀରେ ।

ଆନ୍ତରିକ ନିଷ୍ଠାପର ପ୍ରେମ, ଭଲ ପାଇବା ନିକଟରେ ପୃଥିବୀର ସମସ୍ତ ଧନ-ରତ୍ନାଗାର ତୁଚ୍ଛ । ସେସବୁ କଦାପି ପ୍ରେମର ସମତୁଲ୍ୟ ହୋଇ ନ ପାରନ୍ତି । ପ୍ରେମ ହିଁ ହେଉଛି ଶ୍ରେଷ୍ଠ ସମ୍ପଦ ।

Digitized by srujanika@gmail.com

—କାଁହି ଗଲୁଁ ଛାଲ୍ ସନ
ରୂପା ଫୁଲେ ଗ୍ରାକା ନାହିଁ ଗରଜ ହୋ
ଧନ, ପୀରତ କରିଆଁ ଆଜରେ ନାଗର
ଅଧା ବୟସରେ ଜଲେ ଜାଗରରେ ନାଗର ।

ଆନ୍ତରିକତା ବିହୀନ, ନିଷ୍ଠା ବିହୀନ ପ୍ରେମ ଏକ ପ୍ରବଞ୍ଚନା । ସଜନୀ ସେହି ପ୍ରେମକୁ ଘୃଣା କରେ, ସଜନୀ ନିଜ ପ୍ରେମର ପ୍ରତିଷ୍ଠା ପାଇଁ ଆତ୍ମୋତ୍ସର୍ଗ କରିବାକୁ ମଧ୍ୟ ପ୍ରସ୍ତୁତ । ଲେଖାସ୍ୱରକୁ ମଧ୍ୟ ଏ ପ୍ରେମ ଭସ୍ମ କରି ମରିଜାଣେନା—

—ସଡ଼କେ ବସିଲା ବାହୁ
ତୋର ଲାଗି ମୋର ଜୀବନ ଯାଉରେ
ଧନ, ତୋର ମୋ ପୀରତ ହେତୁରେ ସୁଲସିମା
ଲୁକେ ଦେଖିଲେ ଜବାବ ଦେମାଁରେ ସୁଲ୍‌ସିମା ।
—ଗଛକୁ ପତର କେତେ
ଜାନ୍ ଥିବା ଯାକର ନାହିଁ ଛାଡ଼େଁ ତୋତେରେ
ଧନ, ମରିଯିବା ପରେଯାନ୍ତେ ଚେ ଗଲାର ।

ପ୍ରେମରେ ଆତ୍ମସମର୍ପଣର ଭାବନା—

—ଜଲ୍ ଅସୁଥିଲା ବଡ଼ି
ଜୀବନ ଆକୁଲେ ଝିଁ ପାଇ ଚଲି ହୋ
ଧନ, ତୁ ଛାଡ଼ି ଦେଖିବୁ ବୋଲି ରେ ନାଗର

ଜାତିଆଣ ପ୍ରଥାର ଆନ୍ତରିକ ଜ୍ୱାଳାରେ "ସଜନୀ"ର ହୃଦୟ କାପଟି ହାହାକାର କରି ଉଠିଛି ଦ୍ରଷ୍ଟବ୍ୟ—

—ଲେମଉ ଧରିଲା କଷି
କୁଲରେ ବସାଇ ଚୁମୁନ ଦେନ୍ତ୍ରରେ
ଧନ, ନ ହେଲା ଆମର ଜାତିରେ ଗାନ୍ଧି ।

ଜନ୍ମ ପର ମୁହୂର୍ତ୍ତରେ "ସଜନୀ"ର ସରଳ ହୃଦୟରେ ଏ ସାମାଜିକ ନୀତିଙ୍କ ବିରୁଦ୍ଧରେ ବିଦ୍ରୋହାଗ୍ନିର ସ୍ଫୁରଣ ଘଟିଛି । ସେ "କୃଷ୍ଣବନ" ଅର୍ଥାତ୍ "ଗୋପାଳ ସମସ୍ତ ଗୋପ ନାରୀ"ର ଦେଶ, ଯେଉଁଠି ସମସ୍ତ ନାରୀ କେବଳ ଗୋପୀ, ପ୍ରେମିକା, ଆଉ କୃଷ୍ଣ ଜାତିର ଲୁହନ୍ତି, ସେଇଠିକି ନିଜ କୃଷ୍ଣଙ୍କୁ ଶ୍ରୀରାଧା ବାଉଳୀ ପ୍ରେମ ଉପାସୀ ହୋଇ ନେଇଯିବାକୁ ଚାହିଁଛି; ଯେଉଁଠିକି ଜାତିଆଣ ଭାବ ନ ଥିବ, ଉଚ୍ଚନୀଚତା ନ ଥିବ । ଖାଲି ଏକ ସାମ୍ୟର ସାମ୍ରାଜ୍ୟ । ତାକୁ ସଙ୍ଗେ ସଙ୍ଗେ ସମାଜକୁ ମଧ୍ୟ ଉପହାସ କରିବାକୁ ସେ ଭୁଲି ନାହିଁ ।

Digitized by srujanika@gmail.com

—ଆମ୍ବାରେ କାଳିଆ ହାଣ୍ଡି
ତୋହର ମୋହର ରକ୍ତ ପୀରତିରେ
ଧନ, କୁଞ୍ଜ ବନେ ହେମା ଜାତିରେ ଗଉର
—ଛଚାଘର ଗୁଁଠି ଟାଣି
ନଣ୍ଡର୍ ମନ୍ ବଳୁଛେ ପଳାଇ ଯାଉଁରେ
ଧନ, ଜାତର୍ ଭେଜ ଦେମା କାହୁଁରେ ନବୀନା ।
—ବାଗିର କଣ୍ଟା ମାଳତି
ଯାଉ୍ ଜାତକୁଳ ରକ୍ତ ପୀରତିରେ
ଧନ, କଣ୍ଟକରେ ହେମାଁ ଜାତିରେ ଗୃଳଯିମା ।
— ନଡ଼ିଆ ଖାଇଲ ରଟେ
ଯାଉ ଜାତକୁଳ ନଅ ସଙ୍ଗତେ ହୋ
ଧନ, ମୁରୁଛ ନ ପାରେଁ ତୋତେ ରେ ନାଗର ।

କିନ୍ତୁରେ ଅତ୍ୟଧିକ ବ୍ୟସ୍ତ ବନ୍ଧୁନ ସାମାଜିକ ଭେଙ୍କ ପ୍ରଥାର ବନ୍ଧନ ପ୍ରତି ମଣ୍ଡ ଉପରୋକ୍ତ ସଙ୍ଗୀତରେ ବିଦ୍ରୋହଗାର ଦେଖିବାକୁ ମିଳେ । ମନଗ୍ରାମୀ ତୋ କ୍ୟା କରେ କାମ—

—ବାଦ୍ଧାଡିଲ ବୁଦିଲ ମକା
ତୋର ମନ ମୋର ମନ ହୋଇଲେ ଏକାରେ
ନଣ୍ଡୀ, କି କରିବେ ବାପ କକା ରେ କଣୋଣ୍ଡି
ତୋର ବାଲ୍ ହୁଏ ମୁର ଘରରେ କାଣୋଣ୍ଡି ।

ପ୍ରେମ ପର ଏକ ପବିତ୍ର ପଦାର୍ଥକୁ ଆଜି ବି ସମାଜରେ ଏକ ଅପରାଧ ରୂପେ ବିବେଚନା କରାଯାଏ ଏବଂ ପ୍ରେମିକ ପ୍ରେମିକାଙ୍କୁ ଏଥିପାଇଁ ବହୁ ଭୋଗୀ ହେବାକୁ ପଡ଼େ । ଦ୍ୟା ସମ୍ପର୍କରେ—

—ଆମ୍ବୁଥିକୁ ଯାଉଥିବୁ
ଯେନ ଧନ କାଳିଆ ଧରି ପଡ଼ିବୁରେ
ସତେ, ପାଇକ ଦଣ୍ଡ ପାଇବୁ କାଳିଆରେ ।

ପତ୍ନୀବ୍ରତ୍ୟ—ପାତିବ୍ରତ୍ୟ :

—ସାତ ବନ୍ଧେ ଲାଲ କଇଁ
କସୁମ କରୁଛେଁ ତୋ ଦେହ ଛୁଇଁରେ
ଧନ, ତୋ ବିନୁ ଅନ୍ୟ ଯେ କାହିଁରେ ନବୀନା ।

ସ୍ମୃତି—ଅଭିମାନ-ବିରହ :

—ଲାଗିଲେ ଆମ ବୃରେଇ
ଆଗର୍ କଥା ବାବୁ ଦେଲୁ ଭୁଲେଇରେ
ଧନ, ପରକେ ହେଉ ଗୁରେହ ସଜନୀରେ

Digitized by srujanika@gmail.com

—ବାଡ଼ିରେ ପଡ଼ିଲା ଡାଳ
ଆଗେ କରିଥିଲୁ ଗଳାର ହାରରେ,
ଧନ, ଏବେ କଲୁ ସାତ ପରତର ଗଳାର ।

—କଅଁଳ ଆମ ପତ୍ରର
ମୂଳା କାଳେ ଘଜା କଲ ଅନ୍ତରରେ
ଧନ, ଝୁରୁଛେ ଡ଼ାଳ ପତରରେ ଗଳାର ।

—ଆହାରେ ବାଁକଆ ଜହ୍ନ
କପଟ ଆସୁଛେ ଧୂଳା ପବନରେ
ସତେ, ସେପରି ଲାଗୁଛେ ମନରେ କଶୋର ।

—ବୈଶାଖ ମାସର ଖରା
ଯେତେ ଗଛ ଖୁଣ୍ଟ ପତର ଝରାଏ
ଧନ, ଜୁଇଲେ ନାହିଁ ଛଏଁ ସ୍ୱରେ ଗଳାର ।

—କାଟିଲ ରୂଇ ଭରନ
ତୋତେ ନ ଦେଖିଲେ ପନ୍ଦର ଦିନରେ
ଧନ, ଗୁଡ଼ି ଯାଉଛେ ଜୀବନରେ ଗଳାର ।

ପ୍ରବାସୀ ପତିର କୁଶଳ ଚନ୍ତାରେ ପ୍ରେମିକା ପତ୍ନୀ ବଚଳିତା ଆଦର୍ଶ ଦାମ୍ପତ୍ୟ ପ୍ରେମର ନମୁନା :

—ବାହାବେଳେ ବଉଁଶିବ
ଏବେ ମୋ କାନ୍ତ ବଦେଶ ଯିବରେ
ସତେ, କଏ ବାନ୍ଧି ପରଖିବ ସଜନୀରେ ।

ପ୍ରବାସୀ ପତି ପ୍ରେମର ମୂର୍ତ୍ତିମତୀ ବରହିଣୀ ସାଜି । ସଜନୀ ତୋ ଅପେକ୍ଷାରେ ସମସ୍ତ ମାଙ୍ଗଳିକ ମନାସୀ ବସିଛୁ :

—ମଲ୍ଲୀ ଫୁଲ ନଲ ନଲ
ଫୁଟିଥିବୁ ମଲ୍ଲୀ ଗଲ କେ ଗଳରେ
ସତେ, ମୋ କାନ୍ତ ଆସିବେ ବୋଲି ସଜନୀରେ ।

ପରକୀୟା ପ୍ରୀତି :

—ଚଳେଇ ଡାଳର ଦୂବ
ପରର ସ୍ତ୍ରିଶକୁ ନ କର ଲୋଭରେ
ଧନ, ଦୁଇ ଗୃହଦାନ ଭୋଗରେ ଗଳାର,

Digitized by srujanika@gmail.com

ପଣ୍ଟେଶଫରେ ଯୌବନ ବର୍ଧନ୍ତ ବର୍ଣ୍ଣନା ଦେଖନ୍ତୁ :

— କୁକୁର୍ ମାଇର ବସ୍
ଆମେ ହୋଇଅଛୁଁ ପିଲା ବୟସ ହୋ
ଆମର୍, ମୁହଁରୁ ଯାଉଛି ରସରେ ଗଲ୍ପର ।

— ମଲ୍ଲି ଫୁଲ୍ ଗୁଛି ଗୁଛି
ପୀରତି କରମାଁ ଯୁବା କେ ଯୁବାରେ
ଧନ, ଗୁଲଗଲେ ଦଶେ ଶୋଭିରେ ନବୀନା ।

— ପାଚି ନାହିଁ କଞ୍ଚା ଫଲ
ନଷ୍ଟଙ୍ଗ ନଷ୍ଟଙ୍ଗ ନଗର ବରରେ
ଧାନ, ପାଚଲେ ହେବା ତୁମରରେ ଗଲ୍ପର । ※

ସଜନୀର ମୂଳ ଉପପାଦ୍ୟ ପ୍ରେମ ହୋଇଥିଲେ ହେଁ ତାହା ଷିଢିଜ, ସମାଜିକ, ଆର୍ଥିକ, ରାଜନୈତିକ, ଐତିହାସିକ ପ୍ରଭୃତି ବିଭିନ୍ନ ବର୍ଣ୍ଣାଳୀରେ ଅନୁରଞ୍ଜିତ । ଏହାର ଆବେଦନ ସାର୍ବଜନୀନ ପ୍ରେମରେ ସବଳତା—ଦୁର୍ବଳତା ଅଭେଦରେ ଏହା ମଧୁର, କମନୀୟ ଉଦ୍ବପ୍ରେରକ । ନିଜ ଭିତରେ ସାହିତ୍ୟ, ସଂସ୍କୃତି, କଳା, ସଭ୍ୟତାର ଅନେକ ଅନାବିଷ୍କୃତ ବିଭବ ଲୁଚାଇ ରଖିଥିବା ସଜନୀ ପ୍ରକୃତରେ ଏକ ଭାନୁମତୀର ପେଡ଼ି, କାଦମ୍ବିନୀ ।

ଫ୍ରାନ୍ସର ବିଖ୍ୟାତ ବିପ୍ଳବୀ କବି ଲୁଇ ଆରାଗଁ ଥରେ କହିଥିଲେ ଯେ ପ୍ରଣୟିନୀ ପ୍ରତି ତାଙ୍କ ପ୍ରେମର ଅର୍ଥ ସ୍ୱଦେଶ-ପ୍ରେମ । ସେ ନିଜ ପ୍ରିୟତମା ଏଲସାର ଗୃହାଣୀରେ ଦେଖିଥିଲେ ଜନ୍ମଭୂମିର ଚମକ । ପ୍ରିୟତମା ଏଲସାର ବିରହରେ ସେ ଅନୁଭବ କରିଥିଲେ ଜନ୍ମଭୂମିର ବିଚ୍ଛେଦ । ସେହିପରି ସଜନୀର ପ୍ରେମ ଅର୍ଥ ଏକ ଶୋଷଣ ମୁକ୍ତ ସାମ୍ୟ ସମାଜର ପ୍ରେମ । ମୁକ୍ତ ମଣିଷର ମଣିଷ ପ୍ରତି ପ୍ରେମ, ଯେଉଁଠି ସବୁ ରକମ ଶୋଷଣ, ନିପୀଡ଼ନ, ଅବିଚାର, ଅନାଚାର, ଅତ୍ୟାଚାର, ଆଧିପତ୍ୟ ଅତୀତ ଇତିହାସର ଏକ କାଟଦ୍ରଷ୍ଟ ପୃଷ୍ଠା— ସଜନୀର ପ୍ରେମ ଆନ୍ତର୍ଜାତୀୟ ଶାନ୍ତି, ମୈତ୍ରୀ, ପ୍ରଗତିର ପ୍ରେମ । ସର୍ବୋପରି ମଣିଷ ଜୀବନର ପ୍ରେମ ।

[ଆସନ୍ତାକାଲ : ପୂଜାସଂଖ୍ୟା, ସେପ୍ଟେମ୍ବର-ଅକ୍ଟୋବର — ୧୯୭୭]

※ ଏ ସମ୍ପର୍କରେ "ସଜନୀ" ପ୍ରବନ୍ଧଟି ଦ୍ରଷ୍ଟବ୍ୟ ।

Digitized by srujanika@gmail.com

ସମ୍ବଲପୁରୀ ହଳିଆ ଗୀତ

ଜୀବନକୁ ତିନୋଟି ପ୍ରମୁଖ ପର୍ଯ୍ୟାୟରେ ସାଧାରଣତଃ ବିଭକ୍ତ କରାଯାଇପାରେ—Work, Rest and Recreation—କାମ, ବିଶ୍ରାମ ଓ ଅବସର ବିନୋଦନ । ଏ ତିନିଟାର ସାର୍ଥକ ସମନ୍ୱୟ ବ୍ୟତିରେକେ ଜୀବନ ହୁଏ ଲକ୍ଷ୍ୟହୀନ ଆଉ ସୁସ୍ଥ ମାନସିକତାର କଥା ହୋଇପଡ଼େ ଦୁଃସ୍ୱପ୍ନ । ଜୀବନରେ କାର୍ଯ୍ୟ ଓ ବିଶ୍ରାମର ଆବଶ୍ୟକତା ଯେତିକି, ଅବସର ବିନୋଦନ ବା ମନୋରଞ୍ଜନର ଆବଶ୍ୟକତା ବି ସେତିକି; ବରଂ ଅତ୍ୟଧିକ । ବେଶୀ କାମ କରିବାକୁ ହେଲେ ବେଶୀ ଅବସର ଲୋଡ଼ା, ବେଶୀ ମନୋବିନୋଦନ ଆବଶ୍ୟକ । କାମ କଲା ମାଧ୍ୟମରେ ଯୋଉ ମନୋରଞ୍ଜନ କରାଯାଏ, ଯାହା ଶ୍ରମର ସଙ୍ଗେ ସଙ୍ଗେ ଚାଲିଥାଏ, ସେଇଟା ଉତ୍କୃଷ୍ଟ ମନୋରଞ୍ଜନ, କାରଣ ତାହା କାର୍ଯ୍ୟକାରୀ ଶକ୍ତିକୁ ଶାଣିତ ଓ କ୍ଷିପ୍ର କରିଥାଏ ।

ସମ୍ବଲପୁରୀ କୃଷୀ ମଧ୍ୟ ଏ କଥାକୁ ଠିକେ ଠିକେ ଜାଣିଛି । ସେ ମଧ୍ୟ ନିଜେ ନିଜ ପାଇଁ ଖୋଜି ନେଇଛି କାର୍ଯ୍ୟସହ ବିଶ୍ରାମ ଆଉ ମନୋରଞ୍ଜନ ଏବଂ ଏ ହଳିଆ ଗୀତ ହେଉଛି ତାର କାର୍ଯ୍ୟ ମଧ୍ୟରେ ବିଶ୍ରାମ ଓ ମନୋରଞ୍ଜନ—Rest and Recreation is work.

ଲୋକଗୀତ ସବୁ ମନୋରଞ୍ଜନ ଓ ଶ୍ରମଲକ୍ଷ ହେବା ସଙ୍ଗେ ସଙ୍ଗେ ମାନସିକ ଜୀବନ ସ୍ତରକୁ ଉନ୍ନୀତ କରିବାରେ ସର୍ବପ୍ରଧାନ ସହାୟକ । ତା'ଛଡ଼ା ଆମର ଗରିବ କୃଷୀ, ମୂଲିଆ, ହଳିଆ ବା ଟୋଡ଼ିଆ ଭାଇ ପାଖରେ ବା ଆଉ କଅଣ ଏମିତି ରହିଛି, ଯାହାକୁ ନେଇ ସେ ତାର ମନୋରଞ୍ଜନ କରିବ ?

ତେଣୁ ହଳିଆ ଗୀତ ସହିତ ତାର ଓତପ୍ରୋତଃ ଆପ୍ରାଣ ମନୋରଞ୍ଜନ ଯେମିତି କି ତାର ସ୍ତ୍ରୀ ଆଉ ପିଲାଙ୍କ ସହ, ତାର ହଡ଼ା, ହଳ ଓ ଫଟାଭୂଇଁର ସହ; ଘାସ ଓ ଧାନକେଣ୍ଡାର ସହ, ଅସର ଅସର୍ ଅଦିନିଆ ବର୍ଷାର ସହ ଏବଂ ଆଷାଢ଼ ଆକାଶର ମେଘ, ଘଡ଼ଘଡ଼ି, ବିଜୁଳି ସହ ତାର ଆତ୍ମିକ ସମ୍ପର୍କ । ସେହିପରି ମଧ୍ୟ ହଳିଆଗୀତ ତାର ଜୀବନର ଏକ ଅପରିହାର୍ଯ୍ୟ ଅତ୍ୟାବଶ୍ୟକ ଅଂଶ, ବଡ଼ ଗୁରୁତ୍ୱପୂର୍ଣ୍ଣ ସେ ତାର ସୁଖ ଦୁଃଖର ସଦାଦିନିଆ ସାଥୀ "ବଇଲ"କୁ ସମ୍ବୋଧନ କରି ନିଜର ଐଶ୍ୱରିକ ପାଳକତାର ଭୂମିକାକୁ ସ୍ପଷ୍ଟ ସଙ୍କେତିତ କରି ଗାଇ ଉଠେ ।

Digitized by srujanika@gmail.com

—ଏଏଲାରେ, ଗହର ବଳରେ ତ ମୋ କାବଡା ହଳ ହଳ
ସୁନାର ନଙ୍ଗଳକୁ ଯେ ରୂପାର ଜୁଆଳି
ବଳଦ ହଳ ମନ ପେ ପବନ
ହଳିଆ ବନମାଳୀ ହୋ ଓ ଓ...ଅରର...

ଚଷା, ଲକ୍ଷେ ଲୋକ ପୋଷା । ସମସ୍ତଙ୍କ ଲାଗି ଖଟି ଖଟି ହଳଧର ହଳିଆ ଯେପରି ପାଲଟି ଯାଇଛି ଏକ ଚଳନ୍ତି ପାଳକ, କୃଷ୍ଣ, ବନମାଳୀ । ଗହୀର ବଳରେ ଯେ ତାର କାଠର ଲଙ୍ଗଳ ପାଲଟି ଯାଇଛି ସୁନାର, ଜୁଆଳି ହୋଇଯାଇଛି ରୂପାର, ବଳଦ ହଳକ ଯେମିତି ମନପବନ ବେଗରେ ସୃଷ୍ଟି ରକ୍ଷା ଲାଗି ଘୂମୁରି ଘୂମୁରି ଆଗେଇ ଚାଲିଛନ୍ତି, କାହିଁ କେଉଁ ଆଦମ ଯୁଗରୁ ଅବିରତ ଭାବରେ ତାଙ୍କର ମହାନ୍ କର୍ତ୍ତବ୍ୟ ପାଳନ କରି କରି ଖରା-ବର୍ଷା-ଶୀତ କାକରର କଷ୍ଟକୁ ଭ୍ରୂକ୍ଷେପ ନ କରି—

—ବଏଲାରେ, ଘନା କଟ କଟ ଯେ ମୂଷଲ ଦଏ ରଡ଼ି
ଘନା ଖାଏ ଦେଖ ଗୁର କୁଣ୍ଡାରେ
କୁଣ୍ଡାରୁ, ହଳିଆ ଦଇତାରି ହୋ...

ସେ କେବଳ ଧାନ ଫଳାଏନା । ଯାବତୀୟ ପନିପରିବା ଚାଷ, ରବି ଚାଷ, ଆଖୁ ଚାଷ କରି ସେ ସମସ୍ତଙ୍କର ଦୈନନ୍ଦିନ ଆବଶ୍ୟକତା ପୂରଣ କରିବାରେ ନିଜକୁ ଆତ୍ମନିୟୋଜିତ କରେ—କି ମହାନ ତାର ସେ ଆତ୍ମତ୍ୟାଗ ! ଅନ୍ୟଲାଗି ଖଟି ଖଟି ସେ ଶହୀଦ ହୋଇଯାଏ । ନିଜ ରକ୍ତକୁ ଝାଳରେ ପାଣି କରି ଶୁଖାଇ ଦେଇ ଜନମସ୍ତରେ ସ୍ୱପ୍ନେ ଯେଉଁ ଧାରା ପୃଥିବୀର ସୁଖ ସମୃଦ୍ଧି, ଶାନ୍ତି—ତାର ଶିରାଳ ହାତରେ ଲଙ୍ଗଳ କଣ୍ଢି ଜାକି କନୁଆ ଅରଣା ମାଟିକୁ ଫଟାଇ ଦଏ ଚାଷ ପାଇଁ—

—ଧରି କଣ୍ଢିରେ, ଜାକିଦିଅ ଗଣ୍ଡି, ଫାଟି ଯାଉ ମାଟି
ରଜା ସିଂହଦ୍ୱାରେ ଯେ ଚଢ଼ିଲଇ ହାତୀ
ଆର୍ ହାତୀ ବଳବନ୍ତରେ ମୋର ଭଙ୍ଗାଇ ଖାଏ ଡାଳ
ଘୋଡ଼ା ବଳବନ୍ତରେ ଯାଉଛି ଧରେ କେରୁଆଳ
ଆର୍ ସ୍ତିରୀ ବଳବନ୍ତରେ
ମୋର ଲେଉଟାଇ ବାନ୍ଧେ ବାଲ ହୋ...ଅର୍ ର୍...

—ଲୋକ ଗୀତର ଚନ୍ଦ ମଞ୍ଜୁଷାରେ ଭାରତୀୟ ସଂସ୍କୃତିର ଏକତାର ନିଦର୍ଶନ ରହିଛି ଏବଂ ଅନେକ ସୂତ୍ରରେ ଗ୍ରଥିତ ଆତ୍ମିକତା ପୂର୍ଣ୍ଣ ଏକତା ବି ଏଥିରେ ବିଦ୍ୟମାନ ।

ଦେଶର ପ୍ରକୃତ ଐତିହ୍ୟ ଓ ତାର ନୈତିକ, ସାମାଜିକ ଆଦର୍ଶମାନ ଓ ଗୀତମାନଙ୍କ ମଧ୍ୟରେ ସୁରକ୍ଷିତ । ଏମ୍ଭ ହଳିଆ ଗୀତ ମଧ୍ୟରେ ଭାରତର ଇତିହାସ, ପୁରାଣ, ଶାସ୍ତ୍ର, ସାମାଜିକ, ଆର୍ଥିକ, ରାଜନୈତିକ ବିଭବସବୁର ପ୍ରତିଫଳନ । ରାମାୟଣ ଓ ମହାଭାରତ

Digitized by srujanika@gmail.com

ଲୋକ ଜୀବନରେ ଅବିଚ୍ଛିନ୍ନ ପରି ପ୍ରଭାବପାତ କରିଆସିଛି । ଏଣୁ ସମ୍ବଲପୁରିଆ ହୁଲିଆ ଗୀତରେ ମଧ୍ୟ ତା ସ୍ୱତଃ ରୂପାୟିତ ହୋଇଯାଇଛି ତାର ନିଜସ୍ୱତା ଧରି—

ହୁଲିଆ ଗୀତରେ ରାମାୟଣର ଛବି :

—ବଏଲରେ ମୋର ରାମ ଲକ୍ଷ୍ମଣ ହେ ଭରତ ଶତ୍ରୁଘନ
ଏ ଚାରି ଭାଇଙ୍କର ମାତା
ମାତା ଯେ ଭିନ୍ନ ଭିନ୍ନ ହୋଓ···

—ରାମ ଲକ୍ଷ୍ମଣ ଯେ ବନକୁ ଗଲାବେଳେ
ଚରଇ ମୃଗୁଣୀ ଯେ ଶିଆଳି ଲଟା ତଳେ
କେତେ କେତେ କାଣ୍ଡମାନ ମୋର ମାରଲେ ଗୋଡ଼ାଇ
ସେତେ କାଣ୍ଡମାନ ମୃଗୁଣୀ ଯେ ଦେଉଛି ଉଡ଼ାଇ
ଏକ ବ୍ରହ୍ମଶରେ ଯେ ନାଭିରୁ କାଢ଼ିଣ
ମାଇଲେ ତେଣୁ ଯେ ମୃଗସ୍ୱା ଶିରେଣ
ଶୁଳ ଶୁଳ ବଳଦେବରେ ମତେ ରେ କର ଆଗ
ନିକୁଞ୍ଜ ବନରେ ଯେ ଗରଜି ଉଠେ ବାଘ
ଧନୁ କାଣ୍ଡ ହାତରେ ଧାଇ ଲୈକ୍ଷଣ
ଲୈକ୍ଷଣ ବାନ୍ଧମା ସତ୍ୟ ବାଘ ହୋ ...

—ସତ୍ୟ ବାଘ ବାନ୍ଧଲେ ଶ୍ରୁଲ ଯେ ଛଡ଼ାଇମା
ଶ୍ରୁଲ ଛଡ଼ାଇଣ ଯେ ବୈଷ୍ଣବଙ୍କୁ ଦେମା
ସତ୍ୟ ବାଘ ଲେଞ୍ଜ ଦେଖ ଚଉଁର
ଚଉଁର ଧନୁରେ ବାନ୍ଧି ଦେମା ହୋ···

—ବଏଲରେ; ରାମର କଠଉ ଯେ ଭରତ କରେ ପୂଜା
ବାର ବରଷର ଦେଖ ଭରତ
ଭରତ ଅଯୁଧ୍ୟା ଖଣ୍ଡେ ରଜା ହୋ···

—ବାବୁ ହନୁମନ୍ତରେ ତୁ ଯାଇପାରୁ ଲଙ୍କା
ବାନର କାଣ୍ଡ ଯେ ତୁ ରାବଣକୁ ଦେଖା
ଏହି କାଣ୍ଡେ ମରିବରେ ରାବଣ
ରାବଣ ତୋ ଝାଇ ସୁନ୍ଦୀ ଶାଖାରେ···

—ଶୁଣିଲୁ ରାବଣ ଲୁକାଇବୁରେ କାହିଁ
ଆର୍ ଅଶୋକ ବନରେ ଯେ
ବନରେ ଯେ ଅସ୍ଥିରେ ମୁଖାଇ ହୋ···

Digitized by srujanika@gmail.com

—ବଇଲିରେ କାଠର ଘରଲୁ ଯେ ବାଉଁଶର ବତା
ଗଣ୍ଡି କି ଗଣ୍ଡି କି ଯେ ଲଗିଛି ମୁକୁତା
ଏକା ଗଣ୍ଡି ଲଗି ନାଶ ଯାଉଛି
ନାଶ ଯାଉଛି ସୁବର୍ଣ୍ଣମୁହାଁ ଲଙ୍କା ହୋ ··

—ସୁବର୍ଣ୍ଣମୁହାଁ ଲଙ୍କାର ଯେ ସୁନାର ପାଚେରୀ
ତହିଁ ବସି କାନ୍ଦଇ ଯେ ରାଣୀ ମନ୍ଦୋଦରୀ
ରାଣୀ ମନ୍ଦୋଦରୀରେ ତୋହର କିଏ ମଲା ?
ପୁଅ ଇନ୍ଦ୍ରଜିତ କରେ ମରିଲା
ମରିଲା ଲଙ୍କାରୁ ଶିରୀ ଗଲା ହୋ···

—ରାମ ରାମ ପଦ ଯେ ଗୁରୁ ବଶେ ପତି
ଧରିଆ ଭିତରେ ରାମ ବାନ୍ଧିନେଲେ ରଥ
ରଥ ପୂଜା କରି କରେ ଭରତ
ଭରତ, ଚଳିବେ ରାମ ରଥ ହୋ ··

—ରାମର ସରଧା ଯେ ନୀଳାବନ୍ତୀ ରାଣୀ
ଲାଉ କଲସରେ ଯେ ଲକ୍ଷ୍ମଣ ବୁହେ ପାଣି
ଶିରେ ଜଟା ବାନ୍ଧି ରାମ ଚଳିଲେ
ଚଳିଲେ ଏ ଘୋର ବନେ ମିଳି ହୋ···

ପୌରାଣିକ କାହାଣୀ ରାମଙ୍କୁ ଅବତାରୀ ବିଷ୍ଣୁ ରୂପେ ପ୍ରତିପାଦନ କଲେ ହେଁ ଲୋକ ଗୀତ ରାମଙ୍କୁ ଏକ ସଫଳ କୃଷକ ପାତ୍ର ରୂପରେ ଚିତ୍ରଣ କରି ନର ଓ ନାରାୟଣ ଭିତରେ ଥିବା ପାର୍ଥକ୍ୟ ଓ ବ୍ୟବଧାନର ଖାଲକୁ ପୋତି ସମତୁଲ କରିଦେଇ ପ୍ରତିପାଦିତ କରିଛି ଯେ ନର ହିଁ ନାରାୟଣ—

— ବଇଲରେ ରାମ ଲଇକ୍ଷଣ ଯେ ଦୁଇଗୋଟି ଷଣ୍ଢ
କେ ଫାନ୍ଦେ ଲଙ୍ଗଳ ଯେ କେ ଫାନ୍ଦେ ଆଡ଼ମଇ
କାଦୋ କରିଅଛି ଗଜ ବାହାଲେ
ଗଜ ବାହାଲେ ସୀତାମ୍ମା ସିବେ ରୁଇ ହୋ··

—ଗହ୍ଵଡ଼ ଘର ଗଲ ଯେ ପାରିଦେଲେ ବୋଝ
କେନ୍ଦ ଭଉଣୀରେ କରେ ଖଞ୍ଜଣୀ
ଖଞ୍ଜଣୀ ପାଇକ ରଘୁମଣି ହୋ···

ଏଠି ରାମଚନ୍ଦ୍ର ଓ ଜଗନ୍ନାଥଙ୍କ ଉପର ସ୍ତବରେ ଲୋକ ସାହିତ୍ୟରେ ମିଶ୍ରଣ କରାଯାଇଛି ସେଇଟା ଉଲ୍ଲେଖନୀୟ। ଏଠି ପୁରୁଷୋତ୍ତମ ଦେବ ଗଜପତିଙ୍କ କାହିଁ ଅବସାନ

Digitized by srujanika@gmail.com

ଘଟଣାର ଅବତାରଣା, ଯେତେବେଳେ କି ଜଗନ୍ନାଥ ଓ ବଳରାମ କଳା ଓ ଧଳା ଘୋଡ଼ାରେ ଚଢ଼ି, ମାଣିକ ଗଉଡୁଣୀଠାରେ ରତନ ମୁଦି ବନ୍ଧା ଦେଇ ଦହି ଖାଇ ପାଇକ ବେଶରେ କାଞ୍ଚି ମୁକ୍ତ ଅଭିଯାନ କରିଥିଲେ ।

ଭାରତୀୟ ଶାସ୍ତ୍ର, ପୁରାଣମାନଙ୍କରେ ମହାଭାରତ ଏକ ମହାନତାର ଦାବୀ ରଖେ । ସେଥିପାଇଁ ଲୋକୋକ୍ତି ରହିଛି—"ଖାଏ ତ ପିଠା, ଗାଏ ତ ଗୀତା, ଶୁଣେ ତ ମହାଭାରତର କଥା" ରାମ କୃଷ୍ଣ ଓ ମହାଭାରତକୁ ନେଇ ହିଁ ଭାରତବର୍ଷ ଗଠିତ । ରାଧାକୃଷ୍ଣ ଲୀଳା, ପ୍ରକୃତି ଓ ପୁରୁଷର ଲୀଳା, ମନୁ ଓ ଶ୍ରଦ୍ଧା ଶତରୂପାର, ଆଦମ୍ ଓ ଇଭର, ଆଦମ୍ ଓ ବିବିହଓ୍ୱାଙ୍କ ଲୀଳା । ହଳିଆ ଗୀତର ଶ୍ରୀକୃଷ୍ଣ ପରମାତ୍ମା ଅଲୌକିକ ପରାଶକ୍ତି ନୁହନ୍ତି । ରାଧା ଆତ୍ମା ନୁହନ୍ତି ବ୍ୟତିରେକେ କୃଷ୍ଣ ଜଣେ ରସିକ ନାଗର ଗୃହୀପୁଅ···ଚଞ୍ଚଳମତି ଗଉଡ଼ ଟୋକା, ଆଉ ରାଧା ଜଣେ ଚଞ୍ଚଳା ଗ୍ରାମ୍ୟ କିଶୋରୀ—"ସଲଖ ସୁନ୍ଦରୀ ଗଉରାଣୀ ଟୁକି ।" ଶସ୍ୟ ଓ ସମୃଦ୍ଧି, ଫସଲର ପ୍ରତୀକ ।

—ବଏଲରେ ପଡ଼ଗିଆ ରାହାନେ ଯେ ଉଡ଼େ ପଙ୍କ ଧୂଳି
ଶ୍ରୀକୃଷ୍ଣ ପଗୁରନ୍ତି ଯେ ରାଧିକା କେତେ ବୋଲି
ବାଲ୍ତ କାଲୁଁ ଯେ ଶ୍ରୀକୃଷ୍ଣ ହୋଇଥିଲ ବଡ଼
ଆର୍ ଚହ୍ନି ନ ପାରୁଛ ବାବୁ ଶ୍ରୀକୃଷ୍ଣ
ଶ୍ରୀକୃଷ୍ଣ ରାଧିକା ନବ ଯୁବା ହୋ···

ଏଠାରେ ପୂର୍ବରୁ ପ୍ରଚଳିତ ବାଲ ବିବାହର ସଙ୍କେତ ଓ ତାର ଅପକାରିତାର ମଧ୍ୟ ଆଭାସ ମିଳେ ।

—ବଏଲରେ କୁମ୍ଭାର ଘରର ଡୁଆର ଯେ ଦରପୁଡ଼ା ଠେଁକି
ସଲଖ ସୁନ୍ଦରୀ ଯେ ଗଉରାଣୀ ଟୁକି
ଦଧି ବିକି ଗଲେ ଗଉରାଣୀରେ ନ ମାଗିବୁ ଧନ
ଧନ ଯେ, ନନ୍ଦ ଯଶୋଦାର ପୁଅ ଗୁମାନ
ଗୁମାନ ମାଗିବ ରତିଦାନ ଯେ···

ତା'ପରେ ପୁନଶ୍ଚ ଆଧ୍ୟାତ୍ମିକତାର ଚିହ୍ନ ଦ୍ରଷ୍ଟବ୍ୟ । ଆପନ୍ତୁ ଅପଣ୍କ୍ରେ ନେଇଯାଏଁ ହଳିଆର ଶ୍ରୀକ୍ଷେତ୍ରକୁ—

—ବଏଲରେ ବୁହୁକ କାକର ଯେ ଯେ କେତେ ଦିନ ଥିବ
ଆର ରଥ ସଜ ହେଲେ ଯେ ଉଡ଼ିଶାକୁ ଯିବ
ଉଡ଼ିଶା ଦେଶ ଲୁକେରେ ଉଡ଼ାଉଥିବେ ବାନା
ନାଚୁଥିବେ ରୂପେ ଦେଖି ଗୋପାଲ
ଗୁପାଲ୍ ବସ ମଝିରେ ଚନ୍ଦ୍ରସେଣା ହୋ ··

Digitized by srujanika@gmail.com

ହୃଲଷ୍ମୀ ଗୀତର ଦୃଷ୍ଟିରେ "ଶ୍ରୀକ୍ଷେତ୍ର" ଓ "ଗୋପ" ମଧ୍ୟରେ କୌଣସି ତଫାତ୍ ନାହିଁ । ଶ୍ରୀକ୍ଷେତ୍ର ଓ ଗୋପ ଉଭୟ ପ୍ରେମନଗରୀ । ଶ୍ରୀକ୍ଷେତ୍ରରେ ତ ମୂର୍ତ୍ତି ଅଛୁ, କନ୍ତୁ କୀର୍ତ୍ତି ସବୁ ରହିଲା ଯାଇ ଗୋପରେ—

—ଚନ୍ଦ୍ରସେନା ବୋଇଲା ମୋ ଘର ବୁଡ଼ିଗଲା
ଭୂତ କି ପିଶାଚ ଯେ ରାଧାକୁ ଗିଳିଥିଲା
ରାଧାକୁ ଗିଳି ଗିଳି ଯେ ନ ପୂରିଲା ପେଟ
ମୋତେ ଗିଳିବାକୁ ଦେଖ ବସିଛୁ
ବସିଛୁ ଶ୍ରୀଖଣ୍ଡୀ କଲା ଭୂତ ହୋ…

ଏଥିରେ ପରକୀୟା ପ୍ରୀତି ଓ "ଭୂତକେଳୀ"ର ବର୍ଣ୍ଣନା ପ୍ରଚ୍ଛନ୍ନ । ତା'ପରେ ଜଗତର ନାଥ ଜଗନ୍ନାଥଙ୍କ ମୂର୍ତ୍ତି କୋଉ ଏକ ଗ୍ରାମ୍ୟ କୁନ୍ଦୁରା ବଢ଼େଇର ଶ୍ରେଷ୍ଠ ନିଦର୍ଶନ । ସେଇପରି ନନ୍ଦିଘୋଷ ରଥଟା—

—ଦଣ୍ଡଲରେ କାଠର କୁନ୍ଦୁରୁ ଯେ ଫାଳର ଝୁଙ୍କୁମୁକୁ
ଆଉ ମାଁ ଯାଇଛନ୍ତି ଯେ ଉଡ଼ିଶା ରାଇଜକୁ
ଉଡ଼ିଶା ରାଇଜରେ ମେ ଦେଉଳ ମୁଡ଼ା ବେଢ
କେଉଁ କୁନ୍ଦୁରାର ପୁଅ କୁନ୍ଦିଛୁ
କୁନ୍ଦିଛୁ ଏ ନନ୍ଦୀଘୋଷ ରଥ ହୋ…

—ନନ୍ଦୀଘୋଷ ରଥରେ ଯେ ନନ୍ଦର ନନ୍ଦନ
ତାଳଧ୍ୱଜ ରଥେ ଯେ ବ୍ରଜ ଏ ବଳରାମ
ଦର୍ପଦଳନ ରଥରେ ଦେଖି ସୁଭଦ୍ରା
ସୁଭଦ୍ରା ଯେ ଗୁଣ୍ଡିଚା ଯାତ୍ରା ହନ ହୋ ‥

କାଳୀୟ-ଦଳନ ଉପାଖ୍ୟାନ :

—ବଏଲାରେ ନନ୍ଦ ବଢ଼ୁଁ ବଢ଼ୁଁ ଯେ ନଲିଆ ବଢ଼ିଗଲା
କାଳିନ୍ଦୀ ହ୍ରଦରେ ଯେ କଏରେ ବୁଡ଼ି ମଲା
ପୁଅ ଇନ୍ଦ୍ରଜିତ ବେଗ ମରିଲା ※
ମରିଲା ଯେ ଫୁଲ ତୁଲିଥିଲା ସେ…

※ ପ୍ରକାରାନ୍ତରେ "ନନ୍ଦ ଯଶୋଦାଙ୍କ ପୁଅ ବାଳୁତ ।" ଘଟଣାଟି ଐତିହାସିକମାନଙ୍କ ଗବେଷଣା ସାପେକ୍ଷ ।

Digitized by srujanika@gmail.com

—ଫୁଲ ଭୁଲୁଁ ଭୁଲୁଁ ଯେ ଧଂସି ଯେ ହେଲା ଡାଳି
ମେ ପୁଷ୍ପ ପତରେ ଯେ ବିକଏ ବନମାଳି
ଉଠବାକୁ ଦୁଃଖୀର ଯେ ସଙ୍ଗାଳି
ସଙ୍ଗାଳି ସର୍ଗକୁ ଯିବା ଚାଲି ହୋ··· ❊

କୃଷକ ଓ ହଳିଆର ଦରିଦ୍ର ଜୀବନର ଆଶା, ନିରାଶା, ହସ, କାନ୍ଦ ହଳିଆ ଗୀତରେ ଅକ୍ଷୁଣ୍ଣ ଭାବରେ ମୁଖରିତ । ରକ୍ଷଣଶୀଳ ହିନ୍ଦୁ ପରିବାରରେ ବିବାହ ଏକ ବଡ଼ ଦାରୁଣ ସମସ୍ୟା । ଝିଅ ମାଆ ଘରେ ଯୁବତୀ ହୋଇ ବସି ରହିଛି । ବାପା ମା ଅର୍ଥାଭାବରୁ ତାକୁ ହାତକରୁ ଦି' ହାତ କରିପାରୁ ନାହାନ୍ତି । ଯୁବତୀ ଝିଅ ନିରାଶାରେ ଭାଗ୍ୟ ନିନ୍ଦ ଲୁଚି କାନ୍ଦୁଛି—

—ବଏଲରେ
ବାନ୍ଧର ମହୁଲ ଯେ ଥିପି ପଡ଼େ ରସ
ମାଆ ଘରେ ଝିଅ ଦେଖ ବଏସ
ବଏସ, କାନ୍ଦଇ ରସ ରସ ହୋ···

—ଆଜିର ହଳଦୀ ଯେ କାଲିକି ହେବ ବାସୀ
ଗୁଲ ଗାଧି ଯିମା ସାନ ଉର୍ବଶୀ
ପଟୁଆ ମଙ୍ଗେ ବସି ହୋ···
କଳିଘାଟେ ବେଳା ବାମ ଯାଉଛି
ଯାଉଛି ପାଉଁଚ ଘାଟେ ବସି ହୋ ··

ଦୁଇ ତରୁଣୀଙ୍କ ଯୌବନର ନିଦାରୁଣ ପ୍ରତୀକାତ୍ମକ ଆତ୍ମପ୍ରକାଶ—

— ବଏଲରେ ଫାନ୍ଦେ ପୁତ ହଳ ଯେ ନେଇଯିମାଁ ମାଟି
ମାଟିଭଟା ଶବ୍ଦ କରେ ଶୁଭଇ
ଶୁଭଇ ଧାଙ୍ଗଣି ପିଟେ ଗୁଡ଼ ହୋ···

ବୁଭୁକ୍ଷିତଃ କିଂ ନ କରୋତି ପାପମ୍ ଏକ ମନସ୍ତାତ୍ତ୍ୱିକ ସତ୍ୟ । ଯେତେକ ଅସନ୍ତୋଷ ଅପରାଧ ପ୍ରବୃତ୍ତିର ଜନକ । ଅର୍ଥାଭାବରୁ ବିବାହ କରି ନ ପାରିଥିବା ଝିଅର ପାଣ୍ଡୁ ଶେଷରେ ଭଯେ । ତାର ପରିଣାମ ସମାଜ ପକ୍ଷେ ଭୟଙ୍କର—

—ବଏଲରେ, ବାଲି ଝସୁ ଝସୁ ଯେ ବନ୍ଧ ଭଙ୍ଗାଇଲା
ପେଟ ଭଙ୍ଗାଇଲା ବାର ବେଧେଇ
ବେଧେଇ କରଲା ଚେର ଖାଇ ହୋ···

❊ ସ୍ତକାବ୍ରନ୍ତରେ —ଧଣ୍ଡାଇ ପଡ଼ିଲେ ଯେ ଶରୀରେ ଜ୍ଞାନ ନାହିଁ
ଦେଖାଇ ଆଣିବୁ ଯାଇ ରାଧିକା
ରାଧିକା ରମଣୀ ରସ ହେଇ ହୋ···

Digitized by srujanika@gmail.com

ଗାଁର ବୃଦ୍ଧୀମୂର୍ଦ୍ଧିଆ ଜନତାର ନେତା । ସେ ନାନା ରକମ ଟୁଣ୍ଟାଟୁଣ୍ଟା ଔଷଧପତ୍ର କଥା ଜାଣେ । ଡାକ୍ତର ପାଖକୁ ଯିବା ଭଳି ତାର ଆର୍ଥିକ ଅବସ୍ଥା ମଧ୍ୟ ନ ଥାଏ । ଏଣୁ ସେ ନିଜ ଉପାୟରେ ନିଜର ଚିକିତ୍ସା କରେ । ବର୍ତ୍ତମାନ ଭରିବା ପାଇଁ କଳସ ତେଲର ବ୍ୟବହୃତ ହେଉଥିବା କଥା ଉପରୋକ୍ତ ପଦଟିରେ କୁହାଯାଇଛି ।

ଭାଉଜ-ଦିଅର ଚନ୍ଦ୍ରଃ / ସମ୍ପର୍କ

—ବଣନ୍ତରେ ପଇଁଲା ବଳଦର ସେ ପେଟ ତଳେ ଛିଉ
ଆଉ ଆଗର ପାନଗୁଣ୍ଡି ସେ କାହୁ ରୁ ଘର ବହୁ
ଫୁଲମାଳେ ଦେଉଳରେ ପାନଗୁଣ୍ଡି
ପାନଗୁଣ୍ଡି ମୋ ଘରେ ଛନେ ରହୁ ହୋ…

—ଦିନେ ରହୁଁ ରହୁଁ ସେ ଛ' ମାସ ରହିଲା
ମାଆ ଘର ଯିବ ବୋଲି ସେ ବସ୍ତୁର ବାନ୍ଧିଲା
ମାଆ ଘର ଯିବା ବୋଲି ସେ ପିନ୍ଧି ସେ ବାନ୍ଧେ ପେଣ୍ଡି
ଆଉ ଦିଅର କାନ୍ଦଇ
ଦିଅର କାନ୍ଦଇ ସେ ଗଡ଼ି ଗଡ଼ି ଧରି ହୋଇ…

ନ କାନ୍ଦ ନ କାନ୍ଦ ଦିଅର ହୋ, ପଛକେ ପୁଚ୍ଛି ଲୁହ
ପଞ୍ଚଦିନରେ ଦିନେ ଦେଖ ଫେରିବ
ପେଣ୍ଡି କାନ୍ଧରେ ଧରି ପୁଅ ହୋ…

କେତେ ମର୍ମସ୍ପର୍ଶୀ ଏ ପଦଟିର ଅନୁଭୂତି । ତଥାକଥିତ ଅଶିକ୍ଷିତ ନିର୍ଦ୍ଧନ ଗ୍ରାମ୍ୟ ଜନତାର ଏ ମହାନ୍ ଅନୁଭୂତିମାନ ଶିକ୍ଷିତ ସଭ୍ୟ ଲୋକ ଠାରେ ବିରଳ । କେବଳ ପରିବାରର ବୃହତ୍ତର ଘେରି ସଙ୍କୀର୍ଣ୍ଣ ସୀମା ମଧ୍ୟରେ ଆବଦ୍ଧ ନୁହେଁ । ଏଇ ମଣିଷର ସମ୍ପର୍କ । ତାହା ଶ୍ରେଷ୍ଠ ବର୍ଣ୍ଣ, ଜାତି ଅଜାତି, ଭେଦଭାବ ନିର୍ବିଶେଷରେ ସମସ୍ତଙ୍କ ହୃଦୟକୁ ଛୁଇଁ ପାରିଛି ଲକ୍ଷ୍ମୀ ପରି ।

—ବାଙ୍ଗଲୋର ବାଟର ନଜନା ସେ ପଳାଇ ନେଲା ନେନା
ଘଇତା ଦୁର୍ବଳ ସେ ଦିଅର ଗୋଡ଼କଣା
ଆଜ କାହା ଆଗେ ଦେଖ ଧନ ସରିନା
ହାରିବ ଦେଖ ନବୀନା ହୋ…

—ପର୍ବତ ଉପରେ ଯେ ଖାଁ ସଫେନ ରବା
ଆଉ କେଉଁଠି ଘଟକୁ ସେ ଡୁବିଲା ଯମୁନା
ଧମନା, ଦେଖ କେଉଁଠି ଗୁଣୀର ଭାବନା ହୋ…

Digitized by srujanika@gmail.com

—ଅଜିର ଗଡ଼ରେ କରେ ଢଗଢଆ ଜନ
ଟାଙ୍ଗି କାନ୍ଧେ ପୁରୁଷ କି ରତନ
ରତନ ପୁରୁଷ କେଲା ସାନ ହୋ....

—ଗାଈ ଗୁହାଳରେ ଯେ ଢାଙ୍ଗର, ଢଅର ମାଗେ ରଣ
ନ ମାଗ ନ ମାଗ ଢଅର ହୋଇଛୁ ରଜବତି ହୋ
ଆଜି ରଜବତି ଯେ କାଲିରେ ପୁଷ୍ପବତି
ପରଦିନ ଯିବ ଦେଖ ଶୁକଲ
ଶୁକଲ ପୁହାଇ ଦେବ ରାତି ହୋ...

— ବାଇତ ହୋଇଲୁ ସଙ୍ଗୀରେ ବଲୁଚ କୁମର
ଅଗ୍ନି ଲଗାଇଲୁ ଯେ ବନସ୍ତ ଭିତର
ଯେତେ ଜୀବଜନ୍ତୁ ଦେଖି ମରିବେ
ମରିବେ ଏ ପାପ କାହାର ହୋ –

—ଶଗଡ଼ଆ ଗୁହାନେ ଯେ ପଡ଼କ. ବୋଟେ ଗୁଡ଼ି
ଢ଼ିରେ ଥଇ ଘଣ୍ଟା ଯେ ଖଲଇ
ସଲଭ ଭେଣ୍ଡିଆ ଖାଇ ଦେଖି ହୋ...

— କାଟିଲି କଟାଂଗରେ ଯେ କେନ୍ଦୁଇ ଦେଲି କମା
ଦଦର୍ଦ୍ଦ ମଠିଆ ଯେ ଦୂରର ଦେଖ ଘାନ
ଖଣ୍ଡ ମନ୍ଥତ ରଖିଲୁ ଖଣ୍ଡ ମାଠିଆ
ମାଠିଆ କୁନର ଭୁଅଟୁଣୀ ହୋ...

[ଗ୍ରାମ୍ୟ ଜନଗୀତ]

ଗାଆଁ ବରଗଛ ଯେ ଖଲଆ ପାଲି ଘର
ଉପର ପଗର ବଡ଼ ବାଉଁର
ବଜାର ବୁଲାଇ ଝିଅ ଝିଅ ହୋ...

ନୂଆଁ ବନ୍ଧର ପାଣି ଯେ ପୁରୁଷା କନ୍ଧେ ଘଣେ
ସୁନାମୁହିଁ ମାଛଙ୍କର ଉଡ଼ାଳ
ଅଲଟ ଦେଇ ଆସେ ହୋ...

—ପାଇକ ମଞ୍ଚ ବୋଲି ଯେ ପାଇକାମ ଗାଡ଼
ଧୂବା ବେଲ ହେଳ କରିର ପଲଙ୍କ
ପଲଙ୍କ ଭାଙ୍ଗି ରି ନେଲ ବାଲି ହୋ...

Digitized by srujanika@gmail.com

— ଇଠାନୁ ଦଶାଇ ଯେ ବହୁଦ ମୂଲ ଠେଙ୍ଗା
ଖୁଷାର ଗରବ କରେ ଝିଂଗିନ୍ନ
ଝିଂଗିନ୍ନ ଝିଂ ରର କାଠପେଁଡ଼ା ହୋ…

— ଆଫୁ ବୋଲ୍ ଝଇଲ ମେ ବାଉଁଶର ପାଣ୍ଡ
ଘଇଡା ବୋଲ୍ ଶୁଇଲ ଦଅର ପଛୁଣ୍ଡ
ବଛା ବୁଢ଼ା ପଞ୍ଚ ଘର ବାହଲ
ବାହଲ ଏ ଫୁଲ ଘଡ଼ି ଗୁଣ୍ଡ ହୋ…

— ବାଟର ମହୁଲ ସେ ଥିମ୍ପଡ଼େ ଗଛ
ଘଇତାକୁ ଚକଲ ଯେ ଦଅରକୁ ମଡ଼ା
ଦେଖ ମ ଛଟର କରେ ଚୁରୁର
ଚୁରୁର, ପନଟେ ଗୁରଚୁଗ୍ ହେ …

— ପାନ ନେଇ ଗଲେଁ ଯେ ଅଞ୍ଜଲ ଜଲକୁ
ମାଇ ଖିଂଗୀ ମଛ କଟେ ମୋଇଷ
ମାଇଲ, ଝିଁଟିଆ ଶ ଦକୁ ହୋ…

— ଡାହିଁର କୋଁଟ ଯେ ଡାହିଁ ମାରେ ମାଛ
ରଜା ଘଇଜର କରେ ଭେଉଁଟ
ଭେଉଁଟ ମାରଲ ବୁଢ଼ା ମାଛ ହୋ…

— ଦ୍ଦ ଗାଇ ଝିଁଟିଆ ଯେ ଠଇଲ ପନଟେ
ଫେରି ଝୁମୁ ଝୁମୁ ଗୁଣ୍ଠି ବାଜଇ, ଗୁଣ୍ଠି ବାଜଇ
ବାଜଇ, ଝିଁଟିଆ ନରଟେ ହୋ…

— ଯମ ତ ଯମରେ ତୁ କା କରମ କଲୁ
ଘଇଡାକୁ ଗୁଣ୍ଡି ଯେ ଦଅଇକୁ ନେଲୁ
ଦଅର ଦେହରେ ଯେ ସୁନାର ଗହମ
ଗହମ, ଜାଂଧଇ ଧରି ନାମ ହୋ…

— ବଏଲରେ ସାହାକ ବେଂଗାଲି ଯେ ବଢାଇ କରେ କାମ
ଆର୍ ଗୁଣ୍ଠିକୁ ମାଗିଲେ ଯେ ନ ଦଏ ଯୌବନ
କେତେ ଦନ ଥିବୁ ଗୁଣ୍ଠି ସଂସାରେ
ଫସାରେ ଅବଶ୍ୟେ ନେବା ଯମରେ…

Digitized by srujanika@gmail.com

କେବଳ ସାମାଜିକ୍ କ୍ଷେତ୍ର ନୁହେଁ, ହଳିଆର ଫସଲ ସହେ ଏତେ ଅଂଶୀ ସମ୍ପର୍କ, ଯେ କୃଷି କ୍ଷେତ୍ର "ସମ୍ପର୍କରେ ବି ହଳିଆ ଗୀତ ନୀରବ ହୋଇ ରହିନାହିଁ—

—ବର୍ଷାରେ ଦୃଢ଼ ହଳିଆକୁରେ ନାହିଁରେ ଦେବ ଦିଅ
ଆଉ ଜଣେ ଜଣେ ପୁତମାନଙ୍କ ଦଇବ
ଦଉଡ଼, ପଷାଣ ମଣ୍ଡି ଦେହ ହେ...
ସୁଡ ହଳିଆର ଯେ ଝଡ଼ର ତଳେ ଛାଏ
ବନ୍ଧ କୁଡ଼ାଇବୁ ପୁଣ ହଳିଆ
ହଳିଆଙ୍କର ଚଲିବେ ରାଜହଂସ ହୋ...
—ବନ୍ଦୁରେ ବନ୍ଧୁ ସଖୀ ବନ୍ଦୁରେ, ବନ୍ଦୁରେ ବୋଲେଁ ତୋତେ
ବାଇଗଣ ରୁଆ ବନ୍ଧୁ ଶିଖାଇ ଦେବୁ ମତେ
ଭୁଣ୍ଡିବ କାଂଚବ ହଅର ଧାନ ଯେ ଭେଜ ହୁଏ
ଆଉ କରମରେ ଥିଲେ ଫଳ ଫଳିବ
ଫଳିବ ଝେଙ୍କୁ ଯୁଡ଼ା ମୁଡ଼ା ହୋ...

ହଳିଆ ହଳ କରି ନିଜର ଜୀବନ ପୋଷେ । ସେ ଯେଉଁ ରକ୍ତ ନିଗାଡ଼ି ପରିବାର ଭରଣ ପୋଷଣ କରେ । ଅନ୍ୟର ମୁନାଫାରେ । ସେତେବେଳେ ସେ ହୁଏ ମୂଲିଆ, ଗୋତି, ଖାଟିଖିଆ ଶ୍ରମିକ । ସାହୁକାର ଛଳ ଛଳ କରି ତାର ରକ୍ତ ଶୋଷଣ କରେ । ଏହି ଗୋତି ଜୀବନର କାରୁଣ୍ୟ ଚିତ୍ର ଅବା ହଳିଆର, ତାର ନିଜର ଗୀତରେ ନ ରହିବ ବା କେମିତି ?

ଭୂତ ଡମକଆ ଗୁଣି ଜୀବନ :

— ସାଲୁରେ ମଇନା
ଗୁଡ ମାଳକର ବଡ଼ା ଭଲବଲ ଜୀଭନା
—ବର୍ଷାରେ, ବାଟର ବନୁଆଁ ଯେ ଧସନ୍ତ ଖଟେ ଭେଲ୍
ଆଉ ଭୁକେ ତରହର କରେ ହଳିଆ
ହଳିଆ, ଲେଙ୍ଗୁଟି ଦେଖି ବେଲ ହୋଇ...
—କାଲିହର ସରଠାରୁ ଯେ ଆଜିହର ଖରା ଟାଣ
ଭୂତ ଡମକଆ ଗୁଡିଜୀବନ
ଜୀବନ, ଯଚଇ ପରାଣ ହୋ...

—ହଳ ଫାଂଦ ଗଲ୍ ଯେ ବୁଢ଼ାବୁଢ଼ୀ କରି ହଟେଲ
ସାନ ବୁଢ଼ା କହିଲା ଯେ କାଲିଠୁ ଖାଇ ନାହିଁ
ବଡ଼ ବୁଢ଼ା କହିଲା ଯେ ସଂଗଲ ଗଲେ ନାହିଁ
ସାହିକୁ କହିଦେବୁ କରେ ସାହାନୀ
ସାହାନୀ ନଂଗଲ ନେବେନ ବୁଢ଼ା ହୋ...

Digitized by srujanika@gmail.com

—ବଇଲରେ ହଳ ଫାନ୍ଦ ଟଲି ସେ ଉଲ୍ଲଇ ମାଲକୁ
ଆର, ଶାଁପ ଗୁବଦେଲା ସେ ବାହାନ ବସ୍ତୁକୁ
ବାରେ ରକ୍ଷାକର କହେଲା ଈଶ୍ୱରେ
ଈଶ୍ୱରେ ତୁମର ଭକତକୁ ହେ...

ଗ୍ରାମ୍ୟ କୃଷି ସମାଜର ଅଖଣ୍ଡ ଚିତ୍ରସବୁ, ବିଶେଷତଃ ହଲିଆ, ମୂଲିଆ, ଗୁଡ଼ି, କୃଷକ କୁଳର ଜୀବନର ଯେତେ ଆଶା-ନିରାଶା, ହସ କାନ୍ଦ, ଦ୍ୱନ୍ଦ୍ୱ-ସତ୍ୟ ହାସ୍ୟ ବ୍ୟଙ୍ଗ-ରହସ୍ୟାଦି ଏ ହଲିଆ ଗୀତମାନଙ୍କରେ ପ୍ରତିବିମ୍ବିତ ହେବା ସଙ୍ଗେ ସଙ୍ଗେ ଅଞ୍ଚଳର ସାଂସ୍କୃତିକ ଜାଗରଣ ଓ ସାମାଜିକ ବିକାଶ-ପ୍ରକ୍ରିୟାର ଦ୍ୟୋତକ ମଧ୍ୟ ଏହି ହଲିଆ ଗୀତ । ଅର୍ଥନୈତିକ ଧାର୍ମିକ, ବୈଧାନିକ, ପାରଂପରିକ ଓ କୃଷି ସମସ୍ୟାଗତ ବିଭିନ୍ନ ସ୍ୱବଧରେ ସମୃଦ୍ଧ ଏଇ ସମ୍ବଲପୁରୀ ହଲିଆ ଗୀତ ।

ଯେତେବେଳେ ହାତରେ ଲଙ୍ଗଳ କାଠି ଓ ପାଞ୍ଚଣ ଧରି, ମୁଣ୍ଡରେ ଟାମୁଗ୍ରୀର ଠେକା ଭିଡ଼ି, ହଡ଼ାକୁ ଜୁଆଳୀରେ ଯୋଚି ଏହି ଚଲନ୍ତି ବିସ୍ତୃତ ହଳଧର ହଲିଆ ତା ଗହିରି ଖଲକୁ ଉରୁର ଯାଇ "ବଇଲ"କୁ ସମ୍ବୋଧନ କରି ସୁର ଟେକିଦିଏ, ସେତେବେଳେ ହଲିଆ ଓ ହଲିଆ ଗୀତ ମିଶି ଏକାକାର ହୋଇଯାଆନ୍ତି । ହଲିଆ ଏବଂ ଜୀବନ୍ତ ହଲିଆ ଗୀତ ରୂପରେ ଆମ ଆଖି ସାମନାରେ ଝଲି ଉଠେ । ତାର କୋଟିଏ ଲୋଟିଏ ପାଦ, ଉଚ୍ଚାର. ତାର ଜୀବନର ଏକ ଏକ ଭଗ୍ନ ଭାବଚିତ୍ରକୁ ସ୍ୱରେ ପଣ୍ଡିତେ ହୋଇ ତାର ଜୀବନର ଅପହରଣ ଭଗ୍ନାଂଶକୁ ସେଥିରେ ପ୍ରତିଫଳିତ କରିଦିଏ । ମହାତ୍ମା ଗାନ୍ଧୀଙ୍କ ଭାଷାରେ କହିବାକୁ ଗଲେ, ସେତେବେଳେ ମାଟି ଗାଇ ଉଠେ, ବଣ ପାହାଡ଼ ଗାଇ ଉଠନ୍ତି, ନଦୀ-ନାଳ-ଝରଣା ଗାଇ ଉଠନ୍ତି, ଫସଲ ଶସ୍ୟ ଗାଇ ଉଠନ୍ତି । ଉତ୍ସବ, ମେଳା ମଉଛବ ଗାଇ ଉଠନ୍ତି ।

ସମ୍ବଲପୁରୀ ହଲିଆଗୀତ ହେଉଛି ସମଗ୍ର କୃଷକ କୁଳର ଦୃଷ୍ଟି ଓ ସୃଷ୍ଟିର ପ୍ରତୀକ; ତାର ଜୀବନ ଓ ସଙ୍ଘର୍ଷର ମହାପୁରାଣ ।

[ସପ୍ତର୍ଷି : ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଏପ୍ରିଲ - ୯୭୭ ସଂଖ୍ୟା]

Digitized by srujanika@gmail.com

ସମ୍ବଲପୁରୀ ଲୋକଗୀତରେ
"ସମ୍ବଲପୁରର ଝିଅ"—ଏକ ସ୍କେଚ୍

ଲୋକଙ୍କର ଗୀତ ହିଁ ଲୋକଗୀତ । ଏଥିରେ ଲୋକଜୀବନର ସୁଖ ଦୁଃଖ, ଆଶା ନିରାଶା ହସ-କାନ୍ଦ, ଅଭାବ-ଆଡ଼ମ୍ବରଶୂନ୍ୟ ପ୍ରକୃତ ଲୋକସମାଜର ଦୈନନ୍ଦିନ ତେଲ ଲୁଣ ସଂସାରର ଗୁହାଳ, ଚୁଲି ଓ ଚନ୍ଦ୍ରାର ଚେତନା ପ୍ରକାଶ ପାଇଥାଏ । ସମ୍ବଲପୁରୀ ଲୋକଗୀତରେ ମଧ୍ୟ ସେ ସବୁ ଛନ୍ଦେ ଛନ୍ଦେ ଫୁଟି ଉଠିଛି । ଲୋକଗୀତର ଅଧିକାଂଶ ସ୍ରଷ୍ଟା ସ୍ତ୍ରୀଲୋକମାନଙ୍କର ପାରଂପରିକ ଲୋକ ସଂସ୍କୃତି । ଏଣୁ ଏଥିରେ ନାରୀ ଜୀବନର ଚିତ୍ର ପ୍ରାବଲ୍ୟ ଦେଖାଯାଏ । ଏହି କ୍ଷୁଦ୍ର ପରିସର ଭିତରେ ସମ୍ବଲପୁରୀ ଲୋକଗୀତ ସଜନୀ । ଧୁମେ ବଢ଼ଲି ଓ ହୁଲିଆ ଗୀତରେ ନାରୀ ଜୀବନର ଚିତ୍ର ଓ ଚରିତ୍ର ସଂପର୍କରେ ସାମାନ୍ୟ ଆଲୋକପାତ କରିବାର ଚେଷ୍ଟା କରାଯାଇଛି ।

ଯୌବନ — ଜୀବନର ବସନ୍ତ ଋତୁ । ଏଥିରେ କହନ୍ତି ଅତି କଦର୍ଯ୍ୟ ପଶୁପକ୍ଷୀମାନେ ମଧ୍ୟ ସୁନ୍ଦର ଦିଶନ୍ତି । ସେଥିରେ ପୁଣି ପ୍ରକୃତ କନ୍ୟା ସମ୍ବଲପୁରୀ ଝିଅ ବା ସେଥିରୁ ବାଦ୍‌ଯିବ କାହିଁକି ? ଯୌବନର କାଉଁରୀ ପରଶରେ ତା' ଅଙ୍ଗବଲ୍ଲରୀ ମଧ୍ୟ ଅସଂଖ୍ୟ ଫୁଲଭାରରେ ସମୃଦ୍ଧ ପରି ଲଦି ହୋଇ ଯାଉଛି । ସେ ସେ ମନ ମହୁଆଳି ହୋଇଉଠିଛି ।

— କୁଳୁସି ମାଇରୁ ବଣ
ଆମେ ହୋଇଅଛୁଁ ଯୁବା ବୟସରେ
ଆମ, ମୁହଁକୁ ଚାହୁଁଛେ ରସରେ ଗଲାର
ମଲି, ବୁଟାରେ ଉଡ଼େ ଗୁଦରରେ ଗଲାର...

ଯୌବନର କାଉଁରୀ ସ୍ପର୍ଶ । ମହୁଆଳି ଦେହସ୍ପର୍ଶ ଖୋଜେ ଏକ ସାଥି । ଯାହାକୁ ନିବିଡ଼ ଭାବରେ ଅନ୍ତର ଦେଇ ଭଲ ପାଇ ହେବ—

ମଲିଫୁଲ ଗୁଛା ଗୁଛା
ପୀରତି କରମାଁ ଯୁବା କେ ଯୁବାରେ
ଧନ, ଝୁଲିକଲେ ଦଶେ ଶୁଣିବେ ନାଗର

Digitized by srujanika@gmail.com

କିନ୍ତୁ ଏହି ପ୍ରୀତି ଲାଗି କୌଣସି ମୋହିନୀ ଶକ୍ତିର ଆବଶ୍ୟକତା ନାହିଁ । ମନଠୁ ବଳି ଆଉ କିଛି ଆପଣାର ଜିନିଷ ପୃଥିବୀରେ ନାହିଁ—

—ନୂଆଁ ମହାଜନର ଚିଜ
ମନକେ ମହଣୀ ନାଇଁ ପାରେ କିଣିରେ
ଧନ, ମନଟା ବିନା ମହଣୀରେ ଅଜଣା
ତୋର, ଖୁହା ବେଲେ ମୋର ଚିଜରେ ସଜଣୀ ।

ପ୍ରୀତି । ପ୍ରେମ···ପୃଥିବୀର ସବୁ ପ୍ରଶ୍ନର ଗୋଟିଏ ମାତ୍ର ଉତ୍ତର : ପ୍ରେମଠାରୁ ବଳି ଆଉ କିଛି ପୃଥିବୀରେ ନାହିଁ—

—ମହାଜନର ସେଜ ଖାର
ସଂସାର ମଧ୍ୟରେ ପୀରତି ସାରରେ
ଧନ, ଘର ହୋଇଗଲା ଦୂରରେ ନାଗର....

ଏହି ପ୍ରେମ ନିକଟରେ ପାର୍ଥିବ ଧନ, ସଂପଦ, ପ୍ରଭାବ, ପ୍ରତିପତ୍ତି, କ୍ଷମତା ସବୁ ନିରର୍ଥକ । ପ୍ରେମ ହିଁ କେବଳ ପ୍ରେମର ସମବାଚୀ—

—ନାଚି ଗଲା ଡାଲ ଧରି
ରୂପା ଫୁଲେ ରଙ୍ଗା ନାଇଁ ଗରଜ ହୋ
ଧନ, ପୀରତି କରମା ଆଜରେ ନାଗର··· ।
ଅଧ, ରାତିରେ ଜଳେ ଜାଗରରେ ନାଗର···

ସଂବଲପୁରୀ ଝିଅ ପ୍ରେମ କଣ ବୁଝେ । ସେ ପ୍ରେମ ପାଇଁ ପ୍ରାଣପାତ କରିବାକୁ ବି ପଛାଏ ନାହିଁ । କିନ୍ତୁ ପ୍ରେମକୁ କଳଙ୍କିତ କରିଦିଏ ନାହିଁ ।

—ସଡ଼କେ ବସିଲା କାଉ
ତୋର ଲାଗି ମୋର ଜୀବନ ଯାଉରେ
ଧନ, ତୋର ମୋ ପୀରତି ରଖୁଥିରେ, ଗୁଲସିମା
ଲୁକେ, ଦେଖିଲେ କବାଟ ଦେମେ ରେ, ଗୁଲସିମା

ଏହି ପ୍ରେମ ନିକଟରେ ଜାତ୍ୟାଜାତି ବିଚାର ନାହିଁ । ମଣିଷ ମଣିଷକୁ ପ୍ରେମ କରିବ । କିନ୍ତୁ ଯେତେବେଳେ ସମାଜ ତାର ଜାତ୍ୟାନ୍ତର ପ୍ରେମ ପ୍ରତି ଅନୁଶାସନର ଅଙ୍ଗୁଳି ଉତ୍ତୋଳନ କରେ, ସେତେବେଳେ ଏ ବର୍ଣ୍ଣବିଦ୍ରୋହୀ ସମାଜ ପ୍ରତି ତ ମନରେ କ୍ରୋଧ ଜନ୍ମେ । ନିଃସହାୟତାରେ ତାର ହୃଦୟ ଆହତ ପକ୍ଷିଣୀ ପରି ବିଳପି ଉଠେ—

—ଲେମହୁ ଧରିଲା କଷି
କୁଲଟିର ବସାଇ ଚୂନ ଦେଉଚରେ
ଧନ, ନ ହେଲ ଆମର ଜାତିରେ ଗଲାର···

Digitized by srujanika@gmail.com

ସେ ଗୃହେ ଜାତି, କୁଳ, ସମାଜ ବନ୍ଧନମଧ୍ୟରେ; ଗୃହେଁ ନିଜର ପ୍ରେମର ପ୍ରତିଷ୍ଠା—

—ବାଗର କଣ୍ଟା ମାଳତୀ
ଯାହୁ ଜାତି କୁଳ ରହୁ ଧୀରତାରେ
ଧନ, କୁଞ୍ଜବନେ ହେମା ଜାତିରେ ନାଗର ।

କିନ୍ତୁ ଜଣକୁ ଗୃହିଁ ମଧ୍ୟ ସେ ଯଦିଓ ମୁକ୍ତ ବକ୍ଷ ବିବାହ କରିପାରେ ନାହିଁ । ଏଥିରେ ତା ମନରେ ତା ମନର ସମାଜ ସ୍ମୃତି ବିଦ୍ରୋହର ଅଗ୍ନି ଜାଳିଲା—

—ବ ଧାରେ ବୁନାଲ୍ ମେଳା
ଚଣ୍ଡାଳିନୀ, ମୋହିନୀ ହୋଇଲେ ଏକରେ
ନନ, କି କରିବେ ବାପ କକାଙ୍କ କଣୋଗ !
ଚୋର, ବାଲ୍ ହୁଏ ଯୁଗ ଯୁଗରେ କଣେଣ ।

ସେ ନିଜର ପ୍ରେମିକ ସ୍ଥିତି ବି ସଚେତନ । ସେହି ଗୋପନ ପ୍ରେମରେ ଧୃତ ପ୍ରିୟତମର ଅବସ୍ଥା କଥା କଳ୍ପନା କରି ସେ କାନ୍ଦିଛି—

—ଆସୁଥିବୁ ଯାଉଥିବୁ
ଯେବେ ବନେ କାନ୍ଥିଆ ଧରି ପଡ଼ିବୁରେ
ସତେ, ଶିକଳ ଦେଶ୍ରୁ ପାଇବୁରେ କାଳିଆ···

ଅନେକ ସମୟରେ ବିବାହରେ ଅତ୍ୟଧିକ ବ୍ୟୟବହୁଳ ସାମାଜିକ ଲୋକ ପ୍ରଥାର ବନ୍ଧନଦ୍ୱାରା ଦରିଦ୍ର ପ୍ରେମିକ-ପ୍ରେମିକା ବିବାହ କରିପାରନ୍ତି ନାହିଁ । ସମାଜର ନିଷ୍ଠୁର ପ୍ରଥାକୁ ପଦାଘାତ କରି ପଳାୟନ କରନ୍ତି ଏକ ଉଗ୍ର ବିଦ୍ରୋହରେ···

— ଉଡ଼ା ଘର ଗାଁ ଝାଉଁ
ନଈର ମନ ବଳୁଛି ପଳେଇ ଯାଉଁରେ
ବାବୁ, କାଉଁର ଭୋଜ ଦେମା କହୁଁରେ ନାଗର···

ପ୍ରେମିକର ଅନ୍ତର୍ଦର୍ଶନ । ବିରହରେ ତାର ନଗ୍ନ ସ୍ମୃତି ଅସହ୍ୟ ଦୁଃଖରେ ଭାଙ୍ଗିପଡ଼େ । ତାର ବିଷ୍ଟକୁଳ କଣ୍ଠରୁ ବାହାରେ —

— କଅଁଳ ଆମ ପତ୍ରର
ସୁବାସ କଲେ ହଜ କଲେ ଅନ୍ତରରେ
ଧନ, ଝୁରୁଛି ତାଳ ପତ୍ର ରେ ଗଳାକୁ···
—ଛତାର ନାଗ ବଉଁଶୀ
ତୋର ଦେହ ଚଠି ଥୁଆ ହୋଇଛିରେ
ଧନ, ସକାଳ ପାହୁ ଯାଉଛି ରେ ନାଗର···

Digitized by srujanika@gmail.com

ସେ ତା ପ୍ରେମିକର ଆଗମନ ପଥରେ ନିଜ ଅଂତରଙ୍ଗତାର ଫୁଲ ସଜେଇ ଅପେକ୍ଷମାଣା ।

—ମଲ୍ ଫୁଲ କଲୀ.କଲୀ
ଫୁଟିଥିବୁ ମଲ ଗଲ କେ ଗଲରେ
ସଜେ, ମୋ କାନ୍ତ ଆସିବେ ବୋଲିରେ ଗଲର...

ପ୍ରତୀକ୍ଷାର ଅବସାନ ହୋଇଛି । ଶେଷରେ 'କାନ୍ତ' ଆସିଛି, ଯୋଡ଼ି ଯୋଡ଼ି ଝିଅମାନେ ବଡ଼ାଡ଼ର ସ୍ୱାଗତ କରନ୍ତି; କିନ୍ତୁ ସେ ଜାଣେ ଯେ ଆଉ ବାପଘରେ ମାତ୍ର ତ-ଚାରି ଦିନ ରହିବ । ତାପରେ ଗାଁ-ସାଙ୍ଗସାଥୀମାନଙ୍କର ମାୟା ମମତା କାଟି ତାକୁ ଅଦେଖା ରାଇଜକୁ ଯିବାକୁ ହେବ—

—ନଅଁ କରେ ରବ ରବ ବାହାଲୀରେ
ନଅଁ କରେ ରବ ରବ...
ଆଜିର୍ ଗୁରୁବାର ଘରେ ରହିବ
ଆଜିର୍ ଗୁରୁବାର ଘରେ ରହିବ
ଅଦେଖା ରାଇଜେ ଯିବ ବାହାଲୀରେ
ଅଦେଖା ରାଇଜେ ଯିବରେ ..

ଅନେକ ସମୟରେ କେତେ ବାପ ମା ଝିଅର ମନଲାଖି ବରଟିଏ ଯୋଗାଡ଼ କରିପାରନ୍ତି ନାହିଁ । ଝିଅ ବାପ ମାଁ ପାଖରେ ଅଭିଯୋଗ ବଢ଼ି କହେ ।

—ଖପର ଘରେ ଢୁଦେ ତଗ୍ ବାହାଲୀରେ
ଖପର ଘରେ ଢୁଦେ ତଗ
ଝିଅ ଜନମ କଲୁ ସରଗର ତଗ ।
ଯୁଏଁ କଲୁ ଦରମରା ବାହାଲୀରେ
ଯୁଏଁ କଲୁ ଦରମରା ରେ...

ବାହା ସରିଛି । ବାପ ଘରୁ ଝିଅ ଗୋଡ଼ କାଢ଼ିଛି । ତାକୁ ମରଗଲା ପର ଲାଗୁଛି । ତାର ସେ ବଦାନ୍ୟୀ ଜନନରେ ସାରା ପୃଥିବୀ ଯେମିତି କାନ୍ଦି ଉଠିଛି—

—ଜନକୁ ମହାମଣ୍ଡଳ ବାହାଲୀରେ
ଜନକୁ ମହାମଣ୍ଡଳ
ପେଣ୍ଡୁଖିଆ ଝିଅ ଘରୁ ବାହାର
ଘୁଞ୍ଚିଛେ ମେଘବାଦଲ ବାହାଲୀରେ
ଘୁଞ୍ଚିଛେ ମେଘ ବାଦଲରେ...

Digitized by srujanika@gmail.com

ବୋହୂର କାନ୍ଦଣା ଦେଖି ତା ମନଟା ଅନ୍ତର କାନ୍ଦି ଉଠୁଛି । ସେ ଗଲାପରେ ମାଁ ଘରର କାମଦାମ ସବୁ ଏକଲା କେମିତି ଦେଖରେଖ କରିବ । ସେ ତାଙ୍କୁ ସାନ୍ତ୍ୱନା ଦେଇ କହୁଛି—

—କଦଳୀ କାଟିଲି ଖୁରେ ବଉଳୀରେ
କଦଳୀ କାଟିଲି ଖରେ
କାହିଁକି ମାତା ଗୋ କାନ୍ଦୁଛ ଘରେ
ବର୍ଷକେ ଆସିବ ଥରେ ବଉଳରେ
ବର୍ଷକେ ଆସିବ ଥରେ ରେ ··

ପୁଣି ସେ ବୋହୂର ବେଦନାରେ ଜର୍ଜରିତ ହୋଇ ବାପା ବୋହୂକୁ କୁଣ୍ଢାଇ କାନ୍ଦୁଛି-ମୋତେ ଭୁଲିଯିବନି, ମୋତେ ଭୁଲିଯିବନି ।

—ତେତେଲ ଫଳେ ବନେ ବନେ ବଉଳୀରେ
ତେତେଲ ଫଳେ ବନେ ବନେ
ମତେ ଦେଇ ଦେଲ ଗୁଏକହ କନେ । ୨
ରଖିଥିବ ମନେ ମନେ ବଉଳୀରେ
ରଖିଥିବ ମନେରେ···

ଗଲାବେଳେ ବାପମା ନିଜ ପ୍ରାଣପ୍ରତିମା ଅଳିଅଳୀ କନ୍ୟାକୁ ଜୋଇଁ ହାତରେ ସମର୍ପଣ କରି ତାକୁ କଷ୍ଟେମଷ୍ଟେ ଚଳେଇ ନେବାକୁ ଅନୁରୋଧ କରୁଛନ୍ତି—

— ଡାଲି ବରଡ଼ାର ଘର ବଉଳୀରେ
ଡାଲ ବରଡ଼ାର ଘର
ଚଳେଇ ନେବ ହୋ ଥିଲର ଧୁଅ···
ଗରିବ ଘରର ଝିଅ ବଉଳୀରେ
ଗରିବ ଘରର ଝିଅ···

ଶାଶୁ ଘରର ସ୍ନେହ ସୋହାଗରେ ସେ ମାତି ଉଠିଛି ।

— ମହୁଲ ଗଛର ପଟ ବଉଳୀରେ
ମୋର ଶାଶ ଘରର ପିଟନ୍ଦନ୍ କପଟା । ୨ ।
ବୁହୁଲ ଯାଉଛେ ଅଣ୍ଟା ବଉଳରେ
ବୁହୁଲ ଯାଉଛେ ଅଣ୍ଟାରେ···

ଝିଅ ଗଲା ସେ ବାପା ଆଉ ତାକୁ ଥରେ ଦେଖିବାକୁ ବି ଯାଇପାରିଲେ ନାହିଁ । ଅନେକ ଦିନ ପରେ ଯେତେବେଳେ ଝିଅ ବାପା ଘରକୁ ଆସିଛି, ସେତେବେଳେ ସେ ବୁକ ଅଭିମାନରେ ଫାଟି ପଡ଼ି ବାପାଙ୍କ ଗୋଡ଼ ଦି'ଟା ଜାବୁଡ଼ି ଧରି କାନ୍ଦୁଛି ଅନେକ—

Digitized by srujanika@gmail.com

— ଅନ୍ଧାରେ ସଜନା ପକ୍ଷୀ ବନ୍ଧୁଲୀରେ
ଅନ୍ଧାରେ ସଜନା ପକ୍ଷୀ
ମୁହଁର ଟୋ ବାଆ ଜନମ ଦୁଖୀ
ଘାଏ ନାଇଁଗଲ ଦେଖି ବନ୍ଧୁଲୀରେ
ଘାଏ ନାଇଁଗଲ ଦେଖିରେ···

ତାପରେ ଝିଅର ଶାଶୁଘର କଥା ମନେପଡ଼ୁଛି । ନୂଆଁ ଫସଲର ସମସ୍ତ, ନଗଲେ କେମିତି କଣ ସବୁ ହବ ? ଶାଶୁ ଏକେଲା କଣ କରିବେ ? ଏଣୁ ସାଂଗସାଥିମାନେ ତାକୁ ଆଉ କିଛିଦିନ ରହିବାକୁ କହୁଥିଲେ ହେଁ ସେ ଆଉ ରହିପାରୁନ । ଯିବାକୁ ହନ୍ତସନ୍ତ ହେଉଛି—

—କଟ କଟ କଟ କଟ ବଉଲରେ
କଟ କଟ କଟ କଟରେ
ବରଷା ଅସିଣ ହେଲା ନିକଟ ,
ଦେ କରିଦଅ ଝଟ ବଉଲରେ
ବିଦା କରିଦଅ ଝଟରେ···

ସଙ୍ଗମାନେ ତା ପ୍ରତି ଟେପ ଅଭିମାନ କରୁଛନ୍ତି । ଯାଃ···ସେମାନେ ଆଉ ତା ଗାଆଁକୁ ଯିବେ ନାହିଁ । ସେ ତ ତାଙ୍କ କଥା ମାନୁନ ଆଉ ।

—ତୁମୋ ନୂନ ନୂନ ଦୁଣ ବନ୍ଧୁଲୀରେ
ତୁମୋ ନୂନ ନୂନ ଦୁଣ
ନ ଖାଇଁ ନ ପିଇଁ ଗୁଆ ପନଅ ,
ନ ଯାଉଁ ତୁମର ଦେଶ ବନ୍ଧୁଲୀରେ
ନ ଯାଉଁ ତୁମର ଦେଶରେ

ମାତୃହରା ଝିଅର ଦୁଃଖ ଅସୁମାରି । ସବତ ମାଁ କେତେବେଳେ ହେଲେ ଝିଅକୁ ନଜର କରି ଦେଖିପାରେନା । ସବୁପ୍ରକାର ଦୁଃଖରେ ଝିଅର ମନେପଡ଼େ ତାର ମାଁ । ସେ ମାଁକୁ ମନେପକାଏ, କହେ—

— ଗ୍ରୁନ କେ ଗ୍ରୁନ ଉଥର ବନ୍ଧୁଲୀରେ
ଗ୍ରୁନ କେ ଗ୍ରୁନ ଉଥର
ମାଁ ଥିଲେ ଝିଅ ଦେତା ଜତର
ମାଉସୀ କଲା ଅନ୍ତର ବନ୍ଧୁଲୀରେ
ମାଉସୀ କଲା ଅନ୍ତରରେ···

କୌତୁକ । କୌତୁକ ଆଣି ନ ଥିଲେ ଝିଅକୁ ଶାଶୁଘରେ ଅନେକ ଗଞ୍ଜଣା ସହିବାକୁ ପଡ଼େ । ତାର ଜୀବନ ବିଷମୟ ହୋଇଉଠେ ।

—ବରପଣ ଛେଦଲିଅ ବନ୍ଧୁଲୀରେ
ବରପଣ ଛେଦଲିଅ

Digitized by srujanika@gmail.com

ତୋ'ର ଦଦା ଖଇ ବଡ଼ ନିର୍ଦ୍ଦୟ ୨
ନାଇଁ ଦେଲେ କଜରିଆ ବହଲ୍‌ଟିରେ
ନାଇଁ ଦେଲେ କଜରିଆରେ···

ଏହାର ପରିଣାମ କେବେ କେବେ ଅତି ଭୟଙ୍କର । ଝିଅ ବାପଘରେ ପରିତ୍ୟକ୍ତ ଜୀବନ ଯାପନ କରିବାକୁ ବାଧ୍ୟହୁଏ—

—ଘନା ହାଁଡ଼ି ଛନ ଛନ ବହଲ୍‌ଟିରେ
ଘନା ହାଁଡ଼ି ଛନ ଛନ
ମାଆ ଘରେ ଘରର ସଜଲ ଧନ
ଶାଶୁ ଘରେ ସ୍ୱାନମାନ ବହଲ୍‌ଟିରେ
ଶାଶୁ ଘରେ ସ୍ୱାନମାନ ରେ···

ପ୍ରେମ ମଣିଷ ମନରେ ଭରିଦିଏ ଅବଶ୍ୟ ସାହସ । ସେ ସବୁ, ପ୍ରତିରୋଧକୁ ବି ଖାତିର କରେନି କି ପ୍ରେମିକର ଦାଣ୍ଡ ବି ଗୁଣ୍ଡନ···

—ଗଜ ବାହାଲର ଝିଅ ବହଲ୍‌ଟିରେ
ଗଜ ବାହାଲର ଝିଅ
ପଢ଼ିଲେ ପଢ଼ିମି ପୁଲୁବଣ ଧରି ୨
ନଷ୍ଟେଁ ଯିମି ଭୂମର ପଡ଼ା ବହଲ୍‌ଟିରେ
ନଷ୍ଟେ ଯିମି ଭୂମର ପଡ଼ ରେ···

ସମାଜସ୍ୱୀକୃତ ସ୍ତରରେ ଝିଅ ପାଇବାକୁ ହେଲେ ଧନସଂପଦ ଆବଶ୍ୟକ । ଏଠି ମନ ଭଲପାଇବାଟା ଗୌଣ—

—ତେତେଲ ପତର ଖା ର ବହଲ୍‌ଟିରେ
ତେତେଲ ପତର ଖାର
ଯେନ୍ ଦିନେ ଗଣିବ ଟଙ୍କା ହଜାର (୨)
ସେଦିନ ହେବ ଭୂମର ବହଲ୍‌ଟିରେ
ସେଦିନ ହେମି ଭୂମର ରେ

ପ୍ରେମିକ ପ୍ରେମିକକୁ କଦାପି ପରିତ୍ୟାଗ କରିବାକୁ ଚାହେଁନା । ବିରହର ବେଦନା ଯେ ତାକୁ ତିଳ ତିଳ କରି ଜାଳିଦେବ—

—ଗିନାରେ ଖାଇଲି ଚନା ବହଲ୍‌ଟିରେ
ଗିନାରେ ଖାଇଲି ଚନା
ଜମଡ଼ା ଯିବାକେ କରୁଛେଁ ମନା
ଗୋପଦାଣ୍ଡ ହେବ ଚୁନା ବହଲ୍‌ଟିରେ
ଗୋପଦାଣ୍ଡ ହେବା ଚୁନ ରେ···

Digitized by srujanika@gmail.com

ପ୍ରେମିକର ବିମୁଖତା ତା ଗୁଣକୁ କରନ୍ତ ଦଏ ।

—ନଡ଼ିଆ କତା କେ ଜତା ବହଲିରେ
ନଡ଼ିଆ କତା କେ କତା
ଗୁଣବାନ ହେଲା ନକହୁ କଥା (୨)
କେଁଟି ଦୋଷ କଲି ବତା ବହଲିରେ
କେଉଁ ଦୋଷ କଲି ବତାରେ···

ଅପ୍ରାକୃତତା, ମିଥ୍ୟା ଆଡ଼ମ୍ବର ସେ ସହିପାରେନା । ଏଣୁ—

—ବାହାରେ ବୁଜଲି ମେଳା ବହଲିରେ
ବାହାଲେ ବୁଜଲି ମେଳା
ଭିଧାର କପଟା ଅଣ୍ଡା ମଲଜା (୨)
ଭୁଲିଅ ମାଗୁଛେ ଟଁକା ବହଲିରେ
ଭୁଲିଆ ମାଗୁଛେ ଟଁକାରେ···

ଜଣେ ବଇସିଆ ପ୍ରେମର ପ୍ରତିବେଦ:—

ବାଟର ପୁଟୁଳ ଘର ବଉଲିରେ
ବାଟର ପୁଟୁଳ ଘର
ନ ଭଙ୍ଗା ନ ଭଙ୍ଗା କାନ୍ଥ ମୋହର (୨)
ପାଚଲେ ହେମି ଭୂମର ବହଲିରେ
ପାଚଲେ ହେମି ଭୂମର···

ଯାଁ ଚିଅ ଗାଁର ଆଲୋକବର୍ତ୍ତିକା, ଗାଆଁର ଫୁଲ···ଗାଆଁର ସୌରଭ ।

—ସଡ଼କର ଲାଲ ମାଟି ବହଲିରେ
ସଡ଼କର ଲାଲ ମାଟି
ଲାଲ୍ ଲାଲ ଫୁଲ୍ ଫୁଟାଇ ଦେଲ (୨)
ସଡ଼କର ଘରଚୁଲି ବହଲରେ
ସଡ଼କର ଘର କୁଡରେ···

ସହରୁଣୀଠୁ ବଳି ନାରୀ ଜୀବନରେ ଆଉ କୌଣସି ଦୁଃଖ ନାହିଁ । ସେସବୁ ଦୁଃଖ ସହିବ ପଛେ, କିନ୍ତୁ ସହରୁଣୀ ଦାଉ ସହିପାରିବନି । ଅନୂଢ଼ା କନ୍ୟା ବାପାଙ୍କୁ ଅନୁରୋଧ କରୁଛି—

— ଦୋହଲାକୁ ଗଲି ସାପ
ସହରୁଣୀ ଘରେ ନ ଦେବ ବାପ ହୋ
ସତେ, କଣ୍ଢଲି କେଉଁ ପାପ ହେଇ ପିଅର ।

Digitized by srujanika@gmail.com

ପରକୀୟା ପ୍ରୀତି । ଅସ୍ଥାୟୀ…ତା'ଆଣେ ପାରିବାରିକ ଅଶାନ୍ତି, ଦାମ୍ପତ୍ୟ ଜୀବନକୁ କରେ ବିଷାକ୍ତ—

—ହାତ କାନ ଚପା ଚୁରି
ମୁହିଁ ତ ଧନରେ ପରର ସ୍ତିରୀରେ
ବାବୁ, ପଛକେ ମରିବୁ ଝୁରିକେ ନାଗର…
ଚେ ର.ଥରକୁ ଥରେ ମୋହରରେ ନାଗର

—ତଳେଇ ତଳର ଦୂବ
ପରର ସ୍ତିରୀକୁ ନ କର ଲୁଭରେ
ବାବୁ, ଦୁଇ ଘୁରଦନ ଭୁଗରେ ଗଲାର
—ସାଏକଲ ଜୁଡ଼ା ନାଲ
ହଖନ ମା'ଙ୍କି ଗଲାର ହାରରେ
ହନ, ବନ୍ଧା ହେଲା ସ୍ତିରୀ ପର ନାଗର ।

ପ୍ରବୃତ୍ତର ବିମୁଖତା ତା ମନକୁ କରିବ ଦିଏ ହେ ପୂର୍ବ ପ୍ରୀତି କଥା ସ୍ମରି ଅଶ୍ରୁ ମୋଚନ କରେ—

—ବାଡ଼ିରେ ପଡ଼ିଲା ଡାଳ
ଅଙ୍ଗ କରିଥିଲୁ ଗଲାର ହାରରେ
ବାବୁ ! ଏବେ କଲୁ ଘାତ ପରରେ କଠୋର ।

ପାରିବାରିକ କଳହର ଚିତ୍ର—

—ବାହାଁକୁ ପନତ ଭରେ
ମାରିବୁ ବୋଇଲେ ମୋର ଦେହ ଥରେ ରେ
ଧନ, ଭୂଷା ଶୂନ ଦେହ ଝଡ଼େରେ ଗଲାର…
—ହାତର କିରିମୁଦ କେତେ
ଅତି ଦୁଃଖ ଦେଲେ ସହେମି କେତେ ହୋ
ଜୀବ, ଜାଇଁ ଯାଇ ପିଣ୍ଡେ ଅଛେ ହୋ ନାଗର—

—ବାଟି ବାଟି ବାଟି ବାଟି
ଗାଛ ବୃକ୍ଷ ହେଲେ ଫାଟି ଯାଇଥରେ
ଧନ, ଧନ୍ୟ ସେ ନିର୍ଲଜ ଗୁଣ୍ଡରେ ଗଲାର…

ପିତୃମାତୃ ପ୍ରେମ—

ଲୁଆ ଦେଲେ ଜୁଆ ଖେଳେ
ଲୁଇ-ମୁଣ୍ଡି ଥିଲେ ଘଇତା ମିଳେରେ
ସତେ, ମାଁ-ବାପ ନାହିଁ ମିଳେରେ ନବୀନା…

Digitized by srujanika@gmail.com

ପୁରୁଷର ଚରିତ୍ର ଚିତ୍ରଣ—

ଯେସନେ ଚମକେ ଲୁହା
ତେସନେ ଚମକେ ପୁରୁଷ ମାସ୍ୱାରେ
ଧନ, ବିନା ଦୁଷେ ଦଣ୍ଡ ଦଅରେ ନବୀନା···

ମାତୃଜାତି ସେ । ତା ଶୂନ୍ୟ କୋଳର ହାହାକାର—

—କୁଅଁକୁ ଛୁଟିଲା ଲହ୍ର
ଏଇ ବୟସରେ ନ ଖେଲ ପୁଅରେ
ସତେ, ବେଳରେ ଦଉଛି ଦଅରେ ନାଗସ୍ତି···

ଦେହର ରଙ୍ଗଟା ଭଣ ମନର ରଙ୍ଗକୁ ଫଟାଇପାରେ ? କଳା, ସାହ୍ନା ରଙ୍ଗର ଝିଅର ମନ ଭିତରଟା ବି ଜଣ ସେଇପର—

—ଲେମଉ ଭ ଟିଲି ରଥ
କଲି ଗୁମ୍ଫି ବୋଲି ବାଉନ ଦଶ ହୋ
ସତେ, କାଲି ଦଉଛି ଟେଷ୍ଟି ଉପରେ କାଲିଆ
ଗୀତ, ଗାଉଛି ଧର ପାଲିଆରେ, କାଲିଆ ।

ନାଷ୍ଟର ପାରମ୍ପରିକ ଅଳଙ୍କାର ସ୍ତ୍ରୀନ୍ତ ଓ ପ୍ରିୟଜନ ପାଖରେ ବସ୍ତ୍ର ଏକ କଣ ଦନଅଁ କଥା—

କଟକ ଯାଉଛ ବେଳେ
ଦଅଇଲ ଫୁଲ ଆନବ ଦୁଲେଇରେ
ଧନ, ଖୁଚିବି ଖୁଷାର ଡଡଲରେ ନାଗର···

ଏହ୍ମ୍ବ ନାସ୍ତି ଜୀବନର ଅନେକ ସ୍ୱାଚଛ ସମ୍ବଲପୁରୀ ଲୋକଗୀତର ଛନ୍ଦେ ଛନ୍ଦେ ବଣର ବୁଟେଫୁଲ ପରି ରୂପାୟିତ । ଯାହାର ଜନ୍ମଜନ୍ମି ସୁରଭିରେ ଲୋକଜୀବନକୁ ମହକିତ କରୁଛି ।

କେବଳ "ସମ୍ବଲପୁରୀ ଝିଅ" ଜୀବନର ଏକ ସଂକ୍ଷିପ୍ତ ରୂପ ଦର୍ଶାଯାଇଛି । ଆହୁରି, ତା ନିଜ ଗୀତରେ ତା ସବୁ ଆପଣଙ୍କୁ ଭେଟ କରେବ ଦଏ···

—ଥାଳରେ ଦୁଇ ବୁନ୍ଦା ଘିଅ
ଅମେ ସ୍ୱଲ ଗଲେ ନ ଉଁ ହଲେ ଦେହରେ
ସତେ, ସମ୍ବଲପୁରିଆ ଝିଅରେ କିଶୋର
ତେ ର, ବାଲି ଉଟଡ଼ି ଫର ଫାଟରେ କିଶୋର
—ଦୁଲିରେ କପିଲ କାଉ
ମୋ ହଜନି ଗୀତ ଭରନା ହେଉଛେ
ଧନ ଗୀତ ମୋ ଟୋଲକି ପାଉଛର କାଲିଆ
ଗ ତ, ଗାଉଁଛେ ଧର ପାଲିଆରେ ।

Digitized by srujanika@gmail.com

ସଂବଲପୁରୀ "ଛଟା" ବା "ଡାଏକା"

—ପଶ୍ଚିମ ଓଡ଼ିଶାର, ବିଶେଷତଃ ସମ୍ବଲପୁରୀ ଲୋକଗୀତ ହେଉଛି ଏକ ବହୁରଙ୍ଗୀ ପେନ୍‌ସି ଫୁଲ୍ । ଗୋଟିଏ ଲତାରେ ଫୁଟିଥିଲେ ହେଁ ଏହା ବହୁବର୍ଣ୍ଣରେ ବର୍ଣ୍ଣାଢ୍ୟ । ଆଉ ଏ ଲତାର ଉର୍ବର ମୂଳମାଟି ହେଲା ତଦାନୀନ୍ତନ ଓ ସାଂପ୍ରତିକ ଲୋକଜୀବନ, ଯାହା ବହୁଜାତିଯୁତ, ଯାହା ସୃଷ୍ଟି କରିଛି ଏକ ମହାନ ସ୍ୱକୀୟ ପରଂପରା, ଲୋକ ସଭ୍ୟତା ଓ ସଂସ୍କୃତି । ପୁଣି ଏ ଲୋକଗୀତ, ସଜନୀ, ରସର କେଲି, ଡାଲଖାଇ, ଚଇତ, କରମା, ହୁମୋବଉଲି, ହଲଆ-ଶଗଡ଼ିଆ ଗୀତ, ହୀରାକୁଦ ବନ୍ଧ ପରେ ଏବେ ପ୍ରାୟ ଅବଲୁପ୍ତ ମାଝୀଗୀତ, ଡଂଗା, ଡେର୍‌ଡ଼ଗୋ, ଝିଅ କାନ୍ଦଣା ପ୍ରଭୃତି । ଏ ଲୋକନୃତ୍ୟ ହେଉଛି ଏକ ସଦାବହାରୀ ଅମରଲତା । ସମୟ ଓ ସଂଘର୍ଷ କ୍ରମେ ପରିପକ୍ୱ ହୋଇ ଏହାର ଗୋଟିଏ ଗୋଟିଏ ଡାଳ ମରିଯାଉଛି ସତ, କିନ୍ତୁ ତାର ଐତିହ୍ୟର ଉର୍ବର ହାଲୁକା ମାଟିରେ ତାର ଚେର ପୁଣି ନୂଆ ପାଣି ପବନରେ ଗଜୁରି ଉଠି ତାର ସ୍ୱକୀୟ ଓ ସ୍ୱତନ୍ତ୍ର ବାସନାରେ 'ମଲ୍ଲୀ' ଓ 'କୁରେ ଫୁଲ' ପରି ଜନଜୀବନକୁ ମହକିତ କରି ଉଠିଛି, ଯେମିତିକି ଏ ଲୋକଗୀତସବୁ ଲୋକଜୀବନର ଏକ ଆଇନା; କିନ୍ତୁ ଆଇନା ପରି ଚଡ଼ ନୁହେଁ । ପଶ୍ଚିମାବର୍ତ୍ତୀ ସମ୍ବଲପୁରର ଗିରିଅରଣ୍ୟ କାନ୍ତାର ପରି ନିଘଞ୍ଚ ସବୁଜ ଅଜ ବଣ ଝରଣା ପରି ଚିରଚଞ୍ଚଳ ପ୍ରଖର ଆଉ ମୁଖର ।

ସମ୍ବଲପୁରୀ ଲୋକ ସାହିତ୍ୟରେ "ଦଏକା" ଓ "ଛଟା" ବା ଆକ୍ଷେପୋକ୍ତି ଦୁଇଟି ସ୍ୱତନ୍ତ୍ର ଆସନର ଅଧିକାରୀ । ଏଠି ବିଶେଷତଃ ମୁଁ "ଛଟା" ସମ୍ପର୍କରେ କେତେକ କେତେକ ସୂଚନା ଦେଉଛି, କାରଣ ଏହାର ସଂଗ୍ରହ ଓ ବିଶ୍ଳେଷଣ ଏକ ବ୍ୟାପକ ଗବେଷଣାର ବିଷୟ ।

ଅନ୍ୟାନ୍ୟ ଲୋକଗୀତ ପରି ଏହି "ଛଟା" ସ୍ୱଗୁଣରେ ମହିମାନ୍ୱିତ ଓ ଲୋକ ଜୀବନର ସାଧାରଣ ଦୁଃଖ-ସୁଖ, ଆଶା-ନିରାଶା, ସଂଘର୍ଷ ଓ ସ୍ୱପ୍ନରେ ଏହାର ସଂପୃକ୍ତ ଥିଲେ ମଧ୍ୟ ପ୍ରଥମ କଥା ହେଲା ଏହା ଗୀତପରି ଗୁଆଯାଏ ନାହିଁ, ଗଦ୍ୟ ଓ କବିତା ପରି ଏକ ନିର୍ଦ୍ଦିଷ୍ଟ ଶୈଳୀରେ ଏହା ଏପରି ଭାବରେ ବୋଲାଯାଏ ଯେ ଏହାର ଆବେଦନ ସିଧା ସଳଖ ହୃଦୟରେ ଶାଣିତ ତୀର ପରି ବାଜେ ଏବଂ ହୃଦୟକୁ କ୍ଷତବିକ୍ଷତ କଲେ ମଧ୍ୟ ହୃଦୟକୁ ଏଭଳି ଟାଣ କରି ଗଢ଼ି ତୋଳେ ଯେ ଶରବ୍ୟ ମନର ଭାବନାକୁ କାର୍ଯ୍ୟରେ ରୂପାୟିତ କରିବାର ଅଦମ୍ୟ ମନୋବଳ ପ୍ରଦାନ କରେ ।

Digitized by srujanika@gmail.com

ନୀତିଶିକ୍ଷା ହେଉଛି "ଛିଟା"ର ମୂଳ ଉପଲବ୍ଧି । ଶିକ୍ଷିତ ମହଲରେ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର, ପଞ୍ଚତନ୍ତ୍ର, ହିତୋପଦେଶ, ଇଶପସ ଫେବଲ, ଗୀତା, ବାଇବେଲ, କୁରାନ, ନୀତି ଶତକ ପ୍ରଭୃତି ମଣିଷର ନୈତିକ ଜୀବନକୁ ଉନ୍ନତ କରିବାରେ ଯେଉଁ ଭୂମିକା ଗ୍ରହଣ କରିଛି, ଲୋକ ଜୀବନର ନୈତିକ ମାନବୃଦ୍ଧି କରିବାରେ ଅଗଣିତ ଅଲିଖିତ ପୁସ୍ତ "ଛିଟା" ସେହି ଭୂମିକା ବରଂ ତତୋଽଧିକ ଭାବରେ ଗ୍ରହଣ କରି ଆସିଛି । ଏହା ଦୁର୍ବୋଧ ବା କ୍ଲିଷ୍ଟ ହେବା ପରିବର୍ତ୍ତେ ଲୋକ ଭାଷାରେ ସହଜ ସରଳ ବୋଧଗମ୍ୟ । କହିବାକୁ ଗଲେ ଏହି "ଛିଟା" ହିଁ ହେଉଛି ସମ୍ବଳଶୂନ୍ୟ ଲୋକ ଜୀବନର ଆଦ୍ୟ ଅର୍ଥଶାସ୍ତ୍ର, ପଞ୍ଚତନ୍ତ୍ର ଓ ହିତୋପଦେଶ । ଜୀବନର ଇକନମି (Economy) ଏଥିରେ ନିହିତ । ଲୋକ-ଜୀବନର "ଆଗୁର-ସହିତ" ଏଇ "ଛିଟା" ।

ତୁଳନା ଦୃଷ୍ଟିରୁ ହିନ୍ଦୀ ଭକ୍ତିଯୁଗର "ଦୋହାବଳୀ" ଏଇ 'ଛିଟା'ର ଅଧିକରେ ସନ୍ନିକଟବର୍ତ୍ତୀ ।

ତରବାରି ପରି ତୀକ୍ଷ୍ଣ, ଶାଣିତ "ଛିଟା"ର ଆବେଦନ ! ଅନୈତିକତାର ଯବନସ୍ଥ ଅନ୍ଧକାର ଉପରେ କନ୍ଦର୍ପର ଧାରୁଆ କଟାରି ପରି ଏହା ଖସିପଡ଼େ ଅତି ନିର୍ମମ ଭାବରେ । ଭୁଲଭ୍ରାନ୍ତିପୂର୍ଣ୍ଣ ମାନବୀୟ ଜୀବନର ପ୍ରତ୍ୟେକ ଅନାଚାର, ଅନୈତିକତା, ଅମାନବିକତାକୁ ନଗ୍ନ କରି ତା' ଆଖି ସାମନାରେ ତୋଳିଧରେ ଏକ ସୁସ୍ଥ, ସମୃଦ୍ଧ, ଶାନ୍ତିପୂର୍ଣ୍ଣ ସହାବସ୍ଥାୟୀ ସମାଜର ମୂର୍ତ୍ତି ଚିତ୍ର । ଏହି ଲକ୍ଷ୍ୟ ପ୍ରାପ୍ତି ପାଇଁ ମଣିଷର ମନପ୍ରାଣରେ ଭରିଦିଏ ଅଦମ୍ୟ ସତ୍ସାହସ ଓ ଝିଲମିଲ ଚେତନ ।

ଏକ ପ୍ରବାଦ ଅଛି - "ଝିଙ୍କଲା ପାଏନ୍ ଆଉ ଲଗାଲା କଥା ବଡ଼ା ବାଧସି"—ଏହି 'ଛିଟା' ମଧ୍ୟ ଆକ୍ଷେପ କରି କୁହାଯାଇଥାଏ । ଏଣୁ ଏହା ଆକ୍ଷେପୋକ୍ତି ବା 'ଲଗାଲକଥା' ଏହାର ପ୍ରୟୋଗ ପ୍ରକ୍ରିୟାକୁ 'ଛିଟାମରା ବା ଦିଏଜାଣିବା' କୁହାଯାଏ । ଏହା ପ୍ରତ୍ୟକ୍ଷ ବା ଓ ଅପ୍ରତ୍ୟକ୍ଷ ଉଭୟ ରୂପରେ ପ୍ରୟୋଗ କରାଯାଇଥାଏ । ସ୍ତ୍ରୀଲୋକମାନଙ୍କ ମଧ୍ୟରେ ଏହାର ବହୁଳ ପ୍ରଚଳନ ଦେଖାଯାଏ । ମାତୃଜାତି ହିଁ ମାନବ ଓ ମାନବ ସମାଜକୁ ଦିଗ୍-ଦର୍ଶନ ଦିଏ । ପୁରୁଷମାନେ କଦବା କେମିତି ଏହାର ଉପଯୋଗ କଲେ ହେଁ ଏହା ସ୍ତ୍ରୀମାନଙ୍କର ପ୍ରଧାନ ସମ୍ପଦ । କଥାକଥାକେ ଛିଟା ବା ଦାଣ୍ଟକାର ଅଳଙ୍କାର ବାକ୍ୟଗୁଡ଼ିକୁ ଜୀବନ୍ତ ଓ ମଧୁର କରି ତୋଳେ । ପ୍ରକୃତରେ ମାନବ ଜାତିର ଆଦ୍ୟ ଶିକ୍ଷୟିତ୍ରୀ ମାତୃଜାତି ହିଁ ଏ ଅମୂଲ୍ୟ ନୈତିକ ସମ୍ପଦର ଯଥାର୍ଥ ଅଧିକାରିଣୀ । ଯାବତୀୟ ଅନୈତିକତା ଦୂର କରି ନୈତିକ ସୁସ୍ଥ ସମାଜ ସଙ୍ଗରେ ଏହି ଛିଟା କେଉଁ ଆଦିମକାଳରୁ ଗଣସମାଜରେ ଏକ ଏକ 'ନୈତିକ ଆନ୍ଦୋଳନ" ରୂପରେ ପ୍ରତିଭାତ ହୋଇ ଆସିଛି । ମଣିଷର ମିଥ୍ୟା ଅହମିକା, ଦାମ୍ଭିକତା, ଅହଂକାର ବିରୁଦ୍ଧରେ ସଂଗ୍ରାମ କରିଆସିଛି ।

ମୋର ଅସ୍ପଷ୍ଟ ବକ୍ତବ୍ୟକୁ ଛିଟା ନିଜେ ସ୍ପଷ୍ଟ କରୁ—

ପରିତୃପ୍ତ ଦାମ୍ପତ୍ୟ ପ୍ରେମ ହିଁ ସୁଖୀ ଜୀବନର ମୂଳ ରହସ୍ୟ । ସଫଳ ଜୀବନରେ ଏହାର ପ୍ରଭାବକୁ ପ୍ରାଚୀନ ମୁନିଋଷିଗଣ ସ୍ୱୀକାର କରିଛନ୍ତି । ଦାମ୍ପତ୍ୟ ପ୍ରେମର ଏହି

*

Digitized by srujanika@gmail.com

ନିବିଡ଼ତା! ସମ୍ବଲପୁରୀ ଛଡ଼ାର ଛନ୍ଦେ ଛନ୍ଦେ ମଧ୍ୟ ପ୍ରତିଫଳିତ । ଏଣୁ ପଲ୍ଲୀପ୍ରେମ କାଙ୍ଗାଳମୀ ନାଗ୍ରର କଣ୍ଠରୁ ଏହି ମନ୍ତ୍ରାମନ୍ତ୍ର ନିନାଦିତ ହୁଏ ।

—ଏହି ଛଡ଼ା ବା 'ଗାଏଣ' । ଯୁଗ ଯୁଗ ଗୋଟାଏ ସ୍ତର ପଛରେ ମାନବ ଜାତିର ଦୀର୍ଘ ଅଭିଜ୍ଞତାର ଇତିହାସ ଗୁମ୍ଫିତ । ଏହା ମଣିଷର ଦାର୍ଶନିକ ଅଭିବ୍ୟକ୍ତି । ଏହା ମଣିଷର ନୈତିକ ମନ ଓ ମୂଲ୍ୟବୋଧର ନିୟାମକ । * ଏଠାରେ ସାହିତ୍ୟିକ, ଅଭିବ୍ୟକ୍ତି, ଛଡ଼ା, ଗୃଢ଼ଗୀ ମଧ୍ୟ ପ୍ରଣିଧାନ ଯୋଗ୍ୟ । ଡକ୍ଟର କୁଞ୍ଜବିହାରୀ ଦାଶ ଓଡ଼ିଆ ଛଡ଼ାର ଗୁରୁତ୍ୱ ଦର୍ଶାଇବାକୁ ଯାଇ କହିଛନ୍ତି—

A proverb is the ornament of spech of woman too and is considered as her exclusive property × × × A proverb almost expresses every aspect of village life. It is a true criticism of a rural man's life. × × ×. The most important thing is this that one must know the use of dangerous weapons." *

— ମୂଳଗା ଗଛରେ ଟଙ୍କ ଯାଉଁଚ
ତାକେ ବ୍ରମ୍ଭିଲି ରଚ୍ଚା
ଚୁମା ଦେଇ କାଣ୍ଡ କୁଳେ ନାଇଁ ଧରଲେ
ସେ କାଏଁ ମୋର ଘଚ୍ଚା ?

ପରକୀୟା ସ୍ତ୍ରୀଙ୍କୁ ସମାଜ ଯେପରି ବକ୍ରଚକ୍ଷୁରେ ଦେଖୁନା କାହିଁକି ତାହା ଅତି ପ୍ରାଚୀନକାଳରୁ ଏଇ ସମାଜରେ କୁତ୍ସିତ ମତି ବଢ଼ିଛି । ପୁରୁଷର ପରନାରୀ ପ୍ରେମ ଚଳନ୍ତି । ଏଣୁ ସେ ନାରୀର ଉପଲବ୍ଧ ପୂର୍ଣ୍ଣ ଜାଣିଲା ଶୁଣି ମଧ୍ୟ ନିଜକୁ ପରପ୍ରୀତିରେ ଉତ୍ସର୍ଗ କରନ୍ତି । "ଧଙ୍ଗଡ଼ା" ପରଘର ଭୁଆସୁଣୀ ଉପରେ ଆଖି ରଖିଥାଏ—

-- କୁମ୍ଭାର ଘରର ଶ୍ରେଷ୍ଠ ତେଲମୀ
ଗଉଡ଼ ଘରର ପାନ
କେତେ ଅନ୍ଧାରୁ ଥିବୁ ଧାଇଁ
ପରଘର ଭୁଆସୁଣୀ ?

---

* —*A short sentence founded on long experience (Carventes).*

—*It is one of man's wit and all men's wisdom. (John Russell)*

—*Proverbial philosophy of a people is more helpful in coming close to the heart of the people than History and Geography. The proverb may be the first composition of any literature (Lof Cardio Harn.)*

* —*ORIYA PROVERBS AND THEIR USE :*
Dr. Kunjabehari Das
Orissa Review, Vol XXXV No. 5, PP—1

Digitized by srujanika@gmail.com

ପ୍ରତ୍ୟେକ ଗୋପନୀୟ ସ୍ଥାନରୁ, ନଦୀର ତଟରୁ ଏହି ଧାଉଁମୁହାଁ ପୁରୁଷ ନାରୀ ନିକଟରେ ନିଜର ସାଙ୍କେତିକ ପ୍ରେମ ନିବେଦନ କରିଥାଏ ବିଭିନ୍ନ ରୂପରେ । ତା'ଉପରେ 'ଛଟା'ର ଆକ୍ଷେପଟା ଫୁଲଚନ୍ଦନ ହୋଇ ପଡ଼େ—

—ଶାଗ ଖରିଡ଼ିଲାଁ ଝାଳ କରି
ଲେମ୍ବୁନ୍ କୁଟିଲ ଦେଇ କରି
କେଉଁ ଧାଉଁମୁହାଁ ଡାକ୍ ଦେଉଛେ
ଦେଉଳ୍ ଉପରେ ଥାଇକରି ?

ଲୋକ ସମାଜରେ ବିଧବା ରମଣୀର ସ୍ଥାନ ଅପବିତ୍ର । ପୁରୁଷ ପ୍ରେମରୁ ସେ ବଞ୍ଚିତା । ସମସ୍ତେ ତାକୁ ପରିତ୍ୟକ୍ତା ବୋଲି ମନେକରନ୍ତି । ଏପରିକି ତାକୁ ଜଣେ ସ୍ତ୍ରୀ ବୋଲି ମଧ୍ୟ ସ୍ୱୀକାର କରିବାକୁ କୁଣ୍ଠାବୋଧ କରିଥାନ୍ତି । ତାର ସକଳ ଚିତ୍ତାକର୍ଷକ ସୌନ୍ଦର୍ଯ୍ୟ ସତ୍ତ୍ୱେ ବି ଦୀର୍ଘଶ୍ୱାସ ପକାଇ ଏବଂ ନିରୁପାୟ ହୋଇ ରହି ନିଜ ଭାଗ୍ୟର ନିନ୍ଦା କରିଥାନ୍ତି । 'ସୌନ୍ଦର୍ଯ୍ୟ' ଓ 'ଗୀତ' ସଂଘର୍ଷରେ ଶେଷରେ 'ମନ୍ଦିର' ହିଁ ବିଜୟୀ ହୋଇଥାଏ—

—ଓଡ଼ିଆ ରମଣୀ ତାର ଖୁଣ୍ଟକୁଡ଼ି
ଗାଈ ବେଳ ମୂର୍ତ୍ତି ରଖିଲି
ଗୁଡ଼କେ ନେଇଲେଁ ଖାଇବା ପାଇଁ
ଜନମ୍ ଆଦର ରହିଲେଁ ।

ଲୋକ ଅନେକ ସମୟରେ କ୍ଷୁଣ୍ଣ ହୋଇ ଭଲମନ୍ଦର ବିଚାର କରିପାରନ୍ତି ନାହିଁ । ଏହାକୁ 'ଆପଦଧର୍ମୀତା' କୁହାଯାଇ ନ ପାରେ । ମଣିଷର ପ୍ରେମ ଅନେକ ସମୟରେ ଅନ୍ଧ ହୋଇଥାଏ । 'ଚୀନାମାଏଲ୍' ଧାନପରି ସୁନ୍ଦର ସୁନ୍ଦରୀ ନାରୀର ପ୍ରେମକୁ ଅବହେଳା କରି 'ବାରମଂଜି' ଧାନ ପରି ଆପାତଃ ଅସୁନ୍ଦରୀ ନାରୀ ପଛରେ ପାଗଳ ହୋଇଯାଏ—

- ଝାଉଁ ମଞ୍ଜିଲ କୁକୁର ଖେଦା
ଘୁଡ଼ା ନର୍ଦ୍ଦମା ନର୍ଦ୍ଦୁଛେ
ଚିନା ମାଏଲ୍ ଧାନ୍‌ଟିକେ ଛାଡ଼ିକରି
ବାରମଂଜି ଧାନ୍ କୁ ଖୋଜୁଛେ ।

ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଇବା ଏବଂ ନିଜେ ଯାହା ନୁହେଁ, ତାହା ଆସ୍ଫାଳନ କରି ଲମ୍ଫଝମ୍ପ କରି ଅର୍ଦ୍ଧୋପାର୍ଜିତ ଚର୍ଚ୍ଚାର ପୂର୍ଣ୍ଣାଧିକାର କରିବା କଥାରେ ଜବରଦସ୍ତିଆ ଆରୋପିତ କାହାଣୀ—

—ମିନଖ କୁଣ୍ଡି ସାଗ ଛଣ୍ଡି
ନିଯାଇଁ ନିୟାଏଁ ବୁଲୁଛେ

Digitized by srujanika@gmail.com

କଉଁଠ୍ ଘରର ଝିଅ୍ ମୁରହ୍ନି ଖାଇ
ବର୍କସି କାମ କରୁଛେ ।

'ଛଟା'ର ସଂସାର ସମାନ ଅଧିକାର, ସମାନ ଉପଭୋଗ, ସାମ୍ୟବାଦର ସଂସାର କୃପଣ ଲୋକେ ନିଜ ସଞ୍ଚିତ ଦ୍ରବ୍ୟ ନଷ୍ଟ କରିଦେବେ ପଛକେ କିନ୍ତୁ ଅନ୍ୟ ମାନଙ୍କ ହାତରେ ଦେବେ ନାହିଁ । ପୁଷ୍ଟ ରୂପ-ପୁଷ୍ଟିତା ନାରୀକୁ ପୁରୁଷର ଭୋଗାଧିକାର ଉପାଳଂଭ —

—ପରବଡ୍ର ଝିଏ ପୁଆଲ୍ ଗାଡ଼ି
ଧୋବ ଲୁଗା ଖଣ୍ଡେ ଯାଉଛେ ଉଡ଼ି
ମନ୍ଦୁଲ୍ ଥିପା ଥିପି ଯାଉଛେ
ମାଁଗଲେ ନ ଦେନ୍ଧ କାଏଁ କର ?

ମାନବର ପ୍ରେମ ଅଭେଦ । ଦ୍ୱେଷ, ଦ୍ୱେଷଜନିତ ସାମୟିକ ବିଚ୍ଛେଦ ସ୍ୱାଭାବିକ । ଏହି ସମ୍ବଲପୁରୀ 'ଛଟା' 'ବାସୁରିଆଙ୍କ ପାଇଁ ମଧ୍ୟ ଶ୍ରେଷ୍ଠ ଆଶ୍ରୟସ୍ଥଳ । ତାର ଗୁହାଙ୍ଗନକୁ ଇଙ୍ଗିତ କରାଯାଇଛି ।

ଆରେ ଧମନା,
ବୁଲ୍‌ଗଲ୍ କର ମୋର ଅଁଗନା ।

ପ୍ରେମୀର ଦୁଃସାହସ ଲୋଡ଼ା । ପ୍ରତ୍ୟେକ ନାରୀ ପୁରୁଷର ଗର୍ବିତ ପୌରୁଷକୁ ଭଲପାଏ; ପୁରୁଷର ଅହଂକାର ନିକଟରେ ନିଜକୁ ତିଳତିଳ ନିଃଶେଷ କରିବାକୁ ଆତୁର ହୋଇପଡ଼େ । କିନ୍ତୁ ପୁରୁଷର ଭୀରୁତା ତା'ମନରେ ଆଘାତ ଦିଏ—

—ମୁନ୍‌ଗା ଗଛତଳ ଚଲେ ଗୁଁସ୍ତ
ଫୁଲ୍ ଝଲେ ପରେ ଖାଏ ।
ଆସୁନ୍ ଯାଉନ୍ ମୁଲ୍‌କି ହସା
ଦମ୍ ଥିଲେ ସିନା କହେବା ?

ଦୀର୍ଘ ବର୍ଷର ବିଚ୍ଛେଦ ପରେ ମିଳନର ଘଣ୍ଟା ଯେମିତି ଭୟଙ୍କର ସେବେ ଉଚ୍ଛୁଳ ପଡ଼େ । ପୂର୍ବବନ୍ଧୁ ବା ପ୍ରଣୟୀସହ ଅନେକଦିନ ପରେ ସାକ୍ଷାତର ବିପୁଳ ଆନନ୍ଦ ହୃତ୍‌ସ୍ପନ୍ଦନ—

ଫଗୁ ଗଛରେ ମାଏଲିଁ ଚୁଟେ ଦବ୍ କଲା
ପୁଅର ସାଂଗ ଦେଖିକରି ଗ୍ରୁଡ଼ା ଧକ୍ କଲା ।

ତରୁଣ ଯୁବକର କଠୋର ସ୍ୱାସ୍ଥ୍ୟ ସମସ୍ତଙ୍କର ପ୍ରିୟ । କଖୁଣ ରୂପ ସନ୍ଦର୍ଶନରେ ସେ ପରିଚିତ ହୋଇଥାଉ ବା ନ ଥାଉ, ପ୍ରତ୍ୟେକ ନାରୀର ମନ ଆନନ୍ଦରେ ନାଚି ଉଠେ । ନାରୀର ସୌନ୍ଦର୍ଯ୍ୟବୋଧ ଖୁବ୍ ସୂକ୍ଷ୍ମ । ଏଣୁ ସେ ବାଟରେ ବୁଲୁଥିବା ପିଲା ସପକ୍ଷରେ ମନ୍ତବ୍ୟ ଦେଇ କୁରୁଳି ଉଠେ ।

Digitized by srujanika@gmail.com

—ପାଚଲା କଦଳୀ କଟେଇଦେଲେ
ଗୁଲଗୁଲା ପିଠା ହେଉ ରହେ ।

ଯୁବକର ଯୌବନ ସୁଲଭ ବେପରୁଆ ସ୍ୱର ।

ପାଚ୍‌ଲା କଦଳୀ ଝନ୍ ଝେ ଝନ୍
ଗୁଲଗୁଲା ପିଠା ମନ୍ କେ ମନ

ସମାଜର ଯେତେ ପଶୁସୁଲଭ ମନୋବୃତ୍ତିକୁ 'ଛଟା' ଘୃଣା କରେ । ଏ ସବୁ ସନ୍ତାପକ ସେଗଠ'ରୁ ବହୁ ବେଶୀ ଭୟାନକ । ଏମାନଙ୍କ ସଙ୍ଗତ ପଡ଼େ କଥାବାର୍ତ୍ତା ହେବାକୁ ବି ସେ ମନ ବଳାଏ ନା—

—କୁହା କଥା'ରୁ, ତୋତେ କିଏ ପଚାରୁ ?

ପରର ଶୁଣା କଥାରେ କେବେହେଲେ ବିଶ୍ୱାସ କରିବା ଉଚିତ ନୁହେଁ । ଯେଉଁମାନେ ଯାଚି ଯାଚି ଅନ୍ୟ କଥାରେ ଅନଧିକାର ହସ୍ତକ୍ଷେପ କରନ୍ତି 'ଛଟା' ସେମାନଙ୍କୁ ନାପସନ୍ଦ କରି ମୁହେଁ ମୁହେଁ ଜବାବ୍ ଦେଇଦିଏ ।

—କୁହା ଅଇଁଲା, ଚଟକି କିଏ କହିଲା ?

ଅପରିପକ୍ୱ ଫଳପରି କିଶୋରୀମାନେ ବେଶ୍ ସତେଜ, ବେଶ୍ ମଧୁର, କିନ୍ତୁ ସେ ସ୍ୱାଦହୀନ—

—କିସୀ ମାଗନ, ଚିକେ ଚାଖି ଦେଖନ

ବୈବାହିକ ଜୀବନରେ ପରକୀୟା ପ୍ରୀତି ଦାମ୍ପତ୍ୟ ପ୍ରେମକୁ ଧ୍ୱଂସ କରିଦିଏ । 'ଦୋନାବୁଡ଼ିଆ ନୀତି' ଅତି ଭୟଙ୍କର । ଏଣୁ ପୁରୁଷ ତୁଳନାରେ ବେଶୀ ସଚ୍ଚରିତ୍ର (ଏକ ପତି ପ୍ରେମ) ରକ୍ଷାକାରିଣୀ ପତିପ୍ରାଣାନୁଗତା ଗୃହଲକ୍ଷ୍ମୀର 'ଛଟା' ଆଳରେ ପତି ପରମ ଗୁରୁଙ୍କୁ ଆକୁଳ ଆବେଦନ—

—ଅତର ପାନ ପଚର
ମଲ୍ଲୀ ଫୁଲେ ବଢ଼ା ବାସରେ
ବନମଲ୍ଲୀ ସଙ୍ଗେ ପୀରତି କଲେ
ଘରମଲ୍ଲୀ ଗଲା ନାଶ୍‌ରେ (ପରକୀୟା ପ୍ରୀତି)

ଜୀବନର ସବୁକ୍ଷେତ୍ରରେ ନଣ୍ଟ ବେଶୀ ଇକନମିକ୍ (Economic) । ସେ ପ୍ରଜ୍ଜ୍ୱଳ ଓ ଅସାର୍ଥକ ପ୍ରାଚୁର୍ଯ୍ୟକୁ ପସନ୍ଦ ନ କରି ପ୍ରତ୍ୟେକ ଜିନିଷର ଉପଯୋଗିତାକୁ ବେଶୀ ସମାଦର କରେ । ତେଣୁ ଅନାବଶ୍ୟକ ଜିନିଷ ପ୍ରତି ତାର ମୋହ ନାହିଁ ।

—ଆରେ ଓ ଲମ, ଇସ ଉଦମ
ଅଁଟାର ପଏସା ଚିକେ ସାର
ସୁନା ହୋଇଥିଲେ ଶିଁକଲା କରନ୍ତି
କରନ୍ତି ଗଲାର୍ ହାର୍ ।

Digitized by srujanika@gmail.com

ଲୋଫର ଚରିତ୍ରହୀନ ଲୋକଙ୍କୁ 'ଛଟା' ଘୃଣା କରେ । ସେମାନଙ୍କୁ ଆର୍ଥିକ ସାହାଯ୍ୟ ଦେଇ ସାଧାରଣ ଜୀବନକୁ ପ୍ରତ୍ୟାଗ କରିବାର 'ଫର୍ମୁଲା' 'ଛଟା'ରେ ହିଁ ନିହିତ—

—ଥୁରେ ଲୋଫର୍, ଧୋବ୍ ଫର୍‌ଫର୍
ଗାଁ ଏର୍ନା ଉପରର୍, ଘିନ୍ନବୁ ଖଦର
ଗ୍ରାଁଏବୁ ଡବା
ଚଏଲ୍‌ଯା କଲ୍‌କତା
ମନେ ରଖିଥିବୁ ନଇଁ ଗା ଆଁଉର କଥା ।

ଦ୍ୱିପକ୍ଷୀୟ ବା ବହୁପକ୍ଷୀୟ ବୁଝାମଣା "ଛଟା"ର କାମ୍ୟ । ସେ "ଏକଛତ୍ରବାଦୀ" ପରି କାହାର ଇଚ୍ଛାର କାହା ଉପରେ ଜୋର ଜବରଦସ୍ତ କରି ଲଦିଦେବାର ବିରୋଧୀ । ତାଛଡ଼ା 'ଛଟା' ନାରୀମୁକ୍ତି (Women's Lib)ର ପକ୍ଷପାତୀ । ପୁରୁଷ ଓ ନାରୀ ଉଭୟେ ଉଭୟର ପରିପୂରକ । ଏଣୁ ସେମାନଙ୍କର ଅଧିକାରରେ କେହି କାହାଠାରୁ ଉଚ୍ଚ ନୁହନ୍ତି କି ନ୍ୟୂନ ନୁହନ୍ତି —

—ମାଲ୍ ଘରର କର୍‌ଲ୍ କନ୍ଦ
କେନ୍ତା ଝିଅର କରମା କମ୍ ?

ଜୀବନରେ ମଧ୍ୟ ସମସ୍ତଙ୍କର ପାରସ୍ପରିକ ବୁଝାମଣା ରହିବାର ଔଚିତ୍ୟ ଛଟାରେ ପ୍ରତିଫଳିତ—

—ମାଲ୍ ଘରେ କୁଡ଼୍‌ଲେ ଅଦା
କେନ୍ତା ଝିଅର କର୍‌ମା ଦଦା ।

ଆଜିର ଅଗ୍ନିବହ୍ନି ଜୀବନରେ ଚାକିରୀ ନ କରି ଲୋକ ଜୀବନ ଧାରଣ କରିବା ଦୁଃସାଧ୍ୟ । କମ୍ପାନୀ ଚାକିରୀ ଲୋଭନୀୟ । କିନ୍ତୁ କମ୍ପାନୀ ଚାକିରୀ ପାଇଁ ଅନେକ ଟଙ୍କା ଲୋଡ଼ା । ଗରିବ ପତି ନିଜ ସ୍ତ୍ରୀ ସହ ଯଦି ଚାକିରୀ ନ ମିଳେ ତେବେ ସେମାନଙ୍କର ଆସନ୍ନ ଦୁରବସ୍ଥାର ଚିନ୍ତାମଗ୍ନ, ନିଜ ସ୍ତ୍ରୀଠାରୁ ସେ ପରାମର୍ଶ ଲୋଡ଼ୁଛି, ଏକାନ୍ତ ଅନ୍ତରଙ୍ଗ ସନ୍ନିଧିର ପରାମର୍ଶ—

—ରମ୍ପାଁଡେଗ୍ରି କାମକାମା, କମ୍ପନୀ
ନକରି ନକଲେ କେନ୍ତା ହେବାରେ ନନା ?
— କାହାର ପୁଷମାସ, କାହାର ସର୍ବନାଶ ।
ନନ୍ନା ତୋର ମୁଲ୍‌କ ହସା
ମୋର ଫାଲ୍ ଫାଲ୍ ଦଶା ।

ନିଜ ମନଲକ୍ଷ୍ମୀ ପତିଟିଏ ପାଇଁ ତରୁଣୀର ଆଦିମ ସ୍ୱପ୍ନ ।

—ଡାଲ୍ ଗଛର ଡାଲ୍ ବରଡ଼ା
ଖଜୁର୍ ଗଛର ଝୁଗି

Digitized by srujanika@gmail.com

ପିଲ୍ଲ ଧରିଛେ ଯାନମୁହଁରି
ଝୁଁକିଲ, ମନ୍ଦନ ଝୁଁରି ।

ଶ୍ରମକାତର ସ୍ତ୍ରୀ ପ୍ରତି ଆକ୍ଷେପ—

—ଚାକ୍‌ଡ଼ିଖିଆ, ତୋର ଲୁଆର ମାଁଙ୍କ
ଗେଣ୍ଡୀ ବୁହାଇ ନେତା, ଛମାନ୍ ପାଏନ୍
ଦୁଦ୍ଧ ପଡ଼୍‌ତା, କେନ୍ତା ହେନ୍ତା ।
—ଆଲୁଆ ଭାତ, ମୁଗ ଏପତି
ଆଂଗଠି ଲଗା ଘିଅ
ସବୁ ମରି, ସରି ଗଲ୍ଲେ ଯେ ପନ୍ଦଇ
ଯାଇଥିଲ ସମରଜଗା ଗୌନ୍ତିଆ ଘରର ଝିଅ ।

[ପୂର୍ବ ସମୃଦ୍ଧି ଓ ତାର ପରବର୍ତ୍ତୀ ସର୍ବନାଶୀ ଦାରିଦ୍ର୍ୟ, ଦୁଃସଙ୍ଗତା]

—ମୋତେ ରଖା ହେଲେ ରଖା
କାଏଁ କରୁ, ଖାଏବୁ
ବନି ତଳର ଖିର୍ସା

[ଦୃଗ ହିଁ ପରମଗତି ଏବଂ ସମ୍ବଲପୁରୀ ଲୋକ ସଂସ୍କୃତିରେ କ୍ରୋଧ ମଳପର ଦୂଷିତ]

ଆରେ ରସିକ, ପାନ ବିଡ଼ାଏ ମୋର୍
ତେଇର୍ ବଡ଼' କଠାକ ।

[ସମ୍ବଲପୁରୀ ଝିଅ ନିଜର ପ୍ରେମିକଠାରେ ନିଜ୍ୟର ସର୍ବସ୍ୱ ସମର୍ପଣ କରି ଜାଣେ, କି ଯୌବନ, କି ଧନ କି ମାନ ସବୁ କିଛି ।]

ନିଜ ଦୋଷ ଯୋଗୁ ସ୍ୱାମୀ ପରିତ୍ୟକ୍ତା ଝିଅଟିକୁ ଯଦି କେହି ଦୟା ପରବଶ ହୋଇ ବିବାହ କରେ ଏବଂ ତା ପ୍ରତି ନିଜର ହୃଦୟରୁ ସମସ୍ତ ସ୍ନେହ ଲୁଟାଇ ତା'ର ପୂର୍ବ ବିବାହର ଚରିତ୍ର କାଳିମାକୁ ଧୋଇ ଦେବା ଲାଗି ଅତିଶୟ ପ୍ରେମ କରେ ସେତେବେଳେ ଅପରିଣାମଦର୍ଶୀ ସ୍ତ୍ରୀ ନିଜକୁ ସର୍ବୋଚ୍ଚ ମନେକରି ସ୍ୱାମୀଙ୍କୁ ହେୟ ଦୁର୍ବଳ ବୋଲି ତା' ଉପରେ ଅତ୍ୟାଚାର ଆରମ୍ଭ କରି ପୁରୁଷ ଜୀବନକୁ ନର୍କ କରିଦିଏ । ଏଥିପ୍ରତି 'ଛଟା'ର ଚେତାବନୀ—

କର୍‌ମା ଧାନର ଚରୁ
ଗୁର୍ଜି ମଏଣ୍ଡୀ ହେଲଣି କହଲେ
କେତେ ଝରବ ରୁଚ ?

[ଭ୍ରଷ୍ଟ ଘରଣୀକୁ "ଛଟା" କେବେ କ୍ଷମା କରେନା । "ଆତ୍ମ-ସମୀକ୍ଷା"କୁ ମହତ୍ତ୍ୱ ଦେଇ ନିଜର ଅଭିଜ୍ଞତାରୁ ଶିକ୍ଷା ଗ୍ରହଣ କରିବାର ପ୍ରେରଣା ଦିଏ ।]

Digitized by srujanika@gmail.com

ମୁହଁ ଫୁଲେଇଥିବା ସାଙ୍ଗ ପ୍ରତି ସ୍ନେହାନୁରକ୍ତ ଉପାଳମ୍ଭ—

—କୁଇଲତା ମକର, ବାଲୁନଟକର
ଲାଲ ଗଙ୍ଗାଫୁଲ ମାଳଟେ
ତୁଇ କଥା ନ କହେଲେ କାଏଁ
ଉଁଚଲ୍ ଯିବା କାଲ୍‌ଟେ ?

ଆନ୍ତରିକ ବନ୍ଧୁପ୍ରୀତିର ଉନ୍ମାଦନା—

ଆ ସଙ୍ଗାତ, ମାରମି ଲାତ
ବେଙ୍ଗ ପୁଡ଼େଇ କରି ଖାଏବୁ ଭାତ ।

ଘରଣୀର ଚିନ୍ତା ତାର ପତି ଓ ପୁଅକୁ ନେଇ, ସେମାନଙ୍କ ସୁଖକାମନା ହିଁ ତାର ଏକମାତ୍ର ଚିନ୍ତା ।

—ଶୁଖା ଡେଲର ସରଏନ୍‌ତା
ଡେରି କାଏ ହୁଅ ଘଏତା
ମୋ ଏତେ ଚିନ୍ତା ?

ନବ ଯୁବକର ଉଦ୍ଦାମ କାମନା ନିକଟରେ ପୃଥିବୀର ସମସ୍ତ ବାଧା, ପ୍ରତିରୋଧ ପ୍ରତିହତ ହୁଏ । ସେ ଯାହା ଖୁଜିଁଲେ ତା' କରିପାରେ । କର୍ମଠ ହେବାପାଇଁ ପ୍ରେରଣା—

—କାଏଁ କର୍‌ବୁ କର୍ ତ
ନୂଆବନ୍ଦର ପାଏନ୍ ତ
ଡ଼ିଁଡା ପିଲାର ମନ୍ ତ ?

ସରକାରୀ ଅମଲା-ଅଫିସରମାନଙ୍କ ସରଳ ଗ୍ରାମ୍ୟ କଣୋଷ୍ଠ ଓ ସ୍ତ୍ରୀମାନଙ୍କ ପ୍ରତି ଦୌରାତ୍ମ୍ୟ ବିଷୟରେ "ଛଟା" ନୀରବତା ଅବଲମ୍ବନ କରି ନାହିଁ—

—ଆମଲା ଅମୀନ, ନାପଲା ଜମିନ୍
ଚକ୍‌ତା ଥୁଏଲା ବାଟେ
ଟୁକେଲ୍‌ମାନକର ମହତ୍ ନେଲା
ପଏଷା ଗନଲା ଘାଟେ ।

ଅଙ୍ଗ ଅଙ୍ଗ ପୌରୁଷ ନିଷ୍ଠର୍ମ । ଯାହା କରିବାର ଅଛି ନିର୍ଭୟରେ କରିଯାଅ; ଯାହା କହିବାର ଅଛି ନିଡର ହୋଇ କହିଯାଅ, କାହାକୁ ଭୟ ? କେମିତି ଭୟ ?

—ଦଗସି କରି କହେମି ଘାଏ
କନ୍ଧ ନେଇକ ଡ଼ରସିର ଘାଏ ।

ଦାମ୍ପତ୍ୟ ପ୍ରେମ ଉଭୟ ସ୍ୱାସ୍ଥ୍ୟ ଓ ଶାନ୍ତିର ବନାଟେକ । ଏଣୁ ଏଠି ଛଟାର ଗୁଡ଼ ପରି ଲପଲପ ପ୍ରତିବୋଧ—

Digitized by srujanika@gmail.com

—ପର୍ବତ ଶିଖରେ ମିରଗ୍ଧ ଗଛ
ମିର୍ଚ୍ଚା କଷି ଧଏଲ
ଝିଁ ଝା ପିଲ୍କେ ବୁଢ଼ୀ ମାଏଦ୍ଧି
କେନ୍ତା ସୁନ୍ଦର ଉରଲ ?

ବୁଧବାର ପ୍ରେମ ପ୍ରତି ଆକ୍ଷେପ—
—ତୋର ମାଁ ତ ବନ୍ ଝୁମ୍କା
ବନ୍ ଘଏଁଡ ପେଟ୍ ଝୁମ୍କା ।

ପଣ୍ଡୁଷ୍ଟ ପ୍ରେମୀର ନାରୀ କୃତାନ୍ ହୋଇଯାଏ—
—ପଟା ତ ପଟା ଛଗଁଡ଼ ପଟା
ବାଲ୍ କାଢ଼ିଲ୍ ଚୂଆଁ କୁ
ରସକସୁଣିଆ ଚୁମା ଦେଇଗଲେ
ଫଁସିଆ ବ କଲ ମୁହଁକୁ ।

ଅନାଥ ପିଲାର ନାଥ ଜଗନ୍ନାଥ । ଲୋକ ହାସହାସ୍ୟ ହୋଇ ମଧ୍ୟ ବେଶୀ ଶକ୍ତ ଅର୍ଜନ କରେ । ଲୋକ ସାହିତ୍ୟରେ ଏହି ଦର୍ଶନଟି ସୂଚୋପ୍ଲିତ । ଯାହାର କେହି ସାହା ନାହିଁ ତା'ର ସାହା ନଜର ବାହା—
ବନ ବାପର ପୋ
ବାଛି ମରେ ଠୋ ଠୋ ।

ପୋଥି ବାଇଶେଟା ଝରଲ ଜଟାଡ଼ମ୍ବର ଲୋକ ଜୀବନରେ ଦୁର୍ବୋଧ୍ୟ । ଏଣୁ ଭାଗବତର କଥା ମଧ୍ୟ ସେମାନେ ଭଲକରି ବୁଝନ୍ତି ନାହିଁ । ମୂଳତଃ ଆରୋପିତ ଜ୍ଞାନ ଏମାନେ ପସନ୍ଦ କରନ୍ତି ନାହିଁ । ଏଣୁ ଭାଗବତଟା ଓଲଟାପୁଲଟା । ତା ବଦଳରେ ତାହାକୁ କଣ ତରକାରୀ ଖାଇଲୁ ବୋଲି ପଚାରି ଦେବାଟା ଖୁବ ସହଜ—
— ଭାଗବତ୍ ଓଲ୍ଟା ପୁଲ୍ଟା
କା'ର ଭୂନ୍ ଖାଏଲୁରେ ସଲ କୁଏଲ୍ତା ?

ଅଯାଚିତ ଅତିଥି ପ୍ରୀତି—
ଅର ନେଉଡା କ ପର ନେଉଡା
କଏ ନେଉଡଲ ତତେ
ତେର ସୁଖେ ଆଇସ୍ଛୁ
ଝଲପଟର ନେ ।

ଯେଉଁମାନେ ଅନ୍ୟର କଥା ରକ୍ଷା କରନ୍ତି ନାହିଁ, ସେମାନଙ୍କୁ "ଛଡା" ସିଧା ବାଟ ଦେଖାଇଦିଏ—

*

Digitized by srujanika@gmail.com

— ଖର୍ ଖର୍ ଜର୍ମେନ୍ ଗୁର୍
ବାଟେ ଯିବୁ ଠୁଟ୍ ଠୁର୍ ।

ଶାଶୁର ବୋହୂ ପ୍ରତି ଅତ୍ୟାଚାରର ଜୀବନ୍ତ ଚିତ୍ର—

— ମୁଗୁର୍ ମାଛର ମୁଣ୍ଡି ଚେପ୍ଟା
ଟେଂଗ୍ରା ଝୁଲର ଝୋଲ
ମା-ପୁଅ କର ଖାଇ ଜାଣିଥିଲେ
ବୋହୂ ଅଏଲେ ଗେଲ୍ ।

ଭଣ୍ଡ-ସନ୍ନ୍ୟାସୀ ଉପାଖ୍ୟାନ—

—ଅଧର୍ମ ଧର୍ମ
ଡାଲ୍‌ଗଛେ ଅଛେ ଟରୁଡ଼ ଖମ୍
ଶିଶୁ ଗଛର କୁଅଡ଼
ବାବା ମେର ନଡକ ହେଉଛେ
ଖାଲି ଦୁହାର ।

ବଡ଼ ବଡ଼ ଗଲେ ଫଅର୍ ଫାଟି, ସାନ ବାଢ଼ୁଆଲେ ବେସର୍ ବାଟି ।

—ଚେଡେଲା ପତର ଚଲ୍‌କୁ
କେଡ଼େ କେଡ଼େ ଲୁକ ଗଡ଼ ଗଡ଼ି ଗଲେ
ଛେନ ବେଣ୍ଟା ଟାକେ ମନକୁ ।

ଯେଉଁମାନେ ସାମର୍ଥ୍ୟ ନ ଥାଇ କ୍ରୋଧର ଆସ୍ଫାଳନ କରନ୍ତି ଘରେ ଭାଣିଜଉଡ଼ିଏ ନ ଥାଇ ଧନୀ ପର କଣ ମୋଡ଼ନ୍ତି, ଯେଉଁମାନେ ହଠାତ୍ ଧନଶାଳୀ ହୋଇ ଭୂଇଁରେ ପାଦ ଦିଅନ୍ତି ନାହିଁ, ଶୁଖା ଫୁଟାଣି ମାରନ୍ତି, ଅନ୍ୟର ଆଶ୍ରିତ ହୋଇ ସୁଦ୍ଧା ନିଜକୁ "ମହଡମଣି" ମଣନ୍ତି, ଠେଲ୍‌ନୋ ପର ଏକ ବର୍ଣ୍ଣ ଫାନ୍‌କୁ ଗୁଆଘିଅରେ ବନ୍ଦନ କରନ୍ତି, ସେପର ମୂର୍ଖମାନଙ୍କ ପାଇଁ ଜନ୍ତୁର ନାହିଁ 'ଛଟା' ହାତରେ । ସେହିପରି ଲୋକ ଦେଖାଣିଆକୁ ଖପରଘଇ (ଅଙ୍ଗାକରା ?) ଚେଲଇ ଦିନ ଦ୍ୱିପହରେ ଲୋକ ବକଲରେ ଛଟପଟ ହୁଅନ୍ତି ସ୍ୱଦର୍ଶନ ପ୍ରଶଂସନ୍ୟ ।

ମିଥ୍ୟା ଅହଂକାର, ଆସ୍ଫାଳନ ପ୍ରତିବାଦ କାର ଗ୍ରୁଟ—

—ଘରେ ନାହିଁ ବରହମ ଗ୍ରୁଁଟ
ଫିଙ୍ଗୁଲ୍‌କୁଡ ମେଣ୍ଟ ଆଁଟ ।
—ନିର୍ଧନୀ ଧନ ଦେଖିବାଏ
କେଁଫିରୁଡ଼େ ପଏଁସା ଫିଙ୍ଗିଲେ
ଖୁରେଇ ଖୁରେଇ ପାଏ ।
—ଘରେ ନାଇଁ ଗୁଲ୍‌ଜି ପୁସ
ହେମ୍ ମ ରୁହେ ଭନ୍‌ଜା ଟୁସ ।

Digitized by srujanika@gmail.com

—ବଡ଼ ଡେଉଲେ ବାଜଲା ଘଁଟ
ଶୁଡ଼ୀ ଖାଇକର ଅଙ୍ଗମ୍ ଦେଖ ।
—ମାଲ୍ ଘରେ ବାଜନ୍ତ ବଜା
ଠେଲ୍‌କୋ ଭୁକେ ଘି' ପରଖା ।

ଲଲ୍ ଲଲ୍ ଖପର ଘର
ଦିନ୍ ଦୁଇପହରେ ଭୁକେ ମର ।

ଅବେଇନ୍ତ ଦାମ୍ପତ୍ୟ ପ୍ରେମରେ ସଙ୍ଗରୁଣୀର ଅନୁପ୍ରବେଶ ପାରିବାରିକ ଜୀବନକୁ ବିଷାକ୍ତ କରିବା ସଙ୍ଗେ ସଙ୍ଗେ ପୁରୁଷର ସୁଖ ସ୍ୱାଚ୍ଛନ୍ଦ୍ୟ ଛିନ୍ନ କରିଥାଏ । ସେ ଖାଇବା, ଶୋଇବା ସୁଖଲାଭରୁ ମଧ୍ୟ ତାକୁ ବଞ୍ଚିତ ହେବାକୁ ପଡ଼େ ।

—ଦୁଇ ସବୁତଆର୍ ଘଏଚା
ବାସୀ ଖାଏବୁ କି ତତଲ ଖାଇବୁ
ବେଲ୍ ଆଉ ଆଉ କହୁଥା ।

ରୂପ କି ରୂପ, ରୂପ ପ୍ରଦର୍ଶନ କଣ ? ବସ୍ତ୍ରୁ ନାରୀର ତରୁଣୀ ସୁଲଭ ପ୍ରସାଧନ ହିଁ ସ୍ୱାଗତ—

– କାଏଁ ପେ ଟିକିଆ ନଶୁ
ବୁଢ଼ୀ ହେଲେ ସାଗୁନ୍ ଘଁଷୁ
ସୁଆନ୍ ପରକା ଦଶୁ ?

'ଛିଟା'ରେ କୃଷିଚିତ୍ର ମଧ୍ୟ ଦେଖିବାକୁ ମିଳିଥାଏ । ପଶ୍ଚିମ ଓଡ଼ିଶା ତଥା ସମ୍ବଲପୁର ଜିଲ୍ଲାର ଅଧିକାଂଶ ଗ୍ରାମାଞ୍ଚଳ । ଗ୍ରାମ ସଂସ୍କୃତିରେ ପରିପୂର୍ଣ୍ଣ ଏ ଗାଁଗହଳରେ ସେମାନଙ୍କ ସମ୍ବଲପୁରର ପ୍ରାଣଧାରା ପ୍ରଚ୍ଛନ୍ନ, ରମଣୀମାନଙ୍କ ମୁଖ୍ୟ କାମ ଗୃହ' ଏହି ଗ୍ରାମକପାଁରେ ନାରୀର ଭୂମିକା ମଧ୍ୟ ଗୌଣ ନୁହେଁ । ମହର୍ଷି "ଖନ"ଙ୍କ ବଚନ ଆଜି ମଧ୍ୟ କୃଷକର ଗ୍ରାମ ଚଷାର ନିପାତନ ଠିକ ବୈଜ୍ଞାନିକ ଗ୍ରୁଷ ପ୍ରଣାଳୀ । ପରାଶର ମୁନିଙ୍କ "କୃଷି ପରାଶର" ଏମାନଙ୍କର "କୃଷି ବିଜ୍ଞାନ" । ଲଙ୍ଗଳ ହୋଇଛି ଗୃହର ଏକ ପ୍ରଧାନ ଅଙ୍ଗ ଏ ସ୍ତ୍ରୀମାନେ ହଳଧର ବଳରାମଙ୍କ ଅବତାର । ଏଣୁ ଛିଟରେ ଏହି ଲଙ୍ଗଳ ଓ ତାର ବିଭିନ୍ନ ଅଂଶର ବର୍ଣ୍ଣନା ଓ କେଉଁଥିରେ କେଉଁ ଅଂଶ ତିଆରି ହେଲେ ତାହା ବେଶୀ ଶକ୍ତ ହେବ ତାହା ଫୁଟି ଉଠେ—

—ଆମ ଲଂଗଲ ଜାମ୍ ଲଂଗଲ
କୁସୁମ୍ ଲଂଗଲ୍ ଟେଂଗଟି
ଖଏର ଚଛେକ ହିଁସ ବନାଲା
ବାଉଁଶ୍ ଗଛକେ ଖୁଁଟ ।

Digitized by srujanika@gmail.com

ପ୍ରେମର ସ୍ମୃତି ପ୍ରଣୟୀମାନଙ୍କୁ ସ୍ୱପ୍ନ ବିଭୋର କରେ। ପ୍ରେମର ନିବିଡ଼ତା ସମୟ-ସାପେକ୍ଷ ନୁହେଁ, ହୃଦୟ-ସାପେକ୍ଷ। ମୁହୂର୍ତ୍ତିକର ସଫଳ ପ୍ରେମ ସାର। ଜୀବନକୁ ଆଲୋକ-ମୁଖର କରି ତୋଳେ ସେ ପ୍ରତୀକ୍ଷାର ବିରହରେ ପ୍ରେମିକା ବିରହିଣୀ ରାଧା ସାଜେ, ପ୍ରିୟତମ ତାର ପ୍ରେମକୁ ବାରମ୍ବାର ମନେପକାଏ।

ସ୍ତ୍ରୀ କେବଳ ନିଜର ଘର ଲାଗି ନୁହେଁ; ସେ ମାତୃମାନବୀ। ଏଣୁ ଗୃହଲକ୍ଷ୍ମୀର ଆନ୍ତରିକତାପୂର୍ଣ୍ଣ ଅତିଥି ଚର୍ଚ୍ଚା ତାର ପୁଣ୍ୟ ଦିଗରେ ସହାୟକ ହେବା ସଙ୍ଗେସଙ୍ଗେ ତାହା ବଂଶର ମାନବୃଦ୍ଧି କରିଥାଏ। କିନ୍ତୁ କୁଳ-କଳଙ୍କିନୀ ବୋହୂର ଅତିଥି ପ୍ରତି ଅସତ୍ ବ୍ୟବହାର, ଗୃହକର୍ମ ଓ ରନ୍ଧନକ୍ରମ ସ୍ୱଳ୍ପତା ତାର ଚରିତ୍ର ଉପରେ ଆକ୍ଷେପର ଏକ ମଳିନ ସାମିଆନା ଟାଣିଦିଏ—

—ଶୁନ୍‌ରେ ଶୁନ୍
ତୋର କନିଆଁର ଗୁନ୍
ଆଗ ଦେଲୁ ବାସୀ ପଖାଳ
ପଛେ ଦେଲୁ ନୁନ୍।

—ସବୁବେଳେ ଚଞ୍ଚଳା ଝିଅ ଯେ ଥରକୁଥର ବେଶ ବଦଳାଏ; ସେ ମଧ୍ୟ ଛଡ଼ାର ଶରବ୍ୟ—

—ପାରିଖି ଚମ୍ପା
ଖଣ୍ଡେ ପିନ୍ଧି ଖଣ୍ଡେ ପାଲଟି ପକା।

—XXX ରଜାଘର ପୁଅଠାରୁ ତାର ଚିରା ମଳିନ ବସ୍ତ୍ର ପରିହିତ ଦରିଦ୍ର ପତି ଲକ୍ଷେ ଗୁଣରେ ଭଲ। ଏଣୁ ସେ ରଜା ପୁଅକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିଦିଏ। କିନ୍ତୁ ଟଙ୍କାର ମାନଦଣ୍ଡରେ ନିଜ ସମ୍ମାନ, ନିଜ ପାତିବ୍ରତ୍ୟର ଓଜନ କରେଇଦିଏ ନାହିଁ— ସତୀତ୍ୱଠାରୁ ବଳି ସମ୍ବଳପୁରୀ ଝିଅର ସମ୍ପଦ ଆଉ କିଛି ନାହିଁ—

—ହାଣ୍ଡିକେ ମାରିଲି ଚିନ୍ ଟେଂଗ୍ରା
ଫନ୍‌ଦେ ଲଗାଇ ଦଲି
ରଜାଘରର ପୁଓ ଡ଼ାକ୍ ଦେଉଛେ
ନି ଯାଏ ତାର ପାସ୍
ଘଡ଼ି ଘଡ଼ି ଚଉଦ ମାସ।

କିନ୍ତୁ ଇତର ପୁରୁଷ ଯଦି ବିବାହିତ ସ୍ତ୍ରୀ ପାଖକୁ ଆସି ଏଣ୍ଟେତେଣ୍ଟ କହବ'ର ଦୁଃସାହସ କରେ ଏବେ ସରଳା ନାରୀ ରକ୍ତମୁଖୀ ରଣଚଣ୍ଡୀର ରୂପ ନେଇ ତାକୁ ଆକ୍ରମଣ କରିବାକୁ ପଛାଇ ଯାଏ ନାହିଁ—

Digitized by srujanika@gmail.com

—ଘଣ୍ଟି ଯାରେ ପରପଁଚଆ
ଏନ୍‌ତା କଥା କହେବୁ ନାଇଁ
ଏନ୍‌ତା କଥା କହେଲେ ମୋତେ
ବାନ୍ଧୁନ୍ ଖୁଁଟା ମାରମି ତୋତେ

—ସମ୍ବଲପୁରୀ ନାରୀର ଆଉ ଏକ ଶାନ୍ତ, ସୌମ୍ୟରୂପ ପ୍ରକାଶ ପାଏ ଏହି 'ଛଟା'ରେ ସେ ରୂପଟା ମୂର୍ତ୍ତିମନ୍ତ ଶାନ୍ତ ଓ କଲ୍ୟାଣୀର ପ୍ରତିମା। ନାୟ ପୁରୁଷର ପ୍ରେମ ନିବେଦନ ଶୁଣି ସେ ତାର ହାତଗୋଡ଼ ଧରି ତାର "ମହତ୍" ରକ୍ଷା କରିବାକୁ ଆକୁଳ ନିବେଦନ କରେ—

ସୁହାର ତୁମର ପିରତି
ମହତ୍ ନେବାକୁ ଆଇଛ ଏଠି ?

"ଛଟା" ପ୍ରତି ଏକ ଛଟା, 'ଛଟା ନିଜକୁ ମଧ୍ୟ ଆକ୍ଷେପ କରିବାରେ ପଶ୍ଚାଏ ନାହିଁ—

—ଫିଁଟ୍ଛ ବଲ୍‌ଡ ଖାଂଧଲା ଲଡ
ଇର ଡ଼େଗି ପାଏନ୍ ପିଇଲରେ
ଉପର ପଲର ଇଂଟେଲ ଗିଜା
ମୋତେ ଦେଖି ଟପା ମାଏଲରେ

ଦଅର ଭାଉଜ ଅନୁରାଗ ଏକ ଶାଶ୍ୱତ ଘଟଣା। କେଉଁଠି ଭାଉଜ-ଦିଅରର ପ୍ରେମିକା ତ କେଉଁଠି ତାର ମା'ର ପ୍ରାରୂପ। ସେ ଯାହା ବି ହେଉ ଏ ସମ୍ପର୍କଠାରୁ ବଳି ଆଉ ମଧୁର ସମ୍ପର୍କ କିଛି ନାହିଁ।

—ପର୍ବତ ଶିଖରେ କଲ୍ ଉହନା
ଖୁଂଟି ଦେଲେ କ୍ଷୀର ଗୁହୁଛେ
ଦିଅର-ବନ୍ଧୁ ଭେଁଟ ପନ୍ତିକୁଁ
ଯୁଗେ ଯୁଗେ କଥା ରହୁଛେ।

ବେକାର ନିରର୍ଥକ କଥାବାର୍ତ୍ତା ଦ୍ୱାରା ନିଜ ସମସ୍ତ ଓ କାମର କ୍ଷତି ହୋଇଥାଏ। ଏ କଥା 'ଛଟା'ରେ ପ୍ରକଟିତ ଏବଂ ଆଈ-ନାତିର ମଧୁର ସମ୍ପର୍କ ଯାହା ହାସ୍ୟ ରସାଶ୍ରିତ ତାର ସୂଚନା ମଧ୍ୟ ଏଥିରୁ ମିଳିଥାଏ।

— ଗଉଁଡଆ ଘରର ବଗି
ଗୁଡ଼େ ଦେମା ଡେର
ପାଏନ୍ ପାଏଲେ ଫକା
କଥାବାର୍ତ୍ତା ହେମା ବେଲେ ନାତଗା
ଫିକ୍ କଲ୍‌ଦାର ଟଁକା।

ପରିଚିତ ସାଙ୍ଗ ଯଦି ପଛରେ ଆଇ ଦେଖା ନ ଦିଏ, ତେବେ ତାହା ପ୍ରତି ଆକ୍ଷେପରେ ତ୍ରୁଟି ନାହିଁ।

Digitized by srujanika@gmail.com

—ନୂଆ ଜନ୍ ଗଉଁଲି ଜଗ
ବୁଲୁଥିଲୁ ପରାପର
କେବେ ନାହିଁ ଦେଉ ଧରା !

ମିଥ୍ୟା କଥାର ଅସାରତା ପ୍ରତି ବ୍ୟଙ୍ଗୋକ୍ତି—

—ବୁଢ଼ୀଟିଏଁ ଡ଼ କନ୍ଦେଇ କଣ
ଲୁଚି କଥା ମହାପରଶ ଦ୍
—ଇ ସବୁ ମାହାଲିଆ
ଚୋର କନଆଁ ଅନିଥିଲା
ଲୁଚି ଫୁଲ ଲିଆଁ ।

ସ୍ତ୍ରୀର ଧନ-ଜନ-ମାନ ତାର ସ୍ୱାମୀ । ସ୍ୱାମୀଠୁ ବଳି ତାର ଆଉ କେହି ନାହିଁ । ଏଣୁ ସ୍ୱାମୀ ଲାଗି ତା'ମନରେ ଏତେ ଗର୍ବ, ଏତେ ସମ୍ମାନ । ତାକୁ ସେ ଏଡ଼େ ବୀର, ଏଡ଼େ ସୌଭାଗ୍ୟଶାଳୀ ମନେକରିଥାଏ—

—କୁକୁର କରେ ଭୁଉଁ ଭୁଉଁ
ମୂଷ ରଙ୍ଗେ କୁଇଁ
ଘର୍ କଣ୍ଠାରେ ସେଂଦୂର ଟିକା
ତାର ଭଜିଆ ମୁଇଁ ।

ମୃତ୍ୟୁ-ଜନିତ ବିଚ୍ଛେଦ ମର୍ମନ୍ତୁଦ । ସ୍ୱାମୀ ସ୍ତ୍ରୀ ପକ୍ଷରେ ତ ଏହା ଆହୁରି ମର୍ମାନ୍ତିକ । ଏତେ ଦିନର ସ୍ନେହ-ସମ୍ପର୍କର ଅନ୍ତଃ ମିନିଟକରେ ହୋଇଯାଏ । ମରଣ ଶ୍ରେଷ୍ଠ—ବଡ଼, ଧନୀ-ଗରିବ ଭେଦାଭେଦ ମାନେନା । ଏଣୁ ତାର ଏ ବିଦାୟକାଳୀନ ଶୋକଗୀତ ।

—ଲୁଚ ମଠିଆର ଘିଅ
କଏ ମରବ କ କାହିଁ ।
ବନ୍ଧା ହୋଇଥିଲି ଗଉଁଡ଼ଆ ଘରର ଝିଅ ।

ବେଳେବେଳେ ସମାଜର ଦାରୁଣ ଚିତ୍ରମାନ ମଧ୍ୟ ଏହି ଛାନ୍ଦରେ ପ୍ରକାଶ ପାଇଥାଏ । ସମାଜ ଯେତେବେଳେ ଜଣେ ନିଃସହାୟ ଅରକ୍ଷିତା ସ୍ତ୍ରୀକୁ ପ୍ରଶ୍ରୟ ଦେଇ ନ ପାରେ ବା ସେ କାମ ନ ପାଏ ବା ମୁଷ୍ଟିମେୟ ଧନୀ ଦୁର୍ଲଭ ତାକୁ ଏକ ଖେଳର ସାମଗ୍ରୀ କରିଦିଅନ୍ତି । ସେତେବେଳେ ସେ ନିଜ ପେଟ ପୋଷିବା ପାଇଁ ବେଶ୍ୟାବୃତ୍ତି କରିବା ଛଡ଼ା ଅନନ୍ୟୋପାୟ ହୋଇପଡ଼େ । ସେତେବେଳେ ତାର ବ୍ୟବସାୟ, ତାର ଖାଦ୍ୟ ଲୁଗା ଯୋଗାଡ଼ କରିବାର ସାଧନ ହୋଇପଡ଼େ, ସେତେବେଳେ ସେ ନିଜ ଦେହ ହିଁ କେତେ କାଳ ଯୌବନ ବିନିମୟରେ ପଇସା ନେବାକୁ ବାଧ୍ୟ ହୋଇଥାଏ । ଯେଉଁମାନେ ଖାଲି ହାତରେ ତା ସହ ହାସ୍ୟଲାସ କରିବାକୁ ଆସନ୍ତି, ସେମାନଙ୍କ ପ୍ରତି ତାର କଠୋର ହୃଦୟର ନିଷ୍ଠୁର ତାଡ଼ନା—

Digitized by srujanika@gmail.com

—ଆଗୋ ଚକୁ ଯଗୋ ଚକୁ
କୁଦାଲି ମାଇଲା ଗୁଆ ଗଛକୁ
ଗୁଆ ଗଛ ତଳେ ଯମୁନା
ତୋର ଆଁଖିଥି ପଇସା ନାହିଁନ ଧନରେ
କିଏ ଦେବା ତୋତେ ମଂଗନା
—ନୂଆ ଜନ୍
ଗୁଟେ ଖଟେ ଦୁଇ ଜନ୍
ବଖା କରେ ଠନ୍ ଠନ୍
ସୁ ଏର୍ନ କେ ନାଇଁ ବୁଲିଛେ
ଆଠ ନ ଚେ କଟ୍‌ମଟ୍
ଟଂଗାଟାକେ ଝଁଟ୍‌ପଟ

ଯେଉଁମାନେ ବାଟଘାଟର ସୁବିଧା ବାଦ୍ଧା ବନ୍ଧୁ ହୋଇ ନିଜ ସ୍ୱାର୍ଥ ସାଧନ କରିବାର କରିବାର ଚେଷ୍ଟା କରନ୍ତି ସେହି "ମକରମାନଙ୍କୁ"—

—ପୁରେନ୍ ପତରେ ପାଏନ୍ ଟଲମଲ୍
ତହିଁ ପଡ଼ିଗଲା କାକର
ଚିହ୍ନାର ନଇଁ କି ଜନାର ନାଇଁ
ଭେକ ପଡ଼ିଗଲେ ମକର ।

ଅନେକ ସମୟରେ ଜଣେ ଯୁବକ ଯୌବନର ମଧୁବସନ୍ତରେ ତ ଜଣେ ଝିଅକୁ ଭଲ ପାଏ । କିନ୍ତୁ ବିବାହ ପାଇଁ ତାର ଉତ୍ତର ଦାୟିତ୍ୱ ଗ୍ରହଣ କରିବାକୁ କାପୁରୁଷ ପରି ପଛୁଇଯାଏ । ସେତେବେଳେ ଝିଅଟିର ନଗ୍ନ ମନୋଦଶାର ରୂପ କିଭଳି ଗର୍ବିତ ସ୍ୱରରେ ଝଂକୃତ ହୋଇଉଠେ ତାର ଗୀତ—

- ଛକେର୍ ଚଢେନ୍ ନ କୋର ବୁଟା
ଭୁଜା ଖାଇଯିବୁ ଭେ ଛଆ ଦୂକା
ହଂଗନମା ଦେ କାଏଁ ଘଏଚା ଦୁଜାଲ ?

ମଣିଷର ଚରିତ୍ର ସମୁଦ୍ରପରି ଚଳଚଞ୍ଚଳ, ପବନ ପରି ସତେଜ ଓ ଆକାଶ ପରି ସ୍ୱଚ୍ଛ ହେବା ଶ୍ରେୟ । ନିର୍ମଳ ହୃଦୟ ହିଁ ଭବ ସାଗରର ଅନନ୍ତ ହାସ୍ୟ ସୃଷ୍ଟି କରେ । କିନ୍ତୁ କେତେକ କୁରୁବୁଦ୍ଧିଆ କୁଚକ୍ରୀ, ସେମାନେ ସମାଜ ଜୀବନର ସୁଖଶାନ୍ତି ଧ୍ୱଂସ କରନ୍ତି । ଏହି ପ୍ରସଙ୍ଗରେ ।

- ରେଙ୍ଗାଲ୍ ଛେଇ କଚ୍ଚ୍
ତେର ମନ୍ଟ ଧୂକୁର ପୁକୁର
ମୋର ମନ୍ଟ ଫଉଚ୍ଛା ।

Digitized by srujanika@gmail.com

ଅନେକ ଚପଳା ମୁଖରା ସ୍ତ୍ରୀଅଗୁଡ଼ିଏ ପୁଅଙ୍କୁ ବାହା ଦେବାକୁ ନାପସନ୍ଦ କରିଥାଆନ୍ତି । ଆଧୁନିକ ସମାଜରେ ଏହା ସବୁଠାରେ ହେଉଥିଲେ ମଧ୍ୟ ପୂର୍ବକାଳରୁ କେତେକ ସ୍ତ୍ରୀ ପ୍ରକୃତିବଶତଃ ଏହା କରିଆସିଛନ୍ତି; ସେମାନଙ୍କୁ ସମାଜରେ ହେୟ ଆଖିରେ ଦେଖା-ଯାଇଥାଏ ।

—ପୁର ଘୁଞ୍ଚିଯା ଧମ୍‌ନାନାଙ୍କ
ପିନ୍ଧିଛ କପ୍‌ଟା ନ ଇନ ଆଁଛ
କାହାର ସଙ୍ଗେ ଯିବୁ ଯାଁତବ୍ର ଦେଖିଲେ
ଘଏଡ଼ା ବାଛ......

—ଧନୀ ତାର ଅମାପ ଧନସମ୍ପତ୍ତିକୁ ନେଇ ଗର୍ବ କଲା । ସମସ୍ତରେ ଜଣେ ଗ୍ରାମ୍ୟ ନାରୀ ତାର "କରନ୍ଦା ଧାନ"ର "କୁସୁନା"କୁ ନେଇ କାହିଁକି ଗର୍ବ କରିବନି ? ତାହା ଯେ ତାର ଅମୂଲ୍ୟ ସମ୍ପଦ—

—କରନ୍ଦା କୁସୁନା
ପଡ଼ିଛେ ଜୁନ୍‌ହିଁ
ମୋର କାଏଁଟା ଊନା ?

ଯେଉଁମାନେ ବନା ଭେଟି ନେଇ ବନ୍ଧୁଘରକୁ ଯାଆନ୍ତି ବା ବିଫଳ ହୋଇ ଘରକୁ ବାହୁଡ଼ନ୍ତି ସେମାନଙ୍କୁ ଉପଲକ୍ଷ୍ୟ କରି କୁହାଯାଇଥାଏ ।

—ଆ ନଂଗଲ, ଯା ନଂଗଲ
ବାଟେ ବସିଛେ ଘଇ ମଙ୍ଗଲ ।

କେତେକ ସ୍ୱାର୍ଥପର ସ୍ତ୍ରୀଙ୍କର ଅଳ୍ପ ବୁଦ୍ଧି ଧାରା :—ଏମାନେ "ନିଜେ ବଞ୍ଚିଲେ, ବ.ପ.ର ନ." ଦର୍ଶନର ପ୍ରତିପକ୍ଷୀ ଏବଂ ସମାଜରେ ଏମାନେ ସମ୍ମାନହୀନା—

—ଆରେ ଚଇତା
ନିଜେ ବଞ୍ଚିଥିଲେ ପୁଓ ଘଏଡ଼ା

ଯେଉଁମାନେ ଏଠାକାର କଥା ସେଠାରେ ଲଗାନ୍ତି ବା "ଚୁପୁରି" କରନ୍ତି, ସେଇ ନାରଦଆଣୀମାନେ ଗ୍ରାମ୍ୟ ଓ ସମାଜ ଜୀବନର ବିଷାକ୍ତ କୀଟ । ଏମାନଙ୍କୁ ସମସ୍ତେ ଭୟ ଓ ଘୃଣା କରନ୍ତି । ଏହି ବାଁଡ଼ୀମାନେ ମଧ୍ୟ "ଛଟା" ଦାଉରୁ ରକ୍ଷା ପାଆନ୍ତି ନାହିଁ । ପୁଣି 'ଦଣ୍ଡନୃତ୍ୟ'ରେ ବିଶେଷ କରି ପଶ୍ଚିମାଞ୍ଚଳରେ 'ବାଁଡ଼ୀ' ଏକ ମୁଖ୍ୟ ଚରିତ୍ର । କଥା ଉଠାକେ ଛଟା, ଡାଏକା, ଟପା...ଏ ଆନ୍ତର କଥା ସେଆଡ଼େ କହି କଳି ଲଗାଇବା, କଳି ଲଗାଇବା ଏହାର ମୁଖ୍ୟ କର୍ମ । ସାଧାରଣତଃ ନପୁଂସକ ବା କ୍ଲୀବ ପ୍ରକୃତିର ଲୋକମାନେ ଏହି ଚରିତ୍ର ଅଭିନୟ କରିଥାନ୍ତି ଏବଂ 'ଦଣ୍ଡନାଚ' ମାନ ଏହି 'ଟପା ବା "ଛଟା" ର ଗୋଟାଏ ଗେ ଟାଏ ଚରିତ୍ର ।

Digitized by srujanika@gmail.com

—ବାଁଡ଼ି ବନ୍ଧୁ, ଇନର କଥା ସେନେ କୁହ।
ବାଁନ୍ତି ଖପ୍‌ସି, ପାଏନ୍ ତସ୍ ତସ୍ ଢ଼ମ ପାରସି
କୁମ୍‌ନା ଦେଖଲେ ଢ଼ଡ଼୍‌ହ଼ଡ଼ାସି

ନଶ୍ୱର ଲୋକମାନଙ୍କୁ ଏକାନ୍ତ ଶୀତଳ ପ୍ରକୃତ ଲୋକମାନଙ୍କ ପ୍ରତି ଏହା ପ୍ରଯୁଜ୍ୟ ହୋଇଥାଏ।

ଉଲମୁଲ ଶାଗ୍‌ଗୁଲ
ତୋର ମୁହଁଟା ଗୁଲଗୁଲ

ଯେଉଁମାନେ ସାମାନ୍ୟ କଥାରେ ମତି ଉଠନ୍ତି, ସେମାନଙ୍କ ପ୍ରତି ଏକ ଅବସ୍ଥା ଦର୍ଶନର ପଚ୍ଚକାତ୍ମକ ଭାବରେ ଛଡ଼ା ପ୍ରକାଶ କରିଥାଏ। ଯେମିତି ଯୁଆର ପରେ ଭଟ୍ଟା ଆସେ, ସେମିତି ପ୍ରତ୍ୟେକ ପ୍ରାଚୁର୍ଯ୍ୟର ଏକ ଇତି ମଧ୍ୟ ଅଛି।

—ପାଏନ ଟଲ୍ ଝଲ୍‌ଝଲ୍
ତୋର ଘାଏକର ମଲ୍‌ମଲ୍

ଆଈ ନାତି ସମ୍ପର୍କର ଶାଶ୍ୱତ ସ୍ୱର

—ପର୍ବତ ଶିଖରେ ଗୁଣ୍ଟାଏ ବେଲ
ଆଈ ନାତି ସଙ୍ଗେ ଘଣ୍ଟାଏ ଖେଲ

ପୃଥିବୀର ନଭଃତଳେ ମାଆର ଅଦେୟ ହେଇ କହୁ ନାହିଁ। ସେଥି ନ ଥିଲେ ସେ ନିଜର କଞ୍ଚନା ଲଡ଼ି ଖୁଆଇବ। ବନ୍ଧ୍ୟ ସନ୍ତାନର ପିତାମାତା ହୁଏତ ଦୁଃଖୀ, କିନ୍ତୁ ଭେନ୍ ସନ୍ତାନବତୀ ମାଆଁର ସନ୍ତାନ ବ ସ୍ତ୍ରୀ ଗଣ୍ଡାଲେ ନ ସରେ। ସେ ଯାହା ଖାଇଁବ ତା ସନ୍ତାନକୁ ଦେବ।

ସନ୍ତାନ ପ୍ରେମ —

— ଗୃହେଁଲେ ଚକେଲ ଗଢ଼ଲେ ମଡ଼ା
ମୋର ଭାଏଁ ଝଛନ ଅଟର ଗଂଡ଼ା

ଗୋଟିଏ ଭଲକଥା କରୁଥିବା ବେଳେ ବାଜେ କଥାର ଅବତାରଣା ବିପକ୍ଷରେ—

— କାଏଁ କଥା ବଏଲେ କାଏଁ କଥା
ବଟଲଇ ଖାଉଛେ ଖୁଦ୍ ଲେଣ୍ଡା।

ଜେଲଖାନାରୁ ବାହାରିଲା ସମୟରେ ସାଧାରଣ କଇଦୀର ସ୍ୱାସ୍ଥ୍ୟ ବୃଦ୍ଧି ଘଟିଥାଏ। କାରଣଟା ପରିଶ୍ରମ ଓ ସନ୍ତୁଳିତ ଭୋଜନ। କିନ୍ତୁ ଏହା ସବୁ ଜେଲ ଭିତରେ କାଃସଗଦା ଯେଉଁ ଏକ ତଥ୍ୟ ଧରଣର ମାନସିକ ଅବସାଦ ଜନିତ ନୈରାଶ୍ୟତାର ସୃଷ୍ଟି ମଧ୍ୟ

*

Digitized by srujanika@gmail.com

ସମାଲୋଚନା ଭାବେ ହୋଇଥାଏ । ସମସ୍ତଙ୍କ ସମକ୍ଷରେ ଆତ୍ମ-ପ୍ରବଞ୍ଚନା, ନିଜକୁ ଲୁଚାଇ ରଖିବାର ଅପରାଧବୋଧ, ଏ ସବୁ ତାଙ୍କ ଭିତରେ ଏକ ଭୟଙ୍କର ।

—ଝଜଣାଗ ମନଧରାଟା
ହେନ୍ତା ପିଲା ଗୁଲଗୁଲଟା
ପଲେ କଟେଦଲ୍ କଟେରଇଛେ
ପିଲା ଦେଖି ମୋତେ ଧରୁଛେ ।

ପୁରୁଷର ମଧ୍ୟ ଅନୁରୂପ ଚିନ୍ତାଂଶ—

—ଟୁଲପ ଫୁଲ୍ ଗୁଲଉଛେ
ନେସଟି.ନାକେ ଲେସଟି ଗୁନା
ମୋତେ.ଦେଖିକରି ଦୁଲଉଛେ ।

କରିବାକୁ ଚାହିଁଲେ ସବୁକିଛି କରିହେବ । ସେଥିପାଇଁ ପ୍ରତିଶ୍ରୁତି ଲୋଡ଼ା । 'ଛଟା'ରେ ସେଇ କର୍ମ ପ୍ରବଣତାର ଅହ୍ୱାନ ।

—ଝିପ ହାର, ଯା ପାହାର
ମଏଧେ ଅଛେ ବେଲ୍‌ପାହାଡ଼
ଖଟ ତଲେ ଅଛେ ପାନ ସୁପାରି
ଲହିଁପି ପାର୍‌ଲେ ଖାଆଲେ

ସୁସ୍ଥ ମସ୍ତିଷ୍କକୁ କାର୍ଯ୍ୟପୂର୍ଣ୍ଣ ହୋଇ ସତତ ପରିବାରର ଭରଣ ପୋଷଣ କରିବାର ପ୍ରେରଣା ମଧ୍ୟ 'ଛଟା' ଦିଏ । ଜଣେ ସକ୍ଷମ ବେକାର ଯୁବକ ପ୍ରତି ଏ ଆକ୍ଷେପଟା ସେହିପରି ଅଗଣିତ ଆକ୍ଷେପ ମଧ୍ୟରୁ ଗୋଟିଏ ।

ଗାଡ଼୍‌ମୁଆ ଦୁଲା
ତୋର ମା ବାନ୍ଧିଛି ଓପଲକୁଖା
ପାଏନ୍ ବରଷେ ଧୁକ୍‌ଧୁକା
ଖରେ ବୁକ ଫୁକା ଫୁକା

ହାସ୍ୟ ବ୍ୟଂଗ, ରଙ୍ଗ ରହସ୍ୟ, ତଥା କଥାରେ କଥାରେ ହସିଖେଳି କହିବା ଲାଗି 'ଛଟ' ଅଭିପ୍ରେତ, ଏବଂ ଏହାହିଁ ତା'ର ମୂଳପ୍ରେରଣା, ଅବେଦନ, ସେ କେତେବେଳେ କୁରୁକୁରୁ କଥା ହୁଏ, କେତେବେଳେ ଅଢ଼ ଆମ୍ବିଳି ବନ୍ଧୁପଣ ଝିଠି ର ଢହିକରି ମୁଥ ମାରେ, ଯନ୍ତ୍ରଣାରେ ଆଖିରୁ ଅଜସ୍ର ଲୁହ ଗୋଡ଼ିପଡ଼ୁଥିଲେ ବି ହସିବାକୁ ପଡ଼େ । ଏହିପରି ଆମର ନଚଉଦଅଥା ବନ୍ଧୁ ଏଇ 'ଛଟା' । ସ୍ୱାଭାବିକ ଭାବରେ ଛଟାରେ ପ୍ରଯୁକ୍ତ ଇମେଜମାନ

Digitized by srujanika@gmail.com

ପ୍ରତିକ୍ରିୟାଧର୍ମୀ ଅନ୍ତର୍ଗତ ଭାବ ସମ୍ପଦରେ ପରିପୂର୍ଣ୍ଣ । ଆନ୍ତର୍ଜାତିକ ଭାବସମ୍ପଦର କଣ ନାହିଁ ଏଥିରେ ? 'ଛାଟ'ର ସ୍ପର୍ଶ ମହାମିଳନକ୍ଷେତ୍ରର ମହାସାଗରରୁ ପ୍ରେମ, ମୈତ୍ରୀ, ଶାନ୍ତି ଓ ସଦ୍ଭାବରୂପ ନର ଜଳୀୟବାଷ୍ପ ସଂଗ୍ରହ କରି ପୁଣି ଆକାଶରୁ ମହାସାଗର ଓ ଶୁଷ୍କପ୍ରାଣ ଶୁଖିଲା ହୃଦୟର ମାଟିରେ ଝରି ଝରି କ୍ରନ୍ଦନ ଓ ସଂଘର୍ଷର ବାରିଧାରା ବର୍ଷଣ କରେ । ତପ୍ତ ହୃଦୟକୁ ଶୀତଳ କରେ । ଅପରିଣାମଦର୍ଶୀ ମନକୁ ଅନୁତପ୍ତ କରାଏ । ଯେମିତି କହୁଛି, ଯାହା ସମାଜ ବିରୋଧୀ, ସେହିକୁ ମନ କରେ । ବହିଷ୍କାରଣ କରେ । ଯଦ୍ୟପି ସେ କେଉଁ ସ୍ତ୍ରୀ ସହିତ ରାତ୍ରିରେ ଏକ ଶଯ୍ୟାଶାୟୀ ହୁଏ, ଦିନବେଳେ ସମସ୍ତଙ୍କ ସାମନାରେ ତାକୁ ଭଉଣୀ ବୋଲି ସମ୍ବୋଧନ କରେ —

—ଦେଖ ଦର୍ଶନ, କେନତ ରଙ୍ଗମ୍
ଜହ୍ନଲକ୍ଷ ନାର ମହଲୀ
ରାତି ଦେଉଛେ କୁଡ଼ୁକୁଟା
ଦିନେ କହୁଛ ବହିନ ।

ଏହି 'ଛାଟ'ରେ 'ନନ ବାସ୍ପା'ଗୀତର ମଧ୍ୟ ସ୍ୱର ଅଛି । ଯାହା ମାଆମାନେ ଓ ଅନ୍ୟ ସ୍ତ୍ରୀ ଲୋକମାନେ ପୁଅଝିଅକୁ ଗେଲ କଲାବେଳେ ଉଦ୍‌ବୋଳ୍ଲାସରେ ତାର ଗାଲ ଦିଟାକୁ ଚିପି ଦିଅନ୍ତି ଏବଂ ବୋଲ ଦିଅନ୍ତି ।

—ଚୁମ୍‌କୁ ଚୁମା
ଦୁଇ ଗାଲେ ତୋର ଦୁଇଟି ଚୁମା ।

ରୂପ ତ ରୂପ, ରୂପ ପ୍ରଦର୍ଶନ କଣ ? ବୟସ୍କ ନାରୀର ତରୁଣୀ ସୁଲଭ ପ୍ରସାଧନ ହାସ୍ୟାସ୍ପଦ—

ବୁଢ଼ୀ, ଗୁଡ଼ି, ଆଗକୁ ଦେଖିଲେ ସର୍ବାବୁଢ଼ୀ
ପଛକେ ଦେଖଲେ ଗୁଣ୍ଡିର ମୁଣ୍ଡ ।
—ଅଁଟା ହଲେଇ ହଲେଇ ବୁଲିବୁ କେତେ
ବୁଢ଼ୀ ମୁହଁକେ ହଲବୁ କେତେ ?
—କୁହା ମଲା
ପାଏନ୍ ଯାଏଲେ ପିବା ଚଲ !

ରୂପ ଗରବିଣୀ, ଯୌବନୋନ୍ମତା ତରୁଣୀ ବେଳେ ବେଳେ ପୁରୁଷକୁ ଆକର୍ଷିତ କରିବା ପାଇଁ ଅତି ଯୌନଗନ୍ଧୀ ଗନ୍ଧ କାମୋଦ୍ରେକ କରାଏ; ଏବଂ ଏଥିଯୋଗୁ ନାନା ଦୁଷ୍କାର୍ଯ୍ୟର ଜନ୍ମ ହୁଏ । ଏଣୁ ଦୋଷ ନ କରିବାକୁ ଯୁବତୀ ଝିଅଙ୍କୁ ସାବଧାନ ।

—ତାର ବାଡ଼ି ଲୁଲୁ କଟା
ଧାଂଗଡ଼ା ଦେଖିଲେ ହଲିସି ଅଁଟା

Digitized by srujanika@gmail.com

ଅବହେଳିତ ପ୍ରେମ ଯାଚକାମୀ ମନରେ ପୁରୁଷ ପ୍ରତି ଏକ ଚ୍ୟାଲେଞ୍ଜ ମନୋଭାବ ପୋଷଣ କରେ—

—ପଠା ତ ପଠା ଛକେର୍ ପଠା
ରୂଣମାନଂକର ଅଏଁଠା ଚଂଠା
ସଗୁନ୍ ମଖ୍‌ଲେ ତର୍‌ବୁ
ଆଉ ବୁଏର୍ ଦନ୍ ଗଲେରେ ଭେଣ୍ଡିଁଆ
ମେର ପାଦ୍‌ତଲେ ପଡ଼୍‌ବୁ
—କଁସୀ ମାଂଶନ୍ ଗୁଏର୍ ଫାଲ୍
ଏଁଡା ଅଁର୍ତ ମଲ୍ ମଲ୍ ।

କିନ୍ତୁ ଯାନ୍ତ୍ରିକ ସଭ୍ୟତାର ଆକ୍ରମଣରେ ଏ ମହାନ୍ ଲୋକକଣ୍ଠ୍‌ର "ହିତୋପଦେଶ" ଆଜି ବେଲ୍‌ବଟମ୍, ମିନି, ମ୍ୟାକ୍‌ସୀର ମ୍ୟାର୍ଚ୍ଚର କ୍ରମଶଃ ମ୍ଳାନ ହୋଇ ପଡ଼ୁଛି ।

Digitized by srujanika@gmail.com

ସମ୍ବଲପୁରୀ ଭକାନୀ ବା ଧନ୍ଦା

ଢଗ-ଢମାଳି ମାଧ୍ୟମରେ ଗୋଟିଏ କଥାକୁ ଭାବବ୍ୟଞ୍ଜନାରେ ରସୋତ୍ତୀର୍ଣ୍ଣ କରି ସଂକ୍ଷିପ୍ତ ଭାବରେ ପ୍ରକାଶ କରାଯାଏ । ସେମିତି ସମ୍ବଲପୁରୀ 'ଭକାନୀ' ବା ଧନ୍ଦା ବାକ୍ୟରୂପ ଓ କାଳସ୍ୱରୂପ ମାଧ୍ୟମରେ ମଣିଷ ମନର ବ୍ୟାପକ ଜ୍ଞାନ ପରିଧିର ପରୀକ୍ଷା ପାଇଁ ଏକ ବୁଦ୍ଧିପରୀକ୍ଷାଗତ ସୂକ୍ଷ୍ମ ପ୍ରଶ୍ନ ରୂପରେ କାର୍ଯ୍ୟ କରିଥାଏ ।

'ଭକାନୀ' ଶବ୍ଦ ଭକୁଆ ବା ବୋକା ଶବ୍ଦ ସହିତ ସମ୍ପର୍କିତ । ଯୋଉ ପ୍ରଶ୍ନ ଶୁଣି ମଣିଷ ଭକୁଆ ସଦୃଶ ହୋଇଯାଏ । ତାକୁ ସାଧାରଣତଃ ସମ୍ବଲପୁରୀ ଲୋକ ସାହିତ୍ୟରେ ଭକାନୀ ବୋଲି କୁହାଯାଇଥାଏ । ※ ଏ ପ୍ରଶ୍ନ ଶୁଣି ଲୋକେ ଧନ୍ଦା ହେଉଥିବାରୁ ଏହାକୁ ଧନ୍ଦା ବୋଲି ମଧ୍ୟ କୁହାଯାଇଥାଏ । ଡଃ ଶ୍ୟାମ ପରମାର ଏହି ଭକାନୀ ବା Riddle ※※ ସମ୍ପର୍କରେ କହିଛନ୍ତି ଯେ– Riddles depend on metaphors. They import not only conventional types, but also imbibe a major pattern of the stylistic speech and elements of concealment. Their aim is to provide ordinary objects with remote and exact associations to make images which will either startle with their vitality or amuse by their oddness or accuracy."

ଏଥିରେ ପ୍ରତୀକ, ରୂପକଳ୍ପ, ଅଳଙ୍କାର, ବକ୍ରୋକ୍ତି ପ୍ରଭୃତିର ସମାଗମ ସାଙ୍ଗକୁ ମଣିଷର ଜ୍ଞାନାପ୍ଲୁତ କଳ୍ପନାର ପରାକାଷ୍ଠା ମଧ୍ୟ ପ୍ରମାଣିତ ହୋଇଥାଏ । ଏହାର ସମାଧାନ ପାଇଁ ବହୁମୁଖୀ ସଚେତନତା, ଧାରଣା, ପ୍ରତ୍ୟୁତ୍ପନ୍ନ ମତିତାର ଆବଶ୍ୟକତା ଅନିବାର୍ଯ୍ୟ ।

※ ବଖାଣିବା ବା ବର୍ଣ୍ଣନାତ୍ମକ ଭାବରେ ପରିପ୍ରକାଶ କରିବା ଅର୍ଥରେ ମଧ୍ୟ ଏହାକୁ ଗ୍ରହଣ କରାଯାଇପାରେ —କୁମାର ହସନ୍ ।

** * Question, statement or description, designed or serving to test hearer's ingenuity in divining its answer or meaning or reference, puzzling fact, thing—Consise Oxford Dictionary.*

Digitized by srujanika@gmail.com

ଲୋକଜୀବନ ଯେ ବିଜ୍ଞାନମୂଳର ବହୁପୂର୍ବରୁ ବୈଜ୍ଞାନିକ ମନୋଧାରା, ବୁଦ୍ଧିବୃତ୍ତିସମ୍ପନ୍ନ ଥିଲା ଏହା ତାର ପରିଚାୟକ । ବିଜ୍ଞାନର ଜଟିଳ ଯନ୍ତ୍ରପାତି ଓ ଏହାର ବିଚ୍ଛିନ୍ନ ଅଥଚ ପରସ୍ପର ଛନ୍ଦବିନ୍ୟାସ, ଯାହା ମୂଳ ସୂତ୍ରଟା ଧରିଲା ମାତ୍ରକେ ଆପେ ଆପେ ଉଦ୍ଭାସିତ ହୋଇଉଠେ । ଅପଠୁଆ ଲୋକମାନଙ୍କର ଏ ମହାଜ୍ଞାନ, ସେମାନଙ୍କ ସର୍ବମୁଖୀ ସଚେତନତାର ରେଖାୟନ । ସାଧାରଣ ଲୋକଜୀବନରେ ବ୍ୟବହୃତ ସମସ୍ତ ପଦ ଓ ପଦାର୍ଥ ସମ୍ଭାରରେ ଉକାମି ସମୃଦ୍ଧ ।

—ହାଟ୍‌କେ ଗଲ୍ ହାଟ ଦେ ଗଲ୍
ହାଟର ଖଜା ପାଏଲ୍ ନାଇଁ
ଫୁଲ୍ ଫୁଟିଛେ ବଗ ବଗାନ
ମାଏକ ମାନସା ଫଲ୍ ଫଳାନୁ ।
ଫୁଲ୍ ଫୁଟିଛେ ପଦମ୍ ତଳେ
ହାତ୍ ଲମ୍ବାଲେ ପହଁଚେ ନାଇଁ (ତାରା)

—ଉପରେ ଚକନ୍ ଭିତରେ ବାଲ୍ (ତାଳ)

—କାଣା ଦେଖୁଛୁ ମତେ
ଲଣ୍ଡ କର୍ ଦିଏ ତତେ (ହାମ୍ କୋଲ୍ ଆମ୍ବ)

—ଉପରୁ ପଡ଼ିଲା ପିଲାଟେ
ତାର ମୁଣ୍ଡେ ଟୁପିଟେ (ତାଳ)

—ଟିଛଟେ ଝାମ୍ପରୁ ଫଳଟେ ଲମ୍ବରୁ (ଲଙ୍କା ମରିଚ)

—ହର୍ଡ଼ ହର୍ଡ଼ ହର୍ଡ଼ ନଡ଼, ସବୁ ହର୍ଡ଼ ଚରଯାନ୍ତି
ଟଣ୍ଡିଆ ଫଟ୍‌କା ପନ୍ତିଆନ୍ତି (ବଳଦ ଓ ପଘା)

—ପର୍ବତ ଉପରେ ଜୁଏ ଜଳୁଛି
ଲଟେଇ ଦେବକ ଏଁ ମୁଇଁ ଜାଣୁଛେଁ ? (ସୂର୍ଯ୍ୟ)

—ବସିଛେଁରେ ମୁଇଁ—ନାଇଁ ଆଏଲୁ ତୁଇ
ଦେଖି ଆଏଲେ ମତେ, ଧରିନେବେ ତତେ (ମୁଗୁର ଓ ମାଛ)

—ଏଡ଼କ ଟିକେ ଝାଁଟି, ତହିଁ ଅଛନ୍ ଛକୋର ଖୁଁଟି (ଗିଗି)

—ଝି ସୁନ୍ଦରୀ ମାଁ ଗୁବ୍‌ସ୍ (ଧରଡୋଳା)

—ଡେଙ୍ଗେଇ ଲୋ ପାତଳ୍ ଝିଙ୍ଗ ଜଲୁ ବାସ୍
ପିଲା ପାଇଲୁ ଶଏକ ପଚାଶ (ସୁପାରୀ)

—ଢ଼ମ୍‌ଢ଼ିଲ ଢଲଢ଼େ ଖେଳ
କୁଣ୍ଡ ମାହାଦେବରୁ ବେଁକେ ଡୋର (ଲାଉ ତୁମ୍ବା)

Digitized by srujanika@gmail.com

—ଧନ୍ଦା ତ ଧନ୍ଦା, କୁଣ୍ଡୁମ୍ ଯାକର ବନ୍ଧା (ଆଖୁ)

—ଧନ୍ଦା ତ ଧନ୍ଦା ଦୁଇ ମୁଣ୍ଡ ଚନ୍ଦା (ମାଦଳ)

—ବୁନ୍‌ଲା କୁଳ୍‌ଥ ଆଁଜଳ୍‌ଲା ବର୍‌ଷ୍ଟ
ଫୁଲ୍ ଫୁଟିଛେ ଲଦଙ୍ଗ ପର (ବାଇଗଣ)
ଫଲ୍ ଫଲ୍‌ଛେ ବେଲ୍

—ଇନ୍‌ଷ୍ଟୁ ବନ୍‌ରୁ ଖଟ୍ ତଳେ କନ୍‌ରୁ (ହୁଲେଇ)

—ସୁରଦ୍ଧ ପରବତେ ବୁଲ୍ ଆଲେ
ଭାତ ବନେ ନାଇ ଖାଇ ପାର୍‌ଲେ (ଲୁଣ)

—କଳିଆ ବୁକର ଗୁଟେ ସିଂଘ
ଲେଛେଇ ଦେଲେ ଡିଙ୍ଗ ଡିଙ୍ଗ (ଭାଲିଆ)

—ମାମୁଁ ଘରେ ଦେଲା ବସ୍ତୁ ପଟେ ବନ୍ଧ ନ ପାରଲ
ମାଈଁ ଦେଲେ ଗାଁ ପଦେ ଗାଇ ନ ପାରଲ (ବ.ଘ-ଡାଗ)

—ଲାଲ୍ ଲାଲ୍ ଫଲ ଫଲିଛେ
ଖ ଏବକେ ଡର ଲାଗୁଛେ (ନିଆଁ)

—ଭୁଇ ଅଛୁ ବାଟେ
ତେର ମାଁ ବୁଆ ଡିଛନ୍ତି ପେଟେ
ତେର ଦନ ଆଈ ଅଛନ ଅଁଟେ (ଧନ)

—କଲି ଗାଏ
ଦୁଁଟେ ମାଏଲେ କୁଣ୍ଠା ଘଏ (ଦ.ଜ)

—ଆଦଳେ କୁନୁଆଁ ମାଏଲେ ବୁଢା
ପଲଲେ କୁନୁଆଁ, ଜାଇଲା ବୁଢ଼ା (ଲଜକୁଲୀଲତା)

—ଉପରୁ ଆଏଲା ବଁଟେଡ଼ି
ମରି ଦେଲ୍ ଆପଡ଼ି (ବଢ)

—ଲାଲ୍ ଲାଲ୍ ଲାଲ୍ ସାହେବ
ପଶଲେ ଗଲେ ମାର ଖାଏବ (ଚକୁଡ଼ି)

—ଏବୁ ଆଡ଼େ ଲଡ଼ାମ୍ଭୁଟେ ଜମା (ହାଟ)

—କୁର୍‌ଡ଼ି ଦଲ୍‌କେ ମାଏଲ୍ ଲଦା
ହାଡ଼୍ ଫୁଟେ ନାଇଁ ମାଉଁଷ ଫଦା (ଜୋକ)

Digitized by srujanika@gmail.com

—ହଳ ଅଛେ ହଳିଆ ନାଇଁ
ଛୁଇଁ ଦେଲେ ଗୁଳେ ଜାଣ୍ଡି (ଗେଣ୍ଡା)

—ଉନଟା ଟଛେଇ ନଅଟା ତୁନ (ଭଖାରୁ, ମୂନଗା ବା ସଜନା ଛୁଇଁ ଓ ସାରୁ) ଏହାର ଶାଗ, ଫୁଲ୍ ଓ ଫଳ ରାନ୍ଧିବାରେ ଲଗିଥାଏ ।

—ଗୁଟେ ଫଟେ ଖଟେ ଛୁଆ
ଗୁଟେ ଛୁଆ ମିରଗୁ ଖିଆ (ବଡ଼ି ଓ ବଡ଼ିରେ ଖୋସା ଯାଇଥିବା ଲଙ୍କା ମରିଚ)

—ଗଛ ଟିଁଡରୀ
ସେ ଫଲକୁ ବାହାରେ ଗୁର, ଗୁରୁଣ, କାକଡ଼ି

(ମହୁଲ ଗଛର ଫଳ ବା ଟୋଳ, ଏହା ପାଚଲେ ଟୁଡ଼ ପର ମିଠା ଲାଗେ, ତେଲ ଦେଖିବାକୁ ଗୋରସ ପରି, ତେଲ ପେଡ଼ିଲା ପରେ ପିଡଆ କାକଡ଼ି ପିଠାପର ଦେଖାଯାଏ ।)

—କୁଂର୍ କୁଂର୍ କୁଂର୍ ବାଇଶ
କୁଂର୍ ଯାଇଛେ ଦଶରୁ ମାସ
ନନ୍ଦା ବହୁଡ଼ା ସାଏଲ୍
କୁଂଚର ବାଉତା ପାଏଲ୍ (ଦାଆ)

—ଜଲ୍ ଜଲ୍ ଜବାଟ ହଜାରେ ପିଲା
ମାରନ୍ତି କୁମରେ କାନ୍ଦନ୍ତି ବଲା
(ବରୁଡ଼ିବସା ଓ ବରୁଡ଼ି, ମହୁ, ଫେଣ ଓ ମହୁମାଛି)

—କଦୋଖଲ୍ କାଦ୍ରେକ ଗଲା
ଅଏଖ ଆଖି ଛୁଆ ଜନମ କଲା
ପ୍ରକାଶରେ—ଆଖି ଛୁଆ ଜନମ କଲା

ଆଖୁ କାଦୁଅରେ ରୋପଣ କରାଯାଏ । ଏଥିରେ ଥିବା ଗଣ୍ଠିମାନଙ୍କରୁ ନୂତନ ଗଛ ଜନମ ହୋଇଥାଏ ।

— ଆରେ ଶ୍ୟାମ ସୁନ୍ଦର
ଆଏଖ ପୁଲହଟ ଜିଭ ପନ୍ଦର (ସପ୍ତଫେଣୀ ନାଗ)

—ଯାହାକୁ ତ ଦେବ ସ (କବାଟ)

— ଖାର ଖାର ଖାର ଖାର
ଗୁଟେ ଗଛେ ଫଲିଛେ ଗୁଡ, ବାଇଗନ, ଜାମୁ (ଟୋଲ ଫଲ)

—ଗଛ ମହ ମେର ପତର ସୁରୁ
ତାର୍ ଫଲଟା ଗଁଡିଆ ଗୁରୁ (ତେନ୍ତୁଲି)

Digitized by srujanika@gmail.com

—ଆମେ ଷ୍ବରଭାଇ ଷ୍ବରଙ୍କ ଚଢା
ଆମେ ଗୃର୍‌ଦ୍ଧ ଭାର ରଜା ଘଣ୍ଆ
ଆମେ ଷ୍ବରଦ୍ଧ ଭାଇ ଠାନ୍ତେ ଯଉଁ
ଝ୍ନକେ ଡାକଲେ ସଭେ ଯଉଁ (ପାନ, ଗୁଆ, ଚୂନ ଓ ଖଇର)

—ଆମେ ପାଞ୍ଚ ଭାଇ ଦେଲୁଁ ଠୋଲ
ମାର ମର୍ଦ୍ଦନ ରକତ୍ ଝେଲ୍ (ପନ୍)

—ଢ଼ପରେ ଅଛି କାଳ ଦେବତା
ତଳେ ଅଛେ ଏଢା
ଗୁଟେ ଗଛେ ଫଳ ଫଳ୍‌ଛେ
ସୁରକ୍ଷୋ ବାଏଗନ କପା (ବାଇଗଣ)

—ନଏଢ ଆଭ ଫଲେ ବୁଢ଼ୀର ଦର
ବୁଢ଼ୀର ଦେବତା ଖର ଖର (ଗ୍ଲଞ୍ଜୁଣି)

—ଘିଣ୍ଡ ଘିନ୍ନ ଚଡ ଚଡ୍ ନାହିଁ ବରଷେ ପାଣି
ଅନ୍ଧାର ଗଡ ଗୃଲ୍‌ଯାଉଛେ ଦୈମତାଗୁନୀ (ରେଲଗାଡ଼ି)

—ଘିଣ୍ଡ ଘିଣ୍ଡ କରେ ଚଡ଼ି ଚଡ଼ି କରେ
ପର୍ରି! ପଥର ଭବକା ପଡ଼େ (ଛତୁ)
ଇଘର ଭୂଆଣେନ ସଘେରକେ ଯାଏ
କନ ମୁଣ୍ଡ ମୁଣ୍ଡ ପିଠା ଖାଏ (ଚଟୁ)

—ସୁରୁ ସୁରୁଟି କୁଂଜବନଟି ଦୂରକୁ ଡଶେ ନଲ
କେନ କୁନ୍ଦୁସ୍ କୁନ୍ଦଛେ ରଜାର ସିଂହୁଆର (କାଇଁଚ)

—ଜଟାଧାରୀ ବେଶ ଭୂଷଣ ଜଟା ଷ୍ବର ଦାନ୍ତକୁ ବାନ୍ଧ
ହାତୀ ନୁହେଁ, ଘୋଡ଼ା ନୁହେଁ, ଦାନା ଗୁରୁଦୁ ଖାଏ (କଣ୍ଟାରୁ)

—ପୁରୁବ ଗଲା, ପଛିମ ଗଲା ଦେଖିଲୁ ଗଲା ଉତ୍ତର
ଦକ୍ଷିଣ ଦଗେ ଦେଖିଲି ଦେଲେ ଫୁଲର ଉପରେ ପତର (କୋବି)

— ଜଗଲ୍ କେନ୍ଦୁ ଖୁଟଲ୍ ଆଂଭଶଲ୍ ପୁରନ
ଯେନ ମାଏଟି ଇ ଭେକାଳ ନାହିଁ କହିପାରେ
ତାର ଶଣଟ ଚୂବନୀ (ହାଣ୍ଡି)

— ତୁଇ ଅଛୁ ଦମ୍ଭାନେ, ମୁଇଁ ଅଛେଁ କଂଟାଲେ
ମଲ୍ଲଭେଲେ ଭେଟ ଦେଇଁ ଏକାକାଳେ (ମାଛ ଓ କରଡ଼ି)

*

Digitized by srujanika@gmail.com

—ତୁମେ ପାଁଚଭାଇ ମୁଁ ଏକେଲା
ମତେ ନେଇଗୁଡ଼ ପଣ୍ଡା ପଥର
ମୁଁ ସିମି ସେନୁ ଏକେଲା (ଖଡଗୁଣ୍ଡା)

—ଆମେ ଛଅ ଭାଇ ଛଅଙ୍କ ଛନା
ଆମେ ଛଅଭାଇ ରଜାର ଗିନା (ପଳାଶ ପତ୍ର)

—ଆମେ ଛଅ ଭାଇ ପୋଡ଼ ପୋଡ଼
ଆମ ଛଅ ଭାଇର ରଜାର ଗୋଡ଼ (ପଳାଶ ପତ୍ର)

—ତାଲ ତାଲ ପାନ କୁଇଲା ଫୁଟେ (କଇଁଛ, ପାଣିପୋକ)

—ତାଲ୍ ତାଲ ପାନ ଗୁବର ଚୁଟେ (କଇଁଛ, ପାଣିପୋକ)

—ଲହ୍‌ଲହ୍‌କ, ପତର ବାଁକା
ତାର ଫଲଟା ମୁଠେ ଝାଁକା (ଧାନ)

—ଅବାଜା ବହୁବାଜା
ତୁମ ଅଇସି ଘୁର ଭଜା
କଣ ଖାଇଲ ଅଜା
ଗାଧି ଘଦା (କଦଳୀ, ବାଇଗଣ, ଲଙ୍କାମରିଚ ତରକାରୀ)

—ମା କେ ମାର, ଶଶୁ କେ ଧର

ଏହା ଏକ ରହସ୍ୟବାଦୀ ସଙ୍କେତ ଧର୍ମୀ ଭଜନ। ଏଠାରେ 'ଘର' ଅର୍ଥ ହେଲା ମନ ଓ 'ଶାଶ୍' ର ଅର୍ଥ ହେବ 'ଶାସ୍ତ୍ର। ମନକୁ ନିଗ୍ରହ କର ଭାଗବତ ଶାସ୍ତ୍ର ପ୍ରତି ମନୋନିବେଶ କରିବାକୁ ଏ ଭଜନରେ କୁହାଯାଇଛି।

— ତୁଇ ଅଛୁ ନଦୀ କୂଳେ
ମୁଁ ଅଛେ ଗଛ ମୂଳେ
ଦେଖୁଛୁ କଅଁ ମତେ
ଗୁଣ୍ଡ କରବି ତୋତେ (ଶାମୁକ)

—ମାର ଖର ଖର ଦନକେ ଥରେ
ନାଇଁ ହେଲେ ନାଇଁ ଚଲେ (ଦାନ୍ତକାଠି)

—ଲାଲ ଦର୍ଶି, ଚରଚରିତେଲ ପର୍ଶି
ପଶଗଲେ ମୁଲମୁଲାଚେଲ ହସି (ଚୁଡ଼ି)

—ଇଆଡ଼େ ପର୍ବତ ସେଆଡ଼େ ପର୍ବତ
ମଝିରେ ରହିଛେ ସୀସା

Digitized by srujanika@gmail.com

ଦେଖ ଗାଁ ଲୁକେ
ବାଘକେ ଛେକଛେ ମୂଷା (ଶତଡ଼)

—ଫାଟ ତ ଫାଟ୍ ଜନମ ଫାଟ
ଫାଟ ଗୁରତରେ ବାଲ
ଶୁଇଥିଲେ ମୁଜ ହୋଇଥିସି
ଦେଖୁଥିଲେ ଦୁଇଫାଲ୍ (ଅଖି)

—ଧାଇଁ ଧାଇଁ ଗଲ
ଛେଚଡା କରି ପକାଇ ଦେଲ
ଦୁହି ହାତେ ଧଏଲ
ଫ ଯାଫହୋ ମାଏଲ
ଯାହା ବ ହାଁ.ଲେ ପୁ ଗ୍ରୁପୁଚ୍ଛ କରି ଅନଲ୍ (ଶିଲ, ଶିଲପା, ପିଠଉ)

—ବାଟେ ଯାହନ ଯାହନ ଦେଖିଲ୍ ଘର୍ ଟେ
ଡର ଭିଏ ଦେଖିଲ୍ ଶାଗୁଆ ରଙ୍ଗ୍
ସେନୁ ଦେଖିଲ୍ ମାଟିଆ ରଙ୍ଗ
ତହିଁରୁ ଦେଖିଲ ଧୋବ ଫରଫର
ଭିତରେ ପାଏଲ୍ ଚୁଆଁ ଟେ
ସେଥିରେ ଥିଲା ପ.ଏ ନ୍
ଯେନ ନୁକେଲଟା କହୁଦେବ
ଉତରଟା ଅଏନ, ତ.ହାକେ କହେମି ବହେନ (ନଡ଼ିଆ)

—ତଲକେ ଲଗିଛେ ହାତେ
ବାପର ବଏସ୍ କେତେ
ପୁଅର ବାଲ୍ ପାଚିଛି (ମକା)

—ଏଡ଼କ ଟିକେ ଡ଼ିବ୍
ଫୁଲ ଫୁଟିଛେ ସୁବ୍ (ତ୍ରପାଗ୍ର)

—ଖୁଲ୍ ପୁଟକ ହାଟକେ ଯିମା
ଘରେ ଥିଲେ କାଏଁ କରମା (ଗୃହଲଧୁଆ ଟୋକେଇ)

—ହାଟକେ ଗଲିଁ ବାଟକେ ଗଲ
ହାଟର ଗଜା ନାହିଁ
କହ ଗଛେ ଫୁଲ୍ ଫୁଟିଛେ
ହାତ ଲହିଁପେ ନାହିଁ (ତାରା)

Digitized by srujanika@gmail.com

— ଫଛର ନା ଅଁ ଦେହରବଣ୍ଡି
ବାରଖଣ୍ଡା ଭେ ବାରକାଣ୍ଡ
ପଚବର ନା ଛନଭନ (ବାରମାସ)

— ମା ଖର୍ଖସ୍ତ ବାପ ଡେଙ୍ଗ ଡହ୍ଳଲେ
ଆଉ ପୁଓ ଧେ ଧଲେ (ତାଲ୍‌ଫଳ)

— ଆଠ ପାଖ ତଲକେ ଜଠା
ଡେଙ୍ଗଉଛେ ଟିକସ୍ୱଉଠା (ଝିଣ୍ଟିକର)

— ତାରଗୁଲେ ତାକେ ବନ୍ଧା (ଆଖ)

— ତଲେ ପଠା ଉପରେ ପଠା
ମଏଧେ ଅଛେ ଗୁରଆ ବଗ୍ଗୁ (ଜିଭ)

— କୁଦ କୁଦ ଟଲ
ହାଥିର ଗିଜେ ଡୁକ ଗଲା (ଘର)

— କାଲଗାଏ ଚଟଚେ ଯାଉଛେ
ଫୁଲମାଲ ପଡ଼ଚେ ଯଉଛେ (ଧାନ)

— ଲୁଜ ବୁଢ଼ୀର ପେଟେ ଦାଁତ (ଦାଆ)

— ଅଜୀବ ସେ ମାରେ ଜୀବ
ତାର ଡାଲୁବୁଢ ବାଟ (ମୁଗୁରୀ)

— ଲାଲ ଲାଲ ଦଣ୍ଡି
ଡୁଙ୍ଗି ଦେଲେ ମାର ପାଏସି (ବରୁଡ଼ି)

— ପଁରସ ଲୁଦା ଘର ଘର ବୁଲେ (ଝୁଡ)

— ଡେର ଭେ ଅଛେ, ଡଚେ ମାରୁଛେ (ଆଖି)

— ମାମୁଁ ଦେଲେ ବଗ୍ରାଟିଏ ଟାଙ୍ଗ ନ ହାଣ୍ଡଲ
ମାଇଁ ଦେଲେ ଫୁଲ ତଳେ ଗନ୍ଧ ନ ପାଇଲ (ବାଘ ଓ ଭଗ)

— ଝଁଡ଼ ଝଁଡ଼ କଶ ଲାହିଲ ଅଡା
ଖାଏଁଡ କନ ଖଏଁଡ
ଇ ଘଇକେ ନ ଇନ ଦେ ଫଲ (କୁଆପଥର)

— ଆସିଲା ବଡ଼ ଚରେଇ
ବସିଲା ଦାଁଢ଼ ମେଲଇ
ଧଲା ମାଛ ଖାଇଲା ନଦ୍ୱି (ଜାଲ)

Digitized by srujanika@gmail.com

—କେନ ଚକର ଘୋ ଧାନ ବୁନଛେ
ବଛର ଯାକର କଁସ୍ଥ (ଜିଭ)

—ବଁକ ବସିଛନ ଧାଏର୍ ଢେକ ଧାଏର୍
ଝଲ୍ଲିନ ମାଏଲା ଟମା
ତାର ଉଡାନ ଯିଏ କହ୍ବ ନ ପାରବା
ତାର ସତବଟା ଜକା (ଦାନ୍ତ)

—ପଞ୍ଚୁ ଟାନ୍ ଟାନ୍ ତ ପଞ୍ଚୁ ଟାନ୍
ଘଏତା ମାଏପୋର ବାଇଶଟା ବନ (କଖାରୁଲତା)

—ପେଁକ ଭିତରେ ଲେଲେ ଛୁଆ (ଜିଭ)

—ଘୋର୍ଘୋର୍ ଜଙ୍ଗଲ୍ ମଏଧେ ଅଛେ ଫୁଙ୍ଗଲ୍ (ଯୋନି)

—କୁଟୁମ୍ ଯାକର ଗୁଟେ ଗିଜ (ରସୁଣ)

—ପାଏନ୍ ଖୁଲ୍ ଖୁଲ୍ ଯାଉଛେ
ଯେଗ୍ନ ମାକର ବସିଛେ (ମୁଗୁରା)

—କେନ ଗାଏଜ୍କୁଁ ଅସଲା ଗୁପେଠି
ତାଲ୍ ତଲେ ଜଲ୍ ବସା
ଶୁନ ଶୁନ ହୋ ସଙ୍ଗର ଲୁକେ
ବାଟକେ ନେଉଛେ ମୁଷା (ବ୍ୟାଘ୍ରଚର୍ମକୁ ମୂଷା ନେବା)

—ତାଲ୍ ତାଲ୍ ପାନ ଲୁଦାର ବାଣ୍ଡ (ଧଣ୍ଡ ସାପ)

—ତାଲ୍ ତାଲ୍ ପାନ ଝଙ୍ଗ୍ ଚପଟି (ବେଙ୍ଗୁଲା)

—ରାମ ଲଏଖନ ବନବାସ ଗଲେ
ମୁଁ ଡେ ଜଗଲ୍ ଦେଇ
କେନ ଗଛ ତଲେ ରହେଲେ ବସଲେ
ଗୁଟେ ପତର୍ ନାହିଁ (ଲଙ୍କା ସିନ୍ଦୁ)

—କଁଟେ ଲଦବଦ ପାଚଲେ ଟାନ୍
ଘୁଡୁଖିଆ ପିଲ୍ଲ ଜଥାନ ଜାନ (ହାଣ୍ଡି-ଡାଠିଆ)

—କଁଟେ ଖାଏଲ୍ କଁଟ୍ ଭୁଇଲା
ପାଚଲେ ଖାଏଁଲ ଗୁଲା
ମୋର ଉକାଣୀ ଯିଏ ନ ଜାଣେ
ତାକେ ନେମି ବରପାଲ୍ (ଖଜୁରୀ)

Digitized by srujanika@gmail.com

—ପତର ଅଳ
ଘାନ ଘାଞ୍ଛେବର ଗିଳେ କାଳ (ପଳାଶ ଫୁଲ)

—ଯାଏସି ସଲସଲ, ଆଏସି ଝଲ୍‌ସଲ୍
ଜଙ୍ଘ ତଳେ ଖଚ୍ କରସି
ଝପା ଝପା ଝପ୍‌ସି (ଟେଣ୍ଡା)

—ଅଡ଼ଣ ସଟା, ପଡ଼ଣ ସଟା
ଅଡ଼ଣ ସଟା ଭୁଇ ତଲ ମୁଇଁ ଉପର
ଦୁହ୍ହ ହାତେ ଦୁହ୍ହ ଗପ.କେ
ଧର ଦେବୁ ପେଲ୍ (ଶିଳପା)

—ଇଟିମ୍‌ଟିମ୍
ଫୁଟାଲେ ନ ଫୁଟେ ଝମ୍ (କୋଷ)

—ଠିନ୍ ଠିନ୍ ପରବତେ
ବନ ଗିଁଠିର ବାଙ୍ଗଣ (ମୁଣ୍ଡ)

—ସଢ ସଢଲ କୁଟେ
ସକାଲେ ନାଇଁ ଗୁଟେ (ତାରା)

—ଭୁଇ ଅଛୁ ଝାଟେର
ମୁଇଁ ଅଛେଁ ବାହାରେ
ବଛର୍‌କେ ଭେଁଟ ପଡ଼ମା ଅଟେ (କରଡ଼ି ଓ ଝିମା ମାଛ)

—ହାଟକେ ଗଲିଁ ଘିନଲି ଝାଇଁ
ଚାଲ ଲେଞ୍ଜ ମୁଁଣ୍ଡ ନାହିଁ (ଲୁଣ)

—ଆମର ଘରେ ଜନେଟ ଅଛେ ସେ
ସକାଲୁ ଟିଛଥିସି ଦେନ ବୁଢ଼ା ତକ୍
ସଏତ ହେଲେ ହେସି ନଙ୍ଗଲା (ଅଳଗୁଣି)

—କାହିଁ ଯ ଛନ୍ଦୁରେ ମେ.ତେ ଦେଇ ଯ (କବାଟ)

—ଛୁଁ ଦେଲେ କାନ୍ଦସି (ଖୁନ୍ତି)

—ଛୁଁ ଦେଲେ ବଲଦ୍ ଖୁଲେନ (ଖାଧବ ବୋଲୁ)

—ଇନୁ ସେନୁ ଲମିଛେ
ନାକ୍ କେ ଛୁ ଦେଲେ ମୁଲ୍ କଣ ହସୁଛେ (ଛକୁଲୀବତ)

Digitized by srujanika@gmail.com

—ଘରଡ଼ୋନୁ ପକାଇଦେଲ
ଭର୍କୋ ଭର୍କୋ ମାଡ଼ିଦେଲ (କୋଠା)

—ଢିଚ ଆନ୍ଲିଁ, ଡ଼ୁଙ୍ଗି ଦେଖ୍ଲି । (ମୁଗୁର)

—ଗୃଛା ଚଲେ ଲେଲେଲୁଆ (ବାଇଗଣ)

—ଏଡ଼କ ଟିକେ ନନୀ, ଝୁଁମେ ଲୁଗା ପିନ୍ଧି (ପିଆଜ)

—ଲାଲ୍ ଲାଲ୍ ଲାଲ୍ ଧାହେବ
ଡ଼ୁଙ୍ଗି ଦେଖ୍ଲେ ମାର୍ ଖାଏବ (ବରୁଡ଼ି ବଯା)

—ଆମର ଘରେ ନୂମାଟେ ଅଛେ ଯେ
ଟାଏଟ୍ କୁନ୍ କୁନ୍ ହେସି (ଛୁଞ୍ଚୁଣି)

—ଦାଉ ହ୍ରଡ଼ର ବଡ଼, ବନ୍ କୁଆଁର ପାଣି
ବନ୍ ଗୁର୍ଯର ଖିର୍ସା ବନା ମେଘର ପାଣି (ନଡ଼ିଆ)

—ଜନ୍ମୁନ୍ଥେ ପତଯ ହାତ୍, ଯୁଆନ୍ ବେଲେଁ ହାତେ
ବୁଢ଼ା ବେଲେ ପଗୃଶ୍ ହାତ୍, କଏ କହେବ ମୋତେ ? (ସୂର୍ଯ୍ୟରଶ୍ମି)

—ବାପ୍ ଡେଙ୍ଗା ଡ଼ୁଲ୍, ମାଁ ଟା କୁଜ୍ଜ ଏଛେ
ଫଲ୍ଟା ମାନ୍ ଏଡ଼େ (ତାଳ)

—ବୁଢ଼ାଟା ଲଙ୍ଗ୍କୋ ଖଟେ, ବୁଢ଼ୀର ଗିଟେ ଡ଼ଙ୍ଗି ଗୁଚ୍ଛେ
ବୁଢ଼ାଟା ଟାନ୍ ହେଲା, ଭିନ ଝନକର ଜାନ୍ ନେଲା (ଲଙ୍ଗଳ)

—ଝନେ କହୁଛେ ଦିନ ହେଉ
ଝନେ କହୁଛେ ରାତ୍ରି ହେଉ (ଖଟ-ଅଲଗୁଣି)

—ଦିନର୍ ବେଲେ ଭଜନ୍, ରାତର ବେଲେଁ ଉପାସ (ଅଲଗୁଣି)

—ଗ୍ଲୁଟ୍ ଟଛ ଟେଙ୍ଗା ଭଲ (ଲଙ୍ଗଳ)

—ମଲ୍ଲ ଗଛ ଜିଆଲିଁ (ପଲ୍ଦା)

-ଭାଲୁଆ ବୁକା ଘର୍ ଘର୍ ବୁଲେ (ଚଟୁ)
କେନ ଘ୍ଏନ୍ଁ ଆଏଲ୍ ଘୁଡ଼ୀ
ଏକ୍ଷେଇ ବେତକେ ହେଲା ବୁଢ଼ୀ (କଦଲୀ ଗଛ)

—କର କର କଣ୍ଟା ଲୁହାର ବଏଡ଼୍ (ଢ଼ଆ)

—ଟ୍ନୁ ମମୁଁ ଟ୍ନୁ ମମୁଁ ଠାକ ଟିଭେ ଦିଅ
ଠନ୍ ଅଛେ ଭନ୍ଜା ବାଟ କରନ (କୋଷା)

Digitized by srujanika@gmail.com

—ଢାଲ୍ ସିଁ ଖଲୁଛେ

ଗୁଣ୍ଡି ବଗଚୁଛେ (ଗଡ-ଧାନ)

—ଧନ୍ଦା ତ ଧନ୍ଦା

ଚାର ଗୁଣ୍ଡରକୁନ୍ ବନ୍ଧା (ଦନା)

—ତଲେ ମେଚ୍‌ଖୁମ୍ ଉପରେ ଖଲ (କୁମ୍ଭାର ଚକ)

—ତଲେ ଅନ୍ଧନ ଉପରେ ଜୁଏ

ଭାଣ୍ଡି ଯ ଉଛେ ବୁଟିଆ ଭୁଏ (ଦୀପ)

—ଦ୍ୱାଟୁ ଆନ୍‌ଲି ଡେପ୍‌ଟି, ସେଥି ଗୁନାଲି ଲମ୍ଟି

ତାର ବଉଠ୍ ଜାନ୍‌ସି, ଟାଙ୍ଗ୍ ଚର ଚର ମାରସି (କୋଡ଼, ବାଉସି)

—ଛ' ଗୋଡ଼୍ ଦୁଇ ସିଙ୍ଗ, ଗଛ ଉପରେ ପାର୍‌ସି ଢ଼ମ୍ (କାଇବସା)

— ବାପର ନାଁ ଯେନଟା, ପୁଅର ନାଁ ସେଟା

ନାତିର ନାଁ କ୍ଷୀର, ବାପ୍‌କେ ଖାଏସି ପୁଅକେ ଖାଇ

ନାତିକେ ଲଗାସି ଘାନ

ଇ ଭକାନା ନ କହେଲୁ ତ, ନାଇଁ ଯାଇପାରୁ ପାନ

(ମହୁଲ, ଟେଲ ଓ ଟୁର ତେଲ)

—ଲମ୍ ଲମ ତୋ ଜହ୍ନ ଯତୋ

ଏକନ୍ ଗୁଡ଼ ଉନ୍‌କି ହେଉତେ (ଦାଇଗଣ)

—ଏକ୍ ଠକ, ଲମ୍ ଟେଙ୍କ, ମାଗବ୍ରି ମତେ ଚୋପ୍‌ଟି ନାକ

ଭସିହେଉ ପେଟି କଏ ମାରୁଛେ ତେତେ (ଘୋଡ଼ା ଓ ବେଙ୍ଗୁଲି)

—ଗୁନ୍‌ଲି କୁଲୁଥ୍ ଆଁ କର୍ଲା ବରଦ

ଫୁଲ୍ ଫୁଟିଗଲା ଲବଙ୍ଗହେସ୍ତି

ଫଲ୍ ଫଲ୍‌ଗଲା ବେଲ

ଇ ଭକାନା ଯିଏ ନ ଜାନେ

ତା'କେ ଧରକର ପେଲ୍ (ବାଇଗଣ)

—ସବୁଜ୍ ଗଛ, ପଚ୍ଛିମ ଗଛ, ଯାଇଥିଲି ମୁଇଁ ଉତର୍

ଫଲ୍ ଉପରେ ଦେଖି ଅଇଲି

ଫୁଲର୍ ଉପ୍ର ପତର (ଗୋବି ଫଲ)

- ଖାଇଛେ ରେ ଗିଲିଛି ନାଇଁ (କନା-ପାଣି)

Digitized by srujanika@gmail.com

—ଶୁରେ ବୁଢ଼ୀ ସମାମି
ଯାନ୍ଧି ପାରେ ତନ୍ଧି ଯିମି । (କୋଡା)

—ବାହାରେ ଚକନ୍ ଭିତରେ ବାଲ୍
ଦୁହୁ ଖୁଆ ଝର ହୁ ଚକ୍ ମାର । (ତାଲ ଖଇବା)

—ଗାଁଏର ଲୋକ୍ ଠିଆ ହୋଇଛନ୍
ସ୍ବଏର ଲୋକ ଚୁଙ୍ଗାଲଇଛନ୍ (ଖଟ)

– ଆମେ ଅଠ୍ବାଇ ପେଡ୍ ପେଡ୍
ଆମ ଆଠ୍ ଭାଇର୍ ଗୁଟେ ଗେଡ଼ । (ଛତ)

—ସୁର୍ ହୁଟି, ଗିଜେ ଖୁଁଟି । (ଲଙ୍କା ମରଚ)

—ଝାରେ ବନ୍ଧ୍ସିଁ, ଝାରେ ଛୁଡ୍ସିଁ
ନଏଦ୍ ଖଣ୍ଡି ମୋର୍ ବାସ
ମୋର ନାଁ ଧରମ୍ ଦାସ । (ଡଙ୍ଗ)

—କଏଁ କଟ୍, ମୁଁଡେ଼ ଜଟ । (ମକା)

—କାଟଲେ ଖୁଁଟା ପଆଁଲେ ନାଇଁ । (ନଈ)

— ଉପର ଦ୍ବଜକୁ ଆଏଲ୍ ଘୁଡ଼୍ ଧାନ ମସ୍ ମସ୍ ଖାଏ
ଶୁଏ କ କ ବସେ ନ ଧାଙ୍ଗା ନଗୁହ ।ଏ । (ଢ଼ିଙ୍କି)

—ବାଲ୍ ଅଛେ ବାନ୍ଧେ ନାଇଁ
ନାକ ଅଛେ ଛୁଙ୍କେ ନାଇଁ
ଯାହା ମାରଲେ କାନ୍ଦେ ନାଇଁ । (ନଡ଼ିଆ)

—ଟାଙ୍ଗ୍ୟା ତ ଟାଙ୍ଗ୍ୟା
ତନ ମୁଣ୍ଡ ଦଶ ଗୋଡ଼ ଦେଖିଛୁ କାଏଁ ବାଙ୍ଗ୍ୟା । (ହଳ-ହଳିଆ)

– ସାଁପ ଯାଉଛି ଡଗର ନାହିଁ
ଗୋଠ୍ ବସିଥିଲେ ଗୋବର ନାହିଁ । (ଡଙ୍ଗା)

—ଆ ସପଟି, ଯା ସପଟି
ମଲା କାଠେ ଜୁଏ ଲାଗ୍‌ସି । (ବନ୍ଧୁକ)

—ନାକୁ ସାର୍ ଝିକେ, ହାତୁ ସା ଦେଲା
ଏଡ଼େ ସୁନର ଝିଅକ କୁଡ଼େ ଲୁଚି ଦେଲା ।*(ସିଂଘାଣି)

*

Digitized by srujanika@gmail.com

—ଜଗନ୍ଲ କେନ୍ଦୁ ଖୁଁଟୁଳି, ଆଂକର୍ଲା ପୁରମି
ଇ ଭକମା ଯିଏ ନ କହୁ ପାରବା
ତାର୍ ଶାଶ ଚୁରମା । (ଯରୁ)

—ଆସିଲେ କୁନୁଅଁ ମରିଲେ ବୁଢା
ଚଲେ କୁନୁଆଁ ଜାଉଁଲ ବୁଢା । (ବିଗିଂକଣନ)

—ଚକାଟାକେ ଫୁଲ୍‌ଟା, ତହିଁ ପସଲ ଗୁଲ୍ଟା
ତାର କଦର ଦାନ ସି ଯେ
ଝଟା ହେଲେଇ ମାରସି ସେ । (ରଫ)

—ଅଫୁଟା ଫୁଟିଲା, ଫୁଟି ବାସ ହେଲା
ଚପାଚପି ବେଲ ବହିଲାରେ
ଅଁଶ୍ୟାକୁ ଧରଣ ଡାଙ୍ଗକୁ ହଲଇ
ରସ ବହୁ ଗଲାରେ । (ଛତ)

—ମାଁ ଗନ୍ଧସା, ଝି ସୁନସା (ଟମାଟୋ)

'ଭକାମା'ରେ ମଧ୍ୟ ଲୋକସମାଜର ଦୈନନ୍ଦିନ ବ୍ୟବହାର୍ଯ୍ୟ ବିଷୟବସ୍ତୁ, ଜୀବଜ', ପଶୁ, ପକ୍ଷୀ, ମଣିଷ, ଉଦ୍ଭିଦ ଜଗତ ଇତ୍ୟାଦି ଆଲଂକାରିକ ବର୍ଣ୍ଣିତ ଭାବରେ ପ୍ରକାଶ ପାଏ । ଏହା ବୁଝିବା ପାଇଁ ଓ ଉତ୍ତର କରିବା ପାଇଁ ପ୍ରତ୍ୟୁତ୍ପନ୍ନମତିତା, ସାଧାରଣ ଜ୍ଞାନର ବିଶେଷ ଆବଶ୍ୟକତା ଉପଲବ୍ଧ ହୋଇଥାଏ । ଏହି ଭକାମା' ବୟସ୍କ ଲୋକ, ପରିବାରର ବୁଢାବୁଢୀମାନେ ପିଲାମାନଙ୍କୁ ପଚାରି ସେମାନଙ୍କ ବ୍ୟାବହାରିକ ଜ୍ଞାନ ବୃଦ୍ଧିରେ ସହାୟକ ହୋଇଥାନ୍ତି । ମଣିଷ ଯଦି କଥାକୁ ଫେଣେଇ କହିବାର କଳାରେ ପାରଗ, ତେବେ ସେ ଯେକୌଣସି ବିଷୟ ବା ବସ୍ତୁକୁ 'ଭକାମା'ର ରଙ୍ଗରେ ରଙ୍ଗେଇ ପାରିବ । ଏହା ମଧ୍ୟ ଗୋଟିଏ ବସ୍ତୁର ଗୁଣାତ୍ମକ ମୂଲ୍ୟ ଅବଧାରଣ କରିବାରେ ସହାୟକ । ବିଭିନ୍ନ ପୌରାଣିକ ବିଷୟ ମଧ୍ୟ ଏହି ମାଧ୍ୟମରେ ପ୍ରକାଶ ପାଇଥାଏ ।

ଲୋକ-ସମାଜର ସାଧାରଣ ଜନର ବ୍ୟୁତ୍ପତ୍ତି ଭଣ୍ଡାର ହେଉଛି ଏଇ ଅମର 'ଭକାମା' ଧଂଧା ବା ନି-ଢଣା । ଶିକ୍ଷିତ ସମାଜ ଦ୍ୱାରେ ବୈଜ୍ଞାନିକ ଅଗ୍ରଗତିର ପ୍ରଭାବକୁ ମଧ୍ୟ ଏହା ତାର ତତ୍କାଳିକ ସ୍ତରରେ ଗ୍ରହଣ କରିବାରେ ପଛେଇ ଯାଇ ନାହିଁ । ଯେପରିକି – ବିଜୁଳି ବତୀ ସମ୍ପର୍କରେ ଗୋଟିଏ ଭକାମା ହେଲା—

—ଇନ୍ଲୁ ସେଲୁ ଲମ୍ବିଛେ
ନ କହେ ଛୁଇଁ ଦେଲେ ମୁଲ କରି ହସୁଛେ ।

[ଏଠାରୁ ସେଠାକୁ ସବନ ବିଶ୍ରଅଡ଼େ ଲମ୍ବିଛି (ବିଜୁଳି ତାର) । ନାକ (ସ୍ୱିଚ)କୁ ଛୁଇଁଦେଲେ ଫିକ୍ କରି ହସି ଦେଉଛି (ବିଜୁଳିବତୀ ଜଳୁଛି) ।

Digitized by srujanika@gmail.com

ସମ୍ବଲପୁରୀ କରମାଗୀତ

ସମ୍ବଲପୁର ଅଞ୍ଚଳରେ ବିଭିନ୍ନ ଉପଲକ୍ଷରେ ଥିବା ବିଭିନ୍ନ ଲୋକଗୀତମଧ୍ୟରୁ କରମା, ଡାଲଖାଇ, ରସରକେଲି, ମାଏଲା ଜଡ଼, ଢ଼ଗଢ଼ଗୋ, ଫପଦା ବା ଫଗୁର, ଢଇଶାକୋ ବା ଡଂଡାଗୀତ ପ୍ରଭୃତି କେତେକ ଗୀତ ନୃତ୍ୟାଶ୍ରୟୀ । ଏହି ଗୀତସବୁ ବିଭିନ୍ନ ଲୋକନୃତ୍ୟାନୁଷ୍ଠାନରେ ବୋଲାଯାଇଥାଏ । ନୃତ୍ୟର ବାଦ୍ୟ, ତାଳ, ଲୟ, ମୁଦ୍ରା ପ୍ରଭୃତି ଲୋକଗୀତର ସ୍ୱତନ୍ତ୍ରତାକୁ ଅଧିକ ସ୍ପଷ୍ଟ ଓ ସର୍ବଗ୍ରାହ୍ୟ କରିଥାଏ । କରମା ଗୀତ ସେହିଭଳି ନୃତ୍ୟାଶ୍ରୟୀ ଲୋକଗୀତ ମଧ୍ୟରୁ ଗୋଟିଏ ।

ଆଦିମ ଯୁଗରେ ମଣିଷ ଯେତେବେଳେ ପ୍ରକୃତିର ବୈଚିତ୍ର୍ୟ ମଧ୍ୟରେ ଖାଦ୍ୟ ଅନ୍ୱେଷଣରେ ଘୂରି ବୁଲୁଥିଲା, ସେତେବେଳେ ବିଭିନ୍ନ ଅବୁଝା ପ୍ରାକୃତିକ ଦୃଶ୍ୟ, ଘଟଣାବଳୀ ତା' ମନରେ ଏକପ୍ରକାର ଭୟ ବା ଶ୍ରଦ୍ଧା ସଞ୍ଚାର କରୁଥିଲା । ଏହି ଆଦିମ ଭୟ ଶ୍ରଦ୍ଧାରୁ ହିଁ ବା କୌଣସି ଏକ ଅପାର୍ଥିବ ଶକ୍ତି ପ୍ରତି ବିଶ୍ୱାସର ଜନ୍ମ । ଫ୍ରଏଡ଼ୀୟ ତତ୍ତ୍ୱ ଅନୁସାରେ ମଣିଷର ଅସହାୟବୋଧ, ଯାହା ତାର ଅବଚେତନ ମନ ମଧ୍ୟରେ ଜମାଟ ବାନ୍ଧିଥାଏ, ତାହା ସ୍ୱପ୍ନ ଆକାରରେ ପରିଣତ ହୋଇ ମଣିଷର ଅନ୍ତର୍ଦ୍ୱନ୍ଦ୍ୱ ଅଭିଷ୍ଟ ଜ୍ୱଳନକୁ ଦୂରକରି ଜୀବନର ସମସାମ୍ୟକୁ ଯେମିତି ବଜାୟ ରଖେ, ସେହିପରି ଦ୍ୱନ୍ଦ୍ୱମୟ ମଣିଷ ଜୀବନର ନିଃସଙ୍ଗତା ଓ ଅସହାୟ ନିରାଶବୋଧ ନିଜର ଅପାରଗତାକୁ ଏକ ଅଦୃଶ୍ୟ ଶକ୍ତିର ଲୀଳା ବୋଲି ଗ୍ରହଣ କରି ଆତ୍ମଶାନ୍ତି ପାଇଥାଏ । ଏଇଥିରୁ ହିଁ ଭଗବତ୍ ବିଶ୍ୱାସ, ବିଭିନ୍ନ ଦେବଦେବୀଙ୍କ ଜନ୍ମ ଓ ପୂଜାନୁଷ୍ଠାନ; ସ୍ୱର୍ଗ ଓ ଭଗବାନଙ୍କର ପ୍ରତିଷ୍ଠା । ନିଜର ଦୁଃଖ-ଶୋକକୁ ସେ ଭାଗ୍ୟ ବୋଲି ଆଦରିନିଏ । ଭଗବାନଙ୍କୁ ଡାକେ । ମାନସିକ କରେ । ଦିଅଁ ଗଢ଼େ । ପାହାଡ଼, ଘର କିମ୍ବା କୌଣସି ଗଛ ତଳେ ସେ ନିଜର ଦିଅଁକୁ ସ୍ଥାପନ କରି ତାର ପୂଜା ଅର୍ଚ୍ଚନା କରେ । ପଥର ଦିଅଁ ତାର ଡାକ ଶୁଣନ୍ତୁ କି ନ ଶୁଣନ୍ତୁ ନିଜ କଥା ତାଙ୍କୁ ଶୁଣାଇ ସେ ସନ୍ତୁଷ୍ଟ । ଯାହା କିଛି ତାର ପ୍ରଥମ ଅମଳ ସେ ସବୁ ତାଙ୍କ ନାମରେ ଅର୍ପଣ କରେ । ନିଜେ ଛଡ଼ା ଖାଇ ତାର ଆଶୀର୍ବାଦ ପାଏ । କେତେ ଦିଅଁ, କେତେ ଠାକୁରାଣୀ । ଏହି ପଲ୍ଲୀକେନ୍ଦ୍ରପ୍ରାଣ ଗୀତ: ଭାଗବତ କଥା ବୁଝେନା, ପଢ଼ିପାରେନା, ବିଜ୍ଞାନର ଚମତ୍କାରିତା ତା'ଠାରେ ମ୍ଳାନ । ତାର ଦେବତା, ଚଳନ୍ତି ଲୋକଦେବତା ତାର ସବୁ । ତେଣୁ ସେ ତାର ପୂଜା ଅର୍ଚ୍ଚନା କରେ, ଆନନ୍ଦ ମଉଜ କରେ, ପୂଜାପାର୍ବଣ ନାଆଁରେ ତାର ଏପରି ଜୀବନରେ ଉତ୍ସବ ଲାଗି ହୋଇ ପଛକେ ତାର

Digitized by srujanika@gmail.com

ଅସୁବିଧା ଦୂରେଇଯାଏ । ସେ ବଞ୍ଚିବା ପାଇଁ ନୂଆ ଆଗ୍ରହ, ଉର୍ଦ୍ଧିପନା ଲାଭକରେ । ସେ ତୁଳସୀ ବଭିନ୍ନ ଉପଦେବ ବୃକ୍ଷର ମଧ୍ୟ ଉପାସନା କରେ । ଧର୍ମଶୀଳା ମହିଳାମାନେ ତୁଳସୀ ଚଉରା ପୂଜା କରନ୍ତି । ବିଭିନ୍ନ ଔଷଧୀର ପୂଜା କରନ୍ତି । ଏହି ବିଶ୍ୱାସ, ଏହି ପ୍ରତ୍ୟୟ ସେମାନଙ୍କ ଜୀବନକୁ ବିପନ୍ନତା ହାତରୁ ରକ୍ଷାକରେ । ଏଣୁ ଏଇଟା ସେମାନଙ୍କର ଲୋକଧର୍ମ । ଏହି ଲୋକଧର୍ମର କେତେ କେତେ ଲୋକଦେବତା । ସେମାନଙ୍କ ପାଇଁ କେତେ ଲୋକ-ପୂଜା, ଲୋକ ନୃତ୍ୟ ନ, ଲୋକନୃତ୍ୟ ଓ ଲୋକଗୀତ । ସେଥି ମଧ୍ୟରୁ କରମା ଅନ୍ୟତମ ।

'କରମ ନୃତ୍ୟ ସମ୍ବଲପୁର ଜିଲ୍ଲାର ଏକ ପ୍ରଧାନ ଲୋକନୃତ୍ୟ । ଏହା ମୟୂରଭଞ୍ଜ, ସୁନ୍ଦରଗଡ଼, ବଲାଙ୍ଗୀର, ଢେଙ୍କାନାଳ ପ୍ରଭୃତି ଜିଲ୍ଲାରେ ମଧ୍ୟ ଦେଖିବାକୁ ମିଳେ । ବିଂଝାଲ୍, ଖଡ଼ିଆ, ଓରାଓଁ, କିସାନ, କୋହ୍ଲମାନଙ୍କର ଏହା ହେଉଛି ପ୍ରଧାନ ଲୋକନୃତ୍ୟ । ଏହି ଅନୁଷ୍ଠାନର ଅଧିଷ୍ଠାତ୍ରୀ ଲୋକଦେବୀ ହେଉଛନ୍ତି 'କରମ୍ ଶାନୀ' ବା 'କରମାରାଣୀ' । ଏହି ଦେବୀଙ୍କ କାର୍ଯ୍ୟ ନିମ୍ନ କରମାଗୀତରୁ ଜଣାପଡେ —

— ଜେ ଜେ ଗୋ ମାଁ କରମ୍ଶାନୀ
ନବୃତ୍ତିକେ ପୁତ୍ରଦାନୀ

ମୁଖ୍ୟତଃ ସନ୍ତାନ ସନ୍ତତି ପ୍ରାପ୍ତି ଆଶାରେ ମାନସିକ କରି ଏହି କରମା କରାଯାଏ । କରମ୍ଶାନୀ ଦେବୀ ମଧ୍ୟ ହେଉଛନ୍ତି ଭଗବତୀ ଦେବୀ । ଏହା ଭକ୍ତକୁ ସୁଖ ଓ ସମୃଦ୍ଧି ମଧ୍ୟ ପ୍ରଦାନ କରିଥାନ୍ତି । କରମା ଏକ ଧାର୍ମିକ ନୃତ୍ୟ । ଏହି ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ କରାଯାଇଥାଏ ।

ଭାଦ୍ରବ ମାସ ଶୁକ୍ଳପକ୍ଷ ଏକାଦଶୀ ଦିନଠୁ ଏହା ଆରମ୍ଭ ହୁଏ । ଅନେକେ ପୁଅ ଝିଅମାନେ ଏହା କରିଥାନ୍ତି । ମାଦଳ ଓ ଝାଞ୍ଜ ଏହାର ପ୍ରଧାନ ବାଦ୍ୟଯନ୍ତ୍ର । ଅନେକେ ଏଥିରେ ବଂଶୀ ପ୍ରଭୃତି ମଧ୍ୟ ବଜାଇଥାନ୍ତି ।

ଉକ୍ତ ଦିନ ଗାଆଁ ଦାଣ୍ଡରେ ଏକ ସୁସଜ୍ଜିତ ମଣ୍ଡପ, ତୋରଣ ତିଆରି କରନ୍ତି । ତାକୁ ଆମ୍ବପତ୍ର, କଇଁଫୁଲ ପ୍ରଭୃତିରେ ସଜ୍ଜିତ କରନ୍ତି । ମଝିରେ ଏକ ଗାତ ଖୋଳା ଯାଇଥାଏ । ଉକ୍ତ ଦିନ ସନ୍ଧ୍ୟାରେ ପୁଅଝିଅମାନେ ମାଦଳ ବଜାଇ ଜଙ୍ଗଲକୁ ଯାଆନ୍ତି । ସେଠାରୁ ସେମାନେ ଅଁଳା ବା ଶାଳ ଗଛର ଡାଳ ଦୁଇଖଣ୍ଡ କମଳୀ କାଟି ଆଣନ୍ତି । ଡାଳଖଣ୍ଡକୁ ମଣ୍ଡପ ମଧ୍ୟରେ ପୋତାଯାଏ । ତା' ତଳେ ଏକ ମାଟିହାଣ୍ଡି ଥାଏ । ସେଥିରେ ଧାନ ଓ ଅନ୍ୟାନ୍ୟ ଶସ୍ୟ ରଖାଯାଏ । ଏହା ସୌଭାଗ୍ୟର ପ୍ରତୀକବୋଲି ଧରାଯାଏ । ଉଦ୍ୟୋକ୍ତା ସେଦିନ ସାରା ଉପବାସ କରନ୍ତି । ତା'ପରେ ଗ୍ରାମର ଝାଙ୍କର ଆସି ଉକ୍ତ ଡାଳକୁ ପୂଜା କରେ । ଏଥିପାଇଁ ଖଇ, ମିଠାଦ୍ରବ୍ୟ ଓ ମଦ ବ୍ୟବହାର କରାଯାଏ । ଝାଙ୍କର ପୂଜା କରି କୁକୁଡ଼ା ବଳି ଦିଏ । ତା'ପରେ ଝାଙ୍କର 'କରମଶାନୀ'ଙ୍କ କଥା କୋହେ ।

Digitized by srujanika@gmail.com

ଏହି କଥାରୁ ଜଣାଯାଏ ଯେ ଥରେ ଏହି କରମଶାନୀ ଦେବୀ ଜଣେ ଲୋକ ଆଗରେ ହାଜର ହୋଇ କହିଲେ ଯେ ଯେତେବେଳେ ବି କରମ୍ କି ଶାଳ ଗଛର ଡାଳଟିଏ କଟା ହେବ କି ଉଗାଯିବ ଦେବୀ ନିଜେ ସେଠି ହାଜର ହୋଇ ଭକ୍ତର ମନୋକାମନା ପୂରଣ କରିବେ । ସେହିଦିନଠୁ ଏହି କରମା ଆରମ୍ଭ ହୋଇଛି । ଏ ବିଷୟରେ ସମ୍ବଲପୁର ଜିଲ୍ଲାର ଜଣେ ମୁସଲମାନ କବି ସ୍ୱର୍ଗତ ମୌଲବି ମୁସ୍ତକିମ୍ ଖାଁ ଚୌଲିଆ ଏକ "କରମା ପୁରାଣ" ରଚନା କରିଥିଲେ । ଏହି ଅପ୍ରକାଶିତ ପାଣ୍ଡୁଲିପିରେ ବର୍ଣ୍ଣିତ ହୋଇଛି ଯେ ଏହି କରମଶାନୀ ଲୋକଦେବୀ ହେଉଛନ୍ତି ପାଟଙ୍କ ପ୍ରତ୍ୟକ୍ଷାବତାର । ପୂଜାପରେ ଦେବୀ ମଣ୍ଡପରେ ଅଦୃଶ୍ୟରେ ଦେବୀମାନେ ଆସନ୍ତି ବୋଲି ଲୋକଙ୍କ ବିଶ୍ୱାସ । ପୂଜା ଶେଷ ହେଲା ପରେ ଲୋକେ ମଦ୍ୟ ପ୍ରସାଦ ପାନ କରନ୍ତି ଓ ନୃତ୍ୟଗୀତ ଆରମ୍ଭ କରନ୍ତି । ଏହା ସାରା ରାତି ଧରି ଚାଲେ । ସୁଆ, ଚଢ଼ା, ଝୁମର୍, ପ୍ରଭାତୀ ଭେଦରେ ରାତ୍ରିର ବିଭିନ୍ନ ପ୍ରହରରେ ବିଭିନ୍ନ ପ୍ରକାର କରମା ଗୀତ ବୋଲାଯାଏ ଓ ଛ'ମାଠା ଦାଦରା ତାଳରେ ମାଦଳ ବାଜିଥାଏ । ପରଦିନ ସକାଳୁ ଡାଳଟିକୁ ନେଇ ନୃତ୍ୟଗୀତ ସହ ଲୋକେ ଘର ଘର ବୁଲନ୍ତି । ସ୍ତ୍ରୀମାନେ କରମଶାନୀଙ୍କ ପୂଜା କରନ୍ତି । ତା'ପରେ ଡାଳଟିକୁ ଜଳରେ ବିସର୍ଜନ କରାଯାଏ ।

ଏହି ନୃତ୍ୟରେ ଆଗ ଗୀତ ବୋଲାଯାଏ । ତା'ପରେ ନୃତ୍ୟ ହୁଏ । ସ୍ତ୍ରୀ-ପୁରୁଷ-ପିଲାମାନେ ଅର୍ଦ୍ଧବୃତ୍ତାକାରରେ ମାଦଳର ତାଳେ ତାଳେ ପାଦ ପକାଇ ଉନ୍ମତ୍ତ ହୋଇ ନାଚନ୍ତି । ନାଚିବା ସମୟରେ ଗୀତ ବୋଲାଯାଏ ନାହିଁ । ମଝିରେ ମଝିରେ ତାଳି ମାରି ବାଦ୍ୟର ତାଳେ ତାଳେ 'ହାଏ-ହାଏ' କରୁଥାନ୍ତି । ବେଳେବେଳେ କାନ୍ଧରେ, ହାତ ଦିଆନେଇ ହୋଇ, ବେଳେବେଳେ ଅଣ୍ଟାରେ ହାତ ଛନ୍ଦାଛନ୍ଦି କରି ଆଗପଛ ହୋଇ ନାଚନ୍ତି । 'କରମା'କୁ କେଲିକଦମ୍ ନାଚ ବୋଲି ମଧ୍ୟ କେତେଲୋକମାନେ କହନ୍ତି । ହରିଜନମାନଙ୍କ ଲାଗି ଏକ ଦେଶୀ କରମାର ଲୋକ ବିଧାନ ଅଛି । ଦୁର୍ଗାପୂଜା, ଖଇଗାଁଉଠା, ଫାଗୁଣ ପୂର୍ଣ୍ଣିମୀଦିନ ମଧ୍ୟ ଏହି ନାଚ ହୁଏ । ମାନସିକ ହୋଇଥିଲେ ଏହା ଲାଗ ଲାଗ, ଜଣକର ଘରେ ୩ ବା ୭ ବର୍ଷ ଯାଏ ପ୍ରତିବର୍ଷ ଅନୁଷ୍ଠିତ ହୋଇଥାଏ । ବାଦକ ଓ ନର୍ତ୍ତକମାନେ ମୁଣ୍ଡରେ ଫେଟା ଭିଡ଼ିଥାନ୍ତି । କେହି କେହି ହାତରେ ଦର୍ପଣ ଧରିଥାନ୍ତି । ସ୍ତ୍ରୀମାନଙ୍କ ସ୍ୱତନ୍ତ୍ର ପୋଷାକ ନାହିଁ । ଲୋକେ ମଧ୍ୟ ମୁଣ୍ଡରେ ମୟୂରଚୂଳ ଖୋସିଥାନ୍ତି । ସ୍ଥାନ ଓ ଜାତିଭେଦରେ ନୃତ୍ୟର ପ୍ରକାର ଭେଦ ହୋଇଥାଏ । ※

※ ସମ୍ବଲପୁରୀ ଲୋକନୃତ୍ୟ ବିଷୟରେ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଣୟନ କରିବାର ଇଚ୍ଛା ରହିଛି । ସେଥିରେ ନୃତ୍ୟର ବ୍ୟାପକ ବର୍ଣ୍ଣନା ଦିଆଯିବ । ଲୋକଗୀତ ପ୍ରସଙ୍ଗରେ ଏଠି ନୃତ୍ୟର ଏକ ସାଧାରଣ ସୂଚନା ଦେଉଛୁ ମାତ୍ର ।

—କୁମାର ହସନ୍

Digitized by srujanika@gmail.com

ପଲ୍ଲୀକବି ଶ୍ରୀ ଅଭିମନ୍ୟୁ ପ୍ରଧାନ ତାଙ୍କ 'କର୍ମସ୍ୱାମୀ ପୂଜା'ରେ କରମାର କାଳ ନିର୍ଣ୍ଣୟ କରି କହିଛନ୍ତି – କରମସାନୀ = କର୍ମସ୍ୱାମୀର ଅପଭ୍ରଂଶ ଶବ୍ଦ ସମ୍ବଲପୁରୀ ଅର୍ଥାତ୍ କର୍ମର ଅଧିଷ୍ଠାତ୍ରୀ ଦେବତା ।

—ଆଦ୍ୟରେ କରମା ହେଲା ବର୍ଣ୍ଣନା କାନନେ
ସୀତାରାମ ସଙ୍ଗିନୀ ଆନନ୍ଦିତ ମନେ ।

× × ×

ସେ କାନନ ଅଧିବାସୀ ଅନାର୍ଯ୍ୟ ଶବରେ
ସୀତାରାମଙ୍କୁ ରଖିଲେ ଅପାର ଆଦରେ ।

ସେତେବେଳେ ଏହି ଅନାର୍ଯ୍ୟ ଶବର ଜାତିର "କାଷ୍ଠ-ପାଷାଣ ପୂଜା"ରେ ଦୁଃଖିତ ହୋଇ ଶ୍ରୀରାମଙ୍କୁ ଉଚିତ ବେଦାନ୍ତ ମାର୍ଗ ପ୍ରଦର୍ଶନ କରିବାକୁ ଅନୁରୋଧ କରିଛନ୍ତି । ଶ୍ରୀରାମ ସେମାନଙ୍କୁ ଯେତେ "ଅଜ୍ଞାନ, ଅବିଦ୍ୟା, ତାମସିକ ମାଂସ, ତାଆଣି, କାହାଣୀ ଛାଡ଼ିବାକୁ ଉପଦେଶ ଦେଇ 'କର୍ମସ୍ୱାମୀ' ପୂଜା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି—

—ତୁମ୍ଭେମାନେ ଭକ୍ତି ଭରେ ପୂଜ 'କର୍ମସ୍ୱାମୀ'
ସେ ଅଟନ୍ତି ଜଗତର ଏକ ଅନ୍ତର୍ଯାମୀ
କର୍ମ ଦେବତା ଅଟନ୍ତି ଅତ୍ୟନ୍ତ ପ୍ରତାପି
ଉଦ୍ଧାର ନ ପାଏ ତାଙ୍କ ଦ୍ରୋହୀ କେହି ପାପୀ ।

ସରଳ ବନ୍ୟବାସୀ ଶବରମାନଙ୍କୁ ସେ କର୍ମପୂଜାର ବିଧିବିଧାନ କହିଛନ୍ତି ।

—ମନରୁ ପ୍ରଥମେ ତେଜି ଗର୍ବ ଅଭିମାନ
ବୁଝି ହେଲେ ଧୀରେ ସ୍ଥିରେ କର୍ମର ବିଧାନ
ଆପଣା ପ୍ରଜାବୃତ୍ତି କର ନିର୍ବିକାରେ
ପରସ୍ୱ ହରଣ କର ନାହିଁ ଅହଙ୍କାରେ

× × ×

ଶ୍ରାବଣ ଶୁକ୍ଳପକ୍ଷର ଏକାଦଶୀ ତିଥି
କର୍ମପୂଜା ଆରମ୍ଭିଲେ ମନେ ବହି ପ୍ରୀତି ।
ଢୋଲ, ମାଦଳ, କରତାଳ, ତଣ୍ଟ୍ର ଆଦି ବାଇ
ଶବର ଶବରୀ ନୃତ୍ୟ କଲେ ଗୀତ ଗାଇ । *

---

* କର୍ମସ୍ୱାମୀ ପୂଜା (Work is Worship)
ଅଭିମନ୍ୟୁ ପ୍ରଧାନ ପୃ ୩ ରୁ ୬ ।
ପ୍ରକାଶକ : ଅଦ୍ୱୈତ ଚରଣ ବେହେରା, ସରପଞ୍ଚ, ଲୌହିଦିହା ଗ୍ରା. ପ. ମ.

Digitized by srujanika@gmail.com

ତା'ପରେ କରମା ମହାତ୍ମ୍ୟରେ କେତୋଟି ଗଳ୍ପ ବା କିମ୍ବଦନ୍ତୀର ବର୍ଣ୍ଣନା କରିଛନ୍ତି । ମୁଖ୍ୟତଃ କର୍ମୀ ବିଷୟରେ ଏକ ସଂସ୍କାରଧର୍ମୀତା ଆଧୁନିକୀକରଣ ତାଙ୍କର ମୂଳ ଲକ୍ଷ୍ୟ । ତାଙ୍କର ଭାବ ନିର୍ଣ୍ଣୟକୁ ମଧ୍ୟ ସଠିକ ବୋଲି ଗ୍ରହଣ କରାଯାଇପାରିବ ନାହିଁ । ରାମଚନ୍ଦ୍ର ଆର୍ଯ୍ୟଯୁଗର । କରମା ନୃତ୍ୟ ତା ବହୁ ଆଗରୁ ବର୍ତ୍ତମାନ ଥିଲା ।

ମଦ ଓ ସୁହଲୀ ବା "କୁସୁନା" କରମାରେ ବିଶେଷ ଭାବେ ପ୍ରଚଳିତ ହୋଇଥାଏ । ଏଣୁ ଏହି ପାନୀୟ ଉପରେ ହିଁ ସେମାନଙ୍କର କ୍ରିୟାସୂ ପଦ୍ଧତି ଆରମ୍ଭ ହୋଇଥାଏ । ଏହାର ଅବସରରେ ନର୍ତ୍ତକ-ନର୍ତ୍ତକୀମାନଙ୍କ ମନ ନିଶା ଧରେ । ସେମାନେ ଆକ୍ଷେପ କରି କହନ୍ତି—

—ଇ କର୍‌ମା ସେ କରମା କିଏ ଗାଉଛେ
ମଦ୍ ନାଇଁ କୁସୁନା ନାଇଁ ମୋର ଗୋଡ଼ା ନାଚୁଛେ…

ତା'ପରେ କରମଶାନୀର ବନ୍ଦନା :

—ଜୁହାର ଜୁହାର କରମଶାନୀ ତୋତେ ଗୋ
ପରସନ୍ ହୁଅ ମୋତେ ଗୋ…

— ଇ କରମା ସେ କରମା ଫଳେ ପିତା ଲାଉ
ଆହର୍ ମାଁ ଗୋ କରମଶାନୀ, ମାଁ ଗୋ କରମ୍‌ରାନୀ
ଦୟା କଲେ ଆର ବଛର
ପ୍ରଧାନ ଘରେ ପୁଅ ଗୋଟେ ହେଉ
ଜେଜେ ଗୋ ମାଁ କରମ୍‌ଶାନୀ ··
ଜେ ଜେ ଗୋ ମା…

—କାଲ୍ ଯିବା କେଉ ଦେଶ ବାଜରେ ବାଂଶେଷି
ବଂଧୁ ଗଲେ ପରବାସ ନ ଆସିଲେ ଫେର
ଆଜି ଗୁରୁବାର ଆଏରେ କାଲି ଶୁକ୍ରବାର
ସମଧି ଘରେ ହୋଇଗଲେ ଖଜାଖିଆ ସାର
ଭୋକ କଲେ ଘିନ ଦେମି ଖଜା ଦୁଇ ପୈସର
ଶୋଷ କଲେ ଦେନ ଦେମି ନଦ ତର ପନ ।
ଆଉ ତରେ ଦୂରେ ଅଛେ ଦିଅର
ନ କର ସାଲୁନ କାଂତ
ଧୀରେ ଧୀରେ ତ…

ଭାରତର ବିଭିନ୍ନ ସ୍ଥାନରେ ଯେମିତି ଜଳବାୟୁଗତ ପାର୍ଥକ୍ୟ ଦେଖାଯାଏ, ସେହିପରି ଲୋକସ୍ୱଭାବରେ ମଧ୍ୟ ପାର୍ଥକ୍ୟ ଦେଖାଯାଏ । ଲୋକଙ୍କ ସ୍ୱଭାବାନୁଯାୟୀ ଲୋକଗୀତରେ ମଧ୍ୟ ପାର୍ଥକ୍ୟ ଦେଖାଯାଏ ।

Digitized by srujanika@gmail.com

କେବଳ ଯେ ଆଦିବାସୀମାନେ କରମାରେ ଅଂଶ ଗ୍ରହଣ କରନ୍ତି ତା ନୁହେଁ ଅନେକ ହରିଜନ, ସବର୍ଣ୍ଣ ହିନ୍ଦୁମାନେ ମଧ୍ୟ ଏହା କରାଇଥାନ୍ତି ! ଏହା ଯାହାଦ୍ୱାରା ଅରେ ଅନୁଷ୍ଠିତ ହୁଏ ସେ ଉନ୍ନତକାଳ, ଛ'ଡ଼ାକାଳ ବା ନ ଡାଳ, ଅଥ ତୁ ସମାଗତ ଭାବରେ ତିନବର୍ଷ, ଛ ବର୍ଷ ବା ନ ବର୍ଷ ଯାଏ ଅନୁଷ୍ଠିତ କରାଇଥାଏ । ଏହାର ବ୍ୟତିକ୍ରମ ଆୟୋଜକର ସର୍ବନାଶ କରେ ବୋଲି ଜନଶ୍ରୁତି ଅଛି ।

ଭାରତର ପ୍ରସିଦ୍ଧ ନର୍ତ୍ତକ ଶ୍ରୀ ଉଦୟଶଙ୍କର କହୁଛନ୍ତି ଯେ ପ୍ରତ୍ୟେକ ଭାରତୀୟ ଜଣେ ନର୍ତ୍ତକ । ଏହାର ଅର୍ଥ ହେଉଛି ଶତକଡ଼ା ୮୦ ଭାଗ ଭାରତବାସୀ କୃଷିଜୀବୀ ବା କୃଷିଆଶ୍ରୟୀ । ତେଣୁ ଭାରତର ଅଧିକାଂଶ ଲୋକ-ନୃତ୍ୟ କୃଷିକର୍ମ ସହିତ ସମ୍ପୃକ୍ତ । ଫସଲ ଆରମ୍ଭଠାରୁ ଫସଲ କଟାଯିବା ପର୍ଯ୍ୟନ୍ତ ଲୋକନୃତ୍ୟ ଗୀତ ସମ୍ପୃକ୍ତ । ଅକ୍ଷୟତୃତୀୟା ଦିନର ମୁଠି ଅନୁକୂଳ ପରେ ଭାଦ୍ରବତ, କାର୍ତ୍ତିକ, ସଞ୍ଚାର ଯାତ୍ରା ଆଦି କରାଯାଇଥାଏ । ※

'ଭାରତର ଲୋକନୃତ୍ୟ'ରେ ଶ୍ରୀ ବିଶ୍ୱ ମିତ୍ର ଶର୍ମା କହୁଛନ୍ତି ଯେ ଭାରତର ଯେତେ ବି ମୁଖ୍ୟ ଲୋକନୃତ୍ୟ ରହିଛି, ଫସଲ ପାଚିବା ସହିତ ସେସବୁର ସମ୍ପର୍କ ରହିଛି । ସେ ଆସାମର "ଖାମ୍ବାଲିମ୍" ହେଉ, ବିହାରର "ଚୋ" ହେଉ, ଉତ୍ତର ପ୍ରଦେଶର "କଜରୀ" ହେଉ, ପଞ୍ଜାବର "ଭାଙ୍ଗଡ଼ା" ହେଉ, କି ଓଡ଼ିଶାର 'କରମା' ହେଉ ।

ଶ୍ରୀ ସୀତାକାନ୍ତ ମହାପାତ୍ର ମଧ୍ୟ ଏ କଥା ସ୍ୱୀକାର କରିଛନ୍ତି—The karma festival can be looked upon as an invocation for the proper ripening of the crop. * *

ବିହାର ପ୍ରଦେଶରେ ମଧ୍ୟ ଏହି 'କରମା', କରମା ଜାତୁର ନୃତ୍ୟ ଦେଖିବାକୁ ମିଳେ । ବିଭିନ୍ନ ଜାତି ଭେଦରେ ଏହାର ଆକାର ପ୍ରକାର ଭେଦ ଥାଏ । କେତେକଙ୍କ ମତରେ ଏହା ହେଉଛି ଶୈବଧର୍ମାନୁଷ୍ଠାନ । ଆୟୁଷ ବୃଦ୍ଧି ଓ ଉତ୍ତମ ଫସଲ ନିମନ୍ତେ ଶିବ ଉପାସନାର ମାଧ୍ୟମ ଏଇ କରମା ବୋଲି ମଧ୍ୟ କେତେକଙ୍କ ମତ ।

କିନ୍ତୁ 'କରମା' ଶବ୍ଦଟି "କର୍ମ"ର ନିକଟବର୍ତ୍ତୀ । ଏହା ହିନ୍ଦୁ ଲୋକଧର୍ମର କର୍ମ-ଯୋଗକୁ ବୁଝାଏ । କର୍ମ ବିନା ଜୀବନରେ ଶାନ୍ତି ନାହିଁ କି ସୁଖ ନାହିଁ । କିନ୍ତୁ ଏହା ଯେ ନିଷ୍କାମ କର୍ମର ପ୍ରତୀକ ନୁହେଁ । ମଣିଷର କର୍ମପ୍ରବଣତାର ବନ୍ଦନ ହେଉଛି କରମା ।

※ ଭାରତକେ ଲୋକନୃତ୍ୟ : ପେଜ ୬, ପୃ-୭ ପ୍ରଥମ ସଂସ୍କରଣ
ଶ୍ରୀ ବିଶ୍ୱ ମିତ୍ର ଶର୍ମା ଆତ୍ମାରାମ ଏଣ୍ଡ ସନ୍ସ, ଦିଲ୍ଲୀ-୬

* * *The Wooden Sword : Sitakanta Mohapatra*
Introduction PP—XVIII

Digitized by srujanika@gmail.com

କେତେକ କରମା ଗୀତ ଜବାବ ଓ ଝିଅଙ୍କୁ ବଦା କଲାବେଳେ ମଧ୍ୟ ବୋଲାଯାଏ । ଏହି ଗୀତରେ ବର୍ଷାର ବରୁଣ ଓ ଇନ୍ଦ୍ରଦେବତାଙ୍କୁ ମଧ୍ୟ ଆହ୍ୱାନ କରାଯାଇଥାଏ ।

—ଜୟ ଜୟ ଗୋ କରମଶାନୀ ଭକତ ହୃଦ ଅନ୍ତରଯାମୀ
ନିର୍ଧନକେ କରୁ ଧନ ଦାନ
ବନ୍ଧ୍ୟାକେ ସନ୍ତାନ ଦେଇ ଦୁର୍ଦ୍ଦଶା ସକଲ ଫେଇ
ଅନ ଥକେ କରୁ ସ୍ୱର୍ଯ୍ୟବାନ
ଗୋ ମା କରମଶାନୀ
ତୋର ପାଦେ ଶରଣ ମାଗିଲି ଗୋ ମାଁ କରମଶାନୀ ।

—ଢେଁଉ ଉଠ ହୋ କୁହା ଡଳା ହେଲା
ଲଭିଲନ ପାହାନ୍ତିଆ ତହରେ ରଜନୀ
ଧୀରେ ଧୀରେ ପାହିଲା ନ ଇଜନୀ ।

—ହାତୀ ଶାଳେଁ ହାତୀ ନାହିଁ, ଘୋଡ଼ାଶାଳେ ଘୋଡ଼ା ନାହିଁ
କାନ୍ଦେ ରାଜ ମହଲ ଭିତରେଁ, ରେ
ରୁଦ୍ଧେର ଗଢ଼େଁ ।
ଏଇ ବାଟେ ଗଲେ ରଜା, ଉଡ଼ାଇ ସମର ଧଜା
ସେଇ କଥା ଝୁଲେ ମୋ ନୟନରେ
ମୀଠ ସପନେଁ ।
କହୁଁ କହୁଁ ଗୁରମାସ, ଝଙ୍କାଟ ପଡ଼େ ଉଆଁସ
ରାତରେ ନ ମଡ଼େ ଝୁମୁରରେ
ପାହାନ୍ତି ତାରା ।

[ଝୁମେର୍]

—ଲଙ୍ଗଲ୍ ଧୂଡ଼ ପିଙ୍ଗଲ୍ ପାଟ୍
ଝୁମେଣ୍ଡ କଦମ୍ ଫୁଲ୍
କାହାଁକେ ଅହେ ଯୁଡ଼ା ପାଟ୍, ହୋ
ଝୁମେଣ୍ଡ କଦମ୍ ଫୁଲ୍ ।
କୋନ୍ ଫୁଲ୍ ଆହେଁ ବଏଲା
ରଜର ବେଟୀ ଅଏଲା
ଝୁମେଣ୍ଡ କଦମ୍ ଫୁଲ୍ । [ସୁଆନା ସୁର]

—କହ୍ନି ଫୁଲ ସଞ୍ଜୀବନୀ
ଝୁଲ୍ ତ ଗେଲେଁ ସଜନୀ ।

*

Digitized by srujanika@gmail.com

ଫୁଲଫୁଲିଆ ପବନରେ ମନ୍ ଯାଉଛେ ଭୁଲି
ଛୁଏଁ ଛୁଏଁ ସ ନାଇଁ ମିଲୁଛେ ନ ବାନ୍ଧାର ବୁର୍ଣ୍ଣ
ବାଏର୍ ଆଡ଼େ ଗୀତ ନ ଶୁନେ ଆଉ
କଅଁଲ ସୁତ୍ ହାଉମନ ।

—ରାମ ଧରେ ଧନୁ ଲକ୍ଷ୍ମନ୍ ଧରେ ବାନ୍
ଦେବୀ ଦୁର୍ଗା କେ ହୁଁ କେ ମେ
ଲଡ଼୍ତେ ହନୁମାନ ।
ପୁ:—ମାରେ ଲେଦ୍ବାନା ଗିନ୍ଲେ ଗଜା ବେଲ୍
ଘୁଂଘରାଲୁ ହେ ତୋର ଚୁଲି
ଲାଗେଇଲେ ନଙ୍ଗଆ ତେଲ୍ । [ଦଦରିଆ]

—ବାଟର ସରଗୀ ଲଷ୍ମ ଫଲ ଅଛେ ଝରି
ମିଛ କଥା ଧର କପାଁ । କହ ଏତେ ସବ
ଗୁଣ୍ଡୁଅଛ ରାଗ ଅନୁରାଗ
ତମେ ମୋର୍ ପିଲ୍ଲା ସାଙ୍ଗ ହୋ ।

[ଝାଁଲେର ସୁର]

—ଭୁମର ନାହିଁ ଟିକେ ହୋର ହେ
ନାରଙ୍ଗୀ ଗେରୁ ।

—ତୋତେ ମୁଇଁ ନାଇଁ ପାରେ ଭରସିରେ
ଡାଲିମ କଷି ।

(ଡେଢ଼-ସୁର)

—କରମା ନାଚମିଁ ବଲିଁ ସାଜଥିଲି ଅଁଟା
ଉପରୁ ପଡ଼ିଲା କାଲ ଚଡ଼କ
ପାଦେ ଗଡ଼ିଲା କଁଟା ଲୋ ।

Digitized by srujanika@gmail.com

ସମ୍ବଲପୁରୀ ଲୋକଗୀତ : ଡାଲଖାଇ

ଲୋକଗୀତ ମଣିଷ ଜୀବନର ମାନସିକ ଅବସାଦ ଦୂର କରିବାରେ ସହାୟକ ହେଉଥିବାବେଳେ, ଲୋକନୃତ୍ୟ ତା' ଜୀବନରେ କର୍ମତତ୍ପରତା ବୃଦ୍ଧି କରିଥାଏ । ଏହି ଲୋକଗୀତ ଓ ଲୋକନୃତ୍ୟ ହେଉଛି ପଶ୍ଚିମ ଓଡ଼ିଶାର ଆଦିବାସୀ ଓ ଜନ୍ମବନ୍ଧ ଜନସାଧାରଣଙ୍କର ଜୀବନକୁ ଆନନ୍ଦ ମୁଖର କରିବାର ଏକମାତ୍ର ଓ ସର୍ବପ୍ରଧାନ ମାଧ୍ୟମ । ଏଥିରେ ସ୍ତ୍ରୀ ପୁରୁଷ ମିଶାମିଶି ହୋଇ ନାଚନ୍ତି । ଆଜି ସ୍ତ୍ରୀ ବା ନାରୀ ସ୍ୱାଧୀନତା ପାଇଁ ଆନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ସଂସ୍ଥା ଆନ୍ଦୋଳନ ଚଳାଇଛନ୍ତି । ଜାତିସଂଘ ନାରୀବର୍ଷର ଘୋଷଣା କରି ସେମାନଙ୍କ ପୁରୁଷ ସଙ୍ଗେ ସମାନ ସାମାଜିକ ଓ ନାଗରିକ ଅଧିକାର ପାଇଁ ସଚେଷ୍ଟ; କିନ୍ତୁ ଭାରତ ଇତିହାସରେ ଏଇଟା ଏକ ନୂଆଁ କଥା ନୁହେଁ । ବୈଦିକ ଯୁଗ ମାତୃପ୍ରଧାନ ସମାଜ (Matriarchal Society) ସିନ୍ଧୁ-ଉପତ୍ୟକା ତଥା ଆର୍ଯ୍ୟ ସମାଜରେ ନାରୀମାନେ ଉଚ୍ଚ ଆସନ ପାଉଥିଲେ । ମଧ୍ୟରେ କେତେ ସମୟ ପାଇଁ ନାରୀକୁ ଅବଳା, ଦୁର୍ବଳା କହି ତାଙ୍କୁ ପଦଦାସୀ ରୂପେ ବିବେଚନା କରାଗଲା । କିନ୍ତୁ ବିଭିନ୍ନ ଲୋକଗୀତ ଓ ଲୋକନୃତ୍ୟ କେଉଁ ଆଦିମ କାଳରୁ ପାରମ୍ପରିକ ଭାବରେ ସବୁ କ୍ଷେତ୍ରରେ ନାରୀକୁ ସମ ଅଧିକାର ପ୍ରଦାନ କରିଆସିଛି । ପଶ୍ଚିମ ଓଡ଼ିଶାର 'ଡାଲଖାଇ' ଏହାର ଏକ ପ୍ରକୃଷ୍ଟ ନମୁନା । ଏହା କେବଳ ନୃତ୍ୟ ନ ହୋଇ ଗଣର ନୃତ୍ୟ । ପଶ୍ଚିମ ଓଡ଼ିଶାର ଏକ ପ୍ରାଚୀନ ସଂସ୍କୃତି ।

ପଶ୍ଚିମ ଓଡ଼ିଶାର, ବିଶେଷତଃ ସମ୍ବଲପୁର ଜିଲ୍ଲାର ଏକ ପ୍ରଧାନ ଲୋକନୃତ୍ୟ ହେଉଛି 'ଡାଲଖାଇ' । ଏହା ଅନୁଷ୍ଠିତ ହେବା ସମୟରେ ବୋଲାଯାଉଥିବା ଗୀତ 'ଡାଲଖାଇ' । ଦଶହରା ମାସରେ ଦୁର୍ଗାପୂଜା, ଭାଇ ଜିଉନ୍ତିଆ, ଫଗୁଣ ପୂର୍ଣ୍ଣିମା ପ୍ରଭୃତି ବିଭିନ୍ନ ପାର୍ବଣ ଅବସରରେ ଏହି ନୃତ୍ୟଗୀତ ଅନୁଷ୍ଠିତ ହୁଏ । କଂଝାଲ, ସଉଁରା, କୁଡ଼ା, ମିର୍ଧା ପ୍ରଭୃତି ଆଦିବାସୀ ଅବିବାହିତା ତରୁଣୀମାନେ ଏଥିରେ ଅଂଶ ଗ୍ରହଣ କରିଥାନ୍ତି । ଆଦିବାସୀ ଭିନ୍ନ ଅନ୍ୟାନ୍ୟ ଝିଅମାନେ ମଧ୍ୟ ଏଥିରେ ଗୀତ ଗାଇ ନାଚନ୍ତି । ଡଃ କୁଞ୍ଜବିହାରୀ ଦାସଙ୍କ ମତରେ ଏଥିରେ କେବଳ ବିବାହିତ ଯୁବତୀମାନେ ହିଁ ଅଂଶ ଗ୍ରହଣ କରିଥାନ୍ତି ।

ଆଶ୍ୱିନ ମାସ ଶୁକ୍ଳପକ୍ଷ ଅଷ୍ଟମୀ ବା ଦୁର୍ଗା-ଅଷ୍ଟମୀଠାରୁ ବିଜୟା ଦଶମୀ ପର୍ଯ୍ୟନ୍ତ ଆଦିବାସୀ ସମ୍ପ୍ରଦାୟର ତରୁଣୀ ଝିଅମାନେ 'ଡାଲଖାଇ' ପୂଜା କରି ଡାଲଖାଇ ନୃତ୍ୟ

Digitized by srujanika@gmail.com

କରନ୍ତି । ଏହି ପ୍ରକାରରେ ବଗ୍‌ରେପତ୍ର, ଅଁଳା ଡାଳ, ବେଲଡାଳ, ମନ୍ଦାରଫୁଲ ଓ ଡାଳ, ନାଲିକଇଁ, ଡାକୁଡ଼, ନଡ଼ିଆ ବ୍ୟବହାର କରାଯାଏ । କଷି କଣ୍ଠାଳରେ ବୋଦା ଛୁଆର କରାଯାଇ ବଳି ଦିଆଯାଏ ।

ଡାଲଖାଇ ବ୍ରତ ଧାରଣୀମାନେ ଡାଲଖାଇ ଦେବୀ ଅର୍ଥାତ୍ ବଣ ଭିତରର ଗଛ ଡାଳରେ ବାସ କରୁଥିବା ମଙ୍ଗଳା/ଦୁର୍ଗା ଦେବୀଙ୍କୁ ସନ୍ତୁଷ୍ଟ କରି ଗୃହ, ପରିବାର ତଥା ଗ୍ରାମର ମଙ୍ଗଳ ଉଦ୍ଦେଶ୍ୟରେ ଡାଲଖାଇ ନାଚ କରିଥାନ୍ତି । ୧

ଏହି ଡାଲଖାଇ ନୃତ୍ୟ ଗୀତର ଐତିହ୍ୟ ରହିଛି । ଏକଥା ପ୍ରକାଶ କରିବାକୁ ଯାଇ ଡାଲଖାଇ ଶିଳ୍ପୀ ଶ୍ରୀ ହରେମଣି ପଟେଲ ଲେଖିଛନ୍ତି ଯେ :—

୧୮୫୭-୫୮ରେ ଇଂରେଜ ଶକ୍ତି ବିରୁଦ୍ଧରେ ବୀର ସୁରେନ୍ଦ୍ର ସାଏଙ୍କ ଦ୍ୱାରା ପରିଚାଳିତ ସ୍ୱାଧୀନତା ବିପ୍ଳବରେ ଯେଉଁ କେତେଜଣ ଜମିଦାର ନିଜ ଜୀବନକୁ ଉତ୍ସର୍ଗ କରି ଅସୀମ ବୀରତ୍ୱର ପରାକାଷ୍ଠା ଦେଖାଇ ଯାଇଅଛନ୍ତି, ସେମାନଙ୍କ ମଧ୍ୟରେ (ବରଗଡ଼ ନିକଟସ୍ଥ) ଘେଁସ ଜମିଦାର ବଂଶର ତିନି ଭାଇ ସ୍ୱର୍ଗତ ମାଧୋ ସିଂ, କୁଞ୍ଜଳ ସିଂହ ଓ ବୈରୀ ସିଂ ଅନ୍ୟତମ ।

ବାରପାହାଡ଼ ନାମା ଜଙ୍ଗଲର ବିଭିନ୍ନ ଅଞ୍ଚଳମାନଙ୍କରେ ଡଣାଘାଟି, ଝରଘାଟି, ସିଂଘୋଡ଼ା ଘାଟି ପ୍ରଭୃତି ଘାଟୀମାନ ସ୍ଥାପନ କରି ସିଂ ବଂଶର ଏହି ବୀରପୁରୁଷ ନିର୍ମୂଳ ସଂଗ୍ରାମ ଚଳାଇଥିଲେ । ସେଥି ମଧ୍ୟରୁ ସିଂଘୋଡ଼ା ଘାଟୀର ପରିଚାଳନା ଦାୟିତ୍ୱରେ ଥିଲେ ହଟେ ସିଂ ।

କଥିତ ଅଛି, ଥରେ ହଟେ ସିଂଙ୍କ ସୈନ୍ୟମାନେ ଚାରିଜଣ ଇଂରେଜ ସିପାହୀଙ୍କୁ ସିଂଘୋଡ଼ା ଘାଟିକୁ ଧରି ଆଣିଥିଲେ । ହଟେ ସିଂଙ୍କ ଆଦେଶରେ ସେମାନେ ସେହି ସିପାହୀମାନଙ୍କୁ ହତ୍ୟାକରି ସେମାନଙ୍କର ଗୋଡ଼ ହାତର ଓ ମୁଣ୍ଡ ତଳକୁ କରି ଗଛ ଡାଳରେ ଝୁଲାଇଦେଲେ । ଏହା ଜାଣିବା ପରେ ଇଂରେଜ ସରକାର ଘେଁସ ଗ୍ରାମକୁ ନିଆଁ ଲଗାଇ ଧ୍ୱଂସ କରିଦେବା ପାଇଁ କଠୋର ଆଦେଶ ଦେଲେ । ଇଂରେଜ ସିପାହୀଙ୍କ ପ୍ରକୋପରେ ଘେଁସ ଗ୍ରାମ ବିଧ୍ୱସ୍ତ ହୋଇ ଏକ ବିରାଟ ଅଗ୍ନିକୁଣ୍ଡରେ ପରିଣତ ହେଲା ।

ଏହି ଅପ୍ରତ୍ୟାଶିତ ବିପଦର ସମ୍ମୁଖୀନ ହୋଇ ଘେଁସବାସୀ ନିଜର ବସ୍ତ୍ର, ଅନ୍ନ ସବୁକିଛି ତ୍ୟାଗ କରି ପିଲାଛୁଆଙ୍କ ସହ ନିକଟସ୍ଥ ଘୋର ଅରଣ୍ୟ ଭିତରକୁ ଚାଲିଆସିଲେ । ଆଖପାଖ ଅଞ୍ଚଳର ଲୋକମାନେ ମଧ୍ୟ ପ୍ରାଣଭୟରେ ଅରଣ୍ୟ ଭିତରେ ଯାଇ ଆଶ୍ରୟ ନେଲେ । ବାରପାହାଡ଼ରୁ ଘେଁସ ଅରଣ୍ୟ ଯାଏ ସମସ୍ତ ଅଞ୍ଚଳ ହଜାର ହଜାର ଆବାଳ-ବୃଦ୍ଧବନିତାଙ୍କ ଦ୍ୱାରା ମୁଖରିତ ହୋଇଉଠିଲା ।

---

୧. ଗଣନୃତ୍ୟ—'ଡାଲଖାଇ' : ଭଗୀରଥି ନେପାକ
ବହ୍ନିଲବେଣୀ, ଶାରଦୀୟ—୧୯୭୮ ସଂ— ଅଦ୍ୱୈତ ପ୍ରସାଦ ମହାନ୍ତି ।

Digitized by srujanika@gmail.com

ତେଣେ ସିଂଘେଡ଼ା ଘାଟିର ବିଜୟ ବାର୍ତ୍ତା ଶୁଣାଇବା ପାଇଁ ଉଲ୍ଲସିତ ମନରେ ହଟେ ସିଂ ନିଜର ଗ୍ରାମ ଅଭିମୁଖେ ଆସୁଥାନ୍ତି । ପଥ ମଧ୍ୟରେ ଅରଣ୍ୟ ମଧ୍ୟରୁ ଅସ୍ପଷ୍ଟ କୋଳାହଳ ତାଙ୍କର କର୍ଣ୍ଣଗୋଚର ହେଲା । ଦୂରରେ ଅଗ୍ନିର ପ୍ରବଳ ଧୂଆଁ ଉପରକୁ ଉଠୁଥିବାର ଦେଖିପାରିଲେ । ବିସ୍ମିତ ଓ ଚକିତ ମନରେ ସେ ଅରଣ୍ୟ ଦିଗରେ ଅଗ୍ରସର ହେଲେ । ଅଦୂରରୁ ନିଜର ଗ୍ରାମବାସୀଙ୍କୁ ଦେଖିପାରିବା ପରେ ଘଟଣାଟିକୁ ଉପଲବ୍ଧି କରିବାକୁ ତାଙ୍କୁ ଆଉ ବାକି ରହିଲା ନାହିଁ ।

ହିଂସ୍ରଜନ୍ତୁପୂର୍ଣ୍ଣ ଅଞ୍ଚଳରେ ସ୍ତ୍ରୀ, ଶିଶୁ, ବୃଦ୍ଧଙ୍କୁ ଅଭୟ ଦେବାକୁ ଯୁବକଗଣ ରାତିସାରା ତାଳ, ଖୋଳ, ଝାଞ୍ଜ ବଜାଇ କୀର୍ତ୍ତନ ଦ୍ୱାରା ଅରଣ୍ୟକୁ ମୁଖରିତ କରୁଥାନ୍ତି ।

ବିଶ୍ୱାସ ହୁଏ ସେତେବେଳେ ସମ୍ବଲପୁର ଅଞ୍ଚଳ ତଥା ଓଡ଼ିଶାରେ ଶ୍ରୀ ଗୌରାଙ୍ଗ ମହାପ୍ରଭୁଙ୍କ ନାମ କୀର୍ତ୍ତନ ବହୁତ ପ୍ରଚାର ଲାଭ କରିଥିଲା । ତାଳ ଖୋଳ ଦ୍ୱାରା ଅରଣ୍ୟକୁ ମୁଖରିତ କରିଥିବାରୁ ସେହିପରି ସେହି ଅରଣ୍ୟର ନାମ ଆଜିଯାଏଁ ତାଳଖୋଳ ନାମରେ ପରିଚିତ । ଦିନୁଁ ଦିନୁ ଖାଦ୍ୟାଭାବର ଘୋର ଅନଟନର ସମସ୍ୟା ଦେଖି ଆସିଲା । ତତ୍ସଙ୍ଗେ ସଙ୍ଗେ ଶ୍ୱାପଦ, ଜନ୍ତୁଙ୍କର ଭୟ ସେମାନଙ୍କ ଦୁଶ୍ଚିନ୍ତାର କାରଣ ହେଲା । ତେଣୁ କୌଣସି ଉପାୟ ନ ଦେଖି ଡାଳ, ପତ୍ର, ଫଳ, ମୂଳଦ୍ୱାରା ନିଜର ପ୍ରାଣକୁ ବଞ୍ଚାଇ ଶିଶୁପୁତ୍ର, ବୃଦ୍ଧ, ବୃଦ୍ଧାମାନଙ୍କୁ ହିଂସ୍ରଜନ୍ତୁଙ୍କ ଭୟରୁ ବଞ୍ଚିତ କରିବା ପାଇଁ ସ୍ତ୍ରୀ ପୁରୁଷ ଦଳ ଦଳ ହୋଇ ରାତିସାରା ନୃତ୍ୟ କଲେ । 'ଡାଲଖାଇ' ନାମରେ ଆଜି ଅଞ୍ଚଳରେ ସର୍ବତ୍ର ବିଦିତ । ※

କିନ୍ତୁ ଶ୍ରୀ ପଟେଲ 'ଡାଲଖାଇ'ର ଐତିହାସିକତା ବିଷୟରେ ଯେଉଁ ତଥ୍ୟ ଦେଇଛନ୍ତି, ସେ ତଥ୍ୟକୁ ଏ ପ୍ରସଙ୍ଗରେ ଆଦୌ ଗ୍ରହଣ କରାଯାଇ ନ ପାରେ । ୧୮୫୭ ସାଲର କଥା ହେଉଛି ମାତ୍ର ୧୨୫ ବର୍ଷ ତଳର କଥା । କିନ୍ତୁ ଡାଲଖାଇ ପୂଜା ବିଷୟରେ ଯେଉଁ ତଥ୍ୟ ମିଳେ, ତାର ଚେର ଯାଇ ସୁଦୂର ସିନ୍ଧୁ-ସଭ୍ୟତା ମୂଳରେ । ଏଥିରେ ଥିବା 'ଡାଲ' ଶବ୍ଦଟି ମଧ୍ୟ ଇତିହାସର ଏକ ମୂଳସୂତ୍ର ସଦୃଶ । 'କରମା'ରେ ମଧ୍ୟ କରମ୍ ବା ଶାଳ ଡାଳର ପୂଜା ହୁଏ । ଏହି ବୃକ୍ଷ ଉପାସନା ସିନ୍ଧୁ-ସଭ୍ୟତାର ସମକାଳୀନ । ଏହା ସହିତ ମଧ୍ୟ ଡାଲଖାଇର କିଛି ପ୍ରଚ୍ଛନ୍ନ ସମ୍ପର୍କ ରହିଥାଇପାରେ ଯାହା ବିଶେଷ ଗବେଷଣା ସାପେକ୍ଷ ।

ଏତଦ୍‌ଭିନ୍ନ ଉପାନ୍ତରେ ଗ୍ରାମ ଛାଡ଼ି ଅଞ୍ଚଳରେ ଶରଣ ନେଇଥିବା ସ୍ତ୍ରୀପୁରୁଷ ଶିଶୁ, ଯେଉଁମାନଙ୍କ ଘର ପୋଡ଼ି ଦିଆଯାଇଛି, ନୃତ୍ୟଗୀତ କରିବା ଭଳି ସେମାନଙ୍କର

※ ସାହିତ୍ୟ ପୃଷ୍ଠାରୁ ଡାଲଖାଇ : ସମ୍ବଲପୁର ଇତିହାସର ଏକ ଛିନ୍ନ ପୃଷ୍ଠା ।
ଶ୍ରୀ ହଦେମଣି ପଟେଲ : ଆର୍ତ୍ତନାଦ ୧ମ ବର୍ଷ ୫ମ ସଂଖ୍ୟା
ଓ ; ବଳରାମ ପଟେଲ ।

Digitized by srujanika@gmail.com

ମନୋଜ୍ଞ ହୋଇ ନ ପାରେ । ତା'ଛଡ଼ା ଶ୍ରୀ ପଟ୍ଟନାୟକ 'କୀର୍ତ୍ତନ' କଥା ତଥା ତାଳ, ଖୋଳ, ଖଞ୍ଜଣି କଥା କହିଛନ୍ତି । କୀର୍ତ୍ତନ ଭକ୍ତିପ୍ରଧାନ । ଲୋକେ ଅସହାୟତାରେ ଇଂରେଜ ଅତ୍ୟାଚାର ପାଇଁ ଭଗବାନଙ୍କଠାରେ ପ୍ରାର୍ଥନା କରିଥାଇପାରନ୍ତି । ତା' ଛଡ଼ା ତାଳ, ଖୋଳ, ଖଞ୍ଜଣିର ପ୍ରଚଳନ ଡାଲଖାଇରେ ବ୍ୟବହାର ନ ଥାଏ । ଢୋଲ, ନିଶାନ, ଟିମ୍‌କି, ମହୁରି, ମାଦଳ, ଝାଞ୍ଜ ଆଦି ବାଦ୍ୟଯନ୍ତ୍ର ଦ୍ୱାରା ଏହି ନୃତ୍ୟ ହୋଇଥାଏ । ଏଥିରୁ ମଧ୍ୟ ଏହି ନୃତ୍ୟର ଅସାଧାରଣତା ପରିଲକ୍ଷିତ ହୋଇଥାଏ । ଏସବୁକୁ ଆଖି ଆଗରେ ରଖିଲେ ଜଣାଯାଏ ଯେ ଏହି ଡାଲଖାଇ ୧୮୫୭ ମସିହାର ବହୁ ପୂର୍ବରୁ ପ୍ରାଚୀନ ସିନ୍ଧୁ ସଭ୍ୟତାକାଳରୁ ହିଁ ପ୍ରଚଳିତ ହୋଇଆସିଛି । କେବଳ ତାର ମୂଳରୂପଟା ହୁଏତ ସେତେବେଳେ ଆଜିକାର ପରି ହୋଇ ନ ଥିବ । ଇତିହାସ, ସମୟ, ସମାଜର ଭଙ୍ଗାଗଢ଼ା ଭିତରେ ସେଥିରୁ କେତେକ ଅଂଶ ବାଦ୍ ପଡ଼ିବା ବେଳେ କେତେ ନୂଆ ରୂପ ଯୋଡ଼ି ହୋଇଥିବ । ଏସବୁ ମଧ୍ୟ ଦେଇ ଡାଲଖାଇ ଆଜିର ଅବସ୍ଥାରେ ପହଞ୍ଚିଛି ।

ପୁନଶ୍ଚ ଏଥିରେ ଯେଉଁ ଡାଲଖାଇ ଦେବୀ, ଅର୍ଥାତ୍ ଅରଣ୍ୟ ଦୁର୍ଗା ବା ବନ ମଙ୍ଗଳାର ପୂଜା କରାଯାଏ । ସେଇଥି ମଧ୍ୟ ପ୍ରମାଣ ଦିଏ ଯେ ଏହା ଆର୍ଯ୍ୟମାନଙ୍କର ନ ହୋଇ ଦ୍ରାବିଡ଼ମାନଙ୍କର । ପ୍ରଥମେ ଆର୍ଯ୍ୟମାନଙ୍କ ଭିତରେ ପୌତ୍ତଳିକତା ବା ମୂର୍ତ୍ତିପୂଜା ନ ଥିଲା, ପରେ ସେମାନେ ଭାରତରେ ଦ୍ରାବିଡ଼ମାନଙ୍କ ସଂସ୍ପର୍ଶରେ ଆସିଲା ପରେ ସେମାନଙ୍କ ମଧ୍ୟରେ ମୂର୍ତ୍ତିପୂଜାର ପ୍ରଚଳନ ହୋଇଥିଲା । ଡାଲଖାଇ ଦେବୀଙ୍କ ପ୍ରତୀକାତ୍ମକ ଭାବରେ ଡାଳରେ କଳ୍ପନା କରାଯାଇଥିବ ବା ମଙ୍ଗଳମୟୀ ଦେବୀ ସାଧାରଣ ଡାଳର ରୂପ ଗ୍ରହଣ କରି ପ୍ରସନ୍ନ ହେଉଥିବେ । ତେଣୁ ଏହି ଡାଲଖାଇଟା ଦ୍ରାବିଡ଼ମାନଙ୍କର, ଅର୍ଥାତ୍ ଭାରତର ସୁପ୍ରାଚୀନ ସଂସ୍କୃତିର ପ୍ରତିରୂପ ଓ ବିଶେଷତଃ ଶୂଦ୍ର, ଆଦିବାସୀ ପ୍ରମୁଖ ସମାଜର ତଥାକଥିତ ଦୁର୍ବଳ ଶ୍ରେଣୀର ଭାବ ଓ ସଂସ୍କୃତିର ସମ୍ପଦ ରୂପେ ଆଜି ଯାଏଁ ବିଦ୍ୟମାନ ।

ଏହି ଡାଲଖାଇ ଉତ୍ସବଟି ପର୍ବପର୍ବାଣି ବ୍ୟତୀତ ଅନ୍ୟାନ୍ୟ ସମୟରେ ବିଶେଷତଃ ବିବାହ ଉତ୍ସବରେ ମଧ୍ୟ ଗାଇବାର ଦେଖାଯାଏ । ଝିଅମାନେ ଗୀତ ବୋଲୁଥିବା ବେଳେ ପ୍ରାୟତଃ ନାଚନ୍ତି ନାହିଁ । ଢୋଲବାଲା (ଢୋଲିଆ) ସେତେବେଳେ ଗୀତର ଛନ୍ଦେ ଛନ୍ଦେ ଧୀର ସ୍ୱରରେ ଢୋଲ ବଜାଇ ଦୋହଲି ଦୋହଲି ବୁଲୁଥାଏ । ଗୀତ ସରିଲା ମାତ୍ରକେ ଢୋଲ ଜୋରରେ ବାଜିଲା ସାଙ୍ଗକୁ ନିଶାନ, ଟିମକି ବା ତାସା, ମହୁରି ଆଦି ଜୋରରେ ବାଜି ଉଠେ । ଝିଅମାନେ ହଲହଲି-ଦୋହଲି ଦୋହଲି ନାଚିବାକୁ ଆରମ୍ଭ କରିଦିଅନ୍ତି । ବେଳେବେଳେ ଯୁବକ-ଯୁବତୀମାନେ ମିଶିକରି ମଧ୍ୟ ନାଚନ୍ତି । ଏହି ବାଦ୍ୟବାଦକମାନଙ୍କ ବିଶେଷତଃ ଅକୁଆଁ ଗଣ୍ଡା, ପାଣ ଜାତିର ହୋଇଥାନ୍ତି । ଅନେକ ସମୟରେ ଯୁବକ-ଯୁବତୀମାନେ ଗୀତରେ ଉତ୍ତର ପ୍ରତ୍ୟୁତ୍ତର ମଧ୍ୟ କରିଥାନ୍ତି ।

ବିଭିନ୍ନ ସ୍ଥାନରେ କେବଳ ଝିଅମାନେ ଏଥିରେ ଅଂଶ ଗ୍ରହଣ କରନ୍ତି । ସେମାନେ ଅର୍ଦ୍ଧବୃତ୍ତାକାରରେ ଛିଡ଼ା ହୋଇ ଗୀତର ଭାବକୁ ଆଖି, ହାତ, ମୁହଁର ବିଭିନ୍ନ ଅଭିନୟ

Digitized by srujanika@gmail.com

ମୁଦ୍ରାରେ ପ୍ରକାଶ କରିଥାନ୍ତି । ଗୀତ ସଙ୍ଗତରେ ଆଗକୁ ନଇଁପଡ଼ି ଦୁଇହାତରେ ଶାଢ଼ୀକାନି ମେଲାଇ ନାଚନ୍ତି । ଆଗପଛ ହୋଇ ନାଚନ୍ତି । ଘୁରିଘୁରି ନାଚଥାନ୍ତି ।

ଭଗୀରଥି ନେପାକଙ୍କ ମତରେ "ଡାଲଖାଇରେ" ଏହି ପଦକୁ ବାରମ୍ବାର ଘୋଷା କରି ଗାଉଥିବାରୁ ଏ ଗୀତର ନା "ଡାଲଖାଇ" ହୋଇଛି ।

ଡାଲଖାଇ ନୃତ୍ୟପାଇଁ ସାଧାରଣତଃ କୌଣସି ବିଶେଷ ପୋଷାକ ଆବଶ୍ୟକ ହୋଇ ନ ଥାଏ । ପ୍ରତ୍ୟେକ ଝିଅମାନଙ୍କ କାନ୍ଧରେ ଖଣ୍ଡେ ଲେମ୍ବୁଟିଆ ରଂଗୀନ ଫୁଲପକା ଗାମୁଛା ଥାଏ । ନାଚିବେ ନାଚିବେ ଏମାନେ ଗାମୁଛାର ଦୁଇ ଅଗ୍ରାଂଶକୁ ଧରି ନାଚନ୍ତି । ମୁଣ୍ଡରେ ଡଲିଆ ଖୋଷା ଥାଏ । ସେଥିରେ ନାଲିନାଲି ଫୁଲ ଓ ପତ୍ର ଖୋସିଥାନ୍ତି । ଝିଅମାନେ ଏଥିରେ ନିଜକୁ ନାନାପ୍ରକାର ନେତ୍ରନନ୍ଦନ ବେଶରେ ମଣ୍ଡାଇଥାନ୍ତି । ସମ୍ବଲପୁରୀ କନ୍ଥା ଶାଢ଼ୀ, ସୋନପୁରୀ, ବଉଳଶାଢ଼ୀ ନୃତ୍ୟଗୀତର ଆସରକୁ ଆହୁରି ଆକର୍ଷଣୀୟ କରି ତୋଳିଥାଏ । ଢୋଲବାଲାମାନେ ମାଲକଚ୍ଛା ଭିଡ଼ି ରଙ୍ଗୀନ ଫତେଇ ପିନ୍ଧିବାର ଦେଖାଯାଏ । ସେମାନେ ପ୍ରାୟତଃ ମହୁଲି ନିଶାରେ ଟଳମଳ ହୋଇ ଗୀତର ଅଧା ପାଲିଆ ଧରିଥାନ୍ତି । ଝିଅମାନେ ପାରଂପରିକ ଗହଣା କତରିଆ, ବନ୍ଧରିଅ, ତଡ଼, ବାହୁଟି ପ୍ରଭୃତି ମଧ୍ୟ ପିନ୍ଧିଥାନ୍ତି ।

ଡାଲଖାଇ ଗୀତରେ ଶୃଙ୍ଗାର ଆଦିରସର ପରିମାଣଟା ବେଶୀ । ଆଦିରସ ଛଡ଼ା ସମସାମୟିକ ପରିବେଶର ଚିତ୍ର ମଧ୍ୟ ସେଥିରେ ଦେଖିବାକୁ ମିଳିଥାଏ ।

'ଡାଲଖାଇ' ପୂଜା ବିଷୟରେ ଆଉ ଜଣେ ଗବେଷକ ପଲ୍ଲୀକବି ଶ୍ରୀ ଅଭିମନ୍ୟୁ ପ୍ରଧାନ କହନ୍ତି ଯେ—ଶରତ କାଳରେ ପ୍ରାକୃତିକ ଶୋଭାରେ ଆତ୍ମବିଭୋର ହୋଇ ଆଦିବାସୀ ଜନସମୁଦାୟ ପ୍ରେମର ଅଧିଷ୍ଠାତ୍ରୀ ଦେବୀ ଶୁଭ୍ରକେଶୀ ବା ଶୁଭ୍ରବେଣୀଙ୍କ ପୂଜା ଅର୍ଚ୍ଚନାର ଆୟୋଜନ କରନ୍ତି । ଏହି ଦେବୀଙ୍କର ସେବା-ଉପଚାର ବିଧି-ବିଧାନରେ ସବୁଜ ବନ୍ୟଫଳ, ଫୁଲ, ଡାଳ ବିପୁଳ ଭାବରେ ବ୍ୟବହୃତ ହେଉଥିବାରୁ, ବୋଧହୁଏ ଏହି ସୁପୂଜିତା ଦେବୀଙ୍କର ପ୍ରିୟ ନାମ ଡାଲଖାଇ ରଖାଯାଇଛି । ଏହି ଆଦିବାସୀଙ୍କ ଆଦି ପର୍ବ । ※

ଏହି ଡାଲଖାଇ ପର୍ବର ପରିସର ମଧ୍ୟରେ ଅନ୍ୟାନ୍ୟ ତେତ୍ରିଶ କୋଟି ଦେବଦେବୀଙ୍କର ପୂଜା ଅର୍ଚ୍ଚନା ମଧ୍ୟ କରାଯାଇଥାଏ । କାରଣ ଗ୍ରାମ୍ୟ କୋଠୀଶାଳ, ପୂଜାଘର କାନ୍ଥ କୁଟୀରରେ ଅଙ୍କିତ ୧୬ ବଖରା ମଧ୍ୟରେ ୩୩ କୋଟି ଦେବଦେବୀଙ୍କ କଳ୍ପିତ ଚିତ୍ର ଅଂକାଯାଇଥାଏ । ଯଥା : ଶିବ, ପାର୍ବତୀ, ହନୁମାନ, ମାଉଲି, ରାମ, ନାରଦ, ଶିଶୁ ସୁବଳ, ନୀଳସଣୀ, ଉତ୍କଳ ରାଣୀ, ବରୁଣ, କୁବେର, ଲକ୍ଷ୍ମୀ, ସରସ୍ୱତୀ, ଜମ୍ବେଶ୍ୱରୀ, ବାଉଁଶପନ୍ଥ-

---

※ ଆଦିବାସୀଙ୍କ ଆଦିପର୍ବ ଡାଲଖାଇ : ପ୍ରବନ୍ଧ : ପଲ୍ଲୀକବି ଅଭିମନ୍ୟୁ ପ୍ରଧାନ
ଦୈନିକ କୋଶଳ ତା ୭-୧୦-୧୯୮୧ ସମ୍ବଲପୁର

Digitized by srujanika@gmail.com

ବର ଦୁର୍ଗ ବୃନ୍ଦାବନ, ଗ୍ରାମପଥ ପ୍ରଭୃତି । ଏମାନଙ୍କ କେନ୍ଦ୍ରରେ ଶ୍ରୀ ଭ୍ରୁକେଶୀଙ୍କର ମୁଖ୍ୟ ସ୍ଥାନ ରହିଥାଏ ।

ଭେଣ୍ଟ-ଭୁଙ୍ଗା-ଢୋଲ୍-ମାଦଳ ଆଦି ବାଦ୍ୟଯନ୍ତ୍ରର ସମାବେଶରେ ନବମୀ ତିଥିରେ ପ୍ରାତଃ କାଳରୁ କୁମାରୀ କିଶୋରୀ କନ୍ୟାମାନେ ସ୍ଥାନୀୟ ନଈକୂଳ, ଝରଣାକୂଳ, ତରୁମୂଳ କିମ୍ବା ଦେବାଳୟରେ ନାନା ପ୍ରକାର ଗୀତନୃତ୍ୟର ଆୟୋଜନ କରନ୍ତି । ଡାଲଖାଇ ପୂଜା ମଣ୍ଡପରେ ଗାଉଣୀମାନେ ଧୁନ୍‌କେଲ ବାଦ୍ୟ ସଂଯୋଗରେ ଦେବୀ ବନ୍ଦନା କରିଥାନ୍ତି—

— ବନ୍ଦୁଁ ଅଛେଁ ମୁଇଁ ଡାଲଖାଇରେ
ବନ୍ଦୁଁ ଅଛେଁ ମୁଇଁ ମହମାଇ
ବନ୍ଦୁଁ ଅଛେଁ ମୁଇଁ କମ୍ଳାଇ
ତୋ ପାଦେ ଶରଣ ଲୋ ମାତା
ଫେଡ଼୍ ଦେ କଷଣ ।
ବାଜ ବାଜ ଝୁମୁକା ବଜାଁରେ
ବାଜ ବାଜ ମୋ ନୂ ହାଁଡ଼ି
ବାଜୁଥିବୁରେ ଶିବ ଧନୁ
ଝୁମୁ ଝୁମୁ ରୁନୁଝୁନୁ
ଘୁଙ୍ଗୁର ଖେଳବରେ ଦେବୀ
ଲଳି ସେ ନାଚବ ।
ଆସିଗଲା ମୋର ଶ୍ରୀ ଭ୍ରୁକେଶୀ
ଆସିଗଲା ମୋର ବନବାସୀ
ଆସିଗଲା ମୋର ଶ୍ରୀ ଭ୍ରୁକେଶୀ
ବିଶ୍ୱ-ବ୍ରହ୍ମାଣ୍ଡମା ଲୋ
ପାର୍ବତୀ ନନ୍ଦନୀ ।

ଏହି ଦେବୀ ବନ୍ଦନା ମାଳିକା ଅନୁସାରେ ଡାଲଖାଇ ଦେବୀ ହେଉଛନ୍ତି ପାର୍ବତୀ ନନ୍ଦନୀ । ଗ୍ରାମପଥ, ସପ୍ତ-ଋଷି, ଆଦିଶକ୍ତି, ନୀଳାଗ୍ରୀମା, ଦହନାରାଣୀ, ରୂପସା ରାଣୀ ଆଦିର ବନ୍ଦନା ମାଧ୍ୟମରେ ଯେଉଁ କାହାଣୀର ଅବତାରଣା କରାଯାଇଛି ତା' ହେଉଛି ଯେ—

ପ୍ରାଚୀନ ଯୁଗରେ କୋଶଳ ଦେଶରେ ଚନ୍ଦ୍ରଜିତ ନାମରେ ଜଣେ ପ୍ରତାପଶାଳୀ ରାଜା ଥିଲେ । ତାଙ୍କ ରାଣୀଙ୍କ ନାମ ନୀଳାବତୀ । ରାଜପରିବାରରେ ଦେବଦତ୍ତ ଓ ରାମଦତ୍ତ ବୋଲି ଦୁଇପୁଅ ଓ ତାଙ୍କର ରୂପସା ଓ ଦହନା ନାମ୍ନୀ ଦୁଇ ପୁତ୍ରବଧୂ ଥିଲେ । ଦେବଦେବୀଙ୍କ ଆଶୀର୍ବାଦରେ ନୀଳାବତୀ ରାଣୀଙ୍କର ଏକ କନ୍ୟା ଜାତହେଲା । ତା ନାଁ ରହିଲା । ରାଜକୁମାରୀ ରହିଲାକୁ ଯେତେବେଳେ ସାତ ବର୍ଷ ବୟସ, ସେ ଡାଲଖାଇ ପୁଜାର ସମ୍ଭାର ଯୋଗାଇ

Digitized by srujanika@gmail.com

ଦେବାକୁ ରାଜାରାଣୀଙ୍କୁ ଅନୁରୋଧ କଲା । ରାଜାରାଣୀ ଝିଅର କଥାରେ କାନ ଦେଲେ ନାହିଁ । ତା'ପରେ ରାଜକୁମାରୀ ରହେଲା ଶାରଦୀୟ ଓଷା ପାଳିବାକୁ ଭାଇ-ଭାଉଜମାନଙ୍କୁ ଅନୁରୋଧ କରି ମଧ୍ୟ ବିଫଳକାମୀ ହେଲା । ସେମାନେ ତା' କଥାକୁ ହସରେ ଉଡ଼ାଇଦେଲେ । ତାକୁ ନାନା ପ୍ରକାର ଭର୍ତ୍ସନା କଲେ । ଏକଥା ସହି ନ ପାରି ରାଜକୁମାରୀ ବିଷ ପିଇ ନଡ଼ାଇ-ଧୋବଣୀର ରୂଠ ପଥରରେ ଆତ୍ମୋତ୍ସର୍ଗ କରିଦେଲା । ବସ୍ତୁତ ଖୋଜାଖୋଜି ଗୁଣ୍ଡିଗାରେଡ଼ି ପରେ ରାଜା ରହେଲାର ବିଷ ବଟୁଠରେ ଝାସ ଦେଇ ପ୍ରାଣ ହାରିଥିବାର ଖବର ପାଇଲେ । ଅନେକ କନ୍ଦାକଟା କଲେ ।

ତା'ପର ଦିନ ଧୋବଲେ ଜଳକନ୍ୟା ସାତବହିନୀ (ସାତ ଭଉଣୀ ବା ସପ୍ତମାତୃକା)ଙ୍କ ଗହଣରେ ରହେଲା ଜଳକେଳି ଓ ନୌବିହାର କରୁଥିବାର ଦେଖାଗଲା । ରାଜାରାଣୀ ସପ୍ତମାତୃକାଙ୍କୁ ପ୍ରାର୍ଥନା କରି ରାଜକୁମାରୀଙ୍କୁ ଫେରାଇ ଦେବାର ପ୍ରାର୍ଥନା କରନ୍ତେ ସେମାନେ ଡାଲଖାଇ ଓଷାପର୍ବ ପ୍ରଚଳନ କରିଦେବା ପାଇଁ ଶପଥ ନେଇ ରହେଲାକୁ ଫେରାଇ ଦେଲେ । *

ଏହିପରି ଭାବରେ ଡାଲଖାଇର ପ୍ରଚଳନ ବିଷୟରେ ଅନେକ କିମ୍ବଦନ୍ତୀ ଶୁଣିବାକୁ ମିଳେ । ଏଥିରେ ଶୈବ ଓ ଶାକ୍ତ ଦର୍ଶନର ମଧ୍ୟର ଅନେକ ଅନୁପ୍ରବେଶ ଦେଖିବାକୁ ମିଳେ । ଏ ବିଷୟରେ ଗବେଷଣା କଲେ ଅନେକ କଥା ଜଣାଯାଇପାରିବ ।

ଡାଲଖାଇ କୋପୀଶାଳରେ ବିଭିନ୍ନ ଦେବଦେବୀ ସାଧାରଣ ଉପାସୀ, ଦେହେରୀ, ଝଙ୍କର ଦେହରେ କାଳସୀ ରୂପେ ଅବତରଣ କରି ବିଭିନ୍ନ କଥା ଓ ଭବିଷ୍ୟବାଣୀ କହିଥାନ୍ତି । ଏହି ପୂଜାର୍ଚ୍ଚନା କଲେ ଅପୁତ୍ରିକମାନେ ସନ୍ତାନଲାଭ କରନ୍ତି । ଗ୍ରାମ ରୋଗ, ବାଘ, ଅକାଳ ମଡ଼କ, ମହାମର୍ଷ, ଦୈବୀ-ଦୁର୍ବିପାକ, ଦେବକୁଟ, ରକକୁଟ, ମାନବୀୟ ପ୍ରକୋପରୁ ରକ୍ଷାପାଏ ବୋଲି ଲୋକ ବିଶ୍ୱାସ ରହିଛି ।

କୁମାରୀ ଝିଅର ସରଳ ତରଳ ମନରେ ଉଲ୍ଲାସ ଓ ମାନସିକ ଉନ୍ମେଷ ଘଟିବା ଉଦ୍ଦେଶ୍ୟରେ ଏହି ପୂଜାର ଆୟୋଜନ ହୋଇଥାଏ । କ୍ଷଣସ୍ଥାୟୀ ସ୍ୱାଧୀନତା ଉପଭୋଗ, ନାରୀଜାତିର ଆବେଗ ଓ ଉନ୍ମାଦନାର ପ୍ରଶମନ ପାଇଁ ମଧ୍ୟ ଏହା ଏକ ସୁଯୋଗ ସୁବିଧା ଯୋଗାଇ ଦେଇଥାଏ । ଜୀବନରେ ସୁଖଶାନ୍ତିକୁ ହାତ ଧରି ଡାକିଆଣେ ।

ବର୍ତ୍ତମାନ କେତୋଟି ଡାଲଖାଇର ନମୁନା କଥା ଦେଖାଯାଉ—

୧ । ଡାଲଖାଇ ବୋ...

ଆସ ଆସ ବୁକେଲମାନେ ସିମା ପତର ତୁଲି

---

* ଜଗଦଲପୁର ଥାନାନ୍ତର୍ଗତ ଟିର୍ମିଭଟା ନିବାସୀ ଶ୍ରୀ ମଣି ପଟେଲଙ୍କଠାରୁ ସଂଗୃହୀତ ।

Digitized by srujanika@gmail.com

ଭୁଗାଟୁପା ଧର ବାହାରିଲ ଗୁରୁବାପା
ତା'କ ହଅଲେ ଜାନକୀ ଯିମା ଖାଇବେ
ଜାନକୀ ଗଲା ଦଉଡ଼ି
କାଏଁ ହେଲୁ ଲେ ଶକୁନ୍ତଳା ପଡ଼ନ୍ତୁ ମୁହୁଁ ମଣ୍ଡି ।
କାନ୍ଦିଗଲା ସେ ନୂଆ
ଯିମା ପଛେ ଜଲଦ ଆଇ ଘୃପି ଆଉଛେ ଖଗ୍ର
ତହୁଁ ବଏଲା ଖିମା, ଧାଙ୍ଗଣ୍ଡି ଧାଙ୍ଗଣ୍ଡି ଯିମା
ବୁଢ଼ୀ ଶୁଢ଼ୀ ଗଲେ ଯେବେ ଧରା ପଡ଼ିଯିବା
ସାଙ୍ଗ ସାଙ୍ଗ ହୋଇଗଲେ
କିଏ ଗୁଲଲା ଡୁମର ଉପରେ ଗୁଲଲା ତଳେ
କିଏ କରୁଛେ ଭୁଗ ଭରନା କିଏ କରୁଛେ ଭଜା
କିଏ ବଏଲା ଆଉଟୋ, କିଏ ବଏଲା ଦାଇ
ବସିଥିବେଁ ନୁନ ମିରଚ୍ଛ ଦେଇଥିବୁ ଭୁରେଇ
କାନ୍ଦି ଗଲା ସେ କେଁଟି
ଆଉ ତାର ଦଏତା ମାର ମାରଛେ ମୁହୁଁ ଯାଇଛେ ଫାଟି
ମୁହୁଁ ଯାଇଛେ ଫାଟି ତ ଡାଲଖାଇ ବୋ...

୨ । ଡାଲଖାଇବୋ...

ଯାତସ୍ତ ପଦାର୍ଥ
ବାଜୁଛେ ବଜା
ଭଲ୍ ଭଲ୍ ସଜି
ହେଲା ନ ସଜା
ଦାହକ ମୁର୍ଦୁଙ୍ଗ
ଘଣ୍ଟ ମୁହୁର
ଦେଖନ ହାଁସୀମାନେ
ହେଲେ ନ ବୁର
ବାଜୁଛେ ଗୁଣ, ଉଡୁଛେ ଧୂଲ
ଡଙ୍ଗରୁ ଆସବା କଳସୀ
ପଟେ ହୁଲ୍ ହୁଲ୍ ୨
ପଟେ ହୁଲ୍ ହୁଲି କାଏ ଡାଲଖାଇରେ

Digitized by srujanika@gmail.com

୩ । ଡାଲ୍‌ଖାଇ ବୋ...

କୃଷ୍ଣ ଯାଇଥିଲେ ଯମୁନାକୂଳ
ରାଧା ଯାଇଥିଲେ ଆଣିବେ ଜଳ
ଟେରି ନେଇଲେ ହାତ ଧରି କହ୍ନାଇ
ଛାଡ଼ ବୋଇଲେ ସେ ଛାଡ଼ଇ ନାହିଁ
ଯୁବା ବୟସ ନନ୍ଦନ ପିଲା
ଦେହ ତାର କଲା କଲା ଡାଲଖାଇ ବୋ

୪ । ଡାଲଖାଇ ବୋ...

କବାଟ ତଳେ ସିନା ସୁବର୍ଣ୍ଣ ଥାଏ
ସେଦିନର କଥା ଭାଙ୍ଗ ମନୁ ନ ଯାଏ
ସୁଭୂକେ ପାଇଥିଲି ଜଳରେ ଥାଇ
ଛାଡ଼ ବଏଲେ ପରଭୁ ଛାଡ଼ଇ ନାହିଁ
ହେ ମହାପ୍ରଭୁ
ଥିଲି ଥିଲି ମୋର ହାତୁ ପଳାଲା
ଡାଲଖାଇରେ...

ଡାଲ: ।ଇବୋ — ଉଲଇ ବୁଲାଇ କରେ ସୁନାର କୁଟେଲଇ
ସାଧବ ବୁଢ଼ା ଯାଇଅଛେ କଣଆଁ ମୂଲଇ
କଣଆଁ ଟୁକେଲ ଅନେକ ସୁନ୍ଦରୀ ସର୍ଗର ଅପସରୀ
ଜ.ନେ ନାଚେ ଲ ଜଁଡ଼ୀ ଝଲକା ଝୁଟେଲ ଛେରୀ, ଛେରୀ,
ଜଣଆଁ ଟୁକେଲର ମାଠିଆ ଛୁଇଁକା ତନତାନ୍ ଦଲା
ବରପିଲାର ରୂପାବଳା ବାହା ବସି ଗଲା
ବେଁକର ପହିଲା କରେ ଖଗଲା
ଲରୁ ଲସକଲା
ରାଜା ଘରେ ଖଜା ଖାଏଁ ଡୁକାଲ
ତାକ ପଡ଼ିଗଲା ତ ଡାଲଖାଇରେ...

— ଡାଲଖାଇରେ...

ଦଶହ୍ମ ମ ସରେ ବାଜିଲା ଢୋଲ
ହରି ବୋଲ ବେଲ ଗୋବିନ୍ଦ ବୋଲ
କଲିକତା ଲେ ହାବଡ଼ା ପୋଲ
ବଙ୍ଗାଲି ଫେସନ ସିନେମା ଖେଲ
ଏକା ପେଟ ଲାଗି କରେ ହଡ଼ିଆ
ଢେକଣା ଠେଲ କ ଡାଲ ଖାଇରେ...

Digitized by srujanika@gmail.com

ଏଥିରେ ଏକା ସାଂଗରେ ସହରୀ ସଭ୍ୟତାର ଚିତ୍ର ସଙ୍ଗେ 'କ୍ଷୁଧା', ଜାତିପ୍ରେମ ଓ ଜାତିର ଦୁର୍ଦ୍ଦଶାର ଚିତ୍ର ପ୍ରତିଫଳିତ ।

—ଡାଲଖାଇରେ
ହଯକେ ରସିଆ କରେ ଧାନଫୁଲ ନଶିଆ
ତୋର ଲାଗି ମୂର୍ଚ୍ଛି ନେମି ଭାନର ଫଗିଆ
ତୋର ଲାଗି ମୂର୍ଚ୍ଛି ନେମି ହାତର୍ କଡଖିଆ
ତୋର ଲାଗି ମୂର୍ଚ୍ଛି ନେମି ହାତର୍ ବନ୍ଧରିଆ
ଏକା ତୋର ଲାଗି ମୁଣ୍ଡି ନାଗର
ଭୁଇଁତ ଦଗା ଦଆ ତ…

—ଡାଲଖାଇରେ
ଭେଜର ବାଟଙ୍ଗନ ଯେବେ ଥିପି ଥିପି କଣ୍ଟା
ଗୁଲ ଯାଉଥିଲେ ଟକାଁମରଦ୍ ଲପିଲପି ଅଣ୍ଟା
ତୋର୍ ସଙ୍ଗେ ଗଲେ ବାଟେ ହେମି ହଟହଟା
ଯଦି ହଟହଟା କରୁ ନାଗର…
ତୋର ଲାଗି ନେମି ଅଣ୍ଟାକ ଡାଲଖାଇରେ

—ଡାଲଖାଇରେ
କାଟି ଗଲା ବାଉଁଶ ନଳା ଦୁଇ ପଖେ ପୁଲା
ଗଲା ବରଷ୍ ଦେଖିଥିଲ ଟକନ ସୃଜନ୍ ଥିଲା
ଏମୁର୍ ସାଲେ ଦେଖୁଅଛେ ନମୀକେ
ସତେ ତ, ଦଆ ଚରଗଲା କ....

—ଏ ଡାହାର ମ କଡ଼୍ ଯାଇ ସେ ଡାହା ବସିଲା
ଜଆଁକେନ୍ଦୁ ଖିଆ ମାକର କ ଖବ ଗାଇଲା
ନଡ଼ିଆ ସୁଆଦ କାହିଁ ପାଇ ?
ଗଲେ ଦେଶାନ୍ତର
ପାଚିଲା ବେଲର ଲାଗି କାଉ ମୋର
ଝୁଲେ ଝ'ର ଝାର କ…

— ବାହାଲର ବଡ଼ ଡୁଳକେ ଝୁଇ ଗଲା ଧାନ
ଗରବର ପୁଅ ଆଶା ଭରନ୍ତେ
ପରବତ ସମାନ ରସ ଯା ଟଲୁଯାରେ
ଯା ଟଲୁଯା ଧୀରେ ଧୀରେ ନାଗର
ହୋଇ ରସାନ୍ତର…

Digitized by srujanika@gmail.com

—ଡାଲ୍ଖାଇରେ…
ଶେଗଡ଼ ଗଲା ଦିଡ଼ଦିଡ଼ାନୁ ଧକ୍କା ହଡ଼ାଣ ଦେଇ
କାଳେ କମା କାନ୍ଧଟକୁ ମୁଣ୍ଡେଁ ଝଡ଼ନା ଦେଇ
ନାଇଁ ନେଲା ମନ୍ଦର କରେ ନେଲି ଡ୍ରାଏଭର
ଅଛୁ କାହାଁକେ ଟାକଟକୁ ନମା ଗା
ମୋର ସଙ୍ଗେ ଗୃଲ ଟହଟର ତ…

—ଡାଲ୍ଖାଇରେ…
ଆମୁଲ୍ କୁଲେ କୁଲେ କାବେ ତେତେଲ୍ କୁଲେ କୁଲେ
ସକାଳୁଁ ଖଗ ବାଜଚଲା ଚଡ଼ ଦେଉଳର ଚୂଳେ
ବେପାର୍-ବଣିଜ ଚଲୁଅଛେ ସବୁ ମୂଳେ ମୂଳେ
ପଏସା'ର ଲୁଭେ ପଡ଼ି ଗଲୁ ନମା ଗା
ରସିଆର ଭୁଲେ କ ଡାଲ୍ଖାଇରେ…

—ବାଦାଲର ଗରଜଡ଼ ବାଛୁନେଲେ ସିବ
ଝଲ୍ଝର ରଂଗ ଧନ ଗା ଧୁଇଦେଲେ ସିବ
ମୁଖରୁ ବସ୍ତୁସ ଗଲେ ଧନ ମୋର
କଏ ପରୁଶବ ରସ…

—ଡାଲଖାଇରେ
ଡାଲ୍ ତ ଡଳ୍ ତ ଅଁଇଲା ଡାଲ
ଅଏନ ଦଖୁଛେ ତୋର ବାବୁର ବାଲ
ବାବୁର ବାଲରେ ଚଲା କଇଁଗୁ
ଧୁଡ ଖଣ୍ଡେ ପିନ୍ଧିଥିବୁ ବେଙ୍ଗ ଝୁମକା, ମୁହିଁ ମଲ୍କା
କାଏଁ ଡାଲ୍ଖାଇରେ…

—ଡାଲ୍ଖାଇରେ…ଡାଲ୍ଖାଇରେ
ଇଆଡ଼େ ପର୍ବତ ସିଆଡ଼େ ପର୍ବତ
ମଝିର ପର୍ବତେ ନୀଳାବନ୍ତୀର୍ ଘର
କପଡ଼ା ଖଣ୍ଡେ ଶୁଖାଇଥିଲି
ଆଁଖି ଜରଜର
କପଡ଼ା ବଲ୍ ନାଏଁ ବଲବୁ ଭୁଲିଆ
ମୋର ମନ୍ଦନୀ ପଡର କାଏଁ
ଡାଲ୍ଖାଇରେ…

Digitized by srujanika@gmail.com

—ଡାଲଖାଇ ବୋ ଡାଲଖାଇ ବୋ···
ସମଲପୁରର ଦରପଣ ଦେଖା
ଦର୍ପଣ ଦେଖାର ପାଦେ ଅଲତା
ପାଦେ ଅଲତାର ଝିରମିନ କଁଟା
ଗୁଲିଗଲେ ନମି ଦହଲେ ଅଁଟା
ଚଟୁ ଫିଙ୍ଗିଦେଲୁ ହାଣ୍ଡିଶାଳକୁ
ମୋତେ ଫିଙ୍ଗି ଦେଲୁ ଯମପୁରୀକୁ
ଯମପୁରର୍ ପାନ ଦେମ ଭ.ଜର ବହଲ
ମୋତେ ଲେଖିଦେଥ କଲା ଅକ୍ଷର
କଲା ଅକ୍ଷର କ ଡାଲଖାଇରେ···

—ଡାଲ୍‌ଖାଇରେ···
ଆମ୍ବା ଚରୁର୍ଙ୍କ କଲ ନଡ଼ିଆ
କଥା କେ ନାହିଁ କହେଲେ ହେଲେ ଅଡ଼ୁଆ
ହେଲା ଅଡ଼ୁଆ କ ଡାଲଖାଇରେ···

—ଡାଲ ଖାଇରେ···
ଡାଲେ ଡାଲେ ଗଲା ମୁଷା
ତେଲେନ ଟୁକେଲର ଏତେ ଭରସା
ତେଲ ଝୁର ଝୁର ଖୁଁସା
କାଏଁ ଡାଲଖାଇରେ···

—ଡାଲଖାଇରେ···
ଆଗେ ବଲଭଦ୍ର ପଛେ ଭବାନୀ
ପଛେ ପଛେ ଲମିଥିବୁ ଦୂତୀ ମୋର୍ ଦୂତୀ ମୋର୍
ସାରଙ୍ଗପାଣି କ ଡାଲଖାଇରେ···

—ଡାଲଖାଇ ବୋ ୨
ଗୁଲ ଦେଖିଥିମା ସମଲପୁର
ସାକ୍ଷି ପଡ଼ାରେ ମୋର ଶଶୁର ଘର
ମୋର୍ ଶଶୁର୍କେ ଦେଇଥିଲ ଦୁଇ ଦର୍ଜନ କେଲା
ମୋର ଶାଶ୍‌କେ ନେଇ ଦେଇଥିଲିଁ ସେର୍ଣା ରସ୍‌ଗୁଲା
ଚୌକି ଉପରେ ବସି କରି ଦୁଃଖର ସୁଖର ଲଗଲିଁ
କେନ୍ତ ଅଏଲା ଗୁଟେ ସଙ୍ଗାତ ମାଏନ୍ କଲା

Digitized by srujanika@gmail.com

ନାଇଁ ନାଇଁ ବଲୁଥିଲ ବେଳେ ଗା
ପାନ ଗୁଟେ ଦେଲ ରସ ଗା' ଚଲ୍‌ଯାରେ···

—ଡାଲ୍‌ଖାଇ ବୋ ।
ଆମର୍ ବାଣକୁଣ୍ଡ ସେ ଝଁମି ଯେମି
ଭଲ୍ ଜଲ ନାଚ୍‌ବୁ ନ ଚୁଣୀ ନମା
ଦ୍ୱିଷ୍ଟି ପିବା ଚୋର୍ ବେଣ୍ଣ ଜା ଡାଲଖାଇ ବୋ···

ଡାଲଖାଇ ବୋ ।
ଅନ୍ଧାର ଘରକୁ ମୁଁ ଯେ ଧନ ଘଣ୍ଟି ଟଲିଁ
ଦାଅର ଶୁଇଛନ୍ ବୋଲ୍ ଜାଣି ନ ପାରଲ୍
ଧରିଦେଲେ ଡେନା କଗୋ ଦୁଷ୍ଟିଚଲା ବୁନା
ସେ ଗୁନାକେ ଦଣ୍ଡ ଦର ବାବୁଟା
ଗାଲେ ଦେଲେ ଚୁମା ରସ ଯା ଧୀରେ ଧୀଚେଇବେ ।

Digitized by srujanika@gmail.com

ରସର କେଲୀ

[କାଇଫୁଲ, ମାଏଲଜଡ଼]

ରସରକେଲି ତାଲଖାଇ ଶ୍ରେଣୀର ନୃତ୍ୟଗୀତ । ନୃତ୍ୟର ଆକାର, ମୁଦ୍ରା, ତାଲଖାଇ ସଙ୍ଗେ ସମାନ । ସେହି ଢୋଲ, ମହୁରୀ, ନିଶାନ୍ ବାଜା ଏଥିରେ ବି ବାଜେ । ସାଧାରଣତଃ ବୋଡ଼ ସଂପ୍ରଦାୟର ସ୍ତ୍ରୀମାନେ ନୃତ୍ୟ କରିଥାନ୍ତି । 'ତଲଖାଇ' ସ୍ଥାନରେ ଏଥିରେ 'ରସରକେଲି' ବୋଲାଯାଏ ।

ଏତେ ସାମଞ୍ଜସ୍ୟ ପରେ ବି 'ରସରକେଲି'କୁ ତାଲଖାଇ କୁହାଯାଇପାରିବ ନାହିଁ । ଏହାର ଗୀତ, ନୃତ୍ୟ, ତାଳ, ଲୟ, ବାଦ୍ୟ ଶୈଳୀ ଓ ଛନ୍ଦ ବିନ୍ୟାସରେ 'ରସରକେଲି'ର ସ୍ୱାତନ୍ତ୍ର୍ୟ ଅଛି । ବିବାହ ଭିନ୍ନ ପର୍ବପର୍ବାଣିରେ ମଧ୍ୟ ଏହି ଗୀତ ବୋଲାଯାଏ ।

ଆଦିରସ ହେଉଛି 'ରସରକେଲି'ର ପ୍ରଧାନ ରସ । ସ୍ୱାର ନାମରେ 'ରସ' ଓ 'କେଲି' ଶବ୍ଦରୁ ହିଁ ଏହା କେଳୀଦୃଷ୍ଟି ଓ ରସୋତ୍ପତ୍ତି ହୋଇଥିବା କଥା ସୂଚାଇଥାଏ । 'ରସରକେଲୀ' ନୃତ୍ୟ ସମୟରେ ଗାୟିକା-ନର୍ତ୍ତକୀ ତାର ପ୍ରେମୋତ୍ସର୍ଗ ଭାବନାରେ ନିଜେ ଏକ କେଳୀପ୍ରବଣା ରସବତୀ 'ରତି' ପାଲଟିଯାଏ । ଗୀତର ସୁର ଓ ଭାବବ୍ୟଞ୍ଜନା, ଅଙ୍ଗଭଙ୍ଗୀ ବାଦ୍ୟର ଗୁଞ୍ଜନରେ ଦର୍ଶକ ପ୍ରାଣ ପ୍ରେମ-ବିଗଳିତ ହୋଇଉଠେ । ସାଧାରଣତଃ ଗଣ୍ଡା, ଘାସି, ଚମାର ଶ୍ରେଣୀର ବିବାହିତା ସ୍ତ୍ରୀମାନେ, ଅନେକସମୟ ମଦ୍ୟର ନିଶାରେ ଜର୍ଜରିତ ହୋଇ ଏହା ନାଚଥାନ୍ତି । ପ୍ରଥମେ ଚଳ ଚଳ ଗୀତ ଗୁଆଯାଏ । ସେତେବେଳେ ଢୋଲିଆ ନୃତ୍ୟାସ୍ପିତ ଭଙ୍ଗୀରେ ସାପ ଖେଳାଇଲା ପରି ନର୍ତ୍ତକୀର ଆଗରେ ମଧୁର ସୁରରେ ଢୋଲ ବଜାଏ । ତା'ପରେ ଗୀତ ଶେଷ ହେଲା ମାତ୍ରକେ ହଠାତ୍ ବାଦ୍ୟର ସ୍ୱର ଗର୍ଜିଉଠେ ଓ ନୃତ୍ୟ କ୍ଷିପ୍ରତର ହୋଇଉଠେ ।

—ରସର କେଲ୍ ବୋ
ରସର କେଲ୍ ବୋ
ବାଟେ ବାଟେ ଯାଉଥିଲ୍ ଭେଟିଲ୍ କୁଲ୍‌ହା
ଧୂଡ଼ ଝଣ୍ଡେ ବୁନ୍‌ଦେବୁ ଭୁଲିଆ
ମନାର ଫୁଲ୍‌ଆ ରସ ଝାଡ଼୍ ପଏସାରେ
ଝାଡ଼୍ ପଏସା, ଘିନ୍ ଖିର୍‌ସା
ମସ୍ତ୍‌ଡଲେ ବସା
ରସ ଝାଡ଼୍ ପଏସାରେ

Digitized by srujanika@gmail.com

— ରସରକେଲି ବୋ···
ଧାନ୍ ଢାଏଲ୍ କେସ୍ତ କେସ୍ତ ପକେଇଦେଲ୍ ନସ୍ତ
ନସ୍ତର ତଳେ ଥିଲ କବୋ ମଣ୍ଡିଆ କିଁକସ୍ତ
ମଣ୍ଡିଆ କଁକର ଝାଏଁ ବଲୁଛେ ଯିମି ଗୌନ୍ତ୍ୟାପସ୍ତ
ଗୌନ୍ତ୍ୟାଘରେ ବୁଢ଼ଅଛନ ଗାଏଗଣ୍ଡିଆ ଚନା
ଫାଲେ ଖାଇ ଫାଲେ ନ ଖାଇ ଚଲିଯିମି ପାଟନା
ଚନା ଗୁଟେ ଗୁବଦେଲେ କୁଟୁର କାଟୁର କରେ
ରାନ୍ଧ ଦେଲିଁ ଫୁଗ ତୁନ ନାଇକଗଲ ମନ
ସାନ୍ଧ ଦେଲିଁ ଦରତୁନ, ବାଏଗନ, କଣ୍ଡିଗଲ ମନ
ଚଷାର ମୂଲ୍କ ହସା ବୋ
ଚସାର କାଏଁ ସେ ରଖିଥିଲ ନେଇଗଲା ମୂଷା
ମୂଷା ଲୁସ୍କୁ ଲୁସାରେ
ନମ୍ମି ତୋର ଡେବ୍ଣ୍ଠି ଆଡ଼ର୍ ଖୁସା
ମୂଷା ଲୁସ୍କୁ ଲୁଷାରେ···

—ରଷର କେଲି ବୋ
ଧାନ ହୁଁଡ଼େ ସିଝାଇଲି ଗୁଟିଏ ଗୁଟେ ଝୁଡ଼ି
କେତେ ସୁନ୍ଦର ପାସ୍ତ ଯୁଡ଼େ ଯାଉଥିଲେ ହଡ଼ି
ଆସ ଆସ ପାଗ ମୁଡ଼ି ମୋର ପିଁଡ଼ାରେ ବସ
ପିଇବାକୁ ଦେବ ବୋ ମଣ୍ଡିଆର ରସ
ଖାଇବାକୁ ଦେବ କ ବୋ ମଣ୍ଡିଆ-ପଣସ
ଶୁଇବାକୁ ଦେବ କ ବୋ ଗାନ୍ଦ୍ରିଖଦ ଘର
ଢଲ୍ଢଲ୍ ଭିତରେ ପିଲ ମାଛ ମୁଡ଼ା ମୁଡ଼ା
ମାଛ ମାର ଝୋଲ୍ ଚିଆମି ନାଗର
ନେଇଯିମି ଯମଡ଼ା ରସ ଖଁସଣ ବସରେ···

—ରସର କେଲି ବୋ···ରସର କେଲି ବୋ···
ଭ ଡୁଲ୍ର ପାଣ ପିଲ ସେ ଡୁଲ୍ କେ ଗଲା
ଭୁଲଥିଲ ଚୀନାମାଲ୍ ଗଜର
ବଛର ପାଣ୍ଡୁଲା ରସ ଲଣ୍ଠ୍କ ବଧିରେ

Digitized by srujanika@gmail.com

—ରସର କେଲି ବୋ...
ଧାନ ହାଁଡ଼େ ସିଝାଇଲି ଗୁଟେ ଗୁଟେ ଖୁଡ଼ି
ସେ ପିଲକେ କହୁଥିଲି ଟିକ୍ଲି ବସା ଚୁଡ଼ି
ଟିକ୍ଲିବସା ଚୁଡ଼ି କି ବୋ ଖଙ୍ଗିଭୁଙ୍ଗି ଗଲା
ସମଲପୁର ଯାଇକରି ନାଗର
ନାଗର ବୋ ନାଗର ବୋ ନାଗର
ସମଲପୁର ଯାଇକରି ନାଗର
ଆଣିଦେବୁ ଭଲ ରସ...

—ରସର କେଲି ବୋ...
ନଦୀଆଲି ପାରେ କିବୋ ମାଁ ବାପ ଘର
ସୁନା ଦେମି ରୁପା ଦେମି ଡଂଗା ପାରିକର
ତୁମର ସୁନା ତୁମର ରୂପା ତୁମର ଘରେ ଥାଉ
ଭଡ଼ା ଦେମି ସୁଡ଼େ ବୁକା ଲେମ୍ବାଉ,
ଡଙ୍ଗା ଚଳିଯାଉ ରସ ଯା ଗୁଲିଯାରେ ।

ଏହି ଗୀତସବୁ ଆଦିରସ ପ୍ରଧାନ ହୋଇଥିଲେ ହେଁ ଏଥିରେ ତଦାନୀନ୍ତନ ସାମାଜିକ ଅର୍ଥନୈତିକ, ଧାର୍ମିକ, ବ୍ୟକ୍ତିକ ଜୀବନ ଓ ପରିବେଶର ଚିତ୍ର ପ୍ରତିଫଳିତ। ଉପରୋକ୍ତ କେତେଗୁଡ଼ିଏ ପଦରେ ଧାନ ଅମଳ, ଅତିଥି ଚର୍ଚ୍ଚା, ପ୍ରେମ, ସମସ୍ୟା ବଳବାନ, ବାପ-ମା ପ୍ରୀତି ଓ ପ୍ରେମର ପରାକାଷ୍ଠା ପ୍ରତିପାଦିତ। ଲୋକ ଯେଉଁଠି ଜନମ ନିଏ, ଯେଉଁସବୁକୁ ନେଇ ବଞ୍ଚେ, ସେସବୁକୁ ଲୋକଗୀତ ମଧ୍ୟରେ ସଞ୍ଚେ । ଚଷାର ମୂଳକ ହସା (ଚଷାର ସିକ୍ତ ହସ) ସାରା ପୃଥିବୀର ମୁହଁରେ ହସ ଖେଳାଇ ଦିଏ। ସେ ଫସଲ ଅମଳ ନ କଲେ ଯେ ସବୁ ସରିଯିବ। ଫସଲ ଓ ନିଜ ସ୍ତ୍ରୀ ବା ପ୍ରେମିକା ହେଉଛି ସମ୍ବଲପୁରୀ ଜାତିଙ୍କ ବିଶ୍ୱ ଲୋକଜୀବନର ମୂଳ ଉପଜୀବ୍ୟ ବସ୍ତୁ। ସେ ପେଟ ପାଇଁ ଫସଲ ଫଳାଏ। ନିଜ ପେଟ ସହ ନିଜ ସ୍ତ୍ରୀ, ଆତ୍ମୀୟ ସ୍ୱଜନ, ଦେଶ ଓ ବିଶ୍ୱର ପେଟ ଭରେ। କ୍ଳାନ୍ତି ଅପନୋଦନ ପାଇଁ, କାମ ପାଇଁ ନୂତନ ଶକ୍ତିର ସ୍ଫୁରଣ ପାଇଁ ସେ ବିଭିନ୍ନ ମନୋରଞ୍ଜନକାରୀ ଗୀତନୃତ୍ୟରେ ମାତେ। ଲୋକ ଦାର୍ଶନିକ ସମସ୍ୟା ସଚେତନ। ସମସ୍ୟାକୁ ନେଇ ତାର ବେହସା। ଏଣୁ ସମସ୍ୟାକୁ ଧରି ସେ ଚାଲେ, ସବୁ ଋତୁର ସହଗାମୀ। ଋତୁମତୀ ଧରିତ୍ରୀ ହେଉ କି ଋତୁମତୀ ସହଧର୍ମିଣୀ ହେଉ। ଏଣୁ ସମସ୍ୟରେ ଚୀନାମାଳୀ ଧାନ ଅମଳ ନ ହେଲେ ତାର ଦୁଃଖ। ଟିକ୍ଲିବସା ଚୁଡ଼ି ଆଣି ନ ଦେଲେ ରୋଷ। ଡଙ୍ଗା ଘାଟୁଆକୁ କି ଆପ୍ରାଣ ଶ୍ଳେଷ, ବକ୍ରୋକ୍ତି, ଦୁଇଟା ଲେମ୍ବାଉ (ସ୍ତନ) ପଛରେ ଭଡ଼ାରେ ନେଇ ବାପଘର ପହଞ୍ଚାଇ ଦେ।

Digitized by srujanika@gmail.com

ଜାଇଫୁଲ୍ —

—ଜାଇଫୁଲ୍‌ରେ ଆହ୍ଵା ମୋ'ର ଗିଲ୍‌ଠି ଗିନା
ବଦଲ୍ ଯଉଛେ ସ୍ଵଦର ଥାନା
ଜାଇଫୁଲ୍‌ରେ ସୁନା ମୁଦ୍ ନଅ ଚହ୍ନା' ।

—ଜାଇଫୁଲ୍‌ରେ ଆହ୍ଵା ମୋ ଚୁହ୍ନୁକୁଚୁପା
ତୋର ପଛ ଆଡ଼େ କାଏଁ ଗୁଚୁକା
ଜାଇ ଫୁଲ୍‌ରେ ବଲେଇ ମାରେ ହୁଚୁକା

ମାଏଲାଜଡ଼ି—

—ଜଡ଼କେ ନେଁତା ବରଗଡ଼ରେ
ମୋର ମାଏଲା ଜଡ଼
ଜଡ଼ର କଥା ଲଡ଼ବଡ଼ରେ
ମୋର୍ ମାଏଲା ଜଡ଼ ।

—ବ ଟେ ବ ଟେ ଗଲିଁ କବୋ ଭେଟିଲି କଙ୍କଡ଼ା
ସେ କଙ୍କଗ୍ ପଲେଇ ଗଲା ଗୌନ୍ତ୍ରିଆ ଘରର ଗଲି
ଗୌନ୍ତ୍ରିଆ ଘରେ ବୁନଥିଲେ ଗଏଗଡ଼ିଆ ଚନା
ବେଲେ ଖାଏଲେ ବେଲେ ନାଇଁ ପଲେଇ ଗଲା ପାଟନା
ପାଟନାର ବଡ଼ ଦେଉଳେ ବାଜୁଥିବା ବଜା
କାଏଁ ରସର କେଲ୍‌ଡରେ···

—ରସର କେଲ୍‌ବୋ ରସର କେଲ୍‌ବୋ
ଇ ଡୁଲିର ପାଣି ପିଲା ସେ ଡୁଲ୍‌କେ ଗଲା
ସେ ଡୁଲ୍‌କେ ଗଲା
କତରିଆ ବନ୍ଦରିଆ ଦେମି ବୋଲ୍‌ଥିଲା
ଏନ୍ତ ବୋଲି ଜ ନଥିଲେ ପିଲାଗା' ପିଲାଗା
ନାଇଁ ହେଇଥିଲ ବନ୍ଧ' ରସ, ଖଁସର ବସରେ ।

—ରସର କେଲବୋ ?
କଲା ଗାଈର ପେଟ ତଲେ ତେଲ୍‌ମଖା ଗିନା
ପୁଅ ହୋଇଥିଲେ କରେ ଦୁଲନା
ଝିଅ ହୋଇଥିଲେ କରେ ଦୁଲନା,
ଘର କଲା ଛୁନା ରସ ଖଁସର ବସରେ···

Digitized by srujanika@gmail.com

— ରସର କେଲ୍‌ବୋ ୨
ଧାନ ହାଁଡ଼େ ସିଝାଇଲ୍ ଗୁଟେ ଗୁଟେ ଗୁଡ଼ି
ଇ ପିଲାକେ ନହୁଁଲା ଟିକ୍‌ଲବସା ଚଢ଼ି
ଟିକ୍‌ଲବସ ଗୁଣ୍ଡ କବୋ ଘଙ୍ଗିରୁଟି ଯାଇ
ମାଆ ସଜ ଢଲେ କ ବୋ କୁଲରେ ବସାଇ
ବାପା ସଜ କନ୍ଦେ କ ବୋ ଭଲାଇ ଦୁଲାଇ
ଦଦା ସଜ କଲେ କ ବୋ କାନର କୁଣ୍ଡଲ
ବହୁ ସଜ କଲେ କ ବୋ ଅଖିର କଜଲ
ଅଖିର କଜଲ୍ କ ବୋ କ ଢ଼ ଦେଲେ ଯାଏଁ
କଥା, ଦଗାଢ଼ଆରେ···

—ରସର କେଲ୍ ବୋ ୨
ଇ ଡୁଲିର ଫାନ ପିଲା ସେ ଡୁଲିକେ ଗଲା
ସେ ଡୁଲିକେ ଗଲା
ବୁନ୍ଦଝଲ୍ ନେମାଲ ଗଜଲ୍ଲ
ବଛର ପ ହୁଲା ରସ ଖାଁସର ବସରେ···

—ରସର କେଲ୍ ବୋ ୨
ଅରେ, ସୁରୁ ସୁରୁ ଟେଙ୍ଗନ ମୋର ଜଡ଼ାଚେଲ ଭଜା
ଖାଇ ଜାନଥିଲୁ ପିଲା ଗୁହଗା
ଯର୍ ହୁର ହିଁଏ ମଜା
ରସ ଖସର ବସରେ···

—ଅରେ ଖାଲୁ ଯାରେ ଝାଲୁ ପଗ ପଗ ବୁଲୁ
ଯାହିଁ ଥିବୁ ଧାଙ୍ଗଡ଼ା ଛୁଢ଼ା ପିଲାଗା
ଖଙ୍ଗି ଦେମୁଁ ମେଲୁ ରସ ଲଟକି ବସରେ···

—ରସର କେଲ୍ ବୋ ୨
ବାଟେ ବାଟେ ଯାଉଥିଲ୍ ଭେଟିଲ୍ କୁଲଢ଼ା
ପଏସା ଅନେ ଦେରୁ କାଏଁରେ ଭୁଲିଆ
ମନ୍ଦାର ଚୁଲିଆ ରସ
ଖାଁସର ବସରେ···

Digitized by srujanika@gmail.com

—ରସରେ ରସନା ଗୁଆ ରସରେ ରସନା
ରସରେ ରସନା
ରସେ ରସେ ଭିଜାଇ ଦେଇଁ ଗୁଆଗା
ତୋହର ଦଶନା ରସ ଖଇର ବସରେ…
—ରସର କେଳି ବୋ,
ଏ…ଏ…ଏ…ଏ…
ତୋର୍ ପୁତୁଲି କନିଆଁକେ ମୋର୍ ପୁତୁଲିବର
ମୋର ପୁତୁଲି ବର
ଆମେ ଦୁହେଁ ଏକାହେଲେ ନନୀଗା
ଆମେ ଦୁହେଁ ଏକାହେଲେ ନନୀଗା
ନନୀଗା
କାଏଁ କରବେ ପର, ରସ ଖଇର ବସରେ…

'ଡାଲଖାଇ' ଗୀତ ଏକ ଆଡ଼େ ପ୍ରେମର ସର୍ବମୟତା ସ୍ୱୀକାର କଲାବେଳେ ଅନ୍ୟ ଆଡ଼େ ଜାଣିଛି ଯେ ଯୌବନର ସ୍ଥାୟିତ୍ୱ କ୍ଷଣକାଳୀନ । ମୁହଁରେ ବୟସ ଥିଲେ ସମସ୍ତେ ପଚାରନ୍ତି, କିନ୍ତୁ ମୁହଁର ଯୌବନର ଲାବଣ୍ୟଶ୍ରୀ ଖସିଗଲା ମାତ୍ରକେ ଝିଅକୁ ଆଉ କେହି ପଚାରନ୍ତି ନାହିଁ । ନାରୀର ଏହି ଦୁଃଖ, ଯାହା ଜୀବନସାରା ତାକୁ କୋରି ଖାଉଥାଏ । ସେଥିପ୍ରତି ମଧ୍ୟ ରସରକେଳିର ସହାନୁଭୂତି—

—ଆରେ ବାଡ଼ାଲର ଗଡ଼ ଗଡ଼ ବାଛୁଦେଲେ ଯିବ
ବାଛୁଦେଲେ ଯିବ
ମୁଖରୁ ବୟସ ଗଲେ ନନୀଗା, ନନୀଗା
କିଏ ପଚାରବ ରସ ଖଇର ବସରେ…

—ଆରେ ଘରଗୁଟେ ବନାଇଲି ଲମିଗଲା ବତା
ପରଭୁ ସାଙ୍ଗେ ଝାରକେ ଗଲି କେଭେ ନାହିଁ କଥା
ପରଭୁ ହେଲେ ନାଗସାପ, ମୁଇଁ ହେଲି ବେନୁଆଁ
ବେନୁଆଁର ସୁଣ୍ଡକୁଣ୍ଡ କୁନଲି ଧନିଆ ।
ଧନିଆଁ ଧନିଆଁ କହରଗଲା ବାଲୁତ କନିଆଁ
ନଳି, ଗଳି ଗଲାରେ…

ବ୍ୟଙ୍ଗ, ଶ୍ଳେଷ :

—ପରଲି ଡାଲ ଡାଲ କବୋ ବହା ଡାଲ ଡାଲ
ଭୁଲିଆ ଗା, ତୋର ବହେନ୍ କେ ଭୁଇ ରଖିଲୁ
ମୋର୍ କାଏଁ ଗଲା
ନଳି ଗଳି ଗଲାରେ…

Digitized by srujanika@gmail.com

—ରସରକେଲି ବୋ !
ବଲଦ୍ ହେଲେ ଘିଚା ଆନ୍‌ଲି ଦନ୍ଦ ଯାକର ଲାଲ
ତୁଇ ବଡ ମୁର୍ଖ ବଡ ଗୁଲାଁ ଯିମା ବର୍ଗଡ଼
କଣ୍ଟା ଟିପିରେ ଯେ ଯାଇ ବନାଇମା ଘର
ଘର ବୋଲି ସୁଇ ଦେମା ପୁରୁଣି ପଡର
ଆରେ ଜତ ବୋଲି ବନ୍ଧ ଦେମା ସିଁପୁର ଗୁଡ଼ଲ
ତୁକ୍ ବୋଲି ଖନ୍ଧ ଦେମା କଣ୍ଠାର ବଳିଆ
ତୁଲିଆଗା, ବରଗଡ଼ର ଟୁକେଲ୍‌ମାନେ ଆଂଜୁର ପାଞ୍ଜୁରି
ଆର୍ ପଛେ ପଛେ ଲମେଇ ଅନ୍ନା ତୁଲିଆ ଗା
ଛକୋର ଧାଙ୍ଗରୀ ନଲା ଗର୍ଜି ଗଲାରେ···

—ଆସ ଆସ ପାଗ୍ ମୁଣ୍ଡି ମୋର୍ କୁଲରେ ବସ
ଖାଇବାକୁ ଦେବ କ ବୋ ନାଗସାପ ବିଷ
ପିଇବାକୁ ଦେବ କବୋ ଗାଈର ଗୁରସ
ଆର୍ ଆଞ୍ଚିବାକୁ ଦେମି କବୋ ନଡ଼ିଆର ରସ
ଶୁଇବାକୁ ଦେମି କବୋ ଦନ୍‌ଦାନ ଭିତର
ଦନ୍‌ଦାନ ଭିତରେ କବୋ ମାଛ ମୁଡ଼ା ମୁଡ଼ା
ମାଛ ମାରି ଖେଳି ପିଆମି, ଗୁଲଯିବା ବାମଡ଼ା
ବାମଡ଼ାର ଟୁକେଲ୍‌ମାନେ ଆଞ୍ଜୁରି ପାଞ୍ଜୁରି
ପଛେ ପଛେ ଲମେଇ ଆନମି ଧନ ଗା
ଛକୋର ଧାଙ୍ଗରୀ ନଲା ଗର୍ଜି ଗଲାରେ···

—ରସରକେଲି ବୋ !
ଏତେ ବଡ ମହାନଦୀ ରେ କସ୍ତାଗଛ ନାହିଁ
କସ୍ତା ଖାଇ ବସୁନ୍ଧା ହେଲୁ ଟିକେ ଦୟା ନାହିଁ
କସ୍ତା ଖାଇ ବସୁନ୍ଧା ହେଲୁ ନାଗର, ନଂଗର
ଟିକେ ଦୟା ନାହିଁ, ରସ, ମାର୍ ଖଗ୍ରକୋରେ···

—ରସରକେଲି ବୋ
ଏକ ବାଉଁଶ କାଟିଗଲିଁ ଦୁଇ ବାଉଁଶ ପୁଲା
ପର୍‌ହୁର୍ ସାଲେ ଦେଖିଥିଲି ଚକନ୍ ଗୁକନ୍ ଥିଲା
ଏସୁର ସାଲେ ଦେଖିଲିଁ ବେଲେ ଢଆଁ ଚରି ଦେଲାରେ
ଲେଗେରେ ଲେଗା
ନଖକେ ନେବା ଡୁଙ୍ଗୁବଗ ରେ ଲେଗେରେ ଲେଗା···

Digitized by srujanika@gmail.com

—ରସରକେଲ୍ ବୋ
ଯାଇଥିଲି ହାଟକୁ ନ ପାଇଲି ଗୁର୍
ତୋତେ ଆନେ ପାଲିଜର ମୋତେ ଲାଗେ ଜର
ନନ୍ଦଗୋ, ଘୁଞ୍ଚିଦେଲୁ ତବାଘର
ଛଡ଼ାଇ ଦେଲ ଜରରେ 'ଖେଳେରେ ଖେଳେ
ନମୀର ମନ ଜାଣି ଦେଲେରେ
ଖେଳେରେ ଖେଳେ ‥

—ବାହାଲର କଏଣ୍ଟା ତାଲ, ଦୂରୁଁ ଦିଶେ ଲାଲ
ତାଲ ବୋଲି କୁଦିଗଲି ବହଲି
ଫାଟିଲା କପାଳ ରସ
ଖିଁସର ବସରେ···

—ଝସରକେଲ ବୋ ?
ଇ ତୁଳୁର ପାଣି ପିଲା ସେ ତୁଳ୍‌କେ ଗଲା
ସେ ତୁଳ୍‌କେ ଗଲା
ଛଡାଧଙ୍କ ପଁଚେଇମଙ୍କ କେଉଁବାଟେ ଗଲା
ବାଟେ ର ତୁଣ୍ଡୁଜା ଫଲ ଟୁଲି ଖାଉଥିଲା
ସେହି ଫଲ ଖାଉଁ ଖାଉଁରେ ଲଗିଗଲା ଲସି
କେଉଁ ବ ଟେ ସିବୁ କରେ ବିଦେଶୀ
ବିଦେଶୀ, ଲାଗେ ବାରମାସୀ ଚଷା
ମୂଲ୍‌କ ହଦାରେ···

—ଆହା, ରସରଟକେଲ ବୋ ?
ଆରେ ରସ, ଯରେ ରସ, ପାଚିଲା ପନସ
ଦେ ବଏଲେ କାହୁଁ ଦେମି ନାଗର
ତୋ ପର ମୁନୁଷ
ରସ ଖିଁଦର ବସରେ···

—ରସର କେଲ ବୋ ?
ପତର ଟୁଲି ଯା ବଏଲି, ଝୁଣ୍ଟିହିଟି ଗଲା
ମ ଛଦେଲା ଟେଙ୍ଗଣୀ ବୋ ଜର ଆନୁଥିଲା
ମେ.ବଉଲ, କୁରେଫୁଲ, ଯ.···ଚଲିଆ···

Digitized by srujanika@gmail.com

—ରସର କେଲି ବୋ ୨
ଆମ ଗଛ ଧଣ୍ଡ଼ା ଧାଣ୍ଡ଼ା ଜାମ ଚଛ ଛଡ଼ା
ଲଦର ଲଗାଇ କାନ୍ଧ୍ ନମାଗା, ନମାଗା
ଚଲିଲେ ମଥୁରା ରସ···

—ଧାନ୍ ଦ'ଟେଲି କେଉଁ କେଉଁ ପକାଇ ଦେଲି ନରେଇ
ବେଲାନକେ ଗାଧି ଆଏଁଲି ଝୁଲ୍ପ ଝାଉଁ ଝାଉଁ
ଦୁଇ ପଦରେ ବୁର ହେଲି ଆଡ଼୍ ସୁଉଁଡଆ ଭଉ
ବେଲବୁଡ଼େ ବୁଲୁଥିଲି ନମାଗା
ନମାଗା, ଲାଲ୍ ଗାମୁଛା ଧର ରସ
ଖଁସର ବସରେ···

—ରସର କେଲି ବୋ ୨
ବଟର ମହୁଲ କରେ ଢନ ଢନେ ଡୁମୁର
ହଡ଼ାଇ କର ବସେଇ ଦେଁଖ ନାଗର
ନାଗର, ଛୁଡ଼ି ଯାଏଚା ଝୁମ୍ରାରସ
ଖଁସର ବସରେ···

—ଶାଗଧୁଆ ଛଡନା କଦୋ ଶାଗ ଧୁଆ ଛଟନା
ଦୁଇ-ମୁଇଁ ପଲଇଯିମା ସଏଗଡ଼ ବସନା
ସଏଗଡ଼ ବସନା ଗଲେ କାଡ଼ା ଯେ ଖାଏମା
ହାତେ ଅଛେ ଜାଗମୁଦ ଭଂଜାଇ ଖାଏମା
ଖଁଦେ ଅଛେ ଲାଲ ଗାମଛା ନାଗର
ଦଶାଇ ଶୁଇମା ରସ ଖଁସର ବସରେ···

—ଏ···ଏ···ଏ···ଏ···
ନଆଲ୍ ମଲ୍ କେ ମୋର କେ ଦେଲା ଗୃହାଲ୍
କେ ଦେଲା ଗୃହାଲ୍
ପାନ ପାଏନେରେ ମଲ୍ ଯାଉଛେ ପାଉଁଲା ରସ
ଖଁସର ବସରେ···

—ରସରକେଲି ବୋ୨
କାଟିଗଲି ବକାବାଡ଼ି ଦେଖିଲି ହନୁମାନ
ଦେଖିଲି ହନୁମାନ

Digitized by srujanika@gmail.com

ଲେଖ କହିଲେ ଲେଖିଦେଇଛ ବାବୁଗା
ବାବୁଗା, ତୋ'ପର ଗାୟକ
ତୋ ପର ଗାୟକ ବ ବୁ
ଚକ ଜହ୍ନରେ···

- ରସରକେଲି ବୋ'
ବାଟର ବେହେଣ୍ଟ ଧନ ଫଳେ କେସ୍ କେସ୍
ଫଳେ କେସ୍ କେସ୍
କାହିଁଗଲା ସତେ ଧନ ଆଗର ଚେହେରା
ଆଗର ଚେହେରା
କାହିଁ ହେଲା ଯେ ବାବୁ ତମେ ଦଶୁଛ
ଦଣ୍ଡ ଧନମସ୍ତ ରସ ଖିଁଯର ବସରେ···

—ରସରକେଲି ବୋ'
ବାଟର ଭୁଭୁ'ଷି ଲଟା ଦା' ଥିଲେ ଦାଇଛ
ଦ'ଥିଲେ ଦାଇଛ
ତୋର ମିତାର ଢ଼ୁଁଡ଼ା ଥିଲେ ପିଲାଗା
ପିଲାଗା
ଡାକ୍ ଦେଲେ ଯାଏଛ ରସ
ଖିଁଯର ବସରେ···

—ରସରକେଲି ବୋ'
ଉପରୁ ପଗ୍ ଜୁନହାଁପ ହ୍ଲ ଲମ୍ବ ଇଲା ଡେ ର
ତେଲ କର ଶୁଇଥିବୁ ପିଲାଟା
ମାଟି ରଙ୍ଗା ଗ୍ରେର, ରସ ଖିଁଅନ୍ ବହରେ···

— ରସରକେଲି ବୋ'
ଆରେ, ବାନ୍ଧଥିଲ ମୁରବର୍ ନୁ ଖ ଇଦେଲା ଯୋକ
ଖାଇଦେଲା ପୋକ
ରୁମର ଘର୍ କେ କୁନୁଆଁ ଆଇଛେ ଧନଗା
ଶାଢ଼ୀ ଖଁଡ଼େ ନାଇଁ ଦେଲେ
କାଏଁ ବଲିବେ ଲୋକ ରସ ଖିଁଏର ବସରେ

*

Digitized by srujanika@gmail.com

କୈଶାବାଡ଼ି ନୃତ୍ୟ (ଡଗଡ଼ଗୋ)

—ବାଡ଼ି ନୃତ୍ୟର ପ୍ରଚଳନ ଭାରତରେ ବେଶୀ । ଭାରତର ପ୍ରତ୍ୟେକ ପ୍ରଦେଶ ଓ ପ୍ରତ୍ୟେକ ଜାତିରେ କୌଣସି ନା କୌଣସି ରୂପରେ ଏହାର ପ୍ରଚଳନ ରହିଛି । ସେ ଦଶହରା ମେଳଣର 'ଆଖଡ଼ା' ବା ମୋହର୍ରମ ପର୍ବର 'ଆଖଡ଼ା' ହେଉ କି ବରଯାତ୍ରୀ ସ୍ୱାଗତ ସମୟର 'ପରଘ' ହେଉ ହେଉ, ବାଡ଼ିନୃତ୍ୟରେ ଖେଳାଳୀମାନେ ତାଙ୍କର କୌଶଳ ପ୍ରଦର୍ଶନ କରିଥା'ନ୍ତି । ଏପରିକି ଭାରତୀୟ ପୋଲିସ, ମିଲିଟାରୀ ବାହିନୀରେ ମଧ୍ୟ 'ଲାଠି' ରୂପରେ ଏହାର ପ୍ରଚଳନ ଅଛି । ଏହା ମନୋରଞ୍ଜନ କୌଶଳ ପ୍ରଦର୍ଶନ ସଙ୍ଗେ ଆତ୍ମରକ୍ଷାର ମାଧ୍ୟମ ମଧ୍ୟ । ଲୁହା ପ୍ରଭୃତି ଧାତୁର ବ୍ୟବହାର ପୂର୍ବରୁ ଆଦିମ ମଣିଷ ଏହି ବାଡ଼ି ବା କାଷ୍ଠଦଣ୍ଡ ସାହାଯ୍ୟରେ ଆତ୍ମରକ୍ଷା କରିବା ସଙ୍ଗେ ସଙ୍ଗେ ଯୁଦ୍ଧ କରୁଥିଲା । ପ୍ରାଚୀନ ଯୁଦ୍ଧର ଏହା ସୁପ୍ରାଚୀନ ପାରଂପରିକ ପ୍ରତୀକ । ଭାରତରେ ବିଭିନ୍ନ ପ୍ରକାର ଦଣ୍ଡନୃତ୍ୟ ମଧ୍ୟରୁ ସମ୍ବଲପୁରର କୈଶାବାଡ଼ି ନୃତ୍ୟ ଅନ୍ୟତମ ।

ଗଉଡ଼, ଗଣ୍ଡ ତଥା ଭୁୟାଁ ଜାତି ମଧ୍ୟରେ ଏହାର ପ୍ରଚଳନ ଅଛି । ଏହା ଏକ ସାମୂହିକ ନୃତ୍ୟ । ଏଥିରେ ସ୍ତ୍ରୀମାନେ ଅଂଶ ଗ୍ରହଣ କରନ୍ତି ନାହିଁ । ଜଣେ ବା ଦୁଇଜଣ ମୁଖ୍ୟ ଗାୟକ ଗୀତ ଗାଇଲା ପରେ ଅନ୍ୟମାନେ ଏହାର ପୁନରାବୃତ୍ତି କରନ୍ତି ଓ ଗୋଲାକାର ଚକରେ ବିଭିନ୍ନ ଶୈଳୀରେ ବାଡ଼ିକୁ ବାଡ଼ିକୁ ବଜାଇ ଘୂରି ଘୂରି ନାଚନ୍ତି । ଏହି ବାଡ଼ିର ଲମ୍ବ ପ୍ରାୟ ୨ ଫୁଟ । ପୌଷ ପୂର୍ଣ୍ଣିମା ଅବସରରେ ଏପ୍ରକାର ନାଚରେ ଯେଉଁ ଫୁଟିକିଆ ବାଉଁଶ ବା କାଠବାଡ଼ି ବ୍ୟବହୃତ ହୁଏ ତାକୁ "ଡାଁଙ୍ଗା ଖେଳିବା" କହନ୍ତି । ଯୁବକମାନେ ଘର ଘର ଯାଇ ଅଗଣାରେ ଏହି ନୃତ୍ୟ କରନ୍ତି ଓ ଛେଉଁଛେରା ବା ପୌଷମାସିଆ ଦକ୍ଷିଣା ନିଅନ୍ତି । ବିଶେଷତଃ 'ଡ଼ଡ଼ା' ନୃତ୍ୟରେ କୌଣସି ବାଜା ବାଜେ ନାହିଁ । ପ୍ରାଚୀନ ଲୋକକବିଙ୍କ ରଚିତ ଗୀତ ବିଶେଷତଃ ରାଧାକୃଷ୍ଣ ପ୍ରେମ ଲୀଳା ଗୀତ ଏହାର ମୂଳ ଉପଜୀବ୍ୟ । ଗୀତ ମଝିରେ ମଝିରେ—କୈଶାକୋ ଯାରଙ୍ଗି ଯା "ବୋଲି ଏମାନେ ନୃତ୍ୟ ମୁଦ୍ରା ବଦଳାନ୍ତି ।

କାର୍ତ୍ତିକ ମାସରେ ଗଉଡ଼ମାନେ ବାଡ଼ି ପୂଜା କରି ଦୀପାବଳୀ ଉପଲକ୍ଷେ ଦକ୍ଷିଣା ସଂଗ୍ରହ କରିବାକୁ କରୁଥିବା ନୃତ୍ୟର ନାଁ ଡଗଡ଼ଗୋ । ଏଥିରେ କେବଳ ଗଉଡ଼ମାନେ ଅଂଶ ଗ୍ରହଣ କରନ୍ତି । ବିଶେଷତଃ କେନ୍ଦୁଝରର କଳାରଂଗର ବାଡ଼ିରେ ଏହି ନୃତ୍ୟ

Digitized by srujanika@gmail.com

ହୋଇଥାଏ । ବାଡ଼ିରେ ବଣୁଆ ଲତାରେ ବିଭିନ୍ନ ପ୍ରକାର ମୁଦ ପିନ୍ଧା ଯାଇଥାଏ । ଏହାକୁ 'ପଏଁକେରା' କହନ୍ତି । ଏଥିରେ କେବଳ ଢୋଲ ଓ ମହୁରି ବାଜେ । ଗହଡ଼ମାନେ ଜଣେ ବଇଁଶୀ ବା ଖଲୁ ବଇଁଶୀ (ବଡ଼ ବଇଁଶୀ) ବଜାନ୍ତି ।

ଗହଡ଼ମାନେ ଅଣ୍ଟା, ହାତ, ବାହୁରେ 'ଘୁଲ୍‌ଦୁଲ୍' (ଘୁଙ୍ଗୁର) ମାଳ ବାନ୍ଧିଥାନ୍ତି । ମୁଣ୍ଡରେ ପଗଡ଼ି । ପଗଡ଼ିରେ ମୟୂର ଚୂଳ । ଅଣ୍ଟାରେ ମଧ୍ୟ କଉଡ଼ିମାଳ ଥାଏ । ବିଭିନ୍ନ ଲୁଗାକୁ ଏମାନେ ଲେଙ୍ଗୁଟି କରି ପିନ୍ଧିଥାନ୍ତି । ପିଠିରେ ମୟୂରପକ୍ଷୀର ଚାଅଁର ପଙ୍ଖା ବାନ୍ଧିଥାନ୍ତି ଏହି ନୃତ୍ୟ ବେଳେ ସାଧାରଣତଃ ସେମାନେ ମଦ୍ୟପାନ କରିଥାନ୍ତି । ଏଥିରେ ଗୀତ ବଦଳରେ 'ଦୋହା' ବୋଲା ଯାଇଥାଏ । ଏହାର ଭାଷା ବିଶେଷକରି ଲରିଆ ବା ଛତିଶଗଡ଼ୀ ହୋଇଥାଏ । ଦୋହା ମାରିବା ପୂର୍ବରୁ—ହରେ ରାମ ହୋ ବୋଲି କରିଥାନ୍ତି । ଜଣେ ଆରମ୍ଭ କଲା ମାତ୍ରକେ ସମସ୍ତେ 'ହୁହା' ଏକା ସଙ୍ଗେ ବୋଲିଥାନ୍ତି । ତା'ପରେ 'ହୁହା' ସରିଲାମାତ୍ରକେ 'ଡ଼ଗ୍‌ଡ଼ଗ୍‌ଡଗ୍ ଡଗଡ଼ଗୋ' ବୋଲି ଢୋଲ ବଜା ହେଠିବା ସଙ୍ଗେ ସଙ୍ଗେ ଏମାନଙ୍କ ସାମୂହିକ ନୃତ୍ୟ ଆରମ୍ଭ ହୋଇଥାଏ । ଦୁଇଟା ବାଡ଼ିକୁ ଦୁଇ ହାତରେ ଧରି ଏମାନେ ବିଭିନ୍ନ ଭଙ୍ଗିରେ ଅଙ୍ଗ ପ୍ରଦର୍ଶନ କରି ନାଚିଥାନ୍ତି । ସାଙ୍ଗରେ ଜଣେ ସାବୁଆ ଥାଏ । ଯାହା ଘରେ ଯାନ୍ତି ମିଳେ ଧାନ, ଗୁଡ଼ାଳ, ପଇସା ଯେସବୁ ସାବରେ ରଖାଯାଏ । ସାଧାରଣତଃ ଏହି ଦୋହାଗୁଡ଼ିକ ଶ୍ଳେଷାତ୍ମକ ।

ଦୀପାବଳୀର ପୂର୍ବଦିନ ଏହି ନୃତ୍ୟ ଶେଷ ହୁଏ । ଗହଡ଼ମାନେ ବାଡ଼ିପୂଜା କରନ୍ତି । ଏହି ବାଡ଼ି ବାଳକୃଷ୍ଣଙ୍କ ପ୍ରତୀକ । ପୁନଶ୍ଚ ଏହି ବାଡ଼ିର ଗୁରୁତ୍ୱ ସେମାନଙ୍କ ଗୋ-ଚାରଣ ଅଧିକାରରେ ସର୍ବାଧିକ । ପୂଜାବେଳେ ବାଡ଼ିରେ ସିନ୍ଦୂର ଲଗାଯାଏ । ରାଖି, ବ୍ରତ ବନ୍ଧାଯାଏ ଓ ସେମାନଙ୍କ ନବ ବର୍ଷର ପ୍ରାରମ୍ଭ ହୁଏ ।

—ହରେ ରାମ୍ ହୋ
ଯାଇଥିଲି ବନ୍‌କେ ପାଇଥିଲି କେନ୍ଦୁ
ଆଉ ଗୌନ୍ତ୍ୟାଘରେ ଧାନ ମୁଠେ ନଦିଁଦେଲେ
ଜାନ୍ ନ ବାଁଚେ ହୋ···ଡ଼ଗ୍ ଡ଼ଗ୍ ଡ଼ଗ୍
ଡ଼ଗ୍ ଡ଼ଗେ, ଡ଼ଗ୍ ଡ଼ଗ୍ ଡ଼ଗ୍ ଡ଼ଗ୍ ଡ଼ଗୋ

ଗହଡ଼ମାନଙ୍କ ଜୀବନ ଏକ ବିରବୁଲା ଜୀବନ । "ଘରେ ନ ରହନ୍ତି ଗହଡ଼େ ବଡ଼ ଅଧମ ଜାତି, ଘେନି ଗୋରୁ ପଲ ବାନ୍ଧେ, ବନେ ଭ୍ରମନ୍ତି ନିତି" । ଗୋଧନ ହିଁ ସେମାନଙ୍କ ମୂଳ ଧନ । ଗୋରୁ ଚରାଇବା ହିଁ ସେମାନଙ୍କ ମୂଳ ଜୀବିକା । ନୂଆଁ ଗାଈଟାଏ ପାଇଲେ ତାଙ୍କର କି ସୁଖ । ସେଥିରେ 'ଲର୍କା' ବା କାଠ ଘଣ୍ଟି କାଟିଏ ବାନ୍ଧିଲେ ବି ଆନନ୍ଦ—

Digitized by srujanika@gmail.com

—ହରେ ରମ ହୋ
ସେତାକେ କାଏଁ ବଲସନ୍, ବଁଧ ତଲର କଦୋ
ନୂଆ ଗାଏକେ ନୂଆଁ ଲରକା
ଘୁମୁର୍ ଘୁମୁର୍ ବାଜେ…

ଜଙ୍ଗଲ ଏମାନଙ୍କର ଘର । କୃଷ୍ଣ ଏମାନଙ୍କର ଗୁରୁ । ଦେବକୀ ଏମାନଙ୍କର ମାତା—

—ହରେ ରମ୍ ହୋ
କୋନ୍ ତେର ମାଁ ବପ୍, କୋନ୍ ତୋର୍ ଗୁରୁ ?
ଦେବକୀ ଆମର୍ ମାଁ, ମହାପୁରୁ ଆମର୍ ଗୁରୁ ହୋ
ଡ଼ଗ୍…ଡ଼ଗ୍ ଡଗ୍…ଡ଼ଗ୍ଡ଼ଗୋ…

ଗୋପପୁର ଏମାନଙ୍କ ଆରାଧ୍ୟ ପୀଠ । ଏମାନେ ବ୍ୟବହାର କରୁଥିବା ବଂଶୀ, ବାହାଟି ପ୍ରଭୃତି ମଧ୍ୟ ଭଗବାନ ଶ୍ରୀକୃଷ୍ଣ ପ୍ରଦାନ କରିଛନ୍ତି ସେମାନଙ୍କୁ—

—ହରେ ରମ୍ ହୋ
ଗୋପ୍ପୁରମେ ଗୋ ଜନମ୍, ମଥୁରା ପୁରମେ ରହାଣ୍ଟି
କେନୁ ଆନ୍ଲୁ ତୋର୍ ବେନୁ ବଇଁଶୀ
କଏ ଦେଲା ତେତେ ବାହାଁଟି ?

—ହର ରମ ହୋ
ଗୋପ୍ପୁର ମେ ଗୋ ଜନମ୍, ମଥୁରା ପୁରମେ ରହାଣ୍ଟି
ପାର୍ବତୀ ଦେଲେ ଶଁଟି ଘଘଡ଼ି, ମାହାପ୍ରଭୁ ଦେଲେ ବାହଁଟି

ଏମାନେ ଗୋପପୁରକୁ ଗାଈମାନଙ୍କର ଜନ୍ମପୀଠ ମନେକରନ୍ତି । ତା'ଛଡ଼ା କୃଷ୍ଣ, ଶ୍ରୀକୃଷ୍ଣ ଓ ଇଶ୍ୱର, ମଧ୍ୟରେ ଏମାନେ କୌଣସି ପାର୍ଥକ୍ୟ ମନେକରନ୍ତି ନାହିଁ । ଯେ କୃଷ୍ଣ ସେ ମହାଦେବ । ଯେ ମାଁ ଦେବକୀ, ସେ ମାଁ ପାର୍ବତୀ ।

ଦିନସାରା ଜଙ୍ଗଲ ଜଙ୍ଗଲ ବୁଲି ସନ୍ଧ୍ୟାରେ ଘରକୁ ଫେରିଲା ବେଳେ ଯୁବତୀ ସ୍ତ୍ରୀ ମୁହଁରୁଷା ହୋଇ ବସିଥାଏ । ତାକୁ ଦେଖିଲେ ଖିଙ୍କାର ହଠେ । ଦାମ୍ପତ୍ୟ ଜୀବନର ଏହି ମଧୁର ଛନ୍ଦରେ ଡଗ୍ଡ଼ଗୋ ଭରପୂର ।

—ହରେ ରମ୍ ହୋ
ଯଇଥିଲି ଗାଏ ଚରାଇ ପାଇଥିଲି ଖଟ୍କୁରା
ଆଏଲି କି ନା ଆଏଲି ମୋର୍ ମାଏଚି କଏଲା ଅଁଟ୍କୁରା ହୋ… …

Digitized by srujanika@gmail.com

ଏ ଗୀତରେ ବ୍ୟଙ୍ଗ, ଶ୍ଳେଷ ମଧ୍ୟ ପୂର୍ଣ୍ଣ ରହିଛି । ଗାଁ ଝିଅମାନଙ୍କୁ ବ୍ୟଙ୍ଗ କରି କହନ୍ତ ଗାଏ—

—ରସ୍ୱମ୍ ହୋ
ଯାଇଥିଲି ଗାଏ ଚରେଇ ପ ଇଥିଲି ଢଂକ୍ର
ଯେତେ ଟୁକେଲ୍‌ମାନେ ଛେଲ ମେଢ଼ି
ମୁଇଁ ହେଉଛେଁ ଗର୍ଗ ହୋ···

ଏମାନଙ୍କ ପ୍ରଧାନ ପର୍ବ ଦିଆଲି (ଦୀପାବଳୀ) ସମ୍ପର୍କରେ ଏମାନେ କହନ୍ତି ।

— ହରେ ରମ୍ ହୋ
ଫୁଲ୍‌ଟେ ଫୁଟିଛେ ତ ହାକେ କ.ଏ କହେସନ୍ ଦିଆଲି
ବଛର ଦନେ ଢହାର ଆଇଛେ
ନାଚ ରଇଛେ ଦିଆଲି ହୋ···

ଏମାନଙ୍କ ବ୍ୟଙ୍ଗବାଣରୁ ମହାପୁରୁ ମଧ୍ୟ ବାଦ ପଡ଼ନ୍ତି ନାହିଁ ।

—ହରେ ରାମ୍ ହୋ!
କଏ କହେସି କୁଲେଲ୍ କୁଲେଲ୍ କଏ କହେସି ଚୁରିଆ
ମହାପୁରୁ ତ ତାଁକର୍ ମାଇଁକେ
କରୁଥିଲେ ବାଟେ ହରିଆ ହୋ···

—କଏ କହେସି ଗୁନ୍ଦଲି, ପିଆଜ୍, କଏ କହେସି ଢିଇକ
ମାହାପୁରୁ ବାଟେ ତାର୍ ମାଇଁକେ
ମାରୁଥିଲେ ବାରୁ ଧୂଇଲ୍ ହୋ···

ଏମାନେ ଧନ ସଞ୍ଚୟରେ ବିଶ୍ୱାସ ନ କରି ଧନ ଉପଭୋଗରେ ବିଶ୍ୱାସ କରନ୍ତି । ଏକ ନଅସ୍ର ଅର୍ଥନୀତିର ସ୍ୱରୂପ ଏମାନଙ୍କ ଗୀତରେ ମିଳେ । ଏ ଥର ଭଲ ଫସଲ ହେଉଛି । ଖେତରେ ମାଛ ଭଲ ଚଢ଼ିଛନ୍ତି । ସେତେବେଳେ ଗାଁ—ଝିଅର ଖଲି ପାଦଟା ଅସ୍ଥିର ହୁଏ ।

—ହରେ ରାମ୍ ହୋ
ଏଥର୍ ସାଲେ ସମିଆଁ ସୁକାଲ୍ ବହୁତ୍ ଚଘିଛେ ବଏଁଶ
ଇ ଗାଁର ଟୁକେଲ୍‌ମାନେ
କହେ ନ ପିନ୍ଧି ପଏଁଶ ହୋ···

ଏମାନଙ୍କ "ଢଗ୍‌ଡ଼ଗୋ ନୃତ୍ୟର ପ୍ରଧାନ ବାଦକ ଢୋଲିଆ, "ବୁଲିଆ ବୁଢ଼ା" ମଧ୍ୟ ଏମାନଙ୍କ ବ୍ୟଙ୍ଗରୁ ଛାଡ଼ ପାଏ ନାହିଁ—

Digitized by srujanika@gmail.com

—ହରେ ରାମ୍ ହୋ
ଶୋଲ୍ ତ ଶୋଲ୍ ହୋ ମହାନଏଦ୍‌କେ ଶୋଲ୍
ତୁଲ୍‌ଆ ବୁଢ଼ାକେ ବାନ୍ଧ୍ ବୁହୁ ନେଲା
କଏ ବଜାବା ଢୋଲ୍ ହୋ ··

'ସାହୁକାର' ଘରକୁ ନାଚିବାକୁ ଗଲେ, ସେମାନଙ୍କଠୁ ଭଲ ଦକ୍ଷିଣା ପାଇବାକୁ ମଧ୍ୟ ଏମାନେ କୌଣସି ପ୍ରକାରେ ଛାଡ଼ନ୍ତି ନାହିଁ—

—ହରେ ରାମ୍ ହୋ
ସେଠାକେ କାଏଁ ବଲ୍‌ସନ ବୁହୁଁ ଚଆ
ମୋର ଗଭର ଗୁପିଆଁ ଆଛନ୍ ବୁହୁଁ ଚଆ
ମୋର ଗୁପିଆଁ ଡାଲ୍‌ଛନ୍ ଢକଆ···

—ହରେ ରାମ୍ ହୋ
ଗିନା ତ ଗିନା ହୋ କଁସାର ମେଁ ଗିନା
ପଏସା ବୁଏର୍ନା ଧୂନ୍ତ ଖଣ୍ଡେ ଦେଲେ
ଯୁଗ ଯୁଗ ରହେବା ଚହ୍ନା ହୋ···

—ହରେ ରାମ୍ ହୋ
ଘର ତ ଘର ହୋ ଲଆ ଛଡ଼ା ମେଁ ଘର
ଆଉର୍ ପଏସା ବୁଏନା ଧ୍ନ୍ତ ଖଣ୍ଡେ ଦେଲେ
ତୋର୍ ଘର୍ ନାହିଁ ଥିର ହୋ···

—ଶର ରାମ୍ ହୋ
ଗାଏର ସିଂଘ୍ ଗୁଲା ଗୁଲା, ଭଏଁଶୀ କେ ସିଂଘ୍ ଚେପ୍‌ଟା
ଆଘ ଦେବୁ ଧାନ୍ କୁଲା
ପଛେ ଦେବୁ ଚେର୍ ମାଝିର କପ୍‌ଟା ହୋ···

—ହରେ ରାମ୍ ହୋ
ଗିଲ୍ ତ ଗିଲ୍ ହୋ ମହାନଏଦ୍ କେ ଗିଲ୍
ମୋର୍ ସହାକାର ଘରେ ବଡ଼ା ପିଠାଖିଆ
ଦୁଆର, ମେଁ ରଖିଛନ୍ ଗିଲ୍ ହୋ···

Digitized by srujanika@gmail.com

—ହରେ ରାମ୍ ହୋ
ଇତାକେ ଢାଏଁ ବଲ୍‌ଅନ ବାହ୍ମାଲର କୁତ୍ରସି
ମୋର୍ ଦଦା ଦେମି ବଲୁଛେ
ମୋର୍ ବନ୍ଧୁ ବଡ଼ା ଚତ୍ରସି ହୋ···

—ହରେ ରାମ୍ ହୋ
ଟେଁକଥି କାଣା କୁଟସାନ୍, ତାହ୍ମାକେ ବଲସନ୍ ଚୁନା
ଯାହ୍ମାର୍ ନାକେ ଅଛେ ଛତର୍ ଗୁନା
ତାହ୍ମାକେ କାଁଏ ଭନା ହୋ···

—ହରେ ରାମ୍ ହୋ
କାଏ ବଲୁଛେ ଲଭ, ଡୁଁଡ଼କା, କାଏ ବଲୁଲେ ଜହ୍ନି
ବାଟ୍ ଦୁଆରେ ଡୁଙ୍ଗି ଦେଖୁଛେ
ପୁଟ୍‌କି ଗାଲ୍ଭି ନମା ହୋ···

ଗଭଡ଼ମାନେ ମଧ୍ୟ ଦୁଇ ଦଳ ଭେଟ ପଡ଼ିଲେ ପ୍ରତିଯୋଗିତା ସ୍ପର୍ଦ୍ଧା କରିଥାନ୍ତି—

—ହରେ ରାମ୍ ହୋ
ସାହାନ୍ ପାଟି ପାଟି କହୋ ରେଙ୍ଗାଲ୍ ପାଟି ପାଟି
ଗହର୍-ଗହର୍ ଭେଁଟ୍ ପଡ଼ିଛନ୍
ଝଁଡ଼ଇ ଦେମୁଁ ଦାନ୍ତ ପାଟି ହୋ···

—ହରେ ରାମ୍ ହୋ
କାଏ କହେସି କାହାଲି, କାହାଲି, କାଏ କହେସି ପିଲା
ଆମର୍ ସଙ୍ଗେ ନାଇଁ ଲାଗ୍‌ବ
ରକତେ ମାଖ୍‌ମୁଁ ଟିକା ହେ···

'ଡଗ୍‌ଡଗୋ'ରେ ସ୍ୱାଗତବାଦ—

—ହରେ ରାମ୍ ହୋ
କାକର୍ କରମେ ଖାଜ ଭୁଁଟା, କାକର୍ କର୍‌ମେ ସାରୁ
କାକର୍ କର୍‌ମେ ବୁଦୁର ଶାଗ
ଖୁଜାଇ ଖୁଜାଇ ମରୁ ହୋ···

Digitized by srujanika@gmail.com

ଗଉଡ଼ମାନେ ସମଲେଶ୍ୱରୀଙ୍କୁ ଅଧିଷ୍ଠାତ୍ରୀ ଦେବୀ ବୋଲି ତାଙ୍କ ପୂଜା କରିଥାନ୍ତି—

—ହରେ ରାମ୍ ହୋ
ପାନ ମାରେ ଫୁଲ କହେ। ପାନମାରେ ଫୁଲ
ଆଉର୍ ରାମ୍‌ଚଣ୍ଡିକେ ବନ୍ଦଥିଲି, ଛ'କୋର୍ ଘୁଲ୍‌ଘୁଲ୍ ।

ଉଗ୍ରଡ଼ଗୋରେ ରହସ୍ୟବାଦ—
—ହରେ ରାମ୍ ହୋ
ଏପାର୍ ନଦୀ, ଓପାର୍ ନଦୀ, ବିଚ୍‌ମେ କଦମ୍ କେ ରୁଖ୍
ସାସୁଆ ଗଇ ପାରନ୍ ହେଁ
ହେଲେ କେ ବଡ଼ା ଦୁଖ୍ ହୋ···

—ହରେ ରାମ୍ ହୋ
ମାଟିବେ ମୁଣ୍ଡୁକେଲି ଖୁଁଟିକେ ଦୁଇ ସିଂଗ୍
ଗୃଷ୍ଟି ଗେ ଡ଼ମେ ରସିଲଗେ
ଘିଚେ ଫର୍ଲିନ୍ ଗ୍ରାମ ହୋ···

—ହାତୀ ବୁଡେ ଗଦ୍‌ବଦ୍ ଗାଦ୍‌ବଦ୍, ଖାଏ ବଙ୍ଗଲି ପାନ୍
ଇନ୍ଦର ରଜା ବର୍ଷା ନକଲେ
ଟେକେ ମଞ୍ଜୁର୍ ଝାଲ୍ ହୋ···

ଏହି ଗୀତମାନଙ୍କୁ ଗଉଡ଼ମାନଙ୍କ ପୂର୍ବ ପୁରୁଷ ନାଗନ୍ଧ-ଗାଗରି-ଆଲହଦ୍ ଓ ବାବେ ସବନ', ଲୁଇ ରାଉତ୍‌ର ଗୀତ ବୋଲି ମଧ୍ୟ କୁହାଯାଇଥାଏ ।

କୈସାବାଡ଼ିରେ ବିଭିନ୍ନ ଛନ୍ଦ ପୂରଣର ଗୀତ ଗାୟନ କରାଯାଇଥାଏ । ରାଜ ରାମ-ଦେଗରେ ଲିଖିତ ମଥୁରା ମଙ୍ଗଳର 'କଲା କାଳେବର କହ୍ନାଇ ସଙ୍ଗେ ରୋହିଣୀ ସୁତ, ଚଲନ୍ତି ମଥୁରା ବଳଦ୍ଧି ଦାଣ୍ଡେ-ଦେଖି ସଙ୍ଗତ' କୈଶାବାଡ଼ି ବା ଡଣ୍ଡାର ଏକ ଲୋକପ୍ରିୟ ଗୀତ । ଅଧିକାଂଶ ଗୀତ କୃଷ୍ଣଭକ୍ତି ମୂଳକ ।

Digitized by srujanika@gmail.com

ଡାଲ ପତରଆ

ସମ୍ବଲପୁର ଜିଲ୍ଲାର ପଶ୍ଚିମାଂଶରେ ଥିବା ବୋଡ଼ାସମ୍ବର ପଦ୍ମପୁର ଅଞ୍ଚଳରେ 'ଡାଲ୍ ପତରଆ' ନାମକ ଏକ ଲୋକଗୀତର ପ୍ରଚଳନ ଦେଖିବାକୁ ମିଳେ । ଏହି ଲୋକଗୀତଟି ଆଦିରସ ପ୍ରଧାନ । ପ୍ରାୟ ଅଧିକାଂଶ ଲୋକଗୀତ ଆଦିରସାତ୍ମକ ହୋଇଥାଏ । ଆଦିରସ ପୃଥିବୀର ସର୍ବପ୍ରଥମ ରସ; ଏଣୁ ପୃଥିବୀର ସର୍ବପ୍ରଥମ ଆଦି-ଗୀତ । ଲୋକଗୀତ ମଧ୍ୟ ଏହି ରସକୁ ଗ୍ରହଣ କରିଛି । ଆଦିରସାପ୍ଳୁତ ଲୋକଗୀତର ତାଳ-ପ୍ରତାଳରେ ସାରା ବିଶ୍ୱ ବ୍ରହ୍ମାଣ୍ଡର ଚନ୍ଦର ଫୁଲ ଉଙ୍କି ଉଠିଛି, ଏବଂ ଆଦିବାସୀ-ମାନେ ହିଁ ପ୍ରଥମ ଲୋକ କବି । ଲୋକ ସାହିତ୍ୟ ହେଉଛି ମଣିଷ ଜାତିର ଆତ୍ମଲିପି । ମଣିଷ ଜୀବନର ଏକ ଖୋଲା ହୃଦୟ....ଏକ ଚଳନ୍ତ ଜୟଯାତ୍ରା—

ଡଃ ଶ୍ୟାମ ପରମାର କହିଛନ୍ତି—It is through the words of folk-songs that we screen the minds of the society, which loves to keep centuries old milieu vea certain motifs and sentiments of the folklorist's sphere. Though concious about the fast changing world around the society, in a way, is more rigid in the inner folds of its thought process. Change do occur in respect of values affecting economic life, but not in the very roots of human emotions that are knitted with ritualistic and trditional things. The stylistic behaviour of the elements of of the interdependent relationship in folklores hardly vanish unless a devastation of a big amount of any civilization takes place or at least, a bulk of human habitants merger into population of a different setting. ✻ ଲୋକଗୀତ ହେଉଛି ଜନମାନସର ସ୍ୱଚ୍ଛନ୍ଦ ଆତ୍ମପ୍ରକାଶ ।

---

* *Folksongs of Madhya Pradesh* : *Dr. Shyam Paramar, National Book Trust, India*

✻

Digitized by srujanika@gmail.com

ଏହି ଅଞ୍ଚଳରେ ଥିବା ବିଭିନ୍ନ ଆଦିବାସୀ ସମ୍ପ୍ରଦାୟ, ବିଶେଷତଃ ବିଂଝାଲ-ମାନଙ୍କର ପ୍ରାଚୀନ ସାହିତ୍ୟରେ ଉଲ୍ଲେଖ ନାହିଁ । ବିଂଝାଲମାନେ ଶବର, ଗଣ୍ଡ ଆଦିଙ୍କ ସଙ୍ଗେ ଉତ୍ତର ଭାରତରୁ ଛତିଶଗଡ଼ ବାଟେ ସମ୍ବଲପୁର ଅଞ୍ଚଳରେ ପ୍ରବେଶ କରିଥିଲେ । ସମ୍ଭବତଃ 'ବିନ୍ଧ୍ୟାଳୟ' ଶବ୍ଦରୁ ବିଂଝାଲ ଶବ୍ଦ ନିଷ୍ପନ୍ନ । ଏମାନେ ଦ୍ରାବିଡ଼ ଜାତୀୟ । ନୃସିଂହ ମହାତ୍ମ୍ୟ ଗ୍ରନ୍ଥ ପ୍ରଣେତା ୰ ଲକ୍ଷ୍ମଣ ମିଶ୍ର ବୋଡ଼ାସମ୍ବର ରାଜବଂଶର ସ୍ଥାପୟିତା ବାର ଭାଇଙ୍କୁ 'ବେଣ୍ଟକାର' ବୋଲି ବର୍ଣ୍ଣନା କରିଅଛନ୍ତି । ଏହି ରାଜବଂଶ ବିଂଝାଲ । ଏମାନେ ଆଗ ଭୂୟାଁ ଥିଲେ ଓ ପରେ ବାରଭାଇ ବେଣ୍ଟକାର ଶବର—ଲୁହାର ଘରେ ଜଳ ସ୍ପର୍ଶ କରି ବିଂଝାଲ ଜାତିରେ ପରିଣତ ହୋଇଥିଲେ । ବୋଡ଼ାସମ୍ବରର ରାଜା ବିଂଝାଲମାନଙ୍କର ରାଜ ପ୍ରତିନିଧି ଏବଂ ପାଟଣାର ମୁକୁଟଦାତା ପାଟବରିହା ରୂପେ ନିଜର ଉଚ୍ଚତା ପ୍ରତିପାଦନ କରିଥିଲେ । ✲

ବିଂଝାଲମାନଙ୍କ ଭିତରେ ଏ 'ଡାଲ ପତରିଆ'ର ପ୍ରଚଳନ ସର୍ବାଧିକ । ଆଗେ ଧାଂଗଡ଼ା-ଧାଂଗଡ଼ିମାନେ ଜଙ୍ଗଲକୁ ଯାଇ ଏହି ଗୀତ ଗାଇ ଗାଇ ପ୍ରେମାଳାପ କରୁଥିଲେ । ତେଣୁ ଏହାର ନାମ 'ଡାଲ ପତରିଆ' । ଗୀତର ସମ୍ପ୍ରେଷଣିୟତା, ଆବେଦନ ଓ ରସ ଦୃଷ୍ଟିରୁ ଏହା 'ଡାଲଖାଈ'ର ଅଧିକତର ସନ୍ନିକଟବର୍ତ୍ତୀ ହୋଇଥିଲେ ମଧ୍ୟ ଏହା 'ଡାଲଖାଇ' ନୁହେଁ । 'ଡାଲଖାଇ' ପରି କୌଣସି ପୂଜା ଇତ୍ୟାଦିର ପ୍ରଚଳନ ଏଥିରେ ହେବାକଥା ଜଣାପଡ଼ୁ ନାହିଁ ।

ସମ୍ବଲପୁରୀ 'ସଜନୀ', 'ବଉଲୀ', 'ଡାଲଖାଈ', 'ରସର କେଲି' ପ୍ରଭୃତି ବିଭିନ୍ନ ଗୀତର ରୂପ ଏଥିରେ ଦେଖିବାକୁ ମିଳେ ।

ପୂର୍ବେ ସମ୍ବଲପୁର ଅଞ୍ଚଳଟି ସି. ପି. (Central Province ବର୍ତ୍ତମାନର ମଧ୍ୟପ୍ରଦେଶ)ରେ ମିଶି ରହିଥିଲା । ଅଳ୍ପ ରାଜନୈତିକ ମାନଚିତ୍ରରେ ସ୍ୱତନ୍ତ୍ର ଓଡ଼ିଶା ଗଠନ ପରେ ସମ୍ବଲପୁର ଓଡ଼ିଶାରେ ମିଶିଥିଲେ ହେଁ ପୂର୍ବର ସମ୍ମିଳିତ ସାଂସ୍କୃତିକ ଉତ୍ତରାଧିକାର ବର୍ତ୍ତମାନ ସୁଦ୍ଧା ଭାଷା କ୍ଷେତ୍ରରେ ଦେଖିବାକୁ ମିଳେ । ଏହି ଗୀତରେ ଛତିଶଗଡ଼ୀ, ଲରିଆ ଭାଷାର ପ୍ରଭାବ ଅନେକ ରହିଛି । ଭାଷାରେ ମଧ୍ୟ । ସେହିପରି ଲରିଆ ଭାଷାରେ ମଧ୍ୟ ଓଡ଼ିଆ ସମ୍ବଲପୁରୀ ଭାଷାର ପ୍ରଭାବ ଦେଖିବାକୁ ମିଳେ । ଏକା ଶାସନ, ସଂସ୍କୃତି ଓ ସହାବସ୍ଥାନ ଯୋଗୁଁ ହିଁ ଏହି ସାଂସ୍କୃତିକ ସମନ୍ୱୟ— "The Chatisgarhi of Sankati, Raigarh and Saranggarh thought slightly affected by Oriya is of high standard." *

✲ ଦ୍ରଷ୍ଟବ୍ୟ : ସମ୍ବଲପୁର ଇତିହାସ (ସମ୍ବଲପୁରର ଅଧିବାସୀ)
ପୃ-୯ ୰ ଶିବପ୍ରସାଦ ଦାସ

* *Linguistc Survey of India, Dr. G. A. Grierson*
VI 29 'F' Calcutta, 1904.

Digitized by srujanika@gmail.com

ଅନ୍ୟାନ୍ୟ ସମ୍ବଲପୁରୀ ଲୋକଗୀତ ଅପେକ୍ଷା 'ଡାଲ ପତରିଆ'ରେ ପୁନରାବୃତ୍ତି ବେଶୀ ଦେଖାଯାଏ । ଏହି ପୁନରାବୃତ୍ତି ମନରେ ଏକ ଅପୂର୍ବ ରସ ସଞ୍ଚାର କରେ । ଶୀତଳ ପବନ ପ୍ରବାହରେ ଥରକୁ ଥର ବଣଫୁଲର ବାସ୍ନା ପହଁଚି ଆସି ଦେହମନକୁ ଛୁଇଁଗଲା ପରି ଏହାର ପ୍ରଭାବ ଭାବର ସଂଚରଣଶୀଳତା ଏକ ଅନିର୍ବଚନୀୟ ଆବେଗାପ୍ଲୁତ ମନୋଭାବ ସୃଷ୍ଟି କରେ । ଯେମିତିକି—

—ବୁନଲି ସୁରପୋ ପଟି, ବୁନଲି ସୁରପୋ ପଟି
ଦେଖିଦେଲି ନମୀର ଗଡ ମୂରତ
କରତ ହୁଏ ଗୁଡ
ନମୀଗା, କରତ ହୁଏ ଗୁଡ...

—ଜନଟି ଉଦଇରେ ପନ୍ଦର ଦନେ ପୁନି
ଦହର ମାଉଁସ ଝଡ଼ି ଯାଉଛେ
ନମୀର କଥା ସୁନି
ନମୀର କଥା ସୁନି ଲୋ ଲୋ....

—କୁଲୁଥ ଧଇଲୁ ଅଁଟେ କୁଲୁଥ ଧଇଲୁ ଅଁଟେ
ପିନ୍ଧୁ ଶାଢ଼ୀ କେ ଦେଲା ତତେ
ନମୀଗା, ନାଁ କହିଦେବୁ ମୋତେ
ନାମ କହିଦେବୁ ମତେ, ନମୀଗା ନାଁ କହିଦେବୁ ମତେ.. ଲୋ ଲୋ...

—ଡଙ୍ଗର ତଲିଆ ଭାବେ ଡଙ୍ଗର ତଲିଆ ଭାବେ
ମୁହଁକୁ ଦେଖିଲେ ମହମା ଲାଗେ
ଧରି ପଲା ପଲା ଲାଗେ
ଧରି ପଲା ପଲା ଲାଗେ, ନମୀଗା ଧରି ପଲା ପଲା ଲାଗେ...

—ଆହାରେ କଲା କାଞ୍ଚନ, ଆହାରେ କଲା କାଞ୍ଚନ
ମହମା ଲଗାଇ କେ ଦେଲା ପାନ
ଯାଏ ନାଇଁ ରହୁଛେ ମନ ଲୋ...ଲୋ...
ଯାଏ ନାଇଁ ରହୁଛେ ମନ, ନମୀ ଗା ..
ଯାଏ ନାଇଁ ରହୁଛେ ମନ...

ମଣିଷର ଜୀବନର ସୁଖଦୁଃଖ ଅଶ୍ରୁହସ ସହିତ ଏହି ଗୀତ ସବୁ ଗଭୀର ଭାବରେ ସଂଶ୍ଳିଷ୍ଟ । ମାନବିକ କରୁଣାରେ ଭରପୂର ଓ ଭାବଗ୍ରାହ୍ୟ ।

Digitized by srujanika@gmail.com

Poetry is more primitive mode of expression than prose and that is why the language of primitive people often seems poetic to us. In the circumstances in which they operate, the mind and language of the savage are more effective than the mind and language of the civilized man * ଏବଂ ଏହା କୌଣସି ଆଲଙ୍କାରିକତାର ଆବରଣ ନ ରଖି ସିଧା ସିଧା କଥାବାର୍ତ୍ତା ପରି ନିଜ ନିଜ ଭାବ କହି ପକାଏ ।

—ଫଳ ଫଳେ ଡାଳରେ, ପଣସ ଫଳେ ଚେରେ
କେଉଁ ଦୁଃଖେ ବଂଚିଛୁ ଏ ସୁର ସାଲେ
ଏ ସୁର ଗଲ ସାଲେ, ଲେ ଲେ ..
ଏ ସୁର ଗଲ ସାଲେ...

ଆମର ପ୍ରେମର ପ୍ରତୀକକୁ ନେଇ ଲୋକ କବି ଗାଇଛନ୍ତି—

—ଲୁହର ଘରକୁ ଯେ ରେ ନେଇ ଦେଲି ଲୁହା
ଲୁହରରେ ଲେଖିବୁ ଯେବେ ଲୁହର
ସୁବର୍ଣ୍ଣ ସାରି ଶୁଆ
ଲୁହାରେ ଲେଖିଲେ ଯେ ରେ ହଜି ନଯିବ
ଲେଖି ଦେଇଥିମା ଗୁଣ୍ଡି ଜଙ୍ଘରେ
ଯେ ଯୁଗ ଯୁଗ ଥିବା...ହୋ ..

ଝିଅର ନରୁଡ଼ା ସୌନ୍ଦର୍ଯ୍ୟ ଓ ଯୌବନର ଲକ୍ଷଣ । ସେ ଲକ୍ଷଣ କର୍ମଶୀଳା ଝିଅର ଲକ୍ଷଣ । ଅପରନ୍ତୁ କର୍ମଶୀଳା ନାରୀ ହିଁ ସୁନ୍ଦରୀ ..

—କୁସାରି ବଙ୍ଗି ଫୁଟିଲି, କୁସାରି ବଙ୍ଗି ଫୁଟିଲି
ଗୁଣ୍ଡି ନଣ୍ଡା ପଟେର ଧାନ କୁଟିଲି
ଦୁଇ ଦୁଧ ନାଚୁଥିଲି ହୋ, ଦୁଇ ଦୁଧ ନାଚୁଥିଲି
ସାଙ୍ଗ ହୋ ଦୁଇ ଦୁଧ ନାଚୁଥିଲି ହୋ...

ଚିନ୍ତାଗ୍ରସ୍ତ ମନ ବେଳେ ବେଳେ ରଙ୍ଗ-ରହସ୍ୟରେ ମନକୁ ହାଲୁକା କରିବାକୁ ଚାହେଁ—

—ଆମ ଡାହୁ ଗୁଲ ଗୁଲ, ଆମ ଡାହୁ ଗୁଲ ଗୁଲ
କାହିଁ ଯାଇଥିଲ ଆମ ବଉଳ

---

* *Collected Essays in Literary Criticism—"Poetic Diction" Herbert Read Page—42*

Digitized by srujanika@gmail.com

ଖୁଁ ସାରେ କଇଁ ଫୁଲ
ଖୁଁ ସାରେ କଇଁଫୁଲ ଲେ ଲେ
ଖୁଁ ସାରେ କଇଁଫୁଲ…

ଜୀବନର ଏ ସବୁ ଚଳଣ ସଙ୍ଗେ ସଙ୍ଗେ "ଗୁତି" ବା ଦାଦନ ଶ୍ରମିକର ଦୁର୍ଦ୍ଦଶା ଓ ଦୁଃଖର ଚିତ୍ର ମଧ୍ୟ ଏହି ଗୀତରେ ମିଳିଥାଏ—"At one time in antiquity the oral poetry of the workers was only means of organising their collective experience, the only connection of their thoughts, in images and siimulator of their collective energy. •

—ଗଉଁଟିଆ ଘରର ଯେ ଯାନ ବଡ଼ ଗୁତି
ଭୁତ ମାଗି ଗଲେ ଯେ ରେ ଅଧାଜଣା ଗୁଡ଼
ଧାନ କ ଗୁଣ୍ଡଲ ଯେ ରେ ନାପି ଦେଲ କେତେରେ !
ହିସାବ ନ ପାଇ ମୂଲ ଲହସି
ଦେଖିଲୁ ବେଲ କେତେରେ....

ଦାରିଦ୍ର୍ୟ ନିପୀଡ଼ିତ ବାପ-ମାଁଙ୍କ ପାଇଁ ବିବାହ ଅନୁଷ୍ଠାନ ଖର୍ଚ୍ଚ, ଯୌତୁକ ସଞ୍ଚୟନ ଏକ ସମସ୍ୟା ହୋଇ ରହିଛି । ସ୍ବାର ପରମ୍ପରାକୁ ଦଳି ମକଚି ପୁଅ ଝିଅ ବିଦ୍ରୋହର ସ୍ୱର ଘୋଷଣା କରିଛନ୍ତି—

—କରମୀ ଧାନର ଲିଆ, କରମୀ ଧାନର ଲିଆ
ତୋର ମାଁ-ବୁଆ ନାଇଁ କରନ୍ ବିହା
ଚାଲ ଯିମା ଉଧୁଲିଆ
ଚାଲ ଯିମା ଉଧୁଲିଆ ସାଙ୍ଗରେ
ଚାଲ ଯିବା ଉଧୁଲିଆ, ଲେ…ଲେ…ଚାଲ ଯିମା…

ଟୋକା ।। ପାନ ଗଲ୍ଲ ପଡସିକେ, ପାନ ଗଲ୍ଲ ପଡସିକେ
କହିଦେବୁ ତୋର ବଡ଼ ବାଇକେ
ନେଇ ଯିମି ଦଣ୍ଡରିକେ ଲେ ଲେ
ନେଇ ଯିମା ଦଣ୍ଡରିକେ…

• *"Literature and life"—Maxim Gorky*
Translated by E. Bone, Page—136-138

Digitized by srujanika@gmail.com

ଟୋକୀ ॥ କହିଦେବୁ ତୋର ବଡ଼ ଦାଦାକେ
ନେଇଯିବା ଦଶରାକେ
ନେଇଯିବା ଦଶରାକେ ବାବୁଗା
ନେଇଯିବା ଦଶରାକେ···

ଟୋକା ॥ ରୁଇ ଯେ ରୁଇ ଭରନ, ରୁଇ ଯେ ରୁଇ ଭରନ
ଆମେ ଦୁଇ ଭାଇ ଏକା ବରନ
କାହାକେ କରୁଛ ମନ
କାହାକେ କରୁଛ ମନ, ନନୀ ଗା
କାହାକେ କରୁଛ ମନ ହୋ···

ଟୋକୀ ॥ ତୁମେ ଦୁଇ ଭାଇ ଏକା ବରନ
ତୁମକେ କରୁଛୁ ମନ
ବାବୁଗା ତୁମକେ କରୁଛୁ ମନ ହୋ···

—ନଈ ତରା ତରା ଭଲ, ନଈ ତରା ତରା ଭଲ
ତୋତେ କରଥିଲି କାନର ଫୁଲ
କାନର ଫୁଲ
ନାଇ ମାନୁଁ ମୋର ବୋଲ ନନୀଗା···
ନାଇ ମାନୁଁ ମୋର ବୋଲ
ନାଇ ମାନୁ ମୋର ବୋଲ ନନୀଗା···

—ପାନ ଗଲା ଟାଲେ ଟାଲେ, ପାନ ଗଲା ତାଲେ ତାଲେ
ମନ ରହିଗଲା ତୋହର ଠାନେ
କହି ସିନା ନାଇଁ ପାରେଁ
ନନୀଗା, କହି ସିନା ନାଇଁପାରେଁ···

—ରୁପ ବୋଲେ ହର ହର, ରୂପ ବୋଲେ ହରହର
ଅଁଟାର ଗୁନୁଚ ଚଉଦ ଭରି
ରଖ ଯତନ କର
ନନୀଗା, ରଖ ଯତନ କର ହୋ···

—ସିଁପୁର ମୁହଁକେ ଧୀର ବଚନ
ଲହସି ଉଠେ ମନ, ଲହସି ଉଠେ ମନ
ନନୀଗା, ଲହସି ଉଠେ ମନ···

Digitized by srujanika@gmail.com

ବିଂଝାଲମାନଙ୍କର ମୁଖ୍ୟ ଜୀବିକା ହେଉଛି କୃଷି । "ଡାଲପଢରିଆ"ରେ ମଧ୍ୟ ଏହି କୃଷି ଛନ୍ଦ ମିଳେ—

—ଦିଅର ଖିଉଜ ଯେ ରେ ନଇ ଖିଁଡ଼ା କୃଷି ହୋ
ଖାତ ନେଇ ଦେବି ବଡ଼ ଖିଉଜ ନଇଁ ଖିଁଡ଼ରେ କୃଷି ହୋ
ଖାତ ବୁହି ବଡ଼ ଖିଉଜ ନଇ ଖିଁଡ଼ରେ ଠିଆ
ନଇ ବଢ଼ିଗଲା ସାନ ଦିଅର ହେ ଡଙ୍ଗା ବାହି ଆସ ।

—ଡଙ୍ଗା କରେ ଟଳମଳ ମତେ ଲାଗେ ଡର
ଧୀରେ ମାର ସାନ କରେ ଦିଅର ହେ
ଡଙ୍ଗା ଯାଉ ଘର ହୋ…

ଶ୍ୱଶୁର ଘରର ଛନ୍ଦ—

—ଶଶୁର ଘରକୁ ଯେରେ କୁଆଁରି କୁନୁଆଁ
ଆଗେ ପାନ ଗଡ଼ୁ ଯେ ରେ ପଛେ ନୂଆ ଧୂଆ
ତୁମର ଘରର ପାନ ଗଡ଼ୁ ତୁମର ଘରେ ଥାଉ
ବାଲମତୀ କନ୍ୟା ଯେ ରେ ବେଗେ ସଜ ହେଉ
ଶଶୁର କହନ୍ତି ଯେ ରେ ଏଡ଼େ ହରବର
ଝାଁପିରୁ କାଢ଼ିଲେ ଯେ ରେ ଲୁଗା ବାର ଖଁଡ଼
ଅମଠି ହାଟକୁ ଚଟୁ ପନଖି ଲମ୍ବାଇ ଦେମା ଖର ହୋ
ଅମଠି ହାଟକୁ ଯେରେ ଘିନ ଗଲା ଗୀତ
ତୁମର ଆମର ବଡ଼ା ହିତ ସାଙ୍ଗରେ
ବାଟରେ ବସିମା ମିତରେ…

—ପୁତକୁ ଫାଳବ ଯେରେ ଡାଲମରି ହେଲେ
ବଗୁଲୁକୁ ଫାନ୍ଦବ ଯେ ରେ ଗୃଣ ଦାଁତ କଲେ
ଚିଣ୍ଟିକୁ ବାହିବ ମୁଡ଼ ମନୁଆ ରଜବତୀ ହେଲେ ହୋ…

ଏହି ଗୀତ ସବୁ ଏକକ ବା ସାମୂହିକ ଭାବରେ ପୁଅଝିଅ ଦଳ ଦଳ ହୋଇ ଗାଆନ୍ତି । ଆଗ ଏହି ବିଂଝାଲମାନଙ୍କର ଜୀବିକାର ପ୍ରଧାନ କ୍ଷେତ୍ର ଥିଲା ଜଙ୍ଗଲ । ବିଭିନ୍ନ ପ୍ରକାର ଖାଦ୍ୟ ସଂଗ୍ରହ, ଶିକାର ପାଇଁ ସେମାନେ ବଣରେ ବୁଲୁଥିଲେ । ପରସ୍ପରକୁ ଭଲ ପାଇବାଟା ସେଇଠୁ ଜନ୍ମ ନେଉଥିଲା । ଏହି ଗୀତ ସେମାନଙ୍କ ମନୋରଞ୍ଜନ କରି ସେମାନଙ୍କୁ ନୂତନ କର୍ମପ୍ରେରଣା ଯୋଗାଉଥିଲା ।

Digitized by srujanika@gmail.com

ଏହି ଅଞ୍ଚଳରେ 'କରମା', ଦଦରିଆ, ଝୁମେର, ଶୁଆନା ପ୍ରଭୃତି ଛତିଶଗଡ଼ି ଲୋକଗୀତର ପ୍ରଚଳନ ଅଧିକ ଅଛି । ସେଥିରେ ସମ୍ବଲପୁରୀ ଭାଷାର ପ୍ରାଧାନ୍ୟ କମ୍ । ଏଣୁ ସେ ବିଷୟରେ ଏଠି ଖାଲି ପଦେ ପଦେ ଦେଇ କ୍ଷାନ୍ତ ହେଉଛି ।

କରମା—ବହା ରବନ କାଜାନା ହୋ
ତୋର୍ ବହା ବଡ଼େ ମଉଆଲ
ବହା ରବନ୍ କାଜାନା ହୋ
ଲେଟେ ନଗିମାନ୍‌କେ ଗୋଡ଼ ଯାନ ପଇଁସି
ବହା ରବନ କାଜାନା ହୋ

ଲେଟେ ବାବୁମାନ୍‌କେ ବେକ୍ ଯାନ ମନଲ
ବହା ରବନ କାଜାନା ହୋ
ତୋର ବହା ବଡ଼େ ମଉଆଲ, ବହା ରବନ···

ଦଦରିଆ—ଏହା ମଧ୍ୟ ଏକ ପ୍ରେମ ପ୍ରଧାନ ଲୋକଗୀତ । ପୁଅ ଝିଅ କଥା ପ୍ରଶ୍ନୋତ୍ତର ଛଳରେ ଗାଆନ୍ତି—

ଟୋକା—ଝାର୍‌ବରକାଏଁ ଗଡ଼ଲେ ଖୁଲୁଲ୍
ମଝା ଖୁଲ୍ ମେରେ ଡକ ଲଗଲ୍ ବୁତଲ୍
ମଝା ଝୁଲିଁ ଯେ ରେ ହାଟ ବାର୍ ଯାଏଁ
ବଣାଏଁ ଦରପନ୍
ଦର୍‌ପନ୍ ଦେଖି ବରନେ ଆବେ···

କଥା—ଯାନରେ ନଗିମାନ୍ ଦେଖ୍ ଲେବେ

ଟୋକି (କଥା)—ଯା'ନିଁରେ ବାବୁମାନ୍ ଦେଖ୍ ଲେବେ

ଟୋକି (ଗୀତ)—ଲହର ଛକର ବନାଏଁ ହସିଆ
ତୋର ବହେନ୍ ସଙ୍ଗେ ସୋତେ ରେବେରେ ଡକା
ଗରଜେ ଝଟିଆ···ତୋର···

ଝୁମେର୍—ଢେଁକି ବାଜେ ଲୁକୁର ଲକର୍ ସୁଧାର ଗୁଣ୍ଡ ଗୁଡ଼ି
ଆଛା ରେଙ୍ଗାଲି ମଝା ଝୁଲି ଛେକଲେ ଧାଙ୍ଗୁଡ଼ି
ଧାନକ ଗୁଉଲ ନାପି ଦେଲି କେତେ ହୋ
ରେଙ୍ଗାଲି ମଝା ଝୁଲି ଛେକଲେ ଧାଙ୍ଗୁଡ଼ି
ଲମାକେ ଗୋଡ଼କେ ଝୁଟିଅଁ ରଜା ମାରେ ଗଦ୍ଧନା

Digitized by srujanika@gmail.com

ରାଣୀ—ଭୁଇତୋ ରଜା ମୈନା ଗଡ଼ ଯାବେ
ଢତୋ ମାର ରାଣୀକେ ଭୋଜନ ଦେବେ
ଢତୋ ରଜା ମୈନା···

ରାଜା—ରାଣୀକେ ପଇର ହାର ରଜା ମାରେ ଗହନ ।
ଭୁଇତୋ ରାଣୀ ମୈନା ଗଡ଼ ଯାବେ
ଢତୋ ମାରେ ରାଣୀକେ ଭୋଜନ ଦେବେ···
ଢତୋ ରଜା ମଏନା···

ରାଣୀ—ରାଜାକେ ପଇଁର ହାର ରାଣୀ ମା'ରେ ଗହନା
ଢତୋ ରାଜା ମୈନା ଗଡ଼ ଯାବେ
ଢତୋ ମାରେ···

ରାଜା—ରାଣୀକେ ଗଠିଆ ହାର ରଜା ମାରେ ଗହନା
ଭୁଇତୋ ରଜା ମୈନାଗଡ଼ ଯାବେ
ଢତୋ ମାରେ ରାଣୀଂକେ ଭୋଜନ ଦେବେ
ଢତେ ରଜା ମଏନା ଗଡ଼ ଯାବେ···
ରାଜାକେ ପଗଡ଼ି ହାର ରାଣୀମାରେ ଗହନା ।

*

Digitized by srujanika@gmail.com

ସମ୍ବଲପୁରୀ ଢଗ-ଢମାଳି

ସମ୍ବଲପୁରୀ ଭାଷାର ମୂଳଗଛ ବିଭିନ୍ନ ଦେଶଜ ଓ ବୈଦେଶିକ ଭାଷାରୁ ସାରରେ ଛନଛନିଆ ହୋଇ ବଢ଼ି ଉଠିଥିବାରୁ ଏହାର ଭାଷା ମାଧୁର୍ଯ୍ୟ, ଶ୍ରୁତି ମାଧୁର୍ଯ୍ୟ ଓ ପ୍ରଭାବୀ ଶକ୍ତି ଓ ସମ୍ପ୍ରେଷଣ ତଥା ସମ୍ବେଦନଶୀଳତା ଉର୍ଦ୍ଧ୍ୱ ଭାଷା ପରି ବହୁତବେଶୀ । ଏଥିରୁ ଏହି ଭାଷାରେ ଯେକୌଣସି ମନୋଭାବ ପ୍ରକାଶ କରିବାକୁ ଗଲାବେଳେ ଶବ୍ଦର ଅଭିବନୀୟତା କି ଅର୍ଥର ପ୍ରଭାବୀ ଶକ୍ତି ବ୍ୟାହତ ହୁଏ ନାହିଁ, ବରଂ ତାହା ଏକ ସ୍ୱଚ୍ଛନ୍ଦ ବିଚ୍ଛୁରଣା ପରି ଆଗକୁ ଆଗକୁ ମାଡ଼ିଯାଏ । ସମ୍ବଲପୁରୀ ଭାଷା ସାଲଙ୍କାରିକ । ପୁଣି ଯେଉଁଠି ଅଲଙ୍କାରର ପ୍ରୟୋଗ ନ ଥାଏ, ସେଠି ମଧ୍ୟ ଭାବବୋଧର ଅଭିବନୀୟତା ଅନ୍ତରାୟ ହୋଇ ନ ଥାଏ । ଅନ୍ୟାନ୍ୟ ଯେକୌଣସି ସମୃଦ୍ଧ ଭାଷା ପରି ଏହାର ମଧ୍ୟ ନିଜସ୍ୱ ପ୍ରକାଶ ଶୈଳୀ ରହିଛି, ତା ସଙ୍ଗେ ସଙ୍ଗେ ଭାଷାର ପ୍ରଭାବୀ ସମ୍ପ୍ରେଷଣୀୟତା ଓ ଅର୍ଥ ବିସ୍ତୃତି ପାଇଁ ନିଜସ୍ୱ ଢଗଢମାଳି ରହିଛି । ଏହା ପ୍ରାଞ୍ଜଳଧର୍ମୀ ନ ହୋଇ ସଙ୍କେତଧର୍ମୀ ହୋଇଥାଏ । ଏହା ସଙ୍କେତଧର୍ମୀ ହୋଇ ମଧ୍ୟ ଦୁର୍ବୋଧ କି ଅବୋଧ ନୁହେଁ, ସର୍ବବୋଧଗମ୍ୟ । ସାଧାରଣ କଥାର ମହତ୍ତ୍ୱକୁ ଏହା ଅନେକ ଗୁଣରେ ଏକ ପାରିପାର୍ଶ୍ୱିକତା ଭିତରେ ବୃଦ୍ଧି ଲାଭ କରିଥାଏ । କହିବାକୁ ଗଲେ ଏହି ସମ୍ବଲପୁରୀ ସଂକ୍ଷିପ୍ତ ଶବ୍ଦପୁଞ୍ଜ ଗୋଟାଏ ଗୋଟାଏ ବୈଦ୍ୟୁତିକ ବଟନ୍, ଯାହା ଚିପିଦେଲା ମାତ୍ରକେ ସମଗ୍ର ମନୋରାଜ୍ୟ ଏକ ଉଜ୍ଜ୍ୱଳ ଭାବମୟ ଆଲୋକରେ ଉଦ୍‌ଭାସିତ ହୋଇଉଠେ । ଜଣେ ଲୋକ ଉଠା ଉଠା ଚାଲିଗଲା ପରି ଏହି ଢଗ । ଏହାର ପ୍ରକୃତ ସମ୍ବଲପୁରୀ ପରିଭାଷା ଏଯାଏଁ ଠିକ୍ ଭାବରେ ଜଣାପଡ଼ି ନାହିଁ । ହେଲେ ମଧ୍ୟ ପରିଭାଷାର ଅଭାବ ଏହାର ଗତିରୋଧ କରି ନାହିଁ । ଏହା କହିଲା ପୂର୍ବରୁ ସାଧାରଣତଃ "କହେସନ ପରେ" (କହନ୍ତି ପରା) କୁହାଯାଇଥାଏ ।

ଡକ୍ଟର ମନୀନ୍ଦ୍ର ମହାନ୍ତି ଢଙ୍ଗ, ରୀତିନୀତି, ଆଚରଣ ଶୈଳୀରୁ ଏହାର ସୃଷ୍ଟି ବୋଲି ଅନୁମାନ କରିଛନ୍ତି । ଏହାକୁ 'ପ୍ରବଚନ' ପ୍ରବାଦ ବା ଛଟାର ମଧ୍ୟ ସମକକ୍ଷ କରାଯାଇ ନ ପାରେ, ଯଦିଓ କିଛିଟା ସାମଞ୍ଜସ୍ୟ ଥିଲେ ମଧ୍ୟ ଏହା ଏକ ସୃଷ୍ଟି । ରୁଚିର ଘରଦର "ଢଗ" ଅପେକ୍ଷା ସନ୍ଧିଗ୍ଧ ହୋଇଥିବା ଯୋଗୁଁ ଏହାକୁ ରୂଢ଼ି ପ୍ରୟୋଗ

Digitized by srujanika@gmail.com

ବୋଲି ମଧ୍ୟ କୁହାଯାଇ ପାରିବ ନାହିଁ । ରୂଢ଼ୀ କେବଳ ଗଦ୍ୟାତ୍ମକ । ଢଗ-ଢମାଳି ଉଭୟ ଗଦ୍ୟ ଓ ପଦ୍ୟ ରୂପରେ ବ୍ୟବହୃତ ହୋଇଥାଏ ।

ଇଂରାଜୀରେ ଏହାକୁ 'Proverb' ବା 'Adage' କୁହାଯାଏ । ଲାଟିନ୍ ଶବ୍ଦ Proverbium ଓ ଗ୍ରୀକ୍ ଶବ୍ଦ "Adagium"ରୁ Proverb ଓ Adageର ସୃଷ୍ଟି । ଏହାର ଅର୍ଥ ହେଉଛି—ଯୋଜନା । ଜନସାଧାରଣଙ୍କ ମଧ୍ୟରେ ବହୁଳ ଭାବରେ ବ୍ୟବହୃତ ବା ସୁପ୍ରଚଳିତ ନୀତିବାକ୍ୟ । * ଏହାକୁ ହିନ୍ଦୀରେ 'କହାଓ୍ଵତ୍' ବା 'ଲୋକୋକ୍ତି' ମଧ୍ୟ କହନ୍ତି ।

ଆକାର ପ୍ରକାର, ମର୍ମ, ପରିବେଷଣ ଦିଗରୁ ସମ୍ବଲପୁରୀ ଢଗଢମାଳିକୁ ଅନେକ-ଗୁଡ଼ିଏ ଭାଗରେ ବିଭକ୍ତ କରାଯାଇ ପାରିବ । ସେହିପରି ଶୈଳୀ, ସାଳଙ୍କାରତା, ଛନ୍ଦ-ବିନ୍ୟାସ, ଭାଷା, ରସଚର୍ଯ୍ୟା ଦିଗରୁ ମଧ୍ୟ ଏହାକୁ ବିଭିନ୍ନ ଭାବରେ ବିଶ୍ଳେଷଣ କରାଯାଇ-ପାରିବ । ତେବେ ଯେତେ ଭାବରେ ବିଶ୍ଳେଷଣ କରାଗଲେ ମଧ୍ୟ ଏହାର ରୂପ ସମ୍ପଦରେ କୌଣସି ପରିବର୍ତ୍ତନ ନ ହୋଇ ତାହା ଆହୁରି ବେଶୀ ବୃଦ୍ଧି ପାଇବ । ଅନ୍ୟାନ୍ୟ ଲୋକଗୀତ ପରି ଏହି ଲୋକୋକ୍ତିରେ ମଧ୍ୟ ଲୋକଜୀବନ, ସଭ୍ୟତା, ସଂସ୍କୃତି, ସମାଜ, ଧର୍ମ, ଆଚାରବିଚାର ବହୁ ତଥ୍ୟ ଓ ପଥ୍ୟ ସନ୍ନିବିଷ୍ଟ । କାରଣ ଲୋକର ଉକ୍ତିରେ ଲୋକଙ୍କ କଥନିକା ହିଁ ପ୍ରକାଶ ପାଇଥାଏ ।

ସମ୍ବଲପୁରୀ ଢଗ-ଢମାଳିର ପରିଗ୍ରହଣ କ୍ଷମତା ଅଧିକ । ଏଣୁ ବିଭିନ୍ନ ଭାଷାର ଲୋକୋକ୍ତିର ମଧ୍ୟ ଏଥିରେ ସମ୍ବଲପୁରୀକରଣ (Sambalpurialisation) ହୋଇଛି ।

କେତୋଟି ଲୋକପ୍ରିୟ ଢଗଢମାଳିର ଆଲୋଚନା ଏଠି ଅବାନ୍ତର ହେବ ନାହିଁ ।

୧ । ଯେ କୌଣସି ପ୍ରକାରେ ହେଲେ କାମ ଶେଷ କରିବା ଓ ସମସ୍ତଙ୍କ ପୂରାଇ ଦେବା ପାଇଁ—ଦହି ମହି କରି ପାରିଲେ କରି ।

୨ । ମିଛୁଆ ଲୋକର କଥାର ୧୦୦ ଭାଗରୁ ୯୦ ଭାଗ ମିଛ ।
—ଖେଁଡ଼େ ଧାନେ ଅନେଇଣ ତାମି ପୋଲ୍

୩ । ଧଙ୍ଗରା ପିଲର ଛପ୍‌କା ଚୁମା
ଧାଙ୍ଗରୀ ଝୁକେଲ୍ ଗାଲେ

ଯୁବକ ଡରି ଡରି ଯୁବତୀ ଗାଲରେ ଚୁମା ଦିଏ । ଅନ୍ୟାର୍ଥରେ ଯୁବକକୁ ଲୁଚିଲୁଚିକିଆ ଓ ଯୁବତୀର ଗାଲରେ ଚୁମ୍ବନ ଦେବା ଶ୍ରେୟସ୍କର ।

---

* *Pro'verb—Short pithy saying in general use, adage, saw, [Book of PP., O. T. book] notority, notorious thing, by word*
—Pocket Oxford Dictionory, 1924 ed.n.

Digitized by srujanika@gmail.com

୪ । ଉପରେ ଉପରେ ଫୁଲଗୁଡ଼ା
ଭିତରେ ଭିତରେ କୁବ୍ କୁବା
ମହାକାଳ ଫଳ ପରି, ଉପରେ ଉପରେ ଭଲେଇ ହୋଇ ଯିଏ ମନ ଭିତରେ କପଟ ରଖିବା

୫ । ଆରେ ମାଲ୍, ଫଟା ଘରେ ଖା ୍ଠ ତାଲ୍
କିଛି ନ ଥାଇ ମଧ୍ୟ ଯେ ଧନ ରକ୍ଷଣା ।

୬ । ଭୁଦୋ ମାସେ କୁଦୋ ଳିଆ
ଫଟା ଘରେ ତାଲ୍ ଦିଆ ।
ଭାଦ୍ରବ ମାସରେ ଗୃହଳି ବା ଧନା ଖାବାକୁ ଯେ କୁଦୋ ଗୃହଳର ଳିଆ ଖାଏ ଅଥଚ କିଛି ନ ଥିବା ଫାଟିଲ୍ ଘରେ ତାଲ୍ ଦିଏ ।

୭ । ଠାନ୍ ଜାନ୍ ଧାନ୍ ପାଚସି
ଉତ୍ତମ ଲୋକଙ୍କଠାରେ ଉତ୍ତମ କାର୍ଯ୍ୟ ।

୮ । କୁଢେର୍ ଥି ହାନକରି, ବାରେଣ୍ଥି ଚକ୍ନାବା
ବଡ଼ ଆଘାତଟାଏ ଦେଇ ପଛକେ ଆଦର କରିବା ।

୯ । ହାଏଁଡ୍ ଭାଙ୍ଗଲେ ଝପର୍
ମାନ୍ ଭାଙ୍ଗଲେ ଚୁପ୍ର୍ ॥
ହାଣ୍ଡି ଭାଙ୍ଗିଲେ ଝପର୍ ହୁଏ । ସେମିତି ମନ ଭାଙ୍ଗିଗଲେ ଏଠି ସେଠି ଲଗାଇ କୁହାଯାଏ ।

୧୦ । ଅଟ୍ଟୁ ଏଡ଼େ, ପାଏନ୍ ପାଏଲେ ହେବା କେଡ଼େ
ଓଲିଆରୁ ଗଛ ।

୧୧ । କଏଣ୍ଡା କିଁଟିଆର ବଡ଼ା ବିଷ
ଗ୍ରେଟ ସାପର ବେଶୀ ବିଷ ।

୧୨ । ଆଗ୍ ଆଡ଼େ କହେଲେ ମନଧର୍
ପଛ ଆଡ଼େ କହେଲେ ଚୁପ୍ର୍
ଆଗରେ କହିଲେ ତୋଷାମୋଦ, ପଛରେ କହିଲେ ନିନ୍ଦା ।

୧୩ । ଅଁଟ୍କୁର୍ କେ ଅଁଟକୁଣ୍ଡା
ଦଇବ ଦେଇଛେ ଭେଁଟ କରି ।
ଆଣ୍ଠୁକୁଡ଼ାକୁ ଆଣ୍ଠୁକୁଡ଼ି ଯୋଗ । ଯେମିତି ଦିଅଁକୁ ସେମିତି ପୂଜା ।

୧୪ । ନଖର୍ ଘା'କେ କୁଢେରଥି ଛେଦ୍ସି
ଲଘ୍ବାରମ୍ଭେ ବହୁ କ୍ରିୟା ।

Digitized by srujanika@gmail.com

୧୫ । ଗୁଏଁ ଗୁବ୍ଷ୍, ଘଏତା ମାର
ସବୁବେଳେ କଳହପ୍ରିୟା ସ୍ତ୍ରୀ ପତିର ଜୀବନକୁ ବିଷମୟ କରିଦିଏ ।

୧୬ । ଧରମ୍ ଗିଦେ ମେଳା ଖୁଁଟା
ଧର୍ମ କଲେ କର୍ମ ଫାଟେ ।

୧୭ । ବାଟର ପିପଲ୍ ଲଟ୍‌ର ପଟ୍‌ର
ସାମନାରେ ଥିବା ଲୋକ ସବୁବେଳେ ଅସ୍ଥିର ।

୧୮ । ମିଠେଇ ଖିଆ ଝୁଁଡ଼୍
ମୁଚ୍‌ଲ୍ ଢଆ ମୁଁଡ଼ ।
ମିଠେଇ 'ଖାଇଲା ମୁହଁ, ଉପାଧାନ ରଖି ଶୋଉଥିବା ମୁଣ୍ଡ ପରି ଅଳସ ।
ଧନୀ ଲୋକ ।

୧୯ । ଯେ କର୍ କଷ୍ଟା, ସେ ବର୍ କସ୍
ଯିଏ ବାଛବିଚାର ନକରି ସବୁକାମ କରେ, ଖାଏ, ସେ ବେଶୀ ଶକ୍ତିଶାଳୀ ।

୨୦ । ଦେଲୁ ନାଙ୍ଗି, ହେଲୁ ପାର
ଝିଅ ବାହା ପରେ ବାପ ମୁକ୍ତ ହୋଇଯାଏ ।

୨୧ । କମେ ଶଶୁର ଉଡ଼େଏ ଜୁଏଁ
ଶ୍ୱଶୁର ଧନକୁ ଜୋଇଁ ବଢ଼ାଏ ।

୨୨ । ଛଡାର ପଟେ, ପିଁଡେଇର ପଟେ (ଗରିବ ଲୋକ)

୨୩ । ପୁର୍ ଲେଁଡ଼ା ହେଲେ ଗଲ
ପୁଓ ବେଡ଼ା ହେଲେ ଗଲ ।
ଲେଣ୍ଡି ଗୁଡ଼ ପରି ମୁର୍ଖ ପୁଅ ନାନା ଦୁଃଖର କାରଣ ।

୨୪ । ଝନେ ମୁନୁଷ, ପଟେ ବଲଦ୍—ଏକୁଟିଆ ଲୋକ ।

୨୫ । ଢକ୍ରେଁ ମାଉଁସ ପତରେ ନାଇଁନ
ମାଁମି ମାଁମି ବୋଲି ଧାଇଁ ଆଏସି
ଦୁର୍ବଳ ଲୋକର ଅସ୍ଫାଳନ ।

୨୬ । ବ୍ରାହ୍ମନର ପଏତା
ମାଏଝିର ଘଏତା
ବ୍ରାହ୍ମଣର ପଇତା ପରି ସ୍ତ୍ରୀର ସ୍ୱାମୀ ସବନ୍ଧ ଓ ଗୁରୁତ୍ୱପୂର୍ଣ୍ଣ ।

୨୭ । ନାପି ଅଢଆ, ପତରେ ନୁନ୍
ମାପ ଓଜନ ନକରି ଖାଦ୍ୟଦ୍ରବ୍ୟ ଦେଉଥିବା କୃପଣ ଲୋକ ।

Digitized by srujanika@gmail.com

୨୮ । ମାଁ ଗୁବରୀ, ଝିଁ ସୁନ୍ଦରୀ ।

ପଙ୍କରୁ ପଦ୍ମ ଫୁଟିଲା ପରି । ପ୍ରକୃତ ନୈବ ମୁଚ୍ୟତେ । ଜଣେ ଖରାପ ମାଁର ଝିଅ ଭଲ ମଧ୍ୟ ହୋଇପାରେ ବା କଣ୍ଟାରେ ଗୋଲାପ ଫୁଟେ ।

୨୯ । ପର୍ ଘର ପୁଓ ବୁଡ଼ମଲା
ମୁଇଁ ଦେଖିଲି ଚୁପ୍ କଲି ।।
ନିଜେ ଭଲ ଥିଲେ ଦୁନିଆଁ ଭଲ ।

୩୦ । ଘର୍‌କେ ବୁଢ଼ା, ଖେତ୍‌କେ ମୁଡ଼ା ।

ଘରେ ବୁଢ଼ା ଲୋକଟିଏ ଯେପରି ଉପକାରୀ, କ୍ଷେତ ମୁଣ୍ଡରେ ଗୋଟ ଜଳାଶୟଟିଏ ମଧ୍ୟ ଫସଲକୁ ଅନେକ ସାହାଯ୍ୟ କରିଥାଏ ।

୩୧ । ବୁଡ଼ି ବୁଡ଼ି ଖାଏ ପାଏନ୍‌କୁଆଲି
ଲୁଚେଇ ଖାଏ ବଁକ,

ବୁଡ଼ି ବୁଡ଼ି ପାଣି ପିଉଥିବା ଚାଲାକ ଲୋକ ଓ ସବୁ ସମକ୍ଷରେ ଖାଉଥିବା ବୋକା ବଗ ।

୩୨ । ଘୁବ୍‌କୁଡ଼ୁ ଗୁଙ୍ଗ୍ ଗୁଙ୍ଗ
ପଏସାଟାକେ ପଡରେ ଖାଙ୍ଗ ।
ଅଲପ ଦେଇ ବେଶୀ ଆଶା କରିବା ।

୩୩ । ଭୁଲିଆ ବୁନେ ଧୂତ, ପିନ୍ଧେ ଲେକ୍‌ରା
କେଉଁଟ ମାରେ ଝୁରି, ଖାଏ କଂକ୍‌ରା ।
ଅନ୍ୟର ଲାଭ ଅନ୍ୟ ମାରିନେବା ।

୩୪ । କୁଣେର କମାଏ ଚକର ପୋ
ବାପର ପୁଓ କପା,

ଆଖୁରୂପ ଯେ କେହି ବି କରିପାରେ, କିନ୍ତୁ ଖାଣ୍ଟି ବାପର ପୁଅ ହେଲେ ଯାଇ କପାରୂପ କରିପାରିବ ।

୩୫ । ଆଜିର କଥା କାଏଲ କେ ନାଇଁ
ପୃଥିବୀ ପରିବର୍ତ୍ତନଶୀଳ ।

୩୬ । ହଗରୀ କେ ବାଟ୍ ଭଲଗନ୍
ହଗୁରୀ ପାଇଁ ବାଟ ଅସୁବିଧା ।

୩୭ । ଗୁଇଁ ହଳଧୀର୍ ରଙ୍ଗ୍
ପରଦେଶୀର୍ ସଙ୍ଗ୍
ଗୁଇଁ ହଳଧୀ ପରି ପରଦେଶୀର୍ ସଙ୍ଗ ଅନିତ୍ୟ ।

Digitized by srujanika@gmail.com

୩୮ । କଥାର୍ ଲଥା, ବାଏର କେ ବତା
କଥାରେ ଲଥା ଥିଲେ ତାହା ଯେମିତ ଶକ୍ତଶାଳୀ ହୁଏ, ସେହିପର ବାଡ଼ରେ ବତା ଥିଲେ ତାହା ମଜ୍‌ବୁତ ହୁଏ ।

୩୯ । ତପଲ୍ ପାନି ଘର୍ ନି ପୁଡ଼େ
ତତାଲ୍ ପାଣିରେ ଘର ପୋଡ଼େ ନାହିଁ ।

୪୦ । ଝିଁଙ୍କେ କାଏଁ ହୁଲ୍‌ହୁଲ ଦୁକାଲ
ବଚନେକ ଦରିଦ୍ରତା ।

୪୧ । ଗୃହେଁଲେ ଚକେଲ୍ ଗତଲେଁ ମଡ଼ା
ଧନ ଥିଲେ ସବୁ ସମ୍ଭବ ।

୪୨ । ଗାଁ ଖାଏଁ ବାହ୍ମନା, ଖେତ୍ ଖାଏ ସମ୍‌ନା
ଗାଁକୁ ବ୍ରାହ୍ମଣ ନଷ୍ଟକଲ୍ ପର ଖେତକୁ ସମନା ଘାସ ଖତମ୍ କରିଦିଏ ।

୪୩ । ଧାଇଁ ଧୂପି ବାର, ବସିଥାଇ ତେର
ଜଣେ ସବୁ କାମ କରି କିଛି ପାଏ ନାହିଁ, ଅନ୍ୟ ଜଣେ କିଛି କାମ ନ କରି ବେଶୀ ଫଳ ଭୋଗ କରେ ।

୪୪ । କାଲ୍ ଗୁଖି ସସାର, ଦାଁତ୍‌ଖି ମାଏଟି ଅସାର ।
କାଳ ଗୋଖି ନାଖିକୁ ନେଇ ସସାର ଗୃଲେ, କିନ୍ତୁ ଦାନ୍ତିଖି ନାଖି କୌଣସି ପ୍ରକାରେ ଉତ୍ତମ ନୁହେଁ ।

୪୫ । ଝାର୍‌କେ ନାହିଁ ବଳଦ ପଦା
ପୁଲୁସ୍ କେ କାଇଁ ବଲବ୍ ଦଦା ।
ଜଙ୍ଗଲକୁ ପଦା ମନେ କରିବ ନାହିଁ କି ପୋଲିସ୍‌କୁ ଭାଇ ମଣିବ ନାହିଁ ।

୪୬ । ଦାଖିର ଘର ପୁଡ଼ଲ୍ ବେଳେ ନାଗର ବଏଲ୍ ଟହ୍ ପକା ।
କାହାର ସର୍ବନାଶ, କାହାର ପୁଷ୍ପମାସ ।

Digitized by srujanika@gmail.com

ସମ୍ବଲପୁରୀ ଲୋକଗୀତରେ ସାମାଜିକ ଚିତ୍ର ଓ ଚେତନା

ଲୋକଙ୍କର ଗୀତ ହିଁ ଲୋକଗୀତ । ଏଇ ଲୋକଗୀତ ଯୁଗ ଯୁଗ ଧରି ଲୋକ-ସମାଜର ଅନ୍ତରଙ୍ଗ କଥା କହିଆସିଛି । ଗଣ ଚେତନାର ଏକ ମୁକ୍ତ ଓ ଅବାଧ ଆତ୍ମ-ପ୍ରକାଶ ରୂପରେ ଏହି ଗୀତ ସବୁ ସମସ୍ତରେ ଗଣମାନସର ଜୀବନ-ଯନ୍ତ୍ରଣାକୁ ନିଜର ସହଜ, ସରଳ, ନିରାଡ଼ମ୍ବର ମଧୁରଗୀତ ଓ କଥା ମାଧ୍ୟମରେ ଅଭିବ୍ୟକ୍ତ କରିଆସିଛି, ସବୁ ଦେଶରେ ସବୁ କାଳରେ ଏଇଆ ହୋଇଆସିଛି ।

ପଶ୍ଚିମ ଓଡ଼ିଶାର ଲୋକଗୀତ ମୁଖ୍ୟତଃ ସମ୍ବଲପୁରୀ ଲୋକଗୀତ ନାଁଆରେ ହିଁ ସୁପରିଚିତ । ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର ଯାହାକୁ କେନ୍ଦ୍ର କରି ସମଗ୍ର ପଶ୍ଚିମ ଓଡ଼ିଶାରେ ଦେଖା ସଂସ୍କୃତି ବା ସମଲେଇ ସଂସ୍କୃତି ପରିବ୍ୟାପ୍ତ, ସେହି ସମ୍ବଲପୁର ଅଞ୍ଚଳ ହିଁ ଏଇ ଲୋକଗୀତର କେନ୍ଦ୍ରସ୍ଥଳୀ । ଆଦିମ ମଣିଷ ଯେବଠୁ ଭାଷା ମାଧ୍ୟମରେ ନିଜ ମନୋଭାବକୁ ପ୍ରକାଶ କରି ଶିଖିଛି ସେଇଦିନଠୁ ବିଭିନ୍ନ ଗୀତ ଓ କଥା ରୂପରେ ନିଜକୁ ତଥା ନିଜର ସମସ୍ତ ମାନବୀୟ ଭାବନା, ଚିନ୍ତା, ଚେତନା, ରାଗ, ରୋଷ, ହସ, କାନ୍ଦ, ସୁଖ, ଦୁଃଖ ଅଶ୍ରୁକୁ ପରସ୍ପର ମଧ୍ୟରେ ବାଣ୍ଟିଦେଇ ଆସିଛି, ଅର୍ଥାତ୍ ସେଇ ସମୟରୁ ହିଁ ଏହି 'ଲୋକଶ୍ରୁତି'ର ସୃଷ୍ଟି । ସେଇଦିନଠୁ ବୈକ୍ତିକ ଚେତନାର ଉତ୍ତରଣ ଲୋକ-ଚେତନାରେ ବୈକ୍ତିକ ଗୀତ ଲୋକଗୀତ ବ୍ୟକ୍ତି ମାନସ, ଲୋକମାନସ । ତାମାନେ ସେଇ ସମୟରୁ ହିଁ ଲୋକଗୀତ ଓ କଥାର ଜନମ ଲଗ୍ନ । ପୃଥିବୀର ପ୍ରଥମ ଗୀତ ଲୋକଗୀତ, ପ୍ରଥମ କଥା ଲୋକକଥା । ଏହି ଲୋକଗୀତ ହେଉଛି ସେଇ ଯନ୍ତ୍ରଣା, ଯାହା ବାଲ୍ମିକି ଶରବିଦ୍ଧ କ୍ରୋଞ୍ଚକୁ ଦେଖି ତାଙ୍କ ମୁହଁରୁ ଅନାୟସରେ ବାହାରି ପଡ଼ିଥିଲା—'ମା ନିଷାଦ ପ୍ରତିଷ୍ଠାତ୍ୱ ମଗମ ଶାଶ୍ୱତୀ ସମା, ଯତ୍ କ୍ରୌଞ୍ଚ ମିଥୁନାଦେକଂ ଅବଧି କାମ ମୋହିତମ୍' [ରେ ବ୍ୟାଧ ଏଇ ମିଥୁନରତ କ୍ରୋଞ୍ଚଯୁଗଳରୁ ଗୋଟିକୁ ତୁ କାହିଁକି ମାରିଦେଲୁ ? ଏହାକୁ ମାରି ତୋତେ କ'ଣ ଯଶଟାଏ ମିଳିଲା । ତୁ କେବେ ବି ଶାନ୍ତିରେ ରହିପାରିବୁ ନାହିଁ ।] ଏକ ହିଂସାର ଶରବ୍ୟ ପ୍ରାଣୀ ପ୍ରତି ଯେଉଁ ସମବେଦନା ବୋଧ, ଅତ୍ୟାଚାରୀ ପ୍ରତି ସହଜ ରୋଷ, ପୀଡ଼ିତ ପ୍ରତି ସହାନୁଭୂତି ଏବଂ ମିଥୁନ ଅଥବା ସ୍ତ୍ରୀ ପୁରୁଷର ଦ୍ୱୈତ ସମ୍ପର୍କ ତଥା

Digitized by srujanika@gmail.com

ରୂପର ଶାଶ୍ୱତତାରୁହିଁ ତ ଲୋକଗୀତର ଜନ୍ମ । ଏହିସବୁ ଗୁଣାବଳୀ ଆଜିର ନିତ୍ୟ ପ୍ରବହମାନ ଓ ପରିବର୍ତ୍ତନଶୀଳ ପରିବେଶରେ ବି ଲୋକଗୀତରେ ଉପଲବ୍ଧ । ଆଜି କବିର ସେଇ ଆଦିଶ୍ଳୋକ ଯାହା ପୃଥିବୀର ଆଦି କବିତା ବୋଲି ପରିଗଣିତ—ସେଇଟା ହେଉଛି ସେଇ ଆଜିର ଲୋକଗୀତ, ଯାହା ତାର ସମସ୍ତ ବୈଭବ ସହ ସର୍ବସାମାନ୍ୟ ପରିବର୍ତ୍ତନର ସହିତ ସବୁ ଦେଶରେ ସବୁକାଳରେ ବିଦ୍ୟମାନ । ଏହି କ୍ରମ ଅଖଣ୍ଡିତ । ଏଥିରେ ଯଦି କିଛି ବାଦ ପଡିଯାଇଛି ତ ଅନେକ ବୃଦ୍ଧି ପାଇଛି ମଧ୍ୟ । ଆଦି ଶ୍ଳୋକ ବା ଆଦି ଲୋକ-ଗୀତର ସେଇ ପ୍ରଶ୍ନବାଚୀ । ଯାହା ସମ୍ପର୍କ ବିଚ୍ଛିନ୍ନ କରିବାବାଲା ଶିକାରୀକୁ ଆଦିକବି ପଚାରିଲେ ସେ ପ୍ରଶ୍ନର ଉତ୍ତର ଆଜିଯାଏ ଦିଆଯାଇ ପାରିନି । ସେ ପ୍ରଶ୍ନଟା ଆଜି ବି ଅନୁଚରିତ । ସେଇଥି ଲାଗି ମାନବିକତାରୁ ଦୂରେଇ ଯାଇ ନୋଉଟି ହୀନ ସ୍ୱାର୍ଥ ସାଧନା ଲାଗି ବା ନିଜ ହିତ ସାଧନ ଲାଗି କୌଣସି ମାନବୀୟ ମିଢ-ଦମ୍ପତି ବା ଆଦର୍ଶର ହତ୍ୟା କରାଯିବାର ଅବସ୍ଥା ଆସିଛି, ସେତେବେଳେ ଏଇ ପ୍ରଶ୍ନ ପୁଣି ଥରେ ସେଇ ଉପସ୍ଥିତ ପରିସ୍ଥିତିର ଦରଜାରେ ଜଡ଼ିଯାଏ, ପଡ଼ିଯାଏ ହତ୍ୟାକାରୀ ସାମନାରେ ଗୋଟାଏ ତରବାରୀ ପରି । ତାକୁ କିଏ ଶାନ୍ତି ପାଇଁ ସଂଗ୍ରାମ ବୋଲି ଅଭିହିତ କରେ ତ ଆଉ କିଏ 'ବିଶ୍ୱ ନିରସ୍ତ୍ରୀକରଣ' ଦେତାନ୍ତେ (detente) ବୋଲି କହେ ।

ସମ୍ବଲପୁରୀ ଲୋକ-ଗୀତ ଏକ ବହୁରଙ୍ଗ ଫେନସି ଫୁଲପରି । ଗୋଟାଏ ଗଛରୁ ଫୁଟିଲେ ବି ସେଥିରେ ଅନେକ ରଙ୍ଗର ଇନ୍ଦ୍ରଧନୁ, ବହୁବର୍ଣ୍ଣୀ ବର୍ଣ୍ଣାଢ୍ୟ ଆଉ ଏଇ ଗଛର ଉର୍ବର ଜନମ ଭୂମି ହେଲା ତଦାନୀନ୍ତନ ବହୁତାପ୍ଲିତ ଲୋକଜୀବନ ଯାହା ଏକ ସ୍ୱକୀୟ ଲୋକ-ପରଂପରାର ଜନକ । ଲୋକ-ସଭ୍ୟତା ଓ ଲୋକ-ସଂସ୍କୃତିର ଆଧାର ବିନ୍ଦୁ । ତାପରେ ଏହି ଲୋକଗୀତ ସବୁ, ସଜନୀ, ରସରକେଲି, ଡାଲଖାଇ, ଚଇତ, କରମା, ହୁମୋବଉଲି, ହଲିଆ ଗୀତ, ଶଗଡ଼ିଆ ଗୀତ, ମାଝୀ ଗୀତ, ଘୁମୁରା ଗୀତ, ଡଣ୍ଡା, ଢଗଢଗୋ, ନୂଆଖାଇ ଇତ୍ୟାଦି କେତେକ ସ୍ୱାଧୀନ ଓ କେତେକ ନୃତ୍ୟାଶ୍ରିତ । ଗୋଟାଏ ସଦାବହାର ଅମରଲତା ପରି ଦେଶ-କାଳପାତ୍ର କ୍ରମାନୁସ୍ୱରେ ନବ୍ୟ ବିଜ୍ଞାନର ତୀବ୍ର ଆଲୋକ ରଶ୍ମିରେ ଯାର ଗୋଟେ ଗୋଟେ ଶୁଖିଯାଉଛି ସତ, ତଥାପି କିନ୍ତୁ ଯାର ଝରାପତ୍ରର ଉର୍ବର ପଟ୍ଟମାଟିରେ ତାର ନୂଆ ଚେର ନୂଆ ବାତାବରଣରେ ଗଜୁରି ଉଠୁଛି । ମଲ୍ଲୀଫୁଲ ଆଉ କୁରେ ଫୁଲ [କୁଟଜ] ପରି ଜନଜୀବନକୁ ମହକାଉ କରୁଛି । ପଶ୍ଚିମାବର୍ତ୍ତି ସମ୍ବଲପୁରର ବଣ-ପାହାଡ଼, ଝରଣା ପ୍ରାନ୍ତର ପରି ଜନଜୀବନରେ ବଣ ଝରଣା, ପବନ ପରି ଚିରଚଞ୍ଚଳ, ପ୍ରଖର ଓ ମୁଖର ଏଇ ଲୋକଗୀତ ସବୁ ।

ଏଇ ଲୋକଗୀତ ଅଞ୍ଚଳର ଜନମୋଦ୍ଦୀରଣ ବହନ କରିଛି । ପଶ୍ଚିମ ଓଡ଼ିଶା ପୂର୍ବକାଳରେ ଯୋଡ଼ି ଯୋଡ଼ି ଦେଶର କବଳିତ ହୋଇଛି ତାର ଚିହ୍ନ ମଧ୍ୟ ଏହି ଲୋକଗୀତରେ ପାଇ ହେବ । ଏହି ଐତିହାସିକ ସମ୍ମିଳିତ ଭିତ୍ତିର ବିଶ୍ଳେଷଣ ପଶ୍ଚିମ

❋

Digitized by srujanika@gmail.com

ଓଡ଼ିଶାର ପୂର୍ବାଞ୍ଚଳର ମୂକର ସାକ୍ଷୀ । ନିକଟରେ ଏହି ମଧ୍ୟପ୍ରଦେଶ କବଳରେ ଥିବା ଯୋଗୁଁ ଏଥିରେ ଛତିଶଗଡ଼ି ବା ଲରିଆ ଭାଷାର ପ୍ରଚୁର ଶବ୍ଦର ମଧ୍ୟ ସନ୍ଧାନ ମିଳେ । ଏଣୁ ସମ୍ବଲପୁରୀ ଭାଷା ବିଭିନ୍ନ ଭାଷା ସାଙ୍ଗରେ ବନ୍ଧୁତାର ଭାଷା ଭଲପାଇବାର ଭାଷା । ଜାତୀୟ ଓ ଭାଷାଗତ ସଂହତି ଓ ସମନ୍ୱୟର ଭାଷା ।

ବିଭିନ୍ନ ଲୋକଗୀତ ଓ ଲୋକନୃତ୍ୟ (ବିଶେଷତଃ ଡ଼ଣ୍ଡା ଡିଗୋଡିଗୋ ବା ଗଉଡ଼ମାନଙ୍କର ଦୀପାବଳୀ ନୃତ୍ୟ, ଗେଡ଼ି ଲଢ଼େଇ ଖେଳରେ ଯୋଉ ଲାଠିଖେଳର ବିଭିନ୍ନ ପଇଁତରା ଦେଖାଯାଏ, ତାହା ପ୍ରାଚୀନ ଯୁଦ୍ଧ କୌଶଳର ପରିଚାୟକ । ଆତ୍ମରକ୍ଷାର ସମାଧାନ ରୂପରେ ଏହା ସମସ୍ତ ସମୟରେ ବିଶେଷ ଉପଯୋଗୀ । ଅଧୁନା ନର୍ସରୀ ସ୍କୁଲ୍‌-ମାନଙ୍କରେ ପ୍ରାୟୋଗିକ ଶିକ୍ଷା ପ୍ରଣାଳୀର ଏହା ଆଦିମତମ ରୂପ । ଏହି ଗୀତସବୁ ଜୀବନକୁ ରସମୟ କରି ଗଢ଼ି ତୋଳିବା ସଙ୍ଗେ ସଙ୍ଗେ ତାକୁ ସୁରକ୍ଷା ମଧ୍ୟ ପ୍ରଦାନ କରେ ।

ସମ୍ବଲପୁରୀ ଲୋକଗୀତ ସ୍ତ୍ରୀ ପୁରୁଷ ପୁଅ ଝିଅ ସମସ୍ତଙ୍କ ଲାଗି ଉଦ୍ଦିଷ୍ଟ । ସ୍ତ୍ରୀ ଓ ଝିଅମାନେ ସଜନୀ, ରସରକେଲି, ଡାଲଖାଇ, ମାଏଲ୍ ଜଡ଼ ପ୍ରଭୃତିରେ ରସିଲା ସମୟରେ ପୁରୁଷମାନେ କରମା, ଘୁମୁରା, ଡ଼ଣ୍ଡା (ଲଉଡ଼ି) ଡିଗଡିଗୋ, ଗେଡ଼ି ଆଦିରେ ମନଖୋଲି ଅଂଶଗ୍ରହଣ କରନ୍ତି । ହଳିଆମାନେ ହଳିଆ ଗୀତ ଗାଇଲା ବେଳେ ଶଗଡ଼ ଟୁଲାରୁ ଶୁଭେ ଶଗଡ଼ିଆ ଗୀତ ବାଟର ନିର୍ଜନତାକୁ ମୁଖରିତ କରି । ନଦୀରେ ମାଛ ଧରିଲାବେଳେ ବା ନାଆ ବାହିନେଲା ବେଳେ ମାଝୀ ଗୀତର ଲହରୀ ଉଠେ । ବିବାହ ଅନୁଷ୍ଠାନରେ ସ୍ତ୍ରୀମାନେ ରସରକେଲି, ମାଏଲ୍‌ଜଡ଼, ଡାଲଖାଇ ଗାଆନ୍ତି ଓ ନାଚନ୍ତି । ଲୋକବାଦ୍ୟର ତାଳେ ତାଳେ ଘୁମେଇ ଘୁମେଇ ଚାଲେ ଘୁମୁରା ଗୀତ, ବାଦ୍ୟ ଓ ନୃତ୍ୟ । ଧାନ ଅମଳ କଲାପରେ ପୌଷ ମାସରେ ଡ଼ଣ୍ଡାଗୀତ ଓ ଛେରଛେରା ଗୀତ ନୃତ୍ୟ ଚାଲେ ।

'ସଜନୀ' ହେଉଛି ଯୁବକ ଯୁବତୀମାନଙ୍କର ପ୍ରଣୟ ଗୀତ । ହୁମୋବଉଲି ହେଉଛି ଝିଅ ପିଲାମାନଙ୍କର ଏପରି ଏକ ଗୀତ ଯାହାର ଖେଳପ୍ରକ୍ରିୟା ସେମାନଙ୍କ ଭିତରେ ବନ୍ଧୁତ୍ୱକୁ ସଘନ କରିବା ସଙ୍ଗେ ସଙ୍ଗେ ଜଣେ ଜଣଙ୍କର ସୁଖଦୁଃଖ ବୁଝିବାରେ ସହାୟକ ହୁଏ । ଏଥିରେ ଦୁଇଦଳ ଝିଅ ଦୁଇଟା ଅଲଗା ଧାଡ଼ିରେ ପରସ୍ପର ବେକରେ ବାହୁ ଛନ୍ଦି ଆଗପଛ ଯା' ଆସ କରି ବୋଲନ୍ତି । ତା'ଛଡ଼ା ଛୁଇଁଲୋକାଇ (ପୁଚିଖେଳ) ପ୍ରଭୃତି ପିଲାମାନଙ୍କର ଅନେକ ଖେଳଗୀତ ମଧ୍ୟ ରହିଛି । ସେହିପରି "ଛଟା ଦାଏକା" ବା ଅକ୍ଷୋପୋକ୍ତି ଏବଂ ଭଜାଣି (Riddle) ମଧ୍ୟ ଅଛି ଯାହା ଲୋକଗୀତର ପର୍ଯ୍ୟାୟବାଚୀ ହେବା ସଙ୍ଗେ ସଙ୍ଗେ ଶିଶୁ ଜୀବନରେ ହାସ୍ୟ, ବ୍ୟଙ୍ଗ ଓ ଚେତନାଦୀପ୍ତ ବୁଦ୍ଧିବିବେକର ବିକାଶରେ ବିଶେଷ ସହାୟକ । ଯୋଉଠି ଏକ ଲୋକଧର୍ମ ପରି ଏଇ

Digitized by srujanika@gmail.com

ଲୋକଗୀତ ସବୁ ସାମାନ୍ୟ ଜନଜୀବନ ଓ ମାନସର ସହ ଅଙ୍ଗାଙ୍ଗୀ ଭାବରେ ବିଜଡ଼ିତ । ସେଇଠି ପୃଥିବୀର ସାବତୀୟ ଅତିରେକ ବିରୁଦ୍ଧରେ ଏହାର ସଶବ୍ଦ ପ୍ରତିବାଦ ଧ୍ୱନିତ ।

"ଏହି ଲୋକଗୀତମାନଙ୍କରେ ଭାବପୂର୍ଣ୍ଣ ହୃଦୟର ଅଭିବ୍ୟକ୍ତି, ତୀକ୍ଷ୍ଣ ଓ ଶାଣିତ ଉଦ୍‌ଗାର ମୁକ୍ତ ଭାବରେ ରୂପାୟିତ ହୋଇଆସିଛି । ଏଥିପୂର୍ବ କେତେକ କୁସଂସ୍କାର, ସ୍ଥିତିସ୍ଥାପକବାଦ ତଥା ପରମ୍ପରାଶ୍ରୟୀ ହୋଇଥିଲେ ମଧ୍ୟ ସମାଜ । ସଂସ୍କାର, ପରମ୍ପରା, ଶାସନ, ସତ୍ତା ତଥା ଧର୍ମର ଶୃଙ୍ଖଳାରୁ ଦେବା ମଣିଷର ଅନ୍ତର୍ଗତ ଭାବ-ଚେତନାରେ ଅବରୁଦ୍ଧ କରି ତାକୁ ଏକ ଶ୍ୱାସରୁଦ୍ଧ ଜୀବନରେ ଯୋଉ ନିର୍ବାସନ ଦେଇଛି ଏ ଲୋକଗୀତ ସବୁ ସେଇ ପାରମ୍ପରିକ ଆଚ୍ଛନ୍ନ, ଶୃଙ୍ଖଳା, ନିୟମନିଷ୍ଠତାର ଚୌହଦୀ ବଦଳରେ ତାକୁ ଭାଙ୍ଗି ସୃଷ୍ଟି କରେ ଏକ 'ବିଶୃଙ୍ଖଳା', ଯାହା ଶୃଙ୍ଖଳିତ, ନିୟମଠାରୁ ବି ବେଶୀ ନିୟମିତ । ଏହାର ଅନୈତିକତା ମଧ୍ୟ ଗଭୀର ଓ ମଧୁର ନୈତିକତାବଦ୍ଧ ।" ❋

ଏହି ଲୋକବାଣୀ, ଲୋକଶ୍ରୁତି ବା ଲୋକବେଦମାନଙ୍କରେ ସ୍ୱାଧୀନତା, ସାମ୍ୟ ଶାନ୍ତିକାମୀ ଗଣମାନସର ଦାରୁଣ ଚିନ୍ତାବଳୀର ସାକ୍ଷାତ୍କାର ମିଳେ । ଅବଳ ଓ ଅବଳାର କଣ୍ଠରୁ ବିଦ୍ରୋହର ସ୍ଫୁଲିଙ୍ଗ ସ୍ଫୁରିତ ହୁଏ, ଯାହା ପ୍ରଚଳିତ ବିଷମ ପରମ୍ପରାକୁ ଜାଳିପୋଡ଼ି ଭସ୍ମସାତ୍ କରିବାକୁ ସତତ ଆତୁର ଓ ଉଦ୍ୟତ ।

ଆସନ୍ତୁ ପ୍ରଥମେ 'ସଜନୀ ଗୀତ' କଥାକୁ ହିଁ ବିଚାରକୁ ନିଆଯାଉ । ସଜନୀ ପ୍ରେମପ୍ରଣୟର ଗୀତ । ସଜନୀ ବିଦଗ୍ଧ ପ୍ରେମୀ ହୃଦୟର ଆଲୋକ ସଙ୍ଗୀତ ହୋଇ-ଥିଲେ ହେଁ ସେଥିରେ ସମସାମୟିକ ସମାଜର ଅନାଚାର, ଅବିଚାର, ଅନ୍ୟାୟ ବିପକ୍ଷରେ ଏକ ଆଗ୍ନେୟ ଆକ୍ଷେପ ଓ ବିଦ୍ରୋହ ପ୍ରବର୍ତ୍ତିକ ସାଧାରଣ ମଣିଷ ଏଥିରେ ତାର ଧରାବନ୍ଧା କୃତ୍ରିମ ଆଚାର ସଂସ୍କୃତିକୁ ଓପାଡ଼ି ଫିଙ୍ଗେ । ପ୍ରଚଳିତ ପରମ୍ପରାଶ୍ରୟୀ ବ୍ୟକ୍ତି ଜୀବନର ସୁଖ ଦୁଃଖ, ଆଶାନିରାଶା, ପ୍ରାପ୍ତି ପ୍ରବଞ୍ଚନା ମଧ୍ୟରୁ ଏହାର ଜନମ ହୋଇଥିଲେ ମଧ୍ୟ ସମଷ୍ଟିଗତ ଏକ ମହାନ୍ ମହାମାନବୀୟ ଜାତୀୟତାବୋଧ ଓ ଆନ୍ତର୍ଜାତୀୟ ଏକତା, ସଂହତି, ଶାନ୍ତି, ମୈତ୍ରୀ, ସଂଗ୍ରାମ ଦିଗରେ ଏହାର ସମସ୍ତ ବୈପ୍ଳବିକ ବିଶେଷ ଦ୍ରବୀଭୂତ ଓ ସତତ ଉତ୍ତରଣଶୀଳ ।

"ସଜନୀ" ତାର ଏକାନ୍ତ ଜନପ୍ରେମକୁ ପରିବ୍ୟାପ୍ତ ଗଣପ୍ରେମରେ ରୂପାୟିତ କରି ଏଇ ଯୁଦ୍ଧଦଗ୍ଧ ପୃଥିବୀରେ ପ୍ରେମର ଉତ୍କର୍ଷତାକୁ ପ୍ରତିପାଦିତ କରିବାକୁ ସତତ ଆତୁର—

[❋ ସମ୍ବଲପୁରୀ ଲୋକଗୀତ : ସଜନୀ, ପ୍ରଫେସର ଜ୍ଞାନ ସରଦାର ହସନ୍ ସମ୍ପାଦିତ; ୨ୟ ବର୍ଷ, ୭ମ ସଂଖ୍ୟା, ଜୁଲାଇ ୧୯୭୨ ସମ୍ବଲପୁର ବିଶ୍ୱବିଦ୍ୟାଳୟ ।]

Digitized by srujanika@gmail.com

ମହାଜନର ସେକ୍ଷର
ସଂସାର ମଧ୍ୟରେ ପୀରତି ସାରରେ ଧନ,
ଘର ହୋଇଗଲା ଦୂର ରେ ଗଲର ।

ସାଧାରଣତଃ, ଉତ୍କଟ ଦରିଦ୍ରତା ଯୋଗୁଁ ଏ ଅଞ୍ଚଳର ଅଧିକାଂଶ ଗରିବ ଲୋକେ ସାବୁନ ବ୍ୟବହାର କରିପାରନ୍ତି ନାହିଁ । ଏହିପରି ଦାରିଦ୍ର୍ୟର ଚିତ୍ର ସଜନୀରେ ଅନେକତ୍ର ଦେଖିବାକୁ ମିଳେ । ଗରିବ ଘରର ଝିଅର ଏକ ଚିତ୍ର—

ଗରିବ ଘରର ଝିଅ
ଫାଲେ ଓଠେ ହସ ଆଖିରେ ଲୁହରେ
ଧନ, ପଥର ପଡ଼ିଲେ ସହି ରେ ଗଲର ।

ମନ ଓ ଧନ କେବେହେଲେ ପର୍ଯ୍ୟାୟବାଚୀ ହୋଇପାରନ୍ତି ନାହିଁ । ଧନ ସୁଖ ଦେଇପାରେ, କିନ୍ତୁ ଶାନ୍ତି ନୁହେଁ । ଆଉ ଶାନ୍ତି ନ ଥିଲେ ସବୁକିଛି ନିଃସାର । ଶାନ୍ତି କେବଳ ପ୍ରେମରୁ ହିଁ ମିଳିପାରେ । ପୃଥିବୀର ସମସ୍ତ ପ୍ରାଚୁର୍ଯ୍ୟ ଶାନ୍ତିପୂର୍ଣ୍ଣ ମନ ନିକଟରେ ନିଷ୍ପ୍ରଭ ଆଉ ଏଇ ମନଟାକୁ କୌଣସି ଲୋଭର ବଶବର୍ତ୍ତୀ କରାଯାଇପାରେ ନାହିଁ । ଏଥିଲାଗି ତ ଦରକାର ଗୋଟାଏ ହୃଦୟ ମାନବୀୟ ଭାବନାରେ ପରିପୂର୍ଣ୍ଣ ଏକ ପ୍ରେମୀ ହୃଦୟ—

ନୂଆଁ ମହାଜନର ଚନ
ମନତେ ମହମା ନାଇଁ ପାରେ କିଣି ରେ
ଧନ, ମନଟା ସିନା ମହମା ସଜନୀ ରେ ।
କାଟି ଗଲା ତାଲ ସଜ
ରୂପା ଫୁଲେଂରଜା ନାଇଁ ଗରଜ ହୋ
ଧନ, ପୀରତି କରିବା ଆଜ ରେ ନାଗର ।

ଛୁଆଁ ଅଛୁଆଁ, ଜାତିସ୍ୱତା ମନୋଭାବ, ଅସ୍ପୃଶ୍ୟତାର ଆନ୍ତରିକ ଜ୍ୱଳନରେ ପୋଡ଼ିଯାଇଛି 'ସଜନୀ'ର ହୃଦୟ । ସେ ଚାହେଁ ମାନବିକ ସମତା ରଙ୍ଗ, ଜାତି, ଭାଷା ଭେଦ ନୁହେଁ ।

ଲେମଉ ଧରିଲା କଷି
କୂଲରେ ବସାଇ ଚୁମ୍ବନ ଦେଉଚରେ
ଧନ, ନ ହେଲା ଆମର ଜାତି, ରେ ନାଗର ।

ପୃଥିବୀରେ ପରିବ୍ୟାପ୍ତ ବର୍ଣ୍ଣ ବିଦ୍ୱେଷ ବିପକ୍ଷରେ ସଙ୍ଗଠିତ ସମସ୍ତ ଆନ୍ଦୋଳନର ବହୁ ଆଗରୁ ହିଁ ସରଳା ଗ୍ରାମ୍ୟ କିଶୋରୀର ମନଗହନରେ ଏ ପାପବିରୁଦ୍ଧରେ ଗୋଟାଏ ଦାବାଗ୍ନି ପ୍ରଜ୍ୱଳିତ ହୋଇଥିଲା, ଯାହା ଆଜି ବି ଲିଭିଯାଇ ନାହିଁ—

Digitized by srujanika@gmail.com

ଆହାରେ କାଳିଆ ହାତୀ
ତୋହର ମୋହର ରହୁ ପୀରତିରେ
ଧନ, କୁଞ୍ଜବନେ ହେବା ଜାତିରେ ଗଲିର ।

ପ୍ରଚଳିତ ବର୍ଣ୍ଣଦ୍ୱେଷୀ ସମାଜ ବ୍ୟବସ୍ଥା ବିରୁଦ୍ଧରେ ବିଦ୍ରୋହର ସ୍ୱର ଏହିପରି ଅନେକ ଗୀତରେ ଧ୍ୱନିତ ହୋଇ ନିଷ୍ପାପ ପ୍ରେମର ପରାକାଷ୍ଠା ନିମନ୍ତେ ଭାଗବତ ସମାଜ—କୁଞ୍ଜବନ ଯେଉଁଠି ସମସ୍ତେ ଭଗବାନଙ୍କ ସନ୍ତାନ ଓ ସମାନ, କେହି ବଡ଼ ଶ୍ରେଷ୍ଠ, ପ୍ରିୟ ଘୃଣ୍ୟ ନୁହନ୍ତି, ସେଇଠିକୁ କେବଳ ପଳାୟନ ନୁହେଁ, ବରଂ ଏହି ଧୂଳିମାଟିରେ ସେଇ ଆତ୍ମିକ ଅନ୍ତରଙ୍ଗତାର ମଧୁବନ "କୁଞ୍ଜବନ"ର ପ୍ରତିଷ୍ଠା ଲାଗି ସେ ଜେହାଦ୍ ପାଇଁ ତାର ମନ ଉତ୍ସର୍ଗୀକୃତ ।

ଗରିବ, ନଥିଲାବାଲା ଲୋକଙ୍କ ପାଇଁ ଯୌତୁକ, ଜାତି ଭୋଜି ଏକ ଅକାଳ ଚଡ଼କ । ଯାହା ସେମାନଙ୍କୁ ନିଃଶେଷ କରି ଶୋଷିନିଏ । ଏଇ ସଙ୍ଗଠିତ ସାମାଜିକ ଅତ୍ୟାଚାର ବିରୁଦ୍ଧରେ ସଙ୍ଗୀତ ସଜନୀର କେତେ ରଣ ହୁଙ୍କାର ଡାକରା—

ଛବା ଘର ରାଉଁ ଝାଉଁ
ନଗିର ମନ୍ ବଲୁଛେ ପଲାଇ ଯାଉଁ ହୋ
ଧନ, ଜାତିର ଭୋଜି ଦେମା କାହୁଁରେ ନାଗର !

ସଜନୀର ଛନ୍ଦେ ଛନ୍ଦେ ଫୁଟି ଉଠେ ଦାରିଦ୍ର୍ୟର ଉଗ୍ର ନିଦାରୁଣ ଚିତ୍ର । ଜୀବନ ସଂଘର୍ଷର ଦୁଃଖ-ସୁଖମୟ ସଂସାରର ରେଖାଙ୍କିତ ଗରିବ ଲୋକେ ମୂଲିଆ ଶ୍ରେଣୀର ମୂଲ ନ ଲାଗିଲେ ଖାଇବେ କଣ ? ପୁଣି ଏ ମୂଲ୍‌କାମ ପାଇବା ଲାଗି କେତେ କାକୁତି ମିନତି, ସାହୁକାର ମହାଜନଠାରେ ଦିନ ଦିନ ଧରି ଭୋକରେ ପେଟରେ ଓଦାଲୁଗା ବାନ୍ଧି ବି ଶୋଇବାକୁ ପଡ଼େ । ପରିବାର ପୋଷଣ ଲାଗି ଲୋକେ ଗାଁଘର-ଭିଟାମାଟି ଆତ୍ମୀୟ ସ୍ୱଜନ ଛାଡ଼ି ପ୍ରବାସୀ ହୁଅନ୍ତି । ଗଲାବେଳେ ତାଙ୍କ ମନରେ କି ଅପାର ଦୁଃଖ, ଯାତନା । ସେତେବେଳେ ଅଶ୍ରୁବର୍ଷିଳ ସ୍ତ୍ରୀ ପୁରୁଷକୁ ଧଇର୍ଯ୍ୟ ଧରାଏ, ପ୍ରବୋଧନା କରେ—ସମ୍ବଲପୁରର ପାତଲ ଘିଁଟା, ମତେ ଛାଡ଼ିକରି ଯାଉଛ ଟାଟା ହୋ ଧନ, ମନ ନ କରିବ ଖଟା, ନାଗର ହୋ !

ଶିଳ୍ପାୟନର ପ୍ରଭାବ ଫଳରେ ସରଳ ଗ୍ରାମ୍ୟ ଜୀବନରେ ବି ଅନେକ ପରିବର୍ତ୍ତନ ଆସିଛି । ବିଶେଷତଃ ସ୍ତ୍ରୀ ସମାଜରେ ଏହା "ଫେଶନ୍" ରୂପରେ ଫୁଟି ଉଠିଛି । ତଥାପି ସଚେତନ ମାନସ ତାକୁ ଚେତାଇ ଦେଇଛି—

କଲ୍ କଲ୍ କଲ୍ କଲ୍
ମେଲର ଧୁଇ ପଏସି ଅତୁଆ କଲ୍ ରେ
ସତେ, ଫେଶନ ବଦ୍‌ଲେଇ ଦେଲ୍, ରେ ନବୀନା···

Digitized by srujanika@gmail.com

ବିବାହ ପରେ ଝିଅ-ବିଦାୟ କାଳର ମର୍ମାନ୍ତକ ଦୃଶ୍ୟ । ସେ ନିଜ ସାଙ୍ଗ, ସାଥୀ ବାପ- ମା, ଭାଇ-ଭଉଣୀ, ଗାଁ ମାଟି ଛାଡ଼ି ଅନ୍ୟ ଏକ ଅଜଣା ଜାଗାକୁ ଯାଏ । ସେତେବେଳେ ସମସ୍ତଙ୍କ ଆଖି ଆର୍ଦ୍ର ହୋଇଯାଏ—

ଜନକୁ ମହାମଣ୍ଡଳ
ଝେଲଝିଆ ଝିଅ ଘରୁ ବାହାରରେ
ଧନ, ଘୁଞ୍ଚିଛେ ମେଘ ବାଦଲ ରେ ଗଲର ।

ସେତେବେଳେ ଝେଲଝିଆ ଝିଅର ସ୍ୱାଧୀନ ଜୀବନଯାତ୍ରାର ଆନନ୍ଦମୟ ପଥରେ ହଠାତ୍ ଏକ ମୋଡ଼ ଆସିଯାଏ, ସେଇ ମୋଡ଼ର ଆଖିଝଲସା ଦୁଃଖ ଦୀପ୍ତିରେ ମେଘ ବାଦଲ ପରି ଝିଅ ସଙ୍ଗେ ଆତ୍ମୀୟ ସ୍ୱଜନମାନଙ୍କର ମୁହଁ ମଧ୍ୟ ମ୍ଳାନ ପଡ଼ିଯାଏ । ସବୁ ଆନନ୍ଦର ଜନ୍ମଟା ବୋଧହୁଏ ଏମିତି ଯନ୍ତ୍ରଣାଗର୍ଭରୁ ।

'ସଜନି' ଯୋଉ ମାଟିରୁ ତାର ଜନମ, ସେ ମାଟି ପ୍ରତି ତାର ଜନମ, ସେ ମାଟି ପ୍ରତି ତାର ମମତା ଅପୂର୍ବ । ଏଣୁ ସେହି ମାଟି ପ୍ରତି ତାର ପ୍ରେମ, ସ୍ୱଦେଶ ପ୍ରେମ ଓ ଜାତି ପ୍ରେମରେ ଉଜ୍ଜୀବିତ—

ଥାଳରେ ଦୁଇବୁନ୍ଦା ଘିଅ
ଆମେ ଗୁଲଗଲେ ନାହିଁ ହଲେ ହିଦରେ
ସତେ, ସମ୍ବଲପୁରିଆ ଝିଅ ରେ ଗଲର !

ସାଇକଲ ଯୁଡ଼ା ଚକ
ହାତେ ଚକମକ କାନ୍ଧେ ବନ୍ଧୁକରେ
ସତେ, ସମ୍ବଲପୁରିଆ ଲୋକ ରେ ରଜନ !

ଯେତେବେଳେ ବିଦେଶୀ ଶାସନ ଅମଲରେ ଗାଁର ଗୌନ୍ତିଆମାନେ ନିଜ ସ୍ୱାର୍ଥ ସାଧନ ଲାଗି ସାଧନ ଲାଗି ବିଦେଶୀ ସରକାର ପାଦ ଚାଟି ଦେଶଦ୍ରୋହିତା କରିବାକୁ ଲାଗିଲେ, ସେତେବେଳେ 'ସଜନି' ସେଇ କାପୁରୁଷମାନଙ୍କ ପ୍ରତି ଘୃଣା ଓ ତାଚ୍ଛଲ୍ୟ କରି କହି ଉଠିଛି—

ବାଇଗନ ତରକାରି
ଗାଆଁ ଗଉଁତିଆ ପରଧୁଆରି ହୋ
ସତେ, ଗାଆଁ ହେଲା ସରକାରି, ସଜନି ରେ !

ଇଂରେଜ ଶାସନ କାଳରେ ଯୋଉ ସବୁ ନ୍ୟସ୍ତସ୍ୱାର୍ଥ ରଜା-ମହାରଜାମାନେ ନିଜର ପଗଡ଼ି ବିକିଦେଲେ । ସେମାନଙ୍କୁ 'ସଜନି' କ୍ଷମା କରିନି—

ହଲଦୀ ଦୁଇଖଣ୍ଡ ଗଜା
ସମ୍ବଲପୁରରେ ନାହିଁନ ରଜା ହୋ
ସତେ, ଫିରଙ୍ଗ ମାରୁଛେ ମଜା ରେ ନାଗର !

Digitized by srujanika@gmail.com

ଯୋଉ ମହାପୁରୁଷମାନେ ଦେଶର ସ୍ୱାଧୀନତା ଲାଗି ସଂଗ୍ରାମ କରିଛନ୍ତି, ଆତ୍ମବଳି ଦେଇଛନ୍ତି ସେମାନଙ୍କ ପ୍ରଶଂସାରେ ସଜନୀ ଶତମୁଖୀ—

ଅଲୁଆ ଗୁଞ୍ଜିଲ ଗଜା
ସୁରୁଗଙ୍ଗାଧର ଗଲେ ବାମଣ୍ଡା ହୋ
ସତେ, ରକତେ ମାତିଲି ଝଣ୍ଡା, ସଜନୀ ରେ !

'ସଜନୀ ଗୀତ' ଏହିପରି ଅନେକ ଐତିହାସିକ ଉପାଦାନରେ ସମୃଦ୍ଧ । ତାର ବ୍ୟାପକ ଗବେଷଣା ଏ ମାଟିର ଇତିହାସର ଅନେକ ଅନ୍ଧକାରମୟ ପୃଷ୍ଠା ଉନ୍ମୋଚିତ କରିବ । ଏଥିରେ ସନ୍ଦେହ ନାହିଁ । ଏଣୁ ସଜନୀରେ ବକ୍ଷିପ୍ତ ଇତିହାସ ସଙ୍ଗେ ପ୍ରଚଳିତ ଇତିହାସର ପୂର୍ଣ୍ଣାଙ୍ଗ ତୁଳନାତ୍ମକ ଅଧ୍ୟୟନ ଦ୍ୱାରା ଅନେକ ନୂତନ ଐତିହାସିକ ତଥ୍ୟାବଳୀର ଉଦ୍‌ଘାଟନ ହୋଇପାରିବ ।

"ହଲିଆ ଗୀତ"ରେ ବି କୃଷିଜୀବୀ ମଣିଷର ଦାରୁଣ ସାମାଜିକ ଚିତ୍ର ଫୁଟି ଉଠିଛି । ଓଡ଼ିଆରେ ପ୍ରବାଦଟିଏ ଅଛି, "ଚଷା, ଲକ୍ଷେ ଲୋକ ପୋଷା" । ସମସ୍ତଙ୍କ ଲାଗି ପ୍ରାଣମୂର୍ଚ୍ଛା ପରିଶ୍ରମ କରି କରି ହଲିଆ ଏକ "ଚଳନ୍ତି ବସ୍ତୁ" ପାଲଟିଯାଏ । ଗହିର ବିଲରେ ତାର କାଠରେ ଲଙ୍ଗଳ ଯେମିତି ସୁନାର ହୋଇଯାଇଛି । ଜୁଆଳିରପାରି ବଳଦ ହଳକ ଯେମିତି ସୃଷ୍ଟିରକ୍ଷା ଧର୍ମ ପାଳନ କରିବା ନିମନ୍ତେ ମନପବନ ଗତିରେ ହଳିହଳି ଗୁଲିଛନ୍ତି କେଜାଣି କେଉଁ ଆଦିମ କାଳରୁ—ହଲିଆ ତାର ସୁଖ ଦୁଃଖର ସାଥୀ ବଳଦ ଯୋଡ଼ିକୁ ସମ୍ବୋଧନ କରି କହୁଛି—

ବଏଲ୍‌ରେ ଗହିରି ବିଲରେ ତ
ଯେ କାବତା ହଳିହଳି
ସୁନାର ଲଙ୍ଗଳକୁ ରୂପାର ଜୁଆଳି
ବଳଦ ହଳି ହଳି ମନ ଯେ ପବନ
ହଲିଆ ବନମାଳୀ ହୋ ।
ରାମ ଲକ୍ଷ୍ମଣ ଯେ
ଦୁଇଗୋଟି ଭାଇ
ଆର କେ ଫାନ୍ଦେ ଲଙ୍ଗଳ ଯେ
କେ ଫାନ୍ଦେ ଆଡ଼ ମଇ
କାହିଁ କରିଅଛ ଗଜ ବାହାଲେ
ବାହାଲେ ସୀତାଙ୍କୁ ଦିବେ ବୁଇ
ହୋ ଓଓ…ଅରି ।

Digitized by srujanika@gmail.com

ହଲିଆ ଗୀତରେ ଆପାତତଃ କିଛି ଶୁଦ୍ଧ ଭାଷାର ପରିଚୟ ମିଳେ । ତାମାନେ ଏଠି ମୁଁ ଝାଣ୍ଡି ସମ୍ବଲପୁରୀ ଭାଷାକୁ ଅଶୁଦ୍ଧ ବୋଲି କହୁଛି ବୋଲି ଭାବିଲେ ଭୁଲ ହେବ । 'ହଲିଆ ଗୀତ' ଓଡ଼ିଆ ଭାଷାର ପ୍ରଭୂତ ପ୍ରଭାବ ବହନ କରିଛି ।

ମଣିଷଂହିଁ ତ ପ୍ରକୃତରେ ଚଳନ୍ତ ବିଷ୍ଣୁ···ଅବତାରୀ ଭଗବାନ । ସିଏ ଅନେକ ଗୁଣ ଓ କର୍ମାବଳୀର ଅଧିକାରୀ ହୋଇ ସମଗ୍ର ମଣିଷର ସେବାରେ ନିଜକୁ ନିୟୋଜିତ କରେ । ଚାଷୀ ରୂପରେ ସମଗ୍ର ସଂସାରକୁ ଖାଦ୍ୟାନ୍ନ ଯୋଗାଏ । କାରିଗର ଶିଳ୍ପୀ ରୂପରେ ତାର ଘର ବାହାରର ତମାମ ଉପଭୋଗ ଓ ଆବଶ୍ୟକତାର ସମାନ ସମ-ବଳରେ ଯୋଗାଏ । 'ହଲିଆ ଗୀତ'ରେ କେବଳ ଗୀତା, ଭାଗବତ, ରାମାୟଣ, ମହାଭାରତ ଓ ପୁରାଣମାନଙ୍କର ଚିହ୍ନ ମିଳେ ତା ନୁହେଁ, ତତ୍‌ସଙ୍ଗେ ସଙ୍ଗେ ଭାରତର ଇତିହାସ, ସାମାଜିକ, ଆର୍ଥିକ, ରାଜନୈତିକ ମୋଟାମୋଟି ଭାବରେ କହିବାକୁ ଗଲେ ମାନବୀୟ ଜୀବନର ସମସ୍ତ ସାଂସ୍କୃତିକ ତଥା ପ୍ରାଚୀନ ହସ-ଅଶ୍ରୁ ଏଥିରେ ମୂର୍ତ୍ତିରୂପରେ ଏଥିରେ ପ୍ରତିଭାତ । ଭଗବାନ ମଧ୍ୟ ଏଠି ତେଲ ଲୁଣ-କାଠ-ଚାଉଳ-ଚିନ୍ତାଗ୍ରସ୍ତ ମାଟିର ମଣିଷ ।

ହଲିଆ, ମୂଲିଆ, ବେଠିଆ, କୋଠିଆ, ଗୋତି ଜୀବନର ଜଘନ୍ୟ ଅତ୍ୟାଚାର ଜର୍ଜରିତ ଜୀବନର କରୁଣ କାହାଣୀର ରକ୍ତରେ 'ହଲିଆ ଗୀତ'ର ଜାନି ଭିଜି ଯାଉଛି । କୋଉ ଅଜଣା କାଳରୁ ସେ ତାର ପ୍ରତିକାର କରି ଆସିଛି—

ସାଲୁରେ ମଇନା
ଗୁତିମାନ୍ କରେ ବଡ଼ା କଲ୍‌ବଲ୍ ଜୀଉନା
ବଏଲ୍‌ରେ ବାଟର ବନୁଆଁ ଯେ
ଧସକି ପଡ଼େ ତେଇଲ,
ଭୁକେ ଡରିହରି କରେ ହଲିଆ
ହଲିଆ, ଲେଉଟି ଦେଇ ବେଲ ହୋ—
ବଏଲ୍‌ରେ, କାଲ୍‌ହର ଖରାଠାନୁ
ଯେ ଆକ୍‌ଝିର ଝରି ଟାନ
ଭୁତ ଡମକିଆ ଗୁତି ଜୀବନ
ଜୀବନ, ଘିଚଇ ପରାଣ ହୋଇଓ ।

ଜମିଦାର ବା ମାଲିକ ପାଖରେ ଗୋତିର ସୁଖଦୁଃଖ ବୁଝିବାକୁ ସମୟ ନାହିଁ କି ଆଗ୍ରହ ମଧ୍ୟ ନାହିଁ । ସେ କଣେ କ୍ରୀତଦାସ, ମାଲିକ ତ ସମୟରେ ଚାଲିଯାଏ । କିନ୍ତୁ ଯେତେବେଳେ ଯାଏ କାମ ସରିନି, ସେତେବେଳ ଯାଏ ଗୋତିର ଘଡ଼ିରେ ବାର ବାଜେନା କି ଛୁଟି ମିଳେ ନା ।

Digitized by srujanika@gmail.com

ଗ୍ରାମ୍ୟ ଝିଅର ଅଗଢ଼ ଯୌବନଶ୍ରୀ ବିରଞ୍ଜିତ "ହୁମୋ ବଉଳି" ସେମାନଙ୍କର ମନର ନିଷ୍କପଟତା, ସରଳତା, ନିରୀହତା, ଦୟା, କ୍ଷମା, ଶାନ୍ତି, ସହାନୁଭୂତି, ଧୈର୍ଯ୍ୟ, ସ୍ନେହ, ପ୍ରେମ ତଥା ବିଶ୍ୱମୈତ୍ରୀର ମହାନ୍ ଭାବନାରେ ଭରପୂର । "ବଉଳି" ଯୁବତୀ ଅନ୍ତରର ନିରନ୍ଧ୍ର ଅନ୍ଧକାରରେ ଆଲୋକ—ସଙ୍ଗୀତ, ଗ୍ରାମ୍ୟ କିଶୋରୀ, ଯୁବତୀ ନାରୀ ଜୀବନର ଆଲୋକତୀର୍ଥ ।

ମାତୃଭୂମି-ଜନ୍ମଭୂମି, ମାଆ ପରି ମାତୃଭୂମିର ଆକର୍ଷଣ । ଅନ୍ୟ ଦେଶର "ଗୁଆ ପଣସ" ଅପେକ୍ଷା ମାତୃଭୂମିର ଲୁଣ-ଲଙ୍କା ତୋରାଣି ଶତେଗୁଣେ ଶ୍ରେୟସ୍କର—

ହୁମୋ ନୂଆନୂଆ ଦୁଖ ବଉଳୀରେ
ହୁମୋ ନୂଆନୂଆ ଦୁଖ ।
ନ ଖାଉଁ ନ ପିଉଁ ଗୁଆ ପଣସ
ନ ଖାଉଁ ନ ପିଉଁ ଗୁଆ ପଣସ
ନ ଯାଉଁ ତୁମର ଦେଶ ବଉଳୀରେ
ନ ଯାଉଁ ତୁମର ଦେଶରେ ··

ଲୋକପ୍ରତିନିଧି ଲୋକହିତକାରୀ ବ୍ୟବସ୍ଥା ପାଇଁ ଏ ଗୀତମାନଙ୍କରେ ଯେଉଁଠି ଅତ୍ୟାଚାରୀ ଦୁଃଶାସନ ଲାଗି ତୀବ୍ର ଘୃଣାତ୍ମକ ତିରସ୍କାର ଧୂଧୂ ଦାବାନଳ—

କଉଡ଼ି ଦୁଇଖଣ୍ଡ ଗଜା ବଉଳୀରେ
କଉଡ଼ି ଦୁଇଖଣ୍ଡ ଗଜା
ଆମ୍ଭ ସାନ ଭାଇ ରାଇଜେ ରଜା
ଆମ୍ଭ ସାନ ଭାଇ ରାଇଜେ ରଜା
ସୁଖରେ ପାଳୁଛେ ପ୍ରଜା ବଉଳୀରେ
ସୁଖରେ ପାଳୁଛେ ପ୍ରଜା···

ଆସନ୍ତୁ, ଯାଉ ଯାଉ ଶେଷରେ 'ଛଟା—ଦାଏକା' ଉପରେ ବି ଟିକିଏ ଆଖି ବୁଲାଇ ଦେଇ ଯିବା । ସାମାଜିକ ନୀତିଶିକ୍ଷା ହିଁ ଛଟା'ର ମୂଳ ଉଦ୍ଦେଶ୍ୟ । ସମସ୍ତ ଅନ୍ୟାୟ, ଅତ୍ୟାଚାର ଉପରେ ଏହା ବେଦନାଘାତ ଶିକ୍ଷିତ ମହଲରେ ଅର୍ଥଶାସ୍ତ୍ର, ପଞ୍ଚତନ୍ତ୍ର, ହିତୋପଦେଶ, ଇଶପ୍ ଫେବୁଲସ, ଗୀତା, ବାଇବେଲ, କୁରାନ୍‌ର ନୀତିଶିକ୍ଷାର ଯୋଉ ସ୍ଥାନ, ସେହି ସ୍ଥାନ ଗ୍ରାମ୍ୟ ନିରକ୍ଷର ମହଲରେ 'ଛଟା ଦାଏକା'ର । କିନ୍ତୁ ସେମାନେ ଯାର ପୂଜା କରନ୍ତି ନାହିଁ, ବରଂ ଦୈନନ୍ଦିନ ଜୀବନରେ ସେ ସବୁକୁ ରୂପାୟିତ କରନ୍ତି । 'ଛଟା-ଦାଏକା' ହେଉଛି ଲୋକ ଜୀବନର ଏକ ଅଲିଖିତ ଆଚାର ସଂହିତା । ବିଶେଷତଃ ସ୍ତ୍ରୀଲୋକମାନେ ଏହାର ବହୁଳ ପ୍ରୟୋଗ କରିଥାନ୍ତି । କଥାକଥାକେ ଛଟା ଦାଏକା,

Digitized by srujanika@gmail.com

ଝପା-ଗୁଳ, ଏହା ଆକ୍ଷେପ କର କୁହାଯାଏ; ଏଣୁ ଏହା ମଧ୍ୟ ଆକ୍ଷେପୋକ୍ତି କହିବାର ଶୈଳୀଟା ବି ଏକ ଶର ମାରିଲ୍ ପରି ଅନୈତିକତାର ଯାବତୀୟ ଅନ୍ଧକାର ଉପରେ ଏହା ଜଲ୍ଲାଦର ଧାରୁଆ ଛୁରି ପରି, ବଜ୍ରୁଲ ପରି ବାଜେ । ଏକ ସୁସ୍ଥ-ସଚେତନ ସମୃଦ୍ଧି, ସୁଖଶାନ୍ତି ପୂର୍ଣ୍ଣ, ମୈତ୍ରୀ ବନ୍ଧନାବଦ୍ଧ ସମାଜ ଗଠନ ଯାର ଲକ୍ଷ୍ୟ । ଲକ୍ଷ୍ୟପ୍ରାପ୍ତି ସକାଶେ ଏହା ଏକ ନୂତନ ଉନ୍ମାଦନା ଦିଏ । ଆପଣ ଏହାକୁ ଏକ 'ନୈତିକ ଆନ୍ଦୋଳନ' ବୋଲି ମଧ୍ୟ ଗ୍ରହଣ କରିନେଇପାରନ୍ତି—

ପରକୀୟା ପ୍ରୀତି-ଅତର, ପାନ
ପତର, ମଲିଫୁଲେ ବଡ଼ାବାସରେ
ବନ୍‌ମଲ୍ଲୀ ସଙ୍ଗେ ପୀରତି କଲେ,
ଘର୍‌ମଲ୍ଲୀ ଗଲି ନାଶ୍‌ରେ ।

ସରକାରୀ ଅମଲ ଅଫିସରମାନେ ଗାଆଁକୁ ଆସିଲେ ଅଧିକାଂଶତଃ ଗାଆଁର ଝିଅ ବୋହୂମାନଙ୍କ ଉପରେ ଆଖିରଖି ସେମାନଙ୍କୁ ବର୍ବାଦ କରିପକାନ୍ତି । ଝିଅମାନଙ୍କ ଉପରେ କୃତ ଏଇ ଅତ୍ୟାଚାର ବିପକ୍ଷରେ 'ଛଟା' ନୀରବ ରୁହେନା—

ଆଏଲା ଅମିନ୍, ନାପ୍‌ଲା ଜମିନ,
            ଡକ୍‌ତା ଥୁଏଲା ବାଟେ
ଝୁକେଲ୍ ମାନକର, ମହତନେଲା,
            ପଏସା ଗନଲା ଘାଟେ ।

ଭଣ୍ଡ ସନ୍ୟାସୀ ଉପାଖ୍ୟାନ—

ଅଧର୍ମ୍ ଧର୍ମ୍ , ତାଲି ଗଛେ ଅଛେ ଗରୁଡ଼ ଖମ୍
ଶିଶୁ ଗଛର କୁଆଡ଼
ବାବା ମୋର୍ ନଜେ ହେଉଛ
            ହେଉଛ ଖାଲି ଦୁହାର୍ ।

ବୀର ପୁରୁଷ ବନ୍ଦନା—

କୁକୁର୍ କରେ କୁଇଁ କୁଇଁ,
            ମୂଷା ରଙ୍ଗେ ଭୁଇଁ
ଯାର୍ କପାଲେ, ସେନ୍ଦୁର୍ ଟିକା
            ତାର୍ କନ୍ଆଁ ମୁଇଁ ।

Digitized by srujanika@gmail.com

ଏତେ ଶ୍ରେଷ୍ଠ ପରିସର ଭିତରେ ସବୁ ଲୋକଗୀତର ବ୍ୟାପକ ଆଲୋଚନା ଅସମ୍ଭବ । ଏ ଲୋକଗୀତମାନଙ୍କର ଆବେଦନ ଜୀବନ୍ତ । ଏହା "ମସ୍ତିଷ୍କର ବାଣୀ ନୁହେଁ ହୃଦୟର ଧ୍ୱନି । ଏଇ ଲୋକଗୀତମାନଙ୍କରେ ଯୋଉ ଲୋକଜୀବନର ଚିତ୍ର ଫୁଟି ଉଠେ, ସେମାନେ କାହାର ସହାନୁଭୂତିର ଆଶ୍ରିତ ନୁହନ୍ତି । ସେ ସ୍ଥିତାବସ୍ଥାକୁ ଭାଙ୍ଗି ତା ସ୍ଥାନରେ ଏକ ସାର୍ଥକ ଓ ସତତ ପରିବର୍ତ୍ତନଶୀଳ 'ରିଫରମେସନ୍' ଲାଗି ଆହ୍ୱାନ ଦିଏ । ତେଣୁ ଏ ଲୋକଗୀତର ଆବେଦନ ଆନ୍ତର୍ଜାତୀୟ । ଇଏ ଗୃହେଁ ମାନବିକତାର ପୁନଃପ୍ରତିଷ୍ଠା, ଯୁଦ୍ଧର ଇତି, ଶାନ୍ତିର ସମ୍ପ୍ରୀତି ତଥା ଆନ୍ତର୍ଜାତୀୟ ପ୍ରୀତି, ମୈତ୍ରୀ, ପ୍ରଗତି । ପୁଞ୍ଜିବାଦୀ ଭୁଗ୍ନ ସମାଜର କୁସଂସ୍କାର ବିପକ୍ଷରେ ସାମ୍ୟବାଦୀ ଶାନ୍ତିର ସ୍ୱର ସମ୍ବଲପୁରୀ ଲୋକ-ଗୀତରେ ବିଧ୍ୱନିତ । ଆଜି ବିଶ୍ୱସାହିତ୍ୟରେ ଭାବର ସାଧାରଣୀକରଣ ତଥା ଭାଷାର ସରଳୀକରଣ ଲାଗି ଯୋଉ ଏକ ନୂଆ ମାନବବାଦୀ ଲହର ଉଠିଛି, ଏଇ ଲୋକଗୀତ, ଯୋଉଥିରେ ଭୂରି ରହିଛି ଅଗଣିତ 'ପ୍ରତୀକ, ଚିତ୍ରକଳ୍ପ', ସେଇ ନୂତନ ପ୍ରବାହକୁ ନୂଆ ଦିଗ୍‌ଦର୍ଶନ ଦେବାକୁ ଅସମର୍ଥଶୀଳ । ଏହି ଲୋକଗୀତର ପ୍ରେମ ଆନ୍ତର୍ଜାତୀୟ ଶାନ୍ତି, ମୈତ୍ରୀ ଓ ପ୍ରଗତିର ପ୍ରେମ । ସର୍ବୋପରି ମାନବୀୟ ଜୀବନର ପ୍ରେମ, ସର୍ବବ୍ୟାପୀ ଆନ୍ତର୍ଜାତୀୟ ପ୍ରେମର ପଦାଙ୍କ । ସମାଜ ସଂସ୍କାରକ ଓ ନେତାମାନେ ଯୋଉଠି ପରାଜିତ, ସେଇଠି ଉଡ଼ୁଛି ଲୋକଗୀତର ଜୈତ୍ରୀ । ଏହି ଯୁଦ୍ଧମାନ ପୃଥିବୀର ସମ୍ପ୍ରୀତି, ତଥା ଶାନ୍ତି କେବଳ ଲୋକଗୀତ, ଲୋକକଥା ଓ ଲୋକ-ସାହିତ୍ୟ, ଲୋକ-ସଂସ୍କୃତି ଓ ସଭ୍ୟତା ମଧ୍ୟରେ ହିଁ ପ୍ରଚ୍ଛନ୍ନ ।

ସମ୍ବଲପୁରୀ ଲୋକଗୀତର ସାମାଜିକ ଚିନ୍ତା ଓ ଚେତନା, ଆନ୍ତର୍ଜାତୀୟ ମାନ-ବିକତାର ସାମାଜିକ ଚିନ୍ତା ଚେତନା । ଯାହା ନିରନ୍ତର ଊର୍ଦ୍ଧ୍ୱମାନ ଲକ୍ଷ୍ୟ ଯାର ଉତ୍ତରଣ ।

Digitized by srujanika@gmail.com

ଟପା-ଗୁଳି, ଏହା ଆକ୍ଷେପ କରି କୁହାଯାଏ; ଏଣୁ ଏହା ମଧ୍ୟ ଆକ୍ଷେପୋକ୍ତି କହିବାର ଶୈଳୀଟା ବି ଏକ ଶର ମାରିଲା ପରି ଅନୈତିକତାର ଯାବତୀୟ ଅନ୍ଧକାର ଉପରେ ଏହା ଜଲ୍ଲାଦର ଧାରୁଆ ଛୁରି ପରି, ବଜ୍ରକୁ ପରି ବାଜେ । ଏକ ସ୍ୱସ୍ଥ-ସଚେତନ ସମୃଦ୍ଧି, ସୁଖଶାନ୍ତି ପୂର୍ଣ୍ଣ, ମୈତ୍ରୀ ବନ୍ଧନାବଦ୍ଧ ସମାଜ ଗଠନ ଯାର ଲକ୍ଷ୍ୟ । ଲକ୍ଷ୍ୟପ୍ରାପ୍ତି ସକାଶେ ଏହା ଏକ ନୂତନ ଉନ୍ମାଦନା ଦିଏ । ଆପଣ ଏହାକୁ ଏକ 'ନୈତିକ ଆନ୍ଦୋଳନ' ବୋଲି ମଧ୍ୟ ଗ୍ରହଣ କରିନେଇପାରନ୍ତି—

ପରକୀୟା ପ୍ରୀତି-ଅନ୍ତର, ପାନ
ପତର, ମଲ୍ଲିଫୁଲେ ବଢାବାସରେ
ବନ୍‌ମଲ୍ଲୀ ସଙ୍ଗେ ଗ୍ରୀତି କଲେ,
ଘର୍‌ମଲ୍ଲୀ ଗଲା ନାଶ୍‌ରେ ।

ସରକାରୀ ଅମଲା ଅଫିସରମାନେ ଗାଆଁକୁ ଆସିଲେ ଅଧିକାଂଶତଃ ଗାଆଁର ଝିଅ ବୋହୂମାନଙ୍କ ଉପରେ ଆଖିରଖି ସେମାନଙ୍କୁ ବର୍ବାଦ କରିପକାନ୍ତି । ଝିଅମାନଙ୍କ ଉପରେ କୃତ ଏଇ ଅତ୍ୟାଚାରର ବିପକ୍ଷରେ 'ଛଟା' ନୀରବ ରୁହେନା—

ଆଏଲା ଅମିନ୍, ନାପ୍‌ଲା ଜମିନ,
ତକ୍‌ତା ଥୁଏଲା ବାଟେ
ଝୁକେଲା ମାନକର, ମହତନେଲା,
ପଏସା ଗନଲା ଘାଟେ ।

ଭଣ୍ଡ ସନ୍ୟାସୀ ଉପାଖ୍ୟାନ—

ଅଧର୍ମ ଧର୍ମ , ତାଲ ଗଛେ ଅଛେ ଗରୁଡ଼ ଖମ୍
ଶିଶୁ ଗଛର କୁଆଡ଼ି
ବାବା ମୋର ନଚେ ହେଉଛ
ହେଉଛ ଖାଲି ଦୁହାଣ ।

ବୀର ପୁରୁଷ ବନ୍ଦନା—

କୁକୁର୍ କରେ କୁଇଁ କୁଇଁ,
ମୂଷା ରଙ୍ଗେ ଭୁଇଁ
ଯାର୍ କପାଳେ, ସେନ୍ଦୁର ଟିକା
ତାର୍ କନିଆଁ ମୁଇଁ ।

Digitized by srujanika@gmail.com

ଏତେ ଶ୍ରେଷ୍ଠ ପରିସର ଭିତରେ ସବୁ ଲୋକଗୀତର ବ୍ୟାପକ ଆଲୋଚନା ଅସମ୍ଭବ । ଏ ଲୋକଗୀତମାନଙ୍କର ଆବେଦନ ଜୀବନ୍ତ । ଏହା "ମସ୍ତିଷ୍କର ବାଣୀ ନୁହେଁ ହୃଦୟର ଧ୍ୱନି । ଏଇ ଲୋକଗୀତମାନଙ୍କରେ ଯୋଉ ଲୋକଜୀବନର ଚିତ୍ର ଫୁଟି ଉଠେ, ସେମାନେ କାହାର ସହାନୁଭୂତିର ଆଶ୍ରିତ ନୁହନ୍ତି । ସେ ସ୍ଥିତାବସ୍ଥାକୁ ଭାଙ୍ଗି ତା ସ୍ଥାନରେ ଏକ ସାର୍ଥକ ଓ ସତତ ପରିବର୍ତ୍ତନଶୀଳ 'ରିଫରମେସନ୍' ଲାଗି ଆହ୍ୱାନ ଦିଏ । ତେଣୁ ଏ ଲୋକଗୀତର ଆବେଦନ ଆନ୍ତର୍ଜାତୀୟ । ଇଏ ଚାହେଁ ମାନବିକତାର ପୁନଃପ୍ରତିଷ୍ଠା, ଯୁଦ୍ଧର ଇତି, ଶାନ୍ତିର ସଂସ୍ଥିତି ତଥା ଆନ୍ତର୍ଜାତୀୟ ପ୍ରୀତି, ମୈତ୍ରୀ, ପ୍ରଗତି । ପୁଞ୍ଜିବାଦୀ ରୁଗ୍ଣ ସମାଜର କୁସଂସ୍କାର ବିପକ୍ଷରେ ସାମ୍ୟବାଦୀ ଶାନ୍ତିର ସ୍ୱର ସମ୍ବଲପୁରୀ ଲୋକ-ଗୀତରେ ବିଧ୍ୱନିତ । ଆଜି ବିଶ୍ୱସାହିତ୍ୟରେ ଭାବର ସାଧାରଣୀକରଣ ତଥା ଭାଷାର ସରଳୀକରଣ ଲାଗି ଯୋଉ ଏକ ନୂଆ ମାନବବାଦୀ ଲହର ଉଠିଛି, ଏଇ ଲୋକଗୀତ, ଯୋଉଥିରେ ଭରି ରହିଛି ଅଗଣିତ 'ପ୍ରତୀକ, ଚିତ୍ରକଳ୍ପ', ସେଇ ନୂତନ ପ୍ରବାହକୁ ନୂଆ ଦିଗ୍‌ଦର୍ଶନ ଦେବାକୁ ଅସମର୍ଥଶୀଳ । ଏହି ଲୋକଗୀତର ପ୍ରେମ ଆନ୍ତର୍ଜାତୀୟ ଶାନ୍ତି, ମୈତ୍ରୀ ଓ ପ୍ରଗତିର ପ୍ରେମ । ସର୍ବୋପରି ମାନବୀୟ ଜୀବନର ପ୍ରେମ, ସର୍ବବ୍ୟାପୀ ଆନ୍ତର୍ଜାତୀୟ ପ୍ରେମର ପଦାଙ୍କ । ସମାଜ ସଂସ୍କାରକ ଓ ନେତାମାନେ ଯୋଉଠି ପରାଜିତ, ସେଇଠି ଉଡ଼ୁଛି ଲୋକଗୀତର ଜୈତ୍ରୀ । ଏହି ଯୁଦ୍ଧମାନ ପୃଥିବୀର ସଂସ୍ଥିତି, ତଥା ଶାନ୍ତି କେବଳ ଲୋକଗୀତ, ଲୋକକଥା ଓ ଲୋକ-ସାହିତ୍ୟ, ଲୋକ-ସଂସ୍କୃତି ଓ ସଭ୍ୟତା ମଧ୍ୟରେ ହିଁ ପ୍ରଚ୍ଛନ୍ନ ।

ସମ୍ବଲପୁରୀ ଲୋକଗୀତର ସାମାଜିକ ଚିନ୍ତା ଓ ଚେତନା, ଆନ୍ତର୍ଜାତୀୟ ମାନବିକତାର ସାମାଜିକ ଚିନ୍ତା ଚେତନା । ଯାହା ନିରନ୍ତର ଉର୍ଦ୍ଧ୍ୱମାନ ଲକ୍ଷ୍ୟ ଯାର ଉଦ୍ଧରଣ ।

Digitized by srujanika@gmail.com

ସମ୍ବଲପୁରୀ ଲୋକଗୀତରେ ତର୍‌ନା

ସବୁ ଲୋକଗୀତ ପରି ସମ୍ବଲପୁରୀ ଲୋକଗୀତରେ ମଧ୍ୟ ସାଙ୍ଗୀତିକତା ରହିଛି । ଏହା ସଙ୍ଗୀତ ମୂର୍ତ୍ତି । ଏହି ଲୋକ-ସଙ୍ଗୀତ ଲୋକ-ରାଗରେ ରଚିତ । ଗ୍ରାମ୍ୟ ବା ଲୋକ-ଗୀତରେ ଆଦିମ କାଳରୁ ବ୍ୟବହୃତ ବିଭିନ୍ନ ରାଗରାଗିଣୀ ପରବର୍ତ୍ତୀ ସମୟରେ ପୌର ସାହିତ୍ୟରେ ଧ୍ରୁପଦୀ ସଙ୍ଗୀତର ରୂପ ପରିଗ୍ରହଣ କରିଛି । ଏହି ଅବସ୍ଥାକୁ ପହଞ୍ଚିବାରେ ତାହା ଭିତରେ ଅନେକ ପରିମାର୍ଜନା ଓ ଶାସ୍ତ୍ରୀୟତା ଆସିଛି ।

ଭାରତୀୟ ଧ୍ରୁପଦୀ ବାଦ୍ୟ ସଙ୍ଗୀତରେ ତାଳ, ଲୟ, ମାନ ଯେପରି ଅପରିହାର୍ଯ୍ୟ ଏଥିରେ ସୁରର ତାଳ, ଲୟ, ମାନ ସବୁ ସମାହିତ । ଉର୍ଦ୍ଦୁ ଶବ୍ଦ 'ତର୍‌ନା' ବା 'ତରନ୍ନୁମ୍'ର ସାଧାରଣ ଅର୍ଥ ହେଲା ସାଙ୍ଗୀତିକ ଆବୃତ୍ତି । ଏହି 'ତରନା' ନାମକରଣ ପଛରେ ଏକ କିମ୍ବଦନ୍ତୀ ଅଛି । ଏଠି ମୁଁ ଏ ସମ୍ପର୍କିତ ଏକ ଲୋକକଥାର ଅବତାରଣା କରିବି ।

—ଆକବରଙ୍କ ରାଜସଭାରେ ସଙ୍ଗୀତ ସମ୍ରାଟ ତାନସେନ୍ ସମ୍ରାଟଙ୍କର ଅତ୍ୟନ୍ତ ପ୍ରିୟପାତ୍ର ଥିଲେ । ଏକଥା ରାଜସଭାର କେତେକ ପାରିଷଦ ସହ୍ୟ କରିପାରିଲେ ନାହିଁ । ସେମାନେ ତାନ୍‌ସେନ୍‌ଙ୍କ ବିରୁଦ୍ଧରେ ଯେତେ କୁହାବୋଲା କଲେ ମଧ୍ୟ ସମ୍ରାଟଙ୍କର ଶ୍ରଦ୍ଧା ତାନସେନଙ୍କ ପ୍ରତି ସେତେ ବେଶୀ ବଢ଼ିଲା । ତାନସେନ୍ ପ୍ରତ୍ୟେକ ରାଗ-ରାଗିଣୀରେ ସିଦ୍ଧହସ୍ତ ଥିବାରୁ ସଙ୍ଗୀତରେ କେହି ତାଙ୍କୁ ପରାଜିତ କରି ଅପଦସ୍ତ କରିବାର ପ୍ରଶ୍ନ ହିଁ ଉଠୁ ନ ଥିଲା । ଏଣୁ ସେମାନେ ଆଉ ଏକ ମନ୍ତ୍ରଣା କଲେ ଓ ତାନ୍‌ସେନ୍‌ଙ୍କ କଣ୍ଠରୁ "ଦୀପକ" ରାଗ ଶୁଣିବା ପାଇଁ ସମ୍ରାଟଙ୍କୁ ପ୍ରବର୍ତ୍ତାଇଲେ । ସମ୍ରାଟ ମଧ୍ୟ ସେମାନଙ୍କ କଥାରେ ପଡ଼ି ତାନ୍‌ସେନଙ୍କୁ ଅନୁରୋଧ କରି ବସିଲେ । ତାନସେନ୍ ଯେତେ ଟାଳିବାକୁ ଚାହିଁଲେ ବି ସମ୍ରାଟଙ୍କୁ ଟାଳିପାରିଲେ ନାହିଁ । ସମ୍ରାଟ କ୍ରୁଦ୍ଧ ହୋଇ କହିଲେ ଯେ—ତମେ ମୋର ଲୁଣ ଖାଇଛ ତାନ୍‌ସେନ ! ଲୁଣର ପରିଶୋଧ ପ୍ରାଣ ଦେଇ ବି କରାଯାଇପାରେନା । ତମେ ମୋର ସାଧାରଣ ଅନୁରୋଧଟାଏ ରଖିପାରୁନ ?

Digitized by srujanika@gmail.com

ତାନ୍‌ସେନ କିନ୍ତୁ ଜାଣିଥିଲେ ଯେ ଦୀପକ ରାଗର ପ୍ରତିକ୍ରିୟା କଣ ହେବ । ତାକୁ ଦୂର କରିବା ପାଇଁ ସେତେବେଳେ "ମେଘମହ୍ଲାର ରାଗ" ଗାଇବାରେ କେହି ସିଦ୍ଧହସ୍ତତା ହାସଲ କରି ନ ଥିଲେ । ତେଣୁ ସେ କହିଲେ—ହେଉ ସମ୍ରାଟ, ମୁଁ ମରେଁ ପଛକେ, ଆପଣଙ୍କର ଇଚ୍ଛା ପୂରଣ ହେଉ ।

ତା'ପରେ ଦିନେ ସନ୍ଧ୍ୟାର ଶାନ୍ତ ପରିବେଶରେ ସେ ହଜାର ହଜାର ଦର୍ଶକ ଗହଣରେ ରାଜ ପରିଷଦ ମଧ୍ୟରେ ତାନପୁରାକୁ କୋଳେଇ ଆଣି ତା' ତାରରେ ହାତ ମାରିଲେ । ସଙ୍ଗୀତର ମୃଦୁ ଝଙ୍କାରରେ ପରିଷଦ ସାରା ଅନୁରଣିତ ହୋଇଉଠିଲା । ତାଙ୍କ କଣ୍ଠରୁ ଦୀପକ ରାଗର ବୋଲ ତୀବ୍ରରୁ ତୀବ୍ରତର ହୋଇ ଉଠିଲା । ତାନପୁରାର ସ୍ୱରଝଙ୍କାର ବି ତାଙ୍କ ପଞ୍ଚ ଆଙ୍ଗୁଳି ଚାଳନାରେ ଦ୍ରୁତତର ହୋଇଉଠିଲା । ତାଙ୍କ ଦେହସାରା ଝାଳରେ ବୁଡ଼ିଗଲା । ସେ ମଜ୍ଜିଗଲେ ସ୍ୱରର ଆରୋହ-ଅବରୋହ ଭିତରେ, ସେତେବେଳେ ସେ ଅଜ୍ଞାନ ପ୍ରାୟ । ଶ୍ରୋତାମଣ୍ଡଳୀ ଅବାକ୍ । ସେମାନଙ୍କ ଭିତରେ ବି ଏକ ତାତିର ଅନୁଭୂତି । ଆରୋହର ଚରମ ସୀମାରେ ପହଞ୍ଚି ଯାଇ ଯେତେବେଳେ ତାନ୍‌ସେନ ଆତ୍ମସମ୍ବିତ ହରାଇ ବସିଲେ, "ସେତେବେଳେ ଦରବାରର ଝାଡ଼୍-ଫାନୁସର ଦୀପମାଳା ଦପ୍ ଦପ୍ ହୋଇ ଜଳି ଉଠିଲା । ତାନ୍‌ସେନଙ୍କ ହାତରୁ ତାନ୍‌ପୁରା ଖସି-ପଡ଼ିଲା । ସେ ଅଜ୍ଞାନ ହୋଇ ତଳେ ପଡ଼ି ଦୀପକ ଦଗ୍ଧ ହୋଇ ଛଟପଟି ହୋଇ ଚିତ୍କାର କରିବାକୁ ଲାଗିଲେ । ସମ୍ରାଟଙ୍କ ଅନୁରୋଧରେ ଅନେକେ ମେଘମହ୍ଲାର ଗାଇଲେ, କିନ୍ତୁ ସଫଳତା ପାଇଲେ ନାହିଁ । ସମ୍ରାଟ ଏଥର ଷଡ଼ଯନ୍ତ୍ର କଥା ବୁଝି-ପାରିଲେ, କିନ୍ତୁ କରିବେ କଣ ? ତା'ପରେ ତାନସେନ୍ ଅସହ୍ୟ ଜ୍ୱଳନରେ ଅତିଷ୍ଠ ହୋଇଉଠି କହିଲେ—ସମ୍ରାଟ ଆପଣଙ୍କ ଇଚ୍ଛା ପୂରଣ କରିଛି । ଏବେ ଯାଉଛି ଯଦି କେହି ମୋତେ ଭଲ କରିପାରିବ, ତେବେ ପୁଣି ଫେରି ଆସିବି, ନୋହିଲେ ଏହି ମୋର ଶେଷ ବିଦାୟ । ତା' ପରେ ସେ ଦେଶସାରା ଘୂରି ବୁଲିଲେ । କାହାକୁ ପାଇଲେ ନାହିଁ ଯିଏ ତାଙ୍କୁ ଭଲ କରିପାରିବ ।

ଶେଷରେ ସେ ଦିନେ ଗୁଜୁରାଟରେ ପହଞ୍ଚିଲେ । ବଣରେ ଏକ ଝରଣା ଦେଖି ପାଣିକି ଡେଇଁପଡ଼ିଲେ । ସେତେବେଳେ ତାଙ୍କ କଣ୍ଠରେ ଗୋଟିଏ ଗୀତରେ ଗୁଣୁଗୁଣୁ ସ୍ୱର ଶୁଭିଲା । ତାନସେନ୍ ସେଇ ସ୍ୱର ଶୁଣିଲା ମାତ୍ରକେ ସେଇଦିଗକୁ ଧାଇଁଗଲେ । ଦେଖିଲେ ଯେ ଅଦୂରରେ ଦୁଇଜଣ ଭଉଣୀ "ତାନା" ଆଉ "ନାନା" ଗାଧୋଉଛନ୍ତି ଗୁଣୁଗୁଣୁ ଗୀତ ଗାଇ । ସେ ଯାଇ ସେମାନଙ୍କ ପାଦ ତଳେ ଲୋଟିଗଲେ—କହିଲେ ମାଁ, କିଏ ତମେମାନେ ମୁଁ ଜାଣେନା, କିନ୍ତୁ ଏତିକି ଜାଣିଛି ଯେ ତମର କଣ୍ଠରେ ମହ୍ଲାର ଅଛି । ଦୀପକଦଗ୍ଧ ହୋଇ ମୁଁ ବ୍ୟାକୁଳ ହୋଇ ଘୂରି ବୁଲୁଛି । ମେଘମହ୍ଲାର ଗାଇ ମୋତେ ବଞ୍ଚାଅ, ନହିଲେ ମୁଁ ପ୍ରାଣ ହାରିଦେବି, ଆଉ ସହ୍ୟ କରିପାରୁନି ।

Digitized by srujanika@gmail.com

ଅନ୍ତରଙ୍କୁ କଏ ଯେମିତ ମୋତେ ପୋଡ଼ିଜାଳି ଦେଉଛି । ମୁଁ ଆକବରଙ୍କ ଦରବାରର ଜଣେ ସାଧାରଣ ସଙ୍ଗୀତ ଶିଳ୍ପୀ ମିଆଁ ତାନ୍‌ସେନ୍ ।

ନୀରବ ସାଧିକା ଭଉଣୀଦ୍ୱୟ ତାଙ୍କ ପରିଚୟ କାହା ଆଗରେ ପ୍ରକାଶ ନ କରିବାର ଶପଥ ନେଲା ପରେ ମେଘମହ୍ଲାର ଗାଇଲେ । ଆକାଶରୁ ଝିରଝିର ହୋଇ ମେଘ ବରଷିବାକୁ ଲାଗିଲା । ବର୍ଷାର ପ୍ରତ୍ୟେକଟି ବିନ୍ଦୁ ତାଙ୍କ ଦେହର ତାପ ହରି ନେଉଥାଏ । ଶେଷରେ ସେ ସୁସ୍ଥ ହୋଇ ଦିଲ୍ଲୀ ଫେରିଗଲେ ।

ତା'ପରେ ତାଙ୍କୁ ଦେଖି ଦରବାରୀମାନେ କହିଲେ ଯେ—ସମ୍ରାଟ, ଯିଏ ତାନ୍‌ସେନ୍‌ଙ୍କୁ ଭଲ କରିପାରିଲା, ସେଭଳି ସଙ୍ଗୀତ ବିଦୂଷୀ ସମ୍ରାଟଙ୍କର ଦରବାରର ଶୋଭା ବର୍ଦ୍ଧନ କରିବା ଉଚିତ । ସମ୍ରାଟଙ୍କ ବାଧବାଧକତାରେ ତାନସେନ୍ ତାନା-ନାନାର ଠିକଣା ଦେଇଥିଲେ । ସେମାନେ ଆସିବାକୁ ନ ମାନିବାରୁ ତାଙ୍କୁ ଜବରଦସ୍ତ ଅଣାଗଲା ଓ ଦରବାରରେ ଏକ କାର୍ଯ୍ୟକ୍ରମ ଆୟୋଜିତ କରାଇ ସେମାନଙ୍କୁ ମେଘମହ୍ଲାର ଗାଇବାକୁ ବାଧ କରାଗଲା । ଆଉ ସେଦିନ ରାତିରେ ଭଉଣୀଦ୍ୱୟ ପରସ୍ପର ଗ୍ରୀବାରେ ଛୁରୀ ଭୁଷି ଆତ୍ମହତ୍ୟା କଲେ ଯେ ସଙ୍ଗୀତ କାହାର ପ୍ରଭୁତ୍ୱ ସ୍ୱୀକାର କରେ ନାହିଁ । ସମ୍ରାଟ ଆକବର ଓ ତାନ୍‌ସେନ୍ ପଶ୍ଚାତ୍ତାପରେ ବୁଡ଼ିଗଲେ ।

ତା'ପରେ ତାନ୍‌ସେନ୍ ସେଇ ଦୁଇ ଭଉଣୀ ତାନା, ନାନାଙ୍କ ସ୍ମୃତିକୁ ଅମର କରିବା ପାଇଁ ରଚନା କଲେ ତାନା ।

ତାନା ଭାରତୀୟ ଧ୍ରୁପଦୀ ସଙ୍ଗୀତର ମଙ୍ଗଳାଚରଣ, ଯାହା ଯେକୌଣସି ରାଗ ଗାଇବାର ପୂର୍ବରୁ ପ୍ରଥମେ ଗାନ କରାଯାଇଥାଏ । ସେ ରାଜସଭାରେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ସଙ୍ଗୀତଜ୍ଞ ଗୋପାଲ୍ ଲାଲ୍‌ଙ୍କୁ ସମ୍ବୋଧିତ କରି ଗାଇଲେ—

—କହେ ମିଆଁ ତାନ୍‌ସେନ ସୁନ୍‌ରେ ଗୋପାଲ୍ ଲାଲ୍
ତାନାନାଦେ'ରେ, ତାନାନାଦେ'ରେ, ତାନାନାଦେ'ରେ
ତାନାନେ ଦେରେନା···

ସମ୍ବଲପୁରୀ ଲୋକଗୀତ ମଧ୍ୟରେ ବି ଏଇ ତାନା ଲୋକସ୍ମୃତିରେ ଯତ୍କିଞ୍ଚିତ ପରିବର୍ତ୍ତନ ରୂପ ନେଇ ବିଦ୍ୟମାନ । ସମ୍ବଲପୁରୀ ଲୋକଗୀତରେ ଏହାର ସ୍ୱରୂପ ହେଉଛି—"ତାରେ ନାରେ ନାନା ।"

ସଜନୀ, କରମା, ରସରକେଲି, ଡାଲଖାଇ, ମାଏଲଜଡ଼, ହୁଲିଆ ଗୀତ, ଲୋକଯାତ୍ରା ବା ସଞ୍ଚାର ଗୀତ ପ୍ରଭୃତି ଯେତେ ବି ଲୋକଗୀତ ଅଛି ତାର ଆଦ୍ୟ ସ୍ୱର ରୂପେ "ତାନା" ବିଦ୍ୟମାନ । କୌଣସି ଏମିତି ଲୋକଗୀତ ବା ଲୋକ ରାଗରାଗିଣୀ

Digitized by srujanika@gmail.com

ନାହିଁ ଯୋଉଥିରେ ଏ ଲୋକ ଭଣିତାର ବ୍ୟବହାର କରାଯାଏ ନାହିଁ । କେତୋଟି ଉଦାହରଣ ଦଉଛୁ—

ସଜନୀ : ଡାରେ ନାରେ ନାରେ ନାନା
ଡାରେ ନାରେ ନାରେ ନାରେରେ ନାରେରେ
ନାନା, ନାରେ ନାରେ ନାରେ ନାନାରେ
ନାରେନା...

ଡାଲଖାଇ : ନାରେ ନାନାରେ
ଡାରେ ନାରେ ନାରେ ନାନା, ନାରେ ନାରେ ନାନା
ନାନା ନାରେ ନାରେ ନାନା ଡାରେ ନାରେ ନାନା
ନାରେ ନାରେ ନାରେ ନାରେ ନାନାରେ
ନାରେ ନାରେ ନାନା
ନାରେ ଡାନା ନାନାରେ...ପ୍ରଭୃତି

ଗୀତ ଜାଣି ନ ଥିବା ଲୋକ ବ ଏହା ସାହାଯ୍ୟରେ ଯେକୌଣସି ଗୀତର ସୁର ଗାଇ ପାରିଥାଏ । ଏହି ଭଣିତା ମଧ୍ୟ ସମ୍ବଲପୁରୀ ଲୋକଗୀତର ମହାଭାରତୀୟ ଧ୍ରୁପଦୀ ସଙ୍ଗୀତ ସହ ସମ୍ପର୍କ ସୂଚାଇଥାଏ ।

—●—

Digitized by srujanika@gmail.com

Digitized by srujanika@gmail.com

ପରିଶିଷ୍ଟ

ସମ୍ବଲପୁରୀ ଶବ୍ଦାର୍ଥ

Digitized by srujanika@gmail.com

Digitized by srujanika@gmail.com

ଶବ୍ଦାର୍ଥ

॥ ଅ ॥

ଅଣ୍ଟକୁସ—ଆଣ୍ଠୁ କୁଡ଼ା

ଅଛନ୍—ସ୍ୱତରାଛବା ପାଣି

ଅଁଟକୁର୍—ଆଣ୍ଠୁ କୁଡ଼ା, ଅପୁତ୍ରକ ନିଃସନ୍ତାନ

ଅକଲଜଲ୍—ଅଗାଧ ପାଣି

ଅବଉ୍—ଅପୂର୍ବ

ଅଁଟା—ଅଣ୍ଟା

ଅଏନ୍—ସୁନ୍ଦର

ଅଢ଼ାଇଲ୍, ଅଢ଼େଏଲ୍—ଖୋଲିଲ୍

ଅନ୍ସରବା—ଦେଖିବା

ଅଁଟେ—ପଣତରେ

ଅଢ଼ିଆ—ଖାଦ୍ୟଦ୍ରବ୍ୟ

॥ ଆ ॥

ଆଁକର୍ବା—ଅଙ୍କୁରିତ ହେବା

ଆଚ୍ଛୁ—ଧଡ଼ (ଲୁଗାର)

ଆଉ୍—ଆଉ

ଆଟୁଁ—ଆଜଠାରୁ

ଆଗିର କଜଲ୍—ପଥ

ଆଁଖଲ୍—ଅଶ୍ରୁ

ଆମୁଲ୍—ଆମ୍ବ ଟାକଡ଼ା, ଆମ୍ବୁଲି

ଆଫ୍—ଅଫିମ

ଆଜ୍ହର୍—ଆର୍ଜିତ

ଆମିଲ୍—ଖଟା ତିଅଣ

॥ ଇ—ଈ ॥

ଇଠାନୁ—ଏଠାରୁ

ଈଟେଁଲ ଗିଜ—ଇଟାପର ପିଣ୍ଡ ଏବା ସୀ

ଇରେ—ଖେତ ହୁଡ଼ରେ

॥ ଉ—ଊ ॥

ଉଆ—କୁଂଭାରର ହାଣ୍ଡି ପୋଡ଼ିବା ଶାଳ

ଉବାସୀ—ଉବଣୀ

ଉଦେ—ଉଦୟ ହୁଏ

ଉଲ—ପିଆଜ

ଉଲ୍ଇଦୁଲ୍ଇ—ଗେବସର କଣବା

ଉଲଗନ୍—ସୁବିଧା

ଉଇଲ—ପିଆଜ

ଇଲ୍ଇ ଦୁଲ୍ଇ—ସଗଗରେ

ଉର୍କ ହେବା—ଦଉଡ଼ି ଦେବା

ଊନା—ଅଭାବ

॥ ଋ ॥

ଋଖ—ଗଛ

ଋଇ—କଅଁଳା ଗଛ ବାଣ୍ଡୁ ପୈରଇବା ପାଇଁ ଯାହା ଜଙ୍ଗଲରୁ କାଟି ଅଣାଯାଏ ।

॥ ଏ—ଐ ॥

ଏସୁର—ଏବର୍ଷ

ଏଖେଇ—ଗୋଟିଏ

ଏସୁର୍—ଏସନ (ବର୍ଷ)

Digitized by srujanika@gmail.com

॥ କ ॥

କଲାଘି—କାଲଘି
କୁଲେ—କୋଳରେ
କାଣା—କଣ
କେଭ୍ କେଭ୍—କେର କେର
କଟଂଗ୍—ମୋଟା ଉଚ୍ଚ ଜାତୀୟ ବାଉଁଶ
କୁନେ—କୋଣରେ
କାଁଥ—କାଂଥ
କୁଢ—ପାଖ
କୁଶାଗ୍—ଆଖୁ
କଁଟି, କଏଁଟ୍—ନଂଗଲର କଂଠ
କେରୁଆଲ୍—କାଡ
କାଂଡ଼—ଶର
କାଦୋ – କାଦୁଅ
କୁନ୍ଦୁଗ୍—କୁନ୍ଦ କାମ କରିବା ବଢ଼େଇ
କରଲ୍—କଲସ୍
କେଲେଇ ଦେମା—ଗୁଞ୍ଜି ସଫା କରିବା, କାଟି ପରିଷ୍କାର କରିବା
କଁଟିଆ—ବଗୁ
କମା—ଶ୍ରେଷ୍ଠ ଡାଳ, ଗଣ୍ଡି
କାଠ୍ ପେଁଡ଼ା—କାଠ ଗୋଡ଼ି
କାହିଁର—କୋଉଠିକାର
କୁଡ଼ାକିଁଗ୍—କୁଡ଼ା ଖୁସା କରିବା
କାଲ୍ଦୁ—କାଲ୍ଠାରୁ
କୁହ୍ବା—ସଢ଼ିବା
କର୍କଶ—ଯାଏ ପାଏ ତାହା ଖାଉଥିବା ଲୋକ
କେରେଂଗେଲ୍—ମୋଟା ଗଛ
କୁଲହା—ବଲୁଆ
କାଏଁ ଭୁଚିଯିବ୍—କଣ ଖଢ ହେବ
କୁଟେ—ଛିକିଏ, ସାମାନ୍ୟ କିଛି ଗୋଟିଏ ଫାଙ୍କ ।
କଦେଲ୍—କଦଳୀ
କରେଇଛେ—ପୋକ ପଡ଼ିଛି
କନ୍ କେ କନ୍—କୋଣ ଅନୁକୋଣରେ
କବ୍ରୁ ଚତ୍ରୁ—କଳା ଧଳା
କର୍ଣିଗ୍—ଗୁଳ
କୁଢ଼େର୍—କୁଢ଼ାଘ
କୁମ୍ଭା—ହାଣ୍ଡିଆ
କନ୍ଦରୁ—ଘୂରିବୁଲୁ
କମେ—ଉପାର୍ଜନ କରେ
କୁନ୍ଦେଲ—ବଡ଼ ମୁଗୁର
କୁଟୁମ୍—କୁଟୁମ୍ବ
କୁଢ଼େର୍ – କୁଘଢ଼ା
କୁର୍ଦି—ଶ୍ରେଷ୍ଠ ମାଛ
କୁଢ—ଆଡ଼େ
କଡଉରିଆ—ହାତ ଅଲଙ୍କାର
କୁନ୍—କୋଣ
କୁଣ୍ଡହେଲ—ମୁଣ୍ଡ କୁଣ୍ଡେଇବା
କୁନ୍ଦା—କୁକୁଡ଼ା
କୁଢ଼େ—ଖଡଗଦାରେ

॥ ଖ ॥

ଖଂଗିଲେ—ଅଖିବନ୍ଦେଲେ
ଖଁଡ଼େ—ଖଣ୍ଡେ, ଦେଶରେ, ଚାମ୍ବିରେ ମାପ
ଖଁସରଲ୍—ଖସିଲ୍
ଖୁଁଷା—ଖୋସା
ଖୁରେ—ଖୋରଏ, ଘାଟ, ପରିମାପ ପ୍ରଣାଳୀ
ଖୁଁଚବ—ଖୋସିବ
ଖୁଡ଼ା ଖାଇ—ପଥର ଠୋଲରେ ଖାଉଥିବା ସ୍ତ୍ରୀ, ଗଣ୍ଠିବ

Digitized by srujanika@gmail.com

ଖୂଲ୍—ଦାଣ୍ଡରେ
ଖୁଁଟା ଖୁଣ୍ଟା
ଖଟକୁରି—ଖଟର ଖୁରି
ଖୁଁଷା—ଖୋଷା
ଖନ୍ଦେ—କାନ୍ଧରେ
ଖଖରି—ଖରଖର କରୁଥିବା
ଖୂଆ, ଖୂହ୍ଲା—ବାହୁ

|| ଗ ||

ଗର୍ଦ—ପୁରୁଷ ମେଣ୍ଢା
ଗୁନା—ନାକ ଅଳଙ୍କାର
ଗୁହ୍ଲି—ଗୋହ୍ଲି
ଗିଜେ—ଗାଣ୍ଡିରେ
ଗିଲ ଗିଲଫଳ, ଗିଳିବା
ଗଜ ବାହାଲ୍—ଅଉଲ୍ ବାହାଲ୍ ଜମି
ଗିଁଡ଼ା—ହରଜନ କାଠ
ଗାଁଥି—ଗାଆଁରେ
ଗୁଡ଼ି – ମନ୍ଦର
ଗଜାମୁଗ ବସିବା · ମଇଞ୍ଜ ବସିବା
ଗାଁଖୂଲ— ଗାଁ ଦାଣ୍ଡରେ
ଗିଁଥିବା—ଗୁନ୍ଥିବା
ଗୁଡ଼—ଗୁଡ଼ି—ମୋରମ୍
ଗୁଢ—ଗୋଢ
ଗୁସେଇଁ—ଗୋସାଇଁ
ଗୁର ଗୁଡ଼
ଗୁପେ—ଗୋପରେ
ଗୁହ୍ଲି- ଗୋହ୍ଲି
ଗରି ମଞ୍ଜି
ଗୁଞ୍ଜୁଗୁଞ୍ଜୁ— ପେନ୍ଥା ପେନ୍ଥା
ଗୁରେନ୍ଥ ହେବା—ଜଡ଼େଇ ହେବା, ସବୁ ବେଳେ ପଛେ ଲଗି ରହିଥିବା
ଗରିଲଠି—ବନଶୀ ଦଣ୍ଡ
ଗୁବର ଗୁଣ୍ଡା ଗୋବର ଘଷିବା କନା
ଗହଳ ଫନ୍ଦା ବଳଦ—ଘରବାସୀ ଲୋକ (ଶ୍ଳେଷାର୍ଥେ)
ଗବା ପଥର—ବଡ଼ ପଥର
ଗୁନ୍ଚ - ଅଣ୍ଟାସୂତା
ଗହ୍ନା— ବନ୍ଧକ
ଗୁନ୍ଗ୍ରୁ—ଗୁଣ୍ଡୁଚ ମୂଷା
ଗାଡ଼ ସୁଣା—ଗାଡ଼ରେ ଶୋଇବା ଲୋକ (ଗାଳି)
ଗୁର୍ନ୍ଦୁ—ଗୁଡ଼ାଏ
ଗିଜେ—ଗାଣ୍ଡିରେ

|| ଘ ||

ଘାଁଟି—ଘାଣ୍ଟିବାକୁ, ମାଟିରେ ପତଳା କରି ବସ୍ତଇବାକୁ
ଘୋର୍ଘୋର୍—ଘୋର
ଘିନବା—କିଣିବା
ଘଏଡା—ପଢ
ଘୁଁଷ—ନାଉରିଆ
ଘୁଟିଛେ—ଘୋଟିଛି
ଘାଏ—ଘଡ଼ିଏ
ଘଡ଼େ— ଘଡ଼ିଏ
ଘେରେଇଁବା—ବଡ଼ହେବା, ବିଶେଷ ଫଳିବା
ଘରଭୂକା—ଘରକୁ ଅନୁପ୍ରବେଶକାରୀ ଯୁବକ

|| ଚ ||

ଚୂରିଆ—ଶ୍ରେଷ୍ଠ ମୁଗୁରି
ଚୂଏର୍ନା—ଚୂରଅଣା
ଚଡଘି—ଚଉଘି
ଚର୍‌ଚରିଡେଲ୍—ଦୁର୍ଦ୍ଦଷ ଘଟନରେ
ଚମ୍ପନା ମାଏଲ—ସବୁଧାନ
ଚୂଆଁ—କୂଅ

Digitized by srujanika@gmail.com

ଚୂହ୍ଲିଲ୍—ଶୋଷିଲ୍
ଗୃର ଫଲ୍—ଗୃର, ଏଠି ସ୍ତ୍ରୀ ଅର୍ଥେ
ଗୃଳ—ଗୃଲବା
ଗୃରକୁଢ—ଗୃରଆଡ଼େ
ଗୃବଲେ—କାମୁଡ଼ିଲେ
ଗୃଚେର—ଏକ ନୃତ୍ୟ ବଶେଷ
ଚାଁଟି—ପିମ୍ପୁଡ଼ି
ଗୃବ୍ଣୀ—କାମୁଡ଼ିବାବାଲୀ ସ୍ତ୍ରୀ
ଚୂପ୍ରି—ଚୁଗୁଲି କରିବା

॥ ଛ ॥

ଛେକଦା—ପଥରୋଧ କରିବା
ଛେତ୍କା—ପିଠି ଭଗ୍ରେ
ଛୁଁ ଦେଲେ—ଛୁଇଁଦେଲେ
ଛୁଙ୍ଗଲ୍ଇବା—ପଶାଇବା
ଛ’କୋର—ଛଅ କୋଡ଼ି, ୧୨୦
ଛୁର୍ରୀ ମାଏଝୀ—ପରିତ୍ୟକ୍ତା ସ୍ତ୍ରୀ
ଛୁନ—ଛୁତ
ଛେଦଲିଆ—ବିସ୍ତୃତ ଫଳଥିବା ପନ୍ଦ
ଛରି—ଦାଣ୍ଡରେ ଗୋବର ପାଣି ଛିଟା ଦେବା
ଛନେ—କ୍ଷଣେ
ଛେଛେର କୁଡ଼ିଆ—ଭଙ୍ଗା କୁଡ଼ିଆ
ଛୁଡ଼ା—କନା
ଛେଦବା—କାଟିବା
ଛଁଏରି—ଗୁଣ୍ଡି
ଛୁନା—ନିର୍ଜନ

॥ ଜ ॥

ଜୁଲି—ଯୋଡ଼ି
ଜଗାଁଲ—ଲଗାଇଲ, ରୋପିଲ
ଜିଁକ—ଯୋକ
ଜଟ—ଜଟା
ଜାକବା—ଗୃପିବା
ଜନ—ଜହ୍ନ
ଜଟି—ଠକ କର
ଜହ୍ଲିଆ—ଜେଲଫେରା ଲୋକ
ଜଂଗଲ—ହାତଗୋଡ଼
ଜଗଲ ଜଟି—ଦଳ
ଜୁଏଁ—ଜୋଇଁ
ଜୁନ୍ହାଁ—ପୁରୁଣା
ଜନ୍ମୁନ୍ସେ—ଜନ୍ମିଲା ମାନଙ୍କେ
ଜାଆଁଲା—ବଞ୍ଚାଇଲ
ଜୁଏ—ନିଆଁ
ଜଗାଇବା—ରୋଇବା

॥ ଝ ॥

ଝରି—ଅଗାଡ଼ି, ଝୁରି—ମାଛ
ଝାଁଟେ—ପାଞ୍ଚଣରେ ପାହାରେ
ଝାରେ—ଜଙ୍ଗଲରେ
ଝାଏଁ କରି—ଝରିଡ଼ିବା ଶବ୍ଦ
ଝିତରି—ଝଙ୍କାଳିଆ
ଝନକେ—ଜଣକୁ
ଝାଲ—ମୟୂର ପକ୍ଷୀ
ଝନେ—ଜଣେ
ଝୁରୁ ଝୁରୁ (ତେଲ)—ସରସର
ଝୋଲ—ସୁଡ଼ା
ଝିଟି—ପାଣି ପକାଇ
ଝୁମ୍ରା—ନଦ
ଝାଇଁ—ଶ୍ରେଷ୍ଠ ମାଛ
ଝାର—ଜଙ୍ଗଲ

॥ ଟ ॥

ଟୁପୁଲି—ଟୋକେଇ
ଟୁପା—ବଡ଼ ଟୋକେଇ
ଟୁଁଡ଼—ମୁହଁ

Digitized by srujanika@gmail.com

ଟୁକ୍‌ଲେ—ଝିଅମାନେ
ଟେଁଡ଼ା—ଢେଣ୍ଡା
ଟୁକ୍ଲୀ—ଝିଅ
ଟେଂଗଟି—ବଙ୍କା
ଟେଂଟାଗ୍ରା—ଉପର ତଳ ଥୋଇବା,
ଗଦା ବା ଜମା କରବା
ଟୁକେଲ୍—ଝିଅ
ଟାଙ୍ଗ୍—ଗୋଡ଼
ଟୁଲି—ଢୋଲ
ଟେଙ୍ଗନ—ମାଛ ବଶେଷ

॥ ଠ ॥

ଠାନ୍—ସ୍ଥାନ
ଠେଁକ—ଶ୍ରେଷ୍ଠ ମାଠିଆ

॥ ଡ ॥

ଡୁହୁର—ସିଆର
ଡୁଂଗିବା—ଉଙ୍କି ମାର ଦେଖିବା
ଡେଭର—ବାମ
ଡେରା—ନିବାସ ସ୍ଥାନ
ଡେଂଗାଇ ବନ୍ଧୁ—ଡେଙ୍ଗା ଖଉଜ
ଡେଗାଇ ଡେଗାଇ / ଡେଗି ଡେଗି } ଡେଇଁ ଡେଇଁ
ଡେଂଡାଉ, ଡେଁଡ଼ୁ—ପାଣିରେ ରହୁଥିବା
ବିଷହୀନ ସାପ ବଶେଷ
ଡାଂଡ଼ା—ଅବିବାହିତ ଯୁବକ
ଡେନା—ବାହୁ, ହାତ
ଡୁଙ୍ଗାଡ଼ୁଙ୍ଗି—ଉଙ୍କି ମାରବା
ଡିମ—ଅଣ୍ଡା
ଡିମ ପାରବା ଅଣ୍ଡା ଦେବା
ଡୁମ୍ବସ - ଶ୍ରେଷ୍ଠ ପାହାଡ଼
ଡାହୁ—ଡାଳ

ଡୁଲି—ଖେତ
ଡୁଙ୍ଗିବା—ଉଙ୍କିବା
ଡୁଲି—ଖେତ
ଡୁଡୁବଗା—ଗଧିଆ
ଡୁମୁର୍—ବାସୀ ହୋଇ ଗନ୍ଧାଇବା
ଡେଗିବା—ଡେଇଁବା
ଡେଙ୍ଗ୍‌ଡ଼ହଲେ—ଡେଙ୍ଗ ଡାହାଳ
ଡିମ୍—ଅଣ୍ଡା

॥ ଢ ॥

ଢିବା ଘର—ମାଟିର ଦ'ମହଲା ଘର
ଢେଁକି—ଢିଙ୍କି
ଢୁକିବା—ପଶିବା
ଢେଁଠି ଅଗ, ଢେମ୍ପ

॥ ତ ॥

ତର୍ ତର୍—କଡ଼େ କଡ଼େ
ତୁଲି - ତଉଲିବା
ତେତେଲି—ତେନ୍ତୁଳି
ତର୍ ତର୍ ହେବା—ଆଡ଼େଇ ହେବା
ତୁହୁର ପକାଇ ଖୋଜିବା—ତନାଘନା
କର ଖୋଜିବା
ତୁମା—ତୁମ୍ବା
ଥରଥଆ—ତ୍ରୁଟାଯ୍ୟା
ଥର ସ୍ତ୍ରୀ
ଥୁନ୍ ଥୁନ ହେବା, ଥରକାପି
ତରେ, ତର୍—କଡ଼ରେ
ତାଲ୍ ତାଲ୍—ଅତଳନ୍ତା
ତାଖ - ବୃକ୍ଷ, ତଖା—ବୃକ୍ଷୀ
ତରହର ବ୍ୟାକୁଳ
ତମକଆ—ଡାଂବଏକର
ଡାଂବ—ପଶ୍ଚିମ ଓଡ଼ିଶାର ଏକ ଧାନ
ମାପିବା ପାତ୍ର

Digitized by srujanika@gmail.com

ଢିଁଟି—ଢୋଟି
ଢଘ—ଢାଗ୍
ଢାଲ ଖୁଁଖଡ଼ି—ଢାଲ ଟାକୁଆ
ଢଢଲ କୁଟା—ଗରମ ଖାଡ଼
|| ଥ ||
ଥିପ୍ସି—ଥିପିବା
ଥପିବା—ଝିରପଡ଼ିବା
|| ଦ ||
ଦହଲେ—ଦୋହଲେ
ଦେଢିଁ—ଦଅନ୍ତ
ଦସନା—ବଛଣା
ଦଆଁ—ଉଇ
ଦୁହ୍ଲବା—ଦୋହଲବା
ଦୁଲି—ଦୋଳୀ
ଦାରୁଦର୍ପନ - କାଠ ଦର୍ପଣ
ଦୋହଲ୍ - ଗର୍ତ୍ତ
ଦରଖିଆ—ଅଧାଖିଆ
ଦମ୍—ଦଂଭ
ଦବ୍—ପଡ଼ିବା, କାଟିବା ଶବ୍ଦ
ଦମ୍ସି କର - ସାହସ କର
ଦୁହାଣ ହେବା—ସବୁବେଳେ ଧାଇଁବା
ଦୁବାଲ୍ ଅଭାବ
|| ଧ ||
ଧୂଇଲ୍ - ଧୂଳି
ଧଜମର୍ - ନଷ୍ଟ୍ରାଣ
ଧୋଧ୍ଲେ - ମୋଟାଶ୍ରେଟା
ଧରସା ବାଟ } ପଡ଼ିଆ ବାଟ
ଧରସିଆ ବାଟ
ଧୂନ୍—ଧନୁ
ଧଂସି—ଦଂଶିବା
ଧାଂଗଣ—ଯୁବତୀ
ଧମନା—ଢେମଣା ସାପ
ଧସକ ପଡ଼ବା—ଖସି ପଡ଼ିବା
ଧୂକୁର୍ ମୂକୁର୍—ଦ୍ୱିଧାଗ୍ରସ୍ତ
|| ନ ||
ନଏଦ୍—ନଦୀ
ନମୀ—ଝିଅ
ନଏଦ୍—ନଦୀ
ନଲିଆ—ଶ୍ରେଷ୍ଠ ନାଲ
ନଡବଡ଼ିଆ—ସ୍ଥିର ନ ଥିବା
ନର୍ଦା—ଦୌଡ଼
ନଂଗ୍—ନଡ଼ା
ନସିବା—ଖରାପ ହେବା
|| ପ ||
ପୁଟ୍କିଗାଲି ସରୁଆ ଗାଲ ଥିବା ଝିଅ
ପରହର - ଅନ୍ୟର, ପରର
ପରହୁର—ଗଲ୍‌ସନ
ପାଉଁଲବା—ପଲ୍ଲବିତ ହେବା
ପିଁର୍ଗି—ଧଳା
ପିଂଧେନ୍—ପିଂଧାଣୀ, ପାଟି—କଡ଼ିକାଠ
ପଗ୍—ପଡ଼ା, ପାଟିପାଣବା—କେଶସଜ୍ଜା
ପୁଲୁସେ—ପୋଲସରେ
ପାଉଁଚ—ପାହାଚ, ପେଟଟୁମ୍କି—ଗର୍ଭବତୀ
ପୁଲି—ପଙ୍ଖା, ପର୍ଖିଚମ୍ପା—ଚଞ୍ଚଳା ସ୍ତ୍ରୀ
ପୁଲିଆ—ପୋଲ, ପୋଲ୍—ଅଗାଡ଼ି ଧାନ
ପିଂଢା—ପିଣ୍ଡା, ପିଁଢେଇ—ଯୋଡା
ପାଏନ୍ ଟେଢ଼ିଂବା—ପାଣି ତେଣ୍ଡିବା
ପାନ୍ତି—ପାଣିବାଲି
ପୁଛ—ପୋଛ
ପଣକା—କପୋତ
ପଛକୁଢ—ପଛଆଡ଼େ
ପର୍ହିଲ—ଝରଡ଼ାଲ (ଶାଗ)

Digitized by srujanika@gmail.com

ପନ୍‌ଖି—ପନକ୍ଷ
ପର୍‌ଗ୍ରୁ—ସଫା
ପୁଟଙ୍କ—ବାଙ୍ଗଣ୍ଡି
ପନ,—ପଣା
ପୁଢ଼ି—ମହତ୍ତ୍ୱ, ପିଁର୍ଚ୍ଚ—ଧଳା

॥ ଫ ॥

ଫୁଙ୍କଲ—ରନ୍ଧ୍ର, କଣା
ଫଡ଼କିବା—ଡେଇଁବା
ଫଲଶା—ପଳାଶ
ଫୁଫୁଲ୍—ପାକୁଆ ପାଚି ବୁଢ଼ୀ

॥ ବ ॥

ବଏଁଣ୍ଡି ମାଛ ବିଶେଷ
ବନ୍ଦରିଆ—ହାତର ଅଳଙ୍କାର ବିଶେଷ
ବିନୁଆଁ—ଉଇହୁଙ୍କା
ବଟେରଇ ନଡ଼ା
ବୁକା—ଅଣ୍ଡିରି ଛେଳି
ବେତ୍—ପ୍ରସବ
ବୁଚ ମଠିଆ—ମୁହଁଭଂଗା ମାଠିଆ
ବୁଂଧେ—ମୂଳରେ
ବୁକା—ବୋଦା, ଶ୍ଳେଷାର୍ଥେ ମୂର୍ଖ
ବାଁଶେଣ୍ଡି—ବଂଶୀ ବେଡ଼ା—ମୂର୍ଖ
ବହୁ—ବୋହୂ
ବିରେନ୍ କରି—ବେଣାଚେର
ବନ୍ଦନା, ବଂଦେନ୍—ବଂଦାପନା
ବମ୍ପା—ଏକ ପ୍ରକାର ଧାନପୋକ
ବିକଟ କାଲ୍—ନିପଟ କଳା ରଙ୍ଗର
ବଲ୍‌ବା—କନ୍ଧିବା
ବୁଆ—ବାପ, ବିଁକ୍—ବଗ
ବଏଲଦରେ—ବଳଦରେ
ବତା—କୁହ, ବାଉଁଶ ବଣ
ବେନ୍ନ—ବେଣୀ

ବିଜଏ—ବିଜୟ
ବଂଧ—ପୋଖରି
ବାର ବେଧେଇ—ବାର ବନିତା
ବେଁଟେ—ସାଉଁଟେ
ବାଁଡ଼ବଗାର—ମୁଣ୍ଡରେ କେଶ ନ ଥିବା
ସ୍ତ୍ରୀ, ନାରଧା ସ୍ତ୍ରୀ
ବାଉଁଶ ପାଢ—ବାଉଁଶ ପାଢଆ
ବସ୍ତୁରୁହା—ଅଣ୍ଡିରି ବାଛୁରିକୁ ବଳ-
ପ୍ରୟୋଗ କରି ମଣ କରିବା
ବିନୁଆଁ—ଉଇହୁଙ୍କା
ବେଲ୍—ସମୟ
ବରକସ୍—ଶକ୍ତିଶାଳୀ
ବଶ—ଚର୍ବି, ମେଦ
ବୁଟା—ବୁଦା
ବୁରେଇ—ତୋଟା ବୁରୁକା—ଗଣ୍ଡିଲ
ବାଶ ବାଡ଼ (ବାଏର୍)
ବତା ବାନ୍ଧିବା କାଠଖଣ୍ଡ
ବିହାଇ—ବିବାହିତ
ବାଞ୍ଝନ—ବନ୍ଧ୍ୟା
ବାଉନବା—ନାପସନ୍ଦ କରିବା
ବାଙ୍ଗଣି - ଅନୁଚ୍ଛ ସ୍ତ୍ରୀ
ବେନା—ବେଣା
ବୀରମଞ୍ଜି—ମୋଟା ଧାନ ବିଶେଷ
ବର୍କସୀ—ବଳାତ୍କାର
ବିଲଉ - କଲା
ବୁକା—ଅଣ୍ଡିରି ଛେଳି
ବାରବଟିଲିଆ—ବାରମିଶା
ବାଇ—ଅପା, ଆଇ
ବୁଶ ହେବା—ଘେରିଯିବା
ବୁରୁକା—ଗଣ୍ଡିଲ
ବତା—ବାନ୍ଧିବା କାଠଖଣ୍ଡି

Digitized by srujanika@gmail.com

॥ ଭ ॥

ଭୁଭୁଁକି ଶ୍ରେଷ୍ଠ ଅନାବନା

ଭୁରେଇ—ଛୁଟିବା, ଫୁସୁଲାଇବା

ଭେନେଇ—ଭଣାଇ

ଭୁଦୋ—ଭାଦ୍ରବମାସ

ଭେଣ୍ଡିଆ—ଅବିବାହିତ ଯୁବକ

ଭାଲି—ଭଲ

ଭିରେ—ସୁନ୍ଦର ଦିଶେ

ଭିଲେ—ସାଙ୍ଗରେ

ଭାର ଲମ୍ବିବା—ଝିଅ ବଦାନ୍ଥ ହେବା

ଭୁକୁମି—ଡାହାଣ

ଭରନା ହେଉ—ପୂରା ହେଉ

ଭେଲୁଁଆ—ଭାଲୁଆ

ଭୁଢ—ମକୁରା, ଲୁଭ

ଭୁଗା—ଚୋକେଇ ବିଶେଷ

ଭରସିବା—ସାହସ କରିବା

॥ ମ ॥

ମାଏଝି—ସ୍ତ୍ରୀ

ମୟୂର୍—ମୟୂର୍

ମିତାର—ପରିକା

ମୁଲ୍‌ମୁଲ୍‌ତେଲ୍—ସିନ୍ଧୁର

ମୁଳହେବା—ବୁଳି ହେବା

ମାଛ ମଗର ପଡ଼ିବା—ଚର୍ଚ୍ଚିତ ହେବା

ମକର—ସାଂଖ

ମାଏନ୍‌ମନ୍‌ସା—ମନକୁ ମନ

ମହବ୍ବତ୍—ପ୍ରେମ (ଉର୍ଦ୍ଦୁ)

ମସ୍ତା—ପିଜୁଳି, ମୁରୁଲି - ମୁସ୍କୁଲିକା

ମୁହିଁ ପାଗ୍ଣ—ରୁମାଲ୍, ମୁଁଡ୍—ମୁଣ୍ଡ

ମଡ଼ୁଆ—ଗ୍ରାମୁଡ଼ିଆ

ମୁଡ଼ା—ଶ୍ରେଷ୍ଠ ଜଳାଶୟ

ମାଏଝୀ—ସ୍ତ୍ରୀ

ମେଗ୍ଣ—ନଣ, ମଏଧର—ମନ୍ଦିର

ମନଧରା ଖୋସାମତ କରିବା

ମୁରୁଛ—ତ୍ୟାଗ କର

ମିନ୍‌ଚ—ଶ୍ରେଷ୍ଠ, ସେଉପରିକା

ମସାନପଦା—ଶ୍ମଶାନ

ମଡ଼ଆ କିଁକରା—ବଡ଼ କଙ୍କଡ଼ା

॥ ଯ ॥

ଯଟି—ଠକକର

ଯୁନ୍‌ହା—ପୁରୁଣା

ଯଦ୍—ଯଦ୍ଦଓ

॥ ର ॥

ରେଢ଼ ଝମକା -ପାଦ ପର୍ଯ୍ୟନ୍ତ ଲୁଗାପିନ୍ଧା (ସ୍ତ୍ରୀ)

ରବ ରବ ଦକ୍ ଦକ୍

ରଟେ ବାଗରେ

ରେଁହେଟି—ସର୍କସର ବୁଲନ୍ତା ଚନ୍ଦ

ରନା—ସର୍ପ ବିଶେଷ, ବିଷାକ୍ତ

ରାହାନ ଗୋରୁପଥ

ରୁହ—ରୋହିମାଛ

ରଖନି ମାଏଝି—ରକ୍ଷିତା ସ୍ତ୍ରୀ

ରଡେ—ଟିକିଏ

ରିଁଡ଼ଆ—ରାଣ୍ଡି

ରାଁପି—କୁଣ୍ଡେଇ

ରେଙ୍ଗାଲି - ଶାଳଗଛ

॥ ଲ ॥

ଲର୍‌କା - ଗାଈ ବେକରେ ବନ୍ଧା ହେଉଥିବା କାଠଘଣ୍ଟା ବିଶେଷ

ଲମିବା—ଯିବା, ଲମ୍ବିଥିବା

ଲସି—ରସ, କଷ

ଲହର୍—ପ୍ରେମ

ଲଟା—ଘାସ

Digitized by srujanika@gmail.com

ଲଣ୍ଡ—ଲଣ୍ଡା
ଲୁଭ—ଲୋଭ,   ଲର୍ଭୀ—ସୋହାଗୀ
ଲହ୍ର—ଲତା,   ଲଘି—ଗ୍ରେଟିଆ ଗଛ
ଲଟା—ଘାସ,   ଲେଁଡ଼ା—ଲେଣ୍ଡା
ଲୁଥ୍‌ଲୁଥା—କାଦୁଆ
ଲୁଥ୍ ଘଏତା—ବୃକ୍ଷ ପଥ
ଲେଂଜ—ଲଂଜ
ଲେକ୍‌ଗ—ଛୁଣ୍ଡା ଲୁଗା

॥ ବ ॥

ବଲ୍‌ସନ୍—ବୋଲନ୍ତ
ବଛର—ବର୍ଷ
ବସ୍ନ୍ହା—ବାସ୍ନା
ବେଲାନକେ—ଦିନ ବାରଟାରେ
ବଗ୍ଲୁ—ଅଣ୍ଡିରି ବାଛୁରି
ବଗରିବା—ସମ୍ପ୍ରସାରିତ ହେବା
ବାଂଲିଆ—ବାଳିଆ ମାଛ

॥ ଶ-ଷ-ସ ॥

ଶିର୍ସୁଁଲୀ—ଶାଗ ବିଶେଷ
ଶିକାନୀ ବୁଦ୍ଧି—ଶିଖେଇଲା ବୁଦ୍ଧି
ଶୁଭି—ଶୋଭି
ଷୁଲ୍—ଷୋହଲ
ସେତାକେ—ତାକୁ
ସମିଆଁ—ସମସ୍ତ
ସାହାଜ—ଗଛ ବିଶେଷ
ସୁଉଁଢଆ—ସୁନ୍ଦା
ସମାମି—ପଶାଇବ
ସୁନର—ସୁନ୍ଦର
ସେମି—ଶିମ୍ବ
ସୁରୁ—ଶ୍ରେଷ୍ଠ

ସମିଗଲେ—ପଶିଗଲେ
ସିଁପୁରି—ଅଣଓସାରିଆ
ସିଁପୁର ମୁହା—ସରୁଆ ମୁହାଁ
ସକ—ସଉକ
ସଡ଼କିଆ ରିହାନ—ସଡ଼କ ବନାମ ଗୋରୁପଥ
ସାଉ—ସାହୁ, ମାଲିକ୍
ସାଉନୀ—ମାଲିକାଣୀ
ସେଜଖାର—ଲୁଗାଧୁଆ କ୍ଷାର
ସଉଢଆ—ସଉତୁଣି ଥିବା
ସରଗୀ—ଶାଳଗଛ
ସଉତେନ୍—ସଉତୁଣୀ
ସୁର୍ପୋ—ସୋରିଷ
ସୋର—ସ୍ମୃତି
ସମକ୍ଷ—ଫସଲ ନଷ୍ଟକାରୀ ତୃଣ ବିଶେଷ

॥ ହ ॥

ହୁରିଆ—ଚିହ୍ନାଇବା
ହେଉରିବା—କାଢ଼ିବା
ହେମ—ହେମାଲ
ହୁଦା—ଦଲ
ହାମର—ଆମର
ହୁଲ୍—ହାବୁକା, ନଆଁ ହୁଲ୍, ହୁଡ଼ା
ହଜ ହଜ—ଖଲ ଖଲ
ହଗିବା—ଝାଡ଼ାଯିବା
ହଟେଇ ଦଅ—ଖୋଲିଦିଅ
ହନୁ—ମାଙ୍କଡ଼
ହଦ—କାଦୁଅ
ହିଁସ—ଲଙ୍ଗଳର ଲୁଣ
ହୁରୁକା—ଡେଇଁବା
ହାଏଁଡ୍—ହାଣ୍ଡି